
ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଫେବୃଆରୀ ୨୦୨୫ ସଂସ୍କରଣ



 କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ମହା ଶିବରାତ୍ରୀ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୦ |
| **ଗଳ୍ପ ବିଭାଗ** | | **୩୬** |
| ଅନେକ କଳାଛାଇ - ୨୪ | ଅଶୋକ ବିଶ୍ୱାଳ | ୩୭ |
| ଅନ୍ଧକାର ପ୍ରେମ | ସାଗର ଖରା | ୫୧ |
| ମହା ମୃତ୍ୟୁଞ୍ଜୟ | ସୁନନ୍ଦା ମହାନ୍ତି | ୫୪ |
| ଆତ୍ମାର ସାକ୍ଷୀ | ସୁଧାଂଶୁ ଶେଖର ଦ୍ୱିବେଦୀ | ୫୮ |
| ହନୁମାନ | ବାବାଜୀ ଚରଣ ଦାସ | ୬୨ |
| କୌରବଙ୍କ ଦୂତ ସଞ୍ଜୟ | ଅର୍ଜୁନୀ ଚରଣ ବେହେରା | ୬୫ |
| ଉଦ୍ୟୋଗବଳେ ସର୍ବସିଦ୍ଧି | ସୁଶ୍ରୀ ଇତିଶ୍ରୀ ଶତପଥୀ | ୬୯ |
| ଧାରେ ହସ ଧାରେ ଲୁହ | ରୀତା ଅପରାଜିତା ମହାନ୍ତି | ୭୧ |
| ମନର କ୍ଷୀପ୍ରତା | ପଙ୍କଜିନୀ ଉପାଧ୍ୟାୟ | ୭୨ |
| ଧାର୍ମିକ | ସିଦ୍ଧେଶ୍ୱର ତ୍ରିପାଠୀ | ୭୪ |
| ବାପା ମାଆଙ୍କୁ ମୋର ପ୍ରଥମ ଚିଠି | ମେଘାସନ ସେନାପତି | ୭୬ |
| ଅବସର ଜୀବନ | ଜୟଶ୍ରୀ ପଟ୍ଟନାୟକ | ୮୧ |
| ଗ୍ରହ ମୁଦି | ବିଶ୍ୱ ରଞ୍ଜନ ଜେନା | ୮୫ |
| **କବିତା ବିଭାଗ** | | **୯୫** |
| ରାତିର ରାଗିଣୀ | ଶିବନାରାୟଣ ଦାସ | ୯୬ |
| ତୁମ ମନର କଥା | ବାସନ୍ତୀ ଲତା ଜେନା | ୧୦୦ |
| କେଉଁନାମେ ଡାକିବି ହରି ? | ହରେରାମ ପଣ୍ଡା | ୧୦୨ |
| ନୂତନ ବର୍ଷର ପ୍ରଥମ ସକାଳ | ସୁଶାନ୍ତ ଶେଖର ଦାସ | ୧୦୪ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଉତ୍ତରାୟଣ ଦିବାକର | ଅଜିତ କୁମାର ରାଉତ | ୧୦୬ |
| ପ୍ରେମ କୋଣାର୍କ | ରାମ ଚନ୍ଦ୍ର ପ୍ରଧାନ | ୧୦୮ |
| ଜୀବନର ଅନ୍ୟନାମ ଯନ୍ତ୍ରଣା | ଗୋଲୋକବିହାରୀ ବେହେରା | ୧୦୯ |
| କବିତା କାନନେ କୁସୁମ କଳି | ନିରଞ୍ଜନ ସାହୁ | ୧୧୦ |
| ପ୍ରେମ ଏକ ପୂଜା | ମଧୁସ୍ମିତା ସାହୁ | ୧୧୧ |
| ଗୋଲାପ | ସୁଧାଂଶୁ ଶେଖର ପଟ୍ଟନାୟକ | ୧୧୨ |
| ମାଗୁଣି | ଅଲେଖ ମେହେର | ୧୧୩ |
| ପ୍ରେମ ଏକ ଅନାହତ ନାଦ | ସୁଜିତ କୁମାର ମିଶ୍ର | ୧୧୫ |
| ସତେ ଅଦିନେ ଉଇଁବ ଚାନ୍ଦ | ସିଦ୍ଧେଶ୍ୱର ତ୍ରିପାଠୀ | ୧୧୭ |
| ରଖିବନି ଅଧା | ବିନୟ କୁମାର ମିଶ୍ର | ୧୧୮ |
| ଶୀତ | ନୀଳମଣି ଚାନ୍ଦ | ୧୨୦ |
| ଆହେ ବିଶ୍ୱପତି | ବବୁଲୁ ଭୋଇ | ୧୨୧ |
| ସ୍ୱାର୍ଥ | ନୂତନ କୁମାର ବେହେରା | ୧୨୨ |
| ଅଠର | ସତ୍ୟନାରାୟଣ ମିଶ୍ର | ୧୨୪ |
| ଜୀବନ କରିବା ପାବନ | ଅମରନାଥ ବାରିକ | ୧୨୫ |
| ମନେ ପଡ଼େ | କୁଞ୍ଜବିହାରୀ ସାହୁ | ୧୨୬ |
| ଜଣା ଅଜଣା | ଡଃ ନିର୍ମଳ ନାୟକ | ୧୨୭ |
| ଜନ୍ମାନ୍ଧ ସନ୍ଥକବି ଭୀମଭୋଇ | ବିଦ୍ୟାଧର ମହାନ୍ତ | ୧୨୮ |
| ମିଛ ପାଖେ ସତ ବନ୍ଧା ପଡ଼ିଛି | ଡଃ ନାରାୟଣ ଚନ୍ଦ୍ର ସେନାପତି | ୧୩୧ |
| | ଅନାମ ଚରଣ ସାହୁ | ୧୩୩ |
| | ଦେବେନ୍ଦ୍ର ନାୟକ | ୧୩୪ |
| | ରୀତା ଅପରାଜିତା ମହାନ୍ତି | ୧୩୫ |
| | ସଂଯୁକ୍ତା ସାହୁ | ୧୩୬ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ମିଛ ପାଖେ ସତ ବନ୍ଧା ପଡ଼ିଛି | ସୁଭଦ୍ରା ମହାପାତ୍ର | ୧୩୭ |
| | ସନ୍ତୋଷ କୁମାର ସାହୁ | ୧୩୮ |
| | ଚନ୍ଦ୍ରକଳା ଦେବୀ | ୧୩୯ |
| | ଲତା ବେହେରା | ୧୪୧ |
| | ନିବେଦିତା ପଣ୍ଡା | ୧୪୩ |
| | ବୀଣା ସାହୁ | ୧୪୫ |
| | ଭାସ୍କର ରାଉତ | ୧୪୭ |
| | ଭରତବନ୍ଧୁ ବିଶ୍ୱାଳ | ୧୪୮ |
| | ସିନ୍ଧୁ ନନ୍ଦିନୀ | ୧୪୯ |
| | ସୀମାଞ୍ଚଳ ପଣ୍ଡା | ୧୫୧ |
| | ବାସନ୍ତୀ ଦେଇ | ୧୫୩ |
| ତୁମ ଭାଷାଜ୍ଞାନ ଏତେ ଗୋଳିଆ | ରାଧାଶ୍ୟାମ ମହାନ୍ତି | ୧୫୫ |
| ମାନ ତେଜ ମାନମୟୀ | ବିବାସିନୀ ପଟ୍ଟନାୟକ | ୧୫୬ |
| | ସୌଦାମିନୀ ତ୍ରିପାଠୀ | ୧୫୮ |
| ଆସ ମୋ ହୃଦୟ ଗୋପ | ସୌଦାଗର ବିଶ୍ୱାଳ | ୧୬୧ |
| ମନେ ମନେ ଗୁଡ଼ ଖାଇ | ନିରଞ୍ଜନ ସାହୁ | ୧୬୨ |
| ଯୁକ୍ତ ଅକ୍ଷର : ଗୀତ ସମ୍ଭାର | କୁଳମଣି ବାରିକ | ୧୬୪ |
| ତୁମେ କେମିତି ସୃଷ୍ଟି ହେ ଇନ୍ଦ୍ରଧନୁ | ବିଦ୍ୟୁତପ୍ରଭା ମିଶ୍ର | ୧୬୫ |
| | ପଙ୍କଜିନୀ ଉପାଧ୍ୟାୟ | ୧୬୭ |
| ମୋତେ ସେହି ରୂପ ଦେଖାଅ ହରି | ବିନୋଦିନୀ ନାୟକ | ୧୬୮ |
| ଗଣତନ୍ତ୍ରନାମା | ଦେବାଶିଷ ଚକ୍ରବର୍ତ୍ତୀ | ୧୭୧ |
| ପୁନର୍ବାର | ବନ୍ଦନା ମହାପାତ୍ର | ୧୭୩ |
| ନୂଆ ଦିଶା | ଶିବାଜୀ ବାହିନୀପତି | ୧୭୫ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଚାହାଣୀ କହୁଛି କାହାଣୀ ତୁମର | ଶିଶିର କୁମାର ପଣ୍ଡା | ୧୭୭ |
| ରଙ୍ଗର ସ୍ୱାଦ ଲୁଣି | ଶୁଭଶ୍ରୀ ରାଉତ | ୧୭୮ |
| ଅନ୍ୟକୁ ନ ଦେଖି ନିଜକୁ ଦେଖ | କଳ୍ପନା ବିନ୍ଧାଣୀ | ୧୭୯ |
| ଜନ୍ମମୃତ୍ୟୁର ଲୁଚକାଳି ଖେଳ | ଅନ୍ନପୂର୍ଣ୍ଣା ପାଲ | ୧୮୦ |
| ନାରାୟଣ ମଧୁସୂଦନ | ସୁରେନ୍ଦ୍ର ନାଥ ଖଣ୍ଡୁଆଳ | ୧୮୩ |
| ପରମ ଜ୍ୟୋତି | ମନୋଜ କୁମାର ଭୋଇ | ୧୮୪ |
| ଦେଓଝର | ରଶ୍ମୀରେଖା ସାହୁ | ୧୮୫ |
| ପ୍ରଣମାମି ଶ୍ରୀ ଜଗନ୍ନାଥ | କାହ୍ନୁ ଚରଣ ପାଣିଗ୍ରାହୀ | ୧୮୬ |
| ଜଗା ମୋ ଜୀବନ | ଏଲିଜା ଜେନା | ୧୮୮ |
| ସଂଗ୍ରାମୀଙ୍କ ସଂଗ୍ରାମୀ ସୁଭାଷ ବୋଷ | ଚିତ୍ରାରାଣୀ ପାତ୍ର | ୧୮୯ |
| ନେତାଙ୍କର ନେତା ବୀର ନେତାଜୀ | ରମେଶ ଟାକ୍ରୀ | ୧୯୧ |
| | ରବି ନାରାୟଣ ମିଶ୍ର | ୧୯୨ |
| ନେତାଜୀ ସୁଭାଷ ବୋଷ | ବଟକୃଷ୍ଣ ପଣ୍ଡା | ୧୯୩ |
| ସାକ୍ଷୀ ତୋର ଚକାଆଖି | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୯୫ |
| ମୋନାଲିସା | ବସନ୍ତ କୁମାର ସାହୁ | ୧୯୬ |
| ମାତୃଭୂମି ପାଇଁ ପଦେ ଅଧେ | ଡଃ ସ୍ୱର୍ଣ୍ଣଲତା ଲେଙ୍କା | ୧୯୭ |
| କୁହ କୁହ ଭାବଗ୍ରାହୀ | ଦିବାକର ନାୟକ | ୧୯୯ |
| ଜୀବନ ଗତି | ରାମନାରାୟଣ ଶର୍ମା | ୨୦୦ |
| ଗୁରୁ | ସାଗର ଖରା | ୨୦୧ |
| ମା | ଆଶିଷ କୁମାର ସାହୁ | ୨୦୩ |
| ମୁଁ ବଡ଼ ସ୍ୱାଭିମାନୀ | ଉତ୍ତରା ନାୟକ | ୨୦୫ |
| ବିଧି | ଅରୁଣ କୁମାର ଦାସ | ୨୦୭ |
| ହୃଦୟ ସଙ୍ଗୀତ | ଆଶୁତୋଷ ମେହେର | ୨୦୯ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଆମେ ପଢ଼ିବୁ ଆମେ ବଢ଼ିବୁ | ଦୁଷ୍ମନ୍ତ ବେହେରା | ୨୧୦ |
| ବିରହୀ ପ୍ରେମିକା | ଉଷାଶୀ ଜେନା | ୨୧୨ |
| ତୁମେ ଯେବେ ଫେରିବ | ଜୟନ୍ତ ଦାସ | ୨୧୩ |
| ଭଦ୍ରମୁଖା ପିନ୍ଧା ମଣିଷ | ରାକ୍ଷୀ ପ୍ରଧାନ | ୨୧୫ |
| ଏକ ଅତୃପ୍ତ ଅନୁଭବର ଦୃଶ୍ୟପଟ | ଲୋପାମୁଦ୍ରା ମହାପାତ୍ର | ୨୧୭ |
| ଏବେ ତୁମେ ଖୁସି ତ ? | ରୋଜାଲିନ୍ ରାଉତରାୟ | ୨୧୯ |
| ଅମୃତ ଓଡ଼ିଶା | ଆଶାରାଣୀ ଜେନା | ୨୨୧ |
| ମନମୋର କିଣିନେଲା ସେ ନନ୍ଦକୁମାର | ନଳିନୀ ଦାଶ | ୨୨୩ |
| ଶ୍ରୀ ହରି | ସୁଚରିତା ପଡ଼ିହାରୀ | ୨୨୫ |
| ପ୍ରମାଣ | ବିଶ୍ୱଜିତ ନାୟକ | ୨୨୭ |
| ପ୍ରେମ ଜାଲ କରେ କାଳ | ସଞ୍ଜୟ ନାଏକ | ୨୨୯ |
| ଭଲ ଅଛି | ଆକୁଳାନନ୍ଦ ପୃଷ୍ଟି | ୨୩୦ |
| ପାଷାଣୀ ମୁଁ | ଶିଳ୍ପାଲିପି ବେହେରା | ୨୩୧ |
| ଅଛ ଦେବତା | ଅଙ୍କିତ ସାହୁ | ୨୩୨ |
| ବୀଣାପାଣି | ଇଂ ସନମ ଦେବୀ | ୨୩୩ |
| ତୁ ତତେ ସଜାଡ଼େ | ଅଶୋକ କୁମାର ବାରୀକ | ୨୩୪ |
| ନମ୍ରନ୍ତି ଫଳିନମ୍ ବୃକ୍ଷମ୍ | ବିଶ୍ୱ ରଞ୍ଜନ ମହାନ୍ତି | ୨୩୫ |
| ପଥରରେ ପରିଣତ ହେବା ପଛରେ | କିରନ୍ ସ୍ୱାଇଁ | ୨୩୬ |
| ମୁଁ କଣ ପଢ଼ିପାରେ ତୁମକୁ | ଶକ୍ତି ସୁମନ ଦାସ | ୨୩୮ |
| ସ୍ମୃତିରେ ଟାଟା | ଭାରତୀ ମୁଦୁଲି | ୨୪୦ |
| ସିଏ ତୁମେ | ସିଗ୍ଧା ପଟ୍ଟନାୟକ | ୨୪୩ |
| ଆସର | ଉପେନ୍ଦ୍ର କୁମାର ବସ୍ତିଆ | ୨୪୪ |
| **ପ୍ରବନ୍ଧ ବିଭାଗ** | | **୨୪୫** |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ମହାକୁମ୍ଭ ମେଳା ୨୦୨୫ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୨୪୬ |
| କୁମ୍ଭ ମେଳା, ଗାଥା ଓ କଥା | ଅର୍ଜୁନୀ ଚରଣ ବେହେରା | ୨୫୨ |
| ବସୁଧୈବ କୁଟୁମ୍ବକମ୍ ପ୍ରତୀକ : ମହାକୁମ୍ଭ ମେଳା | ମାଧବାନନ୍ଦ ଭୋଇ | ୨୫୯ |
| ବୋଉ | ନିତ୍ୟ ରଞ୍ଜନ ନନ୍ଦ | ୨୬୫ |
| "ଜୀବନ ଜାହ୍ନବୀ" ଏକ ପ୍ରେରଣାର ଉତ୍ସ | ବିକାଶ ମହାନ୍ତି | ୨୬୯ |
| ପରମହଂସ ଶବ୍ଦର ତାତ୍ପର୍ଯ୍ୟ | ଲୋପାମୁଦ୍ରା ପାଣିଗ୍ରାହୀ | ୨୭୪ |
| ନେତାଜୀ ସୁଭାଷ ଚନ୍ଦ୍ର ବୋଷ | ବାବାଜୀ ଚରଣ ଦାସ | ୨୭୭ |
| ଅମ୍ଳାନ ସୁଭାଷ | ଜୟଶ୍ରୀ ପଟ୍ଟନାୟକ | ୨୮୫ |
| ନେତାଜୀଙ୍କ ବଳିଷ୍ଠ ଚରିତ୍ରର ଅନେକ ଦିଗ | ଅସିତ ମହାନ୍ତି | ୨୮୭ |
| ମାତୃତ୍ୱ ଅନୁଭବର ଅବକ୍ଷୟ | ରଶ୍ମିରେଖା ସାହୁ | ୨୯୨ |
| ବିଶ୍ୱାସ ଓ ପ୍ରେମ | ମଧୁସ୍ମିତା ସାହୁ | ୨୯୪ |
| ମାଘ ବ୍ରତ | ବନ୍ଦନା ମହାପାତ୍ର | ୨୯୮ |
| ରାମ ରାଜ୍ୟର ପରିକଳ୍ପନା ଓ ବାସ୍ତବତା | ଆଶୁତୋଷ ନାୟକ | ୩୦୦ |
| ନାରୀ ଓ ସମାଜ | ପଙ୍କଜ କୁମାର ପାଣିଗ୍ରାହୀ | ୩୦୮ |
| କୃଷ୍ଣାଙ୍ଗୀ ସୁନ୍ଦରୀ | ପ୍ରଦୀପ କୁମାର ଜିଲିକାରା | ୩୧୩ |
| ପୁସ୍ତକ ଜଗତ ଓ ଡିଜିଟାଲ୍ ଜଗତ | ମୁକ୍ତିରାଣୀ ଦେବତା | ୩୧୫ |
| ବିଶେଷ ସୂଚନା | | ୩୧୮ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ନୂତନ ସଂସ୍କରଣ ସହ ଆପଣଙ୍କ ସମ୍ମୁଖରେ ମୁଁ ଉପସ୍ଥିତ । ଚଳିତ ବର୍ଷ ଆୟୋଜିତ ହେଉଛି, ମହା କୁମ୍ଭମେଳା । ଏହି ଆୟୋଜନ ବିଶ୍ୱରେ ଅଦ୍ୱିତୀୟ ଏବଂ ସମ୍ଭବତଃ ଆଗାମୀ ୧୪୪ ବର୍ଷ ପର୍ଯ୍ୟନ୍ତ ଏହିଭଳି ଆୟୋଜନ ପୁଣିଥରେ ଦେଖିବାକୁ ମିଳିବ ନାହିଁ । ତେଣୁ ଅଧିକାଂଶ ଲୋକ ଏହି ଆୟୋଜନରେ ଅଂଶଗ୍ରହଣ କରିବାକୁ ମନସ୍ଥ କରୁଛନ୍ତି ଏବଂ ଯାଉଛନ୍ତି ମଧ୍ୟ । ହେଲେ ଏହି ଆୟୋଜନ ଯେ ଏତେ ବିଶାଳ ତାହା ଆମ ଭାବନାରୁ ଅଧିକ । ଏବଂ ଏଠାରେ ସୁବିଧା ଅପେକ୍ଷା ଅଧିକ ଅସୁବିଧା ହେଉଥିବା କଥା ଏବେ ସାମାଜିକ ଗଣମାଧ୍ୟମରେ ପ୍ରକାଶ ହେଉଛି । ମେଳା ଆରମ୍ଭରେ ଆଶା କରାଯାଉଥିଲା ଯେ ଏଥିରେ ଅନ୍ୟୁନ ଚାଳିଶି କୋଟି ଶ୍ରଦ୍ଧାଳୁ ଅଂଶଗ୍ରହଣ କରିବେ, କିନ୍ତୁ ସଦ୍ୟ ପ୍ରାପ୍ତ ଖବର ଅନୁସାରେ ଏହା ଚାଳିଶି କୋଟିରୁ ଅଧିକ ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରି ସାରିଲେଣି ଏବଂ ଆହୁରି ଦୁଇ ସପ୍ତାହର କାର୍ଯ୍ୟକ୍ରମ ରହିଛି । ତେଣୁ ଆପଣ ଅନୁମାନ କରି ପାରୁଥିବେ କେତେ ବିଶାଳ ଏହି ମହାକୁମ୍ଭମେଳା ହେଉଛି ।

ବାସ୍ତବିକ ସନାତନ ହିନ୍ଦୁ ଧର୍ମର ଏହି ଉତ୍ସବରେ ଯୋଗ ଦେଉଥିବା ଅଗଣିତ ଶ୍ରଦ୍ଧାଳୁ ଯେ ଏକାକାର ହେଉଛନ୍ତି ତାହା ଦେଖିଲେ ବିଶ୍ୱାସ ହେଉନାହିଁ । ରାଜନୈତିକ ଉଦ୍ଦେଶ୍ୟରେ ଆମ ସମାଜକୁ ଜାତି ବା ଗୋଷ୍ଠିରେ ଭାଗ ଭାଗ କରିଦେଇଥିବା ଆମ ସମ୍ବିଧାନ ଠାରୁ ଆମର ଧାର୍ମିକ ଆସ୍ଥା ଯେ କେତେ ଭଲ ତାହା ଏହି ବିଶାଳ ଆୟୋଜନରୁ ଜଣା ପଡ଼େ । ଏଠି ଜାତି ନିର୍ବିଶେଷରେ ସମସ୍ତେ ଏକାକାର ହେଉଛନ୍ତି । ସମସ୍ତେ ଏକାଠି ରହୁଛନ୍ତି, ସ୍ନାନ କରୁଛନ୍ତି, ଖାଦ୍ୟ ଗ୍ରହଣ କରୁଛନ୍ତି । ଏଠି ଛୁଆଁ ଅଛୁଆଁ କିଛି ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହିଭଳି ଏକ ସମାଜ ଆମକୁ ଆବଶ୍ୟକ । ଆମ ଦେଶକୁ ବିଭକ୍ତ କରୁଥିବା ସମସ୍ତ ପ୍ରକାରର ବିଭେଦକାରୀ ଶକ୍ତିମାନଙ୍କୁ ଏହି ଆୟୋଜନ ଦେଖିବା ଉଚିତ ଏବଂ ଶିକ୍ଷାଗ୍ରହଣ କରିବା ଉଚିତ ।

ଚଳିତ ସମୟର ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ଯାହା ଆମେ ସମସ୍ତଙ୍କୁ ଜାଣିବା ଉଚିତ ତାହା ହେଉଛି ଦିଲ୍ଲୀର ସର୍ବସାଧାରଣ ନିର୍ବାଚନ ଏବଂ ଏହାର ଫଳାଫଳ । ବିଗତ ଦୁଇ ଦୁଇଥର ଦିଲ୍ଲୀ ବିଧାନସଭାକୁ ଅକ୍ତିଆର କରି ରଖିଥିବା ଆମ୍ ଆଦମୀ ପାର୍ଟି ଚଳିତ ନିର୍ବାଚନ ସମୟରେ ମଧ୍ୟ ସମାନ ଉତ୍ସାହର ସହ ନିର୍ବାଚନ ରଣାଙ୍ଗନରେ ପାଦ ଦେଇଥିଲା । ଏହାର ନେତୃବୃନ୍ଦ ପ୍ରଚାର କାର୍ଯ୍ୟରେ କୌଣସି ଅବହେଳା କରିନଥିଲେ । ହେଲେ ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦମୀ ପାର୍ଟି ଉପରେ କିନ୍ତୁ ଦିଲ୍ଲୀବାସୀ ଆଉ ଭରସା କରିଲେ ନାହିଁ, ତେଣୁ ଆଠ ତାରିଖଦିନ ପ୍ରକାଶିତ ନିର୍ବାଚନ ଫଳାଫଳରେ ଦିଲ୍ଲୀ ବିଧାନସଭାର ଶାସନଭାର ଭାରତୀୟ ଜନତା ପାର୍ଟିକୁ ଦେଇଦେଲେ । ଏହି ନିର୍ବାଚନ ପୂର୍ବରୁ ନିଜର ବିଜୟକୁ ନେଇ ଆଶାନ୍ୱିତ କେଜରିୱାଲ୍ ଅନେକ ମଞ୍ଚରେ ଭାଷଣ ଦେଉଥିବା ସମୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆହ୍ୱାନ କରି କହିଥିଲେ ଯେ ଜୀବନ ଥିବାଯାଏ ସେ କେବେ ବି କେଜରିୱାଲଙ୍କୁ ହରାଇ ପାରିବେ ନାହିଁ । ନିର୍ବାଚନ ପରେ ଯେତେବେଳେ ଏକଜିଟ୍ ପୋଲ୍ ସବୁ ଘୋଷଣା ହେଲା ସେଇ ସମୟରେ ମଧ୍ୟ ଦଳ ତରଫରୁ କୁହାଗଲା ଯେ ଏହି ସବୁ ପୋଲ୍ ମିଥ୍ୟା । ଦଳରେ ସଦ୍ୟ ସ୍ଥାନ ପାଇଥିବା ଅବଧେଶ ଓଝା ଓରଫ ଓଝା ସାର୍ ବା ରାଜାବାବୁ ଘୋଷଣା କରି କହିଲେ ଯେ ଆମ୍ ଆଦମୀ ପାର୍ଟି ପଞ୍ଚାବନ ସିଟରେ ନିର୍ବାଚନ ଜିତିବ ।

ନିର୍ବାଚନର ଫଳାଫଳ ଘୋଷଣା ହେବାର ଚବିଶି ଘଣ୍ଟା ପୂର୍ବରୁ ନାଟକ ରଚାଇବାରେ ଓସ୍ତାଦ୍ କେଜରିୱାଲଙ୍କ ଆମ୍ ଆଦମୀ ପାର୍ଟି ପୁଣିଥରେ ଗଣମାଧ୍ୟମରେ ହାଇଚାଇ ସୃଷ୍ଟି କରିବାକୁ ବିଫଳ ପ୍ରଚେଷ୍ଟା କରିଥିଲେ । ଦଳର ରାଜ୍ୟସଭା ସାଂସଦ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଞ୍ଜୟ ସିଂହ ଗଣମାଧ୍ୟମକୁ କହିଥିଲେ ଯେ ଭାରତୀୟ ଜନତା ପାର୍ଟି ତାଙ୍କ ଦଳର ବିଧାୟକ ମାନଙ୍କୁ କିଣିବାକୁ ଉଦ୍ୟମ କରୁଛନ୍ତି । ଏଥିପାଇଁ ସେ ଜଣେ ବିଧାୟକଙ୍କ ନାଁ କହିବା ସହ ତାଙ୍କୁ ଫୋନରେ ଏହି ଅଫର୍ ମିଳିଥିବା କଥା ମଧ୍ୟ କହିଥିଲେ ।

ଏହି ଖବର ପ୍ରକାଶିତ ହେବାପରେ ସାମାଜିକ ଗଣମାଧ୍ୟମ ଚଳଚଞ୍ଚଳ ହେଉଥିଲା । ଏହିଭଳି ଅନେକ ସମୟରେ ହଇଚଇ ସୃଷ୍ଟି କରିବା ପାଇଁ ଆମ୍ ଆଦମୀ ପାର୍ଟି ତରଫରୁ ଅନେକ ଏହିଭଳି ଘୋଷଣା ମାନ କରାଯିବାର ଉଦାହରଣ ରହିଛି । ବାସ୍, ଏଇଥର ମଧ୍ୟ ସମାନ ରୂପରେ ସେଇ ପଦକ୍ଷେପ ନିଆଯାଇଥିଲା । ହେଲେ ଗଣମାଧ୍ୟମରେ ଚର୍ଚ୍ଚାକରୁଥିବା ବୁଦ୍ଧିଜୀବିମାନେ ଏହାକୁ ହାସ୍ୟାସ୍ପଦ ବୋଲି କହିବା ସହ ଏହାର ପ୍ରମାଣ କାହିଁ ବୋଲି ପ୍ରଶ୍ନ କରିଥିଲେ ।

ନିର୍ବାଚନ ସରିବା ପରେ ଫଳାଫଳ ଘୋଷଣାର ଚବିଶି ଘଣ୍ଟା ପୂର୍ବରୁ କାହିଁକି ଭାଜପା ବିଧାୟକଙ୍କୁ କିଣିବା କଥା ଚିନ୍ତା କରିବ ? କିଏ ଜିତିବ ବା ହାରିବ ସେ କଥା ଭାଜପା କେମିତି ଜାଣିବ ଯେ, କାହାକୁ ଅର୍ଥ ପ୍ରଲୋଭନ ଦେଖାଇବ ? ଯେହେତୁ ଦୁଇ ଦୁଇଥର ଶାସନ କରିବା ସତ୍ତ୍ୱେ କେଜରିୱାଲଙ୍କ ଦଳ ଦିଲ୍ଲୀରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ବା ଉନ୍ନତି କରିନଥିଲେ, ତେଣୁ ତାଙ୍କ ଦଳର ଲୋକପ୍ରିୟତା ହରାଇବା ସମସ୍ତଙ୍କୁ ଦେଖା ଯାଉଥିଲା । ସାମାଜିକ ଗଣମାଧ୍ୟମରେ ପ୍ରସାରିତ କିଛି ଭିଡ଼ିଓରେ ଏହା ସ୍ୱାଭାବିକ ଭାବରେ ଦେଖା ଯାଉଥିଲା ଯେ ଦିଲ୍ଲୀର ସାଧାରଣ ଜନତା ପରିବର୍ତ୍ତନ ଚାହୁଁଛନ୍ତି । ଏବଂ ଭାଜପା ବ୍ୟତୀତ ଅନ୍ୟ କୌଣସି ଦଳ ଉପରେ ନିର୍ଭର କରିବା ଅସମ୍ଭବ ମନେ ହେଉଥିଲା । ଭାଜପା ମଧ୍ୟ ଜାଣି ସାରିଥିଲେ ଯେ ସେମାନେ ହିଁ ଦିଲ୍ଲୀର ଶାସନ ଭାର ଗ୍ରହଣ କରିବେ । ତା ହେଲେ ଏହିଭଳି ସମୟରେ ସେମାନେ ଆମ୍ ଆଦମୀ ପାର୍ଟିର ବିଧାୟକଙ୍କୁ କିଣାବିକା କରିବେ ବା କାହିଁକି ? ?

ଅତୀତରେ ମଧ୍ୟ ଏହିଭଳି ଘଟଣା ସବୁ ଘଟିଛି, ଆମ୍ ଆଦମୀ ପାର୍ଟି ତରଫରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହିଭଳି ଅନେକ ଦାବୀ କରାଯାଇଛି ଏବଂ ପରେ ସେଥିରୁ ଓହରି ଯାଇଛନ୍ତି । ହେଲେ, ଏହି ଘଟଣାରେ ଭାରତୀୟ ଜନତା ପାର୍ଟି ଦଳକୁ ବଦନାମ କରାଯାଉଛି ବୋଲି ଦାବୀ କରି ଦିଲ୍ଲୀ ଉପରାଜ୍ୟପାଳଙ୍କ ନିକଟରେ ଫେରାଦ ଦେଲେ ଏବଂ ଦିଲ୍ଲୀ ଉପରାଜ୍ୟପାଳ ଏହି ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଏହାର ତଦନ୍ତ ଭାର ଭ୍ରଷ୍ଟାଚାର ବିରୋଧୀ ବିଭାଗକୁ ହସ୍ତାନ୍ତର କରିଦେଲେ ।

ତ୍ୱରିତ ପଦକ୍ଷେପ ନେଇ ଆଣ୍ଟି କରପ୍ସନ୍ ବ୍ୟୁରୋ ଅଧିକାରୀ ଏହି ମାମଲାରେ ଅଧିକ ପ୍ରଶ୍ନୋତ୍ତର କରିବା ପାଇଁ ଆମ୍ ଆଦମୀ ପାର୍ଟି ପ୍ରମୁଖ ଅରବିନ୍ଦ କେଜରିୱାଲଙ୍କ ବାସଗୃହ ନିକଟରେ ପହଞ୍ଚିବା ପରେ କିନ୍ତୁ ସେମାନଙ୍କୁ ଭିତରକୁ ଯିବାକୁ ଦିଆଗଲା ନାହିଁ । ଏହା ସନ୍ଦେହାସ୍ପଦ ଥିଲା । ଆପଣ ନିଜେ ଅଭିଯୋଗ କରିଥିଲେ ଅଥଚ ପ୍ରଶ୍ନୋତ୍ତର ବେଳକୁ ଓହରିଗଲେ ? ଆମ୍ ଆଦମୀ ପାର୍ଟି ତରଫରୁ କୁହାଗଲା ଯେ ଭାଜପା ଦ୍ୱାରା ଏସିବିର ଅପବ୍ୟବହାର କରାଯାଇ, କେଜରିୱାଲଙ୍କୁ ହଇରାଣ କରାଯାଉଛି ।

ଏଣେ ଏସିବି ଅଧିକାରୀ କେଜରିୱାଲଙ୍କ ସହ ପ୍ରଶ୍ନୋତ୍ତର କରି ଅଧିକ ତଥ୍ୟ ସଂଗ୍ରହ କରିବାପାଇଁ ଅପେକ୍ଷା କରୁଥିବା ସମୟରେ ସାଂସଦ ସଂଜୟ ସିଂହ ଏସିବି ଅଫିସରେ ପହଞ୍ଚିଯାଇ ଅଭିଯୋଗ ପତ୍ର ଦାଖଲ କରିଲେ ଯେଉଁଥିରେ ସେ ଆମ୍ ଆଦମୀ ପାର୍ଟିର ଜଣେ ବିଧାୟକଙ୍କ ନାଁ ସହ ତାଙ୍କୁ ଫୋନ ଦ୍ୱାରା ଅଫର୍ ଦିଆଯାଉଛି ବୋଲି କହି ଗୋଟିଏ ମୋବାଇଲ୍ ନମ୍ବର ମଧ୍ୟ ଲେଖାଇ ଆସିଲେ । ଏହି ସବୁ ପ୍ରକରଣ ସାଧାରଣରେ ଯେଉଁଭଳି ପ୍ରତିକ୍ରିୟା ସୃଷ୍ଟି କରିଥିଲା ତାହା ଆଉ କହିବା ଆବଶ୍ୟକ ନାହିଁ । ପ୍ରାୟ ସମସ୍ତ ଗଣମାଧ୍ୟମ ଏହି ମାମଲାକୁ ନେଇ ଆମ୍ ଆଦମୀ ପାର୍ଟିକୁ ସମାଲୋଚନା କରିବାକୁ ପଛାଇ ନଥିଲେ ।

ସେ ଯା'ହେଉ ଆଠ ତାରିଖ ସକାଳରୁ ହିଁ ଯେତେବେଳେ ଭୋଟ ଗଣତି ଆରମ୍ଭ ହୋଇଥିଲା ପ୍ରଥମେ ପୋଷ୍ଟ ବ୍ୟାଲେଟର୍ ଗଣତିରେ ଉଭୟ ଆମ୍ ଆଦମୀ ପାର୍ଟି ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଜପା ମୁହାଁମୁହିଁ ମୁକାବିଲା କରୁଥିଲା ବେଳେ କିନ୍ତୁ ଯେମିତି ଯେମିତି ଦିନ ବଢ଼ିବାକୁ ଲାଗିଲା ସେଇମିତି ସେମିତି ଗଣିତ ଭାଜପା ସପକ୍ଷରେ ଯିବାକୁ ଲାଗିଲା ଏବଂ ଦିନ ଶେଷ ହେବା ପୂର୍ବରୁ ଭାଜପା ୪୮ ଆସନରେ ବିଜୟୀ ହୋଇ ସାରିଥିଲା । ୨୨ଟି ଆସନ ସହ ଆମ୍ ଆଦମୀ ପାର୍ଟି କେବଳ ପରାଜୟ ବରଣ କରିନଥିଲା ବରଂ ଦଳର ପ୍ରମୁଖ ଅରବିନ୍ଦ୍ କେଜରିୱାଲ୍, ମନିଷ ଶିଶୋଦିଆ, ସୌରଭ ଭାରଦ୍ୱାଜ୍ ସମେତ ଅନେକ ତୁଙ୍ଗ ନେତା ପରାଜିତ ହୋଇ ସାରିଥିଲେ । ଏହିଭଳି ଫଳାଫଳର ଆଶା ଆଦୌ କରିନଥିବେ । ଆଶ୍ଚର୍ଯ୍ୟଜନକ ଭାବରେ ଦଳର ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଥିବା ଆତିଶି ମାର୍ଲେନା ନିର୍ବାଚନରେ ବିଜୟୀ ହୋଇଥିଲେ ।

ନିର୍ବାଚନ ପୂର୍ବରୁ ହିଁ ଦଳ ତରଫରୁ ଘୋଷଣା କରାଯାଇଥିଲା ଯେ ଏହି ନିର୍ବାଚନ ପରେ କେଜରିୱାଲ ହିଁ ପୁଣି ମୁଖ୍ୟମନ୍ତ୍ରୀ ହେବେ, ହେଲେ ଫଳାଫଳ ଏତେ ନିରାଶାଜନକ ହୋଇଛି ଯେ ଏବେ ସେ ପରାଜିତ ପ୍ରାର୍ଥୀ । ଚାହିଁଲେ ସୁଦ୍ଧା ଦିଲ୍ଲୀ ବିଧାନସଭାରେ ଅଂଶଗ୍ରହଣ କରି ପାରିବେ ନାହିଁ । କିନ୍ତୁ ଆତିଶି ମାର୍ଲେନା ଏବେ ମଧ୍ୟ ବିପକ୍ଷ ଦଳର ନେତ୍ରୀ ଭାବରେ ଯୋଗ୍ୟ ବିବେଚିତ ହୋଇ ପାରନ୍ତି ।

ଏହି ନିର୍ବାଚନ ଫଳାଫଳ ପରେ ଯେତେବେଳେ ଆମ୍ ଆଦମୀ ପାର୍ଟି ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇ ପରାଜୟକୁ କିଭଳି ଭାବରେ ସ୍ୱୀକାର କରିବେ ସେଇ କଥା ଚିନ୍ତା କରୁଥିବା ସମୟରେ କିନ୍ତୁ ବିଜୟୀ ହୋଇଥିବା ଆତିଶି ମାର୍ଲେନା, ନିଜର ବିଜୟ ଶୋଭାଯାତ୍ରା କରିବାକୁ ଭୁଲି ନଥିଲେ ଏବଂ ତାଙ୍କର ଏତାଦୃଶ ଆଚରଣ ଦେଖି ଦଳ ମଧ୍ୟରେ ଥିବା ଅନ୍ତର୍କନ୍ଦଳ ସ୍ପଷ୍ଟ ବାରି ହେଉଛି । କାରଣ ଏହି ନିର୍ବାଚନ ପରେ ହୁଏତ କେଜରିୱାଲ ପୁଣିଥରେ ନିର୍ବାଚନ ରଣାଙ୍ଗନରେ କେବଳ ପାଞ୍ଚବର୍ଷ ପରେ ହିଁ ଓହ୍ଲାଇବେ ଏବଂ ଏହି ସମୟ ମଧ୍ୟରେ ତାଙ୍କ ନାମରେ ଥିବା ଅଗଣିତ ମାମଲାରେ ସେ ପୁଣିଥରେ ଜେଲ ଯାଇ ପାରିବାର ସମ୍ଭାବନାକୁ ଏଡ଼ାଇ ହେଉନାହିଁ, ହେଲେ ଆତିଶି ମାର୍ଲେନା କିନ୍ତୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୌଣସି ମାମଲାରେ ଛନ୍ଦି ହୋଇ ନାହାନ୍ତି । ତେଣୁ ସେ ଖୁସି ହେବା ସ୍ୱାଭାବିକ । ଯଦି କେଜରିୱାଲ ଜେଲ୍ ଚାଲି ଯାଆନ୍ତି ତା ହେଲେ ଆମ୍ ଆଦମୀ ପାର୍ଟିର ଭାର ସ୍ୱାଭାବିକ ଭାବରେ ଆତିଶିଙ୍କ ଉପରେ ନ୍ୟସ୍ତ ହେବ ।

ଏଣେ ନିର୍ବାଚନ ପରେ ଆଉ ଏକ ସମ୍ଭାବନାକୁ ନେଇ ପୁଣିଥରେ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି । କିଛି ରାଜନୈତିକ ବିଶେଷଜ୍ଞଙ୍କ ମତାନୁସାରେ କେଜରିୱାଲ ଚାହିଁଲେ ପୁଣିଥରେ ମୁଖ୍ୟମନ୍ତ୍ରୀ ହୋଇ ପାରନ୍ତି । କାରଣ ବର୍ତ୍ତମାନ ପଞ୍ଜାବରେ ଆମ୍ ଆଦମୀ ପାର୍ଟିର ସରକାର ରହିଛି ଏବଂ ସେ ଚାହିଁଲେ ପଞ୍ଜାବର ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କୁ ଇସ୍ତଫା ଦେବାପାଇଁ ନିର୍ଦ୍ଦେଶ ଦେଇ ପାରନ୍ତି ଏବଂ ସେ ନିଜେ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି ।

ଏହି ସୂଚନା ପାଇବା ପରେ ଶୁଣାଯାଉଛି କାଳେ ପଞ୍ଜାବରେ ଅନେକ ରାଜନୈତିକ ଚଞ୍ଚଳତା ଦେଖାଦେଇଛି । ଭଗୱନ୍ତ ମାନ୍ କାଳେ ଭାଜପାର ତୁଙ୍ଗ ନେତାମାନଙ୍କ ସହ ସଂପର୍କରେ ଅଛନ୍ତି । ତେଣେ କଂଗ୍ରେସ ଦଳ ତରଫରୁ ତାଙ୍କର କିଛି ବିଧାୟକଙ୍କୁ ଅଫର୍ ମିଳିଛି ବୋଲି ମଧ୍ୟ ଶୁଣାଯାଉଛି ।

ଆଜି ସଦ୍ୟ ମିଳିଥିବା ସୂଚନା ଅନୁସାରେ ଗତକାଲି ଅର୍ଥାତ ଦଶ ତାରିଖ ଦିନ କେଜରିୱାଲଙ୍କ ନିର୍ଦ୍ଦେଶରେ ପଞ୍ଜାବର ସରକାରରେ ଥିବା ସମସ୍ତ ଆମ୍ ଆଦମୀ ପାର୍ଟିର ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କ ଏକ ବୈଠକ ଦିଲ୍ଲୀରେ ଆୟୋଜିତ ହୋଇ ଯାଇଛି । ଏହି ବୈଠକ ପରେ ବୁଦ୍ଧିଜୀବିମାନେ ଦେଇଥିବା ସମ୍ଭାବନା ସତ୍ୟ ହେବଭଳି ମନେ ହେଉଛି । ହେଲେ ଏହାକୁ ନେଇ ଅନେକ ନେତା ଚରମବାଣୀ ମଧ୍ୟ ଶୁଣାଇ ସାରିଲେଣି । ବୈଠକ ପରେ ଭଗୱାନ୍ତ ମାନଙ୍କୁ ଗଣମାଧ୍ୟମ ଏହି ବିଷୟରେ ପ୍ରଶ୍ନ କରିଥିଲେ ସୁଦ୍ଧା ସେ କୌଣସି ସ୍ପଷ୍ଟ ଉତ୍ତର ଦେଇ ନାହାନ୍ତି । ଦେଖାଯାଉ ଭବିଷ୍ୟତରେ କଣ ହେଉଛି ସେ କଥା ଆଗାମୀ ଦିନମାନଙ୍କରେ ଜଣା ପଡ଼ିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିନ୍ତୁ କେଜରିୱାଲଙ୍କ ପରାଜୟ ସହ ଏକ ଯୁଗର ଅନ୍ତ ହେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନରୁ ସୃଷ୍ଟି ହୋଇଥିବା କେଜରିୱାଲଙ୍କ ରାଜନୈତିକ ଜୀବନ ଭ୍ରଷ୍ଟାଚାର ଓ (ସେ ଯେଉଁମାନଙ୍କୁ ଭ୍ରଷ୍ଟାଚାରୀ କହୁଥିଲେ) ସେମାନଙ୍କ ଯୋଗୁଁ ହିଁ ଶେଷ ହୋଇଛି ।

କେଜରିୱାଲଙ୍କ ପରାଜୟର ଯଦି କାରଣ ଖୋଜାଯାଏ ତାହେଲେ ଅନେକ କାରଣ ସ୍ପଷ୍ଟ ବାରି ହୋଇପଡ଼େ । ବିଶେଷତଃ ଦିଲ୍ଲୀର ଉନ୍ନତି ନ କରିବା ପ୍ରମୁଖ କାରଣ । ଯମୁନା ନଦୀକୁ ସଫା କରିବାର ପ୍ରତିଶୃତି ଦଶ ବର୍ଷରେ ବି ଫଳବତୀ ହୋଇ ପାରିଲା ନାହିଁ । ଦିଲ୍ଲୀର ସଡ଼କ ଗୁଡ଼ିକୁ ଉନ୍ନତ କରିବା, ଦିଲ୍ଲୀକୁ ପ୍ରଦୁଷଣ ମୁକ୍ତ କରିବା, ଘରକୁ ସଫା ପାନୀୟ ଜଳ ଯୋଗାଇବା ଇତ୍ୟାଦି କୌଣସି ପ୍ରତିଶୃତି ସେ ପୂରଣ କରି ପାରିନାହାନ୍ତି । ଏହା ବ୍ୟତୀରେକ ମଦ ବିଧେୟକରେ ଘୋଟାଲା, ମୋହଲ୍ଲା କ୍ଲିନିକ୍ ଘୋଟାଲା, ସରକାରୀ ସ୍କୁଲ୍ ଘୋଟାଲା ଏହିଭଳି ଅନେକ ଭ୍ରଷ୍ଟାଚାର ମାମଲାରେ ସେ ଛନ୍ଦି ହୋଇ ନିଜର ସମ୍ମାନ ହରାଇ ସାରିଥିଲେ । ଯେତେବେଳେ ବି କୌଣସି ଗଣମାଧ୍ୟମ କେଜରିୱାଲଙ୍କ ପ୍ରତିଶୃତି ରକ୍ଷା କରିବାରେ ବିଫଳତା ନେଇ ପ୍ରଶ୍ନ କରୁଥିଲେ ସେ ଅତି ଚତୁରତାର ସହ ଉତ୍ତର ଦେଉଥିଲେ ଯେ ସେ କୌଣସି କାମ କରିବା ପାଇଁ ସମୟ ପାଇଲେ ନାହିଁ । ପ୍ରଥମେ କୋଭିଡ଼ ଏବଂ ପରେ ପରେ ବିଭିନ୍ନ ମିଥ୍ୟା ମାମଲାରେ ଜେଲରେ ରହିବା ଫଳରେ ଦିଲ୍ଲୀରେ ସେ କୌଣସି କାମ କରି ପାରିଲେ ନାହିଁ । ଏଣୁ ନିର୍ବାଚନ ସମୟରେ ଲୋକମାନେ ଭାବିଲେ ଯଦି ପୁଣି ଥରେ କେଜରିୱାଲ ଜିତନ୍ତି ପୁଣି ସେ ସେଇ ଏକା କଥା କହିବେ ଯେ ଆମକୁ କାମ କରିବାକୁ ଦିଆଯାଉ ନାହିଁ । ତେଣୁ ଆମେ ସେଇଦଳକୁ ଜିତାଇବା ଯିଏ କିଛି କାମ କରି ପାରିବ । ତେଣୁ ଦିଲ୍ଲୀରେ ଡବଲ୍ ଇଞ୍ଜିନ୍ ସରକାର୍ ଆବଶ୍ୟକ ବୋଲି ଲୋକମାନେ ହୃଦୟଙ୍ଗମ କରି ଭାଜପାକୁ ଜିତାଇଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହା ପରେ ପରେ ଯେତେବେଳେ ଦିଲ୍ଲୀରେ କୋଭିଡ଼ ସମସ୍ୟା ଚାଲିଥିଲା ସେଇ ସମୟରେ ଲୋକମାନଙ୍କୁ ଅମ୍ଳଜାନ ଯୋଗାଇବା ପାଇଁ ଅସମର୍ଥ ହୋଇଥିବା କେଜରିୱାଲ କିନ୍ତୁ ନିଜପାଇଁ ବହୁ କୋଟୀ ଟଙ୍କା ବ୍ୟୟରେ ମହଲ ନିର୍ମାଣ କରାଇଥିଲେ, ଯାହା ସର୍ବସାଧାରଣଙ୍କ ଭାବନାକୁ ଆହତ କରିଥିଲେ ।

ସେହି ମହଲ ବିଷୟରେ ଯେତେବେଳେ ଜଣାପଡ଼ିଥିଲା ସେତେବେଳେ ସେ ଏଥିପାଇଁ କୌଣସି ସନ୍ତୋଷଜନକ ମନ୍ତବ୍ୟ ଦେଇ ପାରିନଥିଲେ, ଯେଉଁଥିପାଇଁ ସେ ଲୋକଙ୍କ ଦୃଷ୍ଟିରେ ଆମ୍ ଆଦମୀ ହୋଇନଥିବା ପ୍ରମାଣିତ ହୋଇଥିଲା ।

ନିଜ ଦଳରେ ଥିବା ଅନେକ ସଦସ୍ୟ ଜେଲ ଯିବାବେଳେ ସେମାନଙ୍କୁ ନିଜ ପଦବୀରୁ ଇସ୍ତଫା ଦେବାପାଇଁ କହିବା ବେଳେ ଯେତେବେଳେ ନିଜେ ଜେଲ ଗଲେ ସେତେବେଳେ ନିଜେ ମୁଖ୍ୟମନ୍ତ୍ରୀ ପଦବୀରୁ ଇସ୍ତଫା ଦେବାକୁ ମନା କରିଦେଇ ନିଜର କ୍ଷମତାଲୋଭୀ ସ୍ୱରୂପକୁ ଦେଖାଇଥିଲେ । ନିଜ ଦଳର ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲ ଯେତେବେଳେ କେଜରିୱାଲଙ୍କୁ ଦେଖା କରିବାପାଇଁ ଯାଇଥିଲେ ସେତେବେଳେ କେଜରିୱାଲଙ୍କ ବ୍ୟକ୍ତିଗତ ସଚିବ ତାଙ୍କୁ ମାଡ଼ ମାରିଥିବା ନେଇ ଅଭିଯୋଗ ଆସିଥିଲା ଯାହାକୁ କେଜରିୱାଲ ଅଣଦେଖା କରିଦେଇଥିଲେ ଏବଂ ରାଷ୍ଟ୍ରୀୟ ସ୍ତରରେ ଏହାର ଘୋର ନିନ୍ଦା କରାଯାଇଥିଲା । ସେଇଥିପାଇଁ ଏହି ନିର୍ବାଚନର ଅନେକ ଦିନ ପୂର୍ବରୁ ହିଁ ସ୍ୱାତୀ ମାଲିୱାଲ ଦିଲ୍ଲୀର ବିଭିନ୍ନ ଅଞ୍ଚଳ ବୁଲି ବୁଲି ଲୋକଙ୍କ ଦୁରାବସ୍ଥାକୁ ଭିଡ଼ିଓ ମାଧ୍ୟମରେ ପ୍ରଚାର କରିବାକୁ ଲାଗିଲେ ଯାହା ନିର୍ବାଚନ ସମୟରେ କେଜରିୱାଲଙ୍କ ବିରୋଧରେ କାମ କରିଲା ।

ବର୍ଷ ୨୦୨୪ର ସର୍ବସାଧାରଣ ସଂସଦୀୟ ନିର୍ବାଚନ ସମୟରେ ଇଣ୍ଡି ଗଠବନ୍ଧନରେ ଅଂଶ ଗ୍ରହଣ କରିଥିବା କେଜରିୱାଲ ପରେ ପରେ କଂଗ୍ରେସ ବିରୋଧୀ ହୋଇଗଲେ ଏବଂ ଏହି ନିର୍ବାଚନ ସମୟରେ କଂଗ୍ରେସ ମଧ୍ୟ ଆମ୍ ଆଦମୀ ପାର୍ଟି ତଥା କେଜରିୱାଲଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିରୋଧରେ ପ୍ରଚାର କରିଥିଲେ ।

ଏହି ସବୁ କାରଣରୁ କେଜରିୱାଲ୍ ନିଜ ସ୍ଥିତି ବଜାୟ ରଖିବାକୁ ଅକ୍ଷମ ହେଲେ । ଏବେ ଆମ୍ ଆଦମୀ ପାର୍ଟିର ସ୍ଥିତି ବିଷୟରେ ତଥା ଏହାର ଭବିଷ୍ୟ କଣ ହେବ ସେ ବିଷୟରେ ଚିନ୍ତନ କରିବା ସମୟ ଆସିଛି । ଦେଖାଯାଉ ପାଣି କେଉଁଆଡେ ଯାଉଛି । ଯାହା ବି ହେଉ ଓଡ଼ିଆରେ କଥାଟିଏ ଅଛି, ଅତିରୁ ଇତି । ଏଠାରେ ଠିକ୍ ସେଇୟା ହିଁ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏହି ନିର୍ବାଚନରେ ସମସ୍ତେ ଅରବିନ୍ଦ କେଜରିୱାଲଙ୍କ ବିଷୟରେ କଥା ହେଉଥିବା ବେଳେ ଭୁଲି ଯାଉଛନ୍ତି ଯେ ଦିଲ୍ଲୀ ନିର୍ବାଚନରେ କଂଗ୍ରେସ ଦଳ ମଧ୍ୟ ନିଜର ପ୍ରାର୍ଥୀ ଦେଇଥିଲା ଏବଂ ସତୁରି ଆସନରୁ ଛଅଷଠି ଆସନରେ ଏମାନଙ୍କ ଜମାନତ ଜବତ କରାଯାଇଛି ଅର୍ଥାତ ସର୍ବନିମ୍ନ ଭୋଟ୍ ପାଇବାକୁ ଏମାନେ ଅକ୍ଷମ ହୋଇଛନ୍ତି । ଏହି ନିର୍ବାଚନ ପାଇଁ ଖୋଦ୍ ରାହୁଲ ଗାନ୍ଧୀ ମଙ୍ଗ ଧରିଥିଲେ । କଂଗ୍ରେସ ଦଳ ନିର୍ବାଚନ ପରେ ଭଲ ଫଳାଫଳର ଆଶା କରିଥିଲେ ସୁଦ୍ଧା ସେମାନେ ଦିଲ୍ଲୀ ବିଧାନସଭା ପାଇଁ ଖାତା ଖୋଲିବାରେ ବିଫଳ ହୋଇଛନ୍ତି । ବିଗତ ଅନେକ ବର୍ଷରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଯେତେ ସବୁ ନିର୍ବାଚନରେ କଂଗ୍ରେସ ଦଳ ଅଂଶଗ୍ରହଣ କରିଛି ସବୁଠାରେ ବିଫଳତା ହିଁ ସେମାନଙ୍କୁ ମିଳିଛି । ଏହି ବିଷୟରେ ମନ୍ତବ୍ୟ ଦେଇ ଜଣେ ରାଜନେତା କହିଛନ୍ତି ଯେ ସମ୍ଭବତଃ ଡାଇନୋସର୍ ପ୍ରାଣୀ ପୃଥିବୀରେ ପୁଣିଥରେ ଦେଖ ଦେଇପାରେ ହେଲେ କଂଗ୍ରେସର ଉଦ୍ଭବ ହେବା ଆଉ ସମ୍ଭବ ନାହିଁ ।

ତେଣେ କଂଗ୍ରେସର ଜଣେ ତୁଙ୍ଗ ନେତା ଗୋଟିଏ ପୋଡ଼କାଷ୍ଟରେ ନିଜସ୍ୱ ମତ ଦେଉଥିବା ସମୟରେ କହିଥିଲେ ଯେ ସେ ଅବସର ନେବାପୂର୍ବରୁ ନରେନ୍ଦ୍ର ମୋଦୀଙ୍କୁ ସେ ବିରୋଧୀ ଦଳରେ ବସିଥିବା ଦେଖିବାକୁ ଚାହାନ୍ତି । ସେ ଚାହାନ୍ତି ଯେ ଯେଉଁଭଳି ଅପମାନ କଂଗ୍ରେସ ଦଳ ଗତ ଦଶବର୍ଷ ହେଲା ସହି ଆସୁଛନ୍ତି ସେହିଭଳି କିଛି ମୋଦୀଙ୍କ ସହ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉ । ହେଲେ କଥାରେ ଅଛି, ଏତେ ସପନକୁ ରାତି କାହିଁ? ଏହିଭଳି ସ୍ୱପ୍ନ ଦେଖୁଥିବା ରାଜନେତା ମଧ୍ୟ ହୃଦୟଙ୍ଗମ କରି ସାରିବେଣି ଯେ ମୋଦୀଙ୍କୁ ହରାଇବା ଆଶା ଆଶରେ ହିଁ ରହିଯିବ । ବିଶ୍ୱ ଦରବାରରେ ବର୍ତ୍ତମାନ ମୋଦୀଙ୍କ ସ୍ଥିତିକୁ ଦେଖିଲେ ଯେ କେହି ବି ଗର୍ବିତ ମନେ କରୁଥିବ ।

ଆମ ଆଦମୀ ପାର୍ଟି ଦିଲ୍ଲୀ ବିଧାନସଭା ନିର୍ବାଚନରେ ପରାସ୍ତ ହୋଇଛି । ଏନେଇ ଆମ ଆଦମୀ ପାର୍ଟିର ରାଜ୍ୟ ସଭା ସଦସ୍ୟ ସ୍ୱାତୀ ମାଲିୱାଲ ଟୁଇଟ କରିଛନ୍ତି । ସେ ତାଙ୍କ ଟୁଇଟ୍‌ରେ ଦ୍ରୌପଦୀଙ୍କ ବସ୍ତ୍ରହରଣର ଫଟୋ ପୋଷ୍ଟ କରି ପରୋକ୍ଷରେ କଟାକ୍ଷ କରିଛନ୍ତି । ଏହା ବେଶ ଭାଇରାଲ ହେଉଛି ।

ସ୍ୱାତୀ ମାଲିୱାଲ ଅଭିଯୋଗ କରିଥିଲେ ଯେ ଅରବିନ୍ଦ କେଜ୍ରିୱାଲଙ୍କ ବାସଭବନରେ ବ୍ୟକ୍ତିଗତ ସଚିବ ବିଭବ କୁମାର ତାଙ୍କ ସହିତ ଦୁର୍ବବ୍ୟବହାର କରିଥିଲେ । ସେ ଏହି ମାମଲାରେ କେଜ୍‌ରିୱାଲଙ୍କ ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ ।

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା ୭୦ଟି ଆସନରୁ ୪୮ଟିରେ ବିଜୟୀ ହୋଇ ବହୁମତ ହାସଲ କରିଛି । ଆପ୍‌ର ଜାତୀୟ ସଂଯୋଜକ ଏବଂ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବ୍ୟତୀତ ଦଳର ବରିଷ୍ଠ ନେତା ମନୀଷ ସିସୋଡିଆ, ସୌରଭ ଭରଦ୍ୱାଜ ଏବଂ ସତ୍ୟେନ୍ଦ୍ର ଜୈନ ମଧ୍ୟ ନିର୍ବାଚନରେ ପରାସ୍ତ ହୋଇଛନ୍ତି । କେଜ୍‌ରିୱାଲ ନୂଆଦିଲ୍ଲୀ ଆସନରେ ଭାଜପାର ପରଭେଶ ବର୍ମାଙ୍କଠାରୁ ୪,୦୮୯ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ । ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଜଙ୍ଗପୁରା ଆସନରୁ ଭାଜପାର ତରବିନ୍ଦର ସିଂହ ମାରୱାହଙ୍କଠାରୁ ୬୭୫ ଭୋଟରେ ପରାସ୍ତ ହୋଇଛନ୍ତି । ୨୬ ବର୍ଷରୁ ଅଧିକ ସମୟ ପରେ ଦିଲ୍ଲୀରେ ଭାରତୀୟ ଜନତା ପାର୍ଟି ସରକାର ଗଠନ କରିବାକୁ ଯାଉଛି ।

ଏହା ଉଲ୍ଲେଖନୀୟ ଯେ, ଏହାର କିଛି ଦିନ ପୂର୍ବରୁ, ଜାନୁଆରୀ ଶେଷ ସପ୍ତାହରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାତୀ କେଜରିୱାଲ୍‌ଙ୍କ ଘର ବାହାରେ ଅଳିଆ ଫିଙ୍ଗି କହିଥିଲେ ଯେ ସୁଧୁରି ଯାଅ ନଚେତ ଦିଲ୍ଲୀବାସୀ ସୁଧାରି ଦେବେ । ସ୍ୱାତୀ କେଜରିୱାଲଙ୍କ ବିରୋଧରେ ପ୍ରତିବାଦ କରିଥିଲେ । ସେ ତିନୋଟି ଅଳିଆ ସଂଗ୍ରହ ଟ୍ରକ ମଧ୍ୟରୁ ଗୋଟିଏରେ ଚଢ଼ି ସେଠାରେ ପହଞ୍ଚିଲେ ।

ମାଲିୱାଲ ଏବଂ ତାଙ୍କ ସହଯୋଗୀମାନେ ବିକାଶପୁରୀର ରାସ୍ତାରୁ ଅଳିଆ ସଂଗ୍ରହ କରି ତିନୋଟି ମିନି ଟ୍ରକରେ ଲୋଡ କରି ଫିରୋଜଶାହା ରୋଡରେ ଥିବା କେଜରିୱାଲଙ୍କ ଘରେ ପହଞ୍ଚିଲେ, ଯେଉଁଠାରେ ସେମାନେ ଅଳିଆକୁ ତଳେ ପକାଇ ଦେଲେ, ଏହା ପରେ ମହିଳା ପୋଲିସ କର୍ମଚାରୀମାନେ ସେମାନଙ୍କୁ ଅଟକାଇ ସେଠାରୁ ହଟାଇ ଦେଲେ । (ସୌଜନ୍ୟ - ଧରିତ୍ରୀ.କମ୍)

ଚଳିତ ବର୍ଷର ସର୍ବସାଧାରଣ ବଜେଟରେ ମୋଦୀ ସରକାରଙ୍କ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସମସ୍ତଙ୍କୁ ଚମକାଇ ଦେଇ ଏହିଭଳି ଏକ ଉପସ୍ଥାପନ କରିଲେ ଯାହାର ଆଶା କେହି ବି କେବେ ବି କରିନଥିବେ । ବିଗତ କେଇ ମାସ ହେଲା ସାମାଜିକ ଗଣମାଧ୍ୟମରେ ନିର୍ମଳା ସୀତାରମଣଙ୍କୁ ସମାଲୋଚନା କରାଯାଉଥିଲା ସେ ଅଧିକ କର ଆଦାୟ କରୁଛନ୍ତି ବୋଲି କହି । ବଜେଟ୍ ଆସିଲେ ପ୍ରାୟତଃ ମଧ୍ୟମବର୍ଗ ଆଶା କରନ୍ତି ଯେ ସେମାନଙ୍କୁ କିଛି ଅଧିକ କର ଛାଡ଼ ହେବ । ଗତ ବର୍ଷ ତାହା ସାତ ଲକ୍ଷ ପର୍ଯ୍ୟନ୍ତ ଥିବା ବେଳେ ଏହା ଅଧିକ ହେବାର ଆଶା କରାଯାଉଥିଲା । ଅନେକ ରାଜନୈତିକ ଦଳ ଏଥିପାଇଁ ଅନେକ ଥର ପ୍ରଚାର ମଧ୍ୟ କରିଥିଲେ ଏବଂ ମଧ୍ୟମ ବର୍ଗଙ୍କୁ କର ରିହାତି ଦିଆଯାଉ ବୋଲି ଦାବୀ କରୁଥିଲେ । ସାଧାରଣତଃ ପ୍ରତିବର୍ଷ କିଛି ହଜାର ଟଙ୍କାର କର ରିହାତି ମିଳିଥାଏ ହେଲେ ଚଳିତ ବର୍ଷର ବଜେଟରେ ଅର୍ଥମନ୍ତ୍ରୀ ଶ୍ରୀମତି ସୀତାରମଣ, ସାଧାରଣ ବର୍ଗର ବେତନଭୋଗୀ ମାନଙ୍କୁ ବାରଲକ୍ଷ ଟଙ୍କାର ଆୟ ପର୍ଯ୍ୟନ୍ତ କର ରିହାତି ଦେବା ଘୋଷଣ କରିଛନ୍ତି । ଯାହା ସମସ୍ତଙ୍କ ମୁହଁ ବନ୍ଦ କରିଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ବଜେଟ ପରେ ପରେ ନିଜସ୍ୱ ପ୍ରତିକ୍ରିୟା ଦେଇ ପ୍ରତ୍ୟେକ ବର୍ଷେ ବିରୋଧୀ ଦଳ ବଜେଟର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମାଲୋଚନା କରିବା ଦେଖାଯାଇଥାଏ, ଚଳିତ ବର୍ଷ କିନ୍ତୁ ସେଥିରେ ବ୍ୟତିକ୍ରମ ଦେଖା ଦେଇଛି, କୌଣସି ବିରୋଧୀ ଦଳ ବଜେଟକୁ ସମାଲୋଚନା କରିବାକୁ ଆଗେଇ ଆସିନାହାନ୍ତି ।

ସୂଚନାଯୋଗ୍ୟ ଯେ ଏହି ବର୍ଷ ଆରମ୍ଭରେ ହିଁ ଅନେକ ଆମେରିକୀୟ ସଂସ୍ଥା ବନ୍ଦ ହୋଇ ଗଲା, ଯେଉଁ ସଂସ୍ଥା ଭାରତରେ ବର୍ଷ ୨୦୨୪ ନିର୍ବାଚନ ପୂର୍ବରୁ ଶିଳ୍ପପତି ଗୌତମ ଅଦାନୀଙ୍କ ବିଷୟରେ ଅନେକ ତଥ୍ୟ ଉପସ୍ଥାପନ କରିବା ଫଳରେ ଅଦାନୀ ଗ୍ରୁପର ଶେୟାର ସୁଚକାଙ୍କରେ ଭାରି ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ଆମେରିକାରେ ରହୁଥିବା କିଛି ବ୍ୟକ୍ତି ଓ ସଂସ୍ଥାଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରରୋଚନାରେ ବିରୋଧୀ ଦଳ ନେତାମାନେ କାର୍ଯ୍ୟ କରୁଥିବା କଥା ଅନେକ ସମୟରେ ଶୁଣିବାକୁ ମିଳେ । ହେଲେ ସେହି ସବୁ ସଂସ୍ଥା ଗୋଟିଏ ଗୋଟିଏ କରି ବନ୍ଦ ହେଉଥିବା ସମୟରେ ଏବେ ଭାରତକୁ ନିନ୍ଦା କରିବା ଭଳି କୌଣସି ଯୋଜନା ବିରୋଧ ଦଳ କରିବାକୁ ଅକ୍ଷମ ହେଉଛନ୍ତି ବୋଲି ଚର୍ଚ୍ଚା ହେଉଛି । କୁହାଯାଉଛି ଯେ ଭାରତ ବିରୋଧୀ କିଛି ତତ୍ତ୍ୱ ଭିନ୍ନ ଭିନ୍ନ ଉପାୟରେ ଭାରତରେ ଅସ୍ଥିରତା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ଏବଂ ଟୁଲକିଟ୍ ମାଧ୍ୟମରେ ଭାରତର ଅଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରୁଛନ୍ତି । ସେହିଭଳି ଅନେକ ସଂସ୍ଥା ଟ୍ରମ୍ପ ପ୍ରଶାସନ ପରେ ବନ୍ଦ ହେବାକୁ ଲାଗିଛି । ଯାହା ଫଳରେ ନୂଆ ଟୁଲକିଟ୍ କିଛି ଉପଲବ୍ଧ ନ ହୋଇ ପାରିବା ହେତୁ ବିରୋଧୀ ଦଳ କିଛି ନୁଆ କନ୍ଦଳ ସୃଷ୍ଟି କରିବାକୁ ଅକ୍ଷମ ହେଉଛନ୍ତି ବୋଲି ମଧ୍ୟ ଶୁଣିବାକୁ ମିଳୁଛି ।

ଆମେରିକାରେ ଡୋନାଲ୍ଡ୍ ଟ୍ରମ୍ପ୍ ବିଜୟୀ ହେବାପରେ ପରେ ଗୋଟିଏ ନିଷ୍ପତ୍ତି ନେଇଛନ୍ତି, ଯେଉଁଥିରେ ଆମେରିକାରେ ବେଆଇନ ଭାବରେ ରହୁଥିବା ଲୋକମାନଙ୍କୁ ସେମାନଙ୍କ ଦେଶକୁ ଫେରାଇ ପଠାଇ ଦିଆଯାଉଛି । ଏଇ କ୍ରମରେ ଭାରତର ଦୁଇଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେରୀକାରୁ ବିତାଡ଼ିତ କରାଯାଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମେରିକୀୟ ନିୟମାନୁସାରେ ବେଆଇନ୍ ଭାବରେ ରହୁଥିବା ଅନୁପ୍ରବେଶକାରୀ ମାନେ ଅପରାଧ ଶ୍ରେଣୀରେ ଆସୁଥିବା ହେତୁ ସେମାନଙ୍କ ହାତ ଓ ପାଦକୁ ବେଡ଼ିରେ ବାନ୍ଧି ବିମାନରେ ପଠାଯାଉଥିବା ଛବି ଦେଖି ଭାରତରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଛି । କିଛି ତଥାକଥିତ ବୁଦ୍ଧିଜୀବି କହିଛନ୍ତି ଯେ ଆମେରିକା ସରକାରଙ୍କ ଏତାଦୃଶ ଆଚରଣ ମାନବ ଅଧିକାର ଉଲଂଘନ କରୁଛି । ଏହା ବିପରୀତ ଅନେକ ମତ ଦେଇଛନ୍ତି ଯେ ଯେଉଁମାନେ ବେଆଇନ୍ ଭାବରେ ଆମେରିକାରେ ଅନୁପ୍ରବେଶ କରିଥିଲେ ସେମାନଙ୍କ ପ୍ରତି ଟ୍ରମ୍ପ ପ୍ରଶାସନ ନେଇଥିବା ପଦକ୍ଷେପରେ କୌଣସି ଭୁଲ ନାହିଁ ।

କୌଣସି ଦେଶରେ ଯଦି ବିନା ଅନୁମତିରେ କେହି ପ୍ରବେଶ କରେ ତାହେଲେ ତାହାକୁ ଅନୁପ୍ରବେଶକାରୀ ବୋଲି ହିଁ କୁହାଯିବ ଏବଂ ସେମାନଙ୍କୁ ଅପରାଧୀ ବୋଲି ବିବେଚନା କରାଯିବ । ଭାରତରେ କୋଟି କୋଟି ଅନୁପ୍ରବେଶକାରୀ ରହିଛନ୍ତି, ସେମାନଙ୍କୁ ମଧ୍ୟ ଏହିଭଳି ଭାବରେ ଦେଶରୁ ବିତାଡ଼ିତ କରିବା ଉଚିତ ହେବ ବୋଲି ଅନେକେ ମତ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ଉଚ୍ଚମାନର ଜୀବନଶୈଳୀ ଓ ଅଧିକ ଆୟ ଆଶାରେ ଅନେକ ଲୋକ ଆମେରିକା ଭଳି ଦେଶମାନଙ୍କରେ ଶରଣ ନିଅନ୍ତି । ଏଥିପାଇଁ ସେମାନେ ଚୋରାରେ ଆମେରିକାରେ ପହଞ୍ଚିବା ପାଇଁ ଲକ୍ଷାଧିକ ଟଙ୍କା ଦେଇଥାନ୍ତି । ଗତବର୍ଷ ମୁକ୍ତିଲାଭ କରିଥିବା ଡୁଙ୍କି ନାମକ ଚଳଚ୍ଚିତ୍ରରେ ଏହି ବିଷୟରେ କୁହାଯାଇଥିଲା । ଅତି କଠୋର ପଥରେ ଲୋକମାନେ ଜୀବନମରଣକୁ ଭୃକ୍ଷେପ ନ କରି ଆମେରିକା ଯିବାକୁ ଚାହାନ୍ତି । କୁହାଯାଉଛି ଯେ କାଳେ ଲୋକମାନେ କୋଟି କୋଟି ଟଙ୍କା ଦେଉଛନ୍ତି ।

ଆମେରିକାରୁ ଫେରିଥିବା ଏହି ବେଆଇନ୍ ଅନୁପ୍ରବେଶକାରୀ ମାନଙ୍କ ପ୍ରତି ଟ୍ରମ୍ପ ପ୍ରଶାସନ ଅନ୍ୟାୟ କରିଛନ୍ତି ବୋଲି କୁହାଯାଉଛି । ଭାରତ ଫେରିବାପରେ ସେହି ବ୍ୟକ୍ତିମାନେ ଏବେ ଦାବୀ କରୁଛନ୍ତି ଯେ ସେମାନେ ଆମେରିକା ଯିବାପାଇଁ ଲକ୍ଷ ଲକ୍ଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟଙ୍କା ଖର୍ଚ୍ଚ କରିସାରିଛନ୍ତି, ତେଣୁ ସେମାନଙ୍କୁ ସରକାରୀ ସହାୟତା ଦିଆଯାଉ । ସେମାନଙ୍କୁ କର୍ମନିଯୁକ୍ତି ଯୋଗାଇ ଦିଆଯାଉ । ଆଶ୍ଚର୍ଯ୍ୟର କଥା, ଯେଉଁ ଲୋକମାନେ କୋଟି କୋଟି ଟଙ୍କା ଏଥିପାଇଁ ଖର୍ଚ୍ଚ କରିଦେଇଥିଲେ ଯେ ସେମାନଙ୍କୁ ଚୋରାରେ ଆମେରିକାରେ ପ୍ରବେଶ କରାଇ ଦିଆଯିବ ଏବଂ ସେଠାରେ ସେମାନେ ଅଧିକ ଆୟ କରି ପାରିବେ ।

ଯଦି ଟ୍ରମ୍ପ ପ୍ରଶାସନ ଏମାନଙ୍କୁ ଦେଶରୁ ବାହାର କରିନଥାନ୍ତେ ତା ହେଲେ ଏମାନେ ସେଠାରେ ଯାହା ବି ଆୟ କରିଥାନ୍ତେ ସେଥିରୁ ଭାରତ ସରକାର କିଛି ବି ପାଇନଥାନ୍ତେ, ସେମାନେ ଦେଶକୁ ତ୍ୟାଗ କରି ବିଦେଶକୁ ଘର କରିବାକୁ ଯାଇଥିଲେ, ତେଣୁ ସେମାନଙ୍କ ପ୍ରତି କୌଣସି ପ୍ରକାର ଦୟା ନ ଦେଖାଇବାକୁ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି ।

ଗତ ରବିବାର ଦିନ କଟକରେ ଆୟୋଜିତ ହେଲା ଭାରତ ବନାମ ଇଂଲଣ୍ଡର କ୍ରିକେଟ ମ୍ୟାଚ । ଅନେକ ବର୍ଷପରେ କଟକରେ ଥିବା ବାରବାଟୀ ଷ୍ଟାଡିୟମରେ ଏହିଭଳି ଏକ ମ୍ୟାଚ୍ ଆୟୋଜିତ ହୋଇଛି । ଅତୀତରେ ଏଠାରେ ଆୟୋଜିତ ହୋଇଥିବା ମ୍ୟାଚ୍ ସମୟରେ କ୍ରୋଧିତ ଦର୍ଶକମାନେ ଷ୍ଟାଡ଼ିୟମ୍ ଭିତରକୁ ପାଣି ବୋତଲ ଫୋପାଡ଼ିବା ପରେ ଅନେକ ବର୍ଷଧରି ଏଠାରେ କୌଣସି କ୍ରିକେଟ୍ ମ୍ୟାଚ ହୋଇନଥିଲା । ଯା ହେଉ, ଗତ ରବିବାର ଦିନ ଆୟୋଜିତ ହୋଇଥିବା ମ୍ୟାଚରେ ସେଭଳି କିଛି ଅଘଟଣ ନ ଘଟିଥିଲେ ସୁଦ୍ଧା ଖେଳ ଚାଲୁଥିବା ସମୟରେ ଷ୍ଟାଡ଼ିୟମକୁ ଆଲୋକିତ କରୁଥିବା ଫ୍ଲଡ୍ ଲାଇଟ୍ ବନ୍ଦ ହୋଇ ଯାଇଥିଲା । କିଛି ସମୟ ପାଇଁ ଖେଳପଡ଼ିଆ ଅନ୍ଧକାରରେ ରହିଥିଲା । ଏହା ଦର୍ଶକମାନଙ୍କ ସମେତ କ୍ରିକେଟ୍ ପ୍ରେମୀ ମାନଙ୍କୁ ନିରୁତ୍ସାହିତ କରିଛି । ଏହିଘଟଣା ଆମ ରାଜ୍ୟ ପାଇଁ ଅପମାନ ବୋଲି ମଧ୍ୟ କୁହାଯାଉଛି । ଏଥିପାଇଁ ଓଡ଼ିଶା କ୍ରିକେଟ୍ ଏସୋସିଏସନ୍ ଦାୟୀ ଏବଂ ସେମାନେ ନିଜ ପଦବୀରୁ ଇସ୍ତଫା ଦେବା ଉଚିତ ହେବ ବୋଲି କୁହାଯାଉଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ଯା'ହେଉ କିନ୍ତୁ ସେଦିନ ଖେଳ ଭାରି ରୋମାଞ୍ଚକର ଥିଲା । ପ୍ରଥମରେ ବ୍ୟାଟିଂ କରିବାକୁ ଓହ୍ଲାଇଥିବା ଇଲଣ୍ଡ ଦଳ ୩୦୪ ରନର ବିଶାଳ ଲକ୍ଷ୍ୟ ରଖିଥିଲେ । ଏହାର ଉତ୍ତରରେ ଭାରତୀୟ ଦଳ ସାତ ଓଭର ବଲିଂ ବଳକା ଥାଇ, ଚାରି ୱିକେଟରେ ୩୦୮ ରନ୍ କରି ବିଜୟୀ ହୋଇଥିଲେ ।

ଏହି ସପ୍ତାହରେ ଗୋଟିଏ ଘଟଣା ସର୍ବସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ୟୁଟ୍ୟୁବରେ ପ୍ରସାରିତ ହେଉଥିବା ଏକ କାର୍ଯ୍ୟକ୍ରମରେ ବ୍ୟଙ୍ଗ ଆଳରେ ଏହିଭଳି କିଛି ଅଶ୍ଳୀଳ କଥା କୁହାଯାଇଥିଲା ଯେ ତାହା ଏବେ ଲୋକଙ୍କ ମନରେ ଆକ୍ରୋଶ ସୃଷ୍ଟି କରିଛି । ସୂଚନାଯୋଗ୍ୟ ଯେ ୟୁଟ୍ୟୁବରେ କମେଡ଼ିଆନ୍ ସମୟ ରୈନାଙ୍କ ଦ୍ୱାରା ଆୟୋଜିତ ହେଉଥିବା ଇଣ୍ଡିଆ ଗଟ୍ ଲାଟେଣ୍ଟ୍ କାର୍ଯ୍ୟକ୍ରମରେ ଅନେକ ସମୟରେ ବ୍ଲାକ୍ କମେଡ଼ି ନାଁରେ ଅତି ଅଶ୍ଳୀଳ ଭାଷା ଉପସ୍ଥାପିତ ହୋଇ ଆସୁଥିଲା । ଏଥିପାଇଁ ଏହି କମେଡ଼ି ସୋ ଅନେକ ଥର ସମାଲୋଚିତ ହୋଇ ଆସିଛି । ହେଲେ ବିଗତ ଦିନରେ ଏହି ସୋରେ ଅଂଶ ଗ୍ରହଣ କରୁଥିବା ସଦସ୍ୟ ରଣବୀର ଆଲହାବାଦିଆ, ଜସପ୍ରିତ ସିଂ, ଅପୂର୍ବ ମଖିଜା, ଆଶିଷ ଚଞ୍ଚଲାନୀ ଇତ୍ୟାଦି ବ୍ୟଙ୍ଗ ଆଳରେ ଅସ୍ୱାଭାବିକ କଥା ସବୁ କହିବା ଫଳରେ ସମସ୍ୟା ସୃଷ୍ଟି ହୋଇଥିଲା ।

ସୂଚନାଯୋଗ୍ୟ ଯେ ରଣବୀର ଆହ୍ଲାବାଦିଆ, ଜଣେ ପ୍ରମୁଖ ପୋଡ଼କାଷ୍ଟର ଅଟନ୍ତି ଯିଏ ନିଜର ଅନେକ ପୋଡ଼କାଷ୍ଟ ପାଇଁ ପ୍ରସିଦ୍ଧ ହେବା ସହ ପାଖାପାଖି ଦୁଇ କୋଟି ସବସ୍କ୍ରାଇବର୍ ସହ ଭାରତର ଜଣେ ପ୍ରମୁଖ ଇନ୍‌ଫ୍ଲୁଏନ୍‌ସର୍ ଅଟନ୍ତି । କିନ୍ତୁ ଇଣ୍ଡିଆ ଗଟ୍ ଲାଟେଣ୍ଟ୍ କାର୍ଯ୍ୟକ୍ରମ ସମୟରେ ସେ ବ୍ୟଙ୍ଗ ଛଳରେ ପିତାମାତାଙ୍କ ଅନ୍ତରଙ୍ଗ ସଂପର୍କ ବିଷୟରେ କଦାକାର ମନ୍ତବ୍ୟ ଦେଇଥିଲେ । ଯାହା ଅତ୍ୟନ୍ତ ଅରୁଚିକର ଥିଲା । ତେଣୁ ଲୋକମାନେ ଏହି କାର୍ଯ୍ୟକ୍ରମ ବିରୋଧ କରିବା ସହ ରଣବୀର ଆହ୍ଲାବାଦିଆଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବାକୁ ଦାବୀ କରୁଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଗତ ସମୟରେ ସୋସିଆଲ୍ ମିଡ଼ିଆର ବହୁଳ ପ୍ରସାର ପରେ ଅଶ୍ଳୀଳତା ସାମାନ୍ୟ ହୋଇ ସାରିଲାଣି । ଇନ୍‌ଷ୍ଟାଗ୍ରାମ୍ ରିଲସ୍ ହେଉ ବା ୟୁଟ୍ୟୁବ୍, ସବୁଠି ଅଶ୍ଳୀଳତା ଉପସ୍ଥାପନ କରି ଲୋକଙ୍କ ଭିଉ ପାଇବାର ପ୍ରତିଯୋଗିତା ଚାଲିଛି । ଯିଏ ଯେତେ ଅଶ୍ଳୀଳ କରି ଦେଖାଇଲା ସେ ସେତେ ଭିଉ ପାଇଲା ଆଉ ସେତେ ଆୟ କରିଲା । ବିଗତ ବର୍ଷମାନଙ୍କରେ ଯେଉଁସବୁ ଭିଡ଼ିଓକୁ ଆମେ ଏମଏମଏସ୍ ବା ଅଶ୍ଳୀଳ ଭିଡ଼ିଓରେ ଗଣତି କରୁଥିଲେ ସେ ସବୁ ଏବେ ସାଧାରଣ ହୋଇ ସାରିଲାଣି । ଓଡ଼ିଶା ମଧ୍ୟ ସେଥିରୁ ବାଦ୍ ଯାଇନି । ଅନେକ ବିବାହିତ ମହିଳା, ସ୍ତ୍ରୀ ଓ କନ୍ୟାମାନେ ମଧ୍ୟ ଅଙ୍ଗପ୍ରଦର୍ଶନ କରିବାକୁ ପଛାଉ ନାହାନ୍ତି । ଏ ସବୁ ଦ୍ୱାରା ଆମ ସମାଜ ଉପରେ କେଉଁଭଳି ପ୍ରଭାବ ପଡ଼ୁଛି ଆମେ ଜାଣି ପାରୁନାହୁଁ । ପ୍ରକାରାନ୍ତରେ ଆମ ପିଲାମାନେ ସେଇ ସବୁ ଜିନିଷ ମୋବାଇଲରେ ଦେଖୁଛନ୍ତି ଏବଂ ପ୍ରଭାବିତ ହେଉଛନ୍ତି ।

ସମୟ ଆସିଛି ଆମକୁ ସଂଯତ ହେବାକୁ ହେବ । ସିନେମାରେ ଥିବା ସେନ୍‌ସର୍ ବୋର୍ଡ଼ ଭଳି ସାମାଜିକ ଗଣମାଧ୍ୟମ ହେଉ ବା ୟୁଟ୍ୟୁବରେ ହେଉ, ଏଠାରେ ପ୍ରସାରିତ ହେଉଥିବା କାର୍ଯ୍ୟକ୍ରମକୁ ମଧ୍ୟ ସେନ୍‌ସର୍ କରିବାକୁ ହେବ । ନହେଲେ ସେ ଦିନ ଦୂର ନାହିଁ, ଯେତେବେଳେ ଆମ ପିଲାମାନେ ସ୍ୱଳ୍ପ ବୟସରୁ ଅନେକ କଥା ଦେଖିବେ ଓ ଶୁଣିବେ ଯାହା ସେମାନଙ୍କ ବାଳୁତକୁ ନଷ୍ଟ କରିଦେବ । ବସ୍ତୁତଃ ଅଶ୍ଳୀଳତାକୁ ବନ୍ଦ କରିବାକୁ ହେବ ହିଁ ହେବ ।

ୟୁଟ୍ୟୁବ୍ ରିଆଲିଟି ଶୋ' 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ର ଏକ ଏପିଶୋଡ୍‌ରେ ଲୋକପ୍ରିୟ ୟୁଟ୍ୟୁବର୍ ରଣବୀର ଆହ୍ଲାବାଦିଆ ଗେଷ୍ଟ ପାନେଲିଷ୍ଟ ଭାବେ ଯୋଗଦେଇ ମା'ବାପାଙ୍କୁ ନେଇ ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ବିବାଦ ବଢ଼ିବାରେ ଲାଗିଛି । ଘଟଣାକୁ ନେଇ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ରଣବୀର ଏବଂ ଷ୍ଟାଣ୍ଡଅପ୍ କମେଡିଆନ ସମୟ ରୈନାଙ୍କ ସହ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ' ଶୋ' ସହ

Listen to Odia Podcast Original at https://youtube.com/@drjyotiprasad

ଜଡ଼ିତ ଅନ୍ୟମାନଙ୍କୁ ମଙ୍ଗଳବାର ସମନ ଜାରି କରିଛି । ଶୁଣାଣି ପାଇଁ ଆସନ୍ତା ୧୭ରେ ନୂଆଦିଲ୍ଲୀସ୍ଥିତ ଏନ୍‌ସିଡବ୍ଲ୍ୟୁ କାର୍ଯ୍ୟାଳୟରେ ହାଜର ହେବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ' ଶୋ'ରେ ରଣବୀର ଗେଷ୍ଟ ପାନେଲିଷ୍ଟ ଭାବେ ଯୋଗ ଦେଇଥିବା ସମ୍ପୂର୍ଣ୍ଣ ଏପିଶୋଡ୍‌କୁ ମଙ୍ଗଳବାର ୟୁଟ୍ୟୁବ୍ ହଟାଇ ଦେଇଛି । ସୋମବାର ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ସଦସ୍ୟ ପ୍ରିୟଙ୍କ କାନୁନଗୋ ଉକ୍ତ ବିବାଦୀୟ ଭିଡିଓକୁ ସମ୍ପୂର୍ଣ୍ଣ ଭାବେ ହଟାଇବା ପାଇଁ ୟୁଟ୍ୟୁବ୍‌କୁ ଅନୁରୋଧ କରିଥିଲେ ।

ରଣବୀରଙ୍କ ଅଶ୍ଳୀଳ ମନ୍ତବ୍ୟ ମାମଲା ମଙ୍ଗଳବାର ସଂସଦରେ ପହଞ୍ଚିଛି । ସଂସଦରେ ଅନେକ ଏମ୍‌ପି ରଣବୀରଙ୍କୁ ସମାଲୋଚନା କରିଛନ୍ତି । ତେଣୁ ଏମ୍‌ପିମାନଙ୍କ ଅଭିଯୋଗ ଆଧାରରେ ରଣବୀରଙ୍କୁ ସମନ ଜାରି କରିବା ପାଇଁ ସଂସଦୀୟ ଆଇଟି ପାନେଲ ଚିନ୍ତା କରୁଛି । ଏହି ବିବାଦ ସମ୍ବନ୍ଧିତ କିଛି ପ୍ରଶ୍ନର ଉତ୍ତର ରଖିବା ପାଇଁ ସୂଚନା ଓ ପ୍ରଯୁକ୍ତିବିଦ୍ୟାକୁ ନେଇ ଗଠିତ ସଂସଦୀୟ ପାନେଲ ଖବ୍‌ଶୀଘ୍ର ରଣବୀରଙ୍କୁ ସମନ ପଠାଇ ପାରେ । ଘଟଣାକୁ ନେଇ ଅଧିକ ତଦନ୍ତ ପାଇଁ ମୁମ୍ବାଇ ପୋଲିସର ଏକ ଟିମ୍ ମଙ୍ଗଳବାର ରଣବୀରଙ୍କ ଘରେ ପହଞ୍ଚିଛି । ପ୍ରକାଶ ଯେ, ସୋମବାର ମହାରାଷ୍ଟ୍ର ମହିଳା କମିଶନଙ୍କ ଅଭିଯୋଗ ଆଧାରରେ ମୁମ୍ବାଇ ପୋଲିସ ରଣବୀର ଓ ସମୟଙ୍କ ସମେତ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସର ଅର୍ପୂବା ମୁଖିଜା ଏବଂ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ର ଆୟୋଜକଙ୍କ ବିରୋଧରେ ମାମଲା ରୁଜୁ କରିଥିଲା । (ସୌଜନ୍ୟ - ଧରିତ୍ରୀ.କମ୍)

ଚଳିତ ବର୍ଷର ବଜେଟ୍ ସେସନର ପ୍ରଥମ ଦିନରେ କଂଗ୍ରେସ ଦଳର ପ୍ରମୁଖ ତଥା ରାଜ୍ୟସଭା ସାଂସଦ ଶ୍ରୀମତି ସୋନିଆ ଗାନ୍ଧୀ ଏକ ନୂତନ କନ୍ଦଳକୁ ସୃଷ୍ଟି କରିଥିଲେ । ଅତ୍ୟନ୍ତ ସରଳ ପୃଷ୍ଠଭୂମି ସମ୍ବଳିତ, ଅଧିସୂଚିତ ଜନଜାତିରୁ ଆସିଥିବା ରାଷ୍ଟ୍ରପତି ଶ୍ରୀମତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦ୍ରୌପଦୀ ମୂର୍ମୁଙ୍କ ବିଷୟରେ ଅତ୍ୟନ୍ତ ଅଶାଳୀନ ଓ ଅରୁଚିକର ମନ୍ତବ୍ୟ ଦେଇ ନିଜ ଦଳର ସାଂସଦ ଅଧିର ରଞ୍ଜନ ଚୌଧୁରୀଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କ ଅପମାନ ଭଳି ଘଟଣାର ପୁନରାବୃତ୍ତି କରିଥିଲେ । ଏହାପରେ ଭାରତୀୟ ଜନତା ପାର୍ଟି ତରଫରୁ କଡ଼ା ବିରୋଧ ଦର୍ଜ କରାଯାଇଛି ।

ସଂସଦରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ସୋନିଆ ଗାନ୍ଧୀ କହିଛନ୍ତି, ବିଚାରୀ ଭାଷଣ ପଢ଼ି ପଢ଼ି କ୍ଳାନ୍ତ ହୋଇ ଯାଇଥିଲେ । ସେପଟେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ରାଷ୍ଟ୍ରପତି ମୁର୍ମୁଙ୍କ ଭାଷଣକୁ ବିରକ୍ତିକର ବୋଲି କହିଛନ୍ତି । ଏହାକୁ ନେଇ ଏବେ ରାଜନୀତି ଉଷ୍ମ ହୋଇଛି । ଭାଜପା କହିଛି ଯେ, ସୋନିଆ ଗାନ୍ଧୀ ରାଷ୍ଟ୍ରପତିଙ୍କୁ ଅପମାନିତ କରିଛନ୍ତି ।

ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବୟାନ ଉପରେ ପ୍ରତିକ୍ରିୟା ରଖିଛନ୍ତି ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ଏସପି ସିଂହ ବାଘେଲ। ସେ କହିଛନ୍ତି, ସୋନିଆ ଗାନ୍ଧୀଙ୍କ ବକ୍ତବ୍ୟ ସର୍ବୋଚ୍ଚ ପଦବୀରେ ବସିଥିବା ଜଣେ ଆଦିବାସୀ ମହିଳାଙ୍କ ପ୍ରତି ଅପମାନ । ରାଷ୍ଟ୍ରପତିଙ୍କ ଅଭିଭାଷଣ ଗତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟର ଏକ ବିବରଣୀ ଥିଲା । ପୂର୍ବ ବଜେଟ ଏବଂ ସରକାରଙ୍କ ବିଭିନ୍ନ ଯୋଜନାରୁ ଲୋକଙ୍କୁ ଲାଭ ମିଳିଛି । ସମାଜର ପ୍ରତ୍ୟେକ ବର୍ଗ ଉପକୃତ ହୋଇଛି । ଏହା ଏକ ଚମତ୍କାର ହିସାବ ଥିଲା ।

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଚ୍ଛଲ୍ୟ କରି କହିବା ପରେ ରାଷ୍ଟ୍ରପତି ଭବନରୁ ଏହାର ଉତ୍ତର ଆସିଛି । ସୋନିଆଙ୍କ ବୟାନକୁ ନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ମଧ୍ୟ କଡ଼ା ଜବାବ ଦିଆଯାଇଛି । ସୋନିଆଙ୍କ ବୟାନ ଗ୍ରହଣୀୟ ନୁହେଁ, ସର୍ବୋଚ୍ଚ ପଦବୀର ମର୍ଯ୍ୟାଦାକୁ ସୋନିଆଙ୍କ ବକ୍ତବ୍ୟ ଆଘାତ ଦେଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାହା ଆଦୌ ଶୋଭନୀୟ ନୁହେଁ । ରାଷ୍ଟ୍ରପତି କୌଣସି କ୍ଷେତ୍ରରେ ଥକ୍କି ପଡ଼ିନାହାନ୍ତି । ଅବହେଳିତ ବର୍ଗଙ୍କ ବାବଦରେ କହିବା କଦାପି କ୍ଲାନ୍ତ ଆଣେନି ବୋଲି ରାଷ୍ଟ୍ରପତି ଭବନରୁ ବୟାନ ଆସିଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ୩୧ ତାରିଖରେ ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ଅଭିଭାଷଣ ରଖିବା ପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ତାଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ମୁଣ୍ଡ ଟେକିଛି । ରାଷ୍ଟ୍ରପତିଙ୍କ ପ୍ରତି ସୋନିଆଙ୍କ ଅପମାନଜନକ ମନ୍ତବ୍ୟକୁ ବିରୋଧ କରି ଭାଜପାର କେତେଜଣ ଏମ୍‌ପି ସୋମବାର ତାଙ୍କ ବିରୋଧରେ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କରଙ୍କୁ ସ୍ୱାଧିକାର ଭଙ୍ଗ ନୋଟିସ୍ ଦେଇଛନ୍ତି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଫଗନ ସିଂ କୁଲସ୍ତେଙ୍କ ନେତୃତ୍ୱରେ ଆଦିବାସୀ ସମ୍ପ୍ରଦାୟର ଭାଜପା ଏମ୍‌ପିମାନେ ଉଭୟ ସୋନିଆ ଏବଂ ବିହାର ଏମ୍‌ପି ପପ୍ପୁ ଯାଦବଙ୍କ ମନ୍ତବ୍ୟ ପାଇଁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟସଭା ଅଧ୍ୟକ୍ଷ ଏବଂ ଲୋକ ସଭା ବାଚସ୍ପତିଙ୍କୁ ନିବେଦନ କରିଛନ୍ତି । ସୋନିଆ ଓ ପପ୍ପୁଙ୍କ ମନ୍ତବ୍ୟ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟର ମର୍ଯ୍ୟାଦା ହାନି କରିଥିବା ସେମାନେ ଅଭିଯୋଗ କରିଛନ୍ତି ।

ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ, ଭାରତର ରାଷ୍ଟ୍ରପତି ଭବନରେ ଶାହାନାଇ ଶବ୍ଦ ପ୍ରତିଧ୍ୱନିତ ହେବାକୁ ଯାଉଛି । କାରଣ ଦ୍ରୌପଦୀ ମୁର୍ମୁଙ୍କ ସୁରକ୍ଷାରେ ନିୟୋଜିତ ପିଏସ୍‌ଓ ପୁନମ୍ ଗୁପ୍ତା ଏବଂ ସିଆର୍‌ପିଏଫ୍ ଅଧିକାରୀ ଅବନୀଶ ସିଂହଙ୍କୁ ରାଇସିନା ହିଲ୍ସରେ ଥିବା ରାଷ୍ଟ୍ରପତି ଭବନରେ ବିବାହ କରିବାକୁ ଅନୁମତି ମିଳିଛି । ଦୁହେଁ ଏହି ମାସରେ ଭାଲେଣ୍ଟାଇନ୍‌ସ ସପ୍ତାହରେ ବିବାହ କରିବାକୁ ଯାଉଛନ୍ତି । ଏହି ବିବାହ ୧୨ ଫେବୃଆରୀରେ କିଛି ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ହେବାର କାର୍ଯ୍ୟକ୍ରମ ରହିଛି ।

ସୂଚନା ଅନୁଯାୟୀ, ରାଷ୍ଟ୍ରପତିଙ୍କ ସୁରକ୍ଷାରେ ନିୟୋଜିତ ପୁନମ୍ ଗୁପ୍ତା ରାଷ୍ଟ୍ରପତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭବନରେ ବିବାହ କରିବା ପାଇଁ ମହାମହିମ ଦ୍ରୌପଦୀ ମୁର୍ମୁଙ୍କଠାରୁ ଅନୁମତି ମାଗିଥିଲେ । ଅନୁମତି ପାଇବା ପରେ, ରାଷ୍ଟ୍ରପତି ଭବନରେ ଏବେ ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ପୁନମ ଏଠାରେ ତାଙ୍କ ବନ୍ଧୁ ଅବନୀଶଙ୍କ ସହ ବିବାହ କରିବେ ।

କୋଟିପତି ଶିଳ୍ପପତି ଗୌତମ ଆଦାନୀଙ୍କ ସାନ ପୁଅ ଜିତ ଆଦାନୀ ଶୁକ୍ରବାର (୭ ଫେବୃଆରୀ) ଦିନ ତାଙ୍କ ମଙ୍ଗେତର ଦିବା ଶାହଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଏହି ବିବାହ ଏକ ବ୍ୟକ୍ତିଗତ ଉତ୍ସବରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ କେବଳ ପରିବାର ସଦସ୍ୟ ଏବଂ ନିକଟତର ବନ୍ଧୁମାନେ ଯୋଗ ଦେଇଥିଲେ । ସମସ୍ତ ବିବାହ କାର୍ଯ୍ୟକ୍ରମ ପାରମ୍ପରିକ ଜୈନ ରୀତିନୀତି ଅନୁସାରେ ଶାନ୍ତିଗ୍ରାମ ଅହମ୍ମଦାବାଦରେ ଅନୁଷ୍ଠିତ ହୋଇଥିଲା । ଆଦାନୀ ପରିବାର ଏହି ବିବାହକୁ ଭବ୍ୟ କରିବା ପରିବର୍ତ୍ତେ ସରଳ ରଖିବାକୁ ପସନ୍ଦ କରିଥିଲେ । ଏହି କାର୍ଯ୍ୟକ୍ରମରେ କୌଣସି ବଲିଉଡ ଷ୍ଟାର, ଶିଳ୍ପପତି କିମ୍ବା ରାଜନେତାଙ୍କୁ ନିମନ୍ତ୍ରଣ କରାଯାଇ ନଥିଲା ।

ଏହି ବିଶେଷ ଅବସରରେ, ଗୌତମ ଆଦାନୀ ସମାଜ ସେବା ପାଇଁ ୧୦,୦୦୦କୋଟି ଟଙ୍କା ଦାନ କରିବାକୁ ଘୋଷଣା କରିଛନ୍ତି । ଏହି ରାଶି ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଦକ୍ଷତା ବିକାଶ ପାଇଁ ମୌଳିକ ଭିତ୍ତିଭୂମି ନିର୍ମାଣରେ ବ୍ୟବହୃତ ହେବ । ସୂତ୍ର ଅନୁସାରେ, ଏହି ରାଶି ସୁଲଭ ଏବଂ ବିଶ୍ୱସ୍ତରୀୟ ହସ୍ପିଟାଲ ଏବଂ ସ୍କୁଲ ନିର୍ମାଣ ପାଇଁ ବ୍ୟବହାର କରାଯିବ । ଏହା ସହିତ, ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରାଯିବ । ସମାଜର ଦୁର୍ବଳ ବର୍ଗକୁ ସଶକ୍ତ କରିବା ଦିଗରେ ଆଦାନୀ ପରିବାରର ଏହି ପଦକ୍ଷେପକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି ।

ଗୌତମ ଆଦାନୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ବିବାହ ଫଟୋ ଶେୟାର କରିଛନ୍ତି ଏବଂ ତାଙ୍କ ଶୁଭେଚ୍ଛୁଙ୍କଠାରୁ ଆଶୀର୍ବାଦ ଲୋଡିଛନ୍ତି । ସେ ଲେଖିଛନ୍ତି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

'ସର୍ବଶକ୍ତିମାନଙ୍କ ଆଶୀର୍ବାଦରେ, ଜିତ ଏବଂ ଦିବା ଆଜି ପବିତ୍ର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଏହା ଏକ ଛୋଟ ଏବଂ ଅତ୍ୟନ୍ତ ବ୍ୟକ୍ତିଗତ ଉତ୍ସବ ଥିଲା ତେଣୁ ଆମେ ଚାହୁଁଥିଲେ ମଧ୍ୟ ସମସ୍ତ ଶୁଭେଚ୍ଛୁଙ୍କୁ ନିମନ୍ତ୍ରଣ କରିପାରିଲୁ ନାହିଁ, ଯାହା ପାଇଁ ମୁଁ କ୍ଷମା ପ୍ରାର୍ଥନା କରୁଛି । ଆଦାନୀଙ୍କ ଏହି ବାର୍ତ୍ତା ପରେ, ସୋସିଆଲ ମିଡିଆରେ ଲୋକମାନେ ନବବିବାହିତ ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । (ସୌଜନ୍ୟ - ଧରିତ୍ରୀ.କମ୍)

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମମତା ଯୋଜନା ସହିତ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ କରାଯିବ । ଏଥିରେ କନ୍ୟା ସନ୍ତାନ ଜନ୍ମ ପାଇଁ ଗର୍ଭବତୀମାନଙ୍କୁ ବର୍ଷକୁ ଅଧିକ ୨ ହଜାର ଟଙ୍କା ପ୍ରଦାନ କରାଯିବ । ଗର୍ଭବତୀ, ପ୍ରସୂତି ମହିଳା ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ତଥା କନ୍ୟା ସନ୍ତାନ ଜନ୍ମକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ଏହି ଯୋଜନାରେ ପୁତ୍ର ସନ୍ତାନ ଜନ୍ମ କ୍ଷେତ୍ରରେ ୧୦ ହଜାର ଟଙ୍କା ପ୍ରଦାନ କରାଯିବ । ତେବେ କନ୍ୟା ସନ୍ତାନ ପାଇଁ ପୂର୍ବରୁ ୧୦ ହଜାର ଟଙ୍କା ଦିଆଯାଉଥିବା ବେଳେ ମିଳିତ ଯୋଜନାରେ ୧୨ ହଜାର ଟଙ୍କା ଦିଆଯିବ । ସର୍ବାଧିକ ଦୁଇଟି ସନ୍ତାନ ଜନ୍ମ କ୍ଷେତ୍ରରେ ଏହି ସହାୟତା ମିଳିବ ।

ଏଥିରେ ସହାୟତା କରୁଥିବା ଅଙ୍ଗନବାଡ଼ି କର୍ମୀମାନଙ୍କୁ ୨୦୦ ଟଙ୍କା ବଦଳରେ ୨୫୦ ଟଙ୍କା, ଏବଂ ଅଙ୍ଗନବାଡ଼ି ସହାୟକମାନଙ୍କୁ ୫୦ ଟଙ୍କା ପରିବର୍ତ୍ତେ ୧୫୦ ଟଙ୍କା ପ୍ରୋତ୍ସାହନ ରାଶି ମିଳିବ । (ସୌଜନ୍ୟ - ଧରିତ୍ରୀ.କମ୍)

ଓଡିଶାରେ ଛାଡପତ୍ରର ସଂଖ୍ୟାକୁ ରୋକିବା ଉଦ୍ଦେଶ୍ୟରେ ଦମ୍ପତିଙ୍କ ପାଇଁ ବୈବାହିକ ପରାମର୍ଶ ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମଙ୍ଗଳବାର ଏହି ସୂଚନା ଦେଇଛନ୍ତି ।

ଏହି ସମସ୍ୟାର ସମାଧାନ ପାଇଁ ସରକାର ଶୀଘ୍ର ମାନସିକ ସ୍ୱାସ୍ଥ୍ୟ ପରାମର୍ଶ କେନ୍ଦ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତିଷ୍ଠା କରିବେ । ଏହି କେନ୍ଦ୍ରଗୁଡିକର ନାମ 'ମା ର ଛାତ' କିମ୍ବା ମାତୃ କୋର୍ଟ ହେବ ଏବଂ ଛାଡପତ୍ରକୁ ରୋକିବା ଦିଗରେ କାର୍ଯ୍ୟ କରିବା ସହିତ ମାନସିକ ସୁସ୍ଥତା ଉପରେ ଧ୍ୟାନ ଦେବେ ବୋଲି ପ୍ରଭାତୀ କହିଛନ୍ତି ।

ପରାମର୍ଶ କେନ୍ଦ୍ର ଦମ୍ପତିମାନଙ୍କୁ ବିବାହକୁ ଭଲ ଭାବରେ ବୁଝାଇବାରେ ସାହାଯ୍ୟ କରିବ ଏବଂ ସେମାନଙ୍କୁ ଦାମ୍ପତ୍ୟ ଜୀବନ ପାଇଁ ପ୍ରସ୍ତୁତ କରିବ । ସୁସ୍ଥ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏବଂ ବୈବାହିକ ପୃଥକତାର ଭାବପ୍ରବଣ ତଥା ସାମାଜିକ ପ୍ରଭାବକୁ ହ୍ରାସ କରିବା ଏହି ପଦକ୍ଷେପ ନିଆଯିବ । (ସୌଜନ୍ୟ - ଧରିତ୍ରୀ.କମ୍)

ବିଦ୍ୟାଳୟରେ ପିଲା ମାନଙ୍କ ଉପସ୍ଥାନ ବୃଦ୍ଧି କରିବା ପାଇଁ ଓଡିଶା ସରକାର ବଡ ନିଷ୍ପତ୍ତି ନେଇଛନ୍ତି । ଏଣିକି ବିଦ୍ୟାଳୟରେ ନବମ ଏବଂ ଦଶମ ପିଲାମାନଙ୍କୁ ମଧ୍ୟ ମଧ୍ୟାହ୍ନ ଭୋଜନ ମିଳିବ । ପୂର୍ବରୁ ଅଷ୍ଟମ ଶ୍ରେଣୀ ଯାଏ ମଧ୍ୟାହ୍ନ ଭୋଜନ ମିଳୁଥିବା ବେଳେ ଏଥିରେ ଏବେ ଏହି ଦୁଇ ଶ୍ରେଣୀ ସୁବିଧା ପାଇବେ । କଟକରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି ।

ଏହି ଅବସରରେ ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍କୁଲ ଛାଡିବା ବନ୍ଦ କରିବାକୁ ସରକାର ଯଥାସାଧ୍ୟ ଚେଷ୍ଟା କରିବେ । ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ ମଜବୁତ କରିବାକୁ ସେ ତାଙ୍କ ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରତୀକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ୪-୫ କୋଟି ଟଙ୍କା ଖର୍ଚ୍ଚ କରିବେ । (ସୌଜନ୍ୟ - ଧରିତ୍ରୀ.କମ୍)

ଯଦି ଆପଣ ପ୍ରାୟତଃ ଜାତୀୟ ରାଜପଥରେ ଯାତ୍ରା କରୁଛନ୍ତି, ତେବେ ଆପଣଙ୍କ ପାଇଁ ଏକ ଭଲ ଖବର । ସରକାର ଖୁବଶୀଘ୍ର ମଧ୍ୟବିତ୍ତ ପରିବାର ଏବଂ ଗାଡ଼ି ମାଲିକମାନଙ୍କୁ ଆଉ ଏକ ଉପହାର ଦେଇପାରନ୍ତି । ସରକାର ଏକ ବାର୍ଷିକ ଟୋଲ ପାସ ପ୍ରଚଳନ କରିବାକୁ ଯାଉଛନ୍ତି । ଏହି ପାସ ପାଇଁ ଆପଣଙ୍କୁ କେବଳ ୩ ହଜାର ଟଙ୍କା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେବାକୁ ପଡିବ । ତା'ପରେ ଆପଣ ବର୍ଷସାରା କୌଣସି ବିନା ବାଧାରେ ଜାତୀୟ ରାଜପଥରେ ଯାତ୍ରା କରିପାରିବେ । କେବଳ ଏତିକି ନୁହେଁ, ଆପଣଙ୍କ ପାଖରେ ଲାଇଫଟାଇମ ପାସର ବିକଳ୍ପ ମଧ୍ୟ ରହିବ । ଏଥିପାଇଁ ଆପଣଙ୍କୁ ଏକାଥରକେ ୩୦ ହଜାର ଟଙ୍କା ଦେବାକୁ ପଡିବ ଏବଂ ଆପଣ ୧୫ ବର୍ଷ ପର୍ଯ୍ୟନ୍ତ ଟୋଲ ନଦେଇ ଜାତୀୟ ରାଜପଥରେ ଗାଡ଼ି ଚଲାଇପାରିବେ ।

କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ଅନୁଯାୟୀ, ଯାତ୍ରୀ ମାତ୍ର ୩,୦୦୦ ଟଙ୍କାରେ ବର୍ଷିକିଆ ଟୋଲ ପାସ ଜରିଆରେ ଯିବା ଆସିବା କରିବାର ସୁବିଧା ମିଳିବ । ସେହିପରି ୧୫ ବର୍ଷ ପାଇଁ ଲାଇଫଟାଇମ ଟୋଲ ପାସ ୩୦,୦୦୦ ଟଙ୍କାରେ ଉପଲବ୍ଧ ହେବ । ଏହି ଯୋଜନା ଲାଗୁ ହେବା ପରେ ଜାତୀୟ ରାଜପଥରେ ଯାତ୍ରା କରୁଥିବା ଲକ୍ଷ ଲକ୍ଷ ଯାତ୍ରୀଙ୍କୁ ସିଧାସଳଖ ଲାଭ ମିଳିବ । ଆଉ ଟୋଲ ପ୍ଲାଜାରେ ଥିବା ଭିଡ ମଧ୍ୟ କମ ହେବ । ରିପୋର୍ଟ ମୁତାବକ, ଏହି ପ୍ରସ୍ତାବ ସଡକ ପରିବହନ ମନ୍ତ୍ରଣାଳୟ ନିକଟରେ ଶେଷ ପର୍ଯ୍ୟାୟରେ ରହିଛି । ଏହାକୁ ନେଇ ମନ୍ତ୍ରଣାଳୟ କାର୍ ପାଇଁ ପ୍ରତି କିମି ଟୋଲ ଦରରେ ହ୍ରାସ କରିବା ପାଇଁ ବିଚାର କରୁଛି । ଏହାଦ୍ୱାରା ହାଇୱେରେ ଯାତାୟତ କରୁଥିବା ଲୋକଙ୍କୁ ଆଶ୍ୱସ୍ତି ମିଳିବ । ଏହି ନୂଆ ପାସ ପାଇଁ କୌଣସି ପ୍ରକାରର ନୂଆ କାର୍ଡ କିଣିବାର ଆବଶ୍ୟକତା ନାହିଁ । ଏହା ଫାସଟାଗ ସହିତ ଲିଙ୍କ କରାଯିବ । (ସୌଜନ୍ୟ - ଧରିତ୍ରୀ.କମ୍)

ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭରେ ଭକ୍ତଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ସହର ଭିତରକୁ ଭାରୀ ଯାନବାହାନ ପ୍ରବେଶକୁ ନିଷେଧ କରିଛି, କିନ୍ତୁ ଏହା ଫଳରେ ସଙ୍ଗମ ସହରରେ ଖାଦ୍ୟପାନୀୟ ସମେତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅଭାବ ଦେଖାଦେଇଛି । କୁହାଯାଉଛି ଯେ ସହରର ଅଧିକାଂଶ ହୋଲସେଲ ବ୍ୟବସାୟୀଙ୍କ ପାଖରେ ମଇଦା, ସୁଜି ଇତ୍ୟାଦି ଅତ୍ୟାବଶ୍ୟକୀୟ ସାମଗ୍ରୀର ଷ୍ଟକ ମଧ୍ୟ ସରିଯାଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହର ଭିତରକୁ ଭାରୀ ଯାନବାହାନ ପ୍ରବେଶ ନିଷେଧ ଯୋଗୁଁ, ଏସବୁ ସାମଗ୍ରୀ ଯୋଗାଣ ହେଉନାହିଁ । କେବଳ ଏତିକି ନୁହେଁ, ଡିଜେଲ ଏବଂ ପେଟ୍ରୋଲ ଟ୍ୟାଙ୍କରଗୁଡ଼ିକ ମଧ୍ୟ ସହର ଭିତରକୁ ପ୍ରବେଶ କରି ପାରୁନାହାନ୍ତି । ଏହି କାରଣରୁ ଜିଲାର ୫୦ରୁ ଅଧିକ ପେଟ୍ରୋଲ ପମ୍ପରେ ଇନ୍ଧନ ସରିଗଲାଣି । କ୍ଷୀର ପ୍ୟାକେଟ ବୋଝେଇ ଗାଡ଼ିଟି ଦିନକୁ କେବଳ ଥରେ ଆସୁଛି, ଯାହା ଫଳରେ ଅନେକ ଅଞ୍ଚଳରେ କ୍ଷୀରର ଅଭାବ ଦେଖାଦେଇଛି ।

ସୋମବାର ସଙ୍ଗମରେ ପ୍ରାୟ ସାତ ଘଣ୍ଟା ପାଇଁ ଡଙ୍ଗା ଚଳାଚଳ ମଧ୍ୟ ବନ୍ଦ ରହିଥିଲା । ଯାହାଦ୍ୱାରା ଭକ୍ତମାନଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲା । ଭକ୍ତମାନେ ପ୍ରଥମେ ଯାନବାହାନରେ ଘସି ହୋଇ ଏବଂ ତା'ପରେ ଚାଲି ଚାଲି ଘାଟରେ ପହଞ୍ଚିଥିଲେ, କିନ୍ତୁ ଡଙ୍ଗାଗୁଡ଼ିକ ସେଠାରେ ଅଟକି ରହିଥିଲା । କିନ୍ତୁ ନାବିକମାନେ କହିଲେ ଯେ କୌଣସି ଡଙ୍ଗା ନାହିଁ । ପ୍ରାୟ ସାତ ଘଣ୍ଟା ଧରି ଡଙ୍ଗା ଉପଲବ୍ଧ ନ ଥିବାରୁ, ଭକ୍ତମାନେ ସେହି ଘାଟରେ ସ୍ନାନ କରିଥିଲେ । ଯେତେବେଳେ ଡଙ୍ଗା ବୁକ କରିଥିବା ଶ୍ରଦ୍ଧାଳୁମାନଙ୍କୁ ଆଉ ଗୋଟିଏ ଦିନ ଅପେକ୍ଷା କରିବାକୁ ପଡିଲା ।

ସୋମବାର ସଙ୍ଗମ ସହରର କିଲାଘାଟ, ବୋଟ କ୍ଲବ, ବାଲୁଆଘାଟ, ଆରାଇଲ ସମେତ ଅନ୍ୟାନ୍ୟ ଘାଟରେ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା । ପ୍ରକୃତରେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଗମନ ଯୋଗୁଁ, ସକାଳ ୫ଟା ପରେ ଡଙ୍ଗା ଚଳାଚଳ ବନ୍ଦ କରି ଦିଆ ଯାଇଥିଲା । ଯାହା ଯୋଗୁଁ ଲକ୍ଷ ଲକ୍ଷ ଭକ୍ତ ସଙ୍ଗମରେ ପହଞ୍ଚିପାରିଲେ ନାହିଁ । ସନ୍ଧ୍ୟା ୫ଟା ପରେ ଡଙ୍ଗାଗୁଡ଼ିକ ଚଳାଚଳ ଆରମ୍ଭ କରିବାର ଆଶା କରାଯାଉଥିଲା, କିନ୍ତୁ ଅନ୍ଧାର ହେବାକୁ ଲାଗିବାରୁ, କିଛି ସମୟ ପାଇଁ କେବଳ ମୋଟର ଡଙ୍ଗା ଚଳାଚଳ କରିଥିଲା । ଏହି ସମୟ ମଧ୍ୟରେ, ପ୍ୟାଡେଲ ଡଙ୍ଗାଗୁଡ଼ିକର ପରିଚାଳନା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ବିଳମ୍ବିତ ସାରେ ଗଙ୍ଗା ନଦୀର ଦ୍ରୁତ ପ୍ରବାହ ଯୋଗୁଁ, ମଙ୍ଗଳବାର ମଧ୍ୟ ଡଙ୍ଗା

Listen to Odia Podcast Original at https://youtube.com/@drjyotiprasad

ଚଳାଚଳ ଆଶା କରାଯାଇନାହିଁ । (ସୌଜନ୍ୟ - ଧରିତ୍ରୀ.କମ୍)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ପ୍ରୟାଗରାଜ ଗସ୍ତରେ ଆସିଛନ୍ତି । ଏହି ସମୟରେ ସେ ସଙ୍ଗମରେ ବିଶ୍ୱାସର ବୁଡ଼ ପକାଇଛନ୍ତି । ସ୍ନାନ ପରେ, ସେ ପୂଜା ମଧ୍ୟ କରିଥିଲେ । ତାଙ୍କ ସହିତ ଉତ୍ତର ପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ କ୍ୟାବିନେଟ ମନ୍ତ୍ରୀ ନନ୍ଦ ଗୋପାଳ ନନ୍ଦୀ ଉପସ୍ଥିତ ଥିଲେ ।

ଏହା ପୂର୍ବରୁ ରାଷ୍ଟ୍ରପତି ଆରାଇଲରେ ପହଞ୍ଚିଲେ, ତା'ପରେ ଏକ ଡଙ୍ଗାରେ ଚଢ଼ି ମୁଖ୍ୟମନ୍ତ୍ରୀ ଯୋଗୀ ଏବଂ ରାଜ୍ୟପାଳଙ୍କ ସହିତ ସଙ୍ଗମରେ ପହଞ୍ଚି ସ୍ନାନ କଲେ । ଏହି ସମୟରେ ସେ ପକ୍ଷୀମାନଙ୍କୁ ଶସ୍ୟ ମଧ୍ୟ ଖୁଆଇଥିଲେ ।

ଦେଶର ପ୍ରଥମ ନାଗରିକଙ୍କ ପାଇଁ ସଙ୍ଗମରେ ପବିତ୍ର ବୁଡ଼ ପକାଇବା ଏକ ଐତିହାସିକ ମୁହୂର୍ତ୍ତ । ସୂଚନାଯୋଗ୍ୟ, ଏହା ପୂର୍ବରୁ ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ମଧ୍ୟ ମହାକୁମ୍ଭରେ ପବିତ୍ର ସ୍ନାନ କରିଥିଲେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପ୍ରୟାଗରାଜରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ମା ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ସଙ୍ଗମରେ ପବିତ୍ର ବୁଡ଼ ପକାଇ ରାଷ୍ଟ୍ରପତି ସନାତନ ବିଶ୍ୱାସକୁ ଏକ ଦୃଢ଼ ମୂଳଦୁଆ ଦେଇଛନ୍ତି ।

ଧାର୍ମିକ ବିଶ୍ୱାସକୁ ଆହୁରି ମଜବୁତ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅକ୍ଷୟବଟ ପରିଦର୍ଶନ ଏବଂ ପୂଜା କରିବେ । ସନାତନ ସଂସ୍କୃତିରେ, ଅକ୍ଷୟବଟକୁ ଅମରତାର ପ୍ରତୀକ ଭାବରେ ବିବେଚନା କରାଯାଏ । ଏହା ହିନ୍ଦୁ ଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ଯାହାର ଗୁରୁତ୍ୱ ପୁରାଣରେ ମଧ୍ୟ ବର୍ଣ୍ଣିତ । ଏହା ବ୍ୟତୀତ ସେ ବଡ଼ ହନୁମାନ ମନ୍ଦିର ମଧ୍ୟ ପରିଦର୍ଶନ କରିବେ । ରାଷ୍ଟ୍ରପତି ଡିଜିଟାଲ ମହାକୁମ୍ଭ ଅଭିଜ୍ଞତା କେନ୍ଦ୍ର ପରିଦର୍ଶନ କରିବେ, ଯେଉଁଠାରେ ମହାକୁମ୍ଭ ମେଳା ବିଷୟରେ ବିସ୍ତୃତ ସୂଚନା ବୈଷୟିକ ମାଧ୍ୟମରେ ପ୍ରଦାନ କରାଯାଉଛି । (ସୌଜନ୍ୟ - ଧରିତ୍ରୀ.କମ୍)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୟୋଜ୍ୟେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର । ସେ ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଅଛନ୍ତି । ଏବେ ରାଜଧାନୀର ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ତାଙ୍କ ଚିକିତ୍ସା ହେଉଥିବା ସମୟରେ ତାଙ୍କୁ ଅଧିକ ଚିକିତ୍ସା ଲାଗି ତାଙ୍କୁ ଏୟାରଲିଫ୍ଟ କରାଯାଇଛି ।

ସୂଚନାଯୋଗ୍ୟ ଯେ ୩ ଦିନ ଧରି ଉତ୍ତମ ମହାନ୍ତି କିମ୍ସରେ ଆଡମିଶନ ହୋଇ ଚିକିତ୍ସା ପାଇବା ପରେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ ତାଙ୍କୁ ଅଧିକ ଜଟିଳ ଚିକିତ୍ସା ପଦ୍ଧତିରେ ରଖାଯାଇଥିଲା । ସେ ଭେଣ୍ଟିଲେଟର ସପୋର୍ଟରେ ଥିଲେ । ଅଧିକ ଚିକିତ୍ସା ଲାଗି ପରିବାରଲୋକେ ତାଙ୍କୁ ଅନ୍ୟ ହସ୍ପିଟାଲକୁ ନେବାକୁ ଚାହୁଁଥିଲେ ଏବଂ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ହେବା ପରେ ତାଙ୍କୁ ହେଲିକପ୍ଟର ମାଧ୍ୟମରେ ଗୁରୁଗାଓଁର ମେଦାନ୍ତ ହସ୍ପିଟାଲକୁ ତାଙ୍କୁ ନିଆଯାଇଛି । ସେ ଏବେ ଚିକିତ୍ସା ପାଉଛନ୍ତି ।

ଉତ୍ତମ ହେଉଛନ୍ତି ଓଡ଼ିଆ ସିନେଜଗତର ଜଣେ ଚର୍ଚ୍ଚିତ ନାମ । ତାଙ୍କ ପତ୍ନୀ ଅପରାଜିତା ଏବଂ ପୁଅ ବାବୁସାନ ମହାନ୍ତି ମଧ୍ୟ ଜଣେ ଜଣେ ଅଭିନେତା ଭାବେ ଖ୍ୟାତି ଅର୍ଜନ କରିଛନ୍ତି।

ଏଥି ସହିତ ଆମେ ଉପସ୍ଥାପନ କରୁଛୁ ଚଳିତ ମାସର ଆହ୍ୱାନ ଇ-ପତ୍ରିକାର ସଂସ୍କରଣ । ଆଶା କରୁଛି ସବୁଥର ଭଳି ଏହିଥରର ସଂସ୍କରଣ ମଧ୍ୟ ଆପଣମାନଙ୍କୁ ଭଲ ଲାଗିବ । ଆମ ସହ ଯୋଡ଼ି ହୋଇ ରହନ୍ତୁ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗାଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ କଳାଛାଇ - ୨୪

ଅଶୋକ ବିଶ୍ୱାଳ



ରୌପ୍ୟ ବନ୍ଦୀଶାଳାର ଜେଲର-୪

ଅବିନାଶ କଇଦୀମାନଙ୍କୁ ଅନାଇଲା । ସେମାନେ ପ୍ରାୟ ମୂକ ଆଉ ସ୍ଥାଣୁ ହୋଇ ଯାଇଥିଲେ । ଅଣ୍ଡାମାନରେ ଆଜୀବନ କାରାବାସ ପାଇଥିବା ଅପରାଧୀମାନଙ୍କୁ ବହୁ ଯାତନା ମିଳୁଥିଲା । ଜେଲରେ ସେମାନେ ଏକ ୱାର୍ଡରୁ ଅନ୍ୟ ୱାର୍ଡକୁ ସ୍ଥାନାନ୍ତରିତ ହେଉଥିଲେ । ବାହାରୁ ଆସୁଥିବା କଇଦୀମାନଙ୍କୁ ପ୍ରଥମେ ଛଅମାସ ପାଇଁ ଏକୁଟିଆ ସେଲରେ ରଖାଯାଉଥିଲା ସେମାନେ ଏ ଭିତରେ ଆଉ କାହାକୁ ଭେଟୁନଥିଲେ ଏବଂ କଠିନ ଶୃଙ୍ଖଳା ଭିତରେ ରହୁଥିଲେ ।

ଏକ ଶବ୍ଦ- ସିଂହକୁ ବଶ କରିବା । ହଁ ସିଂହକୁ ଶୃଙ୍ଖଳା ଶିଖାଇବା । ଏଇଥିପାଇଁ ତ ତିଆରି ହୋଇଛି ସେଲକୁଲାର ଜେଲ । ଆଉ ଯଦି କେଉଁ କଇଦୀ ବଶ ହେଉନଥିଲା ତା'କୁ ଲମ୍ବା ସମୟ ପାଇଁ ସେଲୁଲାର ଜେଲରେ ରହିବାକୁ ପଡୁଥିଲା । ସେଇମିତି ଏକ ଉଦାହରଣ ଥିଲା ବିନାୟକ ଦାମୋଦର ସଭରକରଙ୍କର । ସେ ପ୍ରାୟ ଏକ ଦଶକ ପାଇଁ ସେଲୁଲାର ଜେଲ ଭିତରେ କଇଦୀ ହୋଇ ରହିଥିଲେ । ତାଙ୍କୁ ତ ପଚାଶ ବର୍ଷ କାରାବାସ ହୋଇଥିଲା ।

ଏକ ଦଶନ୍ଧି ? ବହୁତ ଲମ୍ବା ସମୟ । ସେ ମାନସିକ ସ୍ତରରେ କେତେ ଦୃଢ ଥିବେ ? ଆଉ ଇଂରେଜମାନେ ତାଙ୍କୁ କ'ଣପାଇଁ ଦମନ କରିପାରିଲେ ନାହିଁ ? ବଶ କ'ଣ କରିବା କେବେଳ ଶୃଙ୍ଖଳା ଦ୍ୱାରା ସମ୍ଭବ ? ନା, ତା' ସମ୍ଭବ ନୁହେଁ ।- ଅବିନାଶ ଭାବିଲା ।

ନିଜ ମାନସିକ ଦୃଢତା । ମନ ଆଉ ଶରୀର ମଧ୍ୟରେ ଥିବା ଶୃଙ୍ଖଳକୁ କେମିତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଙ୍ଗିହେବ ?- ସେ ନିଜ ଭିତରେ କିଛି ପ୍ରଶ୍ନ ସୃଷ୍ଟି କରୁଥିଲା ।

ସାଧାରଣତଃ ଦୁଇବର୍ଷପାଇଁ କଇଦୀମାନେ ସେଲୁଲାର ଜେଲରେ ରହୁଥିଲେ । ତା'ପରେ ତାଙ୍କୁ ଅନ୍ୟ ଜେଲକୁ ପଠାଯାଉଥିଲା । ସେଠାରେ ସେମାନେ ଦିନରେ ଶ୍ରମିକ ହିସାବରେ କାମ କରୁଥିଲେ ଆଉ ରାତିରେ ବ୍ୟାରାକରେ ରହୁଥିଲେ । ତା'ପରେ ଆଉ ପାଞ୍ଚବର୍ଷପାଇଁ ସେମାନେ ସାଧାରଣ ଶ୍ରମିକ ଭଳି କାମ କରୁଥିଲେ । ଜେଲ ହିସାବରେ କଇଦୀମାନଙ୍କର ନାମ ଥିଲା ଯଥା ସେଲୁଲାର ଜେଲ କଇଦୀ, ଭାଇପର ଜେଲ ଡିସିପ୍ଲିନାରୀ, ଚାଥାମ ଦ୍ୱୀପ ଡିସିପ୍ଲିନାରୀ, ଚେନ ଗ୍ୟାଙ୍ଗ, ହାବିଚୁଆଲ କ୍ରିମିନାଲ ଗ୍ୟାଙ୍ଗ, ଅନନାଚୁରାଲ କ୍ରାଇମ ଗ୍ୟାଙ୍ଗ ଇତ୍ୟାଦି ।

ପେନାଲ ସେଟଲମେଣ୍ଟ ଆଉ ସେଲୁଲାର ଜେଲ ସମୟକୁ ନେଇ ହିସାବ କରାଗଲେ ଦେଖାଯାଏ ଯେ ଏମିତି ଦଶବର୍ଷ କଟିଲାପରେ ଯେଉଁ କଇଦୀଙ୍କର ବ୍ୟବହାରରେ ଉନ୍ନତି ଘଟିଲା ତାଙ୍କୁ ଆଣ୍ଡାମାନର ଗ୍ରାମମାନଙ୍କରେ ବଞ୍ଚିବା ପାଇଁ ଛାଡି ଦିଆଯାଉଥିଲା । ସେମାନେ ସେତେବେଳେ ବିବାହ କରିପାରୁଥିଲେ । କିନ୍ତୁ ସେମାନଙ୍କ ପାଖରେ କିଛି ଅଧିକାର ରହୁନଥିଲା । ୨୦-୨୫ ବର୍ଷପରେ ଆଜୀବନ ସଜା ପାଇଥିବା କଇଦୀମାନଙ୍କୁ ମୁଖ୍ୟଭୂମି ଫେରିଯିବାପାଇଁ ଅନୁମତି ମିଳୁଥିଲା । କିନ୍ତୁ ପ୍ରାୟ କେହି ଫେରୁନଥିଲେ । ସେତେବେଳକୁ ସେମାନେ ଆଣ୍ଡାମାନରେ କେମିତି ନିଜ ତରଫରୁ ରହିଯାଉଥିଲେ ।

ମାଟିର ମାୟା ଆସିଯାଉଥିଲା ।- ଅବିନାଶ ମନକୁ ମନ କହିହେଲା ।

ଆଉ ଏ ୱାର୍ଡରମାନେ ଦଣ୍ଡ ପାଇଥିବା ଲୋକଟାକୁ ମାଟିର ମାୟା ପ୍ରତି ଆକର୍ଷଣ କରୁଥିଲେ । ଥରେ କଇଦୀକୁ ମାଟି ପ୍ରତି ମୋହ ଆସିଗଲେ ମହିଳା ଅପରାଧୀଙ୍କୁ ବିବାହ କରିବାର ଅନୁମତି ଥିଲା । କିନ୍ତୁ ସେମାନଙ୍କ ସଂଖ୍ୟା ଖୁବ କମ । ତା'ଛଡା ମୁଖ୍ୟ ଭୂମିରୁ ପରିବାର ଆଣି ଆଣ୍ଡାମାନରେ ବସବାସ କରିବାର ଅନୁମତି ମଧ୍ୟ ଥିଲା । ଆଣ୍ଡାମାନକୁ ଅବଶ୍ୟ କେହି ରାଜନୈତିକ ମହିଳା ବନ୍ଦୀ ଆସିନଥିଲେ । ସମସ୍ୟା ଆସୁଥିଲା ନାରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଉ ପୁରୁଷ ସଂଖ୍ୟାର ପ୍ରଭେଦରେ । ଆଗରୁ ୧୮୯୭ ମସିହାରେ ବାହାରେ ରହୁଥିବା ସେଲଫ ସପୋର୍ଟରଙ୍କ ମଧ୍ୟରେ ୩୬୩ ଜଣ ମହିଳା ଥିଲାବେଳେ ୨୪୪୭ ଜଣ ପୁରୁଷ ଥିଲେ । ତେଣୁ ବିବାହ ପାଇଁ ଉପଯୁକ୍ତ ସଂଖ୍ୟାରେ ମହିଳା ନଥିଲେ । ଏଣୁ ପୁରୁଷମାନଙ୍କୁ କୁହାଗଲା ସେମାନଙ୍କ ସ୍ତ୍ରୀମାନଙ୍କୁ ଦ୍ୱୀପକୁ ନେଇଆସନ୍ତୁ । ବିବାହରେ ଜାତି, ଧର୍ମ ଦେଖିବାର କିଛି ଅର୍ଥ ନଥିଲା ।

ସେଲୁଲାର ଜେଲ ହେଉଛି ସମୁଦ୍ରର ଅକ୍ଟୋପସ । ତା' ବାହୁର ଶୀତଳ ଆଲିଙ୍ଗନରୁ ତୁମେ ମୁକ୍ତି ପାଇବନି । ଧିରେ ବାହୁ ତୁମ ଶରୀରକୁ ଘେରିଯିବ । ଅସଂଖ୍ୟ ରନ୍ଧ୍ର, ତୁମ ଶରୀରର ରକ୍ତ ଝରିଆସିବ ଆଉ ଶେଷରେ ଦେଖିବ ଅକ୍ଟୋପସର ଆଖି, ଜଳୁଥିବା ଆଖି, ଆଉ ମୁନିଆ ଦାନ୍ତ ।- ଡେଭିଡ ବେରୀ ନିଜକୁ ନିଜେ କହିହେଲା । ତା' ଆଖି ଏକଦମ ମଶାଣିର ଜୁଇ ଭଳି ଜଳୁଥିଲା । ତା'ର ଗର୍ଜ୍ଜନ ପ୍ରତିଟି ସେଲର କାନ୍ଥରେ ପ୍ରତିଧ୍ୱନିତ ହେଉଥିଲା । ପ୍ରତିଟି ସେଲ ହଠାତ୍ କାଳ କୋଠରୀରରେ ପରିଣତ ହୋଇଗଲା, ଧିରେ ଅନ୍ଧାରୁଆ ହୋଇଯାଉଥିଲା ଆଉ ପ୍ରତିଟି କୋଠରୀରୁ ଏକ ଯୋଡା ଆଖି ଫୁଟି ଉଠିଲା, ଅତି ଉଜ୍ଜ୍ୱଳ ଆଖିମାନ । ସେ ଆଖିରେ ନଥିଲା ନରକର ବହ୍ନି । କିନ୍ତୁ ଆଖିମାନ ଅଧିକରୁ ଅଧିକ ଉଜ୍ଜ୍ୱଳ ହୋଇଉଠୁଥିଲା ।

ଆଉ ଡେଭିଡ ବେରୀ । ସେ ଆକାଶକୁ ଅନାଇଥିଲା । ଆକାଶରେ ଅନେକ ଅନେକ ଉଜ୍ଜ୍ୱଳ ତାରା । ତା'କୁ ଲାଗୁଥିଲା ସେହି ତାରାମାନ ତଳକୁ ଧିରେ ଓହ୍ଲାଇ ଆସୁଛନ୍ତି, ଏକଦମ ତଳକୁ । କିଛି ତାରା ଆସି ତା' ଜେଲର ଉପରେ ଏକତ୍ରିତ ହୋଇଗଲେ । ତାରାମାନଙ୍କରୁ ଉଜ୍ଜ୍ୱଳ ଦ୍ୟୁତି ଆସୁଥିଲା । ସେ ନିଜ ଆଖିକୁ ଘୋଡାଇ ପକାଇଲା ।

କିଛି ସମୟପରେ ଡେଭିଡ ବେରୀ ନିଜକୁ ପ୍ରକୃତିସ୍ଥ କଲା ଆଉ ନିଜ ଆଖିକୁ ଜୋରରେ ମଳିଦେଲା । ତା' ଆଖି ଆଗରେ ଶହ ଶହ ଜୁଳୁଜୁଳିଆ ପୋକ ଯେମିତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଡିଯାଉଥିଲେ । ସେ କଇଦୀଟାକୁ ଅନାଇଲା । ତା' ତେଜ ଦେଖି ସେ ଆଶ୍ଚର୍ଯ୍ୟ ହେଉଥିଲା । ମୁଣ୍ଡ ଏ ପର୍ଯ୍ୟନ୍ତ ସିଧା ଅଛି । ତଳୁଆ କରିଦେବାକୁ ପଡ଼ିବ । ସେ ମିର୍ଜ୍ଜା ଖାନକୁ ଅନାଇଲା, ତା'ର ସବୁଠାରୁ ବିଶ୍ୱସ୍ତ ସହଚର । ମିର୍ଜ୍ଜାଖାନ ଇଙ୍ଗିତ ବୁଝିପାରିଲା । ଭଲକରି ଜାଣ, କିଛି ଭୁଲକୁ ମୁଁ କ୍ଷମା କରେନାହିଁ ।- ଜୋରରେ ଡେଭିଡ ବେରୀର ଚିତ୍କାର ଶୁଣାଗଲା ।

ଏକ ଛୁଞ୍ଚୀ ଫୁଟି ଯାଉଛି ଯେମିତି । ଯନ୍ତ୍ରଣା ଶିରି ଶିରି ହୋଇ ବୋହିତ ଯାଉଛି । କିନ୍ତୁ କେଉଁଠି ତାହା ଶେଷରେ ମିଳେଇ ତ ଯିବ ?- ଲୋକଟା କହିଲା ।

କେବଳ ମହାସମୁଦ୍ରରେ । ଦଶନ୍ଧିର ଯନ୍ତ୍ରଣାକୁ ନିଅ, ଦଶନ୍ଧିର କଷ୍ଟକୁ ତୁମେ ଧରିଥାଅ । ପାଗଳ ହୋଇଯାଅ ତୁମେ ।- ଡେଭିଡ ବେରୀ ହସି ଉଠିଲା । ହୋ ହୋ ହସ । ଆଉ ଦୁଇ ଜଣଙ୍କ ମଧ୍ୟରେ ନିଜ ନିଜ ଦର୍ଶନର କଥାମାନ ଅବିନାଶ ଶୁଣିପାରୁଥିଲା । ଏକ ନାଟକୀୟ କଳ୍ପନା ତା' ମନ ତିଆରି କରୁଥିଲା ।

ଯନ୍ତ୍ରଣାର ଏକ ମୁଖା ମୋ ଉପରେ । ସେହି ବର୍ମ ମୋତେ ଘୋଡାଇ ରଖିବ, ଆଜି ତାହା ମୋର ଏକମାତ୍ର ପୋଷାକ । ସେ ପୋଷାକ ତଳେ ମୋ ଶରୀର ଅକ୍ଷତ ଥିବ, ଅଛୁଆଁ । ଜାଣିଛ, ଯନ୍ତ୍ରଣାର ପୋଷାକ ଆଉ ମୋ ଶରୀର ଦୁହେଁ ଭିନ୍ନ । କେମିତି ଛୁଇଁବ ମୋ ଶରୀରକୁ ଯାହାକୁ ତୁମେ କେବେ ଦେଖିପାରିବନି ।- ଲୋକଟା କହିଲା ।

ମୂର୍ଖ ଭଳି ବ୍ୟବହାର କରନା ।- ଜଣେ ଗାର୍ଡର ଆସି ଲୋକଟାର କାନରେ ଫୁସଫୁସ କରି କହୁଥିଲା ।

ଅନ୍ଧାରରେ ତୁମ ପୋଷାକକୁ ଖୋଲିଦିଆଯିବ । କାଳ କୋଠରୀରର ଅନ୍ଧାର ।

ମୋ ପାଇଁ କେଉଁଠି ଅନ୍ଧାର ନଥାଏ । ସବୁବେଳେ ମୋ ଆଗରେ ଆଲୋକ । ଏକ ଶୁନ୍ୟ ରାସ୍ତାରେ ମୁଁ ଯେବେ ଯାଏ ଲୋକେ କେଉଁଠୁ କେଉଁଠୁ ବାହାରି ଆସନ୍ତି । ସମସ୍ତଙ୍କ ମୁହଁରେ ମୋ ପାଇଁ ଆଶାର ହସ । ମୋତେ ସ୍ୱାଗତ କରିବାକୁ ଠିଆ ହୋଇଥାନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନେ ମୋତେ ସୁକୋମଳ ପୁଷ୍ପରେ ସ୍ୱାଗତ କରନ୍ତି । ତେଣି ଯନ୍ତ୍ରଣା କେଉଁଠି ଜେଲର ?

ଡେଭିଡ ବେରୀ ଆଉ କିଛି କହିଲାନି, ମିର୍ଜ୍ଜା ଖାନକୁ ହାତ ଠାରି ନିର୍ଦ୍ଦେଶ ଦେଇଦେଲା । ବେତ୍ରାଘାତ ଦଣ୍ଡ ଆରମ୍ଭ ହେବ । ବେତମାଡ ପାଇଁ ଭଲ ଉପାୟ କରାଯାଇଥିଲା । ଆଙ୍ଗୁଠି ମୋଟ ବେତକୁ ପାଣିରେ ବୁଡାଇ ରଖାଯାଏ । କଇଦୀ ଦେହରୁ ପୋଷାକ ଖୋଲିଦିଆଯାଏ ଏବଂ ଏକ ତ୍ରିଭୂଜ ଆକାରର ଯନ୍ତ୍ରରେ ବାନ୍ଧିଦିଆଯାଏ । ତା' ହାତ ଗୋଡକୁ ଭଲ ଭାବରେ ବାନ୍ଧି ଦିଆଯାଇଥାଏ ଯେମିତି ସେ ହଲିନପାରେ । ତା' ପିଚାକୁ ଏକ ପତଳା ଓଦା କପଡାରେ ଢାଙ୍କି ଦିଆଯାଏ । ତା'ପରେ ତା'କୁ ଏକ ପୂର୍ଣ ବୃତ୍ତ କରି ଆସୁଥିବା ବେତରେ ଜୋରରେ ମାଡ ଦିଆଯାଏ । ବେତ ମାଡରେ ଚମ ପାଟିଯାଏ ଆଉ ରକ୍ତ ପିଚିକି ବାହାରେ । ପ୍ରତି ବେତ ମାଡ ଭିତରେ ମିନିଟିଏ ବ୍ୟବଧାନ ରୁହେ । ବେତ ବାଡାଉଥିବା ବ୍ୟକ୍ତିକୁ କିଛି ବିଶ୍ରାମ ମିଳେ । ଆଉ ଏମିତି ବେତମାଡ ଚାଲେ ।

ଏ ଲୋକଟିକୁ ସେମିତି କାଠର ତ୍ରିଭୂଜରେ ବାନ୍ଧି ଦିଆଗଲା । ବିରାଟ ଲୋକଟାଏ ପାଖରେ ଲହ ଲହ କରୁଥିବା ବେତକୁ ଜୋରେ ବୁଲାଇ କଇଦୀର ପିଚାରେ ଆଘାତ କଲା । ସପ୍ ଏକ ଶବ୍ଦ ଆଉ ଚମ ଫାଟିଗଲା । ଲୋକଟା ନିଜକୁ ସମ୍ଭାଳି ନେଲା । ତା' ମୁଣ୍ଡ ସେମିତି ସିଧା ଥିଲା । ଆଉ ଥରେ ସପ୍ । ଆଉ ଜାଗାରେ ଚମ ଫାଟିଗଲା । ଏମିତି ବେତ୍ରାଘାତ ଚାଲିଲା । ଲୋକଟାର ମୁଣ୍ଡ ଆଉ ଉଠୁନଥିଲା । ସେ ଲୋକଟା ଅଚେତ ହୋଇ ତଳେ ପଡିଗଲା ଆଉ ଓ୍ୟାର୍ଡରମାନେ ତା'କୁ ତା' ସେଲକୁ ବୋହିନେଇ ତଳେ ଫୋପାଡିଦେଲେ । ପଛରେ ସେଲର ଲୁହା ଗେଟଟା କେଁ ଶବ୍ଦ କରି ବନ୍ଦ ହୋଇଗଲା । ବାରଣ୍ଡାରେ ଯୋତାର ମଚମଚ ଶବ୍ଦ ଧିରେ ମିଳାଇ ଯାଉଥିଲା । ତା' ଗେଟର ଲୁହା ରଡଦେଇ କିଛି ଆଲୋକ ବୋହି ଆସୁଥିଲା । ସେ ଆଲୋକରେ ଭିତରେ କେଇ ପାଦ ଜମି ଆଉ କାନ୍ଥର ଏକ ଅଂଶ ଆଲୋକିତ ହୋଇଥିଲା । ପ୍ଲାଷ୍ଟର ନହୋଇଥିବା ଆବୁଡା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାବୁଡା କାନ୍ଥରୁ ତଥାପି କିଛି ଆଲୋକ ବିଚ୍ଛୁରିତ ହେଉଥିଲା । ଅନ୍ଧାରିଆ କୋଣ ଆଡକୁ ଲୋକଟା ମୁର୍ଦ୍ଦାର ଭଳି ଅଚେତ ପ୍ରାୟ ହୋଇ ତଳେ ପଡିରହିଥିଲା । ଏତେ କହୁଥିବା ମୁହଁରୁ କିଛି ଶବ୍ଦ ମଧ୍ୟ ଆସୁନଥିଲା ।

ଅନ୍ଧାର ହୋଇଆସିଲା ।

ସେଦିନ ସନ୍ଧ୍ୟା କେମିତି ଶାନ୍ତ ଥିଲା । ସେଲକୁ ଫେରିଯିବା ଆଗରୁ କଇଦୀମାନଙ୍କ ଆଖି ବେତମାଡ ପାଇଁ ଥିବା ତ୍ରିଭୂଜ ଉପରକୁ ଚାଲିଯାଉଥିଲା । ଜାଗାଟା ଏବେ ଖାଲି, କିନ୍ତୁ ପ୍ରତେକଙ୍କୁ ଲାଗୁଥିଲା ଯେମିତି କି ସେ ନିଜେ ସେହି ବେଦୀରେ ବନ୍ଧା ହୋଇ ରହିଛି ଆଉ ଟିକକରେ ବେତ ମାଡ ପର୍ବ ଆରମ୍ଭ ହେବ । ସମସ୍ତେ ନିଜ ନିଜ ଖାଇବା ଚୁପ୍‌ଚାପ ଖାଇନେଲେ । ସେମାନଙ୍କ ମଧ୍ୟରେ ପ୍ରାୟ କିଛି କଥା ନଥିଲା ଆଉ ଖାନା ପରଷୁଥିବା ଲୋକ ଏବଂ ରୋଷେଇଆ ମଧ୍ୟ ଚୁପ ଥିଲେ ଓ ଜମାଦାର ବା ୱାର୍ଡରମାନେ କାହାକୁ ଅଯଥାରେ ଗାଳି କରୁନଥିଲେ । ଏ ବେତମାଡ ପରେ ଆସିଥିବା ଆର୍ତ୍ତ ଚିତ୍କାର ସମସ୍ତଙ୍କ କାନକୁ ଆଚ୍ଛନ୍ନ କରି ରଖିଥିଲା । ବାହାର ସଂନ୍ଧ୍ୟାର ପକ୍ଷୀମାନେ ମଧ୍ୟ କଳରବ କରୁନଥିଲେ, ଯଦି କରୁଥିବେ ତାହା କାହା କାନରେ ପଶୁନଥିଲା । ସମସ୍ତଙ୍କ କାନରେ କେବଳ ଆର୍ତ୍ତ ଚିତ୍କାର ପ୍ରତିଧ୍ୱନିତ ହେଉଥିଲା । ସବୁ କାନ୍ଥରୁ ସେହି ଚିତ୍କାର ଭାସି ଆସୁଥିଲା ।

ସନ୍ଧ୍ୟା ଧିରେ ଗଭୀର ହୋଇଆସିଲା । ନିଜ ନିଜ ସେଲରେ କଇଦୀମାନେ ମନେ ମନେ ନିଜ ହିସାବରେ ବେତ୍ରାଘାତକୁ ଚିତ୍ରଣ କରିଚାଲୁଥିଲେ । କିଏ ମନେ ମନେ ଯନ୍ତ୍ରଣାର କବିତା ଲେଖୁଥିଲା ତ କିଏ ଦୃଢତା ଆଉ ନିଷ୍ଠାର ପରାକାଷ୍ଠା ଉପରେ ପ୍ରବନ୍ଧ ଲେଖୁଥିଲା । ଆଉ କିଏ ଆଶାର ଓ ହତାଶାର କବିତା ଲେଖୁଥିଲା । କିଏ ନିଜର ମୁଣ୍ଡ ସେଲରେ ପିଟି ଚାଲୁଥିଲା ଆଉ କିଏ ନିଜ ବିଛଣାରେ ପଡିରହିଥିଲା ଆଉ କାହାକୁ ବାନ୍ତି ଉଠାଉଥିଲା । କେତେଜଣ ନିଜ ନିଜ ମନରେ ଇଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନଙ୍କ ପ୍ରାଥନା ସଙ୍ଗୀତ ଯାହା ଶୁଣାଯାଉଥିଲା । କିଛି କ'ଣ କରିବେ ଭାବିନପାରି ନିଜ ବେଢି କରଡାକୁ ଝଣଝଣ କରୁଥିଲେ ।

ଏଣେ ଲୋକଟା ଏତେ ବେତ୍ରାଘାତ ପାଇବା ପରେ ଶରୀରରେ ପ୍ରବଳ ଯନ୍ତ୍ରଣାକୁ ଭୁଲିଯାଇଥିଲା । ଦେହରେ ତାତି । ଅନ୍ଧାର ହୋଇଆସିଲା ଆଉ ସେ କିଛି ଖାଇ ପାରିଲା ନାହିଁ । କରିଡରରେ କିଛି ଶବ୍ଦ ମଧ୍ୟ ନଥିଲା । କଇଦୀମାନେ ନିଜ ନିଜ ଭାବନାରେ ମଗ୍ନ ହୋଇଯାଇଥିବେ ଏବଂ ୱାର୍ଡରମାନଙ୍କ ଯୋତା ଶବ୍ଦ ଶୁଭୁନଥିଲା । ତା'କୁ ନିଦ ଆସୁନଥିଲା । ଦେହଟା ଅବଶ ହୋଇ ଇଟା ଚଟାଣରେ ସେମିତି ପଡି ରହିଥିଲା । ତା'କୁ ଲାଗୁଥିଲା ତା' ଶରୀର ହାଲୁକା ହୋଇଯାଇଛି । ବହୁତ ହାଲୁକା । ତା' ପାଖରେ ଏକ ଦେବଦୂତ ଆସି ଠିଆ ହୋଇ ଯାଉଛନ୍ତି । ସେ ତା'କୁ ନିଜ ହାତରେ ବାଟ କଢେଇ ନେଉଛନ୍ତି । ତା' ଦେହରେ ସାମାନ୍ୟ ଯନ୍ତ୍ରଣା ନାହିଁ । ବଢିଆ ସୂର୍ଯ୍ୟକିରଣ ପଡିଛି, ଶରୀର ମୋଟେ ଜଳିଯାଉ ନାହିଁ । ନୀଳ ସମୁଦ୍ରରେ ଢେଉମାନ ନାଚୁଛି । ଆଗରେ ଏକ ଛୋଟ ଦ୍ୱୀପ । ସେଥିରେ ବତୀଘରଟିଏ ଠିଆହୋଇ ରହିଛି । ଦୂରରେ ଜାହାଜଟିଏ, ସୁନ୍ଦର ରଙ୍ଗ ହୋଇଛି, ନଙ୍ଗର ପକାଇ ଠିଆ ହୋଇଛି । ସେହି ଜାହାଜକୁ ସେ ଭେଳାରେ ଯାଉଛି । ଜାହାଜ ପୁଙ୍ଗା ବଜାଇ ଦୂରକୁ ଦୂରକୁ ଚାଲିଯାଉଛି । ତା'କୁ ସେଲୁଲାର ଜେଲରୁ ମୁକ୍ତି ମିଳିଛି । ଆକାଶରେ ସିଗଲମାନେ ଉଡୁଛନ୍ତି । ଜାହାଜ ନୀଳ ସମୁଦ୍ର ଭିତରେ ହଜିଯାଉଛି । ତା'କୁ ଆଉ କେଉଁ ଭୂମି ଦିଶୁନାହିଁ । କଳାପାଣିର ବନ୍ଦୀତ୍ୱରୁ ସେ ଶେଷରେ ମୁକ୍ତି ପାଇଛି । ତା' ମନରେ ଶାନ୍ତି ଖେଳିଯାଉଛି । ସେମାନେ ଶରୀରକୁ ବନ୍ଦୀ କରିପାରନ୍ତି, ଆତ୍ମାକୁ କେମିତି ବନ୍ଦୀ କରିପାରିବେ ? ତା'କୁ ଏକ ଉଜ୍ଜ୍ୱଳ ଆଲୋକର ବର୍ତ୍ତିକା ଦେଖାଯାଉଥିଲା । ତା' ଜାହାଜ ସେହି ଆଲୋକ ବର୍ତ୍ତିକା ଆଡକୁ ଚାଲିଯାଉଥିଲା, ଧିରେ ତା' ମଧ୍ୟରେ ଲୀନ ହୋଇଗଲା ।

ଏଣେ ଡେଭିଡ ବେରୀ ଘର ଅନ୍ଧାରରେ ବସି ରହିଥିଲା । ତା' ଆଗରେ ଏକ ଲଣ୍ଠଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିଲା । ତା' ମୁହଁରେ ଲଣ୍ଠଣରୁ ସାମାନ୍ୟ ଲାଲ ଆଲୋକ ପଡି ମୁହଁରେ ଛାଇମାନ ସୃଷ୍ଟି କରୁଥିଲା । ଆଗର କାଗଜ ଏକଦମ ନୂଆ ଥିଲା । ଡେଭିଡ ବେରୀ ନିଜ ଟେବୁଲରେ ବସିଥିବ ଆଉ କଲମ ଉଠାଇଲା । ତା'ର ଦୈନନ୍ଦିନ କାମକୁ ପୁରା କରିବାକୁ ପଡ଼ିବ । ଲଣ୍ଠଣର ବତୀ ଜୋରରେ ହଲି ସ୍ଥିର ହୋଇଗଲା । ସେ ଏକ ଧିର ଚାଲି ଶବ୍ଦ ଶୁଣିଲା ଆଉ ଏକ ଦୀର୍ଘକାୟ ଛାୟା ତା' ପାଖରେ ଠିଆ ହୋଇଗଲା ।

ନିଜ କଇଦୀମାନଙ୍କୁ ଚିହ୍ନିନେଇଛ ଡେଭିଡ ବେରୀ ।

ହଜାରେ କଇଦୀ, କାହାକୁ କାହାକୁ ଚିହ୍ନିଛି । ସମସ୍ତଙ୍କୁ ମନେରଖିପାରିନି ।

କିଛିକୁ ଭଲଭାବେ ଚିହ୍ନିବା ଦରକାର । ସେମାନଙ୍କ ନାମର ଲିଷ୍ଟ ତୁମକୁ ଆଗରୁ ଦିଆଯାଇଛି ।

ଡେଭିଡ ବେରୀ ଆଗରେ କିଛି ନମ୍ବର ଚମକି ଉଠିଲା କିଛି ନାଁ । ସବୁ କଇଦୀଙ୍କୁ ନମ୍ବର ଦିଆଯାଇଛି । କଇଦୀ ପୋଷାକ ପିନ୍ଧିଦେଲେ ଦୂରରୁ ଚିହ୍ନିବା କଷ୍ଟ । ତେଣୁ ନାମ ବଦଳରେ ନମ୍ବର ମନେ ରଖିବା ସହଜ । ସେହି ନମ୍ବର ସବୁକୁ ଡେଭିଡ ବେରୀ ମନେ ପକାଇଲା । ୩୧୫୫୨, ୩୧୫୫୫, ୩୧୫୪୯. . ୩୮୫୧୧.. ୪୧୦୫୪. . ୧୦୧-୦୨. . . ଏମିତି ଡେଭିଡ ବେରୀ ମନକୁ ମନ ନମ୍ବର ଘୋଷିହେଲା ।

କିଛି ମନେ ଅଛି ମାନନୀୟ ।

ଆଉ ଥରେ ସେ ଚିଠାକୁ ଭଲଭାବେ ଦେଖ । ସେମାନେ ବିଦ୍ରୋହର ମୁଖ୍ୟ ପୁରୋଧା । ସେମାନଙ୍କୁ ସଂମ୍ପୂର୍ଣ ନିୟନ୍ତ୍ରଣରେ ରଖିବ । ଏମାନଙ୍କ ଭିତରେ କିଛି ଅତି ଦୃଢ ଲୋକ ଅଛନ୍ତି । ସେମାନେ ଅନ୍ୟ କଇଦୀଙ୍କୁ ମତେଇ ପାରନ୍ତି । ଏମାନଙ୍କୁ ତୁମେ ଅତି ଭଲଭାବେ ଚିହ୍ନିବ ଆଉ ନାଁ ମୁଖସ୍ତ କରି ରଖିବ ।

ହଁ, ମାନନୀୟ ।- ଡେଭିଡ ବେରୀ ଜୋରରେ କହିଲା । ସେ ଏକଦମ ସାବଧାନ ହୋଇ ଠିଆହୋଇଥିଲା । ତା' ସ୍ୱର ଲାଗୁଥିଲା ଯେମିତି ଇସପାତ୍ର ତିଆରି କେଉଁ ବାଦ୍ୟରୁ

Listen to Odia Podcast Original at https://youtube.com/@drjyotiprasad

ବାହାରି ଆସୁଛି । ସେଥିରେ ସାମାନ୍ୟ କମ୍ପନ ନାହିଁ । ଏମିତି ଜୋରରେ କହୁଥିବା ବ୍ୟକ୍ତିମାନେ ଏକ ବୁଲଡଗ ପରି ନିଜ କାମ ପଛରେ ଲାଗିଥାନ୍ତି ଆଉ ନିର୍ଦ୍ଦେଶ କାଗଜ କଲମରେ ଲେଖା ହୋଇଥିଲା ପରି ପାଳନ୍ତି । ଟିକିଏ ଅଧିକ ପଛେ କରନ୍ତି, କିନ୍ତୁ କମ ନୁହେଁ ।

ତୁମର ଡ୍ୟୁଟି ମନେ ଅଛି ତ ? ଜେଲରେ ଶୃଙ୍ଖଳା ଆଉ ସଂମ୍ପୂର୍ଣ ନିୟନ୍ତ୍ରଣ ।

ସାମାନ୍ୟ ତ୍ରୁଟି ହୋଇନାହିଁ ମାନନୀୟ ।

ବେଶ ଭଲ । ତୁମେ ଏମାନଙ୍କୁ ଠିକଭାବେ ଶାସ୍ତି ଦେଇଛ ତ ? - ବେଶ ମୋଟା ଗମ୍ଭୀର ସ୍ୱର ଭାସିଆସିଲା ।

ଉପଯୁକ୍ତ ଶାସ୍ତି ଦେଇଛି ମହାଶୟ, ଲିଖିତ ହିସାବରେ ସବୁ ଦଣ୍ଡ ଦେଇଛି । ପ୍ରଥମ ଥର ପାଇଁ ଯେଉଁ କଇଦୀ କାମ ସଂମ୍ପୂର୍ଣ କରିପାରିନି ତା'କୁ ହାତ କଡା ପକାଇ ସପ୍ତାହେ ପର୍ଯ୍ୟନ୍ତ ରଖାଯାଇଛି । ଦ୍ୱିତୀୟ ଥର ଭୁଲ ପାଇଁ ତା'କୁ ହାତକଡା ଆଉ ଚାରିଦିନ ପର୍ଯ୍ୟନ୍ତ ଉପାସରେ ରଖାଯାଇଛି । ତାପର ଭୁଲ ପାଇଁ ହାତ ଗୋଡରେ କଡା ପକାଇଯାଇ ମାସେ-ଦୁଇମାସ ଦଣ୍ଡ ଦିଆଯାଇଛି । ଆଉ କଇଦୀ ଗୋଡରେ କ୍ରସ ବାର ଲଗାଯାଇ ଦଶ ଦିନ ପର୍ଯ୍ୟନ୍ତ ଗୋଡ ଫରଚା କରି ଠିଆ କରାଯାଇଛି । ଆଉ ପୁନଃ ଦୋଷାପାଇଁ ତା'କୁ ଛଅମାସ ପର୍ଯ୍ୟନ୍ତ ବେଡି କରଡା ପକାଇ ରଖାଯାଇଛି ଆଉ ସଲିଟାରୀ କନଫାଇନମେଣ୍ଟରେ ରଖାଯାଇଛି । ଏହି ସବୁ ଦଣ୍ଡ କ୍ରମାଗତ ଭାବେ ରାଜନୈତିକ କଇଦୀମାନଙ୍କୁ ଦିଆଯାଇ ଚାଲିଛି । କିଛି ଭୁଲ ହୋଇନି ମାନନୀୟ ।

ଯଥେଷ୍ଟ ହୋଇନି । ସେମାନେ ଏପର୍ଯ୍ୟନ୍ତ ଭାଙ୍ଗିନାହାନ୍ତି । ଅନେକ ତ ଏବେ ବି ଦୃଢ ଭାବେ ଠିଆ ହୋଇଛନ୍ତି । ସେମାନଙ୍କୁ ନୁଆଁଇ ଦେବାକୁ ପଡ଼ିବ ।- ସେ ସ୍ୱର ଯେମିତି ଏକ ଗୁମ୍ଫା ଭିତରୁ ବାହାରି ଆସୁଥିବାର ସିଂହର ଗୁରୁଗର୍ଜ୍ଜନ ପରି ଲାଗୁଥିଲା । ପ୍ରତି ପ୍ରତିଧ୍ୱନୀକୁ ସାଙ୍ଗରେ ଧରି ଏକ ଜୋର ଶବ୍ଦ ବାହାରି କାନକୁ ତାବଦା

Listen to Odia Podcast Original at https://youtube.com/@drjyotiprasad

କରିଦେଉଥିଲା ।

ଚେଷ୍ଟା କରିଛି ମାନନୀୟ । ସେମାନଙ୍କ ମନୋବଳକୁ ଭାଙ୍ଗି ଚୁରଚୁର କରିବାପାଇଁ ଚେଷ୍ଟା କରିଛି । ସେମାନଙ୍କ ଆତ୍ମାଭିମାନକୁ ମାଟିରେ ମିଳାଇ ଦେଇଛି । ବରୀନକୁ ଏକ ଶ୍ରମିକ ହିସାବରେ ଏକ ରାଜମିସ୍ତ୍ରୀ ଅଧୀନରେ ବାହାରେ କାମ କରିବାକୁ ପଠାଇଛି । ଉଲାସ୍କରକୁ ମାଟି ଖୋଳି ଇଟା ତିଆରରିରେ ଲଗାଇଛି । କିଛିଙ୍କୁ ଜଙ୍ଗଲରେ କାମ କରିବାକୁ ପଠାଇଛି । ସେମାନଙ୍କ ବଞ୍ଚିଥିବା ରକ୍ତକୁ ଜୋକମାନେ ମୁହଁ ଲଗାଇ ଶୋଷିଛନ୍ତି । ସେମାନଙ୍କୁ ଖରାରେ କାମ କରାଇ ଜଳାଇଛି, ବର୍ଷାରେ କାମ କରାଇ ଥରାଇଛି । ସେମାନଙ୍କ ସମ୍ମାନକୁ ମାଟିରେ ମିଶାଇଦେଇଛି । ସାଧାରଣ ଲୋକଙ୍କ ନଜରରେ ସେମାନଙ୍କୁ ଅତି ଛୋଟ କରିବାକୁ ପ୍ରଯତ୍ନ କରିଛି । ସେମାନଙ୍କୁ ଭଦ୍ରଲୋକରୁ, ରାଜନେତାରୁ ଇତର ଶ୍ରେଣୀକୁ ନେଇଆସିଛି ମାନନୀୟ ।

ତୁମର କାମ ହେଉଛି ସେମାନଙ୍କୁ ଖଣ୍ଡ ଖଣ୍ଡ କରି ଭାଙ୍ଗିଦେବା । ମନେରଖ ଖଣ୍ଡ ଖଣ୍ଡ କରି ଭାଙ୍ଗିବ, ଯେମିତି ଆଉ ସେମାନଙ୍କୁ ଯୋଡାଯାଇ ପାରିବନି । କାୟରେ, ବାକ୍ୟରେ, ମନରେ ସେମାନେ ଭାଙ୍ଗିଯିବା ଦରକାର । ପ୍ରତିଟି ମୁହୂର୍ତ୍ତ ସେମାନଙ୍କ ନର୍କରେ ପରିଣତ ହେବା ଦରକାର । ପ୍ରତି ମୁହୂର୍ତ୍ତରେ ସେମାନେ ମୃତ୍ୟୁର କାମନା କରିବା ଦରକାର । ସେମାନେ ଭାବିବା ଦରକାର ଯେ ସେମାନଙ୍କ ଜୀବନ ବ୍ୟର୍ଥ । ସେମାନେ ମନ ଭିତରେ ଘୋଷିହେବା ଦରକାର ଯେ ସେମାନଙ୍କ ଅତୀତ କୃଷ୍ଣକାୟ, ଶରୀରରେ ମନରେ ସେମାନେ ଜରାଜୀର୍ଣ୍ଣ । ସେମାନେ ଆକାଶକୁ ଅନାଇ ସୂର୍ଯ୍ୟ ଯେମିତି ଦେଖି ନପାରନ୍ତି । ସେମାନଙ୍କୁ ନିଜ ନିଃଶ୍ୱାସର ଦୁର୍ଗନ୍ଧ ଆବୋରି ରଖିବା ଦରକାର । ପ୍ରତିଟି ବିନ୍ଦୁ ରକ୍ତ ଶୀତଳ, ହିମ ହୋଇଯିବା ଦରକାର ।

ଭଲକରି ମନେରଖ, ସେମାନଙ୍କ ମୁହଁରୁ ଆଉ ଶବ୍ଦ ଯେମିତି ନବାହାରେ । କେଉଁ ବାକ୍ୟ ସେମାନେ ତିଆରି କରିପାରିବେନି ଯେମିତି । କେବଳ ବାହାରିବ ସେମାନଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ତରାତ୍ମାର ବିଳାପ, କେବଳ ବିଳାପ । ଆଉ ତାହା ତୁମ ଜେଲର ପ୍ରତି ଅନ୍ଧି ବିକନ୍ଧିରେ ପ୍ରତିଧ୍ୱନିତ ହେବ ଦରକାର ।

ସେମାନେ ଆଙ୍ଗୁଠିର ପବକୁ ନୁହେଁ, ନଖର ପ୍ରତିଟି ଧାରକୁ, ହାତ ରେଖାର ପ୍ରତିଟି କେନାକୁ, ଆଙ୍ଗୁଠି ଫାଙ୍କରୁ ଆସୁଥିବା ଆଲୋକ ପ୍ରତିଟି ରେଖାକୁ ନେଇ ମୁହୁର୍ତ୍ତ ମୁହୁର୍ତ୍ତକୁ ଗଢିବାପାଇଁ ତୁମେ ସେମାନଙ୍କୁ ବାଧ୍ୟ କରିବା ଦରକାର ।

କିଛି ସନ୍ଦେହ ରହୁଛି ତୁମ ନିଜ ଡ୍ୟୁଟି ଉପରେ ?- ସେ ସ୍ୱର ବାହାରର ସବୁ କମ୍ପନକୁ ନିଜ ଭିତରେ ସମାହିତ କରିରଖିଥିଲା । ସେ ସ୍ୱର ଆଗରେ ଆଉ କିଛି ସ୍ୱର ଠିଆ ହୋଇପାରେନା । ଡେଭିଡ ବେରୀ ନିଜ ଭିତରେ ଧାତବର ଶୀତଳତା ଅନୁଭବ କରୁଥିଲା । ତା' ଭିତରଟା ଯେମିତି ଲୁହାର ମୂର୍ତ୍ତୀରେ ବଦଳୁଥିଲା । ସେ ଅନୁଭବ କରୁଥିଲା ଆଉ ଯେମିତି ସେ ହଲିପାରୁନି, ସବୁକିଛି ସେହି ଶବ୍ଦ ହିସାବରେ ହେଉଛି । ତା'ର କିଛି ମନ ନାହିଁ, ତା'ର କିଛି ଆଶା ନାହିଁ, କେବଳ ତାହା ଘଟୁଛି ଯାହା ସେ ଚାହୁଁଛନ୍ତି ।

ଆପଣଙ୍କ ଆଦେଶ ଅକ୍ଷରେ ଅକ୍ଷରେ ପାଳନ ହେବ ମାନନୀୟ ।- ଏକ ଧାତବ ଉତ୍ତର ଥିଲା ଡେଭିଡ ବେରୀର । ତା' କଣ୍ଠରୁ ଯେମିତି ସେହି ବାକ୍ୟ ବାରବାର ବାହାରି ଆସୁଥିଲା । ସେ ଏକ ଜୋରରେ ସାଲ୍ୟୁଟ ମାରିଲା । ତା' ଯୋତାର ଧଡ୍ ଶବ୍ଦ ସଂମ୍ପୂର୍ଣ କରିଡରରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା ।

ପ୍ରତିଦିନ ସଂନ୍ଧ୍ୟାର ନିର୍ଜ୍ଜନ ମୁହୁର୍ତ୍ତରେ ଏକ ଧାଡି ଏଇ ଟେବୁଲ ଉପରେ ବସି ଲେଖିବ, "ମୁଁ ମୋତେ ଡରେନାହିଁ ।"- ଏ ସ୍ୱର ତା' କାନପାଖରେ ଟେପରେକର୍ଡର ବାଜିଲା ପରି ବାଜି ଚାଲିଲା । ମାନନୀୟଙ୍କୁ ଖୁସି କରିବାକୁ ପଡ଼ିବ । କଇଦୀମାନଙ୍କ ଠାରୁ ସେଇ ଲେଖା ଆଣି ମାନନୀୟଙ୍କ ପାଇଁ ଟେବୁଲରେ ମଧ୍ୟ ରଖିଦେବାକୁ ପଡ଼ିବ । ସେ ବାରବାର ସାଲ୍ୟୁଟ ମନକୁ ମନ ମାରିଚାଲିଲା । ତା'କୁ ଲାଗିଲା ସେ ଯେମିତି ଲେଖାମାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଇଦୀମାନଙ୍କ ଠାରି ସଂଗ୍ରହ କରି ଟେବୁଲରେ ରଖିଚାଲିଛି, ମାନନୀୟ ଦେଖୁଛନ୍ତି, ତାଙ୍କ ମୁହଁରେ ଖୁସିଫୁଟିଉଠୁଛି ଆଉ ଡେଭିଡ ତାଙ୍କୁ ସମ୍ମାନର ସହ ସାଲ୍ୟୁଟ ମାରି ଚାଲିଛି ।

୩-

କ-ବରୀନ୍ଦ୍ର କୁମାର ଘୋଷ

ତା' ପରଦିନର କଥା

ଲେଖାଟା ଦେଇନ ।- ମିର୍ଜ୍ଜା ଖାନ ଆସି ବରୀନଙ୍କୁ ପଚାରିଲା । ସବୁ କଇଦୀଙ୍କ ପାଖକକୁ ଜେଲର ଡେଭିଡ ବେରୀ ଯାଇପାରେନା । ସେ ମିର୍ଜ୍ଜା ଖାନକୁ ପଠାଏ । ଲୋକଟା ଅତି ଚତୁର ଆଉ ବିରାଟ ନିଷ୍ଠୁର । ଶଇତାନର ଚେଲା । ଏଇ ଶବ୍ଦ ବୋଧହୁଏ ତା' ପାଇଁ ସବୁଠାରୁ ବେଶି ପ୍ରଯୁଜ୍ୟ । ତା' ମୁହଁରେ ଏକ କୁଟିଳ ହସ ବୁଲୁଥିଲା ଆଉ ଆଖି ଏକ ଧୂର୍ତ୍ତ କଲରାପତରିଆ ବାଘ ପରି ଏପଟ ସେପଟ ହେଉଥିଲା । ସବୁବେଳେ ତା'କୁ ଯେମିତି ଏକ ଶିକାର ଦରକାର । ପଞ୍ଝାରେ ଥିବା ଜନ୍ତୁ ଚିଲ୍ଲାଉଥିବ ଆଉ କଲରାପତରିଆ ବାଘ ନିଜ ଦାନ୍ତ ଜାବୁଡି କରି ଧରିଥିବ । ରାତିରେ ମିର୍ଜ୍ଜା ଖାନ ବାଘ ଭଳି ଗର୍ଜ୍ଜନ ଅବଶ୍ୟ କରେନି ।

ଅନୁଶୀଳନ ସମିତିରେ ଏମିତି ଲେଖା ନାହିଁ ।- ବରୀନ କହିଲେ ।

୧୯୦୮ ମସିହା ବେଳକୁ ବେଙ୍ଗଲରେ ଅଶାନ୍ତିର ବହ୍ନି ଜଳୁଥିଲା । ବେଙ୍ଗଲରେ ଅନୁଶୀଳନ ସମିତିର ଗଠନ ହୋଇଯାଇଥାଏ । ଏ ଅନୁଶୀଳନ ନାମଟା ପ୍ରସିଦ୍ଧ ବଙ୍ଗାଳୀ ଲେଖକ ବଙ୍କିମ ଚନ୍ଦ୍ର ଚାଟାର୍ଜ୍ଜୀଙ୍କ ବହିରୁ ନିଆଯାଇଥିଲା । ସମିତିର ଉଦ୍ଦେଶ୍ୟ ବଙ୍ଗାଳୀ ସମ୍ପ୍ରଦାୟର ଶକ୍ତି ଆଉ ସାହାସର ବୃଦ୍ଧି । କିନ୍ତୁ ଧିରେ ଏହା ବିଦ୍ରୋହର ଧାରା ଆଡକୁ ଚାଲିଯାଉଥିଲା । ଏକ କ୍ରାନ୍ତିକାରୀ ସଭ୍ୟ ଥିଲେ ବରୀନ ।

କଣ କହିଲ ? ଏଠି କେଉଁ ଅନୁଶୀଳନ ସମିତି ନାହିଁ । କେବଳ ରୂପାର ଦୁଗ ଆଉ ହଲୁଥିବା ଅଶ୍ୱତଥ୍ ପତ୍ର । ଏଠି କେବଳ ନିୟମ ମାନାଯାଏ ଆଉ ଆଦେଶ ପାଳନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଯାଏ ।

ଆଉ ଏଠି ଲେଖିବାର କ'ଣ ଅଛି ? ନିଜକୁ ମୁଁ ଅନୁଶୀଳନ କରିସାରିଛି, ନିଜ କାମକୁ ବିଶ୍ଳେଷଣ କରିସାରିଛି ।- ବରୀନ କ୍ଷୀଣ କିନ୍ତୁ ଦୃଢ ଭାବରେ କହିଲେ । ତାଙ୍କର ଶରୀର ଭାଙ୍ଗି ପଡ଼ିବା ଭଳି ଲାଗୁଥିଲା । ସେଲୁଲାର ଜେଲର ଦଣ୍ଡ ବିଧାନ କାହା ଶରୀର ଆଉ ମନକୁ ଭାଙ୍ଗିଦେବ । ତଥାପି ତାଙ୍କ ଭିତରେ ଏକ ପ୍ରଜ୍ୱଳିତ ଦୀପ ଦେଖୁଥିଲେ । ତାଙ୍କର ଶପଥ ନେବାର କଥାମାନ ମନେପଡିଗଲା । ସେତେବେଳେକୁ ସେଲୁଲାର ଜେଲ ଆସିବା ଆଗରୁ ବରୀନଙ୍କୁ ଶପଥ ଦିଆଯାଇଥିଲା, ଆଉ ସେ ହାତରେ ଖଡଗ ଏବଂ ଗୀତା ଧରି ଶପଥ କରିଥିଲେ ।

ଲେଖା ଜଲଦି ସାର ଆଉ ମୋତେ ଦିଅ ।- ମିର୍ଜ୍ଜା ଖାନ ଓଜନିଆ ସ୍ୱରରେ କହିଲା । ଏ ପଠାଣ ଲୋକଗୁଡା ଭଲକରି ବୁଝାଇ ମଧ୍ୟ ଜାଣନ୍ତିନି । ସବୁ କଥାରେ ଜୋର ଜବରଦସ୍ତି । ଲୋକଗୁଡାକ ସିନା ବିରାଟ ଦେଖାଯାଉଛନ୍ତି, ମୁଣ୍ଡରେ ଭୁସା ଭର୍ତ୍ତି । ଆଉ ଜୋରରେ କହିଲେ ପାଠୁଆ ଲୋକଙ୍କ ମୁଣ୍ଡରେ ପଶେନି । ସେମାନେ ଓଲଟା ଉତ୍ତର ଖୋଜନ୍ତି ।

ଯେତେଦିନ ଧରି ମୋ ଦେହରେ ଜୀବନ ଥିବ, ଯେତେଦିନ ପର୍ଯ୍ୟନ୍ତ ଭାରତ ଲୌହ ଶୃଙ୍ଖଳାରେ ବନ୍ଦୀ ଥିବ, ମୁଁ ବିଦ୍ରୋହର ଧାରା ବଜାୟ ରଖିବି ।- ବରୀନ ନିଜେ ନିଜେ କହିହେଲେ । ସେଲ ବାହାରେ ମୁର୍ଜ୍ଜା ଖାନ ଅପେକ୍ଷା କରିଥିଲା । ଜମାଦାର ତାଙ୍କ ପାଖରେ ଠିଆ ହୋଇଥିଲା । ସେମାନେ ବରୀନଙ୍କ ଲେଖା ପାଇଁ ଅପେକ୍ଷା କରୁଥିଲେ । କିନ୍ତୁ ଲେଖିବା ପାଇଁ ବରୀନ କିଛି ଉତ୍ସାହ ଦେଖେଇଲେନି ।

କଇଦୀ ବରୀନ ।- ଜମାଦାର ନିଜର ପ୍ରତିପତ୍ତି ଦେଖାଇବାକୁ ମିର୍ଜ୍ଜାଖାନ ଆଗରେ ଜୋରରେ ପାଟିକଲା । କେମିତି ବରୀନ ଆଉ ଅନ୍ୟ କଇଦୀମାନେ ତା' କଥା ମାନୁଛନ୍ତି ସେ ଦେଖାଇବାକୁ ଚାହୁଁଥିଲା । ବରୀନ ତା' କଥା ଶୁଣିଲେ । ଜେଲ ନିୟମ ହିସାବରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଠି ଠିଆହେଲେ । ଆଗରୁ ତ ମର୍ଜ୍ଜା ଖାନ ଆସିଲା ବେଳକୁ ସେ ଠିଆହୋଇଥିଲେ କିନ୍ତୁ ଟିକିଏ ଦୂରକୁ ଯିବାରୁ ସେ ବସିଯାଇଥିଲେ । ଜମାଦାରଙ୍କୁ ସମ୍ମାନ ଦେଖାଇବାକୁ ପଡ଼ିବ । ତା଼ କଥା ମାନିବାକୁ ପଡ଼ିବ । ଅଯଥାରେ ସାମାନ୍ୟ କଥାକୁ ଭାଙ୍ଗି ଦଣ୍ଡିତ ହେବାରେ କିଛି ମୂଲ୍ୟ ନଥାଏ ।

ଯଦି କବେ ମୁଁ କିଛି ଶବ୍ଦ ବା ଘଟଣା କୁହେ, ଏହା ହେବ ମୋ ଜୀବନର ବିନିମୟରେ ।- ବରୀନଙ୍କ ମୁହଁରୁ କଥା ବାହାରୁଥିଲା ।

ତୁମକୁ କେହି ବକବକ ହେବାକୁ କହୁନି । ଜଲଦି ଲେଖା ଶେଷ କର ।- ମିର୍ଜ୍ଜା ଖାନ କହିଲା । ତା଼କୁ ସବୁ ୱାର୍ଡ ବୁଲିବାକୁ ଅଛି । ଗୋଟାଏ ଜାଗାରେ ଅଧିକ ସମୟ ରହି ପାରିବନି । କଇଦୀକୁ ଯଥେଷ୍ଟ ଦଣ୍ଡ ଦିଆଯାଇ ସାରିଛି । ଜମାଦାରକୁ କାଗଜ ସଂଗ୍ରହ କରିବାକୁ କହି ସେ ଆଗକୁ ବଢିଲା । ଏଣେ ଜମାଦାର ଏକ ଦାଢୁଆ ନଜରରେ ବରୀନକୁ ଅନାଇ ମିର୍ଜ୍ଜା ଖାନ ସହ ଆଗକୁ ପାଦ ବଢାଇଲା । ନିଜ ଓ୍ୟାର୍ଡର ପ୍ରତି ସେଲରେ ନିରୀକ୍ଷଣ ସମୟରେ ତା଼କୁ ଠିଆ ହେବାକୁ ପଡ଼ିବ ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନ୍ଧକାର ପ୍ରେମ

ସାଗର ଖରା



ସେଦିନ ମୁଁ ଫେରୁଥାଏ ମୋ ବିଶ୍ୱବିଦ୍ୟାଳୟକୁ । ସଅଳ ଉଠି ଧଡ଼୍ ଫଡ଼୍ ହୋଇ ବାହାରି ପଡ଼ିଲି । କାହିଁକି ନା ଟ୍ରେନ୍ ଛାଡ଼ିଦେଲେ ଆଜି ଦିନଟା ବି ନଷ୍ଟ ହେଇଯିବ । ଗୋଟିଏ ବୋଲି ଟ୍ରେନ ଜୟପୁରରୁ ବ୍ରହ୍ମପୁରକୁ ଆସେ । ମୋତେ ସକାଳ ୮ଟା ସୁଦ୍ଧା ବାଲିମେଲା ବସଷ୍ଟାଣ୍ଡରେ ପହଞ୍ଚିବାର ଥିଲା । ତହିଁରୁ ବସ ଯୋଗେ ଜୟପୁର ପହଞ୍ଚି ପୁଣି ଟ୍ରେନ ଧରି ବ୍ରହ୍ମପୁରକୁ ଆସିବାକୁ ହବ । ପାଖାପାଖି ୧୫/୧୬ ଘଣ୍ଟା ଯାତ୍ରା କରେ । ଘରୁଠୁ ବସଷ୍ଟାଣ୍ଡ ପ୍ରାୟ ୨ରୁ ୩କି.ମି ହବ । କାନ୍ଧରେ ମୋଟା ବ୍ୟାଗ୍ ଟିଏ ଓହଳାଇ ମୁ ବଡ଼ ବଡ଼ ପାଦ ପକାଇ ଚାଲୁଥାଏ । ଟିକିଏ ଦୂର ଗଲାପରେ ଦେଖିଲି ଗୋଟିଏ ବାଇକ ମୋର ଯାତ୍ରାର ଅନୁକୂଳ ଦିଗରେ ମାଡ଼ି ଆସୁଛି । ଯେହେତୁ ଟିକେ ବିଳମ୍ବ ହେଲାଣି ତେଣୁ ଏହି ବ୍ୟକ୍ତିଙ୍କ ସହ ଯିବା ପାଇଁ ମୁ ତାଙ୍କୁ ଇଂଗିତ କଲି ଏବଂ ସେ ବ୍ୟକ୍ତିଟି ବାଇକ ରଖିଲେ । ଲୋକଟି ଭାରି ଚିହ୍ନା ଚିହ୍ନା ଲାଗୁଥିଲା । ମୁହଁକୁ ଦେଖିଲେ ଲାଗୁଛି ଯେ କେଉଁ ଅତୀତରୁ ତାର ହସ ହଜିଯାଇଛି । ତା ମୁଣ୍ଡର ଅଧା ଚୁଟି ସତେକି ଅବା କେଉଁ ଅଦିନିଆ ଝଡ଼ ଭସାଇ ନେଇଛି । ମୁଁ ବସିପଡ଼ିଲି ବାଇକଟିର ପଛପଟେ । ତାଙ୍କୁ ଦେଖି ମୋ ଆଖି ଦୁଇଟା ମୋତେ କହିଲା ଯେ ମୁଁ ଅନେକ ଥର ୟାଙ୍କୁ ଦେଖିଛି, ପାଟି ମୋର କହିଲା ମୁଁ ଅନେକଥର କଥା ହେଇଛି । କିନ୍ତୁ ମୋ ମନ ସଂଶୟରେ ପଡ଼ିଛି ଯେ କେବେ କେମିତି ଓ କେଉଁଠି ? ନିଜ ମନ ମଧ୍ୟରେ ଚାଲୁଥିବା ଏହି ଦ୍ୱନ୍ଦର ଢେଉ ଅତ୍ୟଧିକ ହୋଇ ପଡ଼ିବାରୁ ମୁ ତାଙ୍କୁ ସିଧା ପଚାରିଲି, "ଭାଇନା, ଆପଣଙ୍କ ଘର କେଉଁଠି ?" ସେ ତାର ପ୍ରତ୍ୟୁତ୍ତର ଦେଇ କହିଲେ, "ମୋ ଘର ତ ଏହି ଗାଁ ରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚିତାପାରି ।" ମୁଁ ପୁରା ଅବାକ୍, ନିସ୍ତବ୍ଧ । କାରଣ ମୁଁ କେବେ ବି ଗାଆଁରେ ତାଙ୍କୁ ଦେଖି ନାହିଁ । ପରେ ଭାବିଲେ ଯେ ହୁଏ ତ ତାଙ୍କର ପୈତୃକ ଘର ବୋଧେ ଏଠାରେ । ସେ ଅନ୍ୟ ଗାଆଁରେ ରହୁଛନ୍ତି । ଏତିକି ଭାବିଲା ବେଳକୁ ଭଦ୍ରବ୍ୟକ୍ତି ଜଣକ କହୁଛନ୍ତି, "ଆରେ ସାଗର, ମୋତେ ଚିହ୍ନିପାରୁନୁ କି ! ଆରେ ତୋ ସହିତ ମୁଁ ଆମ ଗାଆଁ ସ୍କୁଲରେ ପଢୁଥିଲି ପରା, ଆମେ ଦୁହେଁ ଗୋଟିଏ କ୍ଲାସରେ ପଢୁଥିଲେ ମୁଁ ସେଇ କଇଲୁ ।" ତା ମୁହଁରୁ ଏତିକି କଥା ଶୁଣିଲା ପରେ ମୁଁ ପୁରା ନୀରବ । ଭାବି ପାରୁନଥିଲି ତାକୁ କି ଉତ୍ତର ଦେବି । ଯାହା ସହିତ ମୁଁ ବାଲ୍ୟକାଳରେ ଅନେକ ଖେଳ କୁଦ କରିଛି, ମିଶିକି ପାଠ ପଢ଼ିଛି ତାକୁ ଆଜି ଚିହ୍ନିବାରେ ମୋର ବିଭ୍ରାଟ ହେଇଛି ।

କଇଲୁ ଆଜି ପାଠ ପଢୁଥିଲେ ମୋ ପରି ୨୩/୨୪ ବର୍ଷର ଯୁବକ ହେଇଥାନ୍ତା । କିନ୍ତୁ ସମାଜ ଆଗରେ ସେ ଆଜି ଗୋଟିଏ ବ୍ୟକ୍ତି । ତିନି ପ୍ରାଣୀର ଭୋକ ମେଣ୍ଟାଇବା ପାଇଁ ସେ ଆଜି ଅହରହ କାମ କରେ । ଷଷ୍ଠ ଶ୍ରେଣୀରେ ପଢୁଥିବା ସମୟରେ ହିଁ ତାର ପାଠରେ ପୂର୍ଣ୍ଣଚ୍ଛେଦ ପଡେ । ଗାଆଁର ଏକ ନିମ୍ନ ବର୍ଗର କନ୍ୟାକୁ ସେ ଭଲ ପାଇ ବସେ । ଏହା ଜ୍ଞାତ ହେଲା ପରେ ଗାଆଁବାଲା ତାକୁ ଗାଁରୁ ତଡ଼ି ଦିଅନ୍ତି । ସେ ଅନ୍ୟ ଏକ ଗାଆଁରେ ଆଶ୍ରୟ ନିଏ ଏବଂ ଦୁଇଟି ସନ୍ତାନର ପିତା ହୁଏ । ଯେହେତୁ ଆମ ଗାଆଁରେ ତାର ପିତା ମାତା ଅଛନ୍ତି ତେଣୁ କିଛି ବର୍ଷ ବିତିଗଲା ପରେ ସେ ଦିନେ ଦିନେ ତାଙ୍କୁ ଦେଖା କରିବାକୁ ଆସେ ।

କାହିଁ ସେ ଦିନର କଇଲୁ ଆଉ ଆଜିର କଇଲୁ ! ଆଜି ତାର ଶରୀର ଜରାଜୀର୍ଣ୍ଣ, ରୁଗ୍ଣ ଓ ବିଦିର୍ଣ୍ଣ । ଦୁଇଟି ସନ୍ତାନ ଓ ତାର ପତ୍ନୀକୁ ନେଇ ସେ ଆଜି ଦୁନିଆ ଦେଖେ । କଣ ଏଇ କଇଲୁ ସତରେ ପିଲାଦିନେ ମୋ ସହିତ ପଢ଼ୁଥିବା ସେଇ ବାଳୁତ କଇଲୁ ? ଏଇ କିଛି ବର୍ଷ ଭିତରେ ସତରେ କଇଲୁ ଏତେ ପରିବର୍ତ୍ତନ ହେଇଛି ? ଏମିତି ଭାବୁ ଭାବୁ ବସଷ୍ଟାଣ୍ଡ ଆସି ପହଂଚିଗଲା । ମୋର ବସଟି ଯିବାପାଇଁ ଉଦ୍ୟତ ହେଉଥିଲା । ମୁଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଠିଗଲି ବସରେ । ସେ ତା ରାସ୍ତାରେ ଚାଲିଗଲା ।

ବନ୍ଧୁଗଣ କେବଳ ଏତିକି କହିବି, ଆଜି ମଣିଷର ଗତି ଅତ୍ୟନ୍ତ କ୍ଷୀପ୍ର । ଜୀବନପଥର ଚରାବାଲିରେ ଚାଲୁ ଚାଲୁ କେତେ ବେଳେ ଯେ ଆମେ ଅବଦମିତ ହୋଇଯିବା ତାର କୌଣସି ରାହା ନାହିଁ । ନିମିଷେକ ସୁଖସ୍ୱଚ୍ଛନ୍ଦ ପାଇଁ ଆଜିର ମଣିଷ ଜୀବନର ଲକ୍ଷ୍ୟ ପଥରୁ ବିଚ୍ୟୁତ ହୁଏ । ଆଜିର ଅନେକ ଯୁବକ କଇଲୁ ପରି ପ୍ରେମ ଜାଲରେ ପଡ଼ି ନିଜର ସୁନ୍ଦର ଭବିଷ୍ୟତକୁ ଅନ୍ଧକାରମୟ କରିଦିଅନ୍ତି ଏବଂ ଜୀବନର ସରଳ ଅଙ୍କକୁ କଷି ନପାରି ତାକୁ ଅଧିକ ଜଟିଳରୁ ଜଟିଳ କରିଦିଅନ୍ତି ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

ଦୂରଭାଷା : ୭୨୦୫୪୭୦୫୧୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମହା ମୃତ୍ୟୁଞ୍ଜୟ

ସୁନନ୍ଦା ମହାନ୍ତି



ଜୀବନଶୈଳୀ ଠିକ ନରହିଲେ ରୋଗ ଲାଗି ରହିବ ଓ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଇବାକୁ ପଡିବ ଏକଥା ତ ନିଶ୍ଚିନ୍ତ ହେଲେ ଔଷଧ ଖାଇ ଖାଇ ବିରକ୍ତ ଲାଗେ ବେଳେ ବେଳେ ତ ମନ ଖରାପ ବା ଦୁର୍ଭାବନା କମିବା ପରିବର୍ତ୍ତେ ବଢ଼େ । ସାବିତ୍ରୀଙ୍କ ମନ ଭଲ ରହୁନି । ସ୍ୱାମୀଙ୍କ ଅନ୍ତେ ମାନସିକ ସୁସ୍ଥତା ହ୍ରାସ ହୋଇ ଶାରୀରିକ ଶକ୍ତି ସ୍ଫୁର୍ତ୍ତି ହ୍ରାସ ହେଉଛି । ପୁରୀ ଛାଡି ଜଗନ୍ନାଥ ଧାମ ଛାଡି ପୁଅ ବୋହୁଙ୍କ ପାଖରେ ରହିବାକୁ କେବେ ବି ପସନ୍ଦ କରୁନଥିବା ସାବିତ୍ରୀ ଆଜି ପୁଅ ବୋହୁଙ୍କ ପାଖରେ । ମାନସିକ ସ୍ତରରେ ପରିବର୍ତ୍ତନ କମିବାର ନାମ ଧରୁନି ତ ପୁଅ ଦେଖାଉଛି ଡାକ୍ତର ପରେ ଡାକ୍ତର । ଆଜି ଏଠିକି ତ କାଲି ସେଠିକି ନେଉଛି ମାଆ କେମିତି ଭଲ ହେବ ବୋଲି ହେଲେ ଜଗିରଖି ଯେତେ ଔଷଧ ଦେଲେ ମଧ୍ୟ ମା'ର ରୋଗ ତ ଭଲ ହେଉନି ବରଂ ଏଣିକି ମାଆ ଚିହ୍ନା ଜଣା ପଡୋଶୀ ଇତ୍ୟାଦିଙ୍କୁ ବକାବକା କରିବାକୁ ଆରମ୍ଭ କରିଦେଇଛି ତ ବୋହୁ ବିରକ୍ତ ହେଲେ ପୁଅ ବୁଝାଉଛି । ସମସ୍ତଙ୍କର ଏମିତି ଦିନେ ହେବ ବୋଲି କହି ବୁଝାଇବା ପରେ ସ୍ତ୍ରୀ ସିନା ଶାନ୍ତ ପଡିଯାଉଛି ହେଲେ ମାଆ ବେଶୀ ବେଶୀ ଅଶାନ୍ତ ହେଉଛି । ଏଣିକି ତାକୁ ଜଗାରଖା ଓ ତାର ଯତ୍ନ ନେବା ପାଇଁ ଯୋଉ ଲୋକ ନିଯୁକ୍ତି ହୋଇଛି, ତା ଉପରେ ବେଶୀ ରାଗିବା ସହ ତାକୁ ବକାବକା କରିବା ଠିକ ଥିଲା କିନ୍ତୁ ମାରଧର କରୁଥିଲା ତ ପୁଅ ମାଆର ପୂର୍ବ କଥା ଭାବି ଯେତିକି ବିଚଳିତ ହେଉଥିଲା ବୋହୁ ସେତିକି ବିରକ୍ତ ହେଉଥିଲା । ପୁଅ ଭାବୁଥିଲା ବାପାଙ୍କୁ ହରାଇ ମାଆର ନିଶ୍ଚୟ ଏଭଳି ମାନସିକ ଅସ୍ଥିରତା ଆସିଛି । ସେ ପୁଣି ମାଆକୁ ଡାକ୍ତରଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଖକୁ ନେଲା ତ ଜଣା ପଡିଲା ମାଆ ଆଲଜାଇମର ରୋଗୀ । ସତକୁ ସତ ସେ ଏବେ ନିଜ ପୁଅକୁ ଚିହ୍ନି ପାରୁନଥିଲା । ଭୁଲଭାଲ କଥା କହୁଥିଲା ଓ ଭୀଷଣ କ୍ରୋଧ ପ୍ରକାଶ କରୁଥିଲା । ଏଥର ପୁଅ ତା ଭଉଣୀକୁ ଡାକି ମାଆର ମନ ପରିବର୍ତ୍ତନ ପାଇଁ ତା ସାଙ୍ଗରେ କିଛି ଦିନ ନେଇଯିବାକୁ କହିଥିଲା । ଝିଅ ମଧ୍ୟ ଅନେକ ଦିନରୁ ମାଆକୁ ସାଙ୍ଗରେ ନେବାକୁ ଚାହିଁ ମଧ୍ୟ ନିଜ ବୃଦ୍ଧ ଶାଶୁ ଶଶୁରଙ୍କ ହେପାଜତ ତାର ଆଗ କର୍ତ୍ତବ୍ୟ ବୋଲି କହିଥିବା ସେହି ମାଆକୁ ଆଜି ନେଇଯାଇଥିଲା ସାଙ୍ଗରେ ନିଜ ପାଖକୁ ।

କିଛିଦିନ ପରେ ପୁଅବୋହୁ ମାଆକୁ ଦେଖିବାକୁ ଭଉଣୀ ଘରକୁ ଯାଇ ଯାହା ଦେଖିଲେ ଆଶ୍ଚର୍ଯ୍ୟ ହୋଇଗଲେ । ମାଆ ତାଙ୍କୁ ଠିକ ଚିହ୍ନି ପାରିଲା ଓ ବହୁତ ସ୍ନେହ ଓ ଆଦର ଯତ୍ନ ସହକାରେ ପୂର୍ବ ପରି ବ୍ୟବହାର କରିଥିଲା ତ କୋଉ ଡାକ୍ତରଙ୍କ ପରାମର୍ଶରେ ଏସବୁ ସମ୍ଭବ ହେଲା ବୋଲି ପୁଅ ତା ଭଉଣୀକୁ ପଚାରିଥିଲା । ଝିଅ କହିଥିଲା ମା'ର ଫୁଲଗଛ ଲଗାଇ ପାଣିଦେବା ଓ ଫୁଲ ଗଛର ଯତ୍ନ ନେବା ସବୁଠୁ ପସନ୍ଦ ବୋଲି ମୁଁ ଜାଣିଥିଲି । ତା ଛଡା ଚଉରା ପୂଜା ତାର ଅତି ପ୍ରିୟ । କାର୍ତ୍ତିକ ମାସରେ ଚଉରା ମୂଳେ ମାଆକୁ ବସାଇ ତା ପାଖେ ରଖିଦେଇଥିଲି ଭଳିକି ଭଳି ରଙ୍ଗର ମୁରୁଜ ତ ଆଶ୍ଚର୍ଯ୍ୟର କଥା ମାଆ ଖାଲି ସେହିଦିନ ନୁହେଁ ବରଂ ତା ପରଠୁ ସବୁଦିନ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଚିତ୍ର ସହ ଶଙ୍ଖ, ଚକ୍ର, ଗଦା, ପଦ୍ମର ଚିତ୍ର ଆଙ୍କୁଥିଲା ପରମ ତୃପ୍ତିରେ ଓ ନିର୍ଭୁଲ ଭାବେ । ଖାଲି ସେତିକି ନୁହେଁ ଚଉରା ଚାରିପଟେ ଥିବା ଫୁଲକୁଣ୍ଡ ଗୁଡିକରେ ନିଜେ ଟ୍ୟାପରୁ ପାଣି ଆଣି ଦେବା, ଶୁଖିଲା ପତ୍ର ସବୁକୁ କାଢି ସଫା କରିବା, ଡ଼ାଳ ଠିକ ଠାକ ଭାଙ୍ଗି ଗଛକୁ ସାଇଜ କରି ଫୁଲତୋଳିଲା ସତ କିନ୍ତୁ ପଚାରୁଥିଲା ବାପା କୋଉଠି ତ ମୁଁ ବୁଝିଯାଇଥିଲି ତା ବାହ୍ୟ ଅଭାବ କିଛିଟା ପୁରଣ ହେଲେ ମଧ୍ୟ ବାପାଙ୍କ ବିନା ତା ଅନ୍ତଃକରଣ ସୌନ୍ଦର୍ଯ୍ୟ କୋଉଠୁ ଆଣିବି ଭାବି ମିଛ କହିଲି ବାପା ଭାଇ ପାଖେ ଅଛନ୍ତି ତ ତାକୁ ଝୁଣ୍ଟିଆ ଓ ପାଉଁଜି ପିନ୍ଧାଇଲି ତା ସହିତ ଖରାପ ନଭାବି ମା'କୁ ଅଳତା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନେଲପଲିସ ଓ ମଥାରେ ଟିକିଲି ବି ଦେଲି । କାରଣ ମୁଁ ଜାଣିଥିଲି ଆମ ମାଆର ଏସବୁଥିରେ ଖୁବ ରୁଚି ଥାଇ ସେ ସଧବା ସିନ୍ଦୁର ନାଇ ବାପାଙ୍କ ଆଗେ ମରିବାକୁ ଚାଁହୁଥିଲା । ତେବେ ତ ମାଆ ଏଯାଏଁ ଠିକ ହୋଇନି । ନିଜ ସ୍ଥିତି ପରିସ୍ଥିତିକୁ ମାନିନେଇ ପାରିନି । ପାରିଛି ଭାଇ । ଦେଖୁନୁ ସେ ତା ନିଜ ହାତରେ ନିଜ ଚୁଡ଼ି, ଟିକିଲି, ପାଉଁଜି, ଝୁଣ୍ଟିଆ କାଢି ରଙ୍ଗୀନ ଶାଢ଼ୀ ବଦଳରେ ସଫେଦ ଶାଢ଼ୀ ପିନ୍ଧୁଛି ଆଉ ପିନ୍ଧିବା ଦିନ କହିଥିଲା ଯିଏ ତ ହେଲେ ଜଣେ ଆଗ ବିଦାୟ ନେବ ସଂସାରରୁ । ବାପା ଏକୁଟିଆ ହୋଇଥିଲେ ତୋ ପାଖେ ରହିଥାଆନ୍ତେ ଓ ମୁଁ ଭାଇ ପାଖେ ରହିଥାଆନ୍ତି ବୋଲି ଆମେ ଦୁହେଁ କଥା ହୋଇଥିଲୁ ତ ତୁ ମତେ ମୋ ପୁଅ ପାଖେ ଛାଡୁନୁ କାହିଁକି ଝିଅ ପଚାରିସାରିଲାଣି ଅନେକ ଥର ।

ପୁଅ ଆଁ କରି ସବୁ ଶୁଣିବା ପରେ ଭଉଣୀକୁ ପଚାରିଥିଲା ଏସବୁ କଣ କାର୍ତ୍ତିକ ମାସ ପାଇଁ ନା କାର୍ତ୍ତିକ ମାସର ଚଉରା ପୂଜା ପାଇଁ ନା କାର୍ତ୍ତିକ ମାସରେ ପଡୁଥିବା ଦୀପାବଳୀର ପୟାଶ୍ରାଦ୍ଧ ପାଇଁ ନା ପୂର୍ଣ୍ଣମୀର ବୋଇତ ଭଷା ପାଇଁ ନା ଫୁଲଗଛର ତତ୍ୱାବଧାନ ପାଇଁ ସମ୍ଭବ ହେଲା ମୁଁ ବୁଝିପାରୁନି ତ ! କେତେ କେତେ ଔଷଧ ଦେଇ ଭଲକରିପାରୁନଥିବା ମାଆକୁ ଚୁଟୁକିରେ କେମିତି ଭଲ କଲୁ ଚୁମୁକି ? ଭଉଣୀ ଚୁମୁକି କହୁଥିଲା ଏସବୁ ସହିତ ଆଉ ଗୋଟେ ବଡ଼ କାରଣ ମୋ ଶାଶୁ । କେମିତି ? ପଚାରୁଥିଲା ଭାଇ ଚଗଲା ତ ଚୁମୁକି କହିଲା ତୁତ ଜାଣୁ ଭାଇ ମୋ ଶଶୁର ଔଷଧ ବଦଳରେ ବିଭିନ୍ନ ଗଛମାନଙ୍କର ପତ୍ରର ରସରେ ନିଜର ରୋଗ ସହିତ ଅନ୍ୟମାନଙ୍କର ରୋଗ ଭଲ କରନ୍ତି । ତାଙ୍କ ପ୍ରଭାବ ଆମ ମାଆ ଉପରେ ପଡିଥିଲା ତ ସେ ମେଥିଗୁଣ୍ଡ ସହ, ମାଟି ମାଆ ବକ୍ଷ ଚିରି ଉଠିଥିବା ମୁଥା ରସ ପିଇବା ସହ ମୋ ଶାଶୁ ଦିନେ ତାଙ୍କ ହାତ ମୋ ମାଆ ପିଠି ଉପରେ ବୁଲେଇ ଆଣି କହିଥିଲେ କି ଏଣିକି ତୁମେ ଭଲ ହୋଇଯିବ ସମୁଦୁଣୀ ତ ମୁଁ ଯୋଡି ଦେଇଥିଲି ସେଥିରେ ଆଉ ପଦେ ମିଠା କଥା ଯେ ମୋ ଶାଶୁମାଆଙ୍କ ହାତ ଯାହା ଦେହରେ ବାଜିବ ତାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶାରୀରିକ ଓ ମାନସିକ କ୍ଲାନ୍ତି ଦୂରେଇ ରୋଗ ଉପଶମ ହେବ । ତା ପରଠୁ ମାଆ ତ ଠିକ ହୋଇଛି ଭାବୁଛି କିନ୍ତୁ ମୋ ଶାଶୁଙ୍କୁ ଏବେ ଫୁରୁସତ ନାହିଁ । କୋଉଠୁ ଓଡିଶା ସାରା ଲୋକ ଆସୁଛନ୍ତି ଶାଶୁମାଆଙ୍କ ହାତ ତାଙ୍କ ପିଠିରେ ମାରି ଭଲ କରିବାକୁ । ଏ ଭିତରେ ନିଜ ଜିନିଷ ପତ୍ର ବାନ୍ଧି ମାଆ ନିଜ ପୁଅ ବୋହୁଙ୍କ ସଙ୍ଗେ ଫେରିଆସିବା ପୂର୍ବରୁ ଝିଅର ଶାଶୁ ସମୁଦୁଣୀଙ୍କୁ ଅନୁରୋଧ କରୁଥିଲା ମୋ ପୁଅ ବୋହୁ ଝିଅ ଜୋଇଁଙ୍କ ପିଠି ଆଉଁସି ଦିଅ ଭଉଣୀ । ସେମାନେ ଆୟୁଷ, ଆଶିଷ ପାଇ ନିରୋଗ ରୁହନ୍ତୁ । ମାଆ ଚାଲିଯିବାକୁ ବସିଥିବା ଦେଖି ଝିଅ ଲୁହ ଓ କୋହକୁ ଚାପି ରଖିନପାରି କାନ୍ଦୁଥିଲା ଖୁବ କଇଁ କଇଁ ତ ତା ଶାଶୁ ତା ପିଠିରେ ହାତ ରଖିଥିଲେ । ପୁଅ ଝିଅଙ୍କ ମାଆ କିନ୍ତୁ ଖୁବ ନିର୍ବିକାର ରହି କହୁଥିଲା ଏଇତ ସଂସାର ଝିଅ ।

ସାକ୍ଷୀଗୋପାଳ, ପୁରୀ ୯୦୪୦୯୭୭୩୨୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମାର ସାକ୍ଷୀ

ସୁଧାଂଶୁ ଶେଖର ଦ୍ୱିବେଦୀ



ଲଣ୍ଡନ ସମୀପରେ ଏକ ଗାଁରେ ଜଣେ ବ୍ୟକ୍ତିଙ୍କର ହତ୍ୟା ହୋଇ ଗଲା । ହତ୍ୟାରେ ଫିଶର ନାମକ ଜଣେ ଲୋକକୁ ଦୋଷାରୋପ କରାଗଲା । ସେ ସମୟରେ ଏଭଳି ଅପରାଧୀମାନଙ୍କୁ ଅଷ୍ଟ୍ରେଲିଆ ପଠାଯାଉଥିଲା । ସେଠାରେ ନିଜ ଚରିତ୍ର ସୁଧାରିବା ପରେ ଚାଷ କରିବା ଲାଗି କିଛି ଜମି ଦିଆଯାଏ । ଫିଶରକୁ ମଧ୍ୟ ଲଣ୍ଡନ ସରକାର ଅଷ୍ଟ୍ରେଲିଆ ପଠାଇଦେଲେ ।

ଅଷ୍ଟ୍ରେଲିଆରେ ପହଞ୍ଚିବା ପରେ ଫିଶର, ମାର୍ଟିନ୍ ନାମକ ଜଣେ ଜମିଦାରଙ୍କ ନିକଟରେ କାର୍ଯ୍ୟ ଆରମ୍ଭ କଲା । ତା'ର ଦୁଇବର୍ଷ କର୍ମ କୁଶଳତା ଦେଖି ଦିନେ ମାର୍ଟିନ୍ ପ୍ରସନ୍ନ ହୋଇ କହିଲେ - ଫିଶର ! ଏବେ ତୁମେ ସରକାରଙ୍କ ଦ୍ୱାରା ପ୍ରାପ୍ତ ଜମିରେ ଚାଷ କାମ କର । ମୁଁ ତୁମକୁ ୧୦୦ ପାଉଣ୍ଡ ଉଧାର ଦେଉଛି । ଫିଶରକୁ ମାର୍ଟିନ୍ ଙ୍କ ପରାମର୍ଶ ଉଚିତ୍ ମନେହେଲା । ସେ ନିଜ ଜମିରେ ଫସଲ କରିବା ଆରମ୍ଭ କରିଦେଲା ।

ଫିଶର ନିଜ କ୍ଷେତରେ ଦୃଢ଼ ପରିଶ୍ରମ କରି ଫସଲ ଅମଳ କଲା । ନିଜ ଚଳଣି ନିମନ୍ତେ ରଖି ବଳକା ଫସଲ ବଜାରରେ ବିକ୍ରିକରି ଦୁଇ ବର୍ଷ ମଧ୍ୟରେ କିଛି ଧନରାଶି ସଂଗ୍ରହ କରିନେଲା । କିଛିଦିନ ପରେ ବୋରଲ ନାମକ ଜଣେ ଅପରାଧୀକୁ ନିଜର ଚାକର ରୂପେ ରଖିଲା । ବୋରଲ ବି ଜଣେ ଲୋକକୁ ହତ୍ୟା କରି ଲଣ୍ଡନ ସରକାରଙ୍କ ଦ୍ୱାରା ଦଣ୍ଡିତ ହୋଇଥାଏ । ଫିଶର ଅନୁଧ୍ୟାନ କରି ଜାଣିପାରିଲା ବୋରଲ ଜଣେ ପରିଶ୍ରମୀ ଲୋକ । ତା' ଉପରେ କ୍ଷେତ ବାଡିର ଦାୟିତ୍ୱ ନିମନ୍ତେ ପୂରା ଭରଷା କରିହେବ । ନିଜ ବେପାରକୁ ଅଧିକ ସୁଦୃଢ଼ କରିବା ପାଇଁ ଫିଶର ଅନେକ ଦିନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାହାରକୁ ପଳାଇଯାଏ । ପ୍ରତି ବଦଳରେ କ୍ଷେତରୁ ଅମଳ ହେଉଥିବା ଫସଲ ବିକ୍ରି କରିବାର ଦାୟିତ୍ୱ ବୋରଲ ଉପରେ ନ୍ୟସ୍ତ ରହେ ।

ଦିନେ ଜମିଦାର ମାର୍ଟିନ୍ ଙ୍କ ସମେତ ଅନ୍ୟ କେତେକ ଲୋକ ଫିଶରର ଫାର୍ମ ହାଉସ୍ କୁ ଆସିଲେ । ସେମାନେ ଫିଶର ସହିତ ଦେଖା କରିବାକୁ ଚାହୁଁଥା'ନ୍ତି । ହେଲେ ଫିଶର ମିଳିଲା ନାହିଁ । ସେମାନେ ଦୁଇ-ତିନି ଥର ଆସିବା ପରେ ବି ଫିଶର ସହିତ ସାକ୍ଷାତ୍ ହେଲାନାହିଁ । ହଠାତ୍ ଦିନେ ଜମିଦାର ଏକାକୀ ଆସି ବୋରଲକୁ ପଚାରିଲେ - ସତ କୁହ ବୋରଲ ଫିଶର କାହିଁ? ସେ ମୋଠାରୁ ୧୦୦ ପାଉଣ୍ଡ ଉଧାର ନେଇଥିଲା । ମୋର ଏବେ ଧନରାଶିର ନିହାତି ଆବଶ୍ୟକତା ଅଛି । ଫିଶର ବଦଳରେ ତୁମେ ମୋତେ ୧୦୦ ପାଉଣ୍ଡ ଦେଇଦିଅ ।

ବୋରଲ କହିଲା - ମାଲିକଙ୍କ ଆଜ୍ଞା ନ ପାଇବା ଯାଏ ମୁଁ ଆପଣଙ୍କୁ ଏତେଗୁଡିଏ ଧନରାଶି ଦେଇପାରିବି ନାହିଁ ।

ତାହେଲେ ସେ କାହିଁ? କୁଆଡେ ଯାଇଛି କୁହ ?

ଆଜ୍ଞା ! ସେ ଲଣ୍ଡନକୁ ଯାଇଛନ୍ତି । ଦୁଇ ଚାରି ଦିନ ମଧ୍ୟରେ ଫେରିବେ ।

ହେଲେ ସେ ତ ସରକାରୀ ଅପରାଧୀ । ଲଣ୍ଡନ ଯିବାପାଇଁ ଆଜ୍ଞା ମିଳିବା ମୁସ୍କିଲ । ବୋରଲ ଏଥର କଥା ଲୁଚେଇ କହିଲା - ସରକାରୀ ଆଜ୍ଞା ନେଇ ନାହାନ୍ତି ବୋଲି କାହାକୁ ଜଣାଇବାକୁ ମନା କରିଥିଲେ ।

ଆଗନ୍ତୁକ ମାର୍ଟିନ ବୋରଲଠାରୁ ନିରାଶ ହୋଇ ନିଜ ଘୋଡାରେ ବିସି ଘର ଅଭିମୁଖେ ଫେରିବା ବେଳେ ଫିଶରର ଫାର୍ମ ହାଉସକୁ ଲକ୍ଷ୍ୟ କଲେ । ଫାର୍ମ ହାଉସ୍ ଶେଷ ସୀମାରେ ଗୋଟେ କାଠର ଫାଟକ ଲାଗିଥାଏ । ଯାହା ଫାର୍ମ ହାଉସ ସଂଲଗ୍ନ ସଡକରେ ଗୋଟେ ଲମ୍ବା ଆବର୍ଜନା ନାଳିଟିଏ ବହି ଯାଇଥାଏ ।

ଯେମିତି ସେ ନାଳି ପାରି ହୋଇଛନ୍ତି ସମ୍ମୁଖରେ ଫିଶର ଯାଉଥିବା ଦେଖି ଫିଶର !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫିଶର ! ବୋଲି ଡାକ ମାରି କହିଲେ - ତୁମେ ମୋ ସହିତ ଧୋକା ଦେଇ ପାରିବନି । ମୁଁ ତୁମ ବିପତ୍ତି ବେଳେ ୧୦୦ ପାଉଣ୍ଡ ଉଧାର ଦେଇଥିଲି ଆଜି ମୋର ଧନ ଆବଶ୍ୟକ । ମୋତେ ମୋ ଧନରାଶି ଫେରାଇଦିଅ । ତାପରେ ସେ ଆଉ ଫିଶରକୁ ଦେଖିବାକୁ ପାଇଲେ ନାହିଁ । ସଙ୍ଗେ ସଙ୍ଗେ କୋଉଠି ଅଦୃଶ୍ୟ ହୋଇଗଲା । ସେ ତା'କୁ ଡାକମାରି ଫାର୍ମ ହାଉସ୍ ଚାରିପଟେ ଖୋଜିଲେ । ହେଲେ କୋଉଠି ମିଳିଲା ନାହିଁ । ସେଠାରୁ ସେ ସିଧା ଥାନାରେ ପହଞ୍ଚି ରିପୋର୍ଟ ଲେଖିଲେ ।

ତା' ପରଦିନ ପୋଲିସ ଫିଶରର ଫାର୍ମ ହାଉସକୁ ଆସି ବୋରଲକୁ ତା' ନିଖୋଜ ବିଷୟରେ ପଚାରିଲେ । ବୋରଲ ପୂର୍ବପରି ମିଛ କହିଲା - ମାଲିକ ଲଣ୍ଡନ ଯାଇଛନ୍ତି ।

ହେଲେ ମାର୍ଟିନ କହୁଛନ୍ତି ସେ ଗତକାଲି ତାକୁ କାଠ ଫାଟକ ନିକଟରେ ଦେଖିଛନ୍ତି । ପୋଲିସ ପୁଣି ପଚାରିଲେ ।

ବିଲକୁଲ ମିଛ କଥା ସାର ! ସେ ଏଠି ନାହାନ୍ତି ତ ତାଙ୍କୁ ଦେଖିବେ କିପରି ?

ମୁଁ କଣ ଫିଶରକୁ ଚିହ୍ନିନାହିଁ? ମାର୍ଟିନ୍ ଙ୍କ ମନରେ ସନ୍ଦେହ ହେଲା । ଫିଶର କୋଉଠି ଆତ୍ମଗୋପନ କରିଛି ଏହା ଭାବି ପୋଲସ କାନ ପାଖେ କହିଲେ - ସାର ! ଏଠାକାର କିଛି କଳା ଲୋକ ଅଛନ୍ତି ପାଦର ଚିହ୍ନକୁ ଶୁଙ୍ଘି ନିଖୋଜ ବ୍ୟକ୍ତିକୁ ଚିହ୍ନି ପାରନ୍ତି । ଜିମ୍ମି ନାମକ ଜଣେ କଳା ଲୋକ ଫିଶର ପାଖେ କାମ କରୁଥିଲା ତାକୁ ଡାକିଲେ ସେ ହୁଏତ ଫିଶରକୁ ଖୋଜି ବାହାର କରିପାରିବ !

ଜିମ୍ମିକୁ ଡ଼କାହେଲା । ସେ ପହଞ୍ଚି ଜଙ୍ଗଲ ଜନ୍ତୁଙ୍କ ପରି ନାକ ଫୁଲେଇ ଶୁଙ୍ଘିବାକୁ ଲାଗିଲା । କେତେବେଳେ ଆଖି ତରାଟି ମାଟିକୁ ଦେଖୁଥାଏ । ଫାଟକ ନିକଟରେ ଗୋଟେ କାଠର ଖୁଣ୍ଟ ଥାଏ । ତା' ନିକଟରେ କେତେକ ପାଦର ଚିହ୍ନ ଦେଖା ଯାଉଥାଏ । ଜିମ୍ମି ତାହା ଶୁଙ୍ଘିବା ପରେ ପୋଲିସକୁ କହିଲା - ସାର ! ଧଳା ଲୋକର ହତ୍ୟା ହୋଇଛି । ଜିମ୍ମି ପୁଣି ଆଗକୁ ବଢୁଥାଏ । କିଛିଦୂର ଯିବା ପରେ ଗୋଟେ ଗର୍ତ୍ତ ନିକଟରେ ପହଞ୍ଚିଲା । ଗର୍ତ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଧ୍ୟରେ ଅଳିଆ ଆବର୍ଜନା ଭରିଥାଏ । ଜିମ୍ମି ଘୁଷୁରୀ ଭଳି ଶୁଙ୍ଘି ଶୁଙ୍ଘି କହିଲା - ଏଇ ଗର୍ତ୍ତ ମଧ୍ୟରେ ଧଳା ଲୋକର ଶବ ଅଛି ।

ପୋଲିସ ପିସ୍ତଲ ବାହାର କଲେ । ମାର୍ଟିନ ଗୋଟେ କୋଦାଳ ଓ ପାଛିଆ ମଗାଇଲେ । ତା' ଦ୍ୱାରା ଗର୍ତ୍ତ ମଧ୍ୟରୁ ଅଳିଆ ବାହାର କରାଗଲା । ସତକୁ ସତ ଗର୍ତ୍ତ ମଧରୁ ଗୋଟେ ଶବ ମିଳିଲା । ମାର୍ଟିନ କହିଲେ - ସାର ! ଏ ଶବ ଫିଶରର । ହେଲେ ମୁଁ ଗତ କାଲି ସକାଳେ କାଠ ଫାଟକ ନିକଟରେ ତାକୁ ଦେଖିଥିଲି ।

ପୋଲିସ କହିଲେ - ମି: ମାର୍ଟିନ ! ଏ ଶବ ସମ୍ଭବତଃ ଗୋଟେ ମାସ ପୂର୍ବରୁ ଗର୍ତ୍ତରେ ପଡି ରହିଥିଲା । ଏହା ଆପଣଙ୍କର ଭୁଲ ଧାରଣା ।

ଆପଣ ଦିନରେ ସ୍ୱପ୍ନ ଦେଖିବା ଛାଡିଦିଅନ୍ତୁ । ତାପରେ ପୋଲିସ ବୋରଲ ହାତରେ ହାତକଡି ପକାଇ ଥାନାକୁ ନେଇଗଲେ । ମକଦମା କୋର୍ଟରେ ପହଞ୍ଚିଲା । ବୋରଲ ସ୍ୱୀକାର କଲା ସେ ହିଁ ଫିଶରକୁ ହତ୍ୟା କରିଛି । ହତ୍ୟା ଅପରାଧରେ ତାକୁ ମୃତ୍ୟୁଦଣ୍ଡ ମିଳିଲା । କିନ୍ତୁ ମାର୍ଟିନ ଭାବିପାରୁ ନଥାନ୍ତି ଫିଶର ମରିବା ପରେ ବି ତାଙ୍କୁ କିଭଳି ଦେଖାହେଲା ! ତାହେଲେ କଣ ଫିଶରର ଆତ୍ମା ସାକ୍ଷୀ ଦେବାପାଇଁ ଦୃଶ୍ୟ ହୋଇଥିଲା ! ନିଜ ପ୍ରଶ୍ନର ଉତ୍ତର ପାଇବା ପାଇଁ ନିଜେ ଖୋଜି ହେଉଥାନ୍ତି ।

ବିସି-୭୪,ସଲ୍ଟ ଲେକ୍,କଲକତା-୬୪

ମୋ-୯୬୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହନୁମାନ

ବାବାଜୀ ଚରଣ ଦାସ



ଲଙ୍କାଗଡ ଉପରେ ଧ୍ୟାନ ଦେଇ ହନୁମାନଜୀ ଦେଖିଲେ ଲଙ୍କାପୁର ଛାରଖାର ହୋଇ ଯାଇଛି । ସ୍ୱର୍ଣ୍ଣ ଲଙ୍କା ଶ୍ରୀହୀନ ଦିଶୁଛି । ଅସୁରମାନେ ଭୟରେ କାତର ହେଉଛନ୍ତି । ଏସବୁ ଦେଖି ହନୁମାନଜୀ ବହୁତ ଅନୁତାପ କଲେ । ଭାବିଲେ, କାହିଁକି ମୁଁ ଅଜ୍ଞାନ ବଶତଃ ଏତେ ବଡ଼ ପାପକର୍ମ କଲି ? ଯେଉଁଥିପାଇଁ ମୁଁ ଏଠାକୁ ଆସିଥିଲି, ତାହା ସରିବା ପରେ କାହିଁକି ଏ କାର୍ଯ୍ୟ କଲି ? ଲୋକମାନେ ପର ହିତରେ ଘର ତୋଳାଇ ଦିଅନ୍ତି, ଅଗ୍ନି ଲାଗିଥିଲେ ଲିଭାଇ ଦିଅନ୍ତି । ମୁଁ କୋପ କରି ଘର ପୋଡିଦେଲି । ବିଚାର ନକରି କାର୍ଯ୍ୟ କଲେ ପରେ ପ୍ରାଣୀ ଅନୁତାପ କରନ୍ତି । ଯଦି ବୈଦେହୀ ପବନର ତ୍ରାସ ସହି ପାରି ନଥିବେ, ତେବେ ମୁଁ କିଭଳି ଶ୍ରୀରାମଙ୍କୁ ମୁହଁ ଦେଖାଇବି । ପୁଣି ପର କ୍ଷଣରେ ଭାବିଲେ, ସତୀ ଶିରୋମଣି ସୀତାଙ୍କର ଦେହକୁ ଅନଳ ସ୍ପର୍ଶ କରି ପାରିବ ନାହିଁ । ଏଭଳି ଚିନ୍ତା କରୁଥିବା ବେଳେ ଶୂନ୍ୟ ମାର୍ଗରେ ସିଦ୍ଧ ଚାରଣଙ୍କ ବାଣୀ ଶୁଣିଲେ, "ହେ ପବନପୁତ୍ର ହନୁମାନ ! ତୁମେ ଆକୁଳ ହୁଅ ନାହିଁ । ସୀତା ଦେବୀଙ୍କର କିଛି କ୍ଷତି ହୋଇନାହିଁ । ସନ୍ତୋଷ ମନରେ ଶ୍ରୀରାମଙ୍କ ପାଖକୁ ଫେରିଯାଅ ।" ହନୁମାନଜୀ ଭାବିଲେ, ଏହା ନିଶ୍ଚୟ ଦୈବବାଣୀ । ଏବେ କିଷ୍କିନ୍ଧ୍ୟାରେ ଶ୍ରୀରାମଙ୍କ ପାଦ ଦର୍ଶନ କରିବି । ଯାଉଛି, ଅଶୋକବନରେ ମାତାସୀତାଙ୍କୁ ଦର୍ଶନ କରି ଆସିବି । ଏହାପରେ ମୁଁ ଶ୍ରୀରାମଙ୍କ ପାଖକୁ ଫେରିବି । ହନୁମାନଜୀ ଅଶୋକ ବନରେ ଯାଇ ପହଁଚିଲେ । ଦେଖିଲେ ସୀତା ଦେବୀ ଶିଂଶପା ମୂଳରେ ମୁହଁ ପୋତି ଦୁଃଖରେ ବସିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ସମୟରେ ହନୁମାନ ତାଙ୍କୁ ପ୍ରଣାମ କଲେ । ହନୁମାନ ଜୀ କହିଲେ, ମାଆ ! ମୁଁ ମୋ ପୂର୍ବ ପୁଣ୍ୟ ବଳରୁ ଆଉ ଥରେ ଆସି ତୁମକୁ କୁଶଳରେ ଥିବାର ଦେଖିଲି । ଶ୍ରୀରାମଙ୍କ ଆଶୀର୍ବାଦରୁ ସବୁ କାର୍ଯ୍ୟ ସିଦ୍ଧ ହେଲା । ମୁଁ ଏବେ ଫେରିବି । ମୋତେ ଆଜ୍ଞା ଦିଅନ୍ତୁ ମା । ଏହାଶୁଣି ସୀତା ଦେବୀ ଆନନ୍ଦିତା ହୋଇ କହିଲେ, ମୁଁ ତୁମ ପାଇଁ ଶୋକ କରୁଥିଲି । ଯାହାହେଉ, ତୁମେ ମୋତେ ଆସି ଦେଖା ଦେଲ । ତୁମକୁ ଦେଖି ହୃଦୟରେ ଶାନ୍ତି ଅନୁଭବ କରୁଛି । ଅସୁରଙ୍କ ସହିତ ଯୁଦ୍ଧରେ ତୁମେ କ୍ଲାନ୍ତ । ଗୁପ୍ତରେ ଏଠାରେ କୌଣସି ବୃକ୍ଷରେ ରହି ଶ୍ରମ ଶାନ୍ତି କରି ଆସନ୍ତାକାଲି ପ୍ରଭାତରୁ ଶ୍ରୀରାମଙ୍କ ନିକଟକୁ ଫେରିଯାଅନ୍ତୁ । କିନ୍ତୁ ଏଠାରେ ପଦେ ପଦେ ବିପଦ । ହେ କପି ଶ୍ରେଷ୍ଠ ! ତୁମେ ଗୁପ୍ତରେ ଲଙ୍କା ପରିତ୍ୟାଗ କରି ମୋ ମନରୁ ଶଙ୍କା ଦୂର କର । କେବଳ ଗୋଟିଏ କଥା ଭାବି ମୁଁ ଆକୁଳ ହେଉଛି । ଚାରି ପାଖରେ ଲବଣ ସମୁଦ୍ର । ଶ୍ରୀରାମ କିପରି ତାହା ପାର ହୋଇ ଆସିବେ ? ପକ୍ଷ ବଳରେ ଗରୁଡ଼ ସିନ୍ଧୁ ଲଂଘି ପାରନ୍ତି । ତୁମେ ଶୂନ୍ୟରେ ଡେଇଁ ଆସି ଲଙ୍କାଗଡ଼ରେ ଅଦ୍ଭୁତ କର୍ମ କଲ । ତୁମ ଭଳି ବଳବନ୍ତ କପି ଆଉ କେହି ଅଛନ୍ତି କି ? ଲଙ୍କାପୁର ଦୈତ୍ୟମାନଙ୍କୁ ଜିଣି ପାରିବେ କି ? ଅସୁରମାନେ ମହା ବଳୀୟାନ । କ୍ଷଣକରେ ତ୍ରିପୁର ଜୟ କରି ପାରନ୍ତି । କିଭଳି ବାନରବାହିନୀ ସହିତ ଶ୍ରୀରାମ ସମୁଦ୍ର ଲଂଘି ପାରିବେ ? ରାବଣ ସମୟ ଦେଇଛି । ସମୟ ଡେଇଁବା ପୂର୍ବରୁ ମୋତେ ଯେମିତି ଶ୍ରୀରାମ ଲକ୍ଷ୍ମଣ ଆସି ଉଦ୍ଧାର କରିବେ, ସେହି ବ୍ୟବସ୍ଥା ତୁମେ କରାଇବ । ହନୁମାନ ଜୀ କହିଲେ, ମାଆ ! ବ୍ୟସ୍ତ ହୁଅନ୍ତୁ ନାହିଁ । ଯେତେ ବାନର ଏହି ମହୀମଣ୍ଡଳରେ ଅଛନ୍ତି, ସମସ୍ତେ ସୁଗ୍ରୀବଙ୍କ ଆଜ୍ଞାକାରୀ ।

ପୂର୍ବରୁ ପଠାଯାଇଥିଲା ଜଣେ ଜଣେ ବାନର ଲଙ୍କାପୁର ଜିଣି ପାରିବେ । ସେମାନଙ୍କୁ ସାଥିରେ ଧରି ଲଙ୍କାପୁର ଆସି ଦୈତ୍ୟମାନଙ୍କୁ ବିନାଶ କରିବେ ବୋଲି ସୁଗ୍ରୀବ ପ୍ରତିଜ୍ଞା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଛନ୍ତି । ପ୍ରଭୁ ଶ୍ରୀରାମ ଅଗ୍ନି ଶର ଦ୍ୱାରା ସମୁଦ୍ର ଶୋଷି ପାରିବେ । ବାନରମାନଙ୍କ ପରାକ୍ରମ କଳନା କରି ହେବନି । ସେମାନେ ଚେଷ୍ଟା କଲେ ମେରୁ ପର୍ବତ ଚୂନା କରି ଦେଇ ପାରିବେ । ମୋ ସହିତ କେତେ ବାନର ସମାନ ଅଟନ୍ତି । ଆଉ କେତେ ବାନର ମୋ ଠାରୁ ଅଧିକ ବଳଶାଳୀ । ବଳରେ ମୋ ଠାରୁ କମ୍ କେହି ସୁଗ୍ରୀବଙ୍କ ସେନା ମଧ୍ୟରେ ନାହାନ୍ତି । ଆପଣ ହୁଏତ ପଚାରି ପାରନ୍ତି, ସେମାନେ ତ ଥିଲେ, ତୁମକୁ କାହିଁକି ଲଙ୍କାଗଡ ପଠାଇଲେ ? ସାନ ଥାଉ ଥାଉଁ ବଡ଼ କ'ଣ ଦୂତ ହୁଏ କି ? ଏଥିପାଇଁ ମୋତେ ଶ୍ରୀରାମ ପଠାଇଛନ୍ତି ।

ପଞ୍ଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର, ୭୫୧୦୧୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୌରବଙ୍କ ଦୂତ ସଞ୍ଜୟ

ଅର୍ଜୁନୀ ଚରଣ ବେହେରା



ମହାଭାରତ ଯୁଦ୍ଧର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ପାଣ୍ଡବ ମାନେ ବନବାସ ଏବଂ ଅଜ୍ଞାତବାସ ଶେଷ କରି ପାଞ୍ଚାଳ ଦେଶରେ ରହୁଥାନ୍ତି । ଯୁଦ୍ଧ ନ ହେବା ପାଇଁ ପାଣ୍ଡବଙ୍କ ପକ୍ଷରୁ ଶାନ୍ତି ବାର୍ତ୍ତା ନେଇ ପାଞ୍ଚାଳ ରାଜ ପୁରୋହିତ ହସ୍ତିନା ଦରବାରରୁ ବିଫଳ କାମ ହୋଇ ଫେରି ଆସିଲେ । ତାଙ୍କ ହାତରେ ଧୃତରାଷ୍ଟ୍ର ସମ୍ବାଦ ଦେଇ ଥିଲେ, ଆମେ ଖୁବ୍ ଶୀଘ୍ର ସଞ୍ଜୟଙ୍କୁ ଦୂତ କରି ଯୁଧିଷ୍ଠିରଙ୍କ ନିକଟକୁ ପଠାଉଛୁ ।

ପାଣ୍ଡବଙ୍କ ଦୂତ ଫେରିଗଲା ପରେ ଧୃତରାଷ୍ଟ୍ର କଥା ଅନୁଯାୟୀ ସଞ୍ଜୟଙ୍କୁ ଡାକିକରି କହିଲେ, ସଞ୍ଜୟ ! ତୁମେ ଉପପ୍ଲବ୍ୟ ନଗରକୁ ଯାଅ । ସେଠାକୁ ଯାଇ ତୁମେ ପ୍ରଥମେ ପାଣ୍ଡବଙ୍କ କୁଶଳ ଜିଜ୍ଞାସା କରିବ । ସେମାନଂକୁ ମୋର ଗଭୀର ସ୍ନେହ ଜଣାଇ ଦେବ । ସେମାନେ ସପୁର୍ଣ୍ଣ ପ୍ରସ୍ତୁତ ଥାଇ ମଧ୍ୟ ଯୁଦ୍ଧ ନହେବା ପାଇଁ ଚାହୁଁଛନ୍ତି । ତୁମେ ସେମାନଙ୍କୁ ଏହି ସୁଯୋଗ ନେଇ ଶାନ୍ତିର ମହତ୍ତ୍ୱ ବୁଝାଇବ ଓ ସ୍ୱଜନ ବିନାଶ କେତେ ନିନ୍ଦନୀୟ ସେ କଥା ମଧ୍ୟ ବୁଝାଇ ଦେବ । ଯୁଧିଷ୍ଠିର କୃଷ୍ଣଙ୍କ ଉପରେ ପୂର୍ଣ୍ଣ ନିର୍ଭରଶୀଳ । ଏଣୁ ସେ କିପରି ପ୍ରସନ୍ନ ହେବେ ଏବଂ ଯୁଧିଷ୍ଠିରଙ୍କୁ ସନ୍ଧି କରିବା ପାଇଁ ପ୍ରସ୍ତାବ ଦେବେ ସେ କଥା ଦେଖିବ ।  ଧୃତରାଷ୍ଟ୍ରଙ୍କ ସଞ୍ଜୟଙ୍କୁ ଏପରି କହିବାର ଅର୍ଥଥିଲା ଯୁଦ୍ଧ ହେବନାହିଁ କିନ୍ତୁ ପାଣ୍ଡବମାନଙ୍କୁ ତାଙ୍କ ରାଜ୍ୟ ନଦେଇ ସନ୍ତୁଷ୍ଟ କରାଯାଇ ପାରିବ ।

ଧୃତରାଷ୍ଟ୍ରଙ୍କ ବାର୍ତ୍ତା ନେଇ ସଞ୍ଜୟ ଯାଇ ଉପପ୍ଲବ୍ୟ ନଗରରେ ପହଁଚି ଯୁଧିଷ୍ଠିରଙ୍କୁ ଅଭିବାଦନ କଲେ । ସେ ଯୁଧିଷ୍ଠିରଙ୍କୁ କହିଲେ, ଧର୍ମପୁତ୍ର ! ମୋର ଆଜି ପରମ ସୌଭାଗ୍ୟ ମୁଁ ଆପଣଙ୍କ ଦର୍ଶନ ଲାଭକଲି । ଆପଣଙ୍କର କୁଶଳ ଜାଣିବା ପାଇଁ ବ୍ୟାକୁଳ ହୋଇ ରାଜା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧୃତରାଷ୍ଟ୍ର ମୋତେ ପଠାଇଛନ୍ତି । ଯଶସ୍ୱିନୀ ଦ୍ରୌପଦୀ, ଆପଣ ଓ ଆପଣଙ୍କ ବୀର ଭାଇମାନେ ସମସ୍ତେ କୁଶଳରେ ଅଛନ୍ତି ତ ! ଆପଣଙ୍କର ଏବଂ କୌରବଙ୍କ ମଧ୍ୟରେ କିପରି ଅଖଣ୍ଡମିତ୍ରତା ସ୍ଥାପିତ ହେବ ତାହା ଧୃତରାଷ୍ଟ୍ର ଚାହାଁନ୍ତି ସେ ଯୁଦ୍ଧ ଚାହାଁନ୍ତି ନାହିଁ । ଯୁଧିଷ୍ଠିର ସଙ୍ଗେ ସଙ୍ଗେ କହିଲେ, ଏହା ତ ଅତି ଉତ୍ତମକଥା । ଆମେମାନେ ମଧ୍ୟ ସେଇଆ ହିଁ ଚାହୁଁ । ଆମେମାନେ କେବଳ ଆମ ପୈତୃକରାଜ୍ୟ ଫେରି ପାଇବାକୁ କାହୁଁ । ସେତକ ପାଇଲେ ଆମ ପ୍ରତି ଦୁର୍ଯ୍ୟୋଧନ କରିଥିବା ସମସ୍ତ ଅବିଚାର ଏବଂ ଅନ୍ୟାୟକୁ ଆମେ ଭୁଲିଯିବୁ ।

ସଞ୍ଜୟ କହିଲେ, ଆପଣ ସମସ୍ତେ ଧର୍ମକୁ ଜାଣନ୍ତି । ଦୂର୍ଯ୍ୟୋଧନ ଓ କୌରବ ମାନେ ଇର୍ଷା ପରାୟଣ । ମାତ୍ର ଯାହା ହେଲେ ମଧ୍ୟ, ସେମାନେ ଆପଣଙ୍କର ସ୍ୱଜନ । ସ୍ୱଜନ ଓ ଜ୍ଞାତି ମାନଙ୍କ ବଧକୁ କୌଣସି ଧର୍ମ ପରାୟଣ ବ୍ୟକ୍ତି ଅନୁମୋଦନ କରିବ ନାହିଁ । ହେ କୌନ୍ତେୟ, ଯୁଦ୍ଧହେଲେ ଉଭୟପକ୍ଷର କ୍ଷତି । ଆପଣଙ୍କ ପକ୍ଷରେ ଯେମିତି ଶ୍ରୀକୃଷ୍ଣ, ଚେକିତାନ୍, ଧୃଷ୍ଟଦ୍ୟୁମ୍ନ, ସାତ୍ୟକି ଓ ଆପଣଙ୍କର ବୀର ଯୋଦ୍ଧା ଭାଇ ମାନେ ଅଛନ୍ତି, ଦୁର୍ଯ୍ୟୋଧନଙ୍କ ପକ୍ଷରେ ମଧ୍ୟ ସେହିପରି ଭୀଷ୍ମ, ଦ୍ରୋଣ, କୃପ, ଶଲ୍ୟ, ଅଶ୍ୱତ୍ଥାମା, କର୍ଣ୍ଣ, ଆଦି ମହା ଯୋଦ୍ଧା ମାନେ ଅଛନ୍ତି । ବଳରେ କେହି କାହାକୁ କମ୍ ନୁହଁ । ଏଣୁ ଯୁଦ୍ଧରେ କାହାର ଜୟ ହେବ କିଏ କହି ପାରିବ । ତେଣୁ ଯୁଦ୍ଧ ଠାରୁ ସନ୍ଧି ହିଁ ଶ୍ରେୟସ୍କର । ହେ ପାଣ୍ଡବ ମାନେ ! ରାଜ୍ୟ ଲୋଭ ଯଦି ଆପଣଙ୍କର ଏକ ମାତ୍ର ଲକ୍ଷ୍ୟ ଥାନ୍ତା, ତା ହେଲେ ଏତେ ବର୍ଷକାଳ ଦୁଃଖ ନସହି ଆପଣ ମାନେ ସେହି ସମୟରେ ହିଁ ଦୁର୍ଯ୍ୟୋଧନକୁ ପରାସ୍ତ କରି ପାରିଥାନ୍ତେ । ଯୁଦ୍ଧରେ ଜୟଲାଭ ଚିର ସ୍ଥାୟୀ ନୁହେଁ । ଶାନ୍ତି ହିଁ ଚିରସ୍ଥାୟୀ । ମୁଁ ବିଶ୍ୱାସ କରେ କି ଶାନ୍ତିର ମହତ୍ତ୍ୱ ଜାଣି ଥିବା ଶ୍ରୀକୃଷ୍ଣ ମଧ୍ୟ ଆପଣଙ୍କୁ ଏହି ପରାମର୍ଶଦେବେ । ମୋର ଅନୁରୋଧ ଆପଣ ମାନେ ଧର୍ମର ମାର୍ଗକୁ କେବେ ହେଲେ ପରିତ୍ୟାଗ କରନ୍ତୁ ନାହିଁ ଏବଂ ରାଜ୍ୟ ଲୋଭରେ ନିଜର ଜ୍ଞାତି କୁଟୁମ୍ବଙ୍କ ବଧର କାରଣ ହୁଅନ୍ତୁ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୁଧିଷ୍ଠିର ସଞ୍ଜୟଙ୍କ ଆସିବା ଉଦ୍ଦେଶ୍ୟ ବୁଝିଗଲେ । ସେ କହିଲେ, ତୁମେ ଯାହା କହିଲ ଯଥାର୍ଥ । ଧର୍ମର ପଥ ସବୁବେଳେ ଶ୍ରେଷ୍ଠ । ଆମେ ସବୁବେଳେ ଧର୍ମ ଆଚରଣ କରି ଆସିଛୁ ଓ କରୁଥିବୁ ମଧ୍ୟ । ଆମର ଧର୍ମ ଆମ ପୂର୍ବପୁରୁଷଙ୍କ ଧର୍ମ ଯାହା କି କ୍ଷାତ୍ରଧର୍ମ । ଆମର ଧର୍ମ ସନ୍ନ୍ୟାସ ଅବଲମ୍ବନ ନୁହେଁ । ତେବେ ଯାହାହେଉ ତୁମେ ଶ୍ରୀକୃଷ୍ଣଙ୍କୁ ସମସ୍ତ ଧର୍ମର ଜ୍ଞାତା ବୋଲି ଗ୍ରହଣ କରିଛ । ଆମେ ମାନେ ମଧ୍ୟ ତାଙ୍କୁ ସମସ୍ତ ଧର୍ମର ମର୍ମଜ୍ଞ ବୋଲି ମାନୁ । ତେଣୁ ତୁମେ ଯାହା କହିଲ, ସେ ବିଷୟଉପରେ ଆମେ କୃଷ୍ଣଙ୍କ ପରାମର୍ଶ ଲୋଡୁଛୁ ।

ଶ୍ରୀକୃଷ୍ଣ କହିଲେ,ହେ ସଞ୍ଜୟ ! ମୁଁ ଉଭୟ ପକ୍ଷର ମଙ୍ଗଳ ଚାହେଁ । ଯୁଦ୍ଧ ତ୍ୟାଗକରି ଉଭୟପକ୍ଷ ଯଦି ଶାନ୍ତିରେ ରହି ପାରନ୍ତି ତେବେ ମୁଁ ସବୁଠାରୁ ବେଶି ସୁଖିହେବି । ଯୁଧିଷ୍ଠିର ସନ୍ଧିଚାହାଁନ୍ତି । ସେ ଓ ତାଙ୍କ ଭାଇମାନେ କେବେ ଧର୍ମର ପଥ ଛାଡ଼ି ନାହାଁନ୍ତି କି ଛାଡ଼ିବେ ନାହିଁ ମଧ୍ୟ । କିନ୍ତୁ ଚିରସ୍ଥାୟୀ ଶାନ୍ତି ପାଇଁ ସର୍ବନିମ୍ନ ଆବଶ୍ୟକତା ହେଉଛି ପାଣ୍ଡବଙ୍କ ଉଚିତ ପ୍ରାପ୍ୟ, ତାଙ୍କୁ ଦେଇ ଦେବା । ଦୁର୍ଯ୍ୟୋଧନ କିପରି ପାଣ୍ଡବଙ୍କ ରାଜ୍ୟଲକ୍ଷ୍ମୀ ଅପହରଣ କରି ନେଇଛନ୍ତି ତାହା ଧୃତରାଷ୍ଟ୍ର ଜାଣନ୍ତି ମାତ୍ର ପୁତ୍ର ସ୍ନେହରେ ଅନ୍ଧ ହୋଇ ସେ ଚୁପହୋଇ ବସିଛନ୍ତି । ଦସ୍ୟୁବୃତ୍ତି କରି ଯିଏ ଅନ୍ୟର ଧନକୁ ଅପହରଣ କରେ ସେ ବଧର ଯୋଗ୍ୟ । ତାହାହିଁ ହେଉଛି ଧର୍ମ ।

ସର୍ବ ଶେଷକୁ ଯୁଧିଷ୍ଠିର କହିଲେ, ସଞ୍ଜୟ ! ତୁମେ ପିତୃବ୍ୟ ଧୃତରାଷ୍ଟ୍ରଙ୍କୁ କହିବ, ଆପଣଙ୍କର ଅପାର ସ୍ନେହରୁ ପାଣ୍ଡବମାନେ ସେମାନଙ୍କ ପୈତୃକ ଅଂଶ ପାଇଥିଲେ । ସେମାନେ ଏବେ ଆପଣଙ୍କର ସେହି ସ୍ନେହ ଭିକ୍ଷା କହୁଛନ୍ତି । ପିତାମହଙ୍କୁ ଆମର ଯଥା ସମ୍ମାନ ଜଣାଇ କହିବ, ଥରେ ଆପଣ କୁରୁକୁଳକୁ ବୁଡ଼ି ଯାଉଥିବା ବେଳେ ରକ୍ଷା କରିଥିଲେ । ଏବେ ଆପଣଙ୍କ ପୌତ୍ରମାନେ କିପରି ଶାନ୍ତିରେ ରହିବେ ତାହାର ବ୍ୟବସ୍ଥା କରିବେ । ତାପରେ ତୁମେ କକା ବିଦୁରଙ୍କୁ କହିବ, ଏ ଦିଗରେ, ରାଜା ଧୃତରାଷ୍ଟ୍ରଙ୍କୁ ସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେପରି ଉପଯୁକ୍ତ ପରାମର୍ଶ ଦେବେ । ତୁମେ ଦୁର୍ଯ୍ୟୋଧନକୁ କହିବ, ତୁମେ ପାଣ୍ଡବମାନଙ୍କୁ ବହୁ କଷଣ ଦେଇଛ । ସେମାନେ ତାକୁ ଧୈର୍ଯ୍ୟର ସହ ସହି ଆସିଛନ୍ତି । ସେମାନେ ଶାନ୍ତି ଚାହୁଁଛନ୍ତି ଏଙ୍ଗ ଶାନ୍ତିରେ ତାଙ୍କ ରାଜ୍ୟ ଫେରି ପାଇବାକୁ ଚାହାଁନ୍ତି । ସେମାନେ ବେଶି କିଛି ମାଗୁ ନାହାଁନ୍ତି । ସେମାନେ ପାଞ୍ଚଭାଇଙ୍କ ପାଇଁ ଖାଲି ପାଞ୍ଚଟି ଗ୍ରାମ ମାଗୁଛନ୍ତି । ଆମେ ଶାନ୍ତି ଓ ଯୁଦ୍ଧ ଉଭୟପାଇଁ ପ୍ରସ୍ତୁତ । ଆମେ ଶାନ୍ତିରେ ଯଦି ନ୍ୟାୟନପାଉ ତେବେ ଯୁଦ୍ଧର ପନ୍ଥା ଅବଲମ୍ବନ କରିବାକୁ ପଛାଇବୁ ନାହିଁ ।

ସଞ୍ଜୟ ହସ୍ତିନା ଫେରି ଆସିଲେ । ସେ ଉପପ୍ଲବ୍ୟ ନଗରରୁ ଯୁଧିଷ୍ଠିରଙ୍କ ଠାରୁ କଅଣ ସନ୍ଦେଶ ନେଇ ଫେରୁଛନ୍ତି ତାହା ଜାଣିବାକୁ ଧୃତରାଷ୍ଟ୍ର ଉଦଗ୍ରୀବ ହୋଇ ଚାହିଁ ରହିଥାନ୍ତି । ଚିନ୍ତାରେ ତାଙ୍କୁ ରାତିରେ ନିଦ ହେଲାନାହିଁ । କ'ଣ କରିବେ କରିବେ ହୋଇ ସେ ବିଦୁରଙ୍କୁ ଡକାଇ ପଠାଇଲେ । ବିଦୁର ଆସି କହିଲେ, ହେ ରାଜା ! କାମୀ, ଚୋର, ବିପଦଗ୍ରସ୍ତ, ପରଧନ ଲୋଭୀ ଓ ସର୍ବସ୍ୱ ହରାଇଥିବା ଲୋକକୁ ରାତିରେ ନିଦ ହୁଏ ନାହିଁ । ଆପଣ ଏବେ ଅନୁଭବ କରିପାରୁଛନ୍ତି ଆପଣ କଅଣ କରିଛନ୍ତି । ଆପଣଙ୍କୁ ଏଣୁ ନିଦ୍ରା ହେଉନାହିଁ । ପରଦିନ ସଞ୍ଜୟ ଧର୍ମରାଜ ଯୁଧିଷ୍ଠିରଙ୍କ ସମ୍ବାଦ କୁରୁସଭାରେ ଉପସ୍ଥାପନ କରି ସ୍ପଷ୍ଟ ସ୍ୱରରେ କହିଲେ, ପାଣ୍ଡବଶିବିରରେ ସମସ୍ତେ ଯୁଦ୍ଧ ପାଇଁ ପ୍ରସ୍ତୁତହୋଇ ରହିଛନ୍ତି । ଯୁଧିଷ୍ଠିର ଯୁଦ୍ଧ ଚାହାଁନ୍ତିନାହିଁ । କିନ୍ତୁ ଏବେ ଯଦି ଦୁର୍ଯ୍ୟୋଧନ ତାଙ୍କ ପୈତୃକରାଜ୍ୟ ଫେରାଇ ନଦିଅନ୍ତି ତେବେ ତାଙ୍କର ସବଂଶ ଧ୍ୱଂସ ଅନିବାର୍ଯ୍ୟ । ଏହି ଯୁଦ୍ଧ ଦୁର୍ଯ୍ୟୋଧନ ଏବଂ କୁରୁବଂଶ ପାଇଁ ହେବ ମହା କାଳର ଗ୍ରାସ । କେହି ଏଥିରୁ ବର୍ତ୍ତି ପାରିବେ ନାହିଁ ।

ଅର୍ଜୁନୀ ଚରଣ ବେହେରା

ମୋ -୭୭୯୩୦୯୧୯୭୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଉଦ୍ୟୋଗ ବଳେ ସର୍ବସିଦ୍ଧି

ସୁଶ୍ରୀ ଇତିଶ୍ରୀ ଶତପଥୀ



ଚନ୍ଦନପୁର ଗ୍ରାମରେ ଜଣେ କୃଷକ ତାର ସ୍ତ୍ରୀ ଓ ଦୁଇ ଝିଅଙ୍କୁ ନେଇ ବସ ବାସ କରୁଥିଲା । ସେ ଚାଷ କାମ କରି ତାର ଗୁଜୁରାଣ ମେଣ୍ଟାଉ ଥିଲା । କୃଷକର ନାମ ରାମୁ ଥିଲା, ତା ସ୍ତ୍ରୀର ନାମ ସୁଷମା । ରାମୁର ଦୁଇ ଝିଅଙ୍କ ନାମ ସୋନାଲି ଓ ପଲ୍ଲବୀ ।

ସୋନାଲି ହେଉଛି ଘରର ସବୁଠୁ ସାନ ଓ ପଲ୍ଲବୀ ହେଉଛି ସୋନାଲିର ବଡ଼ ଭଉଣୀ । ସୋନାଲି ପାଠ ପଢା ଓ ଘର କାମରେ ଆଗୁଆ ଆଉ ପଲ୍ଲବୀ କିଛି ଅଲଗା ସେ ଖେଳରେ ଆଗୁଆ ।

ସେହି ବର୍ଷ ପରୀକ୍ଷାରେ ସୋନାଲି ଭଲ ନମ୍ବର ରଖି ପାସ୍ କରିଥିଲା ଓ ପଲ୍ଲବୀ କମ୍ ନମ୍ବରରେ ପାସ୍ କରିଥିଲା । ସୋନାଲି ପାଇଁ ରାମୁ ଓ ସୁଷମା ବହୁତ ଖୁସି ଥିଲେ, ପଲ୍ଲବୀ ଉପରେ ରାମୁ ରାଗି ଯାଇଥିଲା । ରାମୁ ପଲ୍ଲବୀକୁ କହିଲା ତୋର ଖେଳାଖେଳି ସବୁ ବନ୍ଦ । ମୁଁ କେତେ କଷ୍ଟରେ ତମ ଦୁହିଁଙ୍କୁ ପଢ଼ାଉଛି, ତୁ ପାଠ ନ ପଢ଼ି ଖେଳରେ ମାତୁଛୁ ।

ପଲ୍ଲବୀ ରାମୁ କଥା ଶୁଣି କାନ୍ଦି କାନ୍ଦି ଘର ଭିତରକୁ ଚାଲିଗଲା, ପଲ୍ଲବୀର ଖେଳ ଶିକ୍ଷକ ତାକୁ ନେଇ ଖେଳ ଶିଖାଉଥିଲେ, ପଲ୍ଲବୀ ଖେଳ ସହ ପାଠ ମଧ୍ୟ ପଢ଼ିବାକୁ ଲାଗିଲା । ପଲ୍ଲବୀ ଗୋଟିଏ ଖେଳର ପ୍ରତିଯୋଗୀତାରେ ପ୍ରଥମ ହୋଇଥିଲା ସେହି ପରି କେତେ ପ୍ରତିଯୋଗୀତାରେ ପ୍ରଥମ ହେଲା ।

ରାମୁ ସବୁ ରାଗ ଭୁଲିଗଲା ଝିଅର ସଫଳତା ଦେଖି । ପଲ୍ଲବୀକୁ ରାମୁ ଖୁସିରେ କୋଳେଇ ନେଲା, କହିବାକୁ ଲାଗିଲା ମୁଁ ତ ବହୁ କଷ୍ଟରେ ତମମାନଙ୍କ ମୁହଁରେ ଦୁଇ ଓଳି ଦୁଇ ମୁଠା ଦାନା ଦେଇ ପାରୁନି, ତତେ ମୁଁ କେମିତି ଖେଳ ପାଇଁ ଟଙ୍କା ଯୋଗେଇବି ? କେମିତି ତାଲିମ୍ ପ୍ରାପ୍ତ କରାଇବି ? ମତେ ଭାରି କଷ୍ଟ ହେଉଛିରେ ମା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଲ୍ଲବୀ ବାପାର ଦୁଃଖ ଦେଖି କାନ୍ଦି ପକାଇଲା, ବାପାର ଲୁହକୁ ପୋଛି କହିଲା ବାପା ତମେ ଜମାରୁ ବି ମନ ଦୁଃଖ କରନାହିଁ, ମୁଁ ଖେଳ ଛାଡ଼ି ଦେବି ହେଲେ ତମ ଆଖିରେ ଲୁହ ଦେଖି ପାରିବିନି । ସୁଷମା ଦୂରରେ ଥାଇ ସବୁ କିଛି ଶୁଣୁଥିଲା, ପାଖକୁ ଆସି କହିଲା ତମେ ଦୁହେଁ ବ୍ୟସ୍ତ ହୁଅନି, ମୁଁ ପାମ୍ପଡ ଆଉ ଆଚାର ବନେଇ ବିକ୍ରି କରିବି । ତମେ ବି ବିଲ କାମ ସାରି ମତେ ସହଯୋଗ କରିବ । ସୋନାଲି ବି କହିଲା ବାପା ମାଆ ମୁଁ ବି ବିଦ୍ୟାଳୟରୁ ଫେରି ତମକୁ ସାହାଯ୍ୟ କରିବି, ଆମେ ସମସ୍ତେ ମିଶି ଦିଦିକୁ ଆଗକୁ ବଢିବା ପାଇଁ ସାହାଯ୍ୟ କରିବା ।

କଠିନ ପରିଶ୍ରମ କରି ପଲ୍ଲବୀର ପରିବାର ତାକୁ ଭଲ ଜାଗାରେ ହକି ଶିଖାଇଲେ ଖେଳର ସାମଗ୍ରୀ ଯୋଗାଇଲେ । କିଛି ଦିନପରେ ପଲ୍ଲବୀ ହକିରେ ଚମ୍ପିୟାନ ହୋଇଲା । ତାର ଫୋଟୋ ପେପରରେ ବାହାରିଲା ତାକୁ ଲୋକମାନେ ଟେଲିଭିଜନରେ ଦେଖିଲେ । ଏହା ଦେଖି ରାମୁ ଖୁସିରେ ନାଚି ଉଠିଲା । ସାରା ବିଶ୍ୱରେ ତା ଝିଅର ନାଁ ଥିଲା । ପଲ୍ଲବୀ ମଧ୍ୟ ବହୁତ ଖୁସି ଥିଲା, ପୁରା ପରିବାର ପଲ୍ଲବୀକୁ ନେଇ ଗର୍ବ କରୁଥିଲେ ।

କଥାରେ ଅଛି ପରା, ଏକତା ହିଁ ବଳ ।


ବିପଦ ବେଳେ ନ ଡରି ସଭିଏ ଏକତ୍ରିତ ହୋଇ ଏକ ମନ ଏକ ଚିତ୍ତରେ କାମ କଲେ ସବୁ ବାଧା ବିଘ୍ନ ଦୂର ହୋଇଯାଏ ସଫଳତା ଘରର ଦରଜା ଠକ୍ ଠକ୍ କରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଧାରେ ହସ ଧାରେ ଲୁହ

ରୀତା ଅପରାଜିତା ମହାନ୍ତି



ସେଦିନ ଜମା ଖରା ନାହିଁ । ବହୁତ ଶୀତ ଲାଗୁଛି । ନଦୀରାଙ୍କୁ କେଜାଣି କାହିଁକି ବହୁତ ବହୁତ କ୍ଳାନ୍ତ ଲାଗୁଛି ।

୬୦ ବର୍ଷ ବୟସ ହେଲାଣି କେବେ ବି ଏମିତି କ୍ଳାନ୍ତ ଅନୁଭବ ହେଇନି । କେଜାଣି କାଶ୍ମୀର ଶୀତ ପାଇଁ ନା ମନର ଆବେଗ ପାଇଁ ଏମିତି ଲାଗୁଛି ଜଣା ନାହିଁ । ବାହାଘରର ଦଶବର୍ଷ ପରେ ପିଲାଛୁଆ ହୋଇଛି ବୋଲି ନଦୀରା ତାଙ୍କ ସୋହର ପିଲାମାନଙ୍କୁ କେବେ ମାରନ୍ତି ନାହିଁ । ଦୁଇ ଝିଅ ପରେ ପୁଅଟିଏ ବୋଲି ସେ ରମଜାନ ବହୁତ ଗେହ୍ଲା । ଝିଅ ବାହାଘର ପରେ ପୁଅ ବାହାଘର କଲା । ବହୁତ ସୁନ୍ଦର ଝିଅଟି ଫାତିମା ଚାନ୍ଦ ପରି ସୁନ୍ଦରୀ ବହୁତ ଶାନ୍ତ ଧୀର । ହେଲେ ଯେବେ ଠୁ ଏମାନଙ୍କ ଅବୁ ସେପାରି ଚାଲିଗଲେ । ପୁଅ ବହୁତ କମ ଘରକୁ ତା କଥା ବହୁତ ମନେପଡୁଛି । ଇଦ ପାଇଁ ସବୁ ପ୍ରସ୍ତୁତ ଥିଲାବେଳେ ସେ ଆସିଲାନି । ମା ମନ ଖଣ୍ଡ ଖଣ୍ଡ ହୋଇଗଲା । ତାଙ୍କ ପାଦ ଯେମିତି ଜମିଗଲା । ଧୀରେ  ଧୀରେ ନିଜ କାମ ସାରିଲେ । ଖାଇବାକୁ ଜମା ମନେ ହେଲାନି । କଣ ଲାଭ ପାଇଲା ପିଲାଙ୍କୁ ମଣିଷ କରି । ହଠାତ ବାହାରେ ଗୋଟିଏ ଶବ୍ଦ କଣ ପଡିବାର । କିଏ କିଏ କହି ଦୁଆର ଖୋଲିଲା ପୁଅ ଆଉ ତା ସ୍ତ୍ରୀ ଅମିଯାନ କହି ଦୁଆ ସଲାମ କଲେ ।

ସେମାନଙ୍କୁ ଦେଖି ତା ଆଖି ଖୁସିରେ ଚକଚକ କରୁଥିଲା । ପୁଅ କହିଲା ତୁମେ ଦାଦି ହେବାକୁ ଯାଉଛ । ଡ଼ାକ୍ତରଙ୍କୁ ଦେଖାଇ ସେ ହଁ କହିବାରୁ ଆମେ ଏବେ ଆସିଲୁ ଅମୀ । ନାଦୀରା ଏତେ ବେଶୀ ଖୁସିଥିଲେ । ସେ ହସିବେ ନା କାନ୍ଦିବେ ଜାଣି ପାରୁନଥିଲେ । ତାଙ୍କ  ଓଠରେ ଧାରେ ହସ ଆଉ ଆଖିରେ ଧାରେ ଲୁହ ଥିଲା । ଦୁନିଆ କୁହେ ଅସଲ ଠୁ ସୁଧ ଭଲ ଲାଗେ । ମୋ ପିଲା ଅସଲ ଥିଲେ ମୁଁ ମୋ ସୁଧ ପାଇଗଲି ଆଲ୍ଲା ।


ଭୁବନେଶ୍ୱର -୨୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନର କ୍ଷୀପ୍ରତା

ପଙ୍କଜିନୀ ଉପାଧ୍ୟାୟ



ରତନଲାଲ ବିଖ୍ୟାତ ବ୍ୟବସାୟୀ । ଖାନଦାନୀ ପରିବାର । ସବୁବେଳେ ମାଲାମାଲ । ବିଦେଶର ଜିନିଷପତ୍ର ନେଣଦେଣ । ଚାଇନା ଜିନିଷର ପ୍ରବଳ ବେପାର ।

ବିଦେଶକୁ ଯାଆନ୍ତି ଫେରନ୍ତି ଉଡାଜାହାଜରେ ବ୍ୟବସାୟର କଣ୍ଟ୍ରାକ୍ଟ କରି । ଯୁବକ ପ୍ରବଳ ପ୍ରତାପୀ । ପରିବାର ବନ୍ଧୁ ମଧ୍ୟରେ ଅପୂର୍ବ ଯୋଗସୂତ୍ର । ସୁନ୍ଦରୀ ଆଧୁନିକା ପତ୍ନୀ । ଦୁଇଟି ଗୁଲୁଗୁଲିଆ ପୁଅ ଝିଅ । ସବୁବେଳେ ପ୍ରାଚୁର୍ଯ୍ୟରେ କଟୁଛି ସମୟ ।

ଏଥର ବି ଯାଇଥିଲେ ତାଲାବନ୍ଦ ପୂର୍ବରୁ ଚାଇନା । ଫେରିଲେ ସଗର୍ବେ କଣ୍ଟ୍ରାକ୍ଟ କରି । କରୋନାର ପ୍ରଚାର ପ୍ରସାର ଜୋରଦାର । ବିମାନ ବନ୍ଦରରେ କରୋନା ଟେଷ୍ଟ କରାଗଲା । ଭୁତାଣୁର ସୁରାକ ମିଳିଲାନି । ସତର୍କ ସୂଚନା ଥିଲା ଚଉଦ ଦିନ ବାହାରକୁ ନ ବାହାରିବା ପାଇଁ । କାହାରି ସହିତ ନ ମିଶିବା ପାଇଁ । ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରହିବା, ବାରମ୍ବାର ହାତ ଧୋଇବା, ଇତ୍ୟାଦି ଇତ୍ୟାଦି ।

ଘରେ ପହଞ୍ଚିଲେ ରତନଲାଲ । ବ୍ୟବସାୟର ଖୁସି ଗପ ସରିଲାନି । ଏଥର ପ୍ରବଳ ଲାଭ, ଆଉ ଗୋଟେ ଫ୍ଲାଟ୍ କିଣିବା । ସମସ୍ତଙ୍କ ପାଇଁ ସୁନ୍ଦର ସୁନ୍ଦର ଗହଣା ଶାଢ଼ୀ ଇତ୍ୟାଦି ଇତ୍ୟାଦି କିଣିବାର ଯୋଜନା । ବ୍ୟବସାୟୀ ଲୋକ, ଧନ ଗର୍ବରେ ମତଲବି ମଣିଷ । ଆଗଭଳି ବ୍ୟବସାୟ ପ୍ରତିଷ୍ଠାନକୁ ବାହାରି ପଡିଲେ ବେପାର ଉଦ୍ଦେଶ୍ୟରେ । ବହୁ ଗରାଖ ଯିବା ଆସିବା ଚାଲିଲା, ପ୍ରବଳ ବେପାର, ଲାଭ ହିଁ ଲାଭ । ଦୋକାନରେ ସାହାଯ୍ୟ କରନ୍ତି ବିକ୍ରି ବଟାରେ ଆଠଟି ପିଲା । ଦିଲ ଖୁସ୍ ।

ଯୋଜନା ପରେ ଯୋଜନା, ପୁଣି କେବେ ଯିବେ ଚାଇନା, ଦିନ ବାର ସହ ଫ୍ଲାଇଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁକ୍ ହୋଇଗଲା ।

ଠିକ୍ ଚାରିଦିନ ପରେ ଆରମ୍ଭ ହୋଇଗଲା, ଦୋକାନୀ ପିଲାଟିଏର କାଶ କଫ ଥଣ୍ଡାର ଆଲର୍ଜି । ମେଡିକାଲ ଯାଇ ଟେଷ୍ଟ କଲାପରେ କରୋନା ଭୁତାଣୁ ସଂକ୍ରମଣର ସୂଚନା ମିଳିଲା । ଏ ଯାବତ୍ ରତନଲାଲଙ୍କ ସସ୍ପର୍ଶରେ ବହୁ ଗରାଖି, ବନ୍ଧୁବାନ୍ଧବ ପରିବାର ପଡୋଶୀ ଆସି ସାରିଥାଆନ୍ତି । ଟେଷ୍ଟ ଚାଲିଲା, ଅନେକ ସଂକ୍ରମିତ । ଆହୁରି ଖୋଜା ଚାଲିଛି । ସୁନ୍ଦରୀ ପତ୍ନୀ ମଧ୍ୟ ଆକ୍ରାନ୍ତ ଛୋଟ ପିଲାମାନେ ଆକ୍ରାନ୍ତ । ଯେତେଜଣ ମିଶିଥିଲେ ସେମାନେ ଚିହ୍ନା ପଡିଲେ ଅଳ୍ପ କିଛି ମଲେ, ଅନେକ ଏବେ ବି ଚିକିତ୍ସାଧୀନ ।

କିନ୍ତୁ ସିମୀତ ରହିଲେ ସେତିକି ଭିତରେ, ଅଧିକ ଆକ୍ରାନ୍ତ ହେବାର ସମ୍ଭାବନା ନାହିଁ । ସବୁଆଡେ ତାଲାବନ୍ଦ, ପୋଲିସର କଡା ପହରା ।

ରତନଲାଲ ମେଡିକାଲ ବେଡରେ ଯନ୍ତ୍ରଣାରେ ଛଟପଟ ହୋଇ ପଶ୍ଚାତାପର ଦହନରେ ଜର୍ଜରିତ । ହିସାବ ଖୋଜୁଛନ୍ତି କିଏ ଗଲେ କିଏ ରହିଲେ ?

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଧାର୍ମିକ

ସିଦ୍ଧେଶ୍ୱର ତ୍ରିପାଠୀ



ଏବେ ଜୀବନ୍ ତୀର୍ଥ ଯାତ୍ରାରେ ଯାଇଥିଲା । ବିଭିନ୍ନ ମଠ ମନ୍ଦିର ବୁଲି ନଦୀ ସାଗରରେ ସ୍ନାନ ସାରି ଦେବତା ଦର୍ଶନ ସାରି ଘରକୁ ଫେରିଲା । ତାର ସ୍ନେହ ସମ୍ପର୍କୀୟମାନଙ୍କ ପାଇଁ କିଛି ଉପହାର ଆଉ ଭଗବାନଙ୍କ ପ୍ରସାଦ ଆଣିଥିଲା ।

ଏତେ ସବୁ ଅନୁଭୂତି ଭିତରେ ତାର ଗୋଟିଏ ଅନୁଭୂତି ଭାରି ଆର୍ଶ୍ଚର୍ଯ୍ୟ କର । ଜଣେ ଧୋବ ଧାଉଳିଆ ବ୍ୟକ୍ତି ସେମାନଙ୍କୁ ତୀର୍ଥସ୍ଥାନ ଭ୍ରମଣ କରାଉଥିଲେ । ଯେ କି ସେହି ଅଞ୍ଚଳର ହୋଇଥାନ୍ତି । ଏଇ ଲୋକମାନେ ତାଙ୍କୁ ଇଂରାଜୀରେ ଗାଇଡ଼ ବୋଲି କୁହାକହି ହେଉଥିଲେ । ସେ ସମସ୍ତଙ୍କୁ ସେହି ଅଂଚଳର ଧର୍ମସ୍ଥାନ ଦେଖାଉଥିଲେ ପ୍ରତି ବଦଳରେ କିଛି ଦକ୍ଷିଣା ନେଉଥିଲେ ।

ଏମିତି କିଛି ସ୍ଥାନ ବୁଲିଲା ପରେ ସେ ଗୋଟିଏ ସ୍ଥାନକୁ ନେଇଗଲେ । ସେ ସ୍ଥାନରେ ଥିଲା କିଛି ବିଶ୍ୱାସ ମୂର୍ତ୍ତି ଇତ୍ୟାଦି । ସେଠାରେ ଈଶ୍ୱରଙ୍କ ବିଷୟରେ ବହୁ ସୁନ୍ଦର ଭାବରେ ବୁଝାଇ କହୁଥିଲେ ଏ ସଂସାର କ୍ଷଣ ଭଙ୍ଗୁର ସବୁ ମାୟା । କେବଳ ଦାନ ପୁଣ୍ୟ ସତକର୍ମ ତୀର୍ଥ ଭ୍ରମଣ ପ୍ରଭୁଙ୍କ ନାମ ସ୍ମରଣ ହିଁ ଶ୍ରେୟସ୍କର । ଏମିତି କଥା ଭିତରେ ସେ ସମସ୍ତଙ୍କୁ ଦାନ କରିବାକୁ ପ୍ରବର୍ତ୍ତାଇଲେ । କିଏ ପାଞ୍ଚଶହ କିଏ ହଜାର ଦେଉଥାନ୍ତି । ସେ ଦୁଇ ହଜାର ଦେଲେ ଅଧିକ ପୁଣ୍ୟ ମିଳିବ ବୋଲି କହୁଥାନ୍ତି । ଯିଏ ସବୁ ଦାନ କଲେ ସେମାନଙ୍କୁ କିଛି ପ୍ରସାଦ ଏବଂ ଚୁନେରୀ ଦେଉଥାନ୍ତି । ସେ ଅର୍ଥରାଶି ସବୁ ଏକ ପାତ୍ରରେ ରଖାଯାଉ ଥାଏ । ସମସ୍ତେ ସବୁ କାର୍ଯ୍ୟ ସାରି ଫେରିଲା ବେଳକୁ ଜୀବନ୍ ଦଶ ଟଙ୍କା ପାଖ ଦାନ ବାକ୍ସରେ ପକାଉ ପକାଉ ସେ ବ୍ୟକ୍ତି ଜଣକ ଉଠି ଆସିଲେ ଅଧା ଭିତରକୁ ଅଧା ବାହାରକୁ ଥିବା ଦଶ ଟଙ୍କିଆ ନୋଟଟିକୁ ଭିଡି ଆଣି ବାହାରେ ଥିବା ପାତ୍ରରେ ରଖିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଥିରେ ନୁହଁ ଏଥିରେ ରଖ । ତା'ପରଠୁ ଏ ଷାଠିଏ ଲୋକଙ୍କ ଚିନ୍ତାଧାରା ପୁରା ବଦଳିଗଲା । ସେତବେଳକୁ ତିରିଶ କି ଚାଳିଶି ଲୋକ କେତେ ଟଙ୍କା ଥାଳିରେ ପକେଇ ପ୍ରସାଦ ନେଇ ପୁଣ୍ୟ କରି କାଗଜ ଲେଖା ପ୍ରମାଣପତ୍ର ଖଣ୍ଡେ ଖଣ୍ଡେ ପାଇ ସାରିଥିଲେ । କିଛି ଲୋକ ବି ସେମିତି ନୀରବରେ ବସିଥିଲେ ପକେଟରୁ ଅଧଲାଏ ବି ବାହାର କରୁନଥିଲେ । କିଏ କେତେ ଯେ ଧାର୍ମିକ ଆଉ ବୁଝିବାକୁ ବାକି ନଥିଲା କାହାର ।

ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାପା ମାଆଙ୍କୁ ମୋର ପ୍ରଥମ ଚିଠି

ମେଘାସନ ସେନାପତି



ପୂଜନୀୟ ବାପା ଓ ମାଆ,

ଭୂମିଷ୍ଠ ପ୍ରଣାମ ଗ୍ରହଣ କରିବେ ଓ ମାଆକୁ ଜଣେଇବେ । ଆଶା କରୁଛି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ଅଛି ଓ ମାଆ ମଧ୍ୟ ଠିକ୍ ଅଛି । ଦୀର୍ଘ ତିରିଶ ବର୍ଷ ଜୀବନରେ କେବେ ଆପଣଙ୍କୁ ଗୋଟେ ଚିଠି ଲେଖି ନାହିଁ । ଆଜି ହଟାତ ଇଛା ହେଲା ଚିଠି ଗୋଟିଏ ଲେଖିବି ।

ଆପଣଙ୍କ ଫୋନ୍ ମୁଁ ଉଠେଇବା ପଛରେ ଆପଣ ହୁଏତ ଭାବୁଥିବେ ମୁଁ ଆପଣଙ୍କ ଉପରେ ରାଗିକି ଉଠାଉ ନାହିଁ କିନ୍ତୁ ବାପା ଆପଣ ସେମିତି କିଛି ଭାବନ୍ତୁ ନାହିଁ ଯେ ଆପଣଙ୍କ ଦ୍ୱାରା କିଛି ଭୁଲ ହେଇଛି ଯେଉଁ ଅଭିମାନରେ ମୁଁ ଫୋନ୍ ଉଠାଉ ନାହିଁ । ଆପଣଙ୍କ ଆଦର୍ଶରେ ମାଡ଼ି ଚାଲିଛି ଯେ ନିଜ ପାଦରେ । ଆପଣ ପରା ଶିଖେଇ ଥିଲେ ନିଜ ପାଦରେ ଚାଲିବାକୁ ହୁଏ ଆଉ ଖୋଜିବାକୁ ହୁଏ ନିଜ ମାଟି ଓ ଆକାଶ ।

ରାସ୍ତାରେ ଚାଲିଛି ମୋ ପାଦ । ସେମିତି ନୁହଁ ଆଜି ନୂଆ ନୂଆ ଚାଲୁଛି..... ଖାଲି ଆଜି ନୁହଁ ଏଠି ଦୀର୍ଘ ବର୍ଷ ହେଲାଣି ଚାଲୁଛି ମୋ ସହ । ବହୁତ କଷ୍ଟ ଭୋଗିଛି । ଜନ୍ମରୁ ପୋଲିଓ ଆକ୍ରାନ୍ତ ଥିଲା ନା କିନ୍ତୁ ସେ କେବେ କହି ନାହିଁ ଅଟକି ଯିବା ପାଇଁ । କେମିତି ବା କହିବ ପାଖରେ ଯେତେବେଳେ ଲୌହମାନବ ରୂପୀ ବାପା ଓ ଯଶୋଦା ରୂପୀ ମାଆର ଆଶୀର୍ବାଦ ଓ କରୁଣାରୁ ବଡ଼ ହୋଇଛି । ଖରା, ବର୍ଷା, କଣ୍ଟକିତ, ନିସ୍କଣ୍ଟକ ପଥ, କିଛି ମାନି ନାହିଁ । ବହୁବାର ପଡ଼ା ଉଠାରେ କେତେ ରକ୍ତ ନିଗାଡ଼ିଛି ତଥାପି ପାଦ ଯୁଗଳ ମୋର ଚାଲିଛି । ଆଗକୁ ଚାଲିବାର ବିଶ୍ୱାସ ବି ମୋତେ ଦେଉଛି ।

ଯେତେବେଳେ ନୂଆ ନୂଆ ଏ ପାଦ ମୋର ଚାଲି ଶିଖି ନଥିଲା । ଭଲ ଖରାପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନରେ କଣ ବୋଲି ଜାଣି ନଥିଲା । ମଝିରେ ମଝିରେ ଅବାଟକୁ ଅଜଣାରେ ପାଦ କାଢି ଦେଇଥିଲା ସେତେ ବେଳକୁ ଏ ପାଦକୁ ରାସ୍ତା ଦେଖେଇ ଥିଲା "ମାଆ" । ଦୁନିଆର ସମସ୍ତ ପ୍ରକାର ସ୍ନେହ ଶ୍ରଦ୍ଧା ଓ ଭଲ ପାଇବା ଦେଇ ସେ ଚାଲିବା ଶିଖେଇ ଥିଲା । ମନରେ ଅତୁଟ ଭରସା ଥିଲା କି ସେ ପୋଲିଓ କୁ ବି ହରେଇ ପାରିବ ।

ଲୌହମାନବ ରୂପୀ "ବାପା"ଙ୍କର ହାତ ପାପୁଲି ଲୁହାଠାରୁ ବି ମଜବୁତ ଥିଲା । ବ୍ୟାଙ୍କରୁ ଫେରିଲା ପରେ କେତେ ଥର ମୋତେ କାନ୍ଧରେ ବସେଇ ମୋତେ କେତେ ଯେ "ସାହସ ଓ ଅଦମ୍ୟ ଶକ୍ତିର ତେଲ" ମାଲିସ କରିଛନ୍ତି ତା ହିସାବ ମୁଁ କେବେ ରଖି ନାହିଁ । ସାନ ବେଳେ ଗୋଟେ ଉକ୍ତି ମୋତେ ସର୍ବଦା ଗୋଟିଏ ଗୀତ ମୋ କାନରେ କର୍ଣ୍ଣପାତ କରାଏ:

"ମନରେ ଅଛି ବଳ,<br>
ମନର ବଳେ କରି ପାରେ ମୁଁ ଦୁନିଆ ଟଳ ମଳ ।"

ସମୟର ତାଳେ ତାଳେ ଚାଲିବା ସହ ସମସ୍ତ ପ୍ରକାର ରାସ୍ତା ସହ ମୋର ପରିଚୟ ଆପଣ ମାନଙ୍କ ଆଶିଷ ପାଇଁ ହିଁ ସମ୍ଭବପର ହୋଇ ପାରିଥିଲା ।

ସମୟ କ୍ରମେ କେତେ କୁଆଡ଼େ ଯେ ମାଡ଼ି ଚାଲିଛି ଏ ଦିଗହୀନ ପାଦ ଯୁଗଳ । ଚାଲି ଚାଲି କ୍ଷଣିକ ଥକି ପଡ଼ିଛି କିନ୍ତୁ ଅଟକି ଯାଇ ନାହିଁ । ରାସ୍ତାରେ ଥିବା ଖାଲ ଢିପ ଆଗରେ ନିଜକୁ ହରେଇ ଦେଇ ନାହିଁ । କେତେ ଥର ଯେ ସେ ସେଠି ଝୁଣ୍ଟି ପଡ଼ିଛି ତାର ଗଣନା କରି ନାହିଁ । କେବେ ଜ୍ୱଳନ୍ତ ଅଗ୍ନି ଉପରେ ତ କେତେ ବେଳେ ଭଗ୍ନ କାଚ ଉପରେ ଆଉ କେବେ ଅମଡ଼ା ରାସ୍ତାରେ ପାଦ ମୋର ଚାଲିଛି । କେବେ ଜଙ୍ଗଲିଆ ରାସ୍ତାରେ ବାଟ ଭୁଲି ଯାଇଛି ଆଉ କେବେ କଣ୍ଟା ମାଡ଼ି ରକ୍ତାକ୍ତ ହୋଇଛି ତ ଆଉ କେବେ ମରୁଭୂମିର ଉତ୍ତପ୍ତ ବାଲିରେ ଚାଲି ଗୋଡ଼ର ଛାଲ ଉତ୍ତୁରି ଯାଇଛି । ବହୁ ବାର ରକ୍ତ ନିଗାଡ଼ିଛି ଧରଣୀ ବୁକୁକୁ ଆଉ କେବେ କାଦୁଅରେ ଖସରି ପଡି ଗୋଡ଼କୁ ଗୋଦରା ଗୋଡ଼ ପରି ଫୁଲେଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିନ୍ତୁ କେବେ ହାର ମାନି ନାହିଁ ମୋ ପାଦ ଯୁଗଳ ।

ସବୁ ଝଡ଼ ଝଞ୍ଜା ସହି ସବୁ ଭିତରେ ମୋ ପାଦଯୁଗଳ କିନ୍ତୁ ଚାଲିଛି । କେବେ କେବେ ଟିକେ ଥକି ପଡ଼ିଛି ସତ କିନ୍ତୁ ପୂର୍ଣ୍ଣଚ୍ଛେଦ ଦେଇ ନାହିଁ ଚାଲିବାରେ । କାରଣ ଆପଣମାନେ ପରା ଶିଖିଇଥିଲେ ନିଜ ପାଦରେ ଖୋଜିବାକୁ ହୁଏ ନିଜର ମାଟି ଓ ଆକାଶ ।

ସବୁ ସମୟ ଏକାକାର ଚାଲେ ନାହିଁ । ବେଳେ ବେଳେ ଯନ୍ତ୍ରଣାରେ ଜର୍ଜରିତ ହୋଇ ଯାଏ ପାଦ ମୋର ।

ରକ୍ତାକ୍ତ ହୋଇ ଅଚଳ ହୋଇଯାଏ ।

ରାସ୍ତା କଡ଼ ର ଅଦରକାରୀ ନିସ୍ତବ୍ଧ ନିଶ୍ଚଳ ପଥର ପରି ପଡ଼ିଥାଏ ।

କିନ୍ତୁ ସେ ନିଜ ଚିରାଚରିତ୍ ଢଙ୍ଗରେ ଦେଖୁଥାଏ ତା ଆଖି ସାମ୍ନାରେ ଚାଲି ଯାଉଥିବା ଅନ୍ୟ ପାଦଯୁଗଳ ମାନଙ୍କୁ ।

ମନ ଭିତରେ ଲୁଚିଥାଏ କିନ୍ତୁ ଅପ୍ରକାଶ୍ୟ କ୍ରୋଧ ଓ ଗ୍ଲାନି ଅସହାୟତାର । ମନେ ମନେ ଭାବନା ଆସେ ଏ ଦେହର ଭାରକୁ କେଉଁଠି ଫିଙ୍ଗି ଏ ଦୁନିଆ ଠାରୁ ଦୁରକୁ ଚାଲି ପଳେଇ ଯାଆନ୍ତି କି !!!

ବହୁ ଲୋକଙ୍କ ଠାରୁ ଅପଦସ୍ତ ହୋଇ ଫେରିଛି । ସମୟର ତାଚ୍ଛଲ୍ୟକୁ ବି ଚୁପ ଚାପ ସାମ୍ନା କରିଛି । ବାରମ୍ବାର ଲାଞ୍ଛିତ, ହାରିଛି ସତ କିନ୍ତୁ ନିଜ ମନ ଆଗରେ କେବେ ବି ପରାଜୟ ବରଣ କରିନାହିଁ । ସବୁବେଳେ ତାକୁ ବୁଝେଇଛି ଆପଣମାନଙ୍କ ଠାରୁ ଶୁଣିଥିବା କବିତା ମାଧ୍ୟମରେ:

ହେଲେ ସାନ ସିନା
ନାହିଁ ଲାଜ ଅପମାନ
ଯଦି ମୁଁ ପାରିବି ବଢ଼ି,
ଫୁଟିଲା ଫୁଲ କି ଫୁଟେ ଆଉଥରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫୁଟେ ସିନା ଫୁଲକଢ଼ି ।

ସବୁ ଭିତରେ କିନ୍ତୁ ନିଜ ସ୍ୱାଭିମାନକୁ କେବେ ଜଳାଞ୍ଜଳି ଦେଇନାହିଁ । କାହାରି ପିଠିକୁ କେବେ ପାହାଚ କରିନାହିଁ ।

ଚିହ୍ନା ଅଚିହ୍ନା ରାସ୍ତାରେ ବାଟ ଚାଲୁଚାଲୁ ମୋର ପାଦ ଆଜି ଆଶ୍ରା ଲୋଡ଼ିଛି । ଆଉ କାହାର ନୁହଁ ନିଜ ଦେହ ରୂପକ ପାନ୍ଥଶାଳାରେ । ଟିକେ ଆଉଜି ପଡ଼ିଛି ଶ୍ୱାସ ପ୍ରଶ୍ୱାସ ରୂପକ ମଜଭୁତ ଖୁଣ୍ଟରେ ।

ଉତ୍କଣ୍ଠା ଆବେଗରେ ଅନେଇ ବସିଛି । ହଜି ଯାଇ ନାହିଁ କିମ୍ବା ହାର ମାନିନାହିଁ । ଲୋଭ, ମୋହ, ମାୟା ରୂପକ ମରିଚିକା ପଛରେ ଧାଇଁ ଯାଇ ନାହିଁ । ମୁଁ ମୋର ପାଦକୁ କାହା ପାଖେ ବନ୍ଧା ପକେଇ ନାହିଁ କିମ୍ବା ଟଳ ମଳ ହୋଇ ନାହିଁ କେବେ ।

ନିଜକୁ ସମ୍ଭାଳି ନେଇଛି ଯେତେ ଝଡ଼ ଝଞ୍ଜା ତଥା ତୋଫାନ ଆଗମନରେ ହେଉ ଅବା ଅମାବାସ୍ୟାର କିଟ୍ ମିଟ୍ ଅନ୍ଧାରର ଧରାବତରଣ ସତ୍ତ୍ୱେ ।

ସବୁଦିନ ଚାଲି ଚାଲିଛି । ଘଣ୍ଟାର ଟିକ ଟିକ କଣ୍ଟା ଚାଲିଲା ଭଳି । ନିଜେ ବଞ୍ଚିବାର ଅନ୍ୱେଷଣ ଆଶାରେ ନିଷ୍କାମ କର୍ମ କରି ଚାଲିଛି । କାମ କରିବା ବାଟରେ ଆଜି ମୋ ରାସ୍ତାରେ ଆଜି ମୋତେ ଅଟକି ଯିବା ପାଇଁ ନାନା ପ୍ରଚେଷ୍ଟା କରା ହୋଇଛି । ତଥାପି ମୋ ପାଦ ଯୁଗଳ କେବେ ଅଟକି ଯାଇ ନାହିଁ କାହିଁକି ନା ସେ ବି ଶୁଣିଥିଲା ଯେବେ ମାଆ ଶୁଣଉ ଥିଲା ମହାଭାରତର କାହାଣୀ ଓ କୃଷ୍ଣଙ୍କର ଉପଦେଶ ଓ ବାପାଙ୍କ କଣ୍ଠରୁ ଗୀତାର ଶ୍ଳୋକ । ଯେତେ ପ୍ରତି ବନ୍ଧକ ଆସିଲେ ସୁଧା ତାଙ୍କୁ ହଟେଇ ମୋର ପାଦ ମାଡି ଚାଲିବ ।

ଅବାଟରେ ନୁହଁ ସତ୍ୟ, ଧର୍ମ, ନ୍ୟାୟ ମାର୍ଗରେ । ନିଜ ପାଦକୁ ଖୋଜିବାକୁ ହେବ ନିଜ ଦୁନିଆ । ଖରା ବର୍ଷା ଝଡ଼ ଝଞ୍ଜା ଆସିବା ସତ୍ତ୍ୱେ ନିଜ ଦେହର ଶେଷ ରକ୍ତ ବୁନ୍ଦା ସୁଦ୍ଧା ଦେଇ ଦେବ ସତ୍ୟର ବିଜୟ ପାଇଁ ।

ବାଟ ବଣା ହୋଇ ରାସ୍ତାରେ ବୁଲୁଥିବା ଏ ପାଦକୁ କାହା ସାହାଯ୍ୟ ଅବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହାନୁଭୂତିର ଆବଶ୍ୟକତା ନାହିଁ । କାହିଁ ନା ସେ ଜାଣିଛି ସେ ଆଜି ନ ହେଲେ କାଲି ତା ପୃଥିବୀ ଓ ଆକାଶକୁ ଖୋଜି ପାଇବ ।

ସେତେ ଯାଏଁ ସେ ଖାଲି ଅନବରତ "ଚାଲିବ ....ଚାଲିବ....ଚାଲିବ ।"

ସର୍ବଶେଷରେ ଏତିକି କହିବି ବାପା ଆପଣ ସାନ ବେଳେ ଦେଇଥିବା ମିଶନ "ସଲଜ୍ଞା ଯୁଡୁମ୍" ସଫଳତା ପୂର୍ବକ ଅନ୍ତ ହେବ ।

"ସୁନ୍ଦର ଯେତିକି ଅନ୍ଧାର ସେତିକି
ଏଇଯେ ଗହନ ବନ
ତେଣୁ ତୁ ତୋ ସଙ୍କଳ୍ପରେ ଅଟଳ
ଅଚଳ ରହରେ ମନ
ଆଗରେ ପଡ଼ିଛି ପଥ ବହୁଦୂର
ଆହୁରି ଅନେକ ବାକି
ଚାଲିବି ଚାଲିବି ନ ପଡ଼ିବି ଥକି
ମୁଦିବା ପୂର୍ବରୁ ଆଖି ।"

ଇତି
ଆପଣମାନଙ୍କର
"ବିକି"

ପଲ୍ଲୀ, ଭଦ୍ରକ, ଓଡ଼ିଶା
+୯୧-୭୦୦୮୭୭୪୪୭୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅବସର ଜୀବନ

ଜୟଶ୍ରୀ ପଟ୍ଟନାୟକ



ସେଦିନ ପାର୍କରେ ଚାଲୁ ଚାଲୁ ଦେଖା ହୋଇଗଲା ଶ୍ୟାମ ବାବୁଙ୍କ ସହିତ । ଚାକିରିରୁ ସଦ୍ୟ ଅବସର ନେଇଥିବା ଶ୍ୟାମ ବାବୁ ପାର୍କର ଏକ ସିମେଣ୍ଟ ବେଞ୍ଚ ଉପରେ ଉପବେସିତ ଥିଲେ । ଟିକେ ଦୋ ଦୋ ଚିହ୍ନା ଲାଗିଲେ ତଥାପି ଚିହ୍ନିବାରେ କିଛି ତ୍ରୁଟି ରହିଲାନି । ମୁଁ ଅଗତ୍ୟା ଯାଇ ପଚାରି ବସିଲି -- କ୍ଷମା କରିବେ, ଆପଣ ଶ୍ୟାମବାବୁ ନା ?

- ହଁ ।

- ଏଠାକୁ କେବେଠାରୁ ଆସିଲେଣି ?

- ରିଟାୟାରମେଣ୍ଟ ପରେ । ନିସଙ୍ଗ ଜୀବନରୁ ଟିକେ ମୁକ୍ତି ପାଇବା ପାଇଁ ।

- ଚାଲିଲେ ସ୍ୱାସ୍ଥ୍ୟ ବି ଟିକେ ଭଲ ରହିବ ।

- ବେମାର ପଡିଲେ କିଏ ସେବା କରିବ ?

- ଆଉ ମାଡାମଙ୍କ ଖବର କଣ ?

- ସେ ଏବେ ଘରେ । ବଡ଼ପୁଅଟା ବାଙ୍ଗାଲୋରରେ ଗୋଟେ ଭଲ କମ୍ପାନୀରେ ଚାକିରୀ କରୁଛି । ଦୂର ବାଟ । କଦବା କେମିତି ଆସୁଛି ବାଙ୍ଗାଲୋରରୁ । ସାନ ପୁଅଟା ବି ଟେକ କରୁଛି । ଛୁଟିହେଲେ ଘରକୁ ଆସେ, ବୁଲା ବୁଲି କରି ପୁଣି ଚାଲିଯାଏ ହଷ୍ଟେଲକୁ । ଆଉ ଆମେ ଦୁଇ ପ୍ରାଣୀ ଘରେ । ମୋଟା ମୋଟି ଖୁସିରେ ଅଛୁ ।

- ଆପଣଙ୍କ ଅଫିସ ଖବର କଣ ? ରିଟାରମେଣ୍ଟ ପରେ ଆଜିକାଲି କିଛି ଲୋକ ଚାକିରି କରୁଛନ୍ତି । ଆଉ ଆପଣ କଣ କରିବାକୁ ଚାହିଁଲେ ନାହିଁ ?

- ଦେଖନ୍ତୁ । ସରକାର ଆମକୁ ୩୩ ବର୍ଷ ଚାକିରି ପରେ ଅବସର ଦେଉଛନ୍ତି । ଘର

Listen to Odia Podcast Original at https://youtube.com/@drjyotiprasad

କଥା ସ୍ତ୍ରୀ, ପିଲାଙ୍କ କଥା ବୁଝିବା ପାଇଁ । ଶରୀରକୁ ଥକାପଣରୁ ମୁକ୍ତି ଦେବାପାଇଁ । ପେନସନ ବି ଦେଉଛନ୍ତି । ପୁଣି ଯାଇ ଚାକିରୀ କଲେ ଶୋଭା ପାଇବ ମା ?

ଆମ ବଦଳରେ କେହି ବେରୋଜଗାର ପିଲା ଚାକିରି କଲେ ବରଂ ଦୁଇ ପଇସା ପାଇବ । ତା ଘର ଚଳିବ । ଆମକୁ ତ ପେନସନ ମିଳୁଛି । ଦୁଇ ପ୍ରାଣୀ ବେଶ ହସଖୁସିରେ ତୀର୍ଥସ୍ଥାନ ଭ୍ରମଣ କରି ନିଜ କଥା ପିଲାମାନଙ୍କ କଥା ବୁଝିପାରିବୁ । ଏହି ବୟସରେ ପୁଣି ଯାଇ ଅସ୍ଥାୟୀ କର୍ମଚାରୀ ଭାବେ ଚାକିରି କଲେ ଆଉ ସେ ସମ୍ମାନ ମିଳିବ ମା ?

ଆଜିକାଲି କିଏ ଆଉ ସ୍ନେହ, ପ୍ରେମ, ବନ୍ଧୁତାର ସଂଜ୍ଞା ଜାଣୁ ନାହାନ୍ତି । ଯେଝା କାମରେ ଯିଏ ବ୍ୟସ୍ତ । ଚାକିରିରେ ଥିଲା ବେଳେ କେତେ ପିଲାଙ୍କୁ ବଡ ବାବୁଙ୍କୁ କହି ରଖି ଦେଇଥିଲି । ଟ୍ରେନିଂ ଦେଇ ସେମାନଙ୍କ ଦକ୍ଷତାକୁ ବଢାଇଥିଲି ହେଲେ ଅବସର ପରେ ସେମାନେ ଦିନେ ହେଲେ ବି ଫୋନ କରୁନାହାନ୍ତି । ଦୁନିଆର ଲୋକମାନେ କେତେ ସ୍ୱାର୍ଥପର ହେଲେଣି ସେହି କଥା ଖାଲି ଭାବୁଛି । ଏମାନଙ୍କୁ ସାହାଯ୍ୟ କରି ଆମକୁ ଭୁଲି ଯାଉଛନ୍ତି, ବାପାମା'ଙ୍କୁ କାହିଁକି ଭୁଲୁ ନ ଥିବେ ?

ଦରକାର ବେଳେ ସୁଯୋଗ ଉଣ୍ଡୁ ଥିବେ ବନ୍ଧୁତା ରଖିବାକୁ । ପରେ ଚୁଗୁଲି ଚାପଡ଼ କରି, ପର ନିନ୍ଦା, ପର ଚର୍ଚ୍ଚା କରି ସେହି ସମ୍ପର୍କକୁ ଭାଙ୍ଗି ଦିଅନ୍ତି । କାମ ସରିଗଲେ ସ୍ୱାର୍ଥ ହାସଲ ପରେ ତୁ କିଏ ନା ମୁଁ କିଏ ?

ସବୁକଥା ଶ୍ୟାମ ବାବୁଙ୍କ ଠାରୁ ଶୁଣି ଖୁବ ଦୁଃଖ ଲାଗିଲା । ବୋଧହୁଏ ତାଙ୍କ ମନ ଟିକେ ଯ୍ୟା ଭିତରେ ଅଭିମାନୀ ହୋଇପଡିଛି । ହବା କଥା ବି ତ । ଯୋଉଠି ସହକର୍ମୀ ମାନଙ୍କ ସହ ଦୀର୍ଘ ୩୩ ବର୍ଷ କାମ କରିଥିଲେ, ସାଙ୍ଗ ହୋଇ ବସୁଥିଲେ, ଉଠୁଥିଲେ । ଚାହା କ୍ଲବରେ ସାମିଲ ହେଉଥିଲେ, ସାଙ୍ଗ ହୋଇ ସିଗାରେଟ ପାନ ଖାଉଥିଲେ, ଅବସର ପରେ ସେମାନେ କେତେ ଶୀଘ୍ର ଭୁଲିଗଲେ । ଅବସର ନେବା ଦିନ ସମସ୍ତେ କହୁଥିଲେ-- ଆପଣ ସିନା ଅବସର ନେଲେ ଚାକିରିରୁ, ହେଲେ ଆମ ହୃଦୟରେ ସବୁବେଳ ପାଇଁ

Listen to Odia Podcast Original at https://youtube.com/@drjyotiprasad

ରହିଥିବେ । ଆପଣଙ୍କ ପରି ସୁଦକ୍ଷ, ଅମାୟିକ କର୍ମଚାରୀଙ୍କୁ ଆମେ କେବେ ଭୁଲି ପାରିବୁ ନାହିଁ । ଆପଣ ସବୁବେଳେ ଆମ ପାଖେ ପାଖେ ଥିବେ ।

######

ଆଜି ଅବସର ନେବାର ପ୍ରାୟ ଏକ ବର୍ଷ ହେଲା ମା । ଭାବିଲି ବୁଲି ଆସିବି ଟିକେ ଯାଇ ଅଫିସ ଆଡେ । ହେଲେ କେହି ଜଣେ ମନେ ପକାଇ ଫୋନ କରନ୍ତିନି ମୋତେ । କଣ ବା ଦରକାର ଆଉ ସେଠିକୁ ଯିବା । ସେହି ସମୟ ପାର୍କରେ ଟିକେ ଚାଲି, ସବୁଜିମାକୁ ଉପଭୋଗ କରି ସମୟ କାଟିଦେବା ବରଂ ଭଲ । ଯୋଉଠି ସ୍ନେହ, ପ୍ରେମ ବୋଲି କିଛି ନାହିଁ ସେଠି ଉପରେ ପଡି ଅତିଥି ହେବା କଣ ଦରକାର ? ନିଜ ସମ୍ମାନରେ ଆଞ୍ଚ ଆସିବନି ?

ମୁଁ କହିଲି -- ଠିକ କହିଛନ୍ତି ସାର । ପ୍ରତିଦିନ ଏହି ପାର୍କକୁ ଆସନ୍ତୁ । ଅନେକ ଅବସର ନେଇଥିବା ମଉସା ମାଉସୀ ଆସନ୍ତି । ସେମାନଙ୍କର ଗୋଟେ walker's କ୍ଲବ ଗଠନ କରିଛନ୍ତି । ଅନେକ ନୂଆ ବନ୍ଧୁ ଆପଣଙ୍କୁ ମିଳିଯିବେ । ସେମାନଙ୍କ ସହିତ ହସଖୁସିରେ ଦିନ ସରିଯିବ । ଅନେକ ସମାଜସେବା ମଧ୍ୟ ସେମାନେ କରି ପାରୁଛନ୍ତି ।

ଜୀବନଟା ହେଉଛି ଗୋଟିଏ ରେଳଗାଡି ସଦୃଶ । କେତେ ଚଢନ୍ତି, କେତେ ଓହ୍ଲାନ୍ତି ପୁଣି ମଝି ରାସ୍ତାରେ । ପୁଣି ନୂଆ ଷ୍ଟେସନରେ ନୂଆ ଯାତ୍ରୀ ଚଢ଼ନ୍ତି । ଯିଏ ଦୂରେଇ ଗଲେ ସେମାନଙ୍କୁ ଦୂରେଇ ଯିବାକୁ ଦିଅନ୍ତୁ । ଭାବି ନିଅନ୍ତୁ ଯେ ସେମାନଙ୍କ ହୃଦୟରେ ଆପଣଙ୍କ ପାଇଁ ଜାଗା ନାହିଁ ।

ଆମ ସହିତ ପାଦ ପକାଇ ଚାଲନ୍ତୁ । ଏଇଠି ପଡିଥିବା ବେଞ୍ଚ ମାନଙ୍କରେ ଅନେକ ମଉସା ମାଉସୀ ଆସି ଅବସର ସମୟ ବିତାନ୍ତି । ଖୁବ ସୁନ୍ଦର ସେମାନଙ୍କର ଆଲୋଚନା, ହସଖୁସି ଚାଲେ । ଆପଣ ସେମାନଙ୍କ ସହିତ ମିଶିଗଲେ ଆଉ ନିସଙ୍ଗ ଅନୁଭବ କରିବେ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଁ ତୁମେ ଠିକ କହିଛ ମା । କିଛି ପୁରୁଣା ସ୍ମୃତିକୁ ନ ଭୁଲିଲେ ନୂଆର ସମାଗମ ହୁଏନା ।

ଆଜି ମଉସା ଢ଼େର ଖୁସିରେ ଅଛନ୍ତି । ଏହି ପାର୍କକୁ ଆସି ବଡ଼ପୁଅ ବାହାଘର ସାରି ଦେଲେଣି । ସମାଜସେବୀ ରୂପେ ଗୋଟିଏ ଅଗ୍ରଣୀ ଅନୁଷ୍ଠାନ ସହିତ ଜଡିତ ଅଛନ୍ତି । ଏବେ ସକାଳ ପାଇଲେ ମଉସାଙ୍କୁ ହଜାରେ ଫୋନ କଲ । ଆଜି ବାର୍ଷିକ ଉତ୍ସବ, କାଲି ସାହିତ୍ୟ ଉତ୍ସବ, ସାଇ ବାବା ଟ୍ରଷ୍ଟ, କେବେ ଯୋଗ କେନ୍ଦ୍ର ଆଉ ସମୟ ନାହିଁ ପାର୍କରେ ଗପିବାକୁ କି ମେଳ ହୋଇ ଚାଲିବାକୁ । ପୂର୍ବର ସେ ନିସଙ୍ଗ ଜୀବନ ବି ନାହିଁ । ଖାଲି ଖୁସି ଆଉ ଖୁସି । ସମସ୍ତଙ୍କ ଉପସ୍ଥିତିରେ ମଉସା ଖୁବ ହସ ଖୁସିରେ ରହିଛନ୍ତି । ମନେ ମନେ ଈଶ୍ୱରଙ୍କୁ ଧନ୍ୟବାଦ ଦେଲି ପ୍ରଭୁ ସମାଜର ସବୁ ବୁଢାବୁଢ଼ୀମାନେ ଏମିତି ଖୁସିରେ ରୁହନ୍ତେନି ?

ଗଙ୍ଗନଗର ଛକ, ଭୁବନେଶ୍ୱର

୭୯୭୮୧୧୦୪୭୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗ୍ରହ ମୁଦି

ବିଶ୍ୱରଞ୍ଜନ ଜେନା



ଆମେ ଦୁହେଁ ବସି ରେଷ୍ଟୁରାଣ୍ଟରେ ଖାଉଥିଲୁ । ଆଜି ମୋ ସହକର୍ମୀ ବନ୍ଧୁ ଚିନ୍ତନର ଜନ୍ମଦିନ ଥିଲା । ଉଭୟଙ୍କର କମ୍ପାନୀ ଥିଲା ଗୋଟିଏ, ଆଉ ଘର ବି ଥିଲା ଓଡିଶା, ଅଲଗା ଥିଲା ଖାଲି ଜିଲ୍ଲା । ସେଥିପାଇଁ ଆନ୍ତରିକତା ବଢିଯାଇଥିଲା । ଦୁହେଁ ଗୋଟିଏ ଫ୍ଲାଟରେ ଗୋଟିଏ ରୁମ୍‌ରେ ରହୁଥିଲୁ । ରୋଷେଇ ନ କରି ରେଷ୍ଟୁରାଣ୍ଟ ଯିବାକୁ ସିଏ ବାଧ୍ୟ କରିଥିଲା । ଖାଇବା ସମୟରେ ହଠାତ୍ ମୋର ତା ହାତ ଉପରେ ନଜର ପଡିଲା । ସିଏ ଗୋଟିଏ ନୂଆ ମୁଦି ପିନ୍ଧିଥିଲା ।

ତୁମର ବିବାହ ସ୍ଥିର ହୋଇଗଲା ନା କ'ଣ ? ଭଲ ମୁଦିଟାଏ ପିନ୍ଧିଛ ।

ସିଏ କିଛି ନକହି ନିରବ ରହିଲା । ଖାଲିଟିକେ ମୁରୁକି ହସିଦେଲା । ପୁଣି ଆମେ ଦୁହେଁ ଖାଇବାରେ ନିମଗ୍ନ ହୋଇଗଲୁ ।

- ଇଏ ନିର୍ବନ୍ଧର ମୁଦି ନୁହେଁ ।

- ତେବେ ? କ'ଣ ଗ୍ରହମୁଦି ? – ମୁଁ ଉତ୍ସୁକତାର ସହିତ ପଚାରିଲି ।

- ହଁ । ସେହିଭଳି ବୋଲି ଭାବ ।

- ଭାବିବି ମାନେ ? କୋଉ ପଥର ଇଏ ?

- ପୋଖରାଜ୍ ।

ଆଚ୍ଛା ! ସେଇଥିପାଇଁ ଏତେ ସୁନ୍ଦର ଦିଶୁଛି । ତମେ ଯ୍ୟାକୁ ବିଶ୍ୱାସରେ ପିନ୍ଧିଛ ନା ବାଧ୍ୟବାଧକତାରେ । – ମୁଁ ପୁନଶ୍ଚ ପ୍ରଶ୍ନ କଲି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

- ପ୍ରଥମେ ବାଧ୍ୟବାଧକତା, ପରେ ବିଶ୍ୱାସ ।

ଭଲ । ମୁଁ ଏତିକି କହି ଖାଇବାକୁ ଲାଗିଲି ।

ସେଦିନର କଥା ସେଇଠାରେ ହିଁ ସରିଯାଇଥିଲା । ଯଦିଓ ମୁଁ ଏସବୁରେ ବିଶ୍ୱାସ କରେ ନାହିଁ, କିନ୍ତୁ କାହା ବିଶ୍ୱାସ ଉପରେ ପ୍ରଶ୍ନ ବି କରେ ନାହିଁ । ଚିନ୍ତନ ଏକଥା ଜାଣିଥିଲା । ସେଥିପାଇଁ ନା ମୁଁ ତାକୁ ଅଧିକ କିଛି ପଚାରିଥିଲି ନା ସିଏ କିଛି କହିଥିଲା ।

ଏ ଘଟଣାକୁ ପାଖାପାଖି ଦୁଇମାସ ବିତିଯାଇଥିଲା । ମୁଁ ବି ଭୁଲିଯାଇଥିଲି । ହଠାତ୍ ଦିନେ ରାତିରେ ବସି ଟିଭି ଦେଖୁଥିବା ସମୟରେ ମୋତେ ଏକ ଏନ୍‌ଭଲପ୍ ସିଏ ଧରାଇଦେଲା । ମୁଁ କିଛି ପଚାରିବା ଆଗରୁ କହିଲା ଖୋଲି ଦେଖ, ନିଜେ ବୁଝିପାରିବ । ମୁଁ ଖୋଲି ଦେଖିବାରୁ ଜାଣିଲି ତାକୁ ଅନ୍ୟ ଏକ କମ୍ପାନୀରୁ ଉଚ୍ଚ ଦରମାରେ ଅଫର୍ ଆସିଛି । ମୁଁ ତାକୁ ଅଭିବାଦନ ଜଣାଇଲି ।

ବୁଝିଲ ରଞ୍ଜନ, ମୁଁ ଜାଣେ ତୁମେ ବିଶ୍ୱାସ କରିବନି । କିନ୍ତୁ ଏ ସବୁ କେବଳ ଏ ମୁଦି ପିନ୍ଧିବା ଯୋଗୁଁ ସମ୍ଭବ ହୋଇଛି । ବହୁତ ଦିନରୁ ମୁଁ ଚେଷ୍ଟା କରୁଥିଲି ଏ ଚାକିରୀ ଛାଡିବାକୁ । ଗୋଟେ ପ୍ରକାର ଅଣନିଃଶ୍ୱାସୀ ହୋଇଯାଇଥିଲି । କିନ୍ତୁ କୌଣସି ଭଲଜାଗାରେ ଚାକିରୀ ମିଳୁନଥିଲା । ହେଲେ ଦେଖ, ମାତ୍ର ଦୁଇମାସ ହୋଇଛି ମୁଦି ପିନ୍ଧିବାର, ଆଉ ତାର ସୁଫଳ ବି ଦେଖାଗଲାଣି । ଖାଲି ସେତିକି ନୁହେଁ ଆଗରୁ ମୁଁ ଯେତେ ଚେଷ୍ଟା କଲେ ବି କିଛି ସଞ୍ଚୟ କରିପାରୁନଥିଲି । ଏବେ କିନ୍ତୁ ମୁଁ କିଛି କିଛି ରଖୁଛି ।

ମୋ ବିଶ୍ୱାସ ଏବେ ଧିରେ ଧିରେ ତାର ପଟ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଥିଲା । ରାଶି, ନକ୍ଷତ୍ର, ଗ୍ରହମୁଦି ଏସବୁ ପ୍ରତି ଥିବା ମୋର ଅବିଶ୍ୱାସ, ଅନ୍ଧବିଶ୍ୱାସର ଅର୍ଗଳି ଦେଇ ଧିରେ ଧିରେ ବିଶ୍ୱାସ ଆଡକୁ ଢଳିବାକୁ ଲାଗିଲେ । ଯଦିଓ ମନ ଆଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିବେକ ଏସବୁକୁ ଏତେ ଶୀଘ୍ର ଗ୍ରହଣ କରିପାରୁନଥିଲେ କିନ୍ତୁ ମସ୍ତିଷ୍କର କେଉଁ ଏକ କୋଣ ଅନୁକୋଣରେ ସଫଳତାର ସରଳ ସୂତ୍ରଟିଏ ମିଳିଗଲା ଭଳି ଲାଗିଲା । ଯେତେ ଯାହା ହେଲେ ମଣିଷ ନା, ଅନ୍ୟର ସଫଳତାର ସର୍ଟକଟ୍ ବାଟ ଆପଣେଇବାରେ କ୍ଷତି କଣ ?

ସିଏ ପୁଣି ଆରମ୍ଭ କଲା । ମୁଁ ଏକଥା ବି ଜାଣିଛି, ତୁମେ ବି ମୋ ଭଳି ଏ କମ୍ପାନୀ ଆଉ ଚାକିରୀ ଛାଡିବାକୁ ଭାବୁଛ କିନ୍ତୁ ଛାଡି ପାରୁନ ଭଲ ସୁଯୋଗ ନମିଳିବାରୁ ।

ଏକଥା ତ ଠିକ୍ । କିନ୍ତୁ ତୁମକୁ କ'ଣ ଲାଗୁଛି -----

ହଁ । ନିଶ୍ଚିତ ହେବ । ତୁମେ କେବଳ ସେ ଜ୍ୟୋତିଷ ମହାରାଜଙ୍କ ପାଖକୁ ଥରେ ଚାଲ । ସିଏ ପ୍ରତ୍ୟକ୍ଷ । ତୁମର ସମସ୍ତ ସମସ୍ୟାର ସମାଧାନ ତାଙ୍କ ପାଖରେ ନିଶ୍ଚିତ ଥିବ । ତୁମକୁ ଭଲ ଲାଗିଲେ ଗ୍ରହଣ କରିବ ନହେଲେ ନାହିଁ । କିନ୍ତୁ ଥରେ ଦେଖା କରିବାରେ ଅସୁବିଧା କ'ଣ ଅଛି ? କହିବ ଯଦି ମୁଁ ଠିକଣା ଦେଇଦେବି ।

ନା ନା ଠିକଣା ନେଇ ମୁଁ କ'ଣ କରିବି ? ଯଦି ଯିବା ସାଙ୍ଗ ହୋଇ ଯିବା ନହେଲେ ନାହିଁ । ମୁଁ ବି ଭାବିଲି ଥରେ ଯାଇ ଦେଖା କରିବାରେ କିଛି ଅସୁବିଧା ନାହିଁ ।

ସେ କିଛି ସମୟ ଚିନ୍ତା କରି କହିଲା, ଠିକ୍ ଅଛି । ମୁଁ କହିବି । କିନ୍ତୁ ତା ପୂର୍ବରୁ ତୁମେ ତୁମ ଜାତକ ମଗେଇ ଦେଇଥିବ ।

ଯା ଭିତରେ ସିଏ କମ୍ପାନୀ ପରିବର୍ତ୍ତନ କରିଦେଇଥିଲା । କିନ୍ତୁ ଏବେ ବି ଆମେ ଉଭୟ ଏକାଠି ରହୁଥିଲୁ । ଦିନ କୁଆଡେ ବିତିଯାଉଥିଲା ଜଣାପଡୁନଥିଲା । ସାତ-ଆଠ ମାସ ପରେ ସିଏ ପୁଣି ତାଙ୍କ ଘରକୁ ବାହାରିଥିଲା । ଏଥର କିନ୍ତୁ ସିଏ ଏକା ନୁହେଁ, ଯାଉଥିଲୁ ଆମେ ଦୁହେଁ । ଉଦ୍ଦେଶ୍ୟ ଜ୍ୟୋତିଷ ମହାରାଜଙ୍କୁ ଦେଖା କରି ଭାଗ୍ୟ ତଥା ଅନାଗତ ଭବିଷ୍ୟତକୁ ପରିବର୍ତ୍ତନ କରିବାକୁ । କାହାର ବା ଆଗ୍ରହ ଆଉ କୌତୁହଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଥାଏ ନିଜର ଭବିଷ୍ୟତ ବିଷୟରେ ଜାଣିବାକୁ ।

ତାଙ୍କ ଘରେ ପହଞ୍ଚିବା ପରେ ଖୁବ୍ ଆଦର ଯତ୍ନ କରିଥିଲେ ମୋତେ । ପରଦିନ ଦୁଇବନ୍ଧୁ ବାହାରିଲୁ ସେ ତଥାକଥିତ ଜ୍ୟୋତିଷ ମହାରାଜଙ୍କ ପାଖକୁ ।

ପୂର୍ବରୁ ମୁଁ ବହୁତ ଜ୍ୟୋତିଷମାନଙ୍କ ପାଖକୁ ଯାଇଛି । ଯଦିଓ ମୁଁ ଏସବୁକୁ ଜମା ବିଶ୍ୱାସ କରୁନଥିଲି, କିନ୍ତୁ ବାପା ଏହାକୁ ବହୁତ ବିଶ୍ୱାସ କରନ୍ତି । ସେଥିପାଇଁ ମୋର କର, କପାଳ ଆଉ କୋଷ୍ଠି ବହୁତ ଲୋକଙ୍କୁ ଦେଖା ହୋଇଛି । ପୁଣି ଥରେ ସେମିତିକା ଅବସ୍ଥାକୁ ଗଲା ଭଳି ମୋତେ ଲାଗିଲା ।

ପହଞ୍ଚି ଦେଖିଲି ବହୁତ ଲୋକ ଭିଡ ଜମାଇଛନ୍ତି । ଏଣ୍ଟ୍ରି ଫିସ୍ ଭରି ନମ୍ବରିଙ୍ଗ କରି ଭିତରକୁ ଦେଖା କରିବାକୁ ଯିବାକୁ ହେବ । ଏ ସବୁ ବିଷୟରେ ଚିନ୍ତନ ମୋତେ ଆଗରୁ ଜଣାଇ ଦେଇଥିଲା । ଦୁଇବନ୍ଧୁ ନମ୍ବରିଙ୍ଗ କରି ଅପେକ୍ଷା କଲୁ । ନମ୍ବର ଆସିବାରୁ ଭିତରକୁ ଗଲୁ । ବନ୍ଧୁ ମୋର ଜ୍ୟୋତିଷ ମହାଶୟଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ । ମୁଁ କେବଳ ପାଦଛୁଇଁ ପ୍ରଣାମ କଲି । ପାଖରେ ପଡିଥିବା ଦୁଇଟି ଆସନରେ ଆମେ ଦୁହେଁ ବସିଲୁ ।

ତୁମେ ବୋଧେ ପୂର୍ବରୁ ଥରେ ଆସିଥିଲ ? – ମୋ ବନ୍ଧୁଙ୍କୁ ପ୍ରଶ୍ନ କଲେ ।

ଆଜ୍ଞା ।

ପୁଣି ଆସିଲ ଯେ ! କିଛି ଅସୁବିଧା ହେଲା କି ?

ନାହିଁ ଆଜ୍ଞା । ସେ ମୁଦି ପିନ୍ଧିବା ପରଠାରୁ ମୁଁ ବହୁତ ସଫଳତା ପାଇଛି । ଏଥର ମୋ ବନ୍ଧୁଙ୍କ ପାଇଁ ଆସିଛି । ତାଙ୍କ ସମସ୍ୟାର ଯେମିତି ଟିକେ ସମାଧାନ ହୋଇଯାଏ ।

ମୁଁ ପ୍ରଥମରୁ କହିଥିଲି, ଏ ମୁଦି ପିନ୍ଧିଲେ ଖୁବଶୀଘ୍ର ତୁମକୁ ସଫଳତା ମିଳିବ । ତୁମେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫଳାଫଳ ପାଇଗଲ । ଭଲ କଥା । ଇଶ୍ୱର ତୁମକୁ ଅଧିକରୁ ଅଧିକ ସଫଳ କରନ୍ତୁ ।

ତୁମର ରାଶି ଆଉ ନକ୍ଷତ୍ର ବିଷୟରେ ଜାଣିଛ ? – ମୋ ଉଦ୍ଦେଶ୍ୟରେ ପଚାରିଲେ ।

ଆଜ୍ଞା ରାଶି-ମୀନ, ନକ୍ଷତ୍ର – ୨୭/୧୨ ।

ଆଚ୍ଛା । ରେବତୀ ମୀନ । ହଉ । ତୁମେ ଜାତକ ଆଣିଛ ?

ଆଜ୍ଞା । ଏତିକି କହି ମୁଁ ଜାତକ ବଢେଇଲି । (ପୂର୍ବରୁ ମୁଁ ଘରୁ ଜାତକ ମଗେଇ ଦେଇଥିଲି) ।

ମୋ ଠାରୁ ଜାତକ ନେଇ ସିଏ କାଗଜରେ ଗୋଟିଏ ବଡଘର କାଟି କଣ ସବୁ ଲେଖି ଚାଲିଲେ । ସେ ବଡ ଘର ଭିତରେ ପୁଣି ଛୋଟ ଛୋଟ ଗାର କାଟି କେଉଁଠି ସଂଖ୍ୟା ତ କେଉଁଠି ଅକ୍ଷର ଲେଖି ଚାଲିଲେ ଯେମିତି ପୂର୍ବରୁ ସମସ୍ତେ କାଟିଥିବାର ମୁଁ ଦେଖିଥିଲି । ସେ ଘର ସବୁ ମୋତେ ପିଲାବେଳେ ଖେଳୁଥିବା ଛକଶୂନ ଘର ଭଳି ଲାଗେ । ସେ ଘର ଆଉ ଲେଖା ସବୁ ମୋ ପାଇଁ ଅବୋଧ୍ୟ ଥିଲା । ସେଥିପାଇଁ ମୁଁ ଅନ୍ୟ ଆଡେ ଚାହିଁଲି । କାନ୍ଥ ତଥା ଥାକରେ ବହୁତ ବହି ରଖାଯାଇଥିଲା । ଭୃଗୁସଂହିତା, ବୃହତ୍‌ସଂହିତା, ପୁରୁଣା ବର୍ଷ ମାନଙ୍କର ପାଞ୍ଜି, ଆଉ କିଛି ପୋଥିବି ଥିଲା । ଯାହା ସବୁ ମୋର ଦେଖିବା ଛଡା ଅନ୍ୟ କିଛି କାର୍ଯ୍ୟରେ ଆସିବାର ନଥିଲା ।

ଜ୍ୟୋତିଷ ମହାଶୟ ଖାତାକୁ ଦେଖୁଥାନ୍ତି, ପୁଣି ହାତରେ କ'ଣ ରେଖାମାନ ଗଣିବାରେ ଲାଗିଥାନ୍ତି । ପୁଣି କ'ଣ ଲେଖି ପକାଉଥାନ୍ତି । ଲାଗୁଥାଏ ଯେମିତି କେଉଁ ଏକ ଜଟିଳ ଅଙ୍କକଷା ଚାଲିଛି । ଖୁବ୍ ଅଧିକ ଚିନ୍ତିତ ଲାଗୁଥିଲେ ସିଏ । ଜ୍ୟୋତିଷ ମହାଶୟଙ୍କର ଅଙ୍କକଷା ସରିଯାଇଥିଲା । ସିଏ ଚଷମା ଫାଙ୍କରୁ ଟିକେ ମୋ ଆଡେ ଚାହିଁଲେ । ତାପରେ ଚଷମା ଖୋଲି ରଖିଲେ । ଦୁଇ ଆଖିକୁ କିଛି ସମୟ ବନ୍ଦ କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଖିଲେ । ଏସବୁ ସମୟରେ ମୋଠାରୁ ଅଧିକ ଚିନ୍ତନ ଉତ୍ସୁକତାର ସହିତ ଚାହିଁଥିଲା । ମୋତେ ଲାଗିଲା ପବନରେ ଗଛରୁ ପାଚିଲା ଆମ୍ବ ଝଡିବା ପାଇଁ ଯେମିତି ଅପେକ୍ଷା କରାଯାଏ, ସେମିତି ଚିନ୍ତନ ଜ୍ୟୋତିଷ ମହାଶୟଙ୍କ ମୁଖରୁ ବାଣୀ ଶୁଣିବାକୁ ଅପେକ୍ଷା କରିଛି ।

ଜ୍ୟୋତିଷ ମହାଶୟ ଆଖି ଖୋଲିଲେ । ମୋ ମୁହଁକୁ ଚାହିଁଲେ । ତାଙ୍କର ସେ ଚିନ୍ତିତ ବଦନ ଆଉ ଭ୍ରୁକୁଞ୍ଚିତ ନୟନକୁ ଦେଖିଲେ ଯିଏ ହେଉନା କାହିଁକି ଡରିଯିବ । ମୋ ମନରେ ବି ଟିକିଏ ଡର ପଶିଲା ଭଳି ଲାଗିଲା । ତାଙ୍କ ଚାହାଣି ଯେମିତି ଅନେକ କାହାଣୀ କହିଯାଉଥିଲା । କୌଣସି ଡିଟେକ୍ଟିଭ୍ ସିରିଏଲ୍‌ର ପୋଲିସ ଅଫିସରର ଚାହାଣି ପରି ଥିଲା । ମୋତେ ଲାଗିଲା ଯେମିତି ମୁଁ ଏକ ଅପରାଧୀ ।

ତୁମର ସମୟ ବହୁତ ଖରାପ ଚାଲିଛି । ରାହୁ ମହାଦଶା ଚାଲିଛି । ତା ସହିତ ଶନି ସାଢେ ସାତ । ପୁଣି ଶୁକ୍ର ଓ ମଙ୍ଗଳର ବକ୍ରଦୃଷ୍ଟି ତୁମ ପ୍ରତି । ସେଥିପାଇଁ କୌଣସି ଶୁଭକାମ ହୋଇପାରୁ ନଥିବ । ଯେତେ ଚେଷ୍ଟା କଲେ ବି ସଫଳତା ମିଳୁନଥିବ । ଶରୀର ବି ଅସୁସ୍ଥ ରହୁଥିବ । ଏ ସମୟ ଆହୁରି ବି କିଛିଦିନ ଲାଗିରହିବ । କିନ୍ତୁ ମନଦୁଃଖ କରନାହିଁ । ପୁଣି ସିଏ ଆଖି ବନ୍ଦ କରି ମନେ ମନେ କଣ ସବୁ ହାତର ଆଙ୍ଗୁଠିରେ ଗଣିବାକୁ ଲାଗିଲେ ।

ଏତେ ସବୁ ଭୟ ସୃଷ୍ଟିକାରୀ କଥା କହିସାରିଲା ପରେ ପୁଣି କହୁଛନ୍ତି ମନ ଦୁଃଖ କରନାହିଁ । କେମିତି ଏକଥା ଭାବୁଛନ୍ତି ! କିନ୍ତୁ କିଛି ପ୍ରକାଶ ନକରି ମନେ ମନେ ଏୟା ଭାବି ଚିନ୍ତନକୁ ମୁଁ ଚାହିଁଲି ।

କ'ଣ କିଛି ପ୍ରତିକାର ନାହିଁ? - ଚିନ୍ତନ ପ୍ରଶ୍ନ କଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଛି । ସବୁ ଜିନିଷର ପ୍ରତିକାର ଅଛି । ଯେହେତୁ ତୁମେ ଏଠିକି ଆସିଛ, ନିଶ୍ଚିତ କିଛି ପ୍ରତିକାର କରିବା । ଯଦି କହିବ ତେବେ ମୁଁ ତାର ସମାଧାନର ବାଟ ନିଶ୍ଚିତ କହିବି । ମୋ ପାଖକୁ ଆସି କିଏ ଖାଲି ହାତରେ ଫେରିଯିବ, ମତେ ଭଲ ଲାଗିବ ନାହିଁ ।

ଆପଣ କୁହନ୍ତୁ । ଆମେ ନିଶ୍ଚିତ ମାନିବୁ ।

ଠିକ୍ ଅଛି । ଯେଉଁ କାଗଜରେ ସିଏ କଷିଥିଲେ, ପୁଣିଥରେ କଣ ଦେଖିବାକୁ ଲାଗିଲେ । ପ୍ରଥମେ ତୁମକୁ କିଛି ନିୟମ ମାନିବାକୁ ପଡିବ । ଯେମିତିକି କଳା ବସ୍ତ୍ର ପିନ୍ଧିବନି । ଗୁରୁବାର ଆମିଷ ଖାଇବନି । ଧଳା ଆଉ ହଳଦିଆ ବସ୍ତ୍ର ପିନ୍ଧିବ । ତୁମର ଶୁଭବାର ଗୁରୁବାର ଏବଂ ଘାତବାର ଶୁକ୍ରବାର । ସେଥିପାଇଁ ଶୁକ୍ରବାର ଟିକେ ଜଗିରଖି ଚଳିବ । ଏମିତି ଅନେକ କିଛି । ମୁଁ ସବୁ ଲେଖିକରି ଦେଇଦେବି । ଆଉ ତା ଛଡା ତୁମକୁ ମୁଦି ପିନ୍ଧିବାକୁ ପଡିବ । ଯାହା ଫଳରେ ତୁମର ଗ୍ରହଦୋଷ କଟିଯିବ । କିନ୍ତୁ ଗୋଟିଏ ନୁହେଁ, ଦୁଇଟି । ତୁମକୁ ଦୁଇଟି ପଥରର ମୁଦି ପିନ୍ଧିବାକୁ ପଡିବ । ପୋଖରାଜ୍ ଓ ନୀଲମ୍ । ପୋଖରାଜ୍ ପିନ୍ଧିବ ମଧ୍ୟମା ଅଙ୍ଗୁଳିରେ ଆଉ ନୀଲମ୍ ତର୍ଜନୀରେ । ତେବେ କିଛିଦିନ ମଧ୍ୟରେ ତୁମର ନିଶ୍ଚିତ ଶୁଭଫଳ ପ୍ରାପ୍ତ ହେବ ।

କେତେ ଟଙ୍କା ଲାଗିବ ଆଜ୍ଞା ? – ଏତେ ସମୟ ନିରବରେ ରହି ଶୁଣିଶୁଣି ଅସଲ କଥା ଆସିବାରୁ ମୁଁ ପ୍ରଶ୍ନକଲି ।

ପ୍ରାୟ ତିରିଶ ହଜାର ଟଙ୍କା । ଯଦି ତୁମେ ଚାହଁ ଏବେ ଦେଇଯାଅ । ସାତଦିନ ଭିତରେ ତୁମର ମୁଦି ଆସି ପହଞ୍ଚିଯିବ ।

କିନ୍ତୁ ମୁଁ ଏତେ ଟଙ୍କା ଧରି ଆସିନାହିଁ ।

ଚଳିବ । ଯାହା ଆଣିଛ, କାଉଣ୍ଟରରେ ଦେଇ ରସିଦ୍ ନେଇଯାଅ । ସାତଦିନ ପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସିଲେ ବାକିଟଙ୍କା ଦେଇ ମୁଦି ନେଇଯିବ ।

ଯଦି ପରେ ମୁଁ ସୁବିଧାରେ ଅନ୍ୟ କେଉଁଠୁ ଏ ମୁଦି ମଗେଇ ଦେବି ?

ଅନ୍ୟ କେଉଁଠୁ କାହିଁକି ମଗେଇବ ? ସେମାନେ ତୁମକୁ ଠକିଦେବେ । ତୁମର କ'ଣ ପଥର ବିଷୟରେ କିଛି ଜ୍ଞାନ ଅଛି ? ତା ଛଡା ସେ ମୁଦି ଏଠିକି ଆସିଲେ ତୁମ ଗ୍ରହ ହିସାବରେ ତାର ପୂଜା ଦ୍ୱାରା ପ୍ରତିକାର କରାଯାଇ ତୁମକୁ ପିନ୍ଧିବାକୁ ଦିଆଯିବ । ଏବେ ଯାଅ, କାଉଣ୍ଟରରୁ ଡିଟେଲ୍ସ ବୁଝିନେବ ।

ଆଜ୍ଞା । ମତେ ଲାଗିଲା ଜ୍ୟୋତିଷ ମହାଶୟ ଟିକେ ରାଗିଗଲେ । ହାତରେ ପଡିଥିବା ଶିକାରଟା ଯଦି ଏମିତି ହାତରୁ ଖସିଯିବ କିଏ ବା ନ ରାଗିବ ? ମୁଁ ଭଲଭାବେ ଜାଣିଥିଲି ପୂଜା ଆଉ ପ୍ରତିକାର ନୁହେଁ, ଏହା ପର୍ସେଣ୍ଟେଜ୍ କଥା । ତା ଛଡା ମୋତେ ଯିଏ ବି ପଥର ଦିଅନ୍ତୁ ମୁଁ ଅସଲି କି ନକଲି ଜାଣିପାରିବି ନାହିଁ । କିନ୍ତୁ ଏକଥା ମନରେ ରଖି ପ୍ରଣାମ ଜଣାଇ ଦୁଇବନ୍ଧୁ ବାହାରି ଆସିଲୁ ।

କାଉଣ୍ଟରରେ ଆଉ ଦେଖା କଲୁନାହିଁ । ମୋ ବନ୍ଧୁ ପଚାରିବାରୁ ସୁବିଧା ହେଲେ ପରେ ଆସି ସମସ୍ତ ଟଙ୍କା ପଇଠ କରି ଏକାଥରେ ନେଇଯିବି ବୋଲି ପ୍ରତିଶ୍ରୁତି ଦେଲି ।

କିଛିଦିନ ପରେ ଅନ୍ୟ ଏକ କମ୍ପାନୀରେ ଉଚ୍ଚ ଦରମାରେ ମୋତେ ଚାକିରୀ ମିଳିଗଲା । ପୋଷ୍ଟିଂ କିନ୍ତୁ ଥିଲା ଅନ୍ୟ ସହରରେ । ଅଗତ୍ୟା ମୋତେ ସେ ଘର, ସହର ତଥା ମୋର ବନ୍ଧୁଙ୍କୁ ବିଦାୟ ଦେବାକୁ ପଡିଲା ।

ବିନା ଖର୍ଚ୍ଚରେ ଯେହେତୁ ସଫଳତା ମିଳିଯାଇଥିଲା, ମୁଁ ଆଉ ମୁଦି କିଣିବା ଉପରେ ଗୁରୁତ୍ୱ ଦେଲିନାହିଁ । ଯଦିଓ ଚିନ୍ତନ ପ୍ରଥମରୁ ବାଧ୍ୟ କରୁଥିଲା, ପରେ ଆଉ ସିଏ ବି ବାଧ୍ୟ କଲାନାହିଁ । କିନ୍ତୁ ମୋର ଏ ସଫଳତା ଯେ ସେ ଜ୍ୟୋତିଷଙ୍କ ପାଖକୁ ଯିବା, ତାଙ୍କ ନିୟମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାନିଚଳିବା ଆଉ ମୁଦି ପିନ୍ଧିଥିଲେ ନିଶ୍ଚିତରୂପେ ମୁଁ ଆହୁରି ଅଧିକ ସଫଳତା ପାଇଥାନ୍ତି ଏଥିରେ ଦ୍ୱିରୁକ୍ତି ନାହିଁ ବୋଲି କହିବାକୁ ସିଏ ଭୁଲିନଥିଲା ।

ପ୍ରାୟ ଦୁଇବର୍ଷ ବିତିଯାଇଥିଲା । ଦୁଇବନ୍ଧୁ ଆମେ ସୁବିଧା ସୁଯୋଗ ପାଇଲେ କେବେ କେବେ ଫୋନ୍‌ରେ କଥା ହେଉଥିଲୁ । କାର୍ଯ୍ୟବ୍ୟସ୍ତତା ଯୋଗୁଁ ଦିନକୁ ଦିନ ତାହା ମଧ୍ୟ କମିବାରେ ଲାଗିଥିଲା । ହଠାତ୍ ଦିନେ ରବିବାର ସକାଳୁ ସକାଳୁ ମୋର ପୁରୁଣା ବନ୍ଧୁ ଚିନ୍ତନର ଫୋନ ଆସିଲା । ତାଙ୍କ ବିବାହ ସ୍ଥିର ହୋଇଯାଇଥିଲା । ବିବାହର ତାରିଖ ଜଣାଇବା ସହ ଯୋଗଦେବା ପାଇଁ ଅନୁରୋଧ କଲା । ମୁଁ ମଧ୍ୟ ବିବାହ ଭୋଜିରେ ପହଞ୍ଚିବାର ପ୍ରତିଶ୍ରୁତି ଦେଇଥିଲି ।

ନିର୍ଦ୍ଦିଷ୍ଟ ଦିନ ସକାଳୁ ମୁଁ ତାଙ୍କ ଘରେ ପହଞ୍ଚିଗଲି । ତାଙ୍କ ଘରେ ମୋତେ ଦେଖି ସମସ୍ତେ ଖୁବ୍ ଖୁସି ହୋଇଗଲେ । ସନ୍ଧ୍ୟା ସମୟରେ ମଣ୍ଡପ ପାଖରେ ସମସ୍ତେ ପହଞ୍ଚିଲୁ । ବହୁତ ଭବ୍ୟ ଆୟୋଜନ କରାଯାଇଥିଲା । ବହୁତ ଲୋକ ଆସିଥିଲେ । ମୋ ଆଖି କିନ୍ତୁ ଜଣେ ନିର୍ଦ୍ଦିଷ୍ଟ ଲୋକଙ୍କୁ ଖୋଜୁଥିଲା । ଭୋଜିର ଖାଇବା ସରିଆସୁଥିଲା । ଆଉ ବାହାର ଲୋକ ପ୍ରାୟ ନଥିଲେ । ଥିଲେ ଯାହା ବନ୍ଧୁ ପରିଜନ ତଥା କିଛି ଆତ୍ମୀୟସ୍ୱଜନ ।

ମୋ ମନର ଉତ୍କଣ୍ଠାକୁ ଆଉ ଚାପି ରଖିପାରିଲି ନାହିଁ । ବାଧ୍ୟ ହୋଇ ଚିନ୍ତନକୁ ପଚାରିଦେଲି – ତୁମେ କ'ଣ ସେ ଜ୍ୟୋତିଷ ମହାଶୟଙ୍କୁ ନିମନ୍ତ୍ରଣ କରିନଥିଲ ? ନା ସେ ଆସିଲେ ନାହିଁ ?

ତୁମେ କାହା କଥା କହୁଛ ? – ହଠାତ୍ ବୁଝି ନପାରି ସିଏ ପଚାରିଲା ।

ଯାହାଙ୍କ ପାଖକୁ ଆମେ ଦୁହେଁ ଯାଇଥିଲେ ।

ମୋ ବନ୍ଧୁ ହସିଲେ । ଆଚ୍ଛା, ତୁମେ ତାହେଲେ ତାଙ୍କୁ ଖୋଜୁଥିଲ ! କାହିଁ, ମୁଦି ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଣିଲ ନାହିଁ ! ଏବେ କ'ଣ ମନ ପରିବର୍ତ୍ତନ ହୋଇଗଲା କି ?

ନାହିଁ, ସେମିତି କିଛି ନାହିଁ । ମନରେ ଏମିତି ପ୍ରଶ୍ନ ଆସିଲା, ପଚାରିଦେଲି ।

ମୁଁ ଆଉ ତାଙ୍କ ପାଖକୁ ଯାଉନାହିଁ ।

ହଠାତ୍ ମୋ ମୁଖର ଭାବ ପରିବର୍ତ୍ତନ ହୋଇଗଲା । ମୋ ବନ୍ଧୁ ପୁଣି ଆରମ୍ଭ କଲେ, ତାଙ୍କ ମୁଦି ଦ୍ୱାରା ମୁଁ ସଫଳତା ପାଇଲି ସତ କିନ୍ତୁ ତା ସହିତ ବହୁତ ଅସୁବିଧା ବି ହେଲା । ସତକଥା ହେଲା ମୋର ବିବାହରେ ନାନାପ୍ରକାର ବାଧାବିଘ୍ନ ଉପୁଜିଲା । ବହୁ ଭଲ ପ୍ରସ୍ତାବ ବିନା କାରଣରେ ଭାଙ୍ଗିଯାଉଥିଲା । ବାଧ୍ୟ ହୋଇ ଜଣେ ସମ୍ପର୍କୀୟଙ୍କ କଥାରେ ଆମେ ଜ୍ୟୋତିଷ ପରିବର୍ତ୍ତନ କଲୁ । ନୂଆ ଜ୍ୟୋତିଷଜଣକ ଗଣନା କରିବାରୁ ଜାଣିଲେ ଯେ ମୁଁ ପିନ୍ଧିଥିବା ମୁଦି ହିଁ ଏହାର କାରଣ । ବାଧ୍ୟ ହୋଇ ସେ ମୁଦି ପରିବର୍ତ୍ତନ କରି ଗୋଟିଏ ନୂଆ ମୁଦି ଦେଲେ । ଯାହାକୁ ମୁଁ ଏବେ କାଣିଆଙ୍ଗୁଠିରେ ପିନ୍ଧୁଛି । ଏତିକି କହି ସେ ତାଙ୍କ ଡାହାଣ ହାତର କାଣି ଆଙ୍ଗୁଠିକୁ ଦେଖାଇଲେ । ଏଥର କିନ୍ତୁ ମୁଁ ଆଉ ପଥର ବିଷୟରେ ପଚାରିଲି ନାହିଁ ।

ସେ ନୂଆ ଜ୍ୟୋତିଷଜଣକ ଆସିଥିଲେ । ତାଙ୍କରି ଆଶୀର୍ବାଦରୁ ମୁଁ ଏକ ସୁନ୍ଦର ଜୀବନସାଥୀ ପାଇଛି । ଏତିକି କହି ସିଏ ତାଙ୍କ ନବବିବାହିତ ପତ୍ନୀଙ୍କ ଆଡେ ଚାହିଁଲେ ।

ତାହା ତ ଶତ ପ୍ରତିଶତ ଠିକ୍ କଥା । ଏତିକି କହି ମୁଁ ବି ଗୋଟିଏ ସ୍ମିତହାସ୍ୟ ଦେଲି । ଆଉ ମନେ ମନେ ଭାବିଲି ଭଲ ହୋଇଛି ଆଜି ଏଠି ମୋ ବୋଉ ନାହିଁ । ନଚେତ୍ ଏକଥା ଶୁଣି ସିଏ ନିଶ୍ଚିତ ରୂପେ ମୋତେ ସେ ଜ୍ୟୋତିଷଙ୍କ ପାଖକୁ ନେଇଯାଇଥାନ୍ତା, ଖୁବ ଶୀଘ୍ର ବୋହୂ ଆଣିବା ପାଇଁ ।

ମାର୍ଫତ୍ - ବିଜୟ କୁମାର ଜେନା, ବାସନ୍ଦରା, ଜଗତସିଂହପୁର - ୭୫୪୧୧୧ ମୋ - ୯୩୪୮୭୪୯୬୮୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରାତିର ରାଗିଣୀ

ଶିବନାରାୟଣ ଦାସ



ନିସ୍ତବ୍ଧ ରାତିରେ
ହଠାତ କେବେ ଥରେ
ନିଦ ଭାଙ୍ଗିଗଲା ପରେ,
ଘୁ ଘୁ ଗର୍ଜନର ସୁର
ଭାସିଆସେ
ବେଶ କିଛି ସ୍ୱଳ୍ପ ଦୂରତାରେ
ମଥା ପିଟୁଥିବା ସାଗର ବକ୍ଷରୁ,
ଉତ୍ତାଳ ତରଙ୍ଗମାଳା ପ୍ରକମ୍ପିତ ଧ୍ୱନି
ସ୍ପଷ୍ଟ ଶୁଣାଯାଏ
ଘନ ଅନ୍ଧକାରେ,
ହଜି ଯାଇଥିଲା ଯାହା
କୋଳାହଳେ - ଦିନ ଆଲୁଅରେ
ସୂର୍ଯ୍ୟାଲୋକ, ଲୁଣି-ହାୱା ତରଙ୍ଗେ ମିଳାଇ
ଜୀବନର ଅଜସ୍ର ସ୍ୱରରେ ।

ନିଶବ୍ଦ ରାତିରେ
ସମସ୍ତେ ଶୋଇଗଲା ପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଦ୍ରାର ଗଭୀର ଆଉ ଅଳସ ଶଯ୍ୟାରେ,
ନିନାଦିତ ହୁଏ
ସାଗରର ପ୍ରଚଣ୍ଡ ରାଗିଣୀ,
ପ୍ରସ୍ତ ପ୍ରସ୍ତ ଗାଢ଼ ନୀରବତା ଭେଦି
ଧକ୍କା ଖାଏ ଆସି ମୋର
ଅନ୍ଧକାର ଘରେ ।
କେବେ ପୁଣି ଅମାନିଆ ଝଞ୍ଜା-ବତାସରେ
ସେ ରାଗିଣୀ ବିସ୍ଫାରିତ ହୋଇ
ସାଇଁ ସାଇଁ ସୁରର ଝଂକାରେ
ରଣଝଣ ଶବ୍ଦ କରି ପିଟିହୁଏ ଆସି
ମୋ ନିବୁଜ ବନ୍ଦ ଝରକାରେ ।

ଘଂଟାରେ ବାରଟା ବାଜେ
ଠଂ ଠଂ କରି
ପାଖେ ଥିବା ଗୀର୍ଜା ଘରୁ
ନୀରବତା ଭଙ୍ଗ କରି ରାତି ଅଧଟାରେ,
ସହସା ସଚେତ ହୋଇ
ରାତ୍ରି ଜଗୁଆଳୀ
ହୁଇସିଲ ମାରି ମାରି ସତର୍କ କରାଏ
ଅନ୍ଧକାରେ - ଟର୍ଚ୍ଚ ଆଲୁଅରେ ।
କେବେ ପୁଣି "ରାମ ନାମ ସତ୍ୟ ହେଁ"ର ଧ୍ୱନି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୂରୁଁ ଭାସି ଆସି
ରହିଯାଏ ପାଖେଥିବା ଶ୍ମଶାନ ଭୁଇଁରେ,
ରଡି ଛାଡି ବିଲୁଆ କୁକୁର
ସଂଚାରନ୍ତି ପୁଣି ସେଠି
ଭୀତିପ୍ରଦ ଦାରୁଣ ରାଗିଣୀ
ମଝିରାତି ଘନ ଅନ୍ଧକାରେ ।

ଆଉ ପୁଣି ତା' ସହିତ ଶୁଭେ
ସମୁଦ୍ର ହାୱାରେ
ଡେଣା ଝାଡ଼ି ଉଡୁଥିବା
ମାଛରଙ୍କା ପକ୍ଷୀଙ୍କର କର୍କଶ ଚିତ୍କାର,
ବାଡ଼ିପଛ ବୁଢା ଆମ୍ବଗଛ
କୋଟରରୁ ଭାସିଆସେ କେବେ
ଗୁମୁରି ଗୁମୁରି
ବିଳପିତ ପେଚାର କ୍ରନ୍ଦନ,
ସାଗର ବେଳାରେ ଠିଆ
ପରିତ୍ୟକ୍ତ ଭଗ୍ନ ପ୍ରାସାଦରୁ
ପ୍ରତିଧ୍ୱନି ତୋଳେ ରହି ରହି
ବୃଦ୍ଧ ଭିକାରିଟିର
ଧଇଁପେଲା କାଶ ଅବାରିତ,
ବିଳମ୍ବିତ ରାତିର ପ୍ରହରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକତ୍ରିତ ହୁଏ କେତେ
ବିଲମ୍ବିତ ବେହାଗ – ସଂଗୀତ ।

ନିସ୍ତବ୍ଧ ରାତିରେ, ହଠାତ କେବେ ଥରେ, ନିଦ ଭାଙ୍ଗିଗଲା ପରେ -
ଭିନ୍ନ କେତେ ସୁରର ସଂଗୀତ
ଶୁଣାଏ ତା' ବିଧୁନୀତ ଧ୍ୱନି,
ବେଳେ ବେଳେ ମନେହୁଏ
ସେ ସଂଗୀତ, ସତେ କି ବାସ୍ତବ,
ଦିନର କାହାଣୀ ଠାରୁ ବେଶୀ ଆପଣାର -
ବେଶୀ ପ୍ରିୟ ସେ ବିବିଧ ରାତିର ରାଗିଣୀ ।

ଶିବନାରାୟଣ ଦାସ
ପଣ୍ଡିଚେରୀ
Mobile: 9999024656
Email: dasshibanarayan61@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମ ମନର କଥା

ବାସନ୍ତୀ ଲତା ଜେନା



ତୁମ ମନ କଥା ବୁଝି ପାରେ ବୋଲି
କହିବା ଆଗରୁ ସତେ
ତୁମ ମୁଖ ହସ ଖୁସିର ଝଲକ
ବିଭୋର କରିଛି ମୋତେ ।୧।

ସଜ ସକାଳରେ ତୁମକୁ ଦେଖିଲେ
ଦିନଟି ମୋ ଶୁଭ ହୁଏ
ଅଫୁରନ୍ତ ଖୁସି ମନେ ମୋ ଉଠଇ
ସବୁ ଦୁଃଖ ଭୁଲି ଯାଏ ।୨।

ତୁମରି ସାଥିରେ ଦ୍ୱିପଦ କଥାରେ
ହୃଦୟେ ପୁଲକ ଭରେ
ଚଉଦିଗେ ଖାଲି ପୂର୍ଣ୍ଣତା ଭରଇ
ଉତ୍ସାହ ପ୍ରେରଣା ତୀରେ ।୩।

ମୋ ଜୀବନେ ତୁମେ ଖୁସିର ଝରଣା
ଶାନ୍ତି ସ୍ତୁପ ବିଶ୍ୱାସର
ତୁମକୁ ପାଇଛି ଧନ୍ୟବାଦ ମୁଁ ହୋଇଛି
ଜୀବନ ସାଥୀ ଗୋ ମୋର ।୪।

ନିଜ ଠାରୁ ବେଶୀ ଭଲ ମୁଁ ପାଉଛି
ଅନ୍ତର କରିବ ନାହିଁ
ଏପରି ସ୍ୱଭାବ ଚିର ଦିନ ଥାଉ
ସ୍ୱାର୍ଥ ପର ହେବ ନାହିଁ ।୫।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଖ ଦୁଃଖ ସାଥେ ସଂସାର ଆମର
ଖୁସିରେ ଚଳାଇ ନିଅ
ଅଭିମାନ ତୁମେ କେବେ କରି ନାହଁ
ବଚନେ ମଧୁର ପ୍ରିୟ ।୬।

ତୁମ ମନ କଥା ଜାଣି ମୁଁ ପାରଇ
ତୁମ ମୁଖ ଦେଲେ ଚାହିଁ
କହିବା ଆଗରୁ ଆଣି ଦେଇ ଥାଏ
ତୁମେ ଖୁସି ଯାଅ ହୋଇ ।୭।

ଅଭିମାନ ତୁମେ କେବେ କରି ନାହଁ
ସ୍ନେହ ଶ୍ରଦ୍ଧା ବାଣ୍ଟୁ ଅଛ
ଭାଗ୍ୟବାନ ମୁଁ ଯେ ତୁମକୁ ପାଇଛି
ସବୁ ଦୁଃଖ ଭୁଲାଇଛ ।୮।

କେଉଁ ଜନମରେ ପୂଣ୍ୟ କରି ଥିଲି
ଆଜି ତୁମକୁ ପାଇଛି
ସାତ ଜନମରେ ତୁମର ହୋଇବି
ବଚନ ମୁଁ ଦେଉଅଛି ।୯।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର
୮୭୫୮୭୫୫୯୭୯



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କେଉଁନାମେ ଡାକିବି ହରି ?

ହରେରାମ ପଣ୍ଡା



ତୋତେ କେଉଁ ନାମେ ଡାକିବି ହରି ?
ହଟିଆ ନଟିଆ ନଟଖଟିଆ ତୁ
କଲୁ କେତେବେଳେ କା ମନଚୋରି ।୦।

ନନ୍ଦର ନନ୍ଦନ ଯଶୋଦାର ଧନ
କଳା ମାଣିକ ତୁ ଦୁଃଖ ପାଶୋରା ,
କାମିନୀ ରଙ୍କା ତୁ ବଇଁଶୀ ଫୁଙ୍କା ତୁ
ଘନଶ୍ୟାମ ରାଧା ଗଳାର ମାଳା ,
ଗୋପୀ ମନଚୋରା ଗୋବର୍ଦ୍ଧନ ଧରା
ସୁଖର ପଶରା ମୁରଲି ଧାରୀ ।୧।

କାହାକୁ ମାରିଲୁ କାହାକୁ ତାରିଲୁ
ଇଚ୍ଛାମୟ ତୁହି ମହିମାମୟ ,
କିଏ ବା ହସିଲା କିଏ ବା କାନ୍ଦିଲା
କାହାପାଇଁ ପୁଣି ତୁହି ବିସ୍ମୟ ,
ଡାକିଲେ ନ ଶୁଣୁ ନ ଡାକିଲେ ଶୁଣୁ
ତୋତେ ଜଣା କୃଷ୍ଣ , ଲୀଳା ତୋହରି ।୨।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସୁର ମାରିଲୁ ସନ୍ଥଙ୍କୁ ତାରିଲୁ

କୁରୁକ୍ଷେତ୍ର ଯୁଦ୍ଧ ତୁ ଆରମ୍ଭିଲୁ ,

ଯମୁନା ପୁଳିନେ କଦମ୍ବର ବନେ

ଗୋପୀଙ୍କ ସହିତ ଲୀଳା ରଚିଲୁ ,

ତ୍ରିଭଙ୍ଗୀ ଠାଣିରେ ମୁରଲି ପାଣିରେ

ନାନା ଭାବେ ନାନା ରୂପକୁ ଧରି ।୩।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।

କୁଆଁସ , ମେରଦା କାଟିଆଛକ , ଯାଜପୁର ।

ଦୂରଭାଷ - ୯୪୩୮୦୬୫୧୯୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନୂତନବର୍ଷର ପ୍ରଥମ ସକାଳ

ସୁଶାନ୍ତ ଶେଖର ଦାଶ



ପରିଚିତ ଏଇ ପୁରୁଣା ବର୍ଷଟି
ଶୀତ କାକର ଭିଜା ରାସ୍ତାରେ
ଧାଇଁଥାଏ ଅଣନିଶ୍ୱାସୀ ହୋଇ...
ବିଦାଇ ଅଭିବାଦନ ଅଭିମୁଖେ
ଧାଉଁଥାନ୍ତି ସବୁ ପିଢ଼ିର ଲୋକେ
ଦୌଡୁଥାଏ ଆମ ସଭ୍ୟ ସମାଜ
ଦାରୁ ସୁରାର ମହକ ସଜାଇ
ଆଭିଜାତ୍ୟର ପସରା ମେଲାଇ ... (୧)

ବିଗତ ରାତ୍ରିର ଆସରରେ
ଓଜନିଆ ଦେହସବୁ ଝୁମି ପଡୁଥାଏ
ଶିହରଣ ଖେଳୁଥାଏ ଶିରା ପ୍ରଶିରାରେ
ଟଳମଟଳ ପାଦ କେତୋଟିକୁ ଧରି
ପବ୍ କିମ୍ବା ବାର୍ ଝାପ୍ସା ଆଲୁଅରେ
କାଚଗ୍ଲାସର କୋଳାକୋଳି ନାଦ
ସଭ୍ୟତାର ଆଭା ଝଟକୁଥାଏ
କୁହୁଡିଆ ସିଗାରେଟ ଧୂଆଁରେ
ଆଧୁନିକ ଡିଜି ସଂଗୀତ ପ୍ରୀତିରେ... (୨)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୀତ ସକାଳର କୋହଲା ପାଗରେ
ଅନିଶ୍ୱାସୀ ହୋଇ ଧାଉଁଥାଏ ସିଏ
ରାସ୍ତାରେ ବିଛିହୋଇ ପଡୁଥାଏ...
ହସ କାନ୍ଦର କିଛି ଅଭୁଲା ଗାଥା
ଜାତି ଧର୍ମର ଅଭେଦ୍ୟ ପ୍ରାଚୀର
ଘଟଣା ବହୁଳ ଅନୁଭୂତି ସବୁ...
ଯୁଦ୍ଧ ବିଭୀଷିକା କାଳିମା ଘେରରେ
ପେଶୀ ହେଉଥାଏ ମାନବ ସଭ୍ୟତା...(୩)

ନୂତନ ବର୍ଷର ଆଗମନରେ
ତୋଳିଧରିଥାଉ ଆଞ୍ଜୁଳାଏ ଆଶା
ଆଖିରେ ବହଳେ ସ୍ୱପ୍ନର କଜ୍ଜ୍ୱଳ
ମନରେ ଚିରନ୍ତନ ପ୍ରେମର ନିଶା
ଫେରିବା ରାସ୍ତାରେ ତୁମ...
ବିଛି ହୋଇ ପଡୁ ଭାତୃଭାବ ସ୍ନେହ
ସଭ୍ୟତା ବିକାଶ ସଂସ୍କୃତି ସଂଗତି
ବିୟୋଗୁ ମହିରୁ ହିଂସା ନିରାଶା... (୪)


ପ୍ରାକ୍ତନ ମହାପ୍ରବନ୍ଧକ
ବ୍ୟାଙ୍କ ଅଫ ଇଣ୍ଡିଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଉତ୍ତରାୟଣ ଦିବାକର !

ଅଜିତ କୁମାର ରାଉତ



ଶୁଭ କାର୍ଯ୍ୟ ହେବ ଶୁଭାରମ୍ଭ ବନ୍ଧୁ
ଶୁଭ ମୁହୂର୍ତ୍ତ ଆସିଛି
ଅତି ପୌରାଣିକ ପର୍ବ ଏ ମକର
ପାଳିତ ରାଷ୍ଟ୍ରେ ହେଉଛି !
ଖୁସିର ଠିକଣା ନାହିଁ
ଭୂଷିତ ଶରୀର ନୂଆ ପରିଧାନେ
ସୁଶୋଭିତ ଦିଶେ ଭୂଇଁ !
ବାଦ୍ୟ ନାଥ ଶୁଭେ ଦେବ ପ୍ରତିଷ୍ଠାନେ
ଶଙ୍ଖ ହୁଳହୁଳି ତହିଁ !!

ଉତ୍ତରାୟଣ ଯେ ହେଲେ ରବି ଆଜି
ଆଜି ଠାରୁ ଶୁଭଦିନ।
ଥିଲେ ଭୀଷ୍ମ ଦେବ ଶରଶଯ୍ୟାରେଟି
ଛାଡିଲେ ନିଜ ଜୀବନ
ଇଚ୍ଛା ମୃତ୍ୟୁ ତାଙ୍କ ଜାଣ
ଚାହିଁ ଥିଲେ ଭୀଷ୍ମ ଶୁଭ ଏ ମୁହୂର୍ତ୍ତ
ମକର ସଂକ୍ରାନ୍ତି ଦିନ !!

ଗାଆଁରୁ ଶହର ଉତ୍ସବ ମୁଖର
ଅମୃତ କାଳ ଦେଶର
ଯୁବା ଯୁବତୀଙ୍କ ଚହଲଗହଳେ
ଉଛୁଳୁଛି ଗାଆଁ ପୁର !
ଦୃଶ୍ୟ ଦୃଷ୍ଟିଗୋଚର
ନୂଆ ବସ୍ତ୍ର ପିନ୍ଧି ଯାଇ ଘର ଘର
କରୁଛନ୍ତି ନମସ୍କାର !!

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାଳକ ବାଳିକା ମକର ପର୍ବରେ

ନାଚୁଛନ୍ତି ଖୁସି ହୋଇ

ସୂର୍ଯ୍ୟଙ୍କ କୀରଣ ବଡେ ଧିରେ ଧିରେ

କୁହୁଡ଼ି ରହିଛି ଛାଇ !

ଚକୁଳି ପିଠାର ବାସ

ମହକି ଉଠୁଛି ଗାଆଁ ସାରା ବନ୍ଧୁ

କରୁଛି ମନ ହରସ !

ନୂଆ ଅନୁଭୂତି ନୂତନ ଉତ୍ସାହ

ଖୁସି ଉମଙ୍ଗରେ ଭରା

ଲାଗିଛି ରାଷ୍ଟ୍ରରେ ମହାକୁମ୍ଭ ମେଳା

ଏକତ୍ରିତ ଭକ୍ତ ପରା !

ପବିତ୍ର ସ୍ନାନ ସାଧୁଙ୍କ

ସନାତନ କୀର୍ତ୍ତି ଗୁଞ୍ଜନ ବିଶ୍ୱରେ

ଆସିଛି ବେଳା ହିନ୍ଦୁଙ୍କ !!

ସଭାପତି ଉତ୍କଳ ସମ୍ମିଳନୀ

ଷଢେଇକଳା, ଖରସୁଆଁ ଜିଲ୍ଲା

ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ ରାଜ୍ୟ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରେମ କୋଣାର୍କ

ରାମ ଚନ୍ଦ୍ର ପ୍ରଧାନ



ସାତ ଜନମର ମିଠା ସ୍ମୃତି ନେଇ
ଗଢ଼ା ଆମ ଏ ସମ୍ପର୍କ
କେମିତି ଭୁଲିବି କହ ସାଥି ତୋତେ
ଭାଙ୍ଗି ତୋ ପ୍ରେମ କୋଣାର୍କ ।
ଗଲ ଦିନ କଥା ମନେ ମୋ ପଡୁଛି
ଭାବନାରେ ଘର କରି
ପ୍ରଣୟର ଛୁଆଁ ନିରବି କାନ୍ଦୁଛି
ବିରହରେ ହୋଇ ଘାରି ।
ଉଡୁ ଥିଲୁ ତୁହି ପ୍ରଜାପତି ହୋଇ
ମନ ଅଗଣାରେ ମୋର
ମିଠା ସପନରେ ବାନ୍ଧି ରଖି ଥିଲୁ
ଦୁନିଆକୁ କରି ପର ।
ହେଲେ ଆଜି କାହିଁ ଏମିତି ହେଉଛୁ
ସତେ କି' ଜାଣିନୁ ମୋତେ
ଚାହିଁ ଦେଲେ ଟିକେ ରାଗିରୁଷି ଯାଇ
ଛଇ ଦେଖାଉଛୁ କେତେ ।
ତୁ ସିନା ଭୁଲିଛୁ ମୁଁ କିନ୍ତୁ ଭୁଲିନି
ଏବେ ବି ପାଉଛି ଭଲ
ତୋ ପ୍ରେମ କୋଣାର୍କେ ରଙ୍ଗ ଭରିଦେବି
କରିଦେଲେ ଟିକେ ଗେଲ ।
ସତ ମୁଁ କହୁଛି ଭୁଲିଯିବି ସବୁ
ବିଗତ ଦିନର ପୀଡ଼ା
ଚନ୍ଦ୍ରଭାଗା କୂଳେ ବୁଲାଇ ନେବି ମୁଁ
କରିବାକୁ ଜଳକ୍ରୀଡ଼ା ।
ବିଶ୍ୱାସ ଭରସା ହୃଦୟରେ ରଖି
ଲେଖିବା ପ୍ରେମର ଗପ
ପ୍ରେମେ ପଣ କରି ପ୍ରେମର କୋଣାର୍କେ
ଜାଳିବା ପ୍ରେମର ଦୀପ ।

ଶିକ୍ଷକ, ଟେକ୍ନିକାଲ୍ ହାଇସ୍କୁଲ୍, ଆସିକା, ଗଞ୍ଜାମ
ମୋ :୯୮୬୧୬୩୮୭୩୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜୀବନର ଅନ୍ୟ ନାମ ଯନ୍ତ୍ରଣା

ଗୋଲୋକବିହାରୀ ବେହେରା



ପୁରୁଣା ରାଜ ନବରର ଅବକ୍ଷୟମାନ
ପାଚେରୀ କାନ୍ଥ ଭଳି
ଦେହରେ ଝୁଲୁଛି ଖଣ୍ଡେ
ଚିରା ଫଟା ମଇଳା କାମିଜୀ ।
ରାସ୍ତା କଡର ନାଲି ଧୂଳିରେ ବିପନ୍ନ
ଅନାବନା ଗଛ ଭଳି
ମୁହଁରେ ମେଞ୍ଚାଏ ଅଧା ପାଚିଲା ଦାଢ଼ି ।
ପିଲାଙ୍କ ପାଦ ପଡୁ ନ ଥିବା
ମନ୍ଦିର ପାଖ ଖେଳ ପଡିଆ ଭଳି
ମୁଣ୍ଡରେ ପୁଳାଏ ପାଚିଲା ବାଳ ।

ଖରା ଦିନ ବର ଗଛର
ଶୁଖିଲା ବାହୁଙ୍ଗା ଭଳି
ଭରସା ନାହିଁ ମନରେ
ବିଶ୍ୱାସ ନାହିଁ ଛାତିରେ
ରକ୍ତ ନାହିଁ ଦେହରେ ।
ଲୁହରେ ସନ୍ତୁଳି
ଶ୍ୱାସର ଯନ୍ତ୍ରଣାରେ କାଶି କାଶି
ଝଲକାଏ ରକ୍ତରେ
ଯେପରି ଆଖି ବୁଜି ଦେବ
କେଉଁ ଏକ ଅଜଣା ରାସ୍ତାରେ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ, ଷଡ଼ଙ୍ଗୀ, ଢେଙ୍କାନାଳ
ମୋ :୯୯୩୮୩୦୩୦୪୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କବିତା କାନନେ କୁସୁମ କଳି

ନିରଞ୍ଜନ ସାହୁ



କବିତା କାନନେ କୁସୁମ କଳିଟେ
ଯଦି ମୁଁ ପାରନ୍ତି ହୋଇ
କବିତା ପିପାସୁମାନଙ୍କୁ ନିଶ୍ଚୟ
ରଖିଥାନ୍ତି ଖୁସି ଥୋଇ ।

ଯେମିତି ସେମାନେ ଚାହାନ୍ତେ ସେମିତି
ଦେଉଥାନ୍ତି ମୁହିଁ ହସି
କେବେହେଁ କଦାପି ସେମାନଙ୍କ ଠାରୁ
ଯାଆନ୍ତିନି ମୁହିଁ ଖସି
ସେମାନଙ୍କ ରୁଚି ପୂର୍ଣ୍ଣ କରୁଥାନ୍ତି
ଭାଙ୍ଗିକି ମୋହରି ଖୋଇ ।

ନିଶ୍ଚୟ ସେମାନେ ଆଦରନ୍ତେ ମୋତେ
ଏଥିରେ ସନ୍ଦେହ ନାହିଁ
ସବୁଦିନେ ମୋତେ ମନେ ରଖିଥାନ୍ତେ
ଖୋଜୁଥାନ୍ତେ ଗଲା କାହିଁ
ଚେଷ୍ଟା ମୁଁ କରନ୍ତି ସେମାନଙ୍କ ଦୁଃଖ
ଯେତେ ଅଛି ଦେବି ଧୋଇ ।

ମୋହରି ସୌନ୍ଦର୍ଯ୍ୟ ମୋହରି ସୁଗନ୍ଧ
ମୋର ସତେଜତା ଦେଖି
ସେମାନେ ବି ଟିକେ କଲମ ଧରିକି
ମୋ କଥା ଦିଅନ୍ତେ ଲେଖି
ସେମାନଙ୍କ ଭଲ ପାଇବା ମିଳିଲେ
ଶାନ୍ତିରେ ପଡିବି ଶୋଇ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରେମ ଏକ ପୂଜା

ମଧୁସ୍ମିତା ସାହୁ



ପ୍ରେମ  ଏକ ପୂଜା ହୋଇ ପାରିଅଛି
ବଞ୍ଚିବା ଅର୍ଥ ଶିଖାଇ
ଶାଶ୍ୱତ ପ୍ରେମର ଅନୁଭୂତି ଭରା
ବିଶ୍ୱାସ ରଙ୍ଗ ଫୁଟାଇ ।।

ଅଢ଼େଇ ଅକ୍ଷର ପ୍ରେମରେ ଲୁଚିଛି
ଜୀବନର ସାରତତ୍ୱ
ପ୍ରେମର ଅଧାରେ ସ୍ପନ୍ଦନ ସ୍ପନ୍ଦିତ
ପ୍ରେମ  ଗଢିଛି ମହତ୍ୱ ।।
ପ୍ରେମ ରଙ୍ଗରେ  ରଙ୍ଗାୟିତ ହେବାରେ
ଝଲସୀ ଦିଶେ ନିଆରା
ପ୍ରକୃତ ପ୍ରେମକୁ ପାଇବା ବଳରେ
ଆତ୍ମା ପୁଲ୍ଲକିତ ଭରା ।।
ନିଶ୍ୱାସ ରୂପକ ବିଶ୍ୱାସ ମୂଳରେ
ପ୍ରେମ ହୁଏ ଅଙ୍କୁରିତ

ପ୍ରେମ ଆଶ୍ୱାଦନେ ବିଭୋର କାନନେ
ଚିତ୍ତ ଦିଶେ ଆହ୍ଲାଦିତ।।
ପ୍ରେମର ଗଗନେ ହୋଇଲେ ମଗନେ
ସୌନ୍ଦର୍ଯ୍ୟ ରୂପ ଯୌବନ
ପ୍ରେମର ସ୍ରୋତରେ ବୁଡୁବୁଡୁ ହୋଇ
ପ୍ରଫୁଲ୍ଲିତ ହୁଏ ମନ ।।
ପ୍ରେମର ଅନୁଭବ କରିବା ସାଥେ
ହଜିଯାଇ ମଜ୍ଜିଯିବା
ଭରୋସା ସତ୍ୟ ପଥ ପ୍ରଦର୍ଶନରେ
ଆଇନା ରୁପେ ଦେଖିବା ।।

ବ୍ରହ୍ମା ନଗର ପ୍ରଥମ ଗଳି
ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋ—୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୋଲାପ

ସୁଧାଂଶୁ ଶେଖର ପଟ୍ଟନାୟକ



ଗୋଲାପ ଫୁଲକୁ ଆଉଁସି ପାଇଲି
ରକ୍ତ ବୁନ୍ଦେ ଉପହାର ।

ତୁମକୁ କାହିଁ ଦୋଷୀରେ ଗଣିବି
ସବୁ ଭୁଲ୍ ଥିଲା ମୋର ।

ଗୋଲାପ ଫୁଲର ସୁନ୍ଦରତା ଦେଖି
ଭାବି ନେଲି ତୋଳି ଦେବି ।

ରକ୍ତ ବୁନ୍ଦା ଯେବେ ଉପହାର ଥିଲା
କେମିତି ଆପଣାଇବି ।

ଦୂରରୁ ଦେଖି ଖୁସି ହୁଏ ଏବେ
ଗୋଲାପର ସୁନ୍ଦରତା ।

ଭାବୁଛି ଏମିତି ସୁନ୍ଦରତା କାଳେ
ସବୁଦିନ ରହିଥାନ୍ତା ।

ନୟାଗଡ଼,୭୫୨୦୬୯
ଯୋଗା ଯୋଗ : ୮୧୪୪୩୮୮୨୧୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଗୁଣି

ଅଲେଖ ମେହେର



ତୁମ୍ଭ ପ୍ରୀତି ସୁଧା ବରଜି  ମାଡେ କାଳବୈଶାଖି,

କାମ କ୍ରୋଧ ଅରି ଗୋଡାନ୍ତି ବିଷୟା ରଙ୍ଗ ମାଖି ।

ଚିତ୍ତ  ଭାନୁସୁତା କୂଳରେ  ବସି ଦେଖାଅ ଲକ୍ଷ୍ୟ,

ଜୀବନ ତରଣୀ ଯେସନେ ଲଙ୍ଘି ପାଇବ ଅକ୍ଷ ।

ମିଶିଯାଏ ଯଥା ଅପଗା ସିନ୍ଧୁ ଗରଭେ ହସି,

ମିଶିଯାଏ ଯଥା ତିମିର  ନଭେ ଉଇଁଲେ ଶଶୀ ।

ମିଶିଯାଏ ଯଥା ଶରୀର ପଞ୍ଚତତ୍ତ୍ୱ ଭିତରେ,

ମିଶିଯାଉ ଏହି ଜୀବାତ୍ମା ପରମାତ୍ମା  ପଦରେ ।

ଚନ୍ଦ୍ରକୁ ଚକୋର ଯେସନେ ରଖିଥାଏ ଭରଷା,

କେକୀ ପୁଚ୍ଛଟେକି ନାଚଇ ଯେବେ ହେଲେ ବରଷା ।

ଦୀନବନ୍ଧୁ ଆଶା କଞ୍ଜର ଯେବେ କରନ୍ତି ପୂର୍ଣ୍ଣ,

ମନରେ ରଖିଛି ବିଶ୍ୱାସ ତାହା ହେବନି କ୍ଷୁର୍ଣ୍ଣ ।

ଭ୍ରମିଲି ସମସ୍ତ ସଂସାର ଲୋକେ ମଣିଲେ ବୋକା,

ଅପଦସ୍ତ ହୋଇ ପାଇଲି  ଏଇ ଜୀବନେ ଧୋକା ।

ତୁମ୍ଭ ପାଦତଳେ ମିଳଇ ଶାନ୍ତି ଅମିୟ ରସ,

ତଟିନୀ ଗରଭେ ଯେସନେ ସୁଖେ ଖେଳଇ ଝସ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋ'ଅନ୍ତର ରୀପୁ ବିନାଶୀ ଦୁଃଖ କର ଲାଘବ,

ଉର ଚିତ୍ତ ସର୍ବଦା ରଟୁ  ଜୟ ଶ୍ରୀରାଧା ଧବ ।

ଶଯ୍ଯଳ ଗହନ ବନରୁ ନିଅ ଧର୍ମାରଣ୍ୟକୁ,

ହୀନ ଯାଯାବର ମଗାଇ ଚାହିଁ ମହାଶୁନ୍ୟକୁ ।

ଅଲେଖ ମେହେର( ଯାଯାବର)

ବରପଦର, ଗୋବିନ୍ଦପୁର, ବରଗଡ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରେମ ଏକ ଅନାହତ ନାଦ

ସୁଜିତ କୁମାର ମିଶ୍ର



ଜଳ ପରି
ଛଳଛଳ ଏ ଜୀବନ,
ଗୋଲାପୀ ଗୋଲାପ ପରି
କୋଳାହଳ ଏ ଯୌବନ ।

ଏଇ ପକ୍ଷୀ ପ୍ରାଣ
କିଛିକ୍ଷଣ,
ଚିରକାଳ ପଦ୍ମରାଗର
ଚୋରା ଶିହରଣ,
ପ୍ରେମ ଛୁଆଁରେ ନଈ ହୁଏ କଲ୍ଲୋଳିନୀ
ସାଗର ଅଶାନ୍ତ ପଣ,
ଜୀବନ ନଈ ସାଗରର
ମଧୁର ମନ୍ଥନ ।

ପ୍ରେମ ଏକ ଅନାହତ ନାଦ ବୋଲି ତ
ମୀରା ରାଧା
ସୀତା ସାବିତ୍ରୀ ଶକୁନ୍ତଳା
ସଭିଏଁ ଶରତ ଜହ୍ନର ମନ
ନିବିଡ ରଙ୍ଗର ସମ୍ମୋହନ,
ବାହାରେ ରୁଦ୍ର ତାତିର ଯୁଦ୍ଧ,
ଭିତରେ ଭିଜାଭିଜା ବଂଶୀସ୍ୱନ,
ପ୍ରେମପୂର୍ଣ୍ଣ ବିଭୋରପଣରେ ଚରମ ଜ୍ୱାଳା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଥ ସରେନି ପ୍ରେମ ଟୋପେ ପାଇଁ,
କେବେ ସେ ମଦିରା
କେବେ ବିରହ ଭୂଇଁ,
ମନ ପ୍ରଜାପତିର ଥକାପଣ କାହିଁ ?

ଅନ୍ତରର ଚିଠିରେ
ଗୋପଦାଣ୍ଡ ଭିଜେ
ଯମୁନା ଉଚ୍ଛୁଳେ,
ଅନୁରାଗ ଫୁଲ ଧରେ ଆହତ ଅନଳେ ।

ପାଦ ଅଧିରା
ପ୍ରାଣ ବିଧୁରା
ତମାମ୍ ଜୀବନ ଅପହଞ୍ଚ ଭାବ
ତମସାର ପଥେ ପଥେ
ଅସୀମ ଅପାଶୋରା ।

ପ୍ରେମ ମାନେନି
ବୈଶାଖ, ବର୍ଷା, ବାଟଘାଟ,
ପ୍ରେମ ମାନେନି ଲୁହ ଲହୁ
ଲୁହାର ଟାଣପଣ,
ହୃଦ ଅଭିସାରର ପ୍ରେମ
ପ୍ରତୀକ୍ଷା କବାଟ ।

ଗୋଧୂଳି ମୂହୁର୍ତ୍ତ ପରି
ନଇଁ ନଇଁ ଆସେ ପ୍ରେମ,
ଫେରିଯାଏ ଯମ,
ସହଭାଗିତାର ସମର୍ପଣ ବାସ୍ନାରେ
ଝରୁଥାଏ ଶ୍ରାବଣ
କାହିଁ କେତେ କାଳରୁ ଘନଘନ ।

ପ୍ରେମ ହିଁ ପୃଥିବୀ
ପୃଥିବୀ ହିଁ ଜୀବନ
ଯେଉଁଠି ପ୍ରେମ
ସେଇଠି ଉଦିତ ଉଦ୍ଭାସିତ ରବି ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସତେ ଅଦିନେ ଚାନ୍ଦ ଉଇଁବ

ସିଦ୍ଧେଶ୍ୱର ତ୍ରିପାଠୀ



ସତେ ଅଦିନେ ଚାନ୍ଦ ଉଇଁବ
ସଖି ତୁମ ସାଥେ ଭେଟ ହେବ
ସେଇ ଅତୀତର ପୁରୁଣା ରାଗିଣୀ
ତୁମେ ମୋତେ ଶୁଣାଇବ ।

ଧୀରେ ଧୀରେ ବଢୁଥିବ ରାତି
ତୁମେ ଗାଉଥିବ ପ୍ରେମ ଗୀତି
ତୁମରି କୋଳରେ ମଥାରଖି ଦେଇ
ସବୁ ସ୍ୱପ୍ନ ସତ ହବ

ସତେ ଅଦିନେ ଚାନ୍ଦ ଉଇଁବ - -- -  -  - -- -

ଭାଙ୍ଗି ସବୁ ନୀରବତା
ତୁମେ କହୁଥିବ କେତେ କଥା
ସେଇ କଥା ସବୁ ପ୍ରେମ ବର୍ଷା ସାଜି
ବିରହକୁ ଧୋଇଦବ

ସତେ ଅଦିନେ ଚାନ୍ଦ ଉଇଁବ - - - - - -

ଏତେ ସପନକୁ ରାତି କାହିଁ
ଯିଏ ଜୀବନ ଦେବ ରଙ୍ଗେଇ
ସେ ରଙ୍ଗ ପରଶେ  ଏଇ ତନୁମନ
ମହ ମହ ମହକିବ
ସତେ ଅଦିନେ ଚାନ୍ଦ ଉଇଁବ  -   - -

ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରଖିବନି ଅଧା

ବିନୟ କୁମାର ମିଶ୍ର



ଲେଖିବାକୁ ଭାରି ମନ
କବିତାଟେ ଆଜି,
କେଉଁଠୁ ଆରମ୍ଭ ହେବ
କାଳେ ଯିବ ଭାଜି,
ତମପାଇଁ ଲେଖିବି ମୁଁ
ପ୍ରଥମ କବିତା
ପଢିନେବ ସବୁଧାଡି
ରଖିବନି ଅଧା ।।

ମୁହଁ ଦେଖା ଅଧା ତୁମ
ଅଧା ମୁଦି ପିନ୍ଧା,
ଅଧା ବାହାଘର ବେଦୀ
ଭୋଜି ମଧ୍ୟ ଅଧା,
ତମପାଇଁ ଲେଖିବି ମୁଁ
ପ୍ରଥମ କବିତା
ପଢିନେବ ସବୁଧାଡି
ରଖିବନି ଅଧା ।।

ଜୀବନର ଧାଡ଼ି ଅଧା
ଅଧାରୁ ଅଧିକ,
ଭାବନା ବି ଅଧା ଅଛି
ତଥାପି ଭାବୁକ,
ତମପାଇଁ ଲେଖିବି ମୁଁ
ପ୍ରଥମ କବିତା
ପଢିନେବ ସବୁଧାଡି
ରଖିବନି ଅଧା ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଅ ମୁହଁରେ ପତର
ଭଗିଆ ସାରିଆ,
ଛମାଣ ଆଠଗୁଣ୍ଠ
ମୁଁ ହିନିମାନିଆ,
ତମପାଇଁ ଲେଖିବି ମୁଁ
ପ୍ରଥମ କବିତା
ପଢିନେବ ସବୁଧାଡି
ରଖିବନି ଅଧା ।।

ଶବ୍ଦ ସବୁ ଅମାନିଆ
ଅଡୁଆ ତା ଅର୍ଥ,
ଭାବ ସବୁ ଇତଃ ତତଃ
ଜୀବନ ବିଅର୍ଥ,
ତମପାଇଁ ଲେଖିବି ମୁଁ
ପ୍ରଥମ କବିତା
ପଢିନେବ ସବୁଧାଡି
ରଖିବନି ଅଧା ।।

ତୁମବିନା ଶୂନ୍ୟ ଲାଗେ
ଜୀବନର ଛାଇ,
ଲିଭା ଦୀପରେ ତଇଲ
ଟୋପେ ଆଉ ନାହିଁ,
ତମପାଇଁ ଲେଖିବି ମୁଁ
ପ୍ରଥମ କବିତା
ପଢିନେବ ସବୁଧାଡି
ରଖିବନି ଅଧା ।।

ତଥାପି ଲେଖୁଛି ବସି
କିଛି ଦୁଇଧାଡ଼ି,
ଯାର ଅର୍ଥ ଜଣା ନାହିଁ
ଯାଉଛି ମୁଁ ମାଡ଼ି,
ତମପାଇଁ ଲେଖିବି ମୁଁ
ପ୍ରଥମ କବିତା
ପଢିନେବ ସବୁଧାଡି
ରଖିବନି ଅଧା ।।

ନିଆଳ, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶୀତ

ନୀଳମଣି ଚାନ୍ଦ



ଶୀତ ଛୋଟ ଶବ୍ଦଟିଏ  ମନେ ଭରେ ଭୟ
ଶୀତ ଆସେ ହେମନ୍ତକୁ କରି ସତେ ଜୟ ।
ଶୀତ ଆସେ ଚିଲିକାକୁ ପକ୍ଷୀଙ୍କ ସାଥିରେ
ଶୀତ କହେ କରିଛି ସେ ବଡ଼ଟି ରାତିରେ ।
ଶୀତ ଆସେ ପଠା ପରେ ଫସଲ ଭରେଇ
ଶୀତ ଫୁଙ୍ଗୁଳା ଦେହକୁ ଦିଏରେ ଥରେଇ ।
ଶୀତ ସାଥେ କମ୍ବଳର ଭଲଟି ସଂପର୍କ
ଶୀତ କହେ ଏଙ୍କେ ମୋ'ର ଶକତି ପରଖ ।
ଶୀତ ପାଇଁ ଦେଖୁ ଆମେ କୁହୁଡ଼ିର ମୁହଁ
ଶୀତରେ  କାକର  ପଡ଼େ ଯିଏ ମେଘ ନୁହଁ ।

ଶୀତ ଆସେ ପାଚେ ଧାନ କ୍ଷେତ ଉଠେ ଭରି
ଶୀତରେ ସୂରୁଯମୁଖୀ ସତେକି ଅପ୍ସରୀ ।
ଶୀତ ଆସି ବୁଣିଦିଏ ମୁକ୍ତା ପ୍ରଭାତରେ
ଶୀତ ଋତୁର ଜୀବନ କଟେ ସନ୍ତାପରେ ।
ଶୀତ ଆଣଇ ଉତ୍ତରା ପବନ ସାଥିରେ
ଶୀତ ନାଆଁ ଶୁଣି ଡରେ କଙ୍କିରୁ ହାତୀରେ ।
ଶୀତ ଏମିତି ଋତୁଟି ଆହା କି ବିଚିତ୍ର
ଶୀତ କାନଭାସ୍ ଟିରେ ହୋଇଛି ଚିତ୍ରିତ ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆହେ ବିଶ୍ୱପତି

ବବୁଲୁ ଭୋଇ

ଆହେ ବିଶ୍ୱ ପତି ମୁରତି ଏ ଜଗତ କରତା

ଅତି ବିନମ୍ରତେ ବିନତୀ କରୁଁ ହେ ବିଶ୍ୱ ପିତା ।

ଆମ୍ଭେ ଶିଶୁଗଣ ସରବେ ଦେଶ କଲ୍ୟାଣ ପାଇଁ

ଆଗେଇବୁ ସଦା ସଭିଏଁ ଯମା ଡରିବୁ ନାହିଁ ।

ଏ ଜୀବନ ଗଢ଼ା ହୋଇଛି ପର ହିତ କାମନେ

ସେହି କାର୍ଯ୍ୟେ ଧ୍ୟାନ ରହିବ ସର୍ବ ମନ ଉଚ୍ଛନ୍ନେ ।

ମନ୍ଦ ଚିନ୍ତା କେବେ ନ ଆସୁ ଆମ ସଭିଙ୍କ ମନେ

ରହିଥାଉ ମନ ଆମ୍ଭର ବିଦ୍ୟା ବୁଦ୍ଧିର ଧ୍ୟାନେ ।

କୃପାର ସାଗର ହେ ପ୍ରଭୁ ଦୟା ବିନୟ କୋଟି

ଝରିପଡୁ ଆଶ୍ରିବାଦେ ହେ ତୁମ କରୁଣା ଫୁଟି ।

ଏତିକି କରୁଛୁ ଗୁହାରି ଆହେ ଭୁବନ ପତି

ହସ ଫୁଟୁଥାଉ ଆମର ଓଠେ ଏମିତି ନୀତି ।

ଗ୍ରାମ (ନୂଆ ଅଢାପରା)

ଜିଲ୍ଲା (ସମ୍ବଲପୁର)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱାର୍ଥ

ନୂତନ କୁମାର ବେହେରା



କାହାରି ହିତ/କଲ୍ୟାଣ କେବେ ନ ଚାହିଁ
ସମୂହର ବିକାଶ ଧାରାରେ ବାଧା ବିଘ୍ନ ଆଣି
କେବଳ ନିଜସ୍ୱ ଆଶା/ଇଚ୍ଛାକୁ ପୂର୍ଣ୍ଣ କରିବାର
ସଂକୀର୍ଣ୍ଣ ହେୟ ମନୋବୃତ୍ତି ହେଉଛି ସ୍ୱାର୍ଥ
ସବୁରି ଜୀବନ ଏକ ଆବଶ୍ୟକତା ଜରୁରୀ
ଏ କଥା ତିଳେ ନ ଭାବି ନିରପେକ୍ଷ ଭାବରେ
ବ୍ୟକ୍ତିଗତ ତୁଚ୍ଛ ହୀନ କାମନାରେ ବୁଡ଼ି ରହିବା
ଅନ୍ୟକୁ ସୁବିଧା ସୁଯୋଗରୁ ବଞ୍ଚିତ କରିବା
ଯଶ ଖ୍ୟାତି ବିସ୍ତାର କରିବା ନିଶାରେ ମାତିବା
ସର୍ବକାଳେ ସମାଜରେ ତା' ହୋଇଥାଏ ସ୍ୱାର୍ଥ
ସ୍ୱାର୍ଥ ଥାଏ ଯେଉଁଠି ଛାଇ ଯାଏ ସେଠି ଅନ୍ଧାର
ସତ୍ୟ ଶାନ୍ତି ନ୍ୟାୟ ଧର୍ମର ଧାରଣା ଯାଏ ହଜି
ପବିତ୍ର ସଂପର୍କ ଭାଙ୍ଗେ ଜୀବନ ହୁଏ ବ୍ୟର୍ଥ
ଭରସା ବିଶ୍ୱାସର କିଛି ସମ୍ଭାବନା ଆଉ ରହେନା
ବ୍ୟକ୍ତିଟିଏ ସ୍ୱାର୍ଥପର ରୂପେ ହୁଏ ପଦବାଚ୍ୟ
ସଂସାରେ ସେ ଲୋଭ ମାୟା ମୋହେ ଥାଏ ବଶ
ଏଇ ସ୍ୱାର୍ଥରୁ ଆରମ୍ଭ ହୁଏ ବିଭେଦ/ମତାନ୍ତର
ଅହଂପଣର ଯୁକ୍ତିତର୍କରେ ହୁଏ ଭୁଲ୍ ବୁଝାମଣା
ତାର ଗଭୀର ପ୍ରଭାବ ସୃଷ୍ଟି କରେ ମନାନ୍ତର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏଇଠୁ ବ୍ୟକ୍ତିଗତ କଳହର ହୁଏ ସୂତ୍ରପାତ
ଗୋଷ୍ଠୀରୁ ସମଷ୍ଟି ପ୍ରତିରୋଧ କଲେ ଚାଲେ ଯୁଦ୍ଧ
ସ୍ୱାର୍ଥ ମନର ବିଜାତୀୟ ରୋଗ ଭୂତାଣୁ/ଜୀବାଣୁ
ଆତ୍ମସତ୍ତାକୁ ନୀରବ ଭାବରେ କରୁଥାଏ କ୍ଷୟ
ନ୍ୟାୟୋଚିତ ଚିନ୍ତା ଅନୁଚିନ୍ତା ଭୁଲିଯାଏ ସେ
ତାର ଚେତନ ଆତ୍ମା ରହେ ନାହିଁ ଆଉ ଜାଗ୍ରତ
ପରମାର୍ଥ ପ୍ରାପ୍ତିରେ ଆସିଥାଏ ବିରାଟ ଅନ୍ତରାୟ
ମୁକ୍ତିର ମାର୍ଗରୁ ହଟି ସେ ପଡ଼ି ରହେ ବନ୍ଧନରେ
ଆଧିଦୈବିକ ଆଧିଭୌତିକ ଓ ଆଧ୍ୟାତ୍ମିକ ତାପରେ
ହୁଏ ବାଧିତ ଭୋଗେ ଅବାଞ୍ଛିତ ଦୁଃଖ ଦୁର୍ଦ୍ଦଶା
ସ୍ୱାର୍ଥକୁ ଏଡ଼ି ହିତ କରିବା ଜୀବନର ବ୍ରତ/ସାଧନା
ଆଜି ନୁହେଁ ସୃଷ୍ଟିର ଆରମ୍ଭରୁ ରହିଛି ଏ ସ୍ୱାର୍ଥ
ତାହାରି ମଧ୍ୟରେ ମହତ କର୍ମ କରି କିଏ ନାୟକ
କିଏ ହୁଏ ସମାଜର ଅମଙ୍ଗଳକାରୀ ଖଳନାୟକ
କିଏ ସମୂହଜନଙ୍କ ସେବା କରି ହୁଅନ୍ତି ମହାପୁରୁଷ
ସଂପୂର୍ଣ୍ଣ ସ୍ୱାର୍ଥ ବର୍ଜନରେ ହୁଏ ଭଗବତ ଦର୍ଶନ
ଅଜ୍ଞାନ ଅନ୍ଧାର ହଟି ହୁଅଇ ଜ୍ଞାନର ସୂର୍ଯ୍ୟୋଦୟ
ଜଣେ ସତ୍ୟାଶ୍ରୟୀ ହୋଇ କରେ ମହତ କାର୍ଯ୍ୟ
ତା' ପୁଣ୍ୟଫଳରୁ ଜୀବନ ପାଇଥାଏ ନିର୍ବାଣ ।

କୋହି, ବାରିପଦା, ମୟୂରଭଞ୍ଜ,
ଦୂରଭାଷା – ୮୦୧୮୩୫୩୩୨୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଠର

ସତ୍ୟ ନାରାୟଣ ମିଶ୍ର



ଅଠର ସଂଖ୍ୟାର ଅଛି କି ମହତ୍ତ୍ୱ
କବିତା ହେଉ କି କଥା
ଅଠର ଅଧ୍ୟାୟ ରଚିତ ହୋଇଛି
ଶ୍ରୀମଦ ଭାଗବତ ଗୀତା ।
ଅଠର ଦିନର ଭାରତ ଯୁଦ୍ଧ ଯେ
ସୈନ୍ୟ ଅଠର ଅକ୍ଷଉଣୀ
ଅଠର ଖଣ୍ଡର ମହାଭାରତରେ
କୁରୁ ପାଣ୍ଡବ କାହାଣୀ ।
ଅଷ୍ଟାଦଶ ମହାପୁରାଣ ଲେଖିଲେ
ବ୍ୟାସ କୃଷ୍ଣ ଦ୍ୱୈପାୟନ
ଅଠର ସଂଖ୍ୟାଟି ଦ୍ୱାପର ଯୁଗରେ
ନେଇଛି ପ୍ରମୁଖ ସ୍ଥାନ ।

ଭାରତ ଦେଶରେ ଅଠରକୁ ନେଇ
ରହିଛି ଆଇନ ଦେଖ
ସତର ପର୍ଯ୍ୟନ୍ତ ନାବାଳକ ଜନ
ଅଠରରେ ସାବାଳକ ।
ଭାବୁଛି ମୁଁ ମନେ ଅଠର ହେଉଛି
ପରି ପୂର୍ଣ୍ଣତା ପ୍ରତୀକ
ତାକୁ ଲକ୍ଷ୍ୟ କରି ଗତ ସମୟରେ
ଘଟଣା ସବୁ ଘଟିତ ।

ସିଂଧେକେଲା, ବଲାଙ୍ଗିର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜୀବନ କରିବା ପାବନ

ଅମରନାଥ ବାରିକ



ଜୀବନ ଜଟିଳ ଗଣିତ ହେଲେ
'ହରି' ଗଣିତର ସରଳ ସୂତ୍ର
ସେ ସୂତ୍ର ଘୋଷିଲେ ଜୀବନଟା
ହୁଏ ହରିରସେ ରସାମୃତ... ।୦।

ଜୀବନ ଯନ୍ତ୍ରଣା ଜଞ୍ଜାଳରେ ଭରା
'ଗୀତା' ପ୍ରଦର୍ଶକ ପ୍ରାଞ୍ଜଳ ପଥ
ସେ ଗ୍ରନ୍ଥ ପଢ଼ିଲେ ବୁଝିହୁଏ ସିନା
ଜଟିଳ ଜୀବନ ବାସ୍ତବ ଅର୍ଥ... ।୧।

ଜୀବନ ଅଡୁଆ ସୂତାଖିଅ ହେଲେ
'କୃଷ୍ଣ' ପାଦେ ହୁଅ ସମର୍ପିତ
ଖୋଲିଯିବ ଗଣ୍ଠି ଯେତେ ଟାଣ ହେଉ
ହେବନି କଦାପି ସନ୍ତାପିତ... ।୨।

ଜୀବନ ପଙ୍କିଳ ଜଳ ହୋଇଥିଲେ
'ପିତାମାତା' ମନ୍ଦାକିନୀର ଧାରା
ସେ ପୁଣ୍ୟଜଳରେ ସ୍ନାନକଲେ ସଦା
ଆଶୀର୍ବାଦେ ମିଳେ ପୁଣ୍ୟପରା... ।୩।

ଜୀବନ ଯାତରା ବୃଥା ନୁହେଁ କେବେ
ଜପୁଥିଲେ ନିତି 'ଶ୍ରୀରାମ' ନାମ
ଜୀବନର ସୂର୍ଯ୍ୟ ଅସ୍ତମିତ ହେଲେ
ସାର ଏକା ସେହି ଅମୃତ ନାମ... ।୪।

ଗ୍ରା/ପୋ-କଯ୍ଥାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନେ ପଡ଼େ

କୁଞ୍ଜବିହାରୀ ସାହୁ



ଶୀତ ଋତୁ ଆସିଗଲେ ମନେପଡ଼େ ବୋଉର ଆକଟ
ବାହାରକୁ ଯିବୁନାହିଁ କାଳେ ତୋତେ ଧରିଦେବ ଥଣ୍ଡା
ଯଦି ଅବା ସଙ୍ଗଦୋଷେ ଯାଏ ଖୋଲି ଦୁଆର କବାଟ
ଜଗିଥାଏ ହାତେ ଧରି ଅମରିର ଚାରିହାତି ଖଣ୍ଡା ।

ଶୀତ ଋତୁ ଆସିଗଲେ ମନେପଡ଼େ ବାପାଙ୍କର ଗାଳି
କାକରରେ ବୁଲିବୁନି କେତେବେଳେ ଖେଳିବୁନି ଖେଳ
ମାଘମାସ ଅମାନିଆ ଜାଡ଼ ତୋତେ ଦେବ ଅବା ଜାଳି
ରୋଗରେ ତୁ ସଢ଼ିଯିବୁ ପାଇବୁନି ସାଙ୍ଗସାଥୀ ମେଳ ।

ଶୀତ ଋତୁ ଆସିଗଲେ ମନେପଡ଼େ ବାପା-ବୋଉ କଥା
ମୋ ଦେହର କୁଶଳତା ଭାବୁଥିଲେ ନିତି ପ୍ରତିଦିନ
ଥଣ୍ଡା ଅବା ଜ୍ୱର ହେଲେ ଘଷୁଥିଲେ ପିଠି, ମୁଣ୍ଡ ବଥା
ଓଉଷଧ ଦେଉଥିଲେ, କହୁଥିଲେ -ଭଲେ ଥାଆ ଧନ ।

ଶୀତ ଋତୁ ଆସିଅଛି ନାହାଁନ୍ତି ମୋ ବାପା-ବୋଉ ପାଶେ
ତଥାପି ତ ସରଗରୁ ଆଶୀର୍ବାଦ ସବୁବେଳେ ଆସେ ।

ପାତ୍ରପଡା, ଭୁବନେଶ୍ୱର
୭୦୦୮୧ ୪୨୦୪୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଣା ଅଜଣା

ଡଃ ନିର୍ମଳ ନାୟକ



କିଛି ପରିଚୟ... ଭାବ ବିନିମୟ...
ପରିଚିତ ରୂପେ ଜଣା....
ପରନ୍ତୁ ଅଜଣା... ଅଧିକରୁ ଊଣା...
ଲେଖନୀ ମାଧ୍ୟମେ ଜଣା.. ! !

କେବେ ଦେଖିନାହିଁ... ତାଙ୍କୁ ଜାଣିନାହିଁ..
ତଥାପି ଲାଗନ୍ତି ଜଣା...
ହୁଁ କେଉଁ କାଳର.... ସମ୍ବନ୍ଧ ଆମର...
ଅଜଣା ହେଲେବି ଜଣା... ! !

ସୃଷ୍ଟିର ମାଧ୍ୟାମେ... ସର୍ବେ ଏକ ଆମେ..
ଲେଖନୀ କରାଏ ଜଣା....
ଦୂରରେ ଥିଲେବି.... ସମୀପରେ ଭାବି...
ରୁହେ ନାହିଁ ସେ ଅଜଣା... ! !

ସାହିତ୍ୟ ଜଗତେ... କାହିଁ ସ୍ରଷ୍ଟା କେତେ...
ଲେଖନୀ କରାଇ ଚିହ୍ନା...
ତାଙ୍କରି ଲେଖାରେ.... ଜୀବନୀ ବାର୍ତ୍ତାରେ...
ଚରିତ୍ର ପଡଇ ଚିହ୍ନା ... ! !

ସମ୍ପର୍କ ନିବିଡ଼... ପକ୍ଷୀ ଏକ ନୀଡ଼...
ଦୂରେ ଥିଲେବି ନିକଟେ...
ଅଜଣାରୁ ଜଣା... ନୁହେଁ ବାଟ ବଣା...
ସାହିତ୍ୟ ତଟିନୀ ଘାଟେ... ! !

ଗୋଟିଏ ସଂସାର... ଏକ ପରିବାର..
ବସୁଧା ଏକ କୁଟୁମ୍ବ...
ଜଣା ଅଜଣାର.... ଭାବ କରି ଦୂର..
ହେଉ ନବୀନ ପ୍ରାରମ୍ଭ... ! !


ଦୂର ଦେଶେ ଥାଇ... ନିକଟ ଲଗାଇ...
ଦୂରଭାଷେ  ବିନିମୟ...
ସାହିତ୍ୟ ସଂସାରେ... ସଭିଏଁ ସାଥିରେ...
ଏଇ ଆମ ପରିଚୟ.... ! !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜନ୍ମାନ୍ଧ ସନ୍ଥକବି ଭୀମଭୋଇ

ବିଦ୍ୟାଧର ମହାନ୍ତ



ରାଗ : ରାମକେରୀ

ରେଢ଼ାଖୋଲ ବଣ ଜଙ୍ଗଲ
ଭରା ପ୍ରକୃତି କୋଳେ,
ସନ୍ଥ କବି ଜନ୍ମି ଉତ୍କଳ
ଖଣ୍ଡେ ରହିଲେ ଭୋଳେ ।୧।

ଦାରିଦ୍ର୍ୟତା କଷା ଘାତରେ
ସଦା ପୀଡ଼ିତ ହୋଇ,
କେତେ କଷ୍ଟ ସହି ଜନ୍ମାନ୍ଧ
ତାଳ ପଲ୍ଲା ଶୋଇ ।୨।

ଭୀମ ଭୋଇ ବଂଶ ଗୋତ୍ରରେ
କେହି ନ ଥିଲେ କବି,
କନ୍ଧ ବଂଶେ ଥିଲେ ବିଜ୍ଞାନୀ
ଜଣେ ଉଦୟ ରବି ।୩।

ଭୋକ ଅଭାବରେ ଜନ୍ମାନ୍ଧ
ଭୁଞ୍ଜି ଗଛର ଫଳ,
ଶୋଷ ହେଲେ ପିଇଥାଆନ୍ତି
ନଦୀ ଝରଣା ଜଳ ।୪।

ଖୁଦ ମଲୁଖରୁ ବାହାରେ
ଯେଉଁ କଞ୍ଜା ତୋରାଣି,
ପିଇ ପିଇ କାଳ କାଟନ୍ତି
ଦୁଃଖ ଦଇନ ଜାଣି ।୫।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରକୃତି କୋଳରେ ପାଳିତ
    ଦିବ୍ୟ ଶକତି ପାଇ,
ଈଶ୍ୱର ଦର୍ଶନ ପାଇଲେ
    ତାର ତୁଳନା ନାହିଁ ।୬।

ଅଲେଖ ମହିମା ମଣ୍ଡିତ
    ହୋଇ ଚଞ୍ଚଳ ମନା,
ରେଢ଼ାଖୋଲେ କଲେ ସହସା
    ନବ କାବ୍ୟ ରଚନା ।୭।

ଜ୍ଞାନଉଦେ ଯେଉଁ ଭୀମଙ୍କ
    ଜ୍ଞାନ ପ୍ରଦୀପ ଜଳି,
ଦେଖାଇଲା ନବ ପ୍ରତିଭା
    ସାରା ବିଶ୍ୱରେ ଜଳି ।୮।

ଗୋଟେ ପରେ ଗୋଟେ ଭକତି
    ଗୀତ ରଚନା କରି,
ଉତ୍କଳେ ପ୍ରସିଦ୍ଧ ହୋଇଲେ
    ଜ୍ଞାନ ପ୍ରତିଭା ଧରି ।୯।

ଅକ୍ଷୟ ଯଶର ମାଲିକ
    ହେଲେ ଜନ୍ମାନ୍ଧ କବି,
ଯୁଗ ଅନୁଯାୟୀ ହୋଇଲେ
    ରାଜ୍ୟେ ଉଜ୍ଜ୍ୱଳ ରବି ।୧୦।

ଭକ୍ତି ଚିନ୍ତା ମଣି ରଚିଲେ
    ଭକ୍ତି ସ୍ତୁତି ସାଗର,
ଅଶେଷ ଜ୍ଞାନର ସେ ହେଲେ
    ମହା ଜ୍ଞାନ ସାଗର ।୧୧।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଙ୍କ ଯଶ ବାନା ଉଡ଼ୁଛି
　　ଆଜି ଜାତି ସଂଘରେ,
ମୋ ଜୀବନ ପଛେ ନରକେ
　　ବିଶ୍ୱ ରହୁ ସୁଖରେ ।୧୨।

ବିଶ୍ୱ ଚିନ୍ତା ଚିନ୍ତି ଜନ୍ମାନ୍ଧ
　　ଦେଲେ ଅମର ବାଣୀ,
ଯୁଗେ ଯୁଗେ ତାହା ହୋଇଲା
　　ଚିର ସତ୍ୟ କାହାଣୀ ।୧୩।

ନାହିଁ ସେହି ଯୁଗ ମଣିଷ
　　ମାତ୍ର ଅଛି ଯେ ତତ୍ତ୍ୱ,
ରଖି ଗଲା ଦିବ୍ୟ କଳ୍ପନା
　　ସାରା ବିଶ୍ୱ ମହତ୍ତ୍ୱ ।୧୪।

ତମ୍ବାହରା, ହରି ଚନ୍ଦନ ପୁର, କେନ୍ଦୁଝର ଓଡ଼ିଶା

ମୋ ନ: ୭୮୪୮୦୦୦୦୩୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ଡ: ନାରାୟଣ ଚନ୍ଦ୍ର ସେନାପତି



ମିଛର କଳା ବାଦଲ ଯେବେ ଢାଙ୍କିଦିଏ ବିଚରା ସତକୁ
ସତଟା ଭୋ ଭୋ ହୋଇ କାନ୍ଦେ
ବଳ ଥାଇ ବି ନିଜକୁ ଦୁର୍ବଳ ମନେ କରେ
ବୁଦ୍ଧି ଥାଇ ବି ନିଜକୁ ନିର୍ବୁଦ୍ଧିଆ ସାବ୍ୟସ୍ତ କରେ
ସାପ ବେଙ୍ଗକୁ ଅଧା ଗିଳିଲା ପରି
ଦୂଷିତ ପୋଖରୀରୁ ପେଟେ ଜଳ ପିଇ
ନିଜର ଆଶା ଭରସାକୁ ଦୁଃଖର ଦଉଡ଼ିରେ ଟାଣ କରି ବାନ୍ଧେ ।

ଆଜିର ଦୁନିଆଁରେ ସୋଲଗୁଡ଼ାକ କାନ୍ଦି କାନ୍ଦି ପାଣିରେ ବୁଡି ଯାଆନ୍ତି
ଆଉ ପଥର ଗୁଡ଼ାକ ହସି ହସି ଭାସୁଥାଆନ୍ତି
କହି ଜାଣିଲେ କଥା ସୁନ୍ଦର ପରି
ମିଛ ଅଭିନୟ ତେଜରେ ତିନି ତୁଣ୍ଡରେ
ଛେଳିକୁ ବି କୁକୁର ସଜେଇ ଦିଅନ୍ତି
ନିର୍ଲଜ ମୁହଁରେ ଆଣ୍ଠୁଏ ପାଣି ପରି
ନିଜ ମାନ ମହତକୁ ଫୁଙ୍ଗୁଳା କରି
ଅନ୍ୟକୁ କଥାରେ ଉଲଗ୍ନ କରି ଉପହାସ କରନ୍ତି ।
ଗର୍ଭ ଯନ୍ତ୍ରଣା ଭୋଗି ଜନ୍ମ ଦେଇଥିବା ମାଆକୁ ସନ୍ତାନ ଫେରେଇ ଦିଏ ଯନ୍ତ୍ରଣା
ଚକ୍ରବୃଦ୍ଧି ସୁଧ ହାରରେ
ହାତ ଧରି ଶିଖେଇଥିବା ଗୁରୁଟା ବାହୁନି କାନ୍ଦେ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଶିଷ୍ୟର ତିକ୍ତ ଲେଖା ଛାଟରେ
ଶହେରୁ ଶହେ ବିଶ୍ୱାସ କରୁଥିବା ଭାଇ ବନ୍ଧୁମାନେ ଯେବେ ଖଳନାୟକ ସାଜନ୍ତି
ସ୍ନେହର ଟୋକେଇରୁ ପ୍ରେମ ଉଭାନ ହୁଏ
ସତ ସତ ଲାଗୁଥିବା ସୂର୍ଯ୍ୟ ଚନ୍ଦ୍ରଙ୍କ ଉପରୁ ଭରସା ତୁଟି ଯାଏ
ମରି ମରି ବଞ୍ଚିବାକୁ ହୁଏ ନିରାଶା କୁଡ଼ିଆରେ
ଆଉ କଣ୍ଟାର ଶେଯରେ ।

ମିଛକୁ ସତ କରିବାକୁ ଯାଉଥିବା ଗ୍ରହ ମାନଙ୍କୁ
ଶହ ଶହ ମିଛର ସାହାରା ନେବାକୁ ପଡେ
କଷ୍ଟ ଯନ୍ତ୍ରଣା ରେ ଦଗ୍ଧ ହେଲେ ବି
ସତ ସତ୍ତା ନ ହରାଇ ଆଗକୁ ଆଗକୁ ମାଡେ
ମିଛ ଉତୁରି ଉତୁରି ଯେବେ ଚୁଲିକୁ ଯାଏ
ପୋଡ଼ା ଅଙ୍ଗାର ପାଲଟି ଯାଏ
ସତ ଜଳି ଜଳି ଯେତେ ଦଗ୍ଧ ହୁଏ
ସଫେଦ ହୀରା ପାଲଟି ଯାଏ
ଦିନ ଆସିବ ସତ୍ୟର ଜୟ ହେବ
ଏକଥା ସଭିଙ୍କୁ ଜଣା ଅଛି
ହେଲେ ସନ୍ତାପିତ ମନଟା ଦୁଃଖରେ କହୁଛି
ମିଛ ପାଖେ ସତ ବନ୍ଧା ପଡ଼ିଛି ।

ଜମ୍ପୁରା, କେନ୍ଦୁଝର


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ଅନାମ ଚରଣ ସାହୁ



ମିଛ ପାଖେ କାହିଁ ସାହସ ଶକତି
ସତକୁ ରଖିବ ବନ୍ଧା
ସୁସୁପ୍ତିରେ ସତ ରହିଛି ସତତ
ବିଧି ବିଧାନରେ ଛନ୍ଦା ।
ମିଛର ମଳୟ ଦହେ କିଶଳୟ
ସତ ହୋଇଯାଏ ଢାଙ୍କି
ମିଛ ସବାରୀରେ ସବାରୀ ସମସ୍ତେ
ସତକୁ ଦିଅନ୍ତି ଫାଙ୍କି ।
ସତ ସମ୍ପର୍କର ଫଳଟି ମଧୁର
ସଭିଏଁ ଯାଆନ୍ତି ଭୁଲି
ମିଛ ସମ୍ପର୍କର ଗଢନ୍ତି କୋଣାର୍କ
ମିଛ ଝୁଲଣାରେ ଝୁଲି ।
ମିଛର ବାହାନା ସତ ଲାଗେ ସିନା
ସତ ଲାଗେ ମିଛ ପରି

ମିଛ ପଣତରେ ସତ ଲୁଚିଯାଏ
କିମିଆ ମନ୍ତର ସରି ।
ଶେଷ ସୋପାନରେ ମିଛ ଦୁନିଆରେ
ସତ୍ୟର ବିଜୟ ହୁଏ
ମିଛ ରହିଯାଏ କାହିଁ କେତେ ଦୂରେ
ଅନ୍ତରାତ୍ମା ଆମ କୁହେ ।
ସାଗରର ଜଳ ତୃଷ୍ଣା ନିବାରଣ
କେବେବି ପାରେନା କରି
ମଧୁର ଜଳର ଅଟେ ମହାଗୁଣ
ପାରେ ସିନା ତୃଷ୍ଣା ହରି ।

ବିଭୁତିପୁର, କାକଟପୁର, ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ଦେବେନ୍ଦ୍ର ନାୟକ



ଘୋର କଳି କାଳ ପରିସ୍ଥିତି ଅସମ୍ଭାଳ
କିଏ କାହାକୁ ଦେଖୁଛି
ନିଜ ସ୍ୱାର୍ଥ ପାଇଁ ସମସ୍ତେ ପାଗଳ
ଉପୁରି ଭଲ ହେଉଛି ।
ଚାକିରି ବାକିରି ଅଭାବେ ମଣିଷ
କଷ୍ଟରେ କାଳ କାଟୁଛି
ଚାକିରିଆ ପାଶେ କାମ ଯଦି ପଡେ
ଉପୁରି କଥାଟା ଉଠୁଛି ।
ସତ୍ୟ ଧର୍ମ ନ୍ୟାୟ ପଥରେ ଚାଲିବା
ମଣିଷକୁ କାଳ ହେଉଛି
ଭବିଷ୍ୟତ କଥା ବୁଝିବା ସମୟ
କିଏ ଭବିଷ୍ୟତ ଦେଖୁଛି ।
ଚିନି ଟିକେ ଦେବାପାଇଁ ମୁଁ କୃପଣ
ରାମ୍ପୁଡି କାମୁଡି ହୁଏ
ଆଖୁ ଖଣ୍ଡେ ଦେବା ମନ ନାହିଁ ମୋର
ମାଠିଆରେ ଗୁଡ ଦିଏ ।
ପର ତଣ୍ଟି ଚିପି ଯାହା ରଖିଥାନ୍ତି
ଦଶ ଗୁଣ କ୍ଷୟ ହୁଏ
ବୁଝି ପାରନ୍ତିନି ପାପର ଫଳକୁ
ନିଜକୁ ଭୋଗିବା ହୁଏ ।
ମିଛ ମାୟା ଭରା ଏ ସାରା ସଂସାର
ଧରଣୀ ମା କଷ୍ଟ ପାଉଛି
ମିଛ ପାଖେ ସତ ବନ୍ଧା ପଡ଼ିବାର
ସାରା ଜଗତ ଜାଣୁଛି ।
ଈଶ୍ୱରଙ୍କ ପାଶେ ଗୁହାରି ଏତିକି
ଅଧର୍ମକୁ କର ଦୂର
ପାପୀ ପାପ ଦୂର କର ଏ ଭବରୁ
ହେଉ ବିଜୟ ସତ୍ୟର ।


ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ରୀତା ଅପରାଜିତା ମହାନ୍ତି



ଦିନ ଥିଲା ଲୋକ କେବଳ
ସତ୍ୟ କହୁଥିଲେ ।
ସମୟ ବଦଳିଯାଇଛି
ମାନସିକତା ....।
ସତ୍ୟ କହୁଥିବ ଲୋକଟି
ବାର ଦୁଆର ଶୁଣ୍ଠିପିଣ୍ଡା ହୁଏ
ମିଛ କେମିତି ରାଜୁତି ଚାଲୁଛି ।
ଏଠି ମଣିଷ ମୁହଁ ଉପରେ
ଅନେକ ଛଦ୍ମମୁଖା ଲଗେଇ ପାରେ ।
ହେ ପ୍ରଭୁ ସବୁ ମଣିଷ କୁ ସୁପଥ
ଦେଖାଅ ଦିନେନା ଏ ଧରା
ଛାଡିବାକୁ ହେବ ।
ମିଛ କହି କିଆଁ ନର୍କ ପଥର
ଯାତ୍ରୀ ହେବରୁ ରେ ବାଇମନ
ବେଳ ହୁଁ ଗୋବିନ୍ଦ ଭଜ ।

ମନ ପକା ଛୋଟ ବେଳର
ପ୍ରାର୍ଥନା ଆହେ ଦୟାମୟ ବିଶ୍ୱ ବିହାରୀ
ଘେନ ଦୟାବହି
ମୋର ଗୁହାରୀ ।
ସତ କହିବାକୁ କିଆଁ ଡ଼ରିବି ।
ସତ କହି ପଛେ ମଲେ ମରିବି ।


ଭୁବନେଶ୍ୱର -୨୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ସଂଯୁକ୍ତା ସାହୁ



ସତ୍ୟ ଆଜି ଗୁମୁରି ଗୁମୁରି କାନ୍ଦୁଛି
ଅସତ୍ୟରର ଜିତାପଟ୍ ହେଉଛି
ସିଏ ପୁଣି ମାଗୁଛି ନ୍ୟାୟକୁ ନ୍ୟାୟ
ଧର୍ମ, ଅଧର୍ମ ଆଜି ବାଟ ବଣା
ଏବେ ଲାଜ ସରମ ଚୁଲିକୁ ଗଲାଣି
ସତ୍ୟ ଉପରେ ଅସତ୍ୟର ବିଜୟ
ସବୁ ଆଜି ଓଲଟା ଘଟିଚାଲିଛି
ମିଛ ଆଜି ଛାତି ଫୁଲାଇ ଆଉ
ଔଦ୍ଧତ୍ୟର ଚରମ ସୀମା ଲଂଘୁଛି
ସତ୍ୟ ଆଜି ପାଟି ଚୁପ କରି ବସିଛି
ତା'ର ପରିଭାଷା ବଦଳିଯାଇଛି
ସିଏ ଆଜି ପୁରାପୁରି ଅସହାୟ
ରୀତି ନୀତି ସବୁ ଭୁଲିଗଲେଣି

ରକ୍ଷକ ଆଜି ଭକ୍ଷକ ସାଜିଛି
ପବିତ ସମ୍ପର୍କ ଆଜି କଳୁଷିତ
ଚରିତ୍ରମାନେ ବଦଳି ଯାଇଛନ୍ତି
ମିଛ ହାଟର ପଲା ଭାରି ହୋଇଛି
ଏଠି ଖାଲି ସବୁ ବଦଳି ଯାଉଛି
କୁହ ତ ଏଠି ନ୍ୟାୟ କେମିତି
କାହାକୁ ବା ନ୍ୟାୟ ଦେଇପାରିବ
ମିଛ ପାଖରେ ସତ୍ୟ ବନ୍ଧା ପଡିଛି ।

ରାହାମା, ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ସୁଭଦ୍ରା ମହାପାତ୍ର



ମିଛର ରାଜତ୍ୱ ଚାଲିଅଛି ଆଜି
ସତ କାନ୍ଦେ ମଝି ଦାଣ୍ଡେ.
ମିଛ ପାର ହୁଏ ସହଜ ରେ ଦେଖ
ଦୋଷ ବୋଳା ସତ୍ୟ ମୁଣ୍ଡେ...

ଅନ୍ୟାୟ ଅନୀତି କରୁଅଛି ଯିଏ
ସେହି ତ ଖୁସିରେ ଥାଏ
ସତ୍ୟ ପଥେ ଧର୍ମ ପଥେ ଚାଲେ ଯିଏ
ଦୁଃଖ ସେ ଅନେକ ପାଏ...

ମିଛ ମାୟା ଭରା ଏ ସଂସାର ପରା
ମିଥ୍ୟା ବାଦୀ ପାଏ ମାନ
ମିଛ ପାଖେ ସତ ବନ୍ଧା ପଡ଼ିଯାଏ
ସତ ହୁଏ ହୀନିମାନ.....

ମିଥ୍ୟା କହି ମନ ନିଏ ସେ ରସାଇ
କରନ୍ତି ସର୍ବେ ବିଶ୍ୱାସ.

ସତ କହୁଥିବା ଲୋକକୁ  ସମାଜ
କରୁଥାଏ ଉପହାସ..

କରୁକି ନକରୁ କେହି ବି ବିଶ୍ୱାସ
ସତ୍ୟ ହିଁ ସର୍ବଦା ସତ୍ୟ.
ପ୍ରଭୁଙ୍କ ପୟରେ ଏହି ନିବେଦନ
ସତ୍ୟେ ଥାଉ ମତି ନିତ୍ୟ ।

ମିଛ ମାୟା ଏହି ସଂସାର ରେ ପରା
ସତ୍ୟ ଏକା ଜଗନ୍ନାଥ
ଶ୍ରୀ ଚରଣ ତଳେ ଏତିକି ବିନତୀ
ଚାଲୁଥିବି ସତ୍ୟ ପଥ.....

ବଡ଼ମ୍ବା, କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ସନ୍ତୋଷ କୁମାର ସାହୁ



ମିଛ ପାଶେ ସତ ପଡ଼ିଲେ ବି ବନ୍ଧା
କ୍ରୋଧ ନାହିଁ ସତ ମନେ
ବିନୟ ସ୍ୱଭାବ ପ୍ରସନ୍ନ ଚିତ୍ତରେ
ବିଭୁ ଧ୍ୟାନେ ପ୍ରତିଦିନେ....
ଏ କଳି ଯୁଗରେ ସତ ହୁଏ ମିଛ
ମିଛ ଲାଗେ ସତ ପରି
ଛଳ କପଟରେ ସତକୁ ହରାଏ
ସ୍ୱାର୍ଥର ଭାବକୁ ଧରି...
ସତର ବଚନ ନଶୁଣନ୍ତି କେହି
ମିଛକୁ ପାଥେୟ କରି
ମିଛ ପାଶେ ସତ ପଡ଼ିଅଛି ବନ୍ଧା
ଧରମ ପଥକୁ ଧରି....
ସତ ମିଛ ମନେ ସନ୍ଦେହ ଦ୍ୱନ୍ଦତା
ମିଛର ମନରେ ଖୁସି
ମିଛ ଛଦ୍ମବେଶୀ ହୁଏ ସେ ବିଜୟ
ସତ ନିନ୍ଦା ପାଏ ବେଶି....

ସତର ପାଖରେ ଥିଲେ ବି ଶକତି
ନିରୁପାୟ ମିଛ ପାଖେ
ମିଛ ଭଦ୍ର ବୋଲି କହିଲେ କି ଲାଭ
ଦୋଷକୁ ଲୁଚାଇ ରଖେ...
ନ୍ୟାୟର ମଞ୍ଚରେ ନ୍ୟାୟ ମିଳେନାହିଁ
ସତ ହୁଏ ପରାଜିତ
ମିଛ ବାହୁବଳେ ଜିତିଯାଏ ସିନା
ନୁହେଁ ସେ କାହାର ହିତ....
ମିଛ ପାଶେ ସତ ଥାଉ ପଛେ ବନ୍ଧା
ଯଦି ଥରେ ମୁକଳିବ
ମିଛର ଅସ୍ତିତ୍ୱ ରହିବନି କିଛି
ଗର୍ବ ତା'ର ଭାଙ୍ଗିଯିବ...

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ଚନ୍ଦ୍ରକଳା ଦେବୀ



ମିଛ ପାଶେ ଆଜି ସତ ପଡେ ବନ୍ଧା
ମିଛଯେ ଏଇ ଦୁନିଆଁ
ମିଛଏ ସଂପର୍କ ମିଛଏ ସଂସାର
ସବୁ ଏଠାରେ କିମିଆଁ ।
ଭଦ୍ରମୁଖା ପିନ୍ଧି ମିଥ୍ୟାର ରାଜୁତି
ଚାରିଆଡେ ଚାଲେ ଭାଇ
ମିଥ୍ୟା ଜିତାପଟ ବିଜୟ ସର୍ବତ୍ର
ସଦା ସତ୍ୟ ହାରୁଥାଇ ।
ଆଜିର ସଂସାରେ ମିଛୁଆ ଲାଞ୍ଛୁଆ
ଖଚୁଆଙ୍କ ରାଜ ଚାଲେ
ଶଠତା ଛଳନା ଆଉ ପ୍ରତାରଣା
ସର୍ବତ୍ର କାୟା ବିସ୍ତାରେ ।

ଆଜିର ମାନବ ମିଛ ପଛେ ଧାଇଁ
ହେଉଥାଏ ଖାଲି ଧନ୍ଦି
ସତକୁହା ଲୋକ ପଛେ ପଛେ ରହି
ସାଜଇ ତା ପ୍ରତିଦ୍ୱନ୍ଦୀ ।
ସ୍ନେହ ପ୍ରେମଠାରୁ ଉର୍ଦ୍ଧ୍ୱେ ଏଦୁନିଆଁ
କଳୁଷିତ ଆଜି ମହୀ
ଷଡ଼ରିପୁ ସଦା କରିଥାଏ ଗ୍ରାସ
ସତ୍ୟର ବିଜୟ ନୋହି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପ୍ରିୟ ସତ୍ୟହିଁ ସଦା କୁହ ଭାଇ
ସତ୍ୟପଥ କଣ୍ଟକିତ
ବହୁ ବାଧାବିଘ୍ନ ଆସଇ ପଥରେ
ପ୍ରଭୁପାଦେ ସଦାଚିତ୍ତ ।

ରାଜା ହରିଶ୍ଚନ୍ଦ୍ର ଆଉ ବଳିରାଜା
ଥିଲେ ସତ୍ୟର ପଥିକ
ସତ୍ୟପଥ ଅନୁସରଣ କରିସେ
ରଖି ଯାଇଛନ୍ତି ଟେକ ।

ଗାନ୍ଧୀ ଗଉତମ ସନ୍ଥକବି ଭୀମ
ସତ୍ୟର ସାଧକ ସାଜି
ଦେଶ ହିତେ ସଦା ମନପ୍ରାଣ ଢାଳି
ଯାଇଥିଲେ ପରା ମଜ୍ଜି ।

ଯୁଗେ ଯୁଗେ ସଦା ସତ୍ୟ ଜିତାପଟ
ରହିଛି ବହୁ ପ୍ରମାଣ
ସତ୍ୟର କେତନ ଉଡ଼ଇ ସର୍ବଦା
ତେଣୁ ସତ୍ୟକୁ ଗ୍ରହଣ ।

ବନ୍ଧୁଗାଁ, କୋରାପୁଟ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ଲତା ବେହେରା



ମିଛ ପାଖେ ସତ ବନ୍ଧା ପଡିଅଛି
ଆଖି ଲୋହ ଯାଏ ବହି
ଯେତେ ପଚାରିଲେ ପାଟି ସେ ଖୋଲୋନି
ନୀରବ ଥାଏଟି ରହି ।

ହୃଦୟ ଆଘାତ ପାଉଛି ବହୁତ
ଖୋଲି ପାରେନା ସେ କହି
ମିଛର ଜାଲରେ ଛନ୍ଦି ହେଇ ସିଏ
ସବୁ କଷ୍ଟ ଯାଏ ସହି ।

ଏମିତି ସେ ବନ୍ଧୁ ବାନ୍ଧିଲା ଜୀବନେ
ଲୁହରେ ଭିଜୁଛି ସେହି
ମିଛ ପାଖେ ସତ ବନ୍ଧା ତା ପଡିଛି
ପ୍ରମାଣ କିଛି ତା ନାହିଁ ।

ମିଛ ନ କହି ସେ ମିଥ୍ୟାବାଦୀ ହେଲା
ଅବିଶ୍ୱାସ ହେଲା ସେହି
ଯେତେ ବୁଝେଇଲେ ବୁଝନ୍ତିନି କେବେ
ତା କଥାକୁ ଟିକେ କେହି ।

କାହାକୁ କହିବ କେମିତି କହିବ
ଭାବି ସିଏ ପାରେ ନାହିଁ
ମିଛ ଦୁନିଆରେ ସତ ବନ୍ଧା ପଡେ
କଳି ଯୁଗ ପରା ଏହି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସତରେ ଚାଲିବା ସତଟି କହିବା
ବିପଦ ଘଟାଏ ସେହି
ଅସତ୍ୟ ଭାଷିବା ଅସତ୍ୟ କରିଲେ
ବିଶ୍ୱାସୀ କହନ୍ତି ଏହି ।

ଯେତେ ସତ କଥା କହୁଥାଅ ତୁମେ
ବିଶ୍ୱାସ କରିବେ ନାହିଁ
ଘୃଣା କରୁ ଥିବେ ଛୋଟ ଦେଖୁ ଥିବେ
ମଚ୍ଛର ମଣିଷ ତହିଁ ।

ସନ୍ଦେହ କରିବେ ଦୂରେଇଣ ଦେବେ
ସତ୍ୟରେ ଥିଲେଟି ରହି
ନିନ୍ଦା ଅପବାଦ କଳଙ୍କଟି ଦେଇ
ହାତ ଛାଡି ଦ୍ୟନ୍ତି ସେହି ।

କଳିଯୁଗ ରୀତି ନୀତିଟି ଏମିତି
ଟିକିଏ ମିଥ୍ୟାଟି ନାହିଁ
ସତ ଲୋକ ଏଠି ବନ୍ଧା ପଡିଥାନ୍ତି
ଅସତ୍ୟ ହସନ୍ତି ରହି ।

କୂଟ ଚକ୍ରାନ୍ତରେ ଚାଲନ୍ତି ସ୍ୱାର୍ଥରେ
ମୋହୁରା ବନେଇ ସେହି
ମିଛରେ ଉପରେ ବନ୍ଧୁତାର ଭାବ
ଫେସେଇ ଦିଅନ୍ତି ତହିଁ ।

ଖସି ସେ ଯାଆନ୍ତି ଅନ୍ୟକୁ ବନ୍ଧାନ୍ତି
ସମ୍ପର୍କ କାଟନ୍ତି ତହି
ମୁକୁଳି ନ ପାରି ଭାଗ୍ୟେ ଦୋଷ ଦେଇ
ଲୁହଟି ଗଡାଏ ସେହି ।

ମିଛ ପାଖେ ବନ୍ଧା ପଡିଯାଏ ସିଏ
ସତ ବନ୍ଧା ପଡେ ତହିଁ
ବାବିଲା ବେଳକୋ ସବୁ ସରିଥାଏ
ଆଖି ଲୁହ ଥାଏ ରହି ।


ଜକା, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ନିବେଦିତା ପଣ୍ଡା



ମଣିଷକୁ ଆଜି ପାଉନି ବିଶ୍ୱାସ
ଦେଖି ତାର ମିଛ ପଣ,
ଗର୍ବ ଅହଂକାର ବୃଥା ଅଭିମାନେ
ଜଳୁଛି ହୃଦୟ ମନ।

ଦିବାଲୋକେ ଯେଉଁ ଘଟଣା ଘଟୁଛି
ଚାଲେ ମିଛ ଅଭିନୟ ,
ବାଡ଼ ଖାଇଯାଏ ଫସଲ ଏଇଠି
ଉପୁଜେ ଆଶଙ୍କା ଭୟ ।

ରକ୍ଷକ ସାଜିଛି ଭକ୍ଷକ ଯେଉଁଠି
ମିଛ ପାଶେ ବନ୍ଧା ସତ୍ୟ,
ଭ୍ରଷ୍ଟାଚାର ବଢି ବଢି ଚାଲୁଅଛି
ବଢେ ଅଧର୍ମ ଅସତ୍ୟ ।

ଘର ପରିବାରେ ଦ୍ୱନ୍ଦ ଓ କଳହ
ଅଲୋଡା ଯେ ପିତାମାତା,
ହଜିଲାଣି ସବୁ ମଣିଷ ପଣିଆ
ନାହିଁ ଆଉ ମଧୁରତା ।

ମନ୍ଦିରରେ ଯାଇ ପୂଜା ଦେଉଅଛି
ଜୀବନ୍ତ ଠାକୁର କାନ୍ଦେ,
ଧର୍ମ କରୁଛି କି ପାପ କରୁଅଛି
ଭାବେ ନାହିଁ ମନ ମଧ୍ୟେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଶୁ ପକ୍ଷୀ ଠାରେ ଦେଖିବାକୁ ମିଳେ
ମମତା ସଚ୍ଚୋଟ ଗୁଣ,
ଶ୍ରେଷ୍ଠ ଜୀବ ହୋଇ ଆଜିର ମଣିଷ
ପଶୁଠୁ ହେଲାଣି ହୀନ ।
ଜୀବ ଠାରେ ଦୟା, ନାମରେ ବିଶ୍ୱାସ
ମଣିଷର ମୁଖ ଧର୍ମ,
ହରାଇ ଦେଲାଣି ମଣିଷ ପଣିଆ
ଭୂଲି ତା' ଜନ୍ମର ମର୍ମ ।

ଆଜିର ମଣିଷ ଧର୍ମ, କର୍ମ ଭୂଲି
ଦୁଷିତ କରେ ଜୀବନ,
ସଂସାର, ସମାଜ, ରାଜ୍ୟ, ରାଷ୍ଟ୍ର କ୍ଷେତ୍ରେ
ସ୍ଥିତି ତ ଦୋଦୁଲ୍ୟମାନ ।।

ଅଜବ ଆଜିର ସମାଜର ନୀତି
ସତ୍ୟ ମିଛର ଫାଶରେ,
ସତ୍ୟର ପଥରେ ଶତ୍ରୁ ସଂଖ୍ୟା ବେଶୀ
ସବୁ ମିଳୁଛି ମିଛରେ ।

ସତ୍ୟର ପଥଟି ଅତିବ କଠିନ
ଯୁଗେ ଯୁଗେ ଜୟ ତାର,
ଧର୍ମ ଅଟେ ସତ୍ୟ ଜଗନ୍ନାଥ ସତ୍ୟ
ସତ୍ୟ ଯେ ଶିବ ସୁନ୍ଦର ।

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ବୀଣା ସାହୁ



ମିଛ ଏମିତି ଗୋଟିଏ ରାକ୍ଷସ
କରିଛି ସତକୁ ବଶ
ସତ କହିବାକୁ ଚେଷ୍ଟା କରେ ଯେବେ
ଅଭାବ ଜାଲ ବୁଣେ ଅଶେଷ ।

ରକ୍ତବିର୍ଜ ପରି ଜନ୍ମ ନେଇଥାଏ
ସତ କରେ ଅବଶୋଷ
ଥରେ ତା ସମ୍ମୁଖରେ ଯିଏ ପଡ଼ିଯାଏ
କରିଥାଏ ସର୍ବନାଶ ।

ମିଛ ପାଖେ ସତ ବନ୍ଧା ପଡିରହି
ହୁଏ ଖାଲି ଛଟପଟ
ମଣିଷ ଜୀବନ ସତର ଶୁଲଭ
ମିଛ ନ କରୁ ବିଭ୍ରାଟ ।

ସତ୍ୟର ସାରଥୀ ଯେ ଆପଣାନ୍ତି
ଜୀବନେ ମିଳଇ ଶାନ୍ତି
ମିଛ ମାୟା ଜାଲେ ଛନ୍ଦି ହୁଏ ଯିଏ
ଅନେକ ଯାତନା ପାଆନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସତ କହି ଦୋଷୀ ପାଏ ଦଣ୍ଡ

ମିଛ ହୁଏ ମୂକ ସାକ୍ଷୀ

ସତର ଆଲୋକ ଧିମି ଧିମି ଜଳେ

ମିଛର ମୂଳକ ଦେଖି ।

ସତ ଚିରନ୍ତନ ରହିଛି ରହିବ

ମିଛ ଦିନେ କବଳିତ

କଲ୍କୀ ଅବତାର ସଂହାର କରିବ

ସତ୍ୟ ହେବ ଉଦିତ ।

କଳିର ବିନାଶେ ସତ୍ୟର ପ୍ରକାଶ

ଉଇଁବ ନୂଆ ସୁରୁଜ

ପ୍ରଭୁ କୃପା ଧାଇ ତପ ଜପ ଫଳେ

ସତ ପାଖେ ମିଛ ହେବ ନିସ୍ତେଜ ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ଭାସ୍କର ରାଉତ



ଧର୍ମ କାନ୍ଦୁଛି ଆଜି ଧର୍ମ କାନ୍ଦୁଛି,
ମିଛ ପାଖେ ସତ ବନ୍ଧା ପଡ଼ିଛି ।।୦।।
ଦିନ ଦିନ ପହରେ ସର୍ବ ସମ୍ମୁଖରେ
ହରିଲୁଟ ଏବେ ଚାଲିଛି,
ସଭିଏଁ ଦେଖନ୍ତି କିଛି ନ କହନ୍ତି
ମୂକ ବଧିରସେ ସାଜିଛି ।
ନର ମାଂସ ନର ଭକ୍ଷେ ବାର ବାର
ନରଟା ଦାନବ ସାଜିଛି ।।
ଯୁବକ ଯୁବତୀ ନାହିଁ ମନେ ଭ୍ରାନ୍ତି
ନିଜ ପରମ୍ପରା ଭୁଲିଛି,
ଏକ ପତ୍ନୀ ପତି ବ୍ରତ ତେଜିଛନ୍ତି
ଇତର ପ୍ରେମକୁ ରସୁଛି ।
ସାମାଜିକ ସ୍ଥିତି ଭୟଙ୍କର ଅତି
ମୂଳଦୁଆ ଥରି ଉଠୁଛି ।।

କଳ୍କୀ ଅବତାର ହୁଅ ଚକ୍ରଧର
ଧରଣୀଟା ଭାସି ଯାଉଛି,
ସତ୍ୟ କୁ ଫିଟାଇ ମିଛକୁ ହଟାଇ
ଦେବାର ବେଳା ଆସିଛି ।
କରିଲେ ବିଳମ୍ବ ଧରଣୀ ବୁଡ଼ିବ
ଅତି ଆକୁଳରେ ଡାକୁଛି ।।

ଦେବମାୟା ଭବନ
ଶେରଗଡ଼ ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ଭରତବନ୍ଧୁ ବିଶ୍ୱାଳ



ମଉଳି ଯାଉଛି ମନ ସରସତା
ଜୀବନ ବିକାଶ ମିଛ ନାଟକ
ଠକୁଛି ନିଜକୁ ନିଜେ ହିଁ ମଣିଷ
ଯାଉଛି ସଙ୍କୁଚି ସତ୍ୟ ବ୍ୟାପକ ।
ହୃଦୟ ଆବିଳ ପୂତିଗନ୍ଧମୟ
ରାଗ ତମ ହିଂସା କପଟ ଛନ୍ଦେ
ଘାରିହୁଏ ପ୍ରାଣେ ମିଥ୍ୟା ମାୟାମୋହ
କୁଟିଳତା ଲୋଭ ମାତ୍ସର୍ଯ୍ୟ ମଦେ ।
ଗ୍ରାସେ ପ୍ରକୃତିକୁ ବିଷମ ବିକୃତି
ଶୁଷ୍କ ସବୁଜିମା ମମତା ପ୍ରେମ
ଛଳ ଅବିଶ୍ୱାସେ ଜୀବନର ଯାତ୍ରା
ଲାଗେ ଦୁର୍ବିସହ ପଥ ଦୁର୍ଗମ ।
ପାଇବାକୁ ବ୍ୟଗ୍ର କ୍ଷଣିକ ଆନନ୍ଦ
ମଣିଷ ନେଉଛି ମିଥ୍ୟା ଆଶ୍ରୟ
ହରାଇ ନିଜର ହିତାହିତ ଜ୍ଞାନ
କରେ ପ୍ରକୃତିକୁ ବିଷବଳୟ ।

ବୁଝୁନି ମଣିଷ ପ୍ରତିଟି ଜୀବନ
ଅଟଇ ଅମୂଲ୍ୟ ମହତ୍ତ୍ୱପୂର୍ଣ୍ଣ
ନୁହେଁ ସମାଧାନ ମିଥ୍ୟା ଭୋଗସୁଖ
ଜଟିଳ ସମସ୍ୟା କରେ ଉତ୍ପନ୍ନ ।
ସତ୍ୟ ଶାନ୍ତି ମୈତ୍ରୀ ପ୍ରୀତି ସଦ୍ଭାବନା
ହରାଇ ବସିଲେ ଭାବ ସମ୍ପର୍କ
ଦୁଃଖ ଅବସାଦେ ଜୀଇବ ମଣିଷ
ହେବ ସୁଖ ସ୍ୱପ୍ନ ଜୀବନ ନର୍କ ।
ସତ୍ୟ ମୂଲ୍ୟବୋଧ ହେଉ ହୃଦବୋଧ
ମିଛ ପାଖେ ସତ ନପଡୁ ବନ୍ଧା
ଯନ୍ତ୍ର କ୍ରିଡନକ ନହେଉ ମଣିଷ
ନଲଘୁ ସଂସ୍କାର ଶୀଳ ମର୍ଯ୍ୟାଦା ।

ଉପର ବରୁଆଁ , କବୀରପୁର, ଯାଜପୁର


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ସିନ୍ଧୁ ନନ୍ଦିନୀ



ବଦଳିଛି ଚିତ୍ର ଗାଁ ଠୁ ସହର
ରୀତି ନୀତି ବଦଳିଛି
ମିଛ ପାଖେ ସତ ବନ୍ଧା ପଡିଛି
ସମୟ ବାର୍ତ୍ତା ଦେଉଛି

ପ୍ରଗତି ପଥରେ ପ୍ରସଂଶାର ଧ୍ୱଜା
ଫରଫର ହେଇ ଉଡୁଛି
ନର ଦେବ କହି ନର ଜୀବନ ଖାଇ
ସ୍ୱଚ୍ଛ ରାଜନୀତି ଚାଲୁଛି

ଲୁଟି ଖିଆ ଏଠି ଖୁମ୍ପାଖୁମ୍ପି କରି
କଅଁଳ ମାଂସ ଖାଉଛି
ଖଟିଖିଆ ପୁଣି କାଲୁ ବାଲୁ ହେଇ
ବଞ୍ଚିବା ଆଶା ଛାଡିଛି

ନାରୀ ଧର୍ଷଣ ଆଉ ଚୋରି ଲୁଣ୍ଠନ
ସମାଜରେ ଆଜି ଗଢ଼ିଛି
କଦର୍ଯ୍ୟ କଦାକାର ଅସହିଷ୍ଣୁ ପ୍ରଶ୍ନରେ
ଜନତା ଘାଇଲା ହେଉଛି

ସବୁ ଯୋଜନା ପ୍ରତିଶ୍ରୁତି ପ୍ୟାକେଜ
ବାଟ ମାରଣା ହେଉଛି
ତଣ୍ଟି ଫଟେଇ ଭୋକ ବିକଳରେ
ଗରିବ ଚିତ୍କାର କରୁଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜନୀତିରେ ସାଧାରଣ ମଣିଷ
ଅସାଧାରଣ ପାଲଟିଛି
କ୍ଷମତା ଇଏ ସବୁ କରାମତି
ଅସଲ ମଗଜ ଜାଣିଛି

କେତେ କ୍ଷତି ସହି ରକ୍ତ ନିଗାଡ଼ି
ଶିଳାରୁ ପଦ୍ମ ଫୁଟୁଛି
ମୁଣ୍ଡ ଝାଳ କୁ ତୁଣ୍ଡରେ ମାରି
ଶ୍ରମିକ ଦଳିତ ହେଉଛି

ଗଣ ତନ୍ତ୍ର ସ୍ୱାଦ ଚାଖନ୍ତି ଧନୀଏ
ନିତି ଗରିବ ମରୁଛି
ମିଛ ପାଶେ ସତ ବନ୍ଧା ପଡିଛି
ଇଏ କି ଯୁଗ ଚାଲିଛି


ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ସୀମାଞ୍ଚଳ ପଣ୍ଡା



'ସତ'କୁ ପଛାଏ ମିଛ ଆଗେ ଧାଏଁ
କଳି କାଳେ ସତ ବଜାର ମାନ୍ଦା,
ସ୍ୱଚ୍ଛ ପଣ ହଜେ ମ୍ଳେଚ୍ଛତା ବିରାଜେ
ମିଛ ପାଶେ ସତ ପଡ଼ିଛି ବନ୍ଧା !

ପାପେ ଅନୁରାଗ ଛନ୍ଦ ମନ୍ଦ ଭାବ
ନୀତି ହୀନେ ଗତି କରେ ମାନବ,
ଅନୀତି ଆଚାର ଖଳ ଅତ୍ୟାଚାର
ଭ୍ରଷ୍ଟ ପଣେ ନଷ୍ଟ ପୁଣ୍ୟ ପ୍ରଭାବ,
ଚୋରୀ ଡକାୟତି ଠକ ଭଣ୍ଡ ରୀତି
ମିଛର କବଳେ ସକଳ ଧନ୍ଦା,
ସତକୁ ପଛାଏ ମିଛ ଆଗେ ଧାଏଁ
କଳି କାଳେ ସତ ବଜାର ମାନ୍ଦା !

ଡରିଲାଣି ସତ ହୁଏ ଭୟଭୀତ
ନୀରବେ ରହୁଛି ନ କହି କଥା,
ମୂକ ସନମତି ଅନ୍ୟାୟ ନିଷ୍ପତ୍ତି
ମାନେ ଗଣତନ୍ତ୍ର ନ ଟେକି ମଥା !

ସେବା ସହଯୋଗ ତ୍ୟାଗ ଅନୁରାଗ
ନାହିଁ ଦୟା କ୍ଷମା ସ୍ନେହ ସରାଗେ,
ଶାଶ୍ୱତ ସ୍ୱଭାବ ଶୂନ୍ୟ ଅନୁଭବ
ଭବେ ମୋହ ଜାଗେ ମିଛ ପ୍ରଭାବେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସତ ମାନେ ହାର ନୋହି ଆଗୁସାର
ବଣା କରି ଦିଏ ମିଛର ଫନ୍ଦା,
ସତ ପଣ ହଜେ ମ୍ଳେଚ୍ଛତା ବିରାଜେ
ମିଛ ପାଶେ ସତେ ପଡ଼ିଛି ବନ୍ଧା !

ସତ୍ୟର ପୂଜାରୀ ମିଛେ ହଜି କରି
ଖୋଜି ହୁଏ ତା'ର ଅସଲ ପଥ,
ମିଛେ ବଣାହୋଇ ନପାରେ ଆଗେଇ
ଚାଲି ପାରେ ନା ତା ଜୀବନ ରଥ !

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଡେଙ୍ଗାଡି, ଗଞ୍ଜାମ
୯୫୮୩୪୩୮୧୭୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମିଛ ପାଖେ ସତ ବନ୍ଧାପଡ଼ିଛି

ବାସନ୍ତୀ ଦେଈ



ସତ୍ୟ ତ୍ରେତୟା ଦ୍ୱାପର କଳିଯୁଗ
ବିଧାତା ପୁରୁଷ ଖେଳ
ସତ୍ୟ ଯୁଗରେ ସତ୍ୟ ରାଜୁତି ଥିଲା
କଳିରେ ମିଥ୍ୟା ପ୍ରବଳ ।।

ସଭ୍ୟତା ସଂସ୍କୃତି ଆଚାର ବିଚାର
ଯୁଗ କ୍ରମରେ ବଦଳେ
ସତ୍ୟ ମିଥ୍ୟା ନ୍ୟାୟ ଅନ୍ୟାୟ ପ୍ରବୃତ୍ତି
ବଦଳେ କଳିଯୁଗରେ ।।

ଏକ ପାଦ ସତ ତିନି ପାଦ ମିଛ
ସଦା ସତ ପଡ଼େ ଏଠି ବଳି
ସତ ଆଶ୍ରୟ କରୁଥିବା ଲୋକକୁ
ମିଛ ମାରେ ଜାଳି ଜାଳି ।।

ଆପଣା ସ୍ୱାର୍ଥକୁ ପୂରଣ କରନ୍ତି
ମିଛର ଆଶ୍ରୟ ନେଇ
ନିଜ ଖୁସି ପାଇଁ ସତକୁ ଲୁଚେଇ
ଅନ୍ୟର ତଣ୍ଟି ଚିପଇ ।।

ଏତ କଳି କାଳ ସଂସାର ନିୟମ
କ୍ଷଣ କ୍ଷଣକେ ବଦଳେ
ମିଛ ଜିତେ ଏଠି ଦଣ୍ଡ ପାଏ ସତ
ମିଛ ଦ୍ୱାରା ସତ ହାରେ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ୍ତ୍ରୀ ଠାରୁ ଯନ୍ତ୍ରୀ ନେତା ଅଫିସର
ଗାଆଁ ଟାଉଟର ଯେତେ
କ୍ଷମତା ଲାଳସା ଅନ୍ଧ କରିଦିଏ
ପରକୁ ପୀଡନ୍ତି କେତେ ।।

ମିଛ ଦୁର୍ନୀତିର ଘଣ୍ଟାଘର ସାଜି
କପଟ ପଶା ଖେଳନ୍ତି
ଅଧର୍ମ ଅନୀତି କରି ଅନାୟାସେ
ବାହାସ୍ଫୋଟ ମାରୁଥାନ୍ତି ।।

ଗର୍ବ ଅହଙ୍କାରେ ମିଛର ମଣିଷ
(ସତକୁ)ଆଖି ଠାର ମାରୁଅଛି
ମିଛ ପାଶେ ସତ ବନ୍ଧା ପଡ଼ିଅଛି
ସତ କଷଣ ଭୋଗୁଛି ।।

ସତ ଦୁନିଆରେ ମିଛର ପ୍ରଭାବ
ବେଶୀ ଦିନ ତିଷ୍ଠେ ନାହିଁ
କାଳଚକ୍ର ଗତି ଘୁରୁଅଛି ନିତି
ଶୂନ୍ୟେ ଅଦୃଶ୍ୟରେ ଥାଇ ।।

ଧର୍ମ ନିକିତିରେ ତଉଲ କରୁଛି
ସତ ମିଛ ପାପ ପୂଣ୍ୟ
ଧର୍ମ ଦରବାରେ ନ୍ୟାୟ ବିଚାରରେ
ମିଥ୍ୟାର ନାହିଁ ସ୍ଥାନ ।।

କୁହୁଡି ଯେସନେ ସୂର୍ଯ୍ୟକୁ ଲୁଚାଏ
କିଛି କ୍ଷଣରେ ଉଦୟ
ମିଛର ଆଶ୍ରୟ ବେଶୀଦିନ ନୁହେଁ
ସର୍ବଦା ସତ୍ୟର ଜୟ ।।

ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୁମ ଭାଷାଜ୍ଞାନ ଏତେ ଗୋଳିଆ

ରାଧାଶ୍ୟାମ ମହାନ୍ତି



ଭାବ ପ୍ରକାଶର ନିଶ୍ଚୟ ମାଧ୍ୟମ
ହୃଦୟେ ଜନମି ଥାଏ
ଭାଷାରୁ ବଞ୍ଚିତ ହୁଏ ଯେଉଁ ନର
ମାନବେ ଗଣା ନ ଯାଏ ।
ଅନ୍ୟକୁ କହିବା ଯେତିକି ସହଜ
ନିଜେ ପାଳନ କରିବା
କହିବା କରିବା କେତେଯେ ପାର୍ଥକ୍ୟ
ପାଳିଲେ ଯାଇ ଜାଣିବା ।
ଭାଷାର ମାଧୁର୍ଯ୍ୟ ଦିଏ ଶୀର୍ଷ ସ୍ଥାନ
ନଥାଏ ତାର ତୁଳନା
ପଟୁତା ବାଗ୍ମୀତା ନିଦର୍ଶନ ନାହିଁ
ନଥାଏ ପରିକଳ୍ପନା ।
ଭାଷା ହେଉଅଛି ଗର୍ବ ଓ ଗୌରବ
ତାକୁ ନ କରିବା ହୀନ
ତୁମ ଭାଷା ଜ୍ଞାନ ଏତେ ଯେ ଗୋଳିଆ
ତୁମେ ଏତେ ହୀନ ଜନ ।

ଅନ୍ୟର ଆଗରେ ନିଜ ପରିଚୟ
ସବୁ ହେବ ଅକାରଣ
କପଟ ଭାବକୁ ଆଗ ପରିହର
ସୃଷ୍ଟିର ଉଦାହରଣ ।
ମାତୃଭାଷା ପାଇଁ ସଦା ହୁଅ ବ୍ରତୀ
ସୃଷ୍ଟି ହେବ କୋଣାରକ
ଭାଷା ଜ୍ଞାନ ଆମ ନ ହେଉ ଗୋଳିଆ
କିପରି ହେବ ପ୍ରେରକ ।।

ଭୋଗରାଇ, ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାନ ତେଜ ମାନମୟୀ

ବିବାସିନୀ ପଟ୍ଟନାୟକ



ଆଗୋ ପ୍ରାଣେଶ୍ୱରୀ, ବ୍ରଜ ରାଜେଶ୍ୱରୀ
ମାନମୟୀ ପ୍ରିୟତମା,
ତୋର ଏହି ମାନ ଦହୁଛି ପରାଣ
ବିରହ ସହି ହୁଏନା ।
ହୁଅନା ଆଉ ନିଷ୍ଠୁର,
ମନ ମୋ ଅଥୟ ହୁଅନା ନିର୍ଦ୍ଦୟ
ତୋ ବିନା ସବୁ ଅସାର ।

ତୁହି ମୋର ପ୍ରାଣ,ତୁହି ମୋ ଜୀବନ
ବାତୁଳ ହୁଅଇ ମନ
ମଦନ ବାଣରେ ଅଙ୍ଗ ଜରଜରେ
ଦିଅ ତୁ ସୁରତିଦାନ ।
ଆଗୋ ମୋର ଚନ୍ଦ୍ରାନନୀ,
ରହିଲେ ମଉନ ଯମୁନାରେ ପ୍ରାଣ,
ଝାସିବ ଏ ବେଣୁ ପାଣି ।

ତୋରେ ମନ ପ୍ରାଣ ସବୁ ସମର୍ପିଣ
ରହିଛି ଯେଣୁ ଏ କାହ୍ନା,
ତୋ ଭିତରେ ମୁଁ,ମୋ ଭିତରେ ତୁ
ତୋତେ କି ଏହା ଅଜଣା ?
ଧରୁଛି ତୋହର ହସ୍ତ,
ଶୁଣିବା କଥାରେ ପରତେ ଯାଉ କି
ମତେ କରୁ ଅବିଶ୍ୱାସ ?

ରାଧା ବିନା କାହ୍ନା ଅଧୁରା ଟି ସିନା
ଏକଥା ଜାଣେ ଜଗତ,
ତୋ ବିନା ମୁହୂର୍ତ୍ତ ବଞ୍ଚିହୁଏନା ତ
ଚାହିଁ ଦେଖ ମୋର ମୁଖ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁମରି ତୋ କଥା ନିତି,
ହୋଇଲାଣି କ୍ଷୀଣ,ତନୁ ଦିନୁ ଦିନ
ଉପେକ୍ଷି ଦେଉ ସୁମୁଖୀ ।

ଶୁଣିବାକୁ କାନ ତୋ ମିଠା ବଚନ
ହୁଅଇ ଅତି ବିକଳ,
ଶ୍ୟାମ,ଶ୍ୟାମ ବୋଲି କେତେ ଛାଡେହୁରି
ହସି ବିମ୍ବୋଷ୍ଠ ତୋହର ।
ଆଜି ହେବାରୁ ମଉନ,
ଚତୁର୍ଦ୍ଦିଗ ମୋର ଘୋର ଅନ୍ଧକାର
ଲାଗୁଛି ଯେ ସବୁ ଶୂନ୍ୟ ।

ତୁହି ମୋର ଶକ୍ତି,ତୁହି ମୋର ଭକ୍ତି
ତୋ ବିନା ମୁଁ ଯେ ଅଚଳ,
ରାଧା ରାଧା ଡାକି ବଂଶୀ ଗଲା ଥକି
ତରଳେ ଯହିଁ ପଥର ।
ହୁଅନା ଏତେ ଦାରୁଣ,
କାହ୍ନା ଆଜି କାନ୍ଦେ ଡାକି ରାଧେ ରାଧେ
ମନୁ ଟିକେ ଛାଡ ମାନ ।

ଆଗୋ ପ୍ରାଣାଧିକା ମାନିନୀ ରାଧିକା
ବାରେ ହୁଅ ତୁ ସଦୟ,
ଧରୁଛି ଚରଣ ଦୋଷ କର କ୍ଷମ
ଫାଟିଯାଉଛି ହୃଦୟ ।
କୋମଳାଙ୍ଗୀର ଚରଣ,
ମଥାରେ ରଖିଲେ,ରାଧା ଚକିତରେ
ହୋଇଣ ସେ ଅଶ୍ରୁପୂର୍ଣ୍ଣ ।
କି କଲ କି କଲ ହୋଇଣ ଆକୁଳ
କୃଷ୍ଣ ବକ୍ଷେ ଶୀମସ୍ଥାନ।
ରଖି, ପ୍ରେମର ବଚନ,
କାହ୍ନା ବିନା କିବା ରାଧା ରହିପାରେ
ଆଗୋ ମୋ ଶ୍ୟାମରତନ ।
ଭାଙ୍ଗିଲା ରାଧାର ମାନ ।

କାଳୁପଡା ଘାଟ, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାନ ତେଜ ମାନମୟୀ

ସୌଦାମିନୀ ତ୍ରିପାଠୀ



ମଧୁର ମଧୁସୂଦନ ମଧୁର ପ୍ରେମେ ଦହନ

ମଧୁର ଅଧର ବିମଳିନ

ମଧୁ ବିମ୍ବାଧର ଶୁଷ୍କ ମଧୁ କୁଞ୍ଜେ ନିର୍ବାପକ

ମଧୁର ମଧୁ ଆଳାପହୀନ

ରେ ମଦାଳସା

ମଧୁଶୂନ୍ୟ ମଣି ମଧୁକୋଷା ।

ମତାନ୍ତର ମତଦ୍ୱୈଧ ମଣିବା ମତି ମଦାନ୍ଧ

ମଦନମୋହନ ମଦଳସ

ମଦୀୟ ମଦନଲେଖ ମଦନୀ କାମ ମଧୁକ

ମଦନପ୍ରିୟା ଅଭିଳାଷ

ରେ ମଧୁକରୀ

ମଧୁରସ ମଧୁରାସ ଶୀରି ।

ମକରନ୍ଦ ମକରିକା ମଣୀକାର ମଥାଟିକା

ମଂଜ ମଂଜରୀ ମନୋରମା

ମଟାଳିବା ମଠ ତେଜି କୋମଳାଂଗୀ ମାନ ତେଜି

ଆଲିଙ୍ଗନେ ଆଗୋ ମଧୁରିମା

ରେ ପ୍ରାଣସହୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଦନମୋହନ ହୃଦ ଦହୀ ।

କୁଞ୍ଜବନେ କୁଞ୍ଜ ଲତା କିଶଳେ କଳି ଶୋଭିତା

କୁହୁ ତାନେ କୋକିଳ କୁଜ୍ଜିତା

କୁଂକୁମ ଚନ୍ଦନ ବାସ ମଧୁବନେ ମଧୁରାସ

ମଦନ କାମଦ ପ୍ରଲେପିତା

ଲାବଣ୍ୟବତୀ

ପ୍ରତ୍ୟାଖ୍ୟାନ ତେଜ ମୌନାବତୀ ।

କୁରଙ୍ଗୀ ନୟନା ସହୀ ଲଳନା ଲାବଣ୍ୟା ମୋହି

ସିଂହକଟୀ ବୃଷଭାନୁ ବାଳୀ

କୁଜ୍ଝଟୀ ଯାମିନୀ ଅଂନ୍ତ ମଉଳି କୁଂଦ କୁମୁଦ

ସଜ୍ଜିତ କୁଞ୍ଜବନ ଦୋଳି

ରେ ଗଜଗାମିନୀ

ଯମୁନା କଦମ୍ବ ମୂଳ ଧନୀ ।

ପ୍ରୀତି ପୁଷ୍ପ ହୃଦେ ଥାପି କସ୍ତୁରୀ ଚନ୍ଦନ ଲେପି

ବରନା କାମିନୀ ଗୋ କାଞ୍ଚନା

ହୋଲି ରଂଗେ ପିଚକାରୀ ପାଦେ ଅଳତା ଆବୋଳି

ମୁଖବାସ ସୁବାସେ ଭରଣା

ହୃଦବଲ୍ଲଭା

ପରତେ ପରଶ ପ୍ରୀତି ଆଭା ।

ପ୍ରୀତି ସୁମନାସ କରି ପ୍ରେମ ଉଚ୍ଛ୍ୱାସରେ ଭରି

କ୍ଷଣେ କ୍ଷଣେ ଲକ୍ଷ୍ୟ ଚମକିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂପୁରର ରୁଣୁଝୁଣୁ  କଂଗନ  ବାଜେଣି ତାଲୁ
ଖନ ଖନ  ଶବଦେ  ଚକିତ
ଯମୁନା  ତୀରେ ଆଲକ୍ଷ୍ୟେ କଦମ୍ବ  ମୂଳେ ଉପକ୍ଷେ
ଖିନଭିନ  ବିଦାରିତ ହୃଦ
କୁଞ୍ଜ କାମିନୀ
ଲବଙ୍ଗଲତା  ଗୋ ଚାନ୍ଦିନୀ ।
ତେଜି ଶଠ ନକର ମଠ   ହୃଦ କରତ ଉଚ୍ଚାଟ
ମାନମୟୀ ରାଧିକା ରତନୀ
ତପୃର ତନ୍ୱୀ  କୋମଳି ଆଲିଙ୍ଗନେ ପ୍ରୀତି କେଳି
କୃଷ୍ଣ ସଖୀ ଗୋ ଗଜଗାମିନୀ
ଗୋ ମାନମୟୀ
ମାନ ତେଜ ଆଗୋ ପ୍ରାଣସହୀ ।

ଭୁବନେଶ୍ୱର : ୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆସ ମୋ ହୃଦୟ ଗୋପ

ସୌଦାଗର ବିଶ୍ୱାଳ



ତୁମେ ମୋ ପ୍ରେମର ପର୍ଣ୍ଣମୋଚୀ ବନ
ପତ୍ର ଝଡ଼ା ଦେବ ନାହିଁ
ହରିତ ସର୍ବଦା ମୋ ମନ କାନନ
ହରି ହରି ଭଜୁଥାଇ ।।

ଦୁଃଖ ସମୟରେ କେବଳ ଭଜେନି
ସୁଖେ ମଧ୍ୟ ସୁମରଇ
ଚନ୍ଦନ ଚର୍ଚ୍ଚିତ ତୁମରି ବେଶକୁ
କି ଅବା ଭୁଲି ପାରଇ ।।

ଖୋଳ ମରଦଳ ନଥାଉ ପଛକେ
ତାଳି ମୁଁ ହାତରେ ଦେଇ
ତୁମରି ନାମକୁ ଗାଇ ଗାଇ ମୁହିଁ
ଦିବା ନିଶ କାଟୁଥାଇ ।।

ସବୁ ଶୁଣି ତୁମେ ଅନୁନୟ ମୋ'ର
ଫେଡି ନିଅ ନାହିଁ କର୍ଣ୍ଣ
ମୋ ମନ କୁଞ୍ଜରେ ବିହର ବିଧାତା
ଝୁରି ଝୁରି ଜରାଜୀର୍ଣ୍ଣ ।।


ସପନ ନଗରେ ନିଇତି ଆସୁଛ
ଆସ ମୋ ହୃଦୟ ଗୋପ
ହୃଦୟେ ମୋହର ତୁମରି ନାମରେ
ଜଳୁଛି ପ୍ରେମ ପ୍ରଦୀପ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନେ ମନେ ଗୁଡ଼ ଖାଇ

ନିରଞ୍ଜନ ସାହୁ



ପୃଥିବୀ ପୃଷ୍ଠକୁ ଯେତେ ଆସିଛନ୍ତି
ଦେବତା ମାନବ ଅସୁର
ମାଆ ଖୀର ପିଇ ସବୁ ବଢ଼ିଛନ୍ତି
ମାଆ କ୍ଷୀର ବିନା ବେକାର

ମାଆ ଖୀର ଅଟେ ଅମୃତ ସମାନ
ମାନବ ଜୀବନ ପାଇଁ
ବୁଝିବା ଲୋକ ହିଁ ସହଜେ ବୁଝିବ
ଅବୁଝା ବୁଝିବ ନାଇଁ

ଗାଈ ଖୀର ଅଟେ ବହୁ ମୂଲ୍ୟବାନ
ଗରିବ ଛୁଆଟେ ପାଇଁ
ଖୀର ଟୋପେ ପାଇଁ ଡହଳ ବିକଳ
କିଣିବାକୁ ମୁଦ୍ରା ନାହିଁ

ସିଏକି ଜାଣିବ ଗାଈ ଖୀର ମୂଲ୍ୟ
ଜାପାଖରେ ଜ୍ଞାନ ନାହିଁ
ଗାଈ ଖୀର ନେଇ ମନ୍ଦିରରେ ଢାଳେ
ମନେ ମନେ ଗୁଡ଼ ଖାଏ

ଅନ୍ଧ ବିଶ୍ୱାସ ତ ଅନ୍ଧ କରିଦେଲା
କାହାକୁ କହିବି ମୁଇଁ
ଯଦି କହିଦେବି କଥା ସରିଯିବ
ରହୁଛି ମୁଁ ଚୁପ ହୋଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ ନିରଞ୍ଜନ କରେ ନିବେଦନ

ମୋ କଥା ଧରିବ ନାହିଁ

ଗୋମାତା କ୍ଷୀରକୁ ଗରିବେ ବାଣ୍ଟିବ

ଗରିବ କଲ୍ୟାଣ ପାଇଁ

ଗୋମାତା କ୍ଷୀରକୁ ଗରିବେ ବାଣ୍ଟିଲେ

ମହାଦେବ ଖୁସି ହୋଇବେ

ତୁମରି ଉପରେ ଆଶୀର୍ବାଦ ଢାଳି

ଛତ୍ରସାୟା ଦେଇ ରଖିବେ

ଗୁଡିଆ ପୋଖରୀ, ପିପିଲି

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଯୁକ୍ତ ଅକ୍ଷର : ଗୀତ ସମ୍ଭାର

କୁଳମଣି ବାରିକ



ଅନ୍ୟାୟ, ଅନୀତି, ଟାଣେ ବିପତ୍ତି,
କୁର୍ତ୍ତା, ଧୋତି ଆମ୍ଭ, ରଖେ ସଂସ୍କୃତି ।।
ଥଟ୍ଟା, ମଜା, ଆଦି, ନକର ଥରେ,
ଅଶ୍ୱତ୍ଥ ବୃକ୍ଷକୁ, ପୂଜନ୍ତ ନରେ ।।
ସନ୍ଥ କବି ଭୀମ ଭୋଇଙ୍କୁ ଚିହ୍ନ,
ସିଏ ଥିଲେ ପୁଣି ଜଣେ ବିଦ୍ୱାନ ।।
ଉଦ୍ଭବ ହୁଅଇ ମାଟିରୁ କୀଟ,
ଉଦ୍ଭିଦକୁ କେବେ ନରେନ କାଟ ।।
ବୁଦ୍ଧଦେବ ପାଳୁଥିଲେ ଅହିଂସା,
ବୁଦ୍ଧିଆ ନହେଲେ ବୁଡ଼ିବ ହଂସା ।।
ଦାନ୍ତକୁ ଘର୍ଷଣ ପ୍ରଭାତେ କର,
ଶାନ୍ତ ଶିଷ୍ଟ ଜନ ସବୁଠୁଁ ଭଲ ।।
ଆଦିକନ୍ଦ କୃଷ୍ଣ ଅଟେ ଗୋବିନ୍ଦ,
ତାଙ୍କ ପଦ୍ମ ଗଳେ ଯେ ମକରନ୍ଦ ।।
ବନ୍ଧୁ ମହାନ୍ତିଙ୍କ ବନ୍ଧୁ କହ୍ନେଇଁ,
ଦୁର୍ନୀତି କରିଲେ କାନ୍ଦିବ ଭାଇ ।।
ପୀଠୁଳି ଗୋଟିଏ ଛୋଟିଆ ଫଳ,
ପ୍ରସ୍ଫୁଟିତ ହୁଏ ଦୈନିକ ଫୁଲ ।।

ଏକରୁ ଅଧିକ ଅକ୍ଷର ଯୋଡ,
ଭଲ ଭଲ ଶବ୍ଦ ମାନସୁ ଗଢ ।।
ଉଦ୍ଭାବନ ହେଲା ଯେବେଟି କଳ,
ସୁଖରେ ଚଳିଲେ ସମସ୍ତ ନର ।।
ସମ୍ମାନ ଜଣାଅ ଗୁରୁଙ୍କୁ ଦେଖି,
ପୂଜାର୍ଚ୍ଚନା କର ବ୍ରାହ୍ମଣ ଡାକି ।।
ବାଲ୍ୟକାଳେ ବିଦ୍ୟା କର ଅର୍ଜ୍ଜନ,
ଧନୁର୍ଦ୍ଧର ଥିଲେ ସଖା ଅର୍ଜ୍ଜୁନ ।।
ଅର୍ଜ୍ଜନ କରନ୍ତୁ ଓଡ଼ିଆ ଭାଷା,
ହସି ଉଠିବଯେ ସାରା ଓଡ଼ିଶା ।।
କବି କୁଳମଣି ଓଡ଼ିଆ ଲୋକ,
ଓଡ଼ିଆରେ କଥା, କହେ ଦୈନିକ ।।


ଶିଶୁଆ, ସାଲେପୁର, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ କେମିତି ସୃଷ୍ଟି ହେ ଇନ୍ଦ୍ରଧନୁ

ବିଦ୍ୟୁତପ୍ରଭା ମିଶ୍ର



ବାଳୁତ ଆଖିରେ ତୁମେ କୁହୁକ
ଯୁବକ ନୟନେ ଭର ପୁଲକ
କେମିତି ତୁମର  ସୃଷ୍ଟି  ଇନ୍ଦ୍ରଧନୁ
ଆକାଶେ ଦେଖାଅ ଏତେ ଝଲକ ॥

ଝରୁ ଥାଏ ଯେବେ ମେଘର ଧାର
ସୂର୍ଯ୍ୟ ଢାଳୁଥାନ୍ତି କିରଣ ଭାର
ଦୁହିଁଙ୍କ ମିଳନ ଆକାଶ ବକ୍ଷରେ
ରଚିଥାଏ ସପ୍ତ ରଙ୍ଗ ସମ୍ଭାର ॥

ପ୍ରତିଫଳନରୁ ତୁମ   ସୃଜନ
ଲୁଚି ଥାଅ କାହିଁ ସୂର୍ଯ୍ୟ କିରଣ
ସବୁ ରଙ୍ଗ ମିଶି   ଧଳା ସିନା ଦିଶେ
ଜଳରେ ପଡିଲେ  ରଙ୍ଗେ ଶୋଭନ ॥

ତୋରଣ ପରାଏ ରୂପକୁ ଧରି
ସୂର୍ଯ୍ୟ ବିପରୀତେ  ହୁଅ ତିଆରି
ଧନୁ ଆକାରର ଦିଶୁଥାଅ ବୋଲି
ଇନ୍ଦ୍ରଧନୁ ବୋଲି ନାମ ତୁମରି ॥

ସପ୍ତ ରଙ୍ଗେ ତୁମେ  ଦିଶ ସୁସଜ୍ଜ
ବାଇଗଣୀ  ଘନନୀଳ ଡାପଛ
ନୀଳ ସବୁଜ ପୀତ ଲାଲ ସହ
ନାରଙ୍ଗୀ ଟି ଖଞ୍ଜା ତାହାର ଶେଷ ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଳପ ଆୟୁଷ ଅଟେ ତୁମର

ତଥାପି ମନକୁ କର ବିଭୋର

ଘଡ଼ିକରେ କାହିଁ ଲୁଚିଯାଇଥାଅ

ବରଷା କାଳରେ ଦେଖା  ମାତର ।।

ଜୀବନ ଟି ଆମ ଅଟେ ତୋପରି

ଦୁଃଖ ସୁଖ ମିଶା  ରଙ୍ଗକୁ ଧରି

ଜୀବନର ଅନ୍ତେ ଧବଳ ପାଉଁଶ

ଶେଷ ରୂପ ଅଟେ ପରା ଆମରି ।।

ତୋପରି ଆୟୁଷ ଅଳପ ଧରି

ବାଣ୍ଟୁଥିଲେ ଖୁସି ମନରେ ଭରି

ଝୁରୁଥିବେ ଲୋକ ଜଗତରେ ସିନା

ଏତିକି କାମନା ଥାଉ ମୋହରି ।।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ କେମିତି ସୃଷ୍ଟି ହେ ଇନ୍ଦ୍ରଧନୁ

ପଙ୍କଜିନୀ ଉପାଧ୍ୟାୟ



ପ୍ରକୃତି କୋଳରେ ଅନେକ ବୈଭବ
ପୂର୍ଣ୍ଣ ସୌନ୍ଦର୍ଯ୍ୟର ଖଣି
ବୈଶିଷ୍ଟ୍ୟ ବୈଚିତ୍ର୍ୟ ବିଭବ ବିକାଶ
ସୃଷ୍ଟି ସମ୍ଭାରର ମଣି ।

ଭାବ ଦୁନିଆର ସାମଗ୍ରୀ ସମୂହ
ଆନନ୍ଦର ଉଦ୍ଘୋଷଣ
ଉତ୍‌ଫୁଲିତ ମନ ପ୍ରବାହ ପ୍ରବଣ
ଅନୁଭବ ଅନ୍ତଃହୀନ ।

ପ୍ରଶ୍ନବାଚୀ ମନ ଅନ୍ୱେଷଣ ମୁଖି
ବାସ୍ତବର ପ୍ରତିଛବି
ଉଲ୍ଲାସ ଉଦ୍ଦାମ ଲବ୍ଧ ପ୍ରାପତିରେ
ଆନନ୍ଦର ଭାବ ଲଭି ।

ଇନ୍ଦ୍ରଧନୁ ଶୋଭା ଦେଖି ବିଭୋରିତ
ମନ ପ୍ରାଣ ଓ ଅନ୍ତର
ସପ୍ତବର୍ଣ୍ଣୀ ଏହି ସୁଷମା କାରଣ
ଭାବନାର ରୂପାନ୍ତର ।

ବର୍ଷା ଅବିଶ୍ରାନ୍ତ ବର୍ଷଣର ଅନ୍ତେ
ଆକାଶ ନିର୍ମଳ ବର୍ଣ୍ଣ
ଅଳ୍ପ ସମୟର ସୁବର୍ଣ୍ଣ ସୁଯୋଗ
କିଣି ନେଇଥାଏ ମନ ।


ବିଚିତ୍ର ବିଭବ ସୃଷ୍ଟି କର୍ତ୍ତା ଙ୍କର
ଯାହା ହୁଏ ଅନୁଭବ
କେମିତି ତୁମର ସୃଷ୍ଟି ଇନ୍ଦ୍ରଧନୁ
ହୁଏ ସତରେ ସମ୍ଭବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋତେ ସେହି ରୂପ ଦେଖାଅ ହରି

ବିନୋଦିନୀ ନାୟକ



ମୋତେ ସେହି ରୂପ ଦେଖାଅ ହରି
ଦିବାନିଶି ସ୍ମରେ ନାମ ତୁମରି.....
ସତ୍ୟଯୁଗେ ହରି ଯେଉଁ ରୂପ ଧରି
ଶୁଣିଥିଲ ପ୍ରହଲ୍ଲାଦ ଗୁହାରି... ମୋତେ ସେହି.....
ଦୈତ୍ୟ ହିରଣାକ୍ଷ ହୋଇଲା ବିମୁଖ
ସ୍ତମ୍ଭରୁ ବାହାରି ଦେଲ ବିଦାରି
ଭକ୍ତ ପ୍ରହଲ୍ଲାଦ ସ୍ତୁତିରେ ସନ୍ତୋଷ
ନୃସିଂହ ରୂପକୁ ଥିଲଟି ଧରି
ମୋତେ ସେହି ରୂପ ଦେଖାଅ ହରି....
ତ୍ରେତୟା ଯୁଗରେ ରାମ ଅବତାରେ
ଜନମିଲ ପ୍ରଭୁ ଅଯୋଧ୍ୟା ପୁରି
ଲଙ୍କାରେ ରାବଣ ବଧିଲ ଆପଣ
ଜନକ ନନ୍ଦିନୀ ସୀତା ଉଦ୍ଧାରି
ମୋତେ ସେହି ରୂପ ଦେଖାଅ ହରି.......
ଜନମ କାଳରେ ଏନ୍ତୁଡି ଶାଳରେ
ମାତା କଉଶଲ୍ୟା ଥିଲା ସୁମରି
ଶଙ୍ଖ,ଚକ୍ର,ଗଦା,ପଦ୍ମକୁ ଧରିଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚତୁର୍ଥୀ ରୂପକୁ ଥିଲଟି ଧରି
ମୋତେ ସେହି ରୂପ ଦେଖାଅ ହରି....
ଦେଖିଣ ଜନନୀ କରିଲେ ଦଇନୀ
ବାଲ୍ୟ ରୂପେ ଆସ ମୋ କୋଳେ ହରି
ମାତା କଥା ଶୁଣି ବାଲ୍ୟରୂପ ଘେନି
କୁଆଁ କୁଆଁ କରି ଛାଡିଲ ରଡି
ମୋତେ ସେହି ରୂପ ଦେଖାଅ ହରି.......
ଦ୍ୱାପର ଯୁଗରେ କୃଷ୍ଣ ଅବତାର
ଦୁଷ୍ଟ ବିନାଶନେ ଜାତ ତୁମରି
କଂସ,କେଶି ନାଶି ଉଦ୍ଧାରି ଧରତ୍ରୀ
ଉଗ୍ରେସନ ଶିରେ ବାନ୍ଧିଲ ଶାଢି
ମୋତେ ସେହି ରୂପ...............
ବାଳୁତ ବେଳରେ ଯମୁନା କୂଳରେ
ଗୋପବାଳ ସହ ରଚିଲ କେଳି
କାଳନ୍ଦି ହ୍ରଦରେ କାଳିୟ ଦଳିଲ
ରକ୍ଷା କଲ ତା ଶରଣ ସମ୍ଭାଳି
ମୋତେ ସେହି ରୂପ................
କଦମ୍ବ  ମୂଳରେ ଗୋପୀଙ୍କ ମେଳରେ
ରାସଲିଳା କଲ ରାଈଙ୍କୁ ଧରି
ନିଷ୍କାମ ସେ ଭାବ ପ୍ରେମେ ହୁଏ ଲାଭ
ଏକ ଗୋପି ଏକ କୃଷ୍ଣଙ୍କ ଯୋଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋତେ ସେହି ରୂପ................

ଭାରତ ଯୁଦ୍ଧରେ ଅର୍ଜୁନ ରଥରେ

ସାରଥି ହେଲ ସତ୍ୟ ରକ୍ଷା କରି

ଦେଇ ଗୀତାଜ୍ଞାନ ନାଶିଲ ଅଜ୍ଞାନ

ଦେଖାଇଲ ବିଶ୍ୱରୂପ ତୁମରି

ମୋତେ ସେହି ରୂପ...............

ଏ କଳିଯୁଗରେ ନୀଳକନ୍ଦର ରେ

ବସିଅଛ ଭାଇ ଭଗିନୀ ଧରି

ବାରମାସେ ତେର ଯାତରା ତୁମର

ଦର୍ଶନରେ ପାପି ଯାଆନ୍ତି ତରି

ମୋତେ ସେହି ରୂପ...........

ଶରଣ ରକ୍ଷଣ ହେ ଚକାନୟନ

କରୁଛି ଜଣାଣ ପୟରେ ପଡି

ନକର ଅନ୍ତର ଆହେ ଆଦିମୂଳ

ଦିଅ ପାଦେ ସ୍ଥାନ ନିଜର କରି

ମୋତେ ସେହି ରୂପ ଦେଖାଅ ହରି

ଦିବାନିଶି ସ୍ମରେ ନାମ ତୁମରି..........

ଛତ୍ରପୁର,ଗଞ୍ଜାମ, ୯୭୭୭୯୩୮୦୯୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଣତନ୍ତ୍ରନାମା

ଦେବାଶିଷ ଚକ୍ରବର୍ତ୍ତୀ



ଭୋଟ୍

******

ସୈତାନ୍ ସାଧୁ ବେଶ ଧରି ପାରେ

ଭୋଓଟ ଖାଳେଇ ଭରିବା ପାଇଁ

ଭୋଓଟ ସରିଲେ ନିମିଷେ ଲଗେନି

ପୁରୁଣା ରୂପ କୁ ଫେରିବା ପାଇଁ ।

ନାଉରୀ

*******

ଏନ୍ତୁଡ଼ି ରୁ ଜୁଇ ଭାଗ୍ୟ ଦୁଆରେ

ନିରାଶା ର ତାଲା ରହିଛି ଝୁଲି

ତଥାପି ନିଇତି ଘୋଷି ହେଉଅଛୁ

ଆମରି ନାଆ ର ଆମେ ନାଉରୀ।

ବିଧାନ

******

ଆଇନ ଆଖିରେ ସଭିଏଁ ସମାନ

ସମ୍ବିଧାନେ ସିନା ହେଇଛି ଲେଖା

ଆକାଶ କଇଆଁ ଚିଲିକା ମାଛ ଙ୍କୁ

ଏକାଠି କି ସଦା ମିଳଇ ଦେଖା ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜନତା

******

ଭୋଟ୍ ଖାଲେଇ ଭରିବାକୁ ସିନା
ଜନତା ଙ୍କ ମନ ଜିଣିବା ଲୋଡ଼ା
ତେଣିକି ବାଇଜି ଅଟିକା ପରିକା
ହୁଅନ୍ତୁ ପଛେ ସେ ପୂରା ଅଲୋଡ଼ା।

ବୋକା

*****

କଅଁଳକୁହାଏ ସହଜ ରେ ସିନା
ପାରନ୍ତି ଲୋକଙ୍କୁ ବୋକା ବନେଇ
ସବୁଦିନ ପାଇଁ ସମସ୍ତଙ୍କୁ ବୋକା
ବନେଇବାକୁ ତା ସାଧ୍ୟ କାହିଁ ?

ମଣ୍ଡୁଆ, କେନ୍ଦୁଝର ଗଡ
ମୋ -୯୪୩୭୭୫୨୩୯୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପୁନର୍ବାର

ବନ୍ଦନା ମହାପାତ୍ର



ଜନମ ଭୂଇଁର ମୁକ୍ତି ପାଇଁ ଯିଏ
ଅସାଧ୍ୟ ସାଧନ ଯେତେ
ନିଜ ଜୀବନକୁ ବାଜି ଲଗେଇକି
ଭାରତ ମୁକ୍ତି ନିମନ୍ତେ,
ସ୍ୱାଧୀନତାର ମୂଲ୍ୟ ହେବ ରକ୍ତ
ଦିଲ୍ଲୀର ପଥ ହେବ ସ୍ୱର୍ଗ ପଥ
ଦିଲ୍ଲୀ ଚଲୋ ଅଗ୍ନି ବର୍ଷୀର ସ୍ରୋତେ
ଇଂରେଜ ବିରୁଦ୍ଧେ ଆଜାଦ ହିନ୍ଦ ଫୌଜ
ଯୁଦ୍ଧ ଡାକରା ଦେଇଥିଲ ସତେ
ହେ ଭାରତ ମାତାର ସୁସନ୍ତାନ
ଧରିତ୍ରୀ ଖୋଜୁଛି କେତେ ।
ଓଡିଶା ମାଟିର ବୀର ସନ୍ତାନ
ବିତାଇ ଶିଶୁ କୈଶୋର ଯୌବନ
କଟକ ସହର ଓଡ଼ିଆ ବଜାର
ମା ପ୍ରଭାବତୀ ବାପା ଜାନକୀଙ୍କ.
କରିଲ କୋଳ ମଣ୍ଡନ
ଅଠରଶହ ଜାନୁୟାରୀ ତେଇଶି
ତାରିଖ ଦିନ ଉତ୍କଳ ମାଟି ମହାନ
ବିପ୍ଲବୀ ଜାତୀୟ ବୀର ସତେ
ଭାରତ ମାତା କାନ୍ଦେ ପିଟି ମଥା
ଖୋଜୁଛି ଆଜି ନିରତେ।।
ପୁନର୍ବାର ଆସ ହେ ଅଗ୍ନି ପୁରୁଷ
ଭାରତ ଦୁର୍ଦ୍ଦଶା ନେତ୍ରେ ।
ପ୍ରବଳ ପରାକ୍ରମୀ ବୀରବିଚକ୍ଷଣ ବୁଦ୍ଧି
ଅସୀମ ଶକ୍ତି ଓ ସାହସ ର ଅଧିକାରୀ
ତୁମ ତେଜଦୀପ୍ତ ଓଜସ୍ୱିନୀ ଭାଷଣେ
ଦେଶପ୍ରେମ ଥିଲା ଭରି,
"ଜନନୀ ଜନ୍ମଭୂମି ସ୍ୱର୍ଗାଦପି ଗରୀୟସୀ"
ମନ୍ତ୍ରକୁ ଦୀକ୍ଷା କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଶ ମାତୃକା ପାଇଁ

ଥିଲ ଜାଗ୍ରତ ପ୍ରହରୀ,

ଓହ୍ଲାଇ ଆସିଲେ ବୃଦ୍ଧ ଠୁଁ ଯୁବକ

ଗୋରା ସରକାର ଗଲା ଡରି

ରକ୍ତ ଦିଅ ରକ୍ତ ନିଅ

ଆଜି ଝୁରୁଛି ସେ କଥା ସୁମରି

ଭିଜି ଲୁହ ଲୋହୁ ସ୍ରୋତେ

ଖୋଜୁଛି ଆଜି ଧରିତ୍ରୀ କେତେ ।

ଅନ୍ୟାୟ ଅନୀତି ଦୁର୍ନୀତି ର ହାଟ

ନାହିଁ କାହା ମନ ସର୍ବେ ନିଜ ସ୍ୱାର୍ଥ

ମରି ମରି ବକ୍ଷେ ମୁଣ୍ଡେ ଦେଇ ହାତ

ମହାସମର ହେଲା କି ଆଗତ

ଦେଖ ରହି ସ୍ୱର୍ଗ ପଥେ

ଖୋଜୁଛି ଭରତ ଖୋଜୁଛି ପ୍ରତି କୋଣ

ପୁନର୍ବାର ଆସ ମରତେ

ହେ ଭରତ ସୁସନ୍ତାନ

ଏହି ପ୍ରାର୍ଥନା ତବ ପାଦଗ୍ରତେ

ପୁନର୍ବାର ଆସ ଏ ମରତେ ।।

ହେ ଜାତିର ହିରୋ

ଅଗ୍ନିପୁରୁଷ ଦେଶପ୍ରେମୀ

ଭାରତମାତା ଖୋଜୁଛି କେତେ ।।

ବ୍ରହ୍ମପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୂଆ ଦିଶା

ଶିବାଜୀ ବାହିନୀପତି



ଥିଲୁ ତୁ ଅଚିହ୍ନା  ଅଜଣା ଠିକଣା
 ତଥାପି ଆସିଲୁ ତୁ
ନଥିଲୁ ବାନ୍ଧବୀ କେଜାଣି କେମିତି
ତୋତେ ଭଲପାଏ  ମୁଁ ।

ଯେବେଠୁ ଆସିଲୁ ଜୀବନରେ ମୋର
ବଦଳିଲା ସବୁ ଦିଶା
ସେବେଠୁ ତୁ ମୋର ବଞ୍ଚିବାର ହେଲୁ
ନୂଆ ଆଶା ଓ ଭରଷା ।

ପ୍ରଥମ ଦେଖାଟା ଜଗାର ଧାମରେ
ହୋଇଥିଲା ଯୋଉ ଦିନ
ବେଳାଭୂମିର ସେ ସାଗର ଆଗରେ
ଲେଖିଥିଲି ତୋର ନାମ ।

ପ୍ରଥମ ଛୁଆଁତ ଦ୍ୱିତୀୟ ଦେଖାରେ
 ଜାଗରରେ  ହୋଇଥିଲା
ପ୍ରେକ୍ଷାଳୟରସେ  ଅନ୍ଧାର ଭିତରେ
 ମୋ ହାତେ ତୋ ହାତ ଥିଲା ।

ଯେଦିନୁ ତୁ ମୋତେ ଲାଗିଲୁ ନିଜର
ତିଆରିଲି ନୂଆ ଦିଶା
ସେବେଠୁ ତୁ ମୋର ବଞ୍ଚିବାର ହେଲୁ
ନୂଆ ଆଶା ଓ ଭରଷା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଦୀକୂଳର ସେ ସରୁଆ ରାସ୍ତାଟି
ମନେ ପଡେ ସବୁ ଦିନ
ଯୋଉଠି ତୋ ଆଖି ଲାଜେଇ ଯାଏରେ
ସବୁ ଦେଖେ ସେଇ ଜହ୍ନ ।

ମରୀଚିକା ଠାରୁ ଦୂରେଇଲି ବୋଲି
ତୋତେ ମୁଁ ଖୋଜି ପାଇଛି
କେହି ନ ଜାଣିଲେ ତୁ ତ ଜାଣିଚୁ
ଧଉଳିବି ସାକ୍ଷୀ ଅଛି ।

ଜଗତର ନାଥ ଜଗନ୍ନାଥ ପୁଣି
ଦେଖାଇଲେ ନୂଆ ଦିଶା
ସେବେଠୁ ତୁ ମୋର ବଞ୍ଚିବାର ହେଲୁ
ନୂଆ ଆଶା ଓ ଭରଷା ।

କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା
୮୨୪୯୫୮୦୩୭୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚାହାଣୀ କହୁଛି କାହାଣୀ ତୁମର

ଶିଶିର କୁମାର ପଣ୍ଡା



ଚାହାଣି କହୁଛି କାହାଣୀ ତୁମର
ଯାହା ଘଟିଥିଲା ଆଗରୁ
ନିଜକୁ ଏଯାଏ ଲୁଚେଇ ପାରିନ
ତୁମର କଳଙ୍କ ଦାଗରୁ ।
ଯେତେ ଯାହା ତୁମେ କାଣ୍ଡ କାରଖାନା
ଘଟେଇଛ ଯୁବା ବେଳରେ
କେତେ ଖୁସି ତୁମେ ନ ହୋଇଛ କୁହ
ହରେଇକି ପ୍ରେମ ଖେଳରେ ।
ବଦଳେଇ ତୁମେ ଚାଲିଛ ପ୍ରେମିକ
ଗୋଟେପରେ ଗୋଟେ ଚାଖିକି
କିଏବା ଜାଣିବ ଏଇଗୁଣ ତୁମ
ଦେଖିଲେ ନିରୀହ ଆଖିକି  !

ମତେ ଫସେଇଲ ଚେହେରା ଦେଖେଇ
ଦେଖିଥିଲି କେତେ ସପନ
ଭାବିଲେ ସେକଥା ମନେ ଆସେ ବ୍ୟଥା
ହୃଦୟରେ ଉଠେ କମ୍ପନ ।
ଏବେ ଭୁଲିଯାଇ ପୁରୁଣା କଥାକୁ
ଘର କର କାହା ସାଥିରେ
ମୁଉଁ ବି ହସିବି ମିଛ ମିଠାହସ
ସବୁ ଦୁଃଖ ଚାପି ଛାତିରେ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରଙ୍ଗର ସ୍ୱାଦ ଲୁଣି

ଶୁଭଶ୍ରୀ ରାଉତ

ଛୁଁ ଛୁଁ ନୀଳ ଅବିରକୁ
ତମେ ପାଲଟିଗଲ ସମୁଦ୍ର ।

ବନ ପାହାଡର ନୀଳ ନିଳିମା ରୁ
ଭସେଇ ଆଣିଥିବା ରଙ୍ଗ
ମୁଁ ଢାଳିଦେଲି ତୁମ ମୁହାଣ ମୁହଁରେ ।

ମୁଁ ମିଠା ନଇ
ସବୁ ଚିପୁଡ଼ି ଦେଲାପରେ
ଲୁଣି ।

ଚାରିବାଟିଆ, କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅନ୍ୟକୁ ନଦେଖି ନିଜକୁ ଦେଖ

କଳ୍ପନା ବିନ୍ଧାଣୀ



ଅନ୍ୟକୁ ନ ଦେଖି ନିଜକୁ ଦେଖ
ନିଜ ଭୁଲ ଆଗ ସୁଧାରି ଶିଖ।
ଈଶ୍ୱରଙ୍କ ସୃଷ୍ଟି ଅଟେ ସୁନ୍ଦର
ନିଜ ଦୃଷ୍ଟିଖୋଣେ କର ବିଚାର।
ଅନ୍ୟର ଦୋଷକୁ କରି ପ୍ରକାଶ
ବଢାଉଛୁ ଆମେ ଘୃଣ୍ୟ ଅଭ୍ୟାସ।
ନିଜ ବ୍ୟବହାର କଲେ ମାର୍ଜିତ
ସାଧିପାରିବତ ସମାଜେ ହିତ।
ଅନ୍ୟକୁ ତଉଲନି ନିଜ ସହ
ପର ସଂପଦରେ ରଖନା ମୋହ।
ମନେ ଥାଉ ନିଷ୍ଠା ଓ ପରାକାଷ୍ଠା
ସଦା ଜାରିରଖ ନିଜ ପ୍ରଚେଷ୍ଟା ।
ଆପଣା ହୃଦୟେ ଅଛି ସୁଗୁଣ
ନିରେଖି ତାହାକୁ ପରଖି ଆଣ ।

ପାରିବ ତୁମେବି ଶିଖର ଚଢି
ମନବୋଳେ ଯିବ ସାହସ ବଢି ।
ନିଜ ମଧ୍ୟ ଅଛି ଅମୂଲ୍ୟ ଧନ
ତା'ସୁବିନିଯୋଗେ ମିଳେ ସମ୍ମାନ।
ନିଜ ଦୃଷ୍ଟିକୋଣ କଲେ ମହାନ
ସଂସାରେ ଲଭିବ ସୁଖଟି ଜାଣ।
ଅନ୍ୟକୁ ନ ଦେଖି ନିଜକୁ ଦେଖ
ହସି ହସାଇବା ଗୁଣକୁ ଶିଖ ।

ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜନ୍ମମୃତ୍ୟୁର ଲୁଚକାଳି ଖେଳ

ଅନ୍ନପୂର୍ଣ୍ଣା ପାଲ



ନୁଣ୍ଡାଏ ନିଆଁରେ ଏହି ଶରୀରଟା
ପୋଡି ପାଉଁଶ ହୋଇ ଯାଏ
ଯୁଗ ଯୁଗର ସ୍ତୁପୀକୃତ ଐଶ୍ୱର୍ଯ୍ୟର ପାହାଡ଼
ମଶାଣି ଭୂଇଁର ଦରପୋଡା କାଠ ।।

ଆଉ ମେଞ୍ଚା ମେଞ୍ଚା ପାଉଁଶ
ସ୍ମୃତି ଆଉ ଅଭିଜ୍ଞତା ପାଲଟି ଯାଏ
ଆମ ଏ ଦୁନିଆର ରଙ୍ଗ ମଞ୍ଚରେ
ଜୀବନର ଯନ୍ତ୍ରଣା କାମନା ଓ ଅନୁରାଗ ।।

ସବୁକିଛି ଭରିଯାଏ ଏହି ଜୀବନରେ
ଗଙ୍ଗଶିଉଳୀ ରାତିରେ ଜନ୍ମ ହୋଇ
ଦିନରେ ଝଡି ପଡେ
ମଣିଷର ଜୀବନ ଗଙ୍ଗଶିଉଳୀ ପରି ।।

ଜନ୍ମ ହେବାପାଇଁ କେତ ଯେ ତପସ୍ୟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜନ୍ମ ହୋଇ ସାରିଲେ

ମୃତ୍ୟୁ ପାଇଁ ଅପେକ୍ଷା

ଗଙ୍ଗଶିଉଳୀ ପରି ଝଡି ପଡୁଥିବା

ଜୀବନ ଫୁଲକୁ କିଏ ବା

ସାଇତି ରଖି ପାରିବ ।।

ସୁଖ ଦୁଃଖ, ହସ କାନ୍ଦ ଦୁନିଆରେ

ଉତ୍‌ଫୁଲିତ ଚେତନାକୁ

କିଏ ପୁଞ୍ଜି କରିପାରିବ

ଯାଯାବର ପରି ବାୟା ଚଢ଼େଇଟା

ତାଳଗଛର ବାହୁଙ୍ଗାରେ ଝୁଲି ପଡେ ।।

କୋଳେଇ ନିଏ ଅନିଶ୍ଚିତ ଭବିଷ୍ୟତ

ସକଳ ଝଡ ଝଞ୍ଜା କୁ

ମଣିଷ ତାର ଜୀବନକୁ ବାୟା ଚଢ଼େଇ ପରିସବୁ ଝଡଝଞ୍ଜାକୁ ସହି

ଅପେକ୍ଷା କରେ ମଶାଣିର ଜୁଇକୁ ।।

ଜୀଅନ୍ତା ଶବର କଞ୍ଚା ବାଉଁଶର କୋକେଇକୁ

ଠିକ୍ ଏଇ ସମୟରେ ନିଆଁ ଅପେକ୍ଷା କରି ରହି ଥାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଉ, ନଦୀ ଚାହିଁ ରହିଥା ତା କୂଳକୁ

କେତେ ବେଳେ ମୁଠେ ପାଉଁଶ ଆଣି ।।

ବେଳାଭୂମିକୁ ଛୁଇଁବ ମୃତ୍ୟୁଟା ଏହି ପରି

ଜୀବନରେ କେତେ ବେଳେ ଆସି ଯାଏ ତା'ର ସମୟ କାଳ ନଥାଏ

ଏହି ହେଉଛି ଜନ୍ମ ମୃତ୍ୟୁର

ଲୁଚକାଳିଖେଳ ।।

ପାଟକୁରା, କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନାରାୟଣ ମଧୁସୂଦନ

ସୁରେନ୍ଦ୍ରନାଥ ଖଣ୍ଡୁଆଳ



ତୋତେ ଭଜି ଭଜି ମୋର ନ ବୁଝେ ମନ
ନାରାୟଣ ମଧୁସୁଦନ ,
ତୋତେ ଡ଼ାକି  ଡ଼ାକି ମୋର ନ ବିତେ ଦିନ
ଜଗନ୍ନାଥ ହେ ଦାରୁବ୍ରହ୍ମ ...।।୧।

ତୁହି ମୋର ଆଖିର ତାରା ,
ତୁହି ପରା ରଙ୍ଗ ପସରା ,
ଦେଖି ଚକା ଆଖି ମନ ଯାଏ ଲାଖି
ଭକତ  ଶଙ୍ଖାଳୀ ହୃଦ ଚନ୍ଦନ....।।୨।

ମାଗୁନାହି ମୋତି ମାଣିକ ,
ମାଗେ ନାହିଁ ସରଗ ଚାନ୍ଦ ,
ତୋ ଅଧର ହସ ମନ କରେ ତୋଷ
ଜଗତ କରତ୍ତା ବିଶ୍ୱ ମୋହନ.....।।୩।

ଲୋଭ ନାହିଁ ଅଭଡ଼ା ଅନ୍ନେ ,
ହୀରା ଲୀଳା ମୋତି ସୁବର୍ଣ୍ଣେ ,
ତୋ ଟଙ୍କ ତୋରାଣି ହୃଦ ନିଏ କିଣି
ଲୀଳାମୟ ପ୍ରଭୁ ହେ ଜନାର୍ଦ୍ଦନ ...।।୪।

ନୁହେଁ ମୁଁହି ତୋ ଶ୍ରେଷ୍ଠ ଭକ୍ତ ,
କି ଦରବେ ତୋଷିବି ନାଥ ,
ନୁହେଁ ମୁଁ ସୁଦାମା ନୁହଁଇ ଦାସିଆ
ଭକତିର ଅର୍ଘ୍ୟ କରେ ଅର୍ପଣ...।।୫।

ଅଧମ ସୁରେନ୍ଦ୍ର ଭଣଇ ,
ତୁମ୍ଭ ଦିବ୍ୟ ନାମକୁ ଗାଇ ,
ଜୟ ଜଗନ୍ନାଥ ଜୟ ଜଗନ୍ନାଥ
ତୁଣ୍ଡେ ମହାମନ୍ତ୍ର ତୋହରି ନାମ.....।।୬।

ଶିକ୍ଷକ, ନୂଆଗାଁ ବ୍ଲକ, ନୟାଗଡ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପରମ ଜ୍ୟୋତି

ମନୋଜ କୁମାର ଭୋଇ



ସେ ପରମ ଜ୍ୟୋତି ପରମାତ୍ମା ରୂପେ
ବିରାଜିଛନ୍ତି ଶରୀରେ
ସେ ଅଲିଭା ଦିପେ ଧ୍ୟାନ କଲେ ଜୀବ
ଲୀନ ହେବ ରଙ୍ଗାଧରେ ।

ଜ୍ଞାନର ପ୍ରକାଶେ ଅଲିଭା ଦୀପରୁ
ଈଶ୍ୱରଙ୍କ ସତ୍ତା ପ୍ରାପ୍ତ
ଜ୍ଞାନାଲୋକେ ଉଦ୍ଭାସିତ ଚତୁର୍ଦିଗ
ପରମ ଚେତନା ବ୍ୟାପ୍ତ ।

ପରମବ୍ରହ୍ମ ସେ ଜ୍ଞାନର ଆଧାର
ଅଲିଭା ପ୍ରଦୀପ ସମ
ଘନ ଅନ୍ଧକାରୁ ଆଲୋକ ଦେଖାନ୍ତି
ଦେଇ ସର୍ବେ ଦିବ୍ୟଜ୍ଞାନ ।

ଆହେ ନିରାକାର ତ୍ରିଗୁଣ ବିକାର
ସଂସ୍ଥାପିଛ ଏ ଶଯ୍ୟଳ
ତୁମେ ପରଂବ୍ରହ୍ମ ଆହେ ଅଣାକାର
ତୁମେ ଅଟ ଆଦିମୂଳ ।

ଦୟାକର ଆହେ ପରମ କାରଣ
ଦୁଃଖହାରି ଦୟାବନ୍ତ
ପାପ ନାଶି ଧର୍ମ କର ସଂସ୍ଥାପନ
ପଦ୍ମପାଦେ ପ୍ରଣିପାତ ।

ଟିକାବାଲି, କନ୍ଧମାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦେଓଝର

ରଶ୍ମିରେଖା ସାହୁ



ପାହାଡ଼ଛାତିରୁ ତମେ ବହିଆସ
କଳକଳ ସୂର ଧାର,
ସେ ଧାର ସାଥିରେ ଧରା କଷଟି
ରୂପ ବଦଳାଏ ତାର ।
ଗଛଲତା ଭରା ସବୁଜିମା ଆଭା
ଦିଶେ ଭାରି ଦାଉ ଦାଉ,
ତମକୁ ଦେଖିଲେ ଜୀବନ ପଶୁଛି
ତୁ ପଥରରେ ଧାଉଁ ଥାଉ ।
ପଥର କଷଣ ରୋକିବି ପାରେନି
ସାଗର ସପନ ତୋର,
ମିଶିବାକୁ ତୁହି ପୂର୍ଣ୍ଣ ଶରୀରରେ
ହେଉ ଥାଉ ତର ତର ।
ଶୀତଳ ଜଳତୋ ବୁଝି ସେ ପାରଇ
ଶୁଖିଲା ତଣ୍ଟିର ଭାଷା,
ସେ ଜଳରେ ତୋର ମୁଣ୍ଡକୁ ବୁଡ଼େଇ
ତୃପ୍ତ ମୋ ପ୍ରେମର ନିଶା ।

ଝର ଝର ହୋଇ ଝରି ଯାଉ ତୁହି
ନାମ ତୋର ଦେଓଝର,
କାକଟ ର ମାଟି ଧନ୍ୟ ହୋଇଯାଏ
ଆକର୍ଷଣ ଦେହ ତା'ର ।
ପ୍ରକୃତିର ତୁହି ଅନାଦି ଅନନ୍ତ
ଅଳଙ୍କାର ପରି ଶୋଭା,
ତୋତେ ପାଇ କରି ଶରୀରଟି
ଦିଶେ ଭାରି ମନ ଲୋଭା ।
ଶାନ୍ତ ହୋଇଗଲା ନୟନ ମୋହର
ତୋତେ ଥରେ ଦେଖିଦେଲି,
କ୍ଷଣିକ ଭିତରେ ମନ ମୋହିଦେଲୁ
ପ୍ରେମ ରେ ତୋ ବୁଡ଼ିଗଲି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରଣମାମି ଶ୍ରୀ ଜଗନ୍ନାଥ

କାହ୍ନୁ ଚରଣ ପାଣିଗ୍ରାହୀ



ଯିଏ ରୂପ ମଧ୍ୟରେ ଅରୂପ
ସୀମା ମଧ୍ୟରେ ଅସୀମ
ଆଦି ମଧ୍ୟରେ ଅନାଦି
ନିର୍ଗୁଣ ନିରାକାର
ସୂକ୍ଷ୍ମ ଭିତରେ ସୂକ୍ଷ୍ମତମ
ଗଣ ଙ୍କ ଭିତରେ ଗଣ ଦେବତା
ଯାତ୍ରା ମଧରେ ରଥଯାତ୍ରା
ଯିଏ ଅପାର ଅମୃତ
ଅମ୍ଳାନ ଓ ମାନବିକତାର
ଏକ ଜ୍ୱଳନ୍ତ ଉଦାହରଣ
ଗତି ମୁକ୍ତିର କାରଣ
ଓମ୍ କାର ଯହିଁ ଶବ୍ଦ ରୂପ
ସେହି ନାମ ହିଁ ଜଗନ୍ନାଥ ।

ଯିଏ ନକ୍ଷତ୍ରରେ ଚନ୍ଦ୍ର
ବେଦରେ ସାମବେଦ
ଦେବରେ ଇନ୍ଦ୍ର
ପର୍ବତରେ ସୁମେରୁ
ସେନାପତିରେ କାର୍ତ୍ତିକେୟ
ସିଦ୍ଧିରେ ଗଣେଶ
ଶସ୍ତ୍ରରେ ବଜ୍ର
ନାଗରେ ଶେଷନାଗ
ଦୈତ୍ୟରେ ପ୍ରହଲ୍ଲାଦ
ପକ୍ଷୀରେ ଗରୁଡ
ଶେଷ ଓ ଆରମ୍ଭର କେନ୍ଦ୍ରବିନ୍ଦୁ
କର୍ମ ଜ୍ଞାନର ଚରମ ବିନ୍ଦୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଜଗତର ମୂଳାଧାର
ସେ ନାମ ହିଁ ଜଗନ୍ନାଥ ।

ଯିଏ ବନ୍ଧୁ, ସଖା, ସୁହୃଦ
ଯେ ବୈରୀଗଞ୍ଜନ ଦୁଃଖନାଶନ
ଦୀନବନ୍ଧୁ ଦୈତ୍ୟାରି
ଯିଏ ଅତୀତ ର ଅତୀତ
ଭବିଷ୍ୟତର ଭବିଷ୍ୟତ
କାଳର କଳାକାର
ଜୀବନ ନାଆର ନାବିକ
ଯିଏ ଜ୍ଞାନର ଗଣିତ
ସେ ହିଁ ପ୍ରଭୁ ଜଗନ୍ନାଥ ।

ଯିଏ ବିନ୍ଦୁ ଭିତରେ ସିନ୍ଧୁ
ପୁଣି ସିନ୍ଧୁ ଭିତରେ ବିନ୍ଦୁ
ଯିଏ ଏକ ରହସ୍ୟମୟ
ଅଚିନ୍ତ୍ୟ ଚେତନା
ଯିଏ ସର୍ବଧର୍ମ ସମନ୍ୱୟ
ଭାବର ଦେବତା
ଆଉ ଯାହାର ସ୍ୱରୂପ
ଏଯାଏଁ ଜାଣି ବି ହୋଇନି
ସେ ନର କି ଦେବତା
ଯିଏ ତତ୍ତ୍ୱ କି ଧର୍ମ
ଦର୍ଶନ କି ବିଶ୍ୱାସ
ବ୍ୟକ୍ତି ନା ଅନୁଷ୍ଠାନ
ସିଏ ଇଚ୍ଛାମୟ ସତ୍ୟ ସନାତନ
ସେ ନାମ ହିଁ ଜଗନ୍ନାଥ ।

ସତ୍ୟବିହାର,  ରସୁଲଗଡ଼, ଭୁବନେଶ୍ୱର



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଗା ମୋ ଜୀବନ

ଏଲିଜା ଜେନା



ସରଗର ଚାନ୍ଦ ମାଗୁନି କାଳିଆ
ମାଗୁଛି ଶରଧା ତୋର
ଭକତର ଭାବ ନ୍ୟୁନ ଭାବିବୁନି
ତୁ ବନ୍ଧୁ, ସଖା, ସହୋଦର ।

ତୋ ଛାୟା ତଳ ମୋ ଆଶ୍ରୟସ୍ଥଳ
ଶୀତଳ ସମୀର ସମ
ନ ଆସୁ ପ୍ରମାଦ କର ଆର୍ଶୀବାଦ
ନହେଉ ଜୀବନ ବିଷମ ।

କରି ଲକ୍ଷ ଭେଦ ଢାଳିଦେ ପୀୟୁଷ
ଅଡେଇ ନେ ମୋ ତରୀ ,
ସବୁ ସମସ୍ୟାର ତୁ ଅଟୁ ସମାଧାନ
ତୋ'ପରି କେ ନୁହେଁ ସରି ।

ମରୁ ମରିଚିକା ଏ ଜୀବନ ଝାଞ୍ଜିରେ
ତୁ ତ ଅମୃତର ଧାରା
ସମୟ ଆବର୍ତ୍ତେ ଧରି ଭିନ୍ନ ରୂପ
ଦୁଃଖ ଦୂର କରୁ ପରା ।

ସଜଫୁଲ ବାସ୍ନା ଭରିଦେ ଜୀବନେ
ମହ ମହ ହେଉ ମନ
ସତ୍ୟର ନେପଥ୍ୟେ ଚାଲୁଥିଲି ମୁହିଁ
ଭଜି ଭଜି ତୋତେ ଧନ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସଂଗ୍ରାମୀଙ୍କ ସଂଗ୍ରାମୀ ସୁଭାଷ ବୋଷ

ଚିତ୍ରାରାଣୀ ପାତ୍ର



ନାମଟି ସାଥିରେ ଗୁଣର ମହକ
ମନେ ପଡ଼ିଯାଏ ଆଜି,
ହେ ମାଟି ମାଆର ବୀର  ସନ୍ତାନ
 କେଉଁଠାରେ ଗଲ ହଜି ? ।।

ସୁବାଷ ଜୟନ୍ତୀ ପାଳୁଛୁ ସଭିଏଁ
ତୁମ ଯଶ ଗୁଣ ଗାଇ,
ବୀର ପ୍ରସବିନୀ ଭାରତ ମାତାର
ଉପଯୁକ୍ତ ପୁତ୍ର ହୋଇ ।।

ଦିଲ୍ଲୀ ଚୋଲୋର ଡାକରାକୁ ଦେଇ
ଜୀବନକୁ ବାଜି ରଖି,
କର ଅବା ମର ସ୍ଲୋଗାନକୁ କହି
ନେଇଗଲ ସର୍ବେ ଡାକି ।।

ଓଜସ୍ୱିନୀ ତୁମ ବକ୍ତୃତା ଶୁଣି
ଯବାନ ତାତିଲେ ଯେତେ,
ହେଲା ବଳଶାଳୀ ତୁମରି ଫଉଜ
ଫିରିଙ୍ଗି ଡରିଲେ ସେତେ ।।

ଦେଶ ମାତୃକାର ସୁଯୋଗ୍ୟ ସନ୍ତାନ
ତୁମେ ଥିଲହେ ସୁବାଷ,
ଆଜିର ଦିନକୁ ସ୍ମରଣରେ ରଖି
ଜନ୍ମ ତିଥି  ପାଳେ ଦେଶ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାନୁଆରୀ ମାସ ତେଇଶ ତାରିଖ
ଥିଲା ତୁମ ଜନ୍ମ ଦିନ,
ହେଲେ ତୁମେ କେବେ ହେଲ ଅନ୍ତର୍ଦ୍ଧାନ
ଜାଣିଲେନି କେହି ଜନ ।।

ତଥାପି ଏ ଦେଶ ଝୁରୁଛି ତୁମକୁ
ଯେତେ ବୀର ଗାଥା ଗାଇ,
ଭୁଲିବନି କେବେ ତୁମ ପ୍ରେମ ଥିଲା
ଦେଶର ସ୍ୱାଧୀନ ପାଇଁ ।।

ଶେଷ ରକ୍ତ ବିନ୍ଦୁ ଥିବା ଯାକେ ତୁମେ
ବୀର ପରି ଲଢ଼ିଥିଲ,
ତୁମ ପରି ଆଉ ନିର୍ଭୀକ ନେତା
ଆଉକି ଆସିଲେ ଭଲ ? ।।

କୃତାଞ୍ଜଳି ପୁଟେ ଦେଇ ଶ୍ରଦ୍ଧାଞ୍ଜଳି
ପ୍ରଣତି ଜଣାଉ ଆଜି,
ଉପରେ ଥିଲେବି ଦେଇ ଆଶୀର୍ବାଦ
ଚଲାଅ ତୁମର ବାଜି ।।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନେତାଙ୍କର ନେତା ବୀର ନେତାଜୀ

ରମେଶ ଟାକ୍ରୀ



କଟକ ସହର    ନିଜ ଜନ୍ମ ଘର
    ନେତାଙ୍କର ନେତା ଥିଲ
ତୁମ ଅବଦାନ    ଥିଲାଟି ମହାନ
    ଏ ଦେଶ ଭକତ ହେଲ ।୧।

ହେ ସୁଭାଷ ବୋଷ    କରିଲ ପ୍ରୟାସ
    ଭାରତ ସ୍ୱାଧୀନ ପାଇଁ
ଏକଦା ଆଣିଲ    ସଂଗଠନ କଲ
    ଦିଲ୍ଲୀ ଚଲୋ ଡାକଦେଇ ।୨।

କହି ଜୟ ହିନ୍ଦ୍    ଏ ଆଜାଦ୍ ହିନ୍ଦ୍
    ଫଉଜ ଗଠନ କରି
ସଂଗଠନ କଲ    ସାହସ ବି ଦେଲ
    ମାତୃଭୂମି ନାମ ଧରି ।୩।

ସ୍ୱାଧୀନତା ପାଇଁ    ରକ୍ତ ଦିଅ କହି
    ସାହସର ବାର୍ତ୍ତା ବହି
ଦେଇ ନୂଆ ଆଶା    ଯୋଗାଇ ଭରସା
    ରହିଛ ଆମର ହୋଇ ।୪।

ସ୍ୱାଧୀନ ସଂଗ୍ରାମୀ    ଥିଲ ଦେଶ ପ୍ରେମୀ
    ନେତାଙ୍କ ବୀର ନେତାଜୀ
କରିଛ ଲଢ଼େଇ    ଜନ୍ମଭୂମି ପାଇଁ
    ଭାରତ ସ୍ୱାଧୀନ ଆଜି ।୫।

ନାହାନ୍ତି ନେତାଜୀ    ଏ ଜଗତେ ଆଜି
    ବିମାନରେ ଗଲେ ହଜି
ଜୀବନ ହଜିଲା    ଆଶା ମଉଳିଲା
    କେହି ପାରିଲେନି ଖୋଜି ।୬।

ଏ ବି ଇ ଓ ତେନ୍ତୁଲିଖୁଣ୍ଟି
ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନେତାଙ୍କର ନେତା ବୀର ନେତାଜୀ

ରବିନାରାୟଣ ମିଶ୍ର



ବାସ୍ତବରେ ସିଏ ଥିଲେ ନେତାଜୀ
ବ୍ରିଟିଶଙ୍କ ସାଥେ ଲଗାଇ ବାଜି ।୦।
ଇଂରେଜ ଆଖିରୁ ନିଦ ହଜାଇ,
ଗଢ଼ିଲେ ଫଉଜ ଦଳ ସେ ପାଇଁ ।୧।
ସ୍ୱରାଜ ଦଳ ସେ ନିଜେ ଗଢିଲେ,
ଦେଶ ସ୍ୱାଧୀନତା ପାଇଁ ଲଢ଼ିଲେ ।୨।
ବ୍ରିଟିଶ ଶାସନୁ ଚାକିରୀ ଛାଡ଼ି,
ସ୍ୱାଧୀନତା ପାଇଁ ଦେଲେ ସେ ରଡ଼ି ।୩।
ବାର ବାର କଲେ କାରା ବରଣ,
ସହିଥିଲେ ପୁଣି କେତେ କଷଣ ।୪।
ଫରୱାର୍ଡ ବ୍ଲକ ନୂତନ ଦଳ,
ଲଗାଇଲେ ସବୁ ଶକତି ବଳ ।୫।
ବିଦେଶରୁ ପାଇ ସେ ସମର୍ଥନ,
ମୁକ୍ତ ଭାରତର ଦେଲେ ଆହ୍ୱାନ ।୬।
ସ୍ୱାଧୀନତା ଦେବେ ରକ୍ତ ବଦଳେ,
ତାଙ୍କ ଡାକରାରେ ସର୍ବେ ମିଳିଲେ ।୭।
ସୁଦୂର ଜର୍ମାନୀ ରେଡିଓ ବାଣୀ,
ସଂଗ୍ରାମ ପାଇଁକି ହେଲେ ଅଗ୍ରଣୀ ।୮।
ଯୁଦ୍ଧ ବନ୍ଦୀଙ୍କୁ ସେ କଲେ ଏକତ୍ର,
ସ୍ୱାଧୀନ ଡାକରା ଦେଲେ ସର୍ବତ୍ର ।୯।
ପ୍ରଥମେ ସ୍ୱାଧୀନ ଆଣି ଦେଶରେ,
ଚକିତ କରିଲେ ସାରା ବିଶ୍ୱରେ ।୧୦।
ଅବଦାନ ତବ ଭୁଲିବୁ ନାହିଁ,
ନେତାଜୀ ତୁମର ତୁଳନା ନାହିଁ।୧୧।
ନେତାଙ୍କର ସିଏ ଥିଲେ ଯେ ନେତା,
କେମିତି ଭୁଲିବେ ଦେଶ ଜନତା ।୧୨।

ଘଣ୍ଟେଶ୍ୱର, ଭଦ୍ରକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନେତାଜୀ ସୁଭାଷ ବୋଷ

ବଟକୃଷ୍ଣ ପଣ୍ଡା



ସୁଯୋଗ୍ୟ ସନ୍ତାନ   ଉତ୍କଳ ମାତାର
ଦେଶ ସଂଗ୍ରାମୀ ମହାନ
ତୁମରି ଆହ୍ୱାନ   ଆଜି ମନେ ପଡେ
ତୁମେ ଦେବାର ସ୍ଲୋଗାନ ।

ସ୍ୱାଧୀନତା ଯଦି   ନବାର ଅଛିରେ
ମୋତେ ତୁମେ ରକ୍ତଦିଅ
ଫିରିଙ୍ଗି ତଡିବା   ଦେଶରୁ ଆମର
ଏକାଠିରେ ଠିଆ ହୁଅ ।

ଓଡିଆ ଜତିର   ହେ ବୀର ପୁଙ୍ଗବ
ତୁମେତ ମହାପୁରୁଷ
କଟକ ସହରେ   ଜନମ ଲଭିଲ
ନେତାଜୀ ସୁଭାଷ ବୋଷ ।

ପିତା ଯେ ଜାନକୀ   ମାତା ପ୍ରଭାବତୀ
କୋଳ କରିଲ ମଣ୍ଡନ
ଉତ୍କଳ ପ୍ରଦେଶ   ଧନ୍ୟ ହୋଇଗଲା
ପାଇ ସୁଯୋଗ୍ୟ ସନ୍ତାନ ।

ଜାତୀୟ କଂଗ୍ରେସ   ସଭାପତି ଥାଇ
ନପୂରିଲା ତୁମ ମନ
ଗାନ୍ଧିଜୀଙ୍କ ସହ   ମତ ଭେଦ ବଳେ
ଆଜାଦ ହିନ୍ଦ୍ ଗଠନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱରାଜ ରୂପରେ   ଖବର କାଗଜ
କଲ ତୁମେ ପ୍ରକାଶନ
ହୋଇଣ ନିର୍ଭିକ   ଖବର ପ୍ରକାଶ
କରିଣ ହେଲ ମହାନ ।

ଆଜାଦ୍ ହିଇନ୍ଦ୍  ଫୌଜକୁ ତୁମେତ
ଦିଲ୍ଲୀ ଯିବାକୁ ଡାକିଲ
ଦିଲ୍ଲୀ ଚଲୋ ଦିଲ୍ଲୀ   ଚଲୋ ସ୍ଲୋଗାନରେ
ବହୁ ଯୁବକ ମାତିଲେ ।

_ତୁମେ ଜାଣିଥିଲ   ଜନତା ଯନ୍ତ୍ରଣା_
ବିଦେଶୀ ଶାସନ ଗାଥା
ଭାରତ ମାଟିର   ପରାଧିନ ଦେଖି
ଘୂରାଇଲା ତୁମ ମଥା ।

ଦିଅ ଦିଅ ମୋତେ   ରକ୍ତଯେ ବିନ୍ଦୁଏ
ଦେବି ମୁହିଁ ସ୍ୱାଧୀନତା
ପ୍ରତି ଭାରତୀୟ   ହୃଦରେ ବୁଣିଲ
ଦେଶ ପ୍ରେମର ବାର୍ତ୍ତା ।

ଫେରି ଆସ   ମୋର ହେ ପ୍ରିୟ ନେତାଜୀ
ରଖ ମୋ ଦେଶର ମାନ
ସ୍ୱାଧୀନ ହୋଇବି   ପରାଧୀନ ଆମେ
ହେଉଛୁ ନିତି ଶୋଷଣ ।

ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାକ୍ଷୀ ତୋର ଚକାଆଖି

ଡଃ ତାନଶ୍ରୀ ପାଣିଗ୍ରାହୀ



ଆହେ ଜଗବନ୍ଧୁ ହେ କରୁଣା ସିନ୍ଧୁ
ମିଛମାୟା ଏ ଜଗତ
ହେ ଚକାନୟନ ପ୍ରଭୁ ବିଶ୍ୱପ୍ରାଣ
ତୁମେ ହିଁ ତ ଏକା ସତ୍ୟ...

କେଉଁ ପୁଷ୍ପ ଦେଇ ପୂଜିବି ତୁମକୁ
ତୁମେ ତ ଭକତପ୍ରାଣ
କେଉଁ ଚନ୍ଦନରେ ସଜାଇବି ନାଥ
ତୁମେ ମୋ ହୃଦଚନ୍ଦନ...

କେଉଁ ଭୋଗ ପ୍ରଭୁ ଦେବି ମୁଁ ତୁମକୁ
ସବୁ ତ ତୁମରି ଦାନ
କେଉଁ ଅଳଙ୍କାରେ ସଜାଇବି ମୁହିଁ
ତୁମେ ତ ଅମୂଲ୍ୟ ରତ୍ନ...

କେଉଁ ରୂପ ତୁମ ଆଙ୍କିବି ହେ ପ୍ରଭୁ
ଖୋଜେ ମୋ ବେନି ନୟନ
ତୁମେ ହିଁ ସୃଷ୍ଟି ତୁମେ ହିଁ ବିଲୟ
ତୁମେ ହିଁ ସର୍ବ ମହାନ...

ରତନ ବେଦୀରେ ବସିଛ କାଳିଆ
ସବୁ ତ ପାରୁଛ ଦେଖି
ପାପ ପୁଣ୍ୟ ମୋର ତୁମରି ବିଚାର
ସାକ୍ଷୀ ତୁମ ଚକା ଆଖି ॥

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋନାଲିସା

ବସନ୍ତ କୁମାର ସାହୁ



ଚିତ୍ରପଟରେ ଦୁନିଆ  ବୁକୁରେ
ହସକୁରୀ ଝିଅ  ମୋନାଲିସାକୁ
ବିଶ୍ୱ ବ୍ରହ୍ମାଣ୍ଡେ ତାପରି ସୁନ୍ଦରୀ
ବଳିଯିବ କିଏ  ତାର ରୂପକୁ ॥
ଗୁଣ କିଏ  ଚିହ୍ନେ  ଚିତ୍ର ପ୍ରତିମା
ଆଖିକୁ ସୁନ୍ଦର ଦୁନିଆ ଦାଣ୍ଡେ
ଇଏ ଆଶ୍ଚର୍ଯ୍ୟ ମୋନାଲିସା ହସ
ସୀତା ପରି ଝିଅ ସୁନ୍ଦରା କାଣ୍ଡେ ॥
କୁମ୍ଭ ମେଳାରେ ମାଳା ରୁଦ୍ରାକ୍ଷ
ନୀଳ ନୟନାର ପରୀ ରାଇଜେ
ପ୍ରୟାଗରାଜ ରେ ଫିଦା ହୋଇଲେ
କେମିତି ବିକିବ ମାଳା ସେ ନିଜେ ॥

ବଲିଉଡ୍ ଠୁ ହଲିଉଡ ଯାଏ
ଶାଦି ପାଇଁ କେତେ ପ୍ରସ୍ତାବ ଆସେ
ରାତାରାତି ସିଏ  ତାରକା ବନେ
ଟି ଭି ପରଦାରେ ମୁହଁଟା ଦିଶେ ॥
ମୁଖ୍ୟ ସମ୍ବାଦ  ହେଡ ଲାଇନରେ
ନାମଟି ତାହର  ଆଗରେ ରହେ
ନୀଳ ନୟନାର  କରୁଣ ଚାହାଁଣୀ
ହରୀଣ ଆଖିଟା କଥାରେ କହେ ॥
ଶବ୍ଦରେ କିମ୍ବା କବିତା ମାଧ୍ୟମେ
ତା ରୂପ ବିଭବ କିଏ ବର୍ଣ୍ଣିବ
ଜଣେ ହସରେ ଜଣେତ  ଆଖିରେ
ମୋନାଲିସା ନାମ ପୃଥୀ ଗାଇବ ॥

ଦେଉଳି, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃଭୂମି ପାଇଁ ପଦେ ଅଧେ

ଡଃ ସ୍ୱର୍ଣ୍ଣଲତା ଲେଙ୍କା



ସାଧାରଣତନ୍ତ୍ର ଦିବସ ଆଜି (୭୬ତମ)
ପଲ୍ଲୀଠୁ ଦିଲ୍ଲୀ  ପାଳନ
ଫରଫର  ଉଡେ ଜାତୀୟ ପତାକା
ଭାରତର ସ୍ୱାଭିମାନ ..।
ସ୍ୱାଧୀନତା  ମୁକତି ମନ୍ତ୍ର ଗାଉଛି
ଆଜି ସବୁ ଭାରତୀୟ
ବନ୍ଦେ ମାତରଂ ଧ୍ୱନି ଆଜି ଗଗନେ
ପବନେ ହୁଏ ମୁଖରିତ ।
ଅତିତ ଯାଇଛି ଚାଲି ସେ କଥା
ହୁଏନା  ମନରୁ ଭୂଲି
ପରାଧିନ ଶୃଙ୍ଖଳ ଖୋଲିଛି ହାତୁ
ଗର୍ଵ କରିବା ସ୍ୱାଧିନ ବୋଲି ।
ଯେଉଁ ବୀରଙ୍କ ପାଇଁ ଏ ସ୍ୱାଧୀନତା
ସେମାନଙ୍କୁ  ଶ୍ରଦ୍ଧାଞ୍ଜଳି
କୋଟି ପ୍ରଣାମ ଆଜି ଦେଶଭକ୍ତଙ୍କୁ
କେବେ ନ ଯିବୁ ଭୂଲି ।

ଅମର ସେ ବୀର ଯୁଗ ଯୁଗ ପାଇଁ
ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ
ଇତିହାସ ଗାଉଥିବ ଅମର କିର୍ତି
ରଖିଲେ ମା'ର ଟେକ ।
୧୯୫୦ ମସିହା ଜାନୁଆରୀ ଛବିଶି
ଆଇନ ପ୍ରଣୟନ ହେଲା
୭୬ତମ ସାଧାରଣତନ୍ତ୍ର ଦିବସ
ଆଜି ପାଳନ ହେଲା ।
ଆମେ ଚଳାଉଛୁ ଦେଶକୁ  ଆମରି
ପ୍ରତ୍ୟକ୍ଷ ଶାସନ କରି
କେବେଠୁ ଗଲାଣି ଫିରିଙ୍ଗି ଶାସନ
ଆମ ହାତେ ଆମ ଡୋରି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ ଭାରତ ଆମ ଗର୍ବ ଗୌରବ
ଆମେ ଭାରତ ମା'ର ସନ୍ତାନ
ଆମ ସଂବିଧାନ ଆଇନ  ଆମକୁ
ଦେଖାଏ ଶାସନ ବାଟ ।
ଜୟ ଜବାନ ଜୟ କିଷାନ ଜୟ
ବିଜ୍ଞାନ ଧ୍ୱନିକୁ ଦେଇ
ଧୀରେ ଧୀରେ ଦେଶ ଯାଏ ଆଗେଇ
ଆମ ଆଇନ ଅନୁଯାୟୀ ।
ଚାଲ  ଭାଇ ଭଉଣୀ ଭାରତ ବାସୀ
ପ୍ରଗତି ପଥେ  ଆଗେଇ
ସୁନାର ଭାରତ ଗଢିବାର ସ୍ୱପ୍ନକୁ
ସାକାର କରିବା ପାଇଁ ।
ହୋଇ ପାରିବାନି ତ ଗାନ୍ଧୀ ନେହେରୁ
ଆଦି  ସଂଗ୍ରାମୀଙ୍କ ପରି
ଆମେ ପରା ସେଇ ମାନଙ୍କ ଦାୟାଦ
କେବେ ଯିବାନି ଡରି ।

ଆବାଳ ବୃଦ୍ଧ ବନିତା ଯୁବପିଢି
ଆସ ଅଣ୍ଟାକୁ ଭିଡ଼ି
ରଖିବା ମା'ର ଟେକକୁ ଏ ବିଶ୍ୱରେ
ପ୍ରତି ରକ୍ତବିନ୍ଦୁ ଢାଳି ।
ଉଡୁ ଥାଉ ଫରଫର ଜାତୀୟ ପତାକା
ଶତ୍ରୁ ଯିବ ଦେଖି ଟଳି
ଆମେ ଗାଉଥିବା ଜାତୀୟ ସଙ୍ଗୀତ
ଉନ୍ନତି ର ପାହାଚ ଚଢି ।
ଭାରତ ମାତା କି ଜୟ.....

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କୁହ କୁହ ଭାବଗ୍ରାହୀ

ଦିବାକର ନାୟକ



ଦୁଃଖ ଦେଲେ ଦୁଃଖ ନାହିଁ   ହେଲେ ଦୁଃଖ ଏଥିପାଇଁ
ଏ ଦେହରେ ଅଛୁ ତୁହି   କେମିତି ପାରିବୁ ସହି
ସତ କୁହ ଜଗନ୍ନାଥ
ଚିନ୍ତା ମୋର ସେଥିପାଇଁ (୦)

ନର ଦେହେ ନାରାୟଣ   ରୂପେ କରିଛୁ ତୁ ବିଜେ
ସବୁ ତୁ କରି କରାଉ   କହିଅଛୁ ପରା ନିଜେ;
ତୋ ଇଶାରା ପାରେ ନାହିଁ   ଦେଖି ସିନା ଖାଲି ଆଖି
ହେଲେ ଗୀତା, ଭାଗବତ   ଅଛି ହୋଇ ମୂକ ସାକ୍ଷୀ;
ତୁହି ଆତ୍ମା, ପରମାତ୍ମା   ତୁହି ଦେହ, ତୁହି ଦେହୀ...
ଦୁଃଖ ଦେଲେ ଦୁଃଖ ନାହିଁ   ହେଲେ ଦୁଃଖ ଏଥିପାଇଁ (୧)

ନିଜ ପାଇଁ ବଞ୍ଚିବାକୁ   ଦେଇ ନାହୁଁ ଏ ଜୀବନ
ଆନ ସୁଖେ ହସିବାକୁ   ଶିଖେଇଛୁ ଦେଇ ଜ୍ଞାନ;
ସବୁ ଘଟେ ତୁ ହସିଲେ   ହସିବି ମୁଁ ତାହା ଦେଖି
ମୁଁ ହସିଲେ ମୋ ଘଟେ ତୁ   ହେବୁ ସିନା ମହାସୁଖୀ;
ଜୀବନ ମୋ ଧନ୍ୟ ହେଉ ତୋ ସୁଖରେ ଭାଗୀହୋଇ...
ଦୁଃଖ ଦେଲେ ଦୁଃଖ ନାହିଁ   ହେଲେ ଦୁଃଖ ଏଥିପାଇଁ (୨)

ପାଟପୁର, କନିସି, ଗଞ୍ଜାମ
ମୋ:୯୯୩୮୬ ୧୯୯୮୧

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜୀବନ ଗତି

ରାମନାରାୟଣ ଶର୍ମା



ଧନ୍ୟ ମହାପ୍ରଭୁ ଧନ୍ୟ ତବ ସୃଷ୍ଟି
କେ ପାରିବ ପରଶଂସି
ରଜନୀ ପାହାନ୍ତେ ଦିବସ ଆଗମେ
ସୂରୁଜ ଆସନ୍ତି ହସି ।।

ସୂଚନା ଦିଅ ଯେ ଜୀବନର ଗତି
ନୁହଁଇ ସମାନ୍ତରାଳ
ଧଇର୍ଯ୍ୟ ସାହସ ସାଥେ ସତ୍ୟ ପଥ
ଆଣେ ଭାଗ୍ୟୋଦୟ କାଳ ।।

ଭାନୁଦେବ ଗତି ଜୀବନର ଗତି
ନୁହେଁ କି ସମାନ ଭାଇ
ବିମଳ ପ୍ରଭାତ ବିମଳ ବାଳୁତ
ଉଲ୍ଲାସେ ହୃଦ ଭରଇ ।।

ଯହୁଁ ଯହୁଁ ବେଳ ବଢ଼ି ଯାଉଥିବ
ପ୍ରକୋପ ଯେ ବଢୁଥିବ
ପରିବେଶ ମଧ୍ୟ ପ୍ରଦୂଷଣ ହେବ
ସାୟାହ୍ନେ ଜୀବନ ଯିବ ।।

ପ୍ରାଣୀଙ୍କ ଜୀବନ ନୁହେଁ କି ସେପରି
ବୟସେ ବଢ଼ଇ ଭାଉ
ଅନ୍ୟାୟ ଅନୀତି ପରାକ୍ରମ ଦର୍ପ
ସନ୍ଧ୍ୟାରେ ନ ରହେ ଆଉ ।।

ଅନ୍ତର କେବଳ ଏତିକି ମାତର
ପରିବେଶ ପ୍ରଦୂଷଣ
ଆମରି କର୍ମର ଅଟଇ କୁଫଳ
ଆଦିତ୍ୟ ନିର୍ମଳ ଜାଣ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୁରୁ

ସାଗର ଖରା



ସେ ତ ମୋ ପାଇଁ ମଣିଷ ନୁହନ୍ତି
ମଣିଷ ରୂପରେ ଚଳନ୍ତି ଦେବତା
ଜୀବନର ଏହି ସୁଦୂର ଯାତ୍ରାର
ସେ ହିଁ ମୋର ପଥ ପ୍ରଦର୍ଶତା

ସେ ଜ୍ଞାନର ଆଧାର,
ଆତ୍ମାର ମାର୍ଗ ଦର୍ଶକ
ତାଙ୍କ ଶିକ୍ଷା ହିଁ ଜୀବନର ଶକ୍ତି
ସେ ହିଁ ଜୀବନର ସାରଥୀ

ଶିଖାନ୍ତି ସେ ଆମକୁ
ମୃତ ଅତୀତର ଗ୍ଲାନିକୁ ପାଦରେ ଦୋଳି
ସର୍ବଦା ନିଜେ କାନ୍ଦି
କେମିତି ଅନ୍ୟଙ୍କୁ ହସାଇବାକୁ ହୁଏ ..
ବୁଝାନ୍ତି ସେ ଆମକୁ
ସମସ୍ୟାର ଶିଖରେ ଥାଇ
କେମିତି ନିର୍ଭୟରେ ଆଉ ପାଦେ ଆଗକୁ
ପାଦ ଥାପିବାକୁ ପଡେ ...
ଶୁଣାନ୍ତି ସେ ଆମକୁ
କେମିତି ସମସ୍ୟା ଗୁଡ଼ିକ
ଅକସ୍ମାତ୍ ବିଦ୍ୟୁତ୍ ସଞ୍ଚାର ପରି
ମାଡ଼ି ବସି ପ୍ରଗତିର
ବାଧକ ସାଜେ...
ଦେଖାନ୍ତି ସେ ଆମକୁ
କେମିତି ସ୍ନେହ ମମତାର ରଜ୍ଜୁ ରେ
ସମ୍ପର୍କକୁ ବାନ୍ଧି
ସମସ୍ତଙ୍କୁ ଆପଣାର କରିହୁଏ....

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଙ୍କରି ଭିତରେ ପାଇଛି ମୁଁ
ଅନେକ ମହାପୁରୁଷତ୍ୱଙ୍କୁ
ସେ ହିଁ ମୋର ପ୍ରେରଣା ଓ ଆଦର୍ଶ
ଏବଂ ସେଇ ଆଦର୍ଶ ମୋତେ ଆଜି ଟାଣି
ନେଉଛି ଏକ ନୂତନ ସମ୍ଭାବନା ଆଡ଼କୁ
ପ୍ରଜ୍ୱଳିତ ଆଲୋକର ଏକ ଉଜ୍ଜ୍ୱଳ
ବତୀଘରକୁ

କାରଣ ସେ ପରା ମୋ ଗୁରୁ
ତାଙ୍କ ବିନା
ଏ ଜୀବନର ଶିଢ଼ି ଚଢିବା
କ'ଣ ସମ୍ଭବ ପର ?

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ
ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର
ମୋବାଇଲ୍ ନଂ:-୭୨୦୫୪୭୦୫୧୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମା

ଆଶିଷ କୁମାର ସାହୁ



କେତେ ଦେଶ ବୁଲି, କେତେ ଲୋକ ଦେଖି
ଦେଖିଲିନି ତୋ ପରି,
କେତେ ଗୁଣ ଗାଉ,କେତେ ସୁଖ ଦେଉ
କିଏ ନୁହେଁ ତୋର ସରି ।।୧।।

ମମତାର ଢେଉ ଜୀବନରେ ରହୁ
ଚିରଦିନ ଆହେ ପ୍ରଭୁ,
ଆଙ୍ଗୁଳି ଯାହାର ଧରିକି ଚାଲିଲି
ଓଠ ତାର ହସୁ ଥାଉ ।।୨।।

କେତେ ଦିନ ଗଲା କେତେ ରାତି ହେଲା
ହେଲା ନି ତୋ ପ୍ରେମରେ କମି,
କି ସୁଖ ରହିବ, କି ସ୍ନେହ ପାଇବି
ତୁ ନ ଥିଲେ ମୁଁ ଆଉ ।।୩।।

ଦୁଃଖ କଷ୍ଟ ଛାଇ ପଡିବା ଆଗରୁ
ଆଗରେ ତୁ ଠିଆ ହେଉ,
ଋଣ ତୋ କେମିତି ସୁଝିବି ମୁଁ କହ
କିଭଳି ପାଇବି ଆଉ ।।୪।।

ଦଶ ମାସ ଦଶ ଦିନ ଗର୍ଭେ ଧରି
ଶରୀର ଗଢ଼ିଲୁ ତୁହି,
ଜୀବନ ତୁ ଦେଲୁ ବାଟ ବତେଇଲୁ
ପ୍ରଥମ ଗୁରୁ ତୁ ହୋଇ ।।୫।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଣତକାନି ତୋ କବଚ ମୋ ପାଇଁ
ସ୍ନେହ ତୋର ଯେ ଔଷଧ,
ସପନ ମୋ ସତ ହୁଏ ଖାଲି ଆଜି
ତୋର ସେ ସଂଘର୍ଷ ପାଇଁ ।।୬।।

କଣ ବା ଲେଖିବି,ଯେତେ ଲେଖିଲେ ବି
ତା ଠାରୁ ଅଧିକା ହେଉ,
ଶବ୍ଦ ମିଳେନାହିଁ ଲେଖିବାର ପାଇଁ
ଲେଖା ମୋର ଅଧା ରହୁ।।୭।।

ଯେତେ ବର୍ଣ୍ଣିବି ମା, ଯେତେ କହିବି ମୁଁ
ସବୁତ ଆଜି ତୋ ପାଇଁ,
ଯେତେ ଦୁଃଖ ମୋର ହସି ନେଇଗଲୁ
ସୁଖ କୁ ଅଜାଡି ଦେଇ।।୮।।

ଜିଲ୍ଲା -କଳାହାଣ୍ଡି, ଭବାନୀପାଟଣା
ଆଳାପ : ୮୧୪୪୧୧୫୨୬୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଁ ବଡ଼ ସ୍ୱାଭିମାନୀ

ଉତ୍ତରା ନାୟକ



ଗାନ୍ଧୀ ମହାତ୍ମା, ଚାଚା ନେହେରୁ, ଆଉ ସୁଭାଷଚନ୍ଦ୍ର
ବାଜିରାଉତ କେତେ ଯେ ବୀର
ଅମର ସୁରେନ୍ଦ୍ର
ପୁରାଣ କହେ କର୍ଣ୍ଣ, ଅର୍ଜୁନ,
ଆଉ ସେ ଭୀମ ବୀର ଏଇ ମାଟିରେ ଜନମ ନେଲେ
ଭାରତ ଦେଶ ମୋର
କେହି ନୁହଁନ୍ତି  ସାନ କି ବଡ଼
ସଭିଏଁ ସମାନ
ଭାଇ ଭଉଣୀ, ଗୋଟିଏ ମାଆ
ହିନ୍ଦୁ ମୁସଲମାନ
ଆମ ତ୍ରିରଙ୍ଗା ପତାକା ଗାଏ
ଅହିଂସା ଜୟ ମନ୍ତ୍ର
ବିଶ୍ୱଶାନ୍ତି ବାର୍ତ୍ତା ସେ  ଦିଏ
ଭାତୃତ୍ୱ  ଗଣତନ୍ତ୍ର
ସତ୍ୟ, ଅହିଂସା, ଧରମ ଅଟେ
ମୋ ଦେଶର ମୁକୁଟ
ସାରା ସଂସାରେ ସାର ଅଟଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋ ଦେଶ ସମ୍ରାଟ

ହେବି ସୈନିକ, ଦେଶ ରକ୍ଷକ

ହେବି ମୁଁ ଡାକ ତର

ଶତ୍ରୁ କବଳୁ ଜୀବନ ଦେଇ,

ରଖିବି ଦେଶ ମୋର

ପୂର୍ବ ପୁରୁଷ ଥିଲେ ମୋ  ଦେଶେ

ମହାନ ଜ୍ଞାନୀ ମାନୀ

ତାଙ୍କ ଔରଷୁ ଜନମ ମୋର

ମୁଁ ବଡ଼ ସ୍ୱାଭିମାନୀ

ବିଚଣା, କେନ୍ଦ୍ରାପଡା

୮୨୬୦୯୬୦୧୫୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଧି

ଅରୁଣ କୁମାର ଦାସ



ମାରାଥନ୍ ପରି ଜୀବନ ଯାକ ଧାଉଁଥିବା ମଣିଷଟି
ଛୋଟୀ ପାରା ପରି ପାହୁଣ୍ଡ ଗଣି ଚାଲିବାକୁ ହୁଏ
ହଠାତ୍ ଦୁନିଆଟା ଖାଁ ଖାଁ ଲାଗେ
ମରୁଭୂମିର ତତଲା ବାଲିରେ ଚାଲିଲା ପରି
ମାଛ କଣ୍ଟା ଗଳାରେ ଅଟକେ ।
ପ୍ରଗଲ୍ଭା ନଦୀ ପରି କ୍ଷିପ୍ର ଗତିରେ ବହି ଯାଉଥିବା
ଗତିପଥ ବଦଳି ବି  ଯାଇଥାଏ
ଆଜୀବନ ମୂକ ପାଲଟିଯାଏ
ବାଚାଳବତ୍ ମଣିଷଟି ।
ବହୁ ନାରୀଗାମୀ, କାମୁକ, ଲମ୍ପଟ
ପୂଜା ପାଏ  ଦେବୋପମ
ସଦା ଲୁଟି ଆସୁଥିବା ବ୍ୟକ୍ତିବିଶେଷ
ଆସୀନ ହୁଏ  ସଭା ମଂଚ
ଭୂଷିତ ହୋଇଥାନ୍ତି  ଉପାଧିରେ ।
ସବା ପଛ ଧାଡ଼ି ପିଲାଟି  ରଖେ ସର୍ବାଧିକ ଅଙ୍କ
ସଭ୍ଙ୍କୁ ଆକଳନକୁ ପଛରେ ପକାଇ
ଅବଧାନଙ୍କ ଅବଧାରଣାକୁ ଭୁଲ ପ୍ରମାଣିତ କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶିରୋନାମା ପାଲେଟେ ଚମକାଇ ।
ସୁରମ୍ୟ ଭବନ ବି ହୁଏ ନିକାଞ୍ଚନ
ପାଲଟି ଯାଏ ଭୂତ କୋଠି
ଯିଏ ଯେଝା ଘର ସଂସାର ଧରନ୍ତି
ହିସାବ ମିଳୁଛି କେଉଁଠି ।
ସଞ୍ଜୁ ଡିଗ୍ରୀ, ଡିପ୍ଲୋମା,ଉପସର୍ଗ
ହେଇ ଥାଏ ଅଲୋଡା
ଉଇ ଖାଇ ମାଟି ହୁଏ
ଜୀବନ ହେଇଛି ଅସଜଡା ।
ଯାହା ମିଳେ ତାହା ଭାବେନା
ତାହା ହି ତ ମିଳେ ଯାହା ଚାହେଁନା
ଏଇତ ଆଜିର ଦୁନିଆ
ଏଇତ ବିଧି ଅବା ନା ?

ଠାକୁରା, ପୁରୁଣା ବଉଳମାଳ, ଧର୍ମଶାଳା, ଯାଜପୁର
୯୯୩୮୭୩୩୦୭୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ହୃଦୟ ସଙ୍ଗୀତ

ଆଶୁତୋଷ ମେହେର



ବୀଣାତନ୍ତ୍ର ଧାରେ କମ୍ପନ ଖେଳାଏ ସଙ୍ଗୀତ ସେ ସାତସୁର
ହୃଦୟେ ଭାବନା ଝଙ୍କୁରିତ ହୁଏ ଚେତନା ସତ୍ୟ ସୁନ୍ଦର ।
ଭାବ ସବୁ ମିଶି ମନର କାହାଣୀ ପରାଣ ଭରା ସଙ୍ଗୀତ,
ସୁନାପୁଟ ପାଇ ଝଟକୁ ଥାଏସେ ସକାଳ ସବିତା ଗୀତ ।।

ଶବଦ ଶବଦ ପଦ ପରେ ପଦ ହୃଦେ ଭରା ସୁର ରାଗ,
ସେଇ ସୁର ସୁରେ କବିତା ଝରଇ ମନେଭରି ଅନୁରାଗ ।
ମଧୁର ସଙ୍ଗୀତ ସଞ୍ଚରି ଖେଳଇ କୋଣ ଦେଇ ଅନୁକୋଣେ,
ହୃଦୟ ସରରେ ଭଉଁରୀ ପରା ସେ ଗହନ କବିତା ମନେ ।।

ପ୍ରତିଟି କମ୍ପନ ଅନୁଭବ ଭରେ ଶବଦର କଥା ଝୁଡି,
ରଙ୍ଗ ଭରିଯାଏ ଧାଡିରେ ଧାଡିରେ କବିତା ପଡଇ ଝଡି ।
ଇନ୍ଦ୍ରଧନୁ ଖେଳେ ମନରେ ଫୁଟଇ କବିତାର ଶତଦଳ,
ପରାଣରେ ଭରେ ଶବଦ ମାଧୁରୀ ଇହକାଳ ପରକାଳ ।।

ଅନୁଭବ କହେ ହୃଦୟ କନ୍ଦରେ ସଙ୍ଗୀତ ମୁଁ ଲେଖିଯିବି,
ମନବୀଣା ତାରେ ଯାହା ଝରିଯାଏ କବିତା ସେ ଅନୁଭବି ।।

୫୪ ଆର୍ଯ୍ୟପଲ୍ଲୀ, କିଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪ ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆମେ ପଢ଼ିବୁ ଆମେ ବଢ଼ିବୁ

ଦୁଷ୍ମନ୍ତ ବେହେରା



ଆମେ ପଢିବୁ, ଆମେ ବଢିବୁ
ରଖିବୁ ଟେକ ଆମ ଦେଶର !!

ଆମ ସ୍ୱପ୍ନ ବଡ଼, ହେଉକି ଛୋଟ
ସତ ହୋଇବ ଆମ ସପନ !!

ଆମେ ରେ ଭାରତର, ଶିଶୁ ଗଣ
ଜାତି ମାନସର ରଖିବା ଟେକ ଶୁଣ !!

ଆସରେ ଏକାଠି ହେବା, ଏକ ସ୍ୱରରେ
ତାଳି ମାରି ଅନ୍ୟର ପ୍ରଶଂସା କରିବା !!

ଆମ କଥା କେଡେ ମିଠା, ଆମ ଭାଷା କେଡେ ମଧୁର
ଆମ ଭାଷା ପରି ନାହିଁ ଜଗତେ ସୁନ୍ଦର !!

ଆମେ ଶିଶୁଗଣ, ଆଗାମୀ କାଲିର ଭବିଷ୍ୟତ
କମଳ ହାତରେ ଗଢ଼ି ତୋଳିବୁ ଏ ମାଟିର ଗୌରବ !!

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମକୁ ଛୋଟ ନମଣିବ, ଆମେ ତ ହୀରା ସମାନ
ସୁନା ଠାରୁ ଦାମୀ ଆମ ହସ ଦୁନିଆ !!

ଆମେ ପଢ଼ିବୁ, ଆମେ ବଢ଼ିବୁ
ରଖିବୁ ଓଡିଆ ଜାତିର ଗର୍ବ ଗୌରବ !!

ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ ନଂ -୭୩୭୨୨୨୬୭୨୨



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିରହୀ ପ୍ରେମିକା

ଉଷାଶୀ ଜେନା

ମୁଁ ଚାତକ ସାଜି ଚାହିଁ ରହିଥାଏ
ସଜାଇ ମୋ ପ୍ରେମର ପାଲିଙ୍କି ,
ତୁମେ  କିନ୍ତୁ ଛଳନା କରି ଆସନାହିଁ କେବେ
ଅମାବାସ୍ୟାର ବାହାନା ଦେଖାଇ ।

ଫୁଲର ସବାରି ସଜାଇ ,
ସ୍ମୃତିର ବିହଙ୍ଗ ପଠାଏ
ପ୍ରୀତିର ସୁଗନ୍ଧରେ ଘରର କାନ୍ଥକୁ ଲିପେ
ତୁମେ ଆସିବ ବୋଲି
ମଲ୍ଲିକାର ମାଳିକ ସଜାଏ

ପ୍ରେମର ପ୍ରତିଶ୍ରୁତି ଦେଇ
କେମିତି ଭୁଲି ଯାଅ ତମେ ,
ହୃଦୟର କୋହରେ କୁହୁଳି କୁହୁଳୀ  ଜଳିଯାଏ ମୁଁ
ପ୍ରୀତିର ପତଙ୍ଗଟେ ସାଜି ।

ପୁଣି ଫେରି ଆସନା
ପୁଣି  କେବେ ଫେରି ଆସ ନା
ପ୍ରେମର ଏ କାମ୍ୟବନରେ ପ୍ରୀତିର ପ୍ରକାଶ କରି
ମୋ ଭାବ ଭବନରେ ପ୍ରତିମାଟେ ସାଜି ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୁମେ ଯେବେ ଫେରିବ...

ଜୟନ୍ତ ଦାସ



ତୁମେ ଯେବେ ଫେରିବ
ଶୂନ୍ୟତା ବ୍ୟତୀତ ମୋ ପାଖେ ଆଉ କିଛି ନ ପାଇବ ।
ଅନେକ ଦିନରୁ ଖୋଲା ହେଉନଥିବା ସେ କବାଟ
ଟିକେ ଜୋର୍ ରେ ଖୋଲିବ,
କାଇଁ କେତେଦିନୁ ସେ କବାଟ ଭିତରକୁ
ଆଲୋକର କିରଣ ବି ଛୁଇଁ ନଥିବାର ପାଇବ।।

ଦିନେ ତୁମ ପ୍ରୀତିରେ ଟଙ୍ଗା ହୋଇଥିବା
ମୋ ଘରର ପ୍ରତିଟି କାନ୍ଥରେ ତୁମ ପ୍ରୀତିର ଛବି ବଦଳେ
ସ୍ମୃତିର କବିତା ଟଙ୍ଗା ହେବାର ଦେଖିବ ।।

ଧୂଳି ଲାଗି ଯାଇଥିବା ସେ ଥାକକୁ ଟିକେ ଝାଡ଼ି ଦେଖିବ
କିପରି ତୁମ ଉପହାର ଗୁଡ଼ାକ
ନିଜ ନିଜ ମଧ୍ୟରେ ଆତ୍ମିୟତା ହରେଇ ବସିଛନ୍ତି ପରଖି ପାରିବ ।।

ଖଟ ଉପରେ ପଡ଼ିଥିବା ସେ ଅଧାଲେଖା ଡାଇରୀକୁ ପଢ଼ି ଦେଖିବ,
ସେଥିରେ କେବଳ ତୁମ ଛଳନା ଆଉ ପ୍ରତାରଣାର କାହାଣୀ ହିଁ ଲେଖା ପାଇବ ।।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ପଚାରି ଦେଖିବ ମୋ ମାଆକୁ ସେ କଣ ହରେଇ ବସିଛି ,

ତା ପୁଅ କାହିଁକି ମୃତ୍ୟୁକୁ ବାଛିଛି,

କାହିଁକି ସେ ମିଛରେ ହସୁଛି,

ଆଉ ଭଲ ମନ୍ଦରେ କାହିଁକି ନ ରଖୁଛି।।

ବଢ଼ି ଯାଇଥିବା କେଶ ଆଉ ଦାଢ଼ିରୁ

ତୁମେ ଠିକ୍ ଅନୁମାନ କରିପାରିବ ଏ ମଣିଷ କିପରି ଅଛି,

ତୁମେ ନିଜକୁ ନିଜେ ନିନ୍ଦିବ

ତୁମେ କଣ ଠିକ୍ କରିଛ ଅନ୍ୟର ପ୍ରେମକୁ ବାଛି ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଦ୍ରମୁଖା ପିନ୍ଧା ମଣିଷ

ରାକ୍ଷୀ ପ୍ରଧାନ



ନିଜର ମାୟା ସାମ୍ରାଜ୍ୟରେ
ବିଶ୍ୱାସର ବିସ୍ତାର ଖେଳେଇ ରଖେ ।।
ନିଜକୁ ଶ୍ରେଷ୍ଠ ଭାବେ ,
ସରଳ, ନିରୀହ, ନିଷ୍ପାପ ଲୋକଙ୍କ,
ଆଗରେ ଏକ ସାଧୁତାର ପରିଚୟ ଦିଏ ।।
ସେ ସରଳତା ସେ ବହୁରୂପୀକୁ ସମାଜ ,
ସାଧୁବାଦ୍ ଜଣାଏ ପୂଜା କରେ ,
ଭାରି ସମ୍ମାନ ଦିଏ ।।
ହେଲେ ସେ କଳୁଷ ମାନବ ରୂପୀ
ଯୌବନ ଲାଳସାରେ,
କେତେ ସୀମା ଯେ ସେ ପାରି କରିଯାଏ,
ସେ କାଚ ଲଗା ଚକ୍ ମକ୍ ଚାରି କାନ୍ଥ
ଆଉ ସେ ନିରୀହ, ନିଷ୍ପାପ,
ଛଳନାର ଚକ୍ରବ୍ୟୂହରେ ଫସି ଥିବା
ରାଗ ଜର୍ଜରିତ ହେଉ ଥିବା କୋମଳ ମନ
ଛଡା ଆଉ କିଏ ବା ଜାଣିବାକୁ ପାଏ ?
କେହି କେବେ ଭେଦି ପାରେନା ତା ଛଳନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ର ସାମ୍ରାଜ୍ୟ କୁ ଭାଙ୍ଗି ପାରେନା ତା
ଗର୍ବ, ଆଉ ଖୋଲି ପାରେନା ସମାଜ
ଆଗରେ ତାର ଭଦ୍ର ମୁଖା ପିନ୍ଧା,
ସେ କଳୁଷିତ ଚେହେରାକୁ,
ଯେବେ ରାସ୍ତାରେ ଭେଟ ହୁଏ କେବେ
ଇଚ୍ଛା ହୁଏ ଅନ୍ତଃ ରୂପକ ଅଗ୍ନିରେ ।
ସେ ମାୟା ସାମ୍ରାଜ୍ୟ ଆଉ ସେ
ବିକୃତି କୃତ ମଣିଷକୁ ସବୁଦିନ ପାଇଁ ଭସ୍ମ କରି ଦବାକୁ
ଥରୁଟିଏ ତାର ମାୟା ନଗରୀର ମାୟାର ପରଦା ଖୋଲିବାକୁ
ତାର ସାଧୁତା ଭିତରେ ଲୁଚିଥିବା ସେ
ମାନବରୂପୀ ମଣିଷର ଦାନବ ଚେହେରାକୁ ଏ ସମାଜ
ଆଗରେ ନିଲାମ କରିବାକୁ ଭାରି ଇଛା ହୁଏ।।

ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏକ ଅତୃପ୍ତ ଅନୁଭବର ଦୃଶ୍ୟପଟ

ଲୋପାମୁଦ୍ରା ମହାପାତ୍ର

ତୁମେ ବ୍ୟସ୍ତ ବହୁଳ ସହର
ମୁଁ ଅବୁଝା ଅବ୍ୟକ୍ତ ଶବ୍ଦ ତୁମ ସ୍ପନ୍ଦନର,
ତୁମେ ଶାନ୍ତ ସରଳ ଅଞ୍ଚଳ
ମୁଁ ତୁମ ଆଶ୍ରୟେ ଅଜଣା ଯାଯାବର ।

ତୁମେ ଧୃଢ଼ ବନ୍ଦୀ ଗୃହରେ
ମୁଁ ବିହଙ୍ଗ ଖୋଲା ଆକାଶରେ,
ତୁମେ ସୂତ୍ର କେଉଁ ଗଣିତର
ମୁଁ ଅସ୍ଥାୟୀ ଅବ୍ୟାକ୍ଷା ଅସଜଡା ଅକ୍ଷରର ।

ତୁମେ ଶୃଙ୍ଖଳ ମୋ ସଂଯମର
ମୁଁ ବେପରୁଆ ବାୟୁ ତୁମ ବସନ୍ତର,
ତୁମେ ଛାଇ ଶୀତଳ ଚନ୍ଦ୍ରମାର
ମୁଁ ନିର୍ବାପିତ ଜ୍ୱଳନ୍ତ ଦୀପ ତୁମ ଅଗ୍ନିଶିଖାର ।

ତୁମେ ସ୍ତବ୍ଧ ଶିଖର ମୋ ସ୍ଥାଣୁ ଶରୀରର
ମୁଁ ନିର୍ଗଳିତ ଦଳିତ ଅଶ୍ରୁ ତୁମ ନେତ୍ରର,
ତଥାପି ତୁମେ ମୋ ନିଶ୍ୱାସ ଅନ୍ତିମ କ୍ଷଣର
ମୁଁ ତୁମ ସ୍ୱପ୍ନେ ଲଭିବି ଅର୍ପିତ ତୃପ୍ତି ଶେଷ ଜୀବନର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମ ହସ ହିରଣ୍ୟ ଉଜ୍ଜ୍ୱଳ ପ୍ରଭାର
ମୁଁ ଅନ୍ଧାରର ଦ୍ୱନ୍ଦ୍ୱେ ମୁହଁ ଲୁଚାଇଥିବା ଲଜ୍ୟାର,
ତୁମେ ଅର୍ପିତ ପଥର ଅଟଳ ଶପଥର
ମୁଁ ତୁମ ପାଦପଥରେ ବେପରୁଆ ତୁଳନାହୀନ ଛାୟା ।

ତୁମେ ଶ୍ରମର ସଫଳ ଗୀତିକା
ମୁଁ ଅବିଶ୍ୱାସର ଅସ୍ଥିର କାୟା,
ତୁମେ ସଂଯମର ଅମର କଥା
ମୁଁ ଅସ୍ଥାୟୀ ଆନନ୍ଦର ଅବୁଝା ଧ୍ୱନି ।

ତୁମେ ସେ ଗୃହ ଏକ ଶିଳାଲିପିର
ମୁଁ ହେଉଛି ଭ୍ରମଣ ଅଲିଖିତ ଧ୍ୱନିର,
ତୁମେ ଶାଶ୍ୱତ ଗୀତ ଅତୀତର
ମୁଁ ଅଦୃଶ୍ୟ ଅକାଳ ଆଶାର ପରି ।

ତୁମେ ଶେଷ ଉଜ୍ଜ୍ୱଳ ଅଗ୍ରଯାତ୍ରା
ମୁଁ ଶେଷ ମୁହୂର୍ତ୍ତର ଅନୁଭବ,
ତୁମେ ମୋ ପ୍ରତିଫଳନ ନ ଜାଣି
ବଖାଣୁଛ କାହାଣୀ ଶେଷ ଅନୁଭୂତିର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏବେ ତୁମେ ଖୁସି ତ ?

ରୋଜାଲିନ୍ ରାଉତରାୟ

ମୁଁ ବହୁତ ଗପୁଥିଲି
ସାରା ଜୀବନ ପାଇଁ ଚୁପ୍ ହୋଇଗଲି
ଦେଖ, ଆଜି ମୁଁ ନୀରବ ହୋଇଗଲି
ଏବେ ତୁମେ ଖୁସି ତ ?

ଭଲ ପାଉଥିଲି ବୋଲି ମୁଁ
ସାରା ଜୀବନ ତୁମ ପାଇଁ କାନ୍ଦୁଥିଲି
ଦେଖ, ଆଜି ମୋ ପରିବାର ମୋ ପାଇଁ କାନ୍ଦୁଛି
ଏବେ ତୁମେ ଖୁସି ତ ?

ଏଇ କୋକେଇରେ ଶୋଇ ଦେହ ମୋର ଥଣ୍ଡା ହୋଇଗଲାଣି
ଆଉ ତୁମେ ନିଜକୁ ଦେଖ,
ଆଉ କାହା ସାଥୀରେ ରହି
ଶେଯ ଗରମ କରୁଛ
ଏବେ ତୁମେ ଖୁସି ତ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମେ ତାକୁ କୋଳରେ ଧରି ରଖି
ଦେଖାଉଛ ନାନା ସପନ,
ତୁମ ପାଇଁ ଦେଖ ଚାଲି ଯାଉଛି
ମୋର ବାକି ଜୀବନ ।
ଦେଖ ମୋ ଦେହ  ଏ ଶ୍ମଶାନରେ  ଜଳୁଛି
ଆଉ ତମ ପାଇଁ ମୋ ଭଲ ପାଇବା ସରି ସରି ଯାଉଛି
ଏବେ ତୁମେ ଖୁସି ତ ?

ରାତି ତମାମ୍ ଅନିଦ୍ରା ହୋଇ
ତୁମ ସହ ପ୍ରେମ କରିଛି
ରାତି ସାରା ଫୋନ୍ ଧରି
ତୁମ ସହ କଥା ହୋଇଛି
ଦେଖ, ଆଜି ମୁଁ ଖୁବ୍ ଶାନ୍ତିରେ  କିପରି ଶୋଇଛି
ଏବେ ତୁମେ ଖୁସି ତ  ?
ଦେଖ ଏବେ ତୁମେ ଖୁସି ତ  ?

+୩ ଦ୍ୱିତୀୟ ବର୍ଷ, ଓଡ଼ିଆ ବିଭାଗ
ଗୋପାଳପୁର, ଡିହସାହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅମୃତ ଓଡ଼ିଶା

ଆଶାରାଣୀ ଜେନା

ଧନ ଧାନ୍ୟ ଭରା ଅମୃତ ମାଟିରେ
ଜନ୍ମ ଲଭି ଆଜି ଗର୍ବିତ,
ସୁଢ଼ଳ ଉତ୍କଳ ଚାରୁକଳା ମୋର
ଦେଶେ ବିଦେଶେ ପ୍ରଖ୍ୟାତ,,

କି ଗୁଣ ଗାଇବି ଇତିହାସ ତା'ର
ଆଦ୍ୟ ଅଛି କିନ୍ତୁ ନାହିଁ ଅନ୍ତ,
ପାବନ ଭୂମିର ଉତ୍କଳ ସନ୍ତାନ ମୁଁ
ଯହିଁ ଜନ୍ମନ୍ତି ଜ୍ଞାନୀ ଗୁଣବନ୍ତ,,

ବାଉଁଶ ନଳୀ ରେ ମାପିଥିଲେ ଯିଏ
ଗ୍ରହ ନକ୍ଷତ୍ର ଙ୍କ ଦୂରତ୍ୱ,
ତାଙ୍କ ସରି ଆଉ କେହି ହେବେ ନାହିଁ
ସେ ପରା ପଠାଣି ସାମନ୍ତ,,

ବକ୍ସି ଜଗବନ୍ଧୁ,ଜୟୀ ରାଜଗୁରୁ
ଧରମା,ବାଜି,ଖୁଣ୍ଟିଆ,
ଉଠାଇ ମୁଁ ମଥା ତାଙ୍କ ବୀର ଗାଥା
ଗରବେ କୁହେ ମୁଁ ଓଡ଼ିଆ,,

କୋଣାର୍କ କାରୁକାର୍ଯ୍ୟ ଧଉଳି ଶାନ୍ତିସ୍ତୁପ
ସାରା ବିଶ୍ୱରେ ବିଖ୍ୟାତ,
ଓଡ଼ିଆ ପରବ, ଗୀତ, ଲୋକନୃତ୍ୟ
କଳା କ୍ଷେତ୍ରେ କରେ ଉନ୍ନତ,,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହୋଦଧି ଧୁଏ କଳୁଷ ପୟର

ଗଢ଼ି ଭ୍ରାତୃଭାବ ପ୍ରୀତି,

ମାତୃଭାଷାକୁ ଆଉ ହୀନ ନ ମଣିବା

ଗାଇ ଗୌରବର ଗୀତି,,

ନିଆରା କାରିଗରୀ ସ୍ୱର୍ଣ୍ଣ ହରିତ କ୍ଷେତ

ଦର୍ଶାନ୍ତି ନୂତନ ଦିଶା,

ଆମ ପରିଚୟ ଯହିଁ ଜୟ ଜଗନ୍ନାଥ

ତହିଁ ଅମୃତ ଓଡ଼ିଶା,,

ଦିଗପହଣ୍ଡି

(ଗଞ୍ଜାମ)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନମୋର କିଣିନେଲା ସେ ନନ୍ଦକୁମର

ନଳିନୀ ଦାଶ



ମନ ମୋର କିଣି ନେଲାଲୋ ସେ ନନ୍ଦକୁମର
ମନ ମୋର ଚୋରି କଲା ଲୋ ସେ ନଟନାଗର
ମୁରୁକି ହସରେ ବାଙ୍କ ଚାହାଣୀରେ
କିଣି ନେଲା ମନ ମୋର
ସୁଢ଼ଳ ଚାଲିରେ ବଇଁଶୀର ସୂରେ
ହୃଦୟ କଲା ଅଧୀର
ପ୍ରେମର ରଜ୍ଜୁରେ ବାନ୍ଧିଲା କହ୍ନେଇ
ବୋଳିଲା ରଙ୍ଗ ଅବିର ।
ମନ...........
ଯମୁନା କୂଳରେ କଦମ୍ବ ମୂଳରେ
ନିତି ଜଗେ ମୋର ବାଟ
ଫେରିଲେ ଘାଟରୁ କଳସୀ କାଖେଇ
ଭାଙ୍ଗି କରେ କେତେ ନାଟ
ଶାଶୁ ନଣନ୍ଦ ମୋ ଚାହିଁଛନ୍ତି ବାଟ
ଛାଡ଼ ହେ ନଟନାଗର ।
ମନ...............
କାଚରା ବେଶରେ କାଚ ବିକି ଗଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାତ ନେଲା ମୋର ଧରି

ଚୋର ରୂପେ ଆସି ଘରେ ପଶିଥିଲା

କରିବାକୁ ମନ ଚୋରି

ଚନ୍ଦ୍ରସେଣା ଆସି ଖୋଜି ଡାକୁଥିଲେ

କାହାକୁ ନାହିଁ ତା ଡର ।

ମନ.................

ମନ କିଣିବାକୁ ଭୂତ ରୂପେ ଆସି

ଡ଼ରେଇ ଥାଏ କହ୍ନେଇ

ମଥୁରା ଗଡକୁ ଦଧି ବିକିଗଲେ

ଯାଏ ନାଉରିଆ ହୋଇ

ବାଜିବ ନିନ୍ଦାର ବାଇଦ ଲୋ ସଖୀ

ଝରିବ ଲୋତକ ଧାର ।

ମନ..................

ନଳିନୀ ଦାଶ, ଭିକାରିପଡା, ଶରଣକୁଳ, ନୟାଗଡ଼

ମୋ—୯୨୩୮୯୯୬୬୪୯



Listen to Odia Podcast Original at https://youtube.com/@drjyotiprasad

# ଶ୍ରୀ ହରି

ସୁଚରିତା ପଡ଼ିହାରୀ

କଳ୍ପବଟ ମୂଳେ କଳା ଶ୍ରୀମୁଖ ଗୋ
କରବାରେ ଦରଶନ
କୁଞ୍ଜ ନୟନ ସେ କୁଞ୍ଜ ବିନୋଦିଆ
କମ୍ବୁପାଣି କଳାଜହ୍ନ,,
ଖଗପତି ନିତି ଖମ୍ବ ପରେ ବସି
ଖେଦ କରେ ଦୂର ମନୁ
ଖୁସି ବାଣ୍ଟୁଛଇ ଖଳୀନ ଧରି ସେ
ଖେଳକାରୀ କଳା କାହ୍ନୁ,,
ଛନ୍ଦା ପୟର ହେ ଛଳିଆ ନାଗର
ଛନ୍ଦ ବୁଦ୍ଧି ଜାଣେ ସେହି
ଛଟକ ଛଇଳ ଛାମୁ ନନ୍ଦ ବାଳ
ଛଳିଲା ବଳିକୁ ମୋହି,,
ଝରିପଡ଼େ ହସ ଝର ଝର ହୋଇ
ଝଟକଇ ଭକ୍ତପ୍ରୀତି
ଝୀନ ବସନରେ ଝଳି ଉଠେ ରୂପ
ଝୁଲିନାଚେ ଲକ୍ଷ୍ମୀପତି,,

ନୀଳ ଚକ୍ରେ ଉଡେ ନାଲି ନାଲି ବାନା
ନାମରୁ ଝରେ ପୀୟୂଷ
ନନ୍ଦର ନନ୍ଦନ ନାଟୁଆ ନବୀନ
ନକରେ କେବେ ନିରାଶ,,
ଡୋଳା ଦୁଇ ତାର ଡଉଲ ସୁନ୍ଦର
ଡିଣ୍ଡିମ ବାଜେ ଜଗତେ
ଡହଳ ବିକଳେ ଡାକୁଥିଲେ ନିତି
ଡୋର ଲଗାଏ ଭକତେ,,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅରକ୍ଷ ରକ୍ଷକ ଅନାଥ ର ନାଥ

ଅଗତିର ଗତି ହରି

ଅହଲ୍ୟା ତାରିଲା ଅଂଘ୍ରୀ ପରଶ ରେ

ଅଶେଷ କରୁଣା କାରୀ,,

ନୀଳାଚଳ ଧାମେ ନୀଳଚଳିଆ ଗୋ

ନୀଳକାନ୍ତ ନୀଳମଣୀ

ନନ୍ଦିଘୋଷ ଚଢ଼ି ନଅ ଦିନ ଭୁଲେ

ନାମ ଲକ୍ଷ୍ମୀ ସାଆନ୍ତାଣୀ,,

ଫୁଲ ଶୋଭା ମଧ୍ୟେ ଫୁଟି ଦିଶୁଥାଇ

ଫୁଟିଛି ନୀଳ କମଳ

ଫୁଲ ଗୁଣା ନାକେ ଫୁଲ୍ଲ କି ଗୋ ସତେ

ଫନ୍ଦି କରେ ନନ୍ଦବାଳ

ଭୁବନେଶ୍ୱର

୯୯୨୪୯୫୯୮୯୯



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରମାଣ

ବିଶ୍ୱଜିତ ନାୟକ



ପ୍ରମାଣ ଦେଇହୁଏନି
ନିଜ ସଚ୍ଚୋଟ ପଣିଆର
କି କହିହୁଏନି
କାହାଣୀ ଗୁଡିକ
ନିଜ ଭଲ ପାଇବାର  !

ପ୍ରମାଣ ଦେଇହୁଏନି
ନିଜ ଆଖି ଦେଖା
ଘଟଣା ଗୁଡିକର
କି କହି ହୁଏନି
ଦୁଃଖଦ କାହାଣୀ ଗୁଡିକ
ନିଜ ହୃଦୟର  !

ପ୍ରମାଣ ଦେଇ ହୁଏନି
ନିଃସଙ୍ଗ ମୁହୂର୍ତ୍ତ ରେ
ନିଜ ଅଜାଣତରେ
ଆଖିରୁ ବହିପଡୁଥିବା
ଦୁଇ ଟୋପା ଲୁହର
କି ସହି ହୁଏନି
ଅଦେଖା ଯନ୍ତ୍ରଣା ଗୁଡିକ
ନିଜ ଛାତି ଭିତରର  !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରମାଣ ଦେଇ ହୁଏନି

କେତେ ଯେ କଷ୍ଟ ହୁଏ

ଅବିଶ୍ୱାସର ବୋମାଟିଏ

ଫିଙ୍ଗିଦେଲେ କେହି ଜଣେ

ଅତି ଆପଣାର

କି ସହି ହୁଏନି

କେହି ଜଣେ ଟାଣି ଓଟାରି

ଛିଣ୍ଡାଇ ଦେଲେ

ସମ୍ପର୍କର ସୂତା ଖିଅ ଗୁଡିକ

ନିଜ ହୃଦୟର !

ତୁଣ୍ଡପଡ଼ା, କେଦାରପୁର

ସୋରୋ, ବାଲେଶ୍ୱର

ମୋ : ୭୯୭୮୨୫୬୮୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରେମ ଜାଲ କରେ କାଳ

ସଞ୍ଜୟ ନାଏକ



ପ୍ରେମ ହେଉଛି ଏକ ପ୍ରକାର ଜାଲ
ତାହା ଜୀବନ ପାଇଁ ଅଟେ କାଳ ।
ଯିଏ ଯାଇଛି ସେ ଜାଳରେ ଫସି
ପାରିବ ନାହିଁ ବାହାରକୁ ଆସି ।
ଏଠି ଦୁନିଆଟା ହେଉଛି ଜଳ
ଆଉ ନାରୀମାନେ ଅଟନ୍ତି ଜାଲ ।
ମାଛମାନେ ହେଉଛନ୍ତି ପୁରୁଷ
ଫସିଲ ଯଦି ଜୀବନ ସର୍ବନାଶ ।
ପ୍ରେମ ଜାଣେ ନାହିଁ ଧନୀ ଗରିବ
ଦେଖେନି କେବେ କଳା ଗୋରା ରଙ୍ଗ ।
ଜାତି ଧର୍ମ ବର୍ଣ୍ଣ କିଛି ନଥାଏ
ଯୁବକ ଯୁବତୀ ମନରେ ଥାଏ ।
ଦେଖିନଥାଏ କୁଡିଆ ଛପର
ନଥାଏ ମହଲ ଘର ସହର ।

ଏହା ହୃଦୟ ମନର ମିଳନ
ପ୍ରେମ ଦିଶିବ ଦେଖିଲେ ନୟନ ।
ଭୁଲି ଯାନ୍ତି ସାଙ୍ଗସାଥୀ ମାତା ପିତା
ପ୍ରେମିକା କୁ ଛାଡ଼ି ସବୁ ଲାଗେ ପିତା ।
ଦେଖି ନଥାଏ ନିଜ ମାନ ସମ୍ମାନ
ନିରବ ରହି ସହିଯାଏ ଅପମାନ ।
ମୋହିନୀ ଦେଇଛି ବୋଧେ ଲଗେଇ
ତା ପାଇଁ ସବୁବେଳେ ଝୁରି ବୁଲଇ ।
ପ୍ରେମ ଅଟେ ଅଢେଇ ଅକ୍ଷର ଶବ୍ଦ
ଜଣକୁ କରିଦେଇ ପାରେ ବର୍ବାଦ ।

ରଏନଗୁଡା, କୋକସରା, କଳାହାଣ୍ଡି
ମୋ-୮୨୭୦୪୩୮୨୭୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭଲ ଅଛି

ଆକୁଳାନନ୍ଦ ପୃଷ୍ଟି



କିପରି କହିବି ଭଲ ଅଛି ବୋଲି
କାମନାର ନାହିଁ ଅନ୍ତ
କାମନା ଅନେକ ଦୁଃଖ ଅନୁରୂପ
ଜୀବନଟା ହନ୍ତସନ୍ତ ।
ସୁଖ ଖୋଜୁଥିଲି ଭବ ନଦୀ କୂଳେ
କେତେ ଆଶା ଥିଲି ବାନ୍ଧି
ସୁଖ ପାଇଁ ଧନ ଧନ ପାଇଁ ହୀନ
ମାର୍ଗେ ଯାଇ ହେଲି ଛନ୍ଦି ।
ପେଟ ମାରି ଧନ କଲି ମୁଁ ଅର୍ଜନ
ବଢ଼ାଇଲି ଜମା ପାଣ୍ଠି
ଏ ଶରୀରେ ମୋର ରୋଗ କଲା ଘର
ରୋଗରେ ହେଉଛି ଘାଣ୍ଟି ।
ଧନକୁ ଭାବିଲି ପରମାର୍ଥ ବୋଲି
ପରମକୁ କାଲି ପର
ଧନ ସରିଗଲା ମନ ମରିଗଲା
ଦେହରୁ ଛାଡୁନି ଜ୍ୱର ।
ସମ୍ପଦ କାଳରେ ସର୍ବେ ଥିଲେ ସଖା
କରୁଥିଲେ ଜୟ ଗାନ
ବିପଦ କାଳକୁ ହାତ ଛାଡ଼ିଦେଲେ
ମତେ ଦେଖି ଦୀନହୀନ ।
ଏବେ ମୁଁ ପଡ଼ିଛି ଭଙ୍ଗା କୁଡ଼ିଆରେ
ଧକଉଛି ଜିଭ କାଢି
ଦରମଲା ଶ୍ୱାନ ପରି ମୁଁ ବଞ୍ଚିଛି
ଆପଣା ଲାଞ୍ଜ କାମୁଡି ।
ଏଇତ ଜୀବନ ଧନ ଯଉବନ
କାଳ କ୍ରମେ ଯାଏ ସରି
କାଳ କବଳିତ ମଣିଷ ଜୀବନ
ସର୍ପ ମୁଖେ ବେଙ୍ଗ ପରି ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ, ୯୪୩୭୮୭୬୪୫୬୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପାଷାଣୀ ମୁଁ...

ଶିଳ୍ପାଲିପି ବେହେରା

କ୍ଷୁବ୍ଧ ପରିତ୍ୟକ୍ତ କାହିଁକି ପଡ଼ିରହିଛି ମୁଁ
ଯୁଗ ଯୁଗର କାହାଣୀ ମନରେ ଧରି,
ଗ୍ରୀଷ୍ମ ବର୍ଷା ଶୀତର କାକରେ ଭିଜି
ଦେହ ସହ ମନ ବି ଯାଇଛି ମୋ ମରି ॥

ନିତି ମୁଁ କଥା କହେ ଆକାଶ ସହ
ବିବିଧ ରଂଗରେ ମୋତେ ଉତ୍ତର ଦିଏ,
ମୋ କୋହର ଆଭାସ ପାଇ ସେ
କେବେ କେବେ ଅଦିନରେ ବରଷି ଯାଏ ॥

ମୋ ଗୀତ ଶୁଣି ପକ୍ଷୀ କ୍ଷଣିକ ପାଇଁ
ବସିଯାଏ ମୋ ତପ୍ତ ଟାଂଗରା ଦେହରେ,
ମୋ ସ୍ୱରରେ ମିଶାଇ ସ୍ୱର ଗାଏ
କ୍ଷୁବ୍ଧ ହୁଏ ଅଜଣା କ୍ଷତ ଦେଖି ମୋ ଶରୀରେ

କେମିତି ବୁଝାଇବି ମୁଁ ମୋ କୋହକୁ
ବିସ୍ତାରି ତା ଆଗରେ ନିଜକୁ,
ବୁଝିବ କି ମୋ ମନର କଥା
ସ୍ୱାର୍ଥବିନା ଏଠି କିଏ ବୁଝେ କାହାକୁ ?

+୩ ଦ୍ୱିତୀୟ ବର୍ଷ ଛାତ୍ରୀ
ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ
ମହାବଦ୍ୟାଳୟ, ଜଗତସିଂହପୁର
ଫୋନ୍ : ୮୦୯୩୫୨୨୯୨୪

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗଛ ଦେବତା

ଅଙ୍କିତ ସାହୁ



ଗଛ ଦେବତା ହେ ଗଛ ଦେବତା
ରଖ ପରିବେଶ ନିରିମଳ
ଅମ୍ଳଜାନ, ଛାଇ, କାଠ ଓ ଜାଳେଣି
ଦିଅ ତୁମେ ସବୁ ଫୁଲ ଫଳ

୧

ଅଙ୍ଗାରକାମ୍ଳ ନେଇ ନିଶ୍ୱାସରେ ତୁମେ
ଅମ୍ଳଜାନ ଦିଅ ଆମକୁ
ମୃତ୍ତିକା ସଂରକ୍ଷଣ କରି ତୁମେ
ଭରସା ହୁଅ ଚାଷୀକୁ

୨

ତାପ ନିୟନ୍ତ୍ରଣେ ବିନିଯୋଗ ହୋଇ
ବରଷା କରାଅ ତୁମେ
ତୁମ ଉପକାରେ ଉପକୃତ ହୋଇ
ବଞ୍ଚି ରହିଅଛୁ ଆମେ

୩

ଆସ ସମସ୍ତେ ଏକାଠି ହେବା
ଗଛ ଦେବତାଙ୍କ ସେବା କରିବା
ଗୋଟିଏ ଗୋଟିଏ ଗଛ ଲଗାଇ
କାଲି ପାଇଁ ଆଜି ସତର୍କ ହେବା

୪

"ଗଛ ଆମର ଜୀବନ
ତେଣୁ ତାର ରକ୍ଷା ଆମ ସଭିଙ୍କର ଦାୟିତ୍ୱ ।"

ନବମ ଶ୍ରେଣୀ ଛାତ୍ର,
ଗ୍ଲୋବାଲ୍ ଇଣ୍ଡିଆନ ମଡେଲ ସ୍କୁଲ,
ବିଦ୍ୟାଧରପୁର, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୀଣାପାଣି

ଇଂ ସନମ୍ ଦେବୀ



ଆହେ ମାତା ବୀଣାପାଣି ଦେବୀ ସରସ୍ୱତୀ
ତୁମେ ପରା ଆଦିଶକ୍ତି ଜଗତ ଜନନୀ,
ଆହେ ବିଦ୍ୟାଦାତ୍ରୀ ଶୁଭ୍ରବସ୍ତ୍ର ଧାରିଣୀ
ସହସ୍ର ପ୍ରଣତି ଘେନ ମା ଜ୍ଞାନଦାୟିନୀ । (୧)

ଆହେ ମାତା ଶୁଭ୍ରବସ୍ତ୍ରା ବିଦ୍ୟାଦାୟିନୀ
ତୁମ ଆଶିଷରେ ମୂର୍ଖ ହୁଅନ୍ତି ତେଜସ୍ୱୀ
ଆହେ ମାତା ଆଦିଶକ୍ତି ଦେବୀ ସରସ୍ୱତୀ
ଜ୍ଞାନନେତ୍ର ଦିଅ ମାତା ମୋତେ ଦୟାକରି । (୨)

ଆହେ ମାତା ବୀଣାପାଣି ଦେବୀ ମହାମାୟୀ
ବେଦ, ଗ୍ରନ୍ଥ, ଗୀତା ପୁଣି ମୁଁ ଜାଣିନାହିଁ
ତଥାପି କରୁଛି ମାଆ ମୁଁ ତୋର ପ୍ରଣତି
ଦୋଷ ମୋର କ୍ଷମାକର ଆହେ ମହାଦେବୀ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁ ତତେ ସଜାଡ଼େ

ଅଶୋକ କୁମାର ବାରୀକ



ମୃତ୍ୟୁ ତୋର ରହିଛି ଅନାଇ
ତୋ ସାଥେ ଯିବେ ନାହିଁ କେହି ।
ବନ୍ଧୁ ବାନ୍ଧବ ପରିଜନ ଯେତେ
ତୋ ପାଇଁ କାନ୍ଦିବେ କେତେ ?
ଭୁଲି ଯିବେ ତତେ ଅତୀତ ବୋଲି
ଧନ ସମ୍ପଦ ତୋର ହୋଇଯିବ ଖାଲି ।
ଆସିଥିଲୁ ଏକା ଯିବୁ ତୁହି ଏକା
ଭଲ କୀର୍ତ୍ତି ଥିଲେ ହୃଦେ ଥିବୁ ସଦା ।
ଅନ୍ୟ କୁ ଆଦେଶ ଉପଦେଶ ଦେଉ
ନିଜକୁ ସଜାଡିବାକୁ ଭୁଲି ଯାଉ ।
ସର୍ବେ ନିଜ କର୍ଯ୍ୟେ ଅତି ବ୍ୟସ୍ତ
ତୁ କେବଳ ଅଛୁ ହୋଇ ବିଚ୍ୟୁତ ।
ସମୟ ଅଛି ଯା ତୁ ବଦଳି
ନହେଲେ ଲାଗିବ ତୋ ଚରିତ୍ରେ କାଳୀ ।

ଅଧ୍ୟାପକ (ଅର୍ଥନୀତି ବିଭାଗ),
ମଡେଲଡ଼ିଗ୍ରୀ କଲେଜ, ନୟାଗଡ଼,
ଯୋଗାଯୋଗ : ୮୭୩୭୨୩୫୭୧୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନମ୍ରନ୍ତି ଫଳିନମ୍ ବୃକ୍ଷମ୍

ବିଶ୍ୱ ରଞ୍ଜନ ମହାନ୍ତି



ଅଜସ୍ର ଫଳରେ ପରିପୂର୍ଣ୍ଣ ଏକ ବୃକ୍ଷ
କରେ ସ୍ୱାଗତ କରି ବିସ୍ତାରିତ ବକ୍ଷ ।

କାଉ କୋଇଲି କୁମ୍ଭାଟୁଆ କରିଛନ୍ତି ବସା
ସୁମଧୁର ରାବରେ ଆଜି ପ୍ରକଂପିତ ଉଷା ।

ଦିନରେ ଗୁଣ୍ଡୁଚି ମୂଷା କରେ ବିଚରଣ
ରାତିରେ ବାଦୁଡ଼ି ଫଳ କରନ୍ତି ଭକ୍ଷଣ ।

ପଚାରିଲି ଏତେ ଫଳର କିବା ପ୍ରୟୋଜନ
ଛୋଟ ଡେମ୍ଫେ ବଡ଼ଫଳ ହୋଇଛି ଓଜନ ।

ବଂଶବୃଦ୍ଧି ଆଶା ନେଇ ସାଇତିଛୁ ମଞ୍ଜି
ଅଦେଖିତ ମୃତ୍ତିକାକୁ ମନାସିଛୁ ଆଜି ।

ଭାବୁଛୁକି ସବୁ ମଞ୍ଜି ହୋଇଯିବେ ଗଜା
ଜଣିନୁକି କିଏ ପାଏ ଆମ୍ଭୁଲର ସଜା ।

ଆଚମ୍ବିତ ହେଲି ମୁଁ ଶୁଣି ତା ଉତ୍ତର
ପ୍ରାଣୀଙ୍କ ଖାଦ୍ୟ କରିବା ଶକ୍ତି ଅଛି ମୋର ।

ମାଗଣାରେ ପାଏ ମୁଁ ପାଣି ଓ ପବନ
ସୂର୍ଯ୍ୟ କିରଣରୁ କରେ ସଭିଙ୍କ ଭୋଜନ ।

ପ୍ରାଣୀଙ୍କ ହିତରେ ମୋ ଜୀବନ ଉତ୍ସର୍ଗ
ନମ୍ରନ୍ତି ଫଳିନଂ ବୃକ୍ଷମ୍ ତିଳେ ନାହିଁ ଗର୍ବ ।

ଚାଟାର୍ଡ ଆକାଉଣ୍ଟାଣ୍ଟ
ୟୁନିଟ ୮, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପଥରରେ ପରିଣତ ହେବା ପଛରେ

କିରନ୍ ସ୍ୱାଇଁ



କେତେ ଥର
ଅଜାଣତେ
ଅକାରଣେ
ସତ୍ୟତାକୁ
ସଂଶୟର
ମାତ୍ରାତ୍ମକ ପଦ୍ଧତିରେ
ମପାଯିବ ?

ଯୁଗ ଯୁଗରୁ
କେତେ ଯେ
ଅସଂଖ୍ୟ ବିଳାପ,
ଆକୁଳ କ୍ରନ୍ଦନ ଓ ଚିତ୍କାର
ତଥା ନିବେଦନ
ଶୁଣିବାକୁ ନାରାଜ ।
ଫରକ ଏତିକି ଯେ
ସେତେବେଳେ କାହାକୁ
ପଥର କରି ଦିଆଗଲା,

ଆଉ ଏବେ
ନିଜେ ନିଜକୁ ଆକାର ଦେଇ
ପ୍ରସ୍ତରରେ
ମୁଁ ପରିଣତ ।

ଯେତେବେଳେ
ସବୁ ପ୍ରୟାସ
ନିଷ୍ଫଳ
ସବୁ ସ୍ୱପ୍ନ, ସମ୍ଭାବନା
ଆଶା ନିରର୍ଥକ
ବଞ୍ଚିବାର ସମ୍ଭାବନାକୁ
ପାଥେୟ କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅରଣ୍ୟ ରୋଦନ ଅପେକ୍ଷା
ବରଂ ଭଲ ପଥର
ପାଲଟି ଯିବା ।

ଏ ପ୍ରସ୍ତରର କାରୁକାର୍ଯ୍ୟରେ
ନଥିବ ପାଷାଣର ପ୍ରତୀକ୍ଷା
ନା ସମୟର ଅପେକ୍ଷା
ନା ପ୍ରମାଣର ପ୍ରଚେଷ୍ଟା ।
ଜୀବନର ମଧୁ ସନ୍ଧାନ
ଓ ସଞ୍ଚୟ ଭିତରେ
ଜୀଇଁବାର କଳା ଖୋଜି
ଅନୁଭବ କରିବାକୁ ହେବ
ଧୂସରରେ ସବୁଜିମା ଓ
ସବୁଠି ସୁନ୍ଦରତା ।

ବହିଆପଦର, ବରପାଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୁଁ କଣ ପଢ଼ିପାରେ ତୁମକୁ...

ଶକ୍ତି ସୁମନ ଦାସ



ଆଚ୍ଛା... !

ମୁଁ କଣ ପଢ଼ିପାରେ ତୁମକୁ.. ?

ସେଦିନ, ସେ ଆଖିରେ ପ୍ରତାରଣା ନଥିଲା

ଥିଲା ପ୍ରେମର ଅଷ୍ଟମ ତାନ

କିନ୍ତୁ ମନରେ କେଜାଣି କେଉଁ ଗୋଟେ ଭୟ ଥିଲା....

ଆଉ ସେ ଭୟାତୁର ମନଟି କିଛି ଗୁଡେ କହିଚାଲିଥିଲା....

ସତେ.. !

ମୁଁ କଣ ପଢ଼ିପାରେ ତୁମକୁ.. ?

ରୁଷି ଯାଇଥିବା ସେ ଚଗଲା ମନଟି,

ସତେ କଣ ସେଦିନ କିଛି ଦେଖୁ ଦେଖୁ ଶାନ୍ତ ହୋଇଯାଇଥିଲା.. ?

ସେ ଭୟ, ସେ ଧୀରତାର ରୂପ କିଛି ନିଆରା କିନ୍ତୁ ଲାଗୁଥିଲା...

ଭୟ ଭିତରେ ଉଦୟ ସୂର୍ଯ୍ୟର ଆଭାସ,

ଆଉ ଧୀରତା ଭିତରେ ପୂର୍ଣ୍ଣମୀ ଚାନ୍ଦର ଶୀତଳ କିରଣ।

ମୁଁ କଣ ପଢ଼ିପାରେ ତୁମକୁ.. ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଢିବାକୁ ତ ମନଟିଏ ଲୋଡା...

ଆଉ ମୋ ମନ ସବୁବେଳେ ତୁମକୁ ହିଁ ପଢିବାକୁ ଚାହେଁ...

ମୁଁ ଜାଣେ ମୋ ମନକୁ ତୁମେ ବି ପସନ୍ଦ କର....

ମାର୍ଫତ୍ : ସୋମନାଥ ଦାସ

ଭାରିଓଦା, ବାଲିକୁଦା, ୭୫୪୧୦୮

ଜଗତସିଂହପୁର

ମୋ : ୯୪୩୮୭୦୮୪୪୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ମୃତିରେ ଟାଟା

ଭାରତୀ ମୁଦୁଲି

ଶୁଣିଥିଲି ପିଲାବେଳେ ଟାଟା ନାଁ
ହେଲେ ଦେଖି ନଥିଲି କେବେ
ଜନମି ଥିଲ ଅଠେଇଶ ଡିସେମ୍ବର
ଉଣେଇଶି ସହ ସଇଁ ତିରିଶରେ
ପାଠର ମହତ୍ତ୍ୱ ସହିତ ଧୀରେ ଧୀରେ
ସେଇ ମଣିଷଟାକୁ ଦେଖିଲି ଫୋନରେ
ବୟସ ବଢୁଥିଲା ହେଲେ ଭାବି ନଥିଲି
ଟାଟାର ବି ବୟସ ବଢୁଛି
ବେଶି ଚିହ୍ନି ନଥିଲି ହେଲେ
ଟାଟା ମୁହଁର ଝଲକ ଦେଖିଲି
ସେଇ ଝଲକ୍ ଥିଲା ମୋ ଆଖିକୁ କଲା ଯାଦୁ
ଭଲ ବ୍ୟତୀତ ଚିନ୍ତା କିଛି ଆସିଲାନି ମନେ
ଦେଖି ତ ଥିଲି କେବେ ନା କେବେ
ହେଲେ ଟାଟାର ଯୁବାବେଳେ ନୁହେଁ
ସେବେ ବି ଭାବୁଥିଲି କି ମଣିଷଟିଏ ଏକା ସିନା
ହେଲେ ତାର ହୃଦୟରେ ସେ ବାନ୍ଧି ରଖିଛି
ପୁରା ଭାରତୀୟଙ୍କୁ ନିଃସ୍ୱାର୍ଥରେ
ତିନି ଦିନ ଧରି ଆଖିରୁ ଲୁହ ସୁଖୁନି
କାହିଁକି ଏତେ ଆକର୍ଷଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାହିଁକି ଥରେ ସୁଯୋଗ ଦେଲନି
ସେଇ ମହତ୍ମାଙ୍କ ପାଦ ସ୍ପର୍ଶ କରିବାକୁ
ହେ ପ୍ରଭୁ ! ତୁମେ ନିଷ୍ଠୁର ହେଲ କି
ମିଳିଲାନି ଥରେ ସୁଯୋଗ ଦେଖିବାକୁ
ମିଳିଲାନି ଥରେ ସୁଯୋଗ ସେବା କରିବାକୁ
ଭାବୁଚି ଯଦି ଯାଇଥାନ୍ତି
କ'ଣ ସେ ଦେଖା କରିଥାନ୍ତେ ମୋ ସହ ?
ବୟସର ତାରତମ୍ୟ ଥିଲା ତ ବହୁତ୍
ହେଲେ ଚିନ୍ତା ବୋଧେ ସମାନ ଥିଲା
ତୁମ ଚେହେରା, ସେ ହସ, ଆଉ ସ୍ୱର
ସବୁ କିଛି ପ୍ରଭାବିତ କରୁଥିଲା
ପ୍ରତି ଜନ ହୃଦୟକୁ
କେହି କେବେ ଟାଟା ବିପକ୍ଷୀ ଥିବାର
ଆଜି ଯାଏଁ ଶୁଣିନି
ତୁମେ ମନେ ରହିବ ମୁଁ ମୃତ୍ୟୁକୁ
ପ୍ରାପ୍ତ ନ କରିବା ଯାଏଁ
ତୁମର ଶେଷ ଦିନରେ କୋଉ ଧର୍ମ
ନୁହେଁ କାନ୍ଦିଚି ଭାରତ ମାତାର ସନ୍ତାନଗଣ
ବୋଧେ ତୁମେ ଏକ ଅବତାର ନେଇ ଆସିଥିଲ
କୌଣସି ମୂଲ୍ୟ ନାହିଁ ତୁମ ହସର
କୌଣସି ତୁଳନା ନାହିଁ ତୁମ ମୁହଁର
ତୁମକୁ ଦୁନିଆ ଶେଷ ହେବା ଯାଏଁ ମାନେ ରଖିବ
ତୁମକୁ ଏତେ ଯଦି ଯିବାର ନଥିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେ ଟାଟା ! ଫେରିଆସ

ତୁମ ମଣିଷ ପଣିଆକୁ ଲୋକେ ଝୁରୁଛନ୍ତି
ତୁମ ହସରେ ଥିଲା ପ୍ରେମର ବାସ୍ନା
ତୁମ କଥାରେ ଥିଲା ଉପଦେଶର ଗଣ୍ଠିଲି
ଭାରତର ପ୍ରତି ମଣିଷ ଚାହୁଁଥିଲା
ତୁମେ ବଞ୍ଚିରୁହ ଦୁନିଆ ଶେଷ ହେବା ଯାଏଁ
ମୁଁ ଅନୁଭବ କରିଛି କିଏ ତୁମକୁ କେତେ ଚାହୁଁଥିଲା
ମୋର ଆଶା ଥିଲା କେବେ ଭେଟ ହେବି ତୁମ ସହ
ହେଲେ ସେ ସୁଯୋଗ ଆସିଲାନି
ଯଦି ମୁଁ ହେଇଥାନ୍ତି ଜନ୍ମ ତୁମ ସମୟରେ
ନିଶ୍ଚିତ ସେବା କରିଥାନ୍ତି ତୁମର
ଚାଲିଗଲ ସଭିଙ୍କର ତୁମେ ମଙ୍ଗଳସେବା କରି
ଅକ୍ଟୋବର ନଅ ଦୁଇ ହଜାର ପଚାଶରେ
ତୁମ ଚେହେରାକୁ ଭୁଲିବିନି କେବେ
ହେଲେ ତୁମକୁ ଦେଖିଲେ ଲୁହ ଆସେ ଆଖିରେ
ଆଉ ସେ ଲୁହ ଖୁବ୍ ଶୋଭା ପାଏ ବୋଲି ଭାବେ ମୁଁ
ନିଜ ନାଁ ପରି ମନେ ରଖିବି ତୁମକୁ
ଫେରି ଆସ ହେ ଟାଟା !

ଭାରତୀ ମୁଦୁଲି, ଗବେଷିକା
ବନମାଳୀପୁର , ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସିଏ ତୁମେ

ସ୍ନିଗ୍ଧା ପଟ୍ଟନାୟକ

ପ୍ରୀତିଝରା କେବେ ସେହି ପୁଷ୍ପ ଶଯ୍ୟା ପଥରେ,
ହୃଦର ଆବେଗ ଚାଲେ ଧୀର ଧୀର ଗତିରେ,
କହିକି ପାରିବି କିଛି ଆଶାହୀନ କଥା ?
ସମୟକୁ ବାନ୍ଧିବାର ବୃଥାଯୁକ୍ତ ଚେଷ୍ଟାରେ ।

ହଜିଯାଏ ପୁଣି ତୁମ ଚୁମ୍ବକୀୟ କଥାରେ,
ସତେ କି ମାଧ୍ୟାକର୍ଷଣ ବା ତୁମ ଆକର୍ଷଣରେ,
ବାଷ୍ପୀଭୂତ ହୋଇ ମୁଁ ଯେ ଯାଏ ଉଡ଼ି ଊର୍ଦ୍ଧ୍ୱକୁ
ଭୂମିଷ୍ଠ ନ ହେବା ପାଇଁ ଚାହେଁ ସତେ ମନରେ ।

ନୂତନତା ଭରିଯାଏ ତୁମ ଉପସ୍ଥିତିରେ,
ଇଚ୍ଛା ହୁଏ ପଲକ ନ ପଡୁ ଏଇ ଆଖିରେ,
ସିଏ ତୁମେ ଯାହାକୁ ମୁଁ ଚାହେଁ ପ୍ରତିକ୍ଷଣ
ସବୁଦିନ ପାଇଁ ମୋର ଏଇ ଜୀବନରେ ।

ରାଇପୁର, ଚାହାଳୀ, ନୟାଗଡ଼. ୭୫୨୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆସର

ଉପେନ୍ଦ୍ର କୁମାର ବସ୍ତିଆ



ଆମ ଘରେତ ସବୁଦିନେ ଆସର
ବାପାଙ୍କ ହାତରେ ଠେଙ୍ଗା ,
ବୋଉ ହାତରେ ଛାଞ୍ଚୁଣି ,
ଜେଜେ ବାପାଙ୍କ ଖୁଉଁ ଖୁଉଁ କାଶକୁ
ନାକ ପାଖେ ନାଶ,
ବୁଢ଼ୀ ମାଆର ଧଇଁ ପେଲା ସଙ୍ଗେ
କୋଥଳିର ଦରଫିଟା ଫାଶ ।
ଅପା କାନ୍ଦେ ସୁଁ ସୁଁ ହୋଇ
ବାହାଘର ଭାଙ୍ଗି ଯିବା ପରେ
ବଡ ଭାଇ ବେକାରୀଆ ଆକାଶକୁ
ଚାହିଁ ଚାହିଁ ଦୀର୍ଘ ଶ୍ୱାସ ମାରେ ।
ମୁଁ ଖାଲି ମୁକ ଥାଏ ଦେଖି ଦେଖି
ଏଇ ଆମ ବେସୁରା ଆସର ।
ଆଜି କିନ୍ତୁ ଇଏ କଣ
ହଠାତ୍ ପରିବର୍ତ୍ତନ ?

ଜେଜେଙ୍କ ହାତରେ ତାନପୁରା ,
ବାପାଙ୍କ ହାତରେ ଡୁବିତବଲା ,
ବୋଉ ହାତରେ ହାର ମୋନିୟମ ।
ଅପା ଗଳାରେ ସାରେଗାମାପା
ଭାଇଙ୍କ ହାତରେ ମୋବାଇଲ
ମୁଁ ଖାଲି ଭାବୁଛି ସୂର୍ଯ୍ୟ କଣ
ପଶ୍ଚିମ ଦିଗରୁ ଉଇଁଲେ କି ?
ଆମ ଘରେ ସତେ ଆଜି
ଇଏ କି ଆସର ? ଦେଖି ଲାଗେ
ବଡ ଚମତ୍କାର ହୁଏ ମୁଁ ବିଭୋର ।

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମହାକୁମ୍ଭ ମେଳା ୨୦୨୫

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ସନାତନୀ ହିନ୍ଦୁ ଧର୍ମର ଆସ୍ଥା ଓ ବିଶ୍ୱାସର ପ୍ରତୀକ

ମହାକୁମ୍ଭ ମେଳା ୨୦୨୫

ଚଳିତ ବର୍ଷ ଆମ ଦେଶରେ ମହାକୁମ୍ଭ ପାଳନ ହେଉଛି । ପ୍ରୟାଗରାଜ ନାମକ ସ୍ଥାନରେ ପ୍ରତି ବାରବର୍ଷରେ ଆୟୋଜିତ ହୋଇଥାଏ କୁମ୍ଭ ଯାତ୍ରା ଏବଂ ପ୍ରତି ଶହେ ଚଉରାଳିଶି ବର୍ଷରେ ଥରେ ପାଳିତ ହୁଏ ମହାକୁମ୍ଭ । କୁହାଯାଏ ଏହି ସମୟରେ ଦେବତାମାନେ ମଧ୍ୟ ଏହି ସ୍ଥାନରେ ଉପସ୍ଥିତ ହୋଇ ତ୍ରିବେଣୀ ସଂଗମରେ ସ୍ନାନ କରିଥାନ୍ତି । ଦେବତା ମାନଙ୍କୁ ଆମେ ନିଜ ଚର୍ମଚକ୍ଷୁରେ ଦେଖିବା ହୁଏତ ସମ୍ଭବ ନ ହୋଇପାରେ କିନ୍ତୁ ଦେବତାଙ୍କ ଶରଣରେ ଯାଉଥିବା ଅଗଣିତ ସାଧୁସନ୍ଥଙ୍କୁ ଏକତ୍ର ସ୍ନାନ କରୁଥିବାର ଦେଖିବା ମଧ୍ୟ କୌଣସି ଆଶ୍ଚର୍ଯ୍ୟରୁ କମ ନୁହେଁ । କୁମ୍ଭ ଯାତ୍ରାରେ ଲକ୍ଷାଧିକ ସାଧୁସନ୍ଥ ତ୍ରିବେଣୀ ସଂଗମରେ ଏକତ୍ରିତ ହୋଇ ସ୍ନାନ କରନ୍ତି ଯାହାକୁ ଶାହି ସ୍ନାନ ବା ମହତ୍ତ୍ୱପୂର୍ଣ୍ଣ ସ୍ନାନର ଆଖ୍ୟା ଦିଆଯାଇଛି ।

ପୌରାଣିକ ମତେ ଅମୃତ ଭାଣ୍ଡ ପାଇଁ ଦେବାସୁରଙ୍କ ମଧ୍ୟରେ ସଂଘର୍ଷ ଚାଲିଥିବା ବେଳେ ଉକ୍ତ ଭାଣ୍ଡରୁ ଚାରିଟୋପା ଅମୃତ ଚାରୋଟି ସ୍ଥାନ ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୈନ ଓ ନାଶିକରେ ପଡ଼ିଯାଇଥିଲା । ସେହି ଚାରୋଟି ସ୍ଥାନରେ କୁମ୍ଭମେଳା ଅନୁଷ୍ଠିତ ହେଉଛି ।

ହିନ୍ଦୁ ଧର୍ମ ବିଶ୍ୱାସ ଅନୁସାରେ ମହାକୁମ୍ଭ ସ୍ନାନଦ୍ୱାରା ପାପ କ୍ଷୟ ହୁଏ, ଏହା ମୋକ୍ଷ ପ୍ରାପ୍ତିର ମାର୍ଗ । ଜ୍ୟୋତିଷ ଶାସ୍ତ୍ରମତରେ ମଧ୍ୟ ମକର ସଂକ୍ରାନ୍ତିଠାରୁ ମହାଶିବରାତ୍ରି ପର୍ଯ୍ୟନ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାକୁମ୍ଭ ସ୍ନାନ ଆଧ୍ୟାତ୍ମିକ, ଶାରୀରିକ ଓ ମାନସିକ ଶକ୍ତିରେ ବିକାଶ ଘଟାଏ । କାରଣ ଏହି ସମୟରେ ବୃହସ୍ପତି ବୃଷ ରାଶିରେ ଅବସ୍ଥାନ କରନ୍ତି ଏବଂ ମକର ରାଶିରେ ରହିଥାନ୍ତି ରବି ଓ ଚନ୍ଦ୍ର । ଫଳରେ ପ୍ରୟାଗର ବାୟୁମଣ୍ଡଳ ପରିପୂର୍ଣ୍ଣ ହୋଇଥାଏ ଆଧ୍ୟାତ୍ମିକ ଶକ୍ତିଦ୍ୱାରା । ଭକ୍ତ ଓ ଶ୍ରଦ୍ଧାଳୁମାନେ ଗଙ୍ଗାର ଜଳ, ବାୟୁମଣ୍ଡଳ ତଥା ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ଶକ୍ତିର ସତ୍ତା ଅନୁଭବ କରନ୍ତି । ତେଣୁ କୁମ୍ଭ ମେଳାରେ ଯୋଗ ଦେଲେ ସ୍ୱତଃ ମାନସିକ, ଶାରୀରିକ ଓ ବୌଦ୍ଧିକ ଅଭିବୃଦ୍ଧି ହୋଇଥାଏ । ଏହା ହିଁ ମୋକ୍ଷର ମାର୍ଗ । କୁମ୍ଭ ସ୍ନାନର ଶ୍ରେଷ୍ଠ ଦିବସ ହେଉଛି ମୌନୀ ଅମାବାସ୍ୟା । ଏହି ଦିନ ସୃଷ୍ଟି ସର୍ଜନା କରିଥିଲେ ବ୍ରହ୍ମା । ତେଣୁ ମୌନୀ ଅମାବାସ୍ୟାର ସ୍ନାନରେ ମିଳେ ଅମାପ ଆଧ୍ୟାତ୍ମିକ ଶକ୍ତି । ମହାକୁମ୍ଭ ସମୟରେ ପ୍ରୟାଗଠାରେ ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ଓ ସକଳ ଦେବ , ସମସ୍ତ ବେଦର ମିଳନ ଘଟିଥାଏ । ଗଙ୍ଗାର ପବିତ୍ର ଜଳ ମଧ୍ୟ ମକର ସଂକ୍ରାନ୍ତି ସମୟରେ ଆଧ୍ୟତ୍ମିକ ଶକ୍ତିଦ୍ୱାରା ଶକ୍ତିଶାଳୀ ମନେ ହୁଏ । ତେଣୁ ଗଙ୍ଗା ବୁଡ଼ ଫଳରେ ଅମୃତର ସ୍ୱାଦ ଅର୍ଥାତ ଐଶ୍ୱରିକ ସତ୍ତାର ଉପଲବ୍ଧି ମିଳେ ବୋଲି ବିଶ୍ୱାସ ରହିଛି । ପୌରାଣିକ ମତେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ହିଁ ପୁରୁଷାର୍ଥ ଅଟେ । ଏଥିମଧ୍ୟରୁ ଅର୍ଥ ଓ କାମ ଲୌକିକ ଏବଂ ଧର୍ମ ଓ ମୋକ୍ଷ ପାରଲୌକିକ ଶ୍ରେଷ୍ଠତା ପାଇଁ ଉଦ୍ଦିଷ୍ଟ । କୁମ୍ଭସ୍ନାନ ଏହି ଚତୁର୍ବର୍ଗ ଫଳ ପ୍ରଦାନ କରିଥାଏ । କୁମ୍ଭପର୍ବରେ ବିଧିବିଧାନ ପୂର୍ବକ ସ୍ନାନ ଓ ଦାନ ଆଦି କଲେ ଶତ ଅଶ୍ୱମେଧ ଯଜ୍ଞର ଫଳପ୍ରାପ୍ତି ତଥା ପରଲୋକ ମୁକ୍ତି ଅମୃତତତ୍ତ୍ୱ ପ୍ରାପ୍ତି ହୁଏ । (ସୌଜନ୍ୟ - ୱିକିପେଡ଼ିଆ)

ପ୍ରୟାଗରାଜ ଠାରେ ଗଙ୍ଗା ଓ ଯମୁନା ନଦୀର ମିଳନ ହେଉଥିବା ବେଳେ ସେଠାରେ ସରସ୍ୱତୀ ନଦୀର ଉପସ୍ଥିତି ରହିବା କଥା ଆମର ଅନେକ ଗ୍ରନ୍ଥରେ ଉଲ୍ଲେଖ ରହିଛି । ଗଙ୍ଗା ନଦୀରେ ସ୍ନାନ କଲେ ମନୁଷ୍ୟର ଜନ୍ମଜନ୍ମାନ୍ତରର ପାପ କଳୁଷରୁ ମୁକ୍ତି ମିଳିଥାଏ ବୋଲି ମାନ୍ୟତା ରହିଛି । ମୃତ୍ୟୁପରେ ମଧ୍ୟ ଆମ ସନାତନ ହିନ୍ଦୁ ଧର୍ମରେ ମୃତବ୍ୟକ୍ତିଙ୍କର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସ୍ଥି ଓ ଭସ୍ମକୁ ଗଙ୍ଗାରେ ବିସର୍ଜନ କରିବା ପରମ୍ପରା ହଜାର ହଜାର ବର୍ଷରୁ ଚାଲି ଆସିଛି ।

ଆମ ସୌରମଣ୍ଡଳରେ ଥିବା ସମସ୍ତ ଗ୍ରହମାନଙ୍କ ବିଷୟରେ ବିଜ୍ଞାନ ଆମକୁ ଜଣାଇବାର ହଜାର ହଜାର ବର୍ଷ ପୂର୍ବରୁ ଆମ ସନାତନ ହିନ୍ଦୁ ଧର୍ମର ମହାନ ବ୍ୟକ୍ତିମାନେ ଆମକୁ ଏହି ବିଷୟରେ ଜଣାଇ ସାରିଥିଲେ । ଗ୍ରହମାନଙ୍କ ମଧ୍ୟରେ ସର୍ବବୃହତ ଓ ସବୁଠାରୁ ଓଜନିଆ ଗ୍ରହକୁ ଗୁରୁ ଅର୍ଥାତ ବୃହସ୍ପତି ବୋଲି କୁହାଯାଏ । ଆମ ଧର୍ମର ପୁସ୍ତକମାନଙ୍କରେ ଉଲ୍ଲେଖ ରହିଛି ଯେ ବୃହସ୍ପତି ଗ୍ରହ ଆମ ପୃଥିବୀକୁ ସର୍ବଦା ସୁରକ୍ଷିତ କରି ଆସିଛି । ଅଧୁନା ବୈଜ୍ଞାନିକ ମାନେ ମଧ୍ୟ ସେଇ କଥାକୁ ଦୋହରାଉଛନ୍ତି । ବୃହସ୍ପତି ଗ୍ରହର ଆକର୍ଷଣ ଏତେ ଅଧିକ ଯେ ଆମ ସୌରମଣ୍ଡଳ ମଧ୍ୟରେ ଇତଃସ୍ତତ ଭାବରେ ଘୁରି ବୁଲୁଥିବା ଉଲକା ପିଣ୍ଡଆଦିକୁ ସେ ନିଜ ଆଡ଼କୁ ଆକର୍ଷିତ କରି ନେବାଫଳରେ ସେ ସବୁ ଅନ୍ୟ ଗ୍ରହମାନଙ୍କ ଦେହରେ ଧକ୍କା ଖାଆନ୍ତି ନାହିଁ । ଏହାକୁ ଗୁରୁତ୍ୱାକର୍ଷଣ ବୋଲି କୁହାଯାଏ । ସେଇଥିପାଇଁ ଆମ ଧର୍ମଗ୍ରନ୍ଥମାନଙ୍କରେ ଗୁରୁଙ୍କ ପ୍ରାଧାନ୍ୟକୁ ଦୃଷ୍ଟିରେ ରଖି ବୃହସ୍ପତି ଗ୍ରହର ସୂର୍ଯ୍ୟଙ୍କ ଚତୁର୍ପାର୍ଶ୍ୱରେ ଘୁରି ଆସିବା ସମୟ ଯାହା ପୃଥିବୀ ତୁଳନାରେ ବାରଗୁଣ ଅଧିକ ହୁଏ, ସେଇଥିପାଇଁ ପ୍ରତି ବାରବର୍ଷରେ କୁମ୍ଭମେଳାର ଆୟୋଜନ କରାଯାଏ ।

କୁମ୍ଭମେଳା କେବେ ଆରମ୍ଭ ହେଲା ସେ ବିଷୟରେ ଧାରଣା ହୁଏତ ଅନେକଙ୍କ ପାଖରେ ନଥାଇ ପାରେ । ଆମେ ମଧ୍ୟ ସେଥିରେ ଅନଭିଜ୍ଞ । କିନ୍ତୁ ଚଳିତ ସମୟରେ ବିଶ୍ୱରେ ସୂଚନା ଓ ପ୍ରଦ୍ୟୋଗିକୀର କ୍ରାନ୍ତି ଚାଲୁଥିବା ସମୟରେ ପ୍ରତ୍ୟେକ ଘଟଣା ତ୍ୱରାନ୍ୱିତ ଭାବରେ ପ୍ରସାର ହୋଇ ପାରୁଛି ଏବଂ ମହାକୁମ୍ଭ ମେଳା ବା ସେଥିରୁ ବାଦ୍ ପଡ଼ନ୍ତା କେମିତି ? ସନାତନ ହିନ୍ଦୁ ଧର୍ମର ଧାର୍ମିକ ଆସ୍ଥା ଓ ବିଶ୍ୱାସକୁ ସାମାଜିକ ଗଣମାଧ୍ୟମ କେତେ ମାତ୍ରାରେ ପ୍ରଚାର ଓ ପ୍ରସାର କରିନଥିବ ଚିନ୍ତା କରି ଦେଖନ୍ତୁ ଯେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚଳିତ ମହାକୁମ୍ଭରେ ଚାଳିଶି କୋଟି ଲୋକଙ୍କ ସମାଗମ ହେବ ବୋଲି ଶୁଣାଯାଉଥିଲା, ସଦ୍ୟ ପ୍ରାପ୍ତ ସୂଚନା ଅନୁସାରେ ଏହା ଷାଠିଏ କୋଟି ପର୍ଯ୍ୟନ୍ତ ଯାଇପାରେ ।

ଏହିଭଳି ଜନସମାଗମ ଏହି ପୃଥିବୀ ପୃଷ୍ଠରେ କେବେ ବି ଦେଖିବାକୁ ମିଳିନଥିଲା କି ହୁଏତ ଆଗକୁ ଦେଖିବାକୁ ନ ମିଳିପାରେ । ସୂଚନା ପ୍ରଦ୍ୟୋଗିକୀ ଯୁଗରେ ଯେତେବେଳେ ପ୍ରତ୍ୟେକ ଖବର ଓ ଘଟଣାର ଦୃଶ୍ୟ ହାତପାହାନ୍ତାରେ ମିଳିପାରୁଛି ସେତେବେଳେ ଲୋକମାନେ ଘରେ ବସି କୁମ୍ଭମେଳାର ଦୃଶ୍ୟ ଦେଖି ଆନନ୍ଦିତ ହୋଇ ପାରନ୍ତେ । କିନ୍ତୁ ସତେ ଯେମିତି ପ୍ରତିଯୋଗିତାଟିଏ ଆରମ୍ଭ ହୋଇଛି । ଚାଲ କୁମ୍ଭ ଯିବା । ଯାହାକୁ ଦେଖ ସିଏ ସେଇ ଏକା କଥା, ଭାଇ କୁମ୍ଭ ଯାଉଛନ୍ତି କି ?

କୁମ୍ଭମେଳାରେ ଅଂଶଗ୍ରହଣ କରିବା ସୌଭାଗ୍ୟର କଥା ନିଶ୍ଚୟ । ହେଲେ ଯଦି ମନରେ ଧାର୍ମିକ ଓ ସାତ୍ତ୍ୱିକ ଭାବନା ରହିଛି ଏବଂ କୌଣସି ପାପ ବା କଳୁଷ ନାହିଁ, କେବଳ ତାହା ହେଲେ ହିଁ ଆପଣଙ୍କ ଯାତ୍ରା ସଫଳ ବୋଲି ଧରାଯାଇପାରେ ।

ହେଲେ ସତେ ଯେମିତି କୁମ୍ଭ ଏକ ଧାର୍ମିକ ଆୟୋଜନ ନୁହେଁ ବରଂ କୌଣସି ଏକ ଯାତ୍ରା ବା ମେଳା ହୋଇଯାଇଛି, ସମସ୍ତେ ସେଇ ଯାତ୍ରା ବା ମେଳାରେ ଅଂଶଗ୍ରହଣ କରିବା ପାଇଁ ଚେଷ୍ଟା କରୁଛନ୍ତି । ଅଧିକାଂଶ ଲୋକ ନିଶ୍ଚୟ ଭାବରେ ଏହି ଭବ୍ୟ ଆୟୋଜନରେ ସମ୍ମିଳିତ ହେବାର ସୌଭାଗ୍ୟକୁ ଉପଲବ୍ଧି କରିବାକୁ ଚାହୁଁଥାଇ ପାରନ୍ତି, ସେଥିରେ ଦ୍ୱିମତ ନାହିଁ । କିନ୍ତୁ କିଛି ଲୋକ ସେଠାରେ କେବଳ ଏଥିପାଇଁ ଯିବାକୁ ଚାହୁଁଛନ୍ତି, କାରଣ ସମସ୍ତେ ଯାଉଛନ୍ତି । ଏହାକୁ ମେଣ୍ଢାପଲଙ୍କ ସମଗତି ଭଳି ଧରି ନିଆଯାଇପାରେ । ଆଜୀବନ ଧାର୍ମିକ ଭାବନାକୁ ଭୃକ୍ଷେପ କରିନଥିବା କିଛି ଉଚ୍ଛୃଙ୍ଖଳ ଜୀବ ମଧ୍ୟ ଏଠାରେ ବିଚରଣ କରୁଥିବା ଦେଖିବାକୁ ମିଳୁଛି, ଯେଉଁମାନେ କାହାକୁ ସମ୍ମାନ ଦେବା ଅପେକ୍ଷା ସେମାନଙ୍କ ପ୍ରତି ଅଭଦ୍ରୋଚିତ ବ୍ୟବହାର କରିବାକୁ ପଛାଉନାହାନ୍ତି । ସାଧୁସନ୍ଥଙ୍କ ଜୀବନଚର୍ଯ୍ୟାକୁ ଭଲଭାବରେ ବୁଝିନଥିବା କିଛି ନୂତନପୀଢ଼ିର ଉଚ୍ଛୃଙ୍ଖଳ ବ୍ୟକ୍ତି ନିଜକୁ ବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ଭିଡ଼ିଓକୁ ଭାଇରାଲ୍ କରିବା ଉଦ୍ଦେଶ୍ୟରେ ସେଠାରେ ଉପସ୍ଥିତ ସାଧୁସନ୍ଥଙ୍କୁ ଅସୁବିଧାରେ ପକାଇବା ଭଳି କାଣ୍ଡ ସବୁ କରୁଛନ୍ତି ।

ଏହିଭଳି ଆୟୋଜନରେ ଉପସ୍ଥିତ ଅଗଣିତ ଆଖଡ଼ା ବା ଆଶ୍ରମରେ ଥିବା ମହାନ ସାଧୁମାନଙ୍କ ସାନ୍ନିଧ୍ୟ ଅପେକ୍ଷା ଏମାନେ ସେଠାରେ ବୁଲୁଥିବା ସୁନ୍ଦରୀ ମହିଳାଙ୍କ ଗୁଣଗାନ କରିବା ଶ୍ରେୟସ୍କର ମନେ ହେଉଛି । ନୁଆ ନୁଆ ସାଧୁଙ୍କ ବେଶ ଧାରଣ କରିଥିବା କିଛି ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜୀବନ ହେଉ ବା ସୁନ୍ଦର ଦେଖାଯାଉଥିବା ସାଧ୍ୱୀ ହୁଅନ୍ତୁ, ସମସ୍ତଙ୍କୁ କିଭଳି ନିଜ ମୋବାଇଲ୍ ବା କ୍ୟାମେରାରେ କଏଦ୍ କରିନେଇ ସମସ୍ତଙ୍କୁ ଦେଖାଇବି ସେଇ ଭାବନା ଅନେକଙ୍କ ମନରେ ଘର କରିଛି । ୟୁଟ୍ୟୁବରେ କୁମ୍ଭ ମେଳାର ଭବ୍ୟତା ଦେଖାଇବା ସହ ବିଭିନ୍ନ କମ୍ପାନୀର ପ୍ରଚାର କରିବା ପାଇଁ ତିନିଶହରୁ ଅଧିକ କଣ୍ଟେଣ୍ଟ କ୍ରିଏଟରଙ୍କୁ କର୍ମନିଯୁକ୍ତି ଦିଆଯାଇଛି ।

କୁମ୍ଭମେଳା ଯେ କେବଳ ଧର୍ମ ମୋକ୍ଷର ମେଳା ନୁହେଁ, ବରଂ ଏହା ଅନେକଙ୍କ ପାଇଁ ଅର୍ଥ ଉପାର୍ଜନର ଏକ ଅନନ୍ୟ ପନ୍ଥା ମଧ୍ୟ ହୋଇ ପାରିଛି । ଆପଣମାନେ ହୁଏତ ଶୁଣିଥିବେ ଯେ ପ୍ରୟାଗରାଜକୁ ଯାଉଥିବା ଅଧିକାଂଶ ଉଡ଼ାଜାହାଜରେ ବର୍ତ୍ତମାନ ସିଟ୍ ମିଳୁନାହିଁ, ବିଗତ ଦିନରେ କେହିଜଣେ ଅଭିଯୋଗ କରିଥିଲେ ଯେ ବାଙ୍ଗାଲୋରରୁ ଆମେରିକା ଯିବାପାଇଁ ଯେତିକି ଖର୍ଚ୍ଚ କରିବାକୁ ହେଉଛି, ପ୍ରୟାଗରାଜ ଯାଇ ଫେରିବାକୁ ସମାନ ଖର୍ଚ୍ଚ କରିବାକୁ ହେଉଛି । ଏଥିରେ ଆମେ ଉଡ଼ାଜାହାଜ ଚଳାଉଥିବା ସଂସ୍ଥାକୁ ଦୋଷ ଦେଇ ଲାଭନାହିଁ, କାରଣ ଭାରତରେ ବିମାନ ପ୍ରାଧିକରଣ ସଂସ୍ଥା ରହିଛି ଯାହା ସରକାର ସମର୍ଥିତ ସଂସ୍ଥା ଏବଂ ସେହି ସଂସ୍ଥାର ବିନା ଅନୁମୋଦନରେ କୌଣସି ବିମାନ ଚଳାଉଥିବା ସଂସ୍ଥା ଦରବୃଦ୍ଧି କରି ପାରିବେ ନାହିଁ । ଅର୍ଥାତ୍ ସରକାରଙ୍କ ଜାଣତରେ ହରିଲୁଟ୍ ହେଉଛି ବୋଲି କହି ହେବ । ସେହିଭଳି ପ୍ରୟାଗରାଜ କ୍ଷେତ୍ରରେ ଥିବା ଅଧିକାଂଶ ହୋଟେଲ୍ ମଧ୍ୟ ନିଜର ଦରବୃଦ୍ଧି କରିଛନ୍ତି । ଅବଶ୍ୟ ଅନେକ ସ୍ଥାନରେ ମାଗଣାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖାଇବା ଜିନିଷ ମିଳିଯାଉଛି ତଥାପି ସେଠାରେ ପ୍ରତ୍ୟେକ ଜିନିଷର ଦର ଦୁଇରୁ ତିନିଗୁଣା ହୋଇଛି ବୋଲି ଫେରିଥିବା ବ୍ୟକ୍ତିମାନେ ମତ ଦେଇଛନ୍ତି ।

ମହାକୁମ୍ଭ ବାସ୍ତବରେ ଏକ ଭବ୍ୟ ଓ ବିଶାଳ ଆୟୋଜନ । ଭାରତର ଜନସଂଖ୍ୟାର ଅର୍ଦ୍ଧେକ ଏହି ମହା ମେଳାରେ ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ଯୋଗ ଦେଉଛନ୍ତି । ଘରେ ବସି ମଧ୍ୟ ଏହି ମେଳାର ଭବ୍ୟତାକୁ ଅନୁଭବ କରି ହେଉଛି । ଛୋଟ ଛୋଟ ମେଳାମଉଛବରେ ଅନେକ ଘଟଣା ଘଟୁଥିବା ବେଳେ ମହାକୁମ୍ଭ ଭଳି ସ୍ଥାନରେ ମଧ୍ୟ ଘଟଣା ଘଟିବା ଆଶ୍ଚର୍ଯ୍ୟଜନକ ମନେ ହୁଏ ନାହିଁ । ଏତେ ଲୋକଙ୍କ ରହିବା, ଖାଇବା ଆଦି ବିଷୟ ବୁଝିବା ମଧ୍ୟ ସମ୍ଭବପର ନୁହେଁ । ତଥାପି ମାତ୍ର ଦୁଇ ସପ୍ତାହରେ ପାଖାପାଖି ପଞ୍ଚତିରିଶି କୋଟି ଶ୍ରଦ୍ଧାଳୁ ସ୍ନାନ କରି ସାରିଛନ୍ତି ଏବଂ ଆଗକୁ ଥିବା ଆହୁରି ତିନିସପ୍ତାହରେ ଏହି ସଂଖ୍ୟା ଯେ କେତେ ଅଧିକ ହେବ ତାହା ଚିନ୍ତା କରିଲେ ଆଶ୍ଚର୍ଯ୍ୟ ଲାଗୁଛି ।

ଏହିଭଳି ଭବ୍ୟ ଆୟୋଜନରେ ଯୋଗ ଦେବାପାଇଁ ମନ ବ୍ୟାକୁଳ ହେଉଥିବା ସ୍ୱାଭାବିକ, କିନ୍ତୁ ସାଂପ୍ରତିକ ସମୟରେ ସେଠାରେ ହେଉଥିବା ଅଗଣିତ ଅଘଟଣର ଖବର, ଅବ୍ୟବସ୍ଥାର ସୂଚନା ଶୁଣିବା ପରେ ଅନେକେ ହୁଏତ ନିଜର ଗସ୍ତ ବାତିଲ କରି ପାରନ୍ତି । ଯେଉଁମାନେ ଧାର୍ମିକ ଆସ୍ଥାର ବଶବର୍ତ୍ତୀ ହୋଇ କୁମ୍ଭ ମେଳାରେ ଅଂଶଗ୍ରହଣ କରିବେ ସେମାନେ ନିଶ୍ଚୟ ଯିବେ କିନ୍ତୁ ଯେଉଁମାନେ କେବଳ ପର୍ଯ୍ୟଟନ ବା ଲୋକଦେଖାଣିଆ ପାଇଁ ଯିବାକୁ ମନ ବଳାଇଥିଲେ ସେମାନେ ଯିବେ ନାହିଁ ।

ଆପଣ କୁମ୍ଭ ମେଳା ଯାଇଛନ୍ତି କି ? ଯିବାକୁ ଯୋଜନା କରୁଛନ୍ତି କି ? ଆପଣଙ୍କ ମତାମତ କଣ କମେଣ୍ଟ୍ କରି ଜଣାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୁମ୍ଭମେଳା, ଗାଥା ଓ କଥା

ଅର୍ଜ୍ଜୁନୀ ଚରଣ ବେହେରା



ସତ୍ୟଯୁଗର କଥା, ଦେବାସୁରଙ୍କ ମଧ୍ୟରେ ସର୍ବଦା ସଂଘର୍ଷ ଲାଗିରହିଲା । ଦେବତାମାନେ ଶତଚେଷ୍ଟା କରି ମଧ୍ୟ, ଅସୁରମାନଙ୍କୁ ପରାଜିତ କରି ପାରିଲେ ନାହିଁ । ଦିନେ ଭଗବାନ୍ ବିଷ୍ଣୁ ଚିନ୍ତାକଲେ ଦେବତା ମାନେ ଶକ୍ତିଶାଳୀ ହେବାକୁ ଅମୃତର ଆବଶ୍ୟକତା ଅଛି । ଅମୃତ ତ ସମୁଦ୍ରମଧ୍ୟରେ ରହିଛି । ତାକୁ ପୁଣି ପାଇବେ କିପରି ? ଏଣୁ ସାଗର ମନ୍ଥନ କରି ଅମୃତ ବାହାରକରିବାକୁ ପଡ଼ିବ । ଭଗବାନ୍ ବିଷ୍ଣୁ ଦେବତା ମାନଙ୍କୁ ଡକାଇ ଏ ପ୍ରସ୍ତାବଦେଲେ । ପୁଣି ଭଗବାନ କହିଲେ,ସାଗରମନ୍ଥନ ତୁମମାନଙ୍କ ଦ୍ୱାରା ଏକାକୀ ସମ୍ଭବନୁହେଁ, ଏଣୁ ଆମେ ଅସୁରମାନଙ୍କ ସାହାଯ୍ୟ ନେବା, ଦେବାସୁରଙ୍କ ସମ୍ମିଳିତ ଉଦ୍ୟମରେ ସମୁଦ୍ର ମନ୍ଥନ ସମ୍ଭବ ହେବ । ଏଣୁ ତୁମେ ମାନେ ଅସୁରଙ୍କ ସହ ଆଉ ଶତ୍ରୁତା ନକରି ଯାଇ ସନ୍ଧି କରିନିଅ ।

ବିଷ୍ଣୁଙ୍କ କଥା ଶ୍ରବଣକରି ଦେବରାଜ ଇନ୍ଦ୍ର ଦେବତା ମାନଙ୍କୁ ଘେନି ପାତାଳ ପୁରକୁ ଯାତ୍ରାକଲେ ଦାନବ ରାଜ ବଳିଙ୍କସହ ଆଲୋଚନା ପାଇଁ । ଇନ୍ଦ୍ର ବଳିଙ୍କୁ ଏ ପ୍ରସ୍ତାବ ଦେଇ କହିଲେ, ସାଗର ମନ୍ଥନରୁ ଯାହା ସବୁ ବାହାରିବ ତାକୁ ଆମେ ଅଧାଅଧା ବାଣ୍ଟିନେବା । ପ୍ରସ୍ତାବ, ଅସୁର ମାନଙ୍କ ମନକୁ ପାଇଲା ଓ ସମସ୍ତେ ସାଗର ମନ୍ଥନ ପାଇଁ ରାଜି ହୋଇଗଲେ ।

ମନ୍ଦର ପର୍ବତକୁ ବିଷ୍ଣୁଙ୍କ ନିର୍ଦ୍ଦେଶରେ ଗରୁଡ଼ ଘେନି ଆଣି ସାଗରରେ ଖୁଆଦଣ୍ଡ ଭାବେ ସ୍ଥାପନ କଲେ । ରଜ୍ଜୁଭାବେ ବାସୁକୀନାଗକୁ ଆଣି ବାନ୍ଧିଦିଆଗଲା । ଏବେ କଥା ଉଠିଲା କିଏ କେଉଁ ପାଖରେ ରହିବ । ଦେବତାମାନେ ଦେଖିଲେ, ବାସୁକୀଙ୍କ ମୁଣ୍ଡ ପାଖେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରହିବା ଆମ ପାଇଁ ବିପଦ୍‌ଜନକ ହେବ । କିନ୍ତୁ ଲାଞ୍ଜ କଥା ଯଦି କହିବା, ଅସୁରମାନେ ଆମକୁ ବିରୋଧ କରିବେ । ଏହି ସମୟରେ ଦେବର୍ଷି ନାରଦ ଗୋଟେ ବୁଦ୍ଧି ବାହାର କଲେ । ନାରଦ ଦେବତାଙ୍କୁ କହିଲେ, ଆପଣ ସମସ୍ତେ କୁହନ୍ତୁ, ଆମେ ବାସୁକୀର ମୁଣ୍ଡକୁ ଧରିବୁ । ଦେଖିବେ ଆପଣଙ୍କୁ ବିରୋଧ କରି ଅସୁରମାନେ ବାସୁକୀଙ୍କ ମୁଣ୍ଡକୁ ଧରିବାକୁ ରାଜି ହୋଇ ଯିବେ । ସତକୁ ସତ ତାହା ହିଁ ହେଲା ।

ଅସୁରମାନେ ବାସୁକୀର ମୁଣ୍ଡ ଓ ଦେବତାମାନେ ବାସୁକୀ ଲାଞ୍ଜକୁ ଧରି ସମୁଦ୍ର ମନ୍ଥନ ପାଇଁ ପ୍ରସ୍ତୁତ ହେଲେ । କିନ୍ତୁ ସମୁଦ୍ରର ଅଗାଧ ଜଳରେ କୌଣସି ଆଧାର ନଥିବାରୁ ମନ୍ଦରାଚଳ ବୁଡ଼ିବାକୁ ଲାଗିଲା । ସମସ୍ତେ ନିରାଶ ହୋଇପଡ଼ିଲେ, ସମସ୍ତଙ୍କ ହତାଶ ମୁଖକୁ ଦେଖି ବିଷ୍ଣୁ ଟିକିଏ ହସିଦେଇ ଓ ତାପରେ ଯାଇ ଏକ ବିଶାଳ କୂର୍ମରୂପ ଧରି ମନ୍ଦର ପର୍ବତକୁ ପୃଷ୍ଠରେ ତୋଳିଧରିଲେ । ଆଉ କୌଣସି ସମସ୍ୟା ରହିଲା ନାହିଁ । ମନ୍ଥନ ଆରମ୍ଭ ହେଲା ।

ମାତ୍ର ମନ୍ଥନରୁ ଅମୃତ ବାହାରିବ କଅଣ । ପ୍ରଥମେ ବାହାରିଲା, ହଳାହଳ ବିଷ । ସମସ୍ତ ବିଶ୍ୱକୁ ଦହନ କରୁଥିବା ବିଷକୁ ଦେବତାଙ୍କ ପ୍ରାର୍ଥନାରେ ଭଗବାନ ଶିବ ଆସି, ପାନ କରିଦେଲେ । ସେହି ଉତ୍କଟ ବିଷଜ୍ୱାଳାରେ ଶଙ୍କରଙ୍କ କଣ୍ଠ ନୀଳ ହୋଇଗଲା । ସେ ହେଲେ ନୀଳକଣ୍ଠ । ଭଗବାନ୍ ଶିବ ବିଷପାନ କରୁ ଥିଲା ବେଳେ, ତାଙ୍କ ଆଞ୍ଜୁଳୀରୁ କିଛି ବିଷ ଛିଟିକି ପଡ଼ିଲା । ସେହି ବିଷକୁ ପ୍ରାପ୍ତକରି ସର୍ପ ବିଛା ତଥା ଅନ୍ୟ କେତେକ କୀଟପତଙ୍ଗ ସରୀସୃପ ବୃକ୍ଷଲତା ଆଦି ବିଷଧର ହେଲେ ।

ସଂସାର ହଳାହଳ ବିଷଜ୍ୱାଳାରୁ ରକ୍ଷା ପାଇଗଲା । ମହାଉଲ୍ଲାସରେ ପୁଣି ଦେବ ଓ ଅସୁରମାନେ ମିଶି ମନ୍ଥନ ଆରମ୍ଭକଲେ । ମନ୍ଥନରୁ କ୍ରମେ କାମଧେନୁ, ଉଚ୍ଚୈଶ୍ରବା ଅଶ୍ୱ,ଐରାବତ ହସ୍ତୀ, ପାରିଜାତ କଳ୍ପ ବୃକ୍ଷ, ପଦ୍ମରାଗ ମଣି ଓ ଅପ୍ସରାଗଣ ବାହାରିଲେ । ପୁଣି ଆବିର୍ଭୂତା ହେଲେ ମହାଲକ୍ଷ୍ମୀ, ସେ ଭଗବାନ ବିଷ୍ଣୁଙ୍କୁ ବରଣ କଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ୟସବୁ ସମ୍ପଦ ଦେବତାମାନଙ୍କୁ ପ୍ରାପ୍ତ ହେଲା । ଏହାପରେ ଜଳରୁ ଉଠିଲେ ବାରୁଣୀଦେବୀ, ତାଙ୍କୁ ଅସୁରମାନେ ନେଲେ । ପୁଣି ମନ୍ଥନ ଚାଲିଲା ।

ସାଗର ଗର୍ଭରୁ ଅମୃତକଳସ ହସ୍ତରେ ଧାରଣ କରି ଉଠିଆସିଲେ ସ୍ୱୟଂ ନାରାୟଣଙ୍କ ଅବତାର ଅମୃତ ପୁରୁଷ, ଧନ୍ୱନ୍ତରୀ । ତାଙ୍କ ହସ୍ତରେ  ଅମୃତ କଳସ ଦେଖି, ଅସୁରମାନେ ଛଡ଼ାଇ ନେଲେ ଓ "ମୁଁ ଆଗ ପିଇବି, ମୁଁ ଆଗ ପିଇବି" କହି କଳିଗୋଳ ଆରମ୍ଭ କରିଦେଲେ । ଏହିସମୟରେ ଭଗବାନ୍ ବିଷ୍ଣୁ ଏକ ଅପୂର୍ବ ସୁନ୍ଦରୀ ବିଶ୍ୱମୋହିନୀ ନାରୀବେଶ ଧାରଣ କରି ଆସି ପହଁଚିଲେ । ଅସୁର ସବୁ ତାଙ୍କ ରୂପରେ ମୋହିତହୋଇ କହିଲେ, ହେ ସୁନ୍ଦରୀ, ତୁମେ ଆମ ମାନଙ୍କ ମଧ୍ୟରେ ଅମୃତ ବାଣ୍ଟିଦିଅ ।

ଭଗବାନ୍ ବିଷ୍ଣୁ ଦେଖିଲେ, ଏ ଅସୁର ଗୁଡ଼ାକ ଯଦି ଅମୃତ ପିଇଦିଅନ୍ତି ତେବେ ଦେବତା ମାନଙ୍କ ଆଉ ଦୁର୍ଗତିର ସୀମା ରହିବନାହିଁ । ଏହି ହେଉଛି ଅପୂର୍ବ ସୁଯୋଗ । ଅସୁରମାନେ ଏପରି ମୋହିତ ହୋଇ ପଡ଼ିଥିଲା ବେଳେ ସେ ଚତୁରତା ପୂର୍ବକ ଗରୁଡଙ୍କ ଦ୍ୱାରା (ଅନ୍ୟମତରେ ଇନ୍ଦ୍ରଙ୍କ ପୁତ୍ର ଜୟନ୍ତ) ଅମୃତ କଳସଟିକୁ ହରଣ କରିନେଲେ । ଗୁରୁ ଶୁକ୍ରାଚାର୍ଯ୍ୟ ଏକଥା ଜାଣି ପାରି ରାକ୍ଷସମାନଙ୍କୁ କହି ଦେବାରୁ ସେମାନେ ଗରୁଡ଼ଙ୍କଠାରୁ ଏହାକୁ ଛଡ଼ାଇ ନେବାକୁ ତାଙ୍କ ପଛରେ ଗୋଡ଼ାଇଲେ । ଆରମ୍ଭ ହୋଇଗଲା ଗରୁଡ଼ ଓ ଅସୁରଙ୍କ ଭିତରେ ପ୍ରବଳ ଟଣା ଓଟରା । ଏହି ଟଣାଓଟରା ଭିତରେ ଅମୃତ କଳସରୁ ଚାରି ବୁନ୍ଦା ଅମୃତ, ପୃଥିବୀ ଉପରେ ଚାରୋଟି ସ୍ଥାନରେ ଛିଟିକି ପଡ଼ିଲା । ସେ ସ୍ଥାନଗୁଡ଼ିକ ହେଉଛି ପ୍ରୟାଗ, ହରିଦ୍ୱାର, ଉଜ୍ଜୟିନୀ ଓ ନାସିକ । ଏଣୁ ଏହି ସ୍ଥାନମାନଙ୍କରେ କୁମ୍ଭ ମେଳା ଅନୁଷ୍ଠିତ ହୋଇ ଆସୁଛି । ଗରୁଡ଼ ଓ ଅସୁରଙ୍କ ମଧ୍ୟରେ ଅମୃତ ପାଇଁ ସଂଘର୍ଷ ବାର ଦିନ ଯାଏ ଲାଗି ରହିଥିଲା । ଏଣୁ ପ୍ରତି ବାର ବର୍ଷ ଅନ୍ତରାଳରେ କୁମ୍ଭମେଳା ଆୟୋଜିତ ହୁଏ ।

ତେବେ କୁମ୍ଭ ମେଳା କେଉଁ କେଉଁ ସ୍ଥାନରେ ହେବ ଏହାର ନିର୍ଣ୍ଣୟ ଜ୍ୟୋତିଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଣନା ଅନୁସାରେ ସ୍ଥିର ହୋଇଥାଏ ।

ଦେବାସୁରଙ୍କ ସଂଗ୍ରାମ ସମୟରେ ଯେଉଁ ସ୍ଥାନରେ ଯେଉଁ ଗ୍ରହଯୋଗରେ ଅମୃତ ପଡ଼ିଥିଲା ସେହି ଗ୍ରହ ଯୋଗରେ ସେହି ସ୍ଥାନରେ କୁମ୍ଭଯୋଗ ପଡ଼ିଥାଏ । ସୂର୍ଯ୍ୟ ବର୍ଷକ ବାରମାସରେ ବାରରାଶିରେ ଭ୍ରମଣ କରି ଗୋଟିଏ ରାଶି ଚକ୍ରକୁ ପୁରା କରିଥାନ୍ତି । କିନ୍ତୁ ବୃହସ୍ପତି, ୧୨ ବର୍ଷରେ ଏକ ଏକ କରି ବାର ରାଶି ଭ୍ରମଣ କରିଥାନ୍ତି ଓ ଗୋଟିଏ ରାଶିକୁ ବୃହସ୍ପତିଙ୍କୁ ଫେରି ଆସିବାକୁ ବାର ବର୍ଷ ଲାଗେ । ବୃହସ୍ପତିଙ୍କ ଏହି ରାଶି ଭ୍ରମଣ ଆଧାରରେ ବିଶେଷ ଗ୍ରହଯୋଗ ନେଇ ୧୨ ବର୍ଷରେ ଥରେ ଲେଖାଏଁ ୪ଟି ସ୍ଥାନରେ କୁମ୍ଭମେଳା ଆୟୋଜନ ହୋଇଥାଏ ।

ଜ୍ୟୋତିଷ ଶାସ୍ତ୍ରରେ କୁମ୍ଭପର୍ବର ନକ୍ଷତ୍ର ଯୋଗ ନିମ୍ନ ଭାବେ ବର୍ଣ୍ଣିତ ।

ପଦ୍ମିନୀ ନାୟକେ ମେଷେ
    କୁମ୍ଭରାଶି ଗତେ ଗୁରୋଃ ।
ଗଙ୍ଗାଦ୍ୱାରେ ଭବେଦ୍ ଯୋଗଃ
    କୁମ୍ଭ ନାମା ତଥୋତମାଃ ।।

ଅର୍ଥାତ୍, ଯେତେବେଳେ ସୂର୍ଯ୍ୟ ମେଷରାଶି ଓ କୁମ୍ଭ ରାଶିରେ ବୃହସ୍ପତି ଅବସ୍ଥାନ କରନ୍ତି ସେତେବେଳେ ଗଙ୍ଗାଦ୍ୱାର ବା ହରିଦ୍ୱାରରେ କୁମ୍ଭଯୋଗ ପଡ଼େ ।

ମକରେ ଚ ଦିବାନାଥେ
    ହ୍ମଜଗେଂ ଚ ବୃହସ୍ପତି ।
କୁମ୍ଭଯୋଗ ଭବେତ୍ତତ୍ର
    ପ୍ରୟାଗେ ଅତି ଦୁର୍ଲ୍ଲଭଃ ।।
ମେଷରାଶି ଗତେ ଜୀବେ
    ମକରେ ଚନ୍ଦ୍ର ଭାସ୍କରୌ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅମାବାସ୍ୟା ତଥା ଯୋଗଃ

କୁମ୍ଭସ୍ୱସ୍ତୀର୍ଥ ନାୟକେ ॥

ଅର୍ଥାତ୍, ଯେତେ ବେଳେ ବୃହସ୍ପତି ବୃଷ ରାଶିରେ, ସୁର୍ଯ୍ୟ ଓ ଚନ୍ଦ୍ର ମକର ରାଶିରେ ଅବସ୍ଥାନ କରନ୍ତି, ସେତେବେଳେ ତୀର୍ଥରାଜ ପ୍ରୟାଗ ଠାରେ ପବିତ୍ର କୁମ୍ଭ ଯୋଗ ପଡ଼ିଥାଏ ।

ସିଂହରାଶି ଗତେ ସୂର୍ଯ୍ୟେ

ସିଂହ ରାଶୌ ବୃହସ୍ପତୋ ।

ଗୋଦାବର୍ଯ୍ୟା ଭବେତ୍ କୁମ୍ଭୋ

ଯାୟତେ ଖଲୁ ମୁକ୍ତିଦଃ ॥

ଅର୍ଥାତ୍, ଯେତେବେଳେ, ବୃହସ୍ପତି ସିଂହ ରାଶିରେ ଏବଂ ସୂର୍ଯ୍ୟ ଚନ୍ଦ୍ର କର୍କଟରାଶିରେ ପ୍ରବେଶ କରନ୍ତି ସେତେବେଳେ ଗୋଦାବରୀ ତୀର୍ଥ, ତ୍ର୍ୟମ୍ବକେଶ୍ୱର ନାସିକ ଠାରେ କୁମ୍ଭଯୋଗ ପଡ଼ିଥାଏ ।

ମେଷ ରାଶି ଗତେ ସୂର୍ଯ୍ୟ

ସିଂହରାଶୌ ବୃହସ୍ପତୋ ।

ଉଜ୍ଜୟିନ୍ୟାଂ ଭବେତ୍ କୁମ୍ଭଃ

ସଦା ମୁକ୍ତି ପ୍ରଦାୟକଃ ॥

ଅର୍ଥାତ ଯେତେବେଳେ ବୃହସ୍ପତି ସିଂହରାଶି, ସୂର୍ଯ୍ୟ ଓ ଚନ୍ଦ୍ର ମେଷ ରାଶିରେ ଅବସ୍ଥାନ କରନ୍ତି, ସେତେ ବେଳେ ଉଜ୍ଜୟିନୀରେ ମହାମୋକ୍ଷ ପ୍ରଦାୟକ କୁମ୍ଭ ଯୋଗ ପଡ଼ିଥାଏ ।

ବୃହସ୍ପତି, ସିଂହ ରାଶିରେ ଥାଇ, ଉଜ୍ଜୟିନୀ ଏବଂ ନାସିକଠାରେ କୁମ୍ଭମେଳା ଅନୁଷ୍ଠିତ ହେଉଥିବାରୁ ଏହା ସିଂହସ୍ଥ କୁମ୍ଭବୋଲି ଅଭିହିତ ହୁଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁମ୍ଭମେଳା ଚାରି ପ୍ରକାରର:-

୧. ମାଘ ମେଳା - ପ୍ରତିବର୍ଷ ଏହା ପ୍ରୟାଗରାଜରେ ଅନୁଷ୍ଠିତ ହୋଇଥାଏ ।

୨. କୁମ୍ଭମେଳା - ପ୍ରତି ତିନବର୍ଷରେ ଥରେ ପ୍ରୟାଗ, ହରିଦ୍ୱାର, ନାସିକ ଓ ଉଜ୍ଜୟିନୀ ଠାରେ ଅନୁଷ୍ଠିତ ହୋଇଥାଏ ।

୩. ଅର୍ଦ୍ଧକୁମ୍ଭ ମେଳା - ପ୍ରତି ଛଅ ବର୍ଷରେ ଥରେ ପ୍ରୟାଗ ଓ ହରିଦ୍ୱାର ଠାରେ ଅନୁଷ୍ଠିତ ହୁଏ

୪. ପୂର୍ଣ୍ଣକୁମ୍ଭ ମେଳା - ପ୍ରତି ବାରବର୍ଷରେ ପ୍ରୟାଗ, ହରିଦ୍ୱାର, ନାସିକ ଓ ଉଜ୍ଜୟିନୀ ଠାରେ ଅନୁଷ୍ଠିତ ହୋଇ ଥାଏ ।

୫. ମହାକୁମ୍ଭ ମେଳା -ଏହା ବାରଗୋଟି ପୂର୍ଣ୍ଣକୁମ୍ଭ ଅନ୍ତରରେ ଅର୍ଥାତ୍, ୧୪୪ ବର୍ଷରେ ଥରେ ପ୍ରୟାଗ ଠାରେ ଅନୁଷ୍ଠିତ ହୋଇ ଥାଏ । ମହା କୁମ୍ଭ ଯୋଗ ଏଥର ୨୦୨୫ ରେ ପଡ଼ିଛି ।

କୁମ୍ଭମେଳା ବିଶ୍ୱରେ ବହୁ ଚର୍ଚ୍ଚିତ ସବୁଠାରୁ ବୃହତ୍ ମେଳା ଭାବେ ବିଖ୍ୟାତ । ଏଥିରେ ବହୁ ସାଧୁ ସନ୍ଥ, ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ସମାଗମ ହୋଇଥାଏ । ଏଥର ପ୍ରୟାଗର ମହାକୁମ୍ଭ ମେଳାରେ ୪୦ କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆକଳନ କରା ଯାଇଛି । କୁମ୍ଭମେଳା ଅବସରରେ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ପ୍ରୟାଗର ତ୍ରିବେଣୀ ସଙ୍ଗମ, ହରିଦ୍ୱାରରେ ପରମ ପାବୀନୀ ଗଙ୍ଗା ନଦୀ, ଉଜ୍ଜୟିନୀରେ ସିପ୍ରା ନଦୀ ତଥା ନାସିକର ଗୋଦାବରୀ ନଦୀରେ ସ୍ନାନ ପାଇଁ ଅପୂର୍ବ ଉତ୍କଣ୍ଠା ପ୍ରକାଶ ପାଏ ।

କୁମ୍ଭସ୍ନାନ ଅଶେଷ ପୁଣ୍ୟଦାୟୀ ବୋଲି ଆମ ଶାସ୍ତ୍ର ପୁରାଣ ମାନଙ୍କରେ ବର୍ଣ୍ଣିତ । କୁମ୍ଭ ସ୍ନାନର ମହିମା ବର୍ଣ୍ଣନା କରି ବିଷ୍ଣୁ ପୁରାଣରେ କୁହାଯାଇଛି:-

ଅଶ୍ୱମେଧ ଯଜ୍ଞ ସହସ୍ରାଣି
ବାଜପେୟ ଶତାନି ଚ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲକ୍ଷ୍ୟଂ ପ୍ରଦକ୍ଷିଣା ଭୂମେଃ

କୁମ୍ଭ ସ୍ନାନେନ ତତ୍ ଫଳଂ ॥

ଅର୍ଥାତ୍, ଏକହଜାର ଅଶ୍ୱମେଧ ଯଜ୍ଞ, ଶହେ ଗୋଟି ବାଜପେୟ ଯଜ୍ଞ, ଏକଲକ୍ଷ ଥର ପୃଥିବୀ ପରିକ୍ରମା ଦ୍ୱାରା ଯେତିକି ଫଳ ମିଳିଥାଏ, ଥରେ ମାତ୍ର କୁମ୍ଭ ଯୋଗରେ ସ୍ନାନ କଲେ ସେତିକି ଫଳପ୍ରାପ୍ତ ହୋଇଥାଏ । କଥିତ ହୁଏ, କୁମ୍ଭ ଯୋଗ ସମୟରେ ସେହି ନଦୀର ଜଳ ୪ କିଲୋମିଟର ପର୍ଯ୍ୟନ୍ତ ଅମୃତମୟ ହୋଇଯାଏ । ତେତିଶି କୋଟି ଦେବତା ଆସି ଛଦ୍ମ ବେଶରେ ସେଠାରେ ଉପସ୍ଥିତ ଥାନ୍ତି ।

କୁମ୍ଭ ମେଳା କେବେ ଠାରୁ ଅନୁଷ୍ଠିତ ହୋଇ ଆସୁଛି ନିର୍ଣ୍ଣୟକରିବା ଖୁବ କଷ୍ଟକର । ଅଷ୍ଟମ ଶତାବ୍ଦୀରେ ଏହା ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଆରମ୍ଭ ହୋଇଛି ବୋଲି ବିଦ୍ୱାନ ମାନେ କହନ୍ତି । ଚୀନ ପରିବ୍ରାଜକ ହୁଏନସାଂ (୬୨୯ -୬୪୫ ଖ୍ରୀଷ୍ଟାବ୍ଦ) ତାଙ୍କ ଭ୍ରମଣ ବୃତ୍ତାନ୍ତରେ ଉଲ୍ଲେଖ କରିଛନ୍ତି ସମ୍ରାଟ୍ ହର୍ଷ ବର୍ଦ୍ଧନ ସଙ୍ଗମରେ ଗୋଟିଏ ବିରାଟ ଉତ୍ସବର ଅୟୋଜନ କରୁଥିଲେ ଓ ଏହି ଉତ୍ସବରେ ରାଜା ବହୁ ବିଦ୍ୱାନ, ବ୍ରାହ୍ମଣ ଏବଂ ସାଧୁ ସନ୍ଥଙ୍କୁ ସମ୍ମାନିତ କରୁଥିଲେ । ଏହାହିଁ କୁମ୍ଭମେଳା ବୋଲି ଅନୁମିତ ହୁଏ ।

ଓଁ ଦେବୀ ସୁରେଶ୍ୱରୀ ଭଗବତୀ ଗଙ୍ଗେ ।

ତ୍ରିଭୁବନ ତାରିଣୀ ତରଳ ତରଙ୍ଗେ ॥

ଅର୍ଜୁନୀ ଚରଣ ବେହେରା

ମୋ -୭୬୯୩୦୯୯୯୭୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବସୁଧୈବ କୁଟୁମ୍ବକମ୍ ପ୍ରତୀକ : ମହାକୁମ୍ଭ ମେଳା

ମାଧବାନନ୍ଦ ଭୋଇ



(ଦୈନିକ ଖବରକାଗଜ "ସୁଦେଷ୍ଣା"ରେ ପୂର୍ବ ପ୍ରକାଶିତ)

ଭାରତୀୟ ସଂସ୍କୃତିରେ କୁମ୍ଭ ମେଳା ଏକ ମହାନ ସଂସ୍କୃତିର ପ୍ରତୀକ ଅଟେ । ଏହି କୁମ୍ଭ ମେଳା ମାନବ ଜୀବନ ସହିତ ସଂଯୋଜିତ ହୋଇ ଆଧ୍ୟାତ୍ମିକ ଜୀବନକୁ ବୁଦ୍ଧିମନ୍ତ କରିଥାଏ । ଏହି ପ୍ରରିପ୍ରେକ୍ଷୀରେ ମାନବର ଶରୀର "କୁମ୍ଭ" ସଦୃଶ ଅଟେ । ଏହି ଶରୀର ରୂପକ କୁମ୍ଭ, ଆଧ୍ୟାତ୍ମିକର "ମହାକୁମ୍ଭ" ପବିତ୍ର କୁମ୍ଭ ମେଳାରେ ମିଳିତ ବ୍ରହ୍ମାଣ୍ଡର ଉର୍ଜା ସହିତ ସମ୍ମିଳିତ ହୋଇଥାଏ । ଅତୀତର କଥାବସ୍ତୁ ଅନୁସାରେ କୁମ୍ଭ କିମ୍ବା ପବିତ୍ର ହାଣ୍ଡି ବ୍ରହ୍ମାଣ୍ଡିକ ମହତ୍ୱର ଏକ ପ୍ରତୀକ ଅଟେ । ଏହି ବ୍ରହ୍ମାଣ୍ଡିକ ମହତ୍ୱ ମାନବର ଶରୀର ରୂପକ ମାଟି ହାଣ୍ଡିକୁ ଆଧ୍ୟାତ୍ମିକ ଜାଗରଣ ଶକ୍ତି ପ୍ରଦାନ କରିଥାଏ । ତେଣୁ ଏହି ମହାନ୍ କୁମ୍ଭ ମେଳା ସ୍ଥଳକୁ ଭାରତ ବର୍ଷର କେଉଁ ଅନୁକୋଣରୁ ସାଧୁ ସନ୍ଥମାନେ ଆଗମନ କରିଥାନ୍ତି,ଏପରିକି ପୃଥିବୀର ଦେଶ ବିଦେଶରୁ ବିଦେଶୀ ସାଧୁ ସନ୍ଥମାନେ ମଧ୍ୟ ଆଗମନ କରିଥାନ୍ତି ।

ବିଶେଷ କରି କୁମ୍ଭ ମେଳାକୁ ଆଗମନ କରୁଥିବା ତୀର୍ଥଯାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ସଂପ୍ରଦାୟର ସାଧୁ ସନ୍ଥ ଏବଂ ନାଗା ସାଧୁ ମାନେ ସାଧନା ପାଇଁ ଛୁଟି ଆସିଥାନ୍ତି ଏ ପବିତ୍ର ସ୍ଥାନକୁ । କୁମ୍ଭ ମେଳାରେ ବିଭିନ୍ନ ସମାରୋହ ଅନୁଷ୍ଠିତ ହୁଏ । ବିଶେଷ କରି "ଅମୃତ (ଶାହୀ) ସ୍ନାନ" କରିବା ସମୟରେ ନାଗା ସାଧୁଙ୍କର ଉଜ୍ଜ୍ୱଳ ଖଣ୍ଡା ଓ ଅଗ୍ନି ବନାଟି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ପେଶୱାଇ" ପାରମ୍ପାରିକ ଯାତ୍ରା ଶୋଭାଯାତ୍ରାରେ ହାତୀ, ଘୋଡା ଓ ରଥ ଗୁଡିକର ଶୋଭା ଯାତ୍ରା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଆଧ୍ୟାତ୍ମିକ ଓ ସାଂସ୍କୃତିକର ମହାମିଳନ ଘଟେ । ତେଣୁ ଏହି ପବିତ୍ର ମହାକୁମ୍ଭକୁ ବିଶ୍ୱ ଆଧ୍ୟାତ୍ମିକ ସମନ୍ୱୟର ଏକ ଅଂଶ ବିଶେଷ କହିଲେ ଭୁଲ୍ ହେବ ନାହିଁ । ଏହି ମହାକୁମ୍ଭ ମେଳାରେ ବିଶ୍ୱ ସ୍ତରୀୟ ଅଂଶ ଗ୍ରହଣ ମଧ୍ୟରେ ଶାରିରୀକ ଓ ମାନସିକ ଦୃଷ୍ଟି କୋଣରୁ ସମସ୍ତଙ୍କୁ ଏକାତ୍ମତା ଓ ଆଧ୍ୟାତ୍ମିକତାର ଏକ ରଜ୍ଜୁରେ ସମ୍ମିଳିତ କରିଥାଏ ।

ସାଧାରଣତଃ କୁମ୍ଭ ମେଳା ଭାରତ ବର୍ଷର ଚାରୋଟି ସ୍ଥାନରେ ଅନୁଷ୍ଠିତ ହୋଇଥାଏ । ଏହି ଚାରୋଟି ସ୍ଥାନ ଭାରତ ବର୍ଷର ପବିତ୍ର ନଦୀ କୂଳରେ ଅବସ୍ଥିତ । ଉଜ୍ଜୟିନୀର ଶିପ୍ରା ନଦୀ କୂଳ, ଗୋଦାବରୀର ନଦୀର ଉତ୍ପତି ସ୍ଥଳ ଭାବରେ ନାସିକ ଅରୁଣ ଓ ବରୁଣ ନଦୀର ସଙ୍ଗମ ସ୍ଥାନ, ହରିଦ୍ୱାରର ଗଙ୍ଗା ନଦୀ କୂଳ ଏବଂ ପ୍ରୟାଗର ଗଙ୍ଗା,ଯମୁନା ଓ ସରସ୍ୱତୀ ନଦୀର ମିଳନ ସ୍ଥଳରେ କୁମ୍ଭ ମେଳା ଅନୁଷ୍ଠିତ ହୋଇଥାଏ । ତେବେ ଉକ୍ତ ଚାରୋଟି ସ୍ଥାନରେ, କୁମ୍ଭ ମେଳା ଅନୁଷ୍ଠିତ ହେବା ପ୍ରରିପ୍ରେକ୍ଷୀରେ ଏକ ସୁନ୍ଦର ପୌରାଣିକ କିମ୍ବଦନ୍ତୀ ରହିଅଛି । ତେବେ ଭାରତୀୟ ପୁରାଣରେ ଅଧୁନା ପ୍ରୟାଗରାଜ ମହା ଭାରତ ଶାସ୍ତ୍ରରେ "ଇନ୍ଦ୍ର ପ୍ରସ୍ଥ" ଭାବରେ ପ୍ରାୟ ପାଂଚ ହଜାର ବର୍ଷ ପୂର୍ବରୁ ବିଦିତ ହୋଇ ଅଛି । ପ୍ରୟାଗ ରାଜ ଅତ୍ୟନ୍ତ ପବିତ୍ର ସ୍ଥାନ ଅଟେ । ଖ୍ରୀଷ୍ଟ ପୂର୍ବ ୬୦୦ ମସିହାରେ ପ୍ରୟାଗ ରାଜ ଉକ୍ତ ଜିଲ୍ଲାର ଏକ ଅଂଶ ଥିଲା । ଐତିହାସିକ ତଥ୍ୟାନୁଯାୟୀ ଏହି "ଭାଟସା" ନାମିତ ରାଜ୍ୟର ରାଜଧାନୀ "କୁସୁମ୍ବୀ" ଥିଲା । ଅଦ୍ୟାବଧି ଯାହାର ଅବଶିଷ୍ଟାଂଶ ପ୍ରୟାଗର ଦକ୍ଷିଣ -ପଶ୍ଚିମ ଦିଗରେ ରହିଅଛି । ଗୌତମ ବୁଦ୍ଧ, ତାଙ୍କର ଭ୍ରମଣ ସମୟରେ ଏହାକୁ ଏକ ପବିତ୍ର ସ୍ଥାନ ଭାବରେ ବିଦିତ କରିଥିଲେ । ହର୍ଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବର୍ଦ୍ଧନଙ୍କ ରାଜତ୍ୱ ସମୟରେ, ପରିବ୍ରାଜକ ହୁଏନ ସାଂ ପ୍ରୟାଗ ରାଜର କୁମ୍ଭ ମେଳା ସଂପର୍କରେ ବର୍ଣ୍ଣନା କରିଛନ୍ତି ।

ଏହି କୁମ୍ଭମେଳାର ଆୟୋଜିତ ସ୍ଥାନ ଓ ସମୟ ଭାରତ ବର୍ଷର ଏକ ପୌରାଣିକ କିମ୍ବଦନ୍ତୀ ସହିତ ଜଡିତ ଅଟେ । ଏହି କିମ୍ବଦନ୍ତୀ ପ୍ରଚ୍ଛଦପଟରେ ଦେବତା ଏବଂ ରାକ୍ଷସ ମଧ୍ୟରେ ଲଢେଇ କଥା ସୂଚିତ କରିଥାଏ । ଏକଦା ସମୁଦ୍ର ମନ୍ଥନ ସମୟରେ ଏକ ଅମୃତ କୁମ୍ଭ ମିଳିଥିଲା । ଯେଉଁ ଅମୃତକୁ ପାନ କଲେ, ଜୀବ କେବେ ମରଣକୁ ଲାଭ କରେ ନାହିଁ । କିନ୍ତୁ ରାକ୍ଷସଗଣ ଯୁଦ୍ଧ କରି, ଦେବତାମାନଙ୍କୁ ପରାସ୍ତ କରିବା ସହିତ ଅମୃତ କଳସୀ ରଖିନେଲେ । ରାକ୍ଷସ ମାନେ ଅମୃତ ପାନ କରି ଚିର ଜୀବନ ଅମର ରହିଯିବେ ବୋଲି, ଦେବତାମାନେ ପ୍ରମାଦ ଅନୁଭବ କଲେ । ତେଣୁ ଯେ କୌଣସି ଉପାୟରେ, ରାକ୍ଷସମାନଙ୍କ ଠାରୁ ଅମୃତ କୁମ୍ଭ ହାସଲ କରିବା ପାଇଁ ଗୁରୁ ବୃହସ୍ପତିଙ୍କୁ ଦାୟିତ୍ୱ ପ୍ରଦାନ କଲେ । ଏଥି ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଗଲା । ଏଥିପାଇଁ ଇନ୍ଦ୍ରଙ୍କ ପୁତ୍ର ଜୟନ୍ତଙ୍କୁ ପ୍ରେରିତ କଲେ । ଜୟନ୍ତଙ୍କୁ ସହଯୋଗ କରିବା ପାଇଁ ଚାରି ଜଣ ଦେବତା, ଜୟନ୍ତଙ୍କ ସହିତ ଗଲେ । ତେବେ ଅମୃତ କୁମ୍ଭର ସୁରକ୍ଷା ପାଇଁ ଚନ୍ଦ୍ରଙ୍କୁ ଦାୟିତ୍ୱ ଭାର ଅର୍ପଣ କରାଗଲା । ଯେପରି ଭାବରେ ଅମୃତ କୁମ୍ଭ ଭାଙ୍ଗି ନ ଯାଉ କିମ୍ବା କୁମ୍ଭରୁ ଅମୃତ ଚହଲି ନ ଯାଇ, ପୃଥିବୀ ପୃଷ୍ଠରେ ପତିତ ନ ହେଉ । ଏଥିପାଇଁ ମଧ୍ୟ ଜୟନ୍ତଙ୍କ ସହିତ ସୂର୍ଯ୍ୟ ମଧ୍ୟ ଗଲେ । ଜୟନ୍ତ ଲୋଭର ବଶବର୍ତୀ ହୋଇ, ଯଦି ଅମୃତ କୁମ୍ଭକୁ ପାନ କରି ଦିଅନ୍ତି, ସେଥିପାଇଁ ଶନି ମଧ୍ୟ ଜୟନ୍ତଙ୍କୁ ନଜର ରଖିବା କାର୍ଯ୍ୟରେ ନିୟୋଜିତ ହେଲେ । ପରିଶେଷରେ ରାକ୍ଷସମାନଙ୍କ ଠାରୁ ଅମୃତ କୁମ୍ଭଟିକୁ ଚତୁରତା ସହ ଚୋରାଇ ଆଣିଲେ । ରାକ୍ଷସମାନେ ଜୟନ୍ତଙ୍କ ଅନୁଧାବନ କଲେ । ରାକ୍ଷସଗଣ ଏବଂ ଜୟନ୍ତଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଧ୍ୟରେ ସଂଘର୍ଷ ହେଲା ।

ତେବେ ରାକ୍ଷସ ଏବଂ ଦେବ ଗଣ ମଧ୍ୟରେ ସଂଘର୍ଷ ପାଇଁ ସଂପୂର୍ଣ୍ଣ ବାର ଦିନ ସମୟ ଲାଗିଥିଲା । ଗୋଟଏ ଦିନରେ ଏ ସଂଘର୍ଷ ସମାପ୍ତ ହୋଇ ନ ଥିଲା । ଗୁରୁ ବୃହସ୍ପତି ଗୋଟିଏ ରାଶିରେ ଏକ ବର୍ଷ ଅବସ୍ଥାନ କରିଥାନ୍ତି । ତେଣେ ବାରୋଟି ରାଶିକୁ ଭ୍ରମଣ କରିବା ପାଇଁ ବୃହସ୍ପତିଙ୍କୁ ବାର ବର୍ଷ ଲାଗିଥାଏ । ବାର ବର୍ଷରେ ଥରେ କୁମ୍ଭ ମେଳା ଅନୁଷ୍ଠିତ ହୋଇଥାଏ । ତେଣୁ "ପୂର୍ଣ୍ଣ କୁମ୍ଭ ମେଳା" ବାର ବର୍ଷରେ ଥରେ ପ୍ରୟାଗର ତ୍ରିବେଣୀ ସଙ୍ଗମରେ ହୋଇଥାଏ । ଚଳିତ ବର୍ଷ ୨୦୨୫ରେ ମହା କୁମ୍ଭ ମେଳା ଅନୁଷ୍ଠିତ ହେଉଅଛି । ଏହି ମହା କୁମ୍ଭ ମେଳା ୧୪୪ ବର୍ଷରେ ଥରେ ଅନୁଷ୍ଠିତ ହେଉଅଛି । ଚଳିତ ମହା କୁମ୍ଭ ମେଳାରେ ପୃଥିବୀର କୋଣ ଅନୁକୋଣରୁ କୋଟି କୋଟି ଶ୍ରଦ୍ଧାଳୁ ବୁଡ ପକାଇବା ପାଇଁ ଏହି ପବିତ୍ର ସ୍ଥଳରେ ଏକତ୍ରିତ ହୋଇଥାନ୍ତି । ଆମର ଓଡିଶାରୁ ମଧ୍ୟ ଅନେକ ସାଧୁ ସନ୍ଥ ଶ୍ରଦ୍ଧାଳୁମାନେ କୁମ୍ଭ ମେଳକୁ ଆଗମନ କରିଥାନ୍ତି । କିନ୍ତୁ ଦୁର୍ଭାଗ୍ୟବଶତଃ ଅମୃତ କୁମ୍ଭରୁ ଚାରୋଟି ବିନ୍ଦୁ ପୃଥିବୀ ପୃଷ୍ଠରେ ପତିତ ହୋଇଥିଲା । ଅଦ୍ୟାବଧି ଭାରତ ବର୍ଷର ଉପରୋକ୍ତ ଚାରୋଟି ସ୍ଥାନରେ କୁମ୍ଭ ମେଳା ଅନୁଷ୍ଠିତ ହୋଇ ଆସୁଅଛି ।

ଏହି ମହା କୁମ୍ଭ ମେଳା କେବଳ ପୌରାଣିକ ଆଖ୍ୟାନ ମଧ୍ୟରେ ସିମୀତ ନୁହେଁ । ଏହା ବୈଦିକ, ଜ୍ୟୋତିଷ ଶାସ୍ତ୍ର ଓ ଇତିହାସରେ ମଧ୍ୟ ବର୍ଣ୍ଣିତ ହୋଇଅଛି । ଋଗ୍ ବେଦର ୧୦ମ ମଣ୍ଡଳ ୮୯ ସୁକ୍ତର ୧୦ ମନ୍ତ୍ରରେ "ବିଭେଦଂ ଗିରିଂ ଇତ ନଂ କୁମ୍ଭମାଗା ଇନ୍ଦ୍ରା" ଶ୍ଳୋକରେ "କୁମ୍ଭ" ଶବ୍ଦ ବର୍ଣ୍ଣନା କରା ଯାଇଛି । ଉକ୍ତ ମନ୍ତ୍ରରେ ଇନ୍ଦ୍ରଙ୍କୁ ଶତ୍ରୁ ନାଶକ ଏବଂ ଜଳ ପ୍ରଦାନକାରୀ ଏବଂ "କୁମ୍ଭ" କୁ ମାଟି ପାତ୍ର ଭାବରେ ଉଲ୍ଲେଖ କରା ଯାଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ପୂର୍ଣ୍ଣ:କୁମ୍ଭୋଧୀ କାଳ ଆଦି ହସ୍ତ ହ୍ୱେ ପଶ୍ୟାମୋ" ଶ୍ଳୋକାନୁସାରେ ଅଥର୍ବ ବେଦରେ ମଧ୍ୟ ଚତୁର୍ଥ ମଣ୍ଡଳର ୩୪ ସୁକ୍ତ ଏବଂ ୧୯ ମଣ୍ଡଳର ୫୩ ସୁକ୍ତ ରେ ପୂର୍ଣ୍ଣ କୁମ୍ଭ ସମ୍ପର୍କରେ ବର୍ଣ୍ଣନା କରା ଯାଇଛି । ଏତଦ୍ ବ୍ୟତୀତ ପଦ୍ମ ପୁରାଣ ଓ ମତ୍ସ୍ୟପୁରାଣରେ ସଙ୍ଗମରେ କୁମ୍ଭ ମେଳା ସ୍ନାନ କରିବା ଦ୍ୱାରା ମୋକ୍ଷ ପ୍ରାପ୍ତି ଏବଂ ମହା ଭାରତର ତୀର୍ଥ ଯାତ୍ରା ଓ ଅସ୍ତିକା ପର୍ବରେ ପ୍ରୟାଗ ରାଜରେ କୁମ୍ଭ ସ୍ନାନ ବର୍ଣ୍ଣନା କରା ଯାଇଛି ।

ଜ୍ୟୋତିଷ ଶାସ୍ତ୍ର ଓ ଖୌଗଳିକ ଶାସ୍ତ୍ରାନୁସାରେ ଗୁରୁ ବୃହସ୍ପତି ପୃଥିବୀର ରକ୍ଷା କର୍ତା ଅଟନ୍ତି । ଏହି ପ୍ରରିପ୍ରେକ୍ଷୀରେ ସୌର ମଣ୍ଡଳରେ ବୃହସ୍ପତି ବୃହତମ ଗ୍ରହ ଭାବରେ ବିଦିତ । ଅଦ୍ୟାବଧି ପୃଥିବୀ ପୃଷ୍ଠକୁ ଯେତେ ଗ୍ରହାଣୁ ଖଣ୍ଡଗୁଡିକ ମାଡି ଆସନ୍ତି, ବୃହସ୍ପତି ନିଜର ଗୁରୁତ୍ୱାକର୍ଷଣ ଶକ୍ତି ଦ୍ୱାରା, ଏଗୁଡିକୁ ଆକର୍ଷିତ କରି ନିଅନ୍ତି । ଗ୍ରହାଣୁ ଖଣ୍ଡଗୁଡିକର ଗତି ପରି ବର୍ତନ ହୋଇଥାଏ । ଯାହା ଫଳରେ ପୃଥିବୀ ପୃଷ୍ଠ ଏକ ଧ୍ୱଂସ ମୁଖରୁ ରକ୍ଷା ପାଇ ଥାଏ । ପାଞ୍ଜିରେ ଅନେକ ସମୟରେ ଏ ଗ୍ରହାଣୁ ଖଣ୍ଡ ସମ୍ପର୍କରେ ବର୍ଣ୍ଣିତ ହୋଇ ଥିଲେ ମଧ୍ୟ, ଏହା ଦ୍ୱାରା ବ୍ରହ୍ମାଣ୍ଡରେ ଲୋକ ଲୋଚନ ଆଢୁଆଳରେ ମହା ଜାଗତିକେ ଲୀଳା ସମ୍ପନ୍ନ ହୋଇଅଛି । ଏହି ପରି ଭାବରେ ପୃଥିବୀ ଅନେକ ସମୟରେ ଧ୍ୱଂସ ମୁଖରୁ ରକ୍ଷା ପାଇଅଛି । ଏହି ପ୍ରରିପ୍ରେକ୍ଷୀରେ ଗୁରୁ ବୃହସ୍ପତିଙ୍କୁ ଭକ୍ତି ଓ ଶ୍ରଦ୍ଧାର ସୁମନ ସମର୍ପଣ ପୂର୍ବକ ମହା କୁମ୍ଭ ମେଳା ଅନୁଷ୍ଠିତ ହେଉଅଛି ।

ସାଧାରଣତଃ ମାଘ ମାସରେ ଗୁରୁ ବୃହସ୍ପତି ମେଷ କିମ୍ବା ବୃଷ ରାଶିରେ ଅବସ୍ଥାନ କରିଥାନ୍ତି ଏବଂ ସୂର୍ଯ୍ୟ ଓ ଚନ୍ଦ୍ର ମିଶି ଶନିଙ୍କ ମକର ରାଶିରେ ଅବସ୍ଥାନ କରନ୍ତି । ଏହି ସମୟରେ "ପ୍ରୟାଗ"ରେ କୁମ୍ଭ ମେଳା ଅନୁଷ୍ଠିତ ହୋଇଥାଏ । ଭାଦ୍ରବ ମାସରେ ସୂର୍ଯ୍ୟ ଓ ବୃହସ୍ପତି ସିଂହ ରାଶି କିମ୍ବା ଚନ୍ଦ୍ର,ସୂର୍ଯ୍ୟ ଓ ବୃହସ୍ପତି ଦେବତା ତ୍ରୟ, ଯେତେବେଳେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅମାବାସ୍ୟାର କର୍କଟ ରାଶିରେ ଅବସ୍ଥାନ କରନ୍ତି, ସେତେବେଳେ ନାସିକରେ କୁମ୍ଭ ମେଳା ଅନୁଷ୍ଠିତ ହୋଇଥାଏ । ଚୈତ୍ର ମାସରେଯେତେବେଳେ ବୃହସ୍ପତି ସିଂହ ରାଶିରେ ଓ ସୂର୍ଯ୍ୟ ମେଷ ରାଶିରେ ଅବସ୍ଥାନ କରନ୍ତି,ସେତେବେଳେ ଉଜ୍ଜୟିନୀରେ କୁମ୍ଭ ମେଳା ଅନୁଷ୍ଠିତ ହୋଇଥାଏ । ପରିଶେଷରେ ଚୈତ୍ର ମାସରେ ଯେତେବେଳେ ବୃହସ୍ପତି ଓ ଶନି କୁମ୍ଭ ରାଶିରେ ଅବସ୍ଥାନ କରନ୍ତି , ସେହି ସମୟରେ ହରି ଦ୍ୱାରରେ କୁମ୍ଭ ମେଳା ଅନୁଷ୍ଠିତ ହୁଏ ।

ଚଳିତ ବର୍ଷ ୨୦୨୫ ମସିହାରେ ପ୍ରୟାଗ ଠାରେ ମହା କୁମ୍ଭ ମେଳା ଅନୁଷ୍ଠିତ ହେଉଅଛି । ଉକ୍ତ ମହା କୁମ୍ଭ ମେଳାରେ ପ୍ରାୟ ୪୦ କୋଟି ଶ୍ରଦ୍ଧାଳୁ ବୁଡ ପକାଇବା ଆଶା କରା ଯାଉଅଛି । ବିଶ୍ୱର କୋଣ ଅନୁକୋଣରୁ କୋଟି କୋଟି ଶ୍ରଦ୍ଧାଳୁ "ପ୍ରୟାଗ ରାଜ"କୁ ଛୁଟି ଆସିଛନ୍ତି । "ବସୁଧୈବ କୁଟୁମ୍ବକମ୍" ନ୍ୟାୟରେ କୋଟି କୋଟି ପ୍ରାଣ, ଆଧ୍ୟାତ୍ମିକର ମହାନ୍ ରଜ୍ଜୁରେ ଏକ ମଧୁର ମିଳନ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଯେତେବେଳେ କୋଟି କୋଟି କଣ୍ଠରୁ ପ୍ରାର୍ଥନାର ମଧୁ ସ୍ୱନ, ବାୟୁ ମଣ୍ଡଳରେ ନିନାଦିତ ହୁଏ, ପରିଶେଷରେ ସମସ୍ତଙ୍କର ଆତ୍ମା ସମ୍ମିଳିତ ହୋଇ ପରମେଶ୍ୱରଙ୍କ ମହାନ୍ ଆତ୍ମା ନିକଟକୁ ଧାବିତ ହୋଇଥାନ୍ତି ।

ସଂପାଦକ-ଉଦୟ ଭାନୁ

ସା-ଭୋଦଳ, ପାଟସୁନ୍ଦରପୁର, କଟକ-୭୫୪୦୧୮

ସଂପର୍କ-୯୨୩୮୫୮୯୧୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୋଉ

ନିତ୍ୟ ରଞ୍ଜନ ନନ୍ଦ



ମୁଁ ଜାଣିପାରେନି ସକାଳ ହେଲେ ବୋଉ ଉଠିବ ନା ବୋଉ ଉଠିବ ବୋଲି ସକାଳ ହୁଏ । ମୁଁ ଜାଣିପାରେନି ବୋଉକୁ ହିସାବପତ୍ର ଆସେ କି ନାହିଁ, କାରଣ ମୁଁ ଖାଇବାକୁ ଦୁଇଟି ରୁଟି ମାଗିଲେ ସେ ତିନୋଟି ଦିଏ । ମୋ ବୋଉ ମିଛ କୁହେ । ଖାଇବାକୁ ଭାତ ବାଢ଼ିଲା ବେଳେ ସବୁବେଳେ କୁହେ- ଅଳ୍ପ ଭାତ ଦେଇଛି, ପଛରେ ମାଗିବୁ । ଯେତିକି ଭାତ ଦେଇଥାଏ ସେତିକି ମୁଁ ଖାଇପାରେନି ।

ଯେତେ ମୋଟା ଦେଖାଗଲେ ବି ବୋଉ କୁହେ, ମୋ ଛୁଆଟାର ଦେହରେ ଜମା ଲାଗୁନାହିଁ । ବୋଉ କେବେ ତା'ର ପିଲାଙ୍କୁ ପଚାରେନି କ'ଣ ଖାଇବୁ । ସେ ଯାହା ଖାଇବାକୁ ଦିଏ ତାହା ଥାଏ ପିଲାଙ୍କର ପ୍ରିୟ ଖାଦ୍ୟ । ବୋଉର ହାତରେ ଥାଏ ଅମୃତ ସ୍ପର୍ଶ । ଲୁଗାକାନିର ଗଣ୍ଠି ଖୋଲି ଯେତେବେଳେ ସେ ଖୁଚୁରା ପଇସା ପିଲାଙ୍କୁ ଦିଏ, ତାହା ଭରିଦିଏ ପିଲାଙ୍କ ମନରେ କୋଟିଏ ଟଙ୍କାର ଅଫୁରନ୍ତ ଖୁସି ।  ସେ ଡାକ୍ତରୀ ପାଠ ପଢ଼ିନି, ହେଲେ ପିଲାର ସବୁ ଶାରୀରିକ ଓ ମାନସିକ କ୍ଲେଶର ସମାଧାନ ଜାଣିଥାଏ । ବୋଉ ଦୁନିଆର ଏପରି ଏକ ଶବ୍ଦ ଯାହାର ବ୍ୟାଖ୍ୟାର ଆବଶ୍ୟକତା ପଡେ ନାହିଁ । କାରଣ ଏହା କେବଳ ଏକ ଶବ୍ଦ ନୁହେଁ, ଏହା ଅନାବିଳ ପ୍ରେମ, ଅସୀମ ତ୍ୟାଗ ଓ ଅନନ୍ତ ସେବାର ଜୀବନ୍ତ ମୂର୍ତ୍ତିଟିଏ । ଜୀବନର ପ୍ରଥମ ସୃଷ୍ଟି ବୋଉ, ପ୍ରଥମ ସ୍ପର୍ଶ ବୋଉ, ପ୍ରଥମ ତୃଷ୍ଣା ବୋଉ,ପ୍ରଥମ ଉଚ୍ଚାରଣ ବୋଉ ଓ ପ୍ରଥମ ପ୍ରେମ ବି ବୋଉ ।

ଥରେ ମନେପକାନ୍ତୁ ତ ବୋଉର କଥା । ଅଫୁରନ୍ତ ଶାନ୍ତି ଓ ଆନନ୍ଦର ଲହଡି ସୃଷ୍ଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉନାହିଁ ମନରେ ?

ଜଣକୁ ଅନ୍ୟମନସ୍କ କରିବା ପାଇଁ ବୋଉ ଉଚ୍ଚାରଣ କ'ଣ ଯଥେଷ୍ଟ ନୁହେଁ ? ପିଲାବେଳେ କେତେ ଶାନ୍ତି ଓ ନିରାପଦର ସ୍ଥାନ ଥିଲା ବୋଉର କୋଳ । ବୋଉ ପାଖରେ ଥିଲେ ଦୁନିଆକୁ ଡର ନଥାଏ । ଏ ସଂସାରକୁ ଆସିବା ପରେ ପ୍ରଥମେ ଯାହାର ବକ୍ଷରୁ ଅମୃତ ପିଇ ଏ ଶରୀର ଚଳତକ୍ଷମ ହେଲା, ଏ ଆଖି ପ୍ରଥମେ ଯାହାକୁ ଦେଖିଲା, ଖନେଇ ଖନେଇ ଯାହାର ନାମ ଏ ପାଟିରୁ ପ୍ରଥମେ ବାହାରିଲା, ସେ ହିଁ ଆମର ବୋଉ । ଛୋଟବେଳେ ଯେତେ ଅବୁଝା ହେଲେ ଓ ରୁଷିଲେ ଯିଏ କୋଳେଇ କାଖେଇ, ସୁନାରେ ଧନରେ କହି, ଜହ୍ନ ମାମୁ ଦେଖାଇ, ବାଘମାମୁକୁ ଡାକି ବଳେଇ ବଳେଇ ଖୁଆଇଥାଏ ସେ ଆମର ବୋଉ । ବାର ଓଷା ତେର ବ୍ରତ କରି ଠାକୁର ମନାସି ଯିଏ ଆମର ସର୍ବଦା ସୁଖ, ସମୃଦ୍ଧି କାମନା କରିଥାଏ ସେ ହିଁ ଆମର ବୋଉ । ଦୁଃଖରେ, କଷ୍ଟରେ ଓ ବିପଦରେ ପ୍ରଥମେ ଯେଉଁ ଶବ୍ଦ ପାଟିରୁ ବାହାରି ଆସେ, ସେ ହିଁ ବୋଉ । ସନ୍ତାନ କିଛି ନ କହିଲେ ବି ଯିଏ ସବୁକଥା ଜାଣିପାରେ ସେ ହେଉଛି ବୋଉ ।

ବୋଉର ଅନେକ ପ୍ରତିଶବ୍ଦ । ହେଲେ ପ୍ରତି ପ୍ରତିଶବ୍ଦରେ ବୋଉର ମୌଳିକତା ଅପରିବର୍ତ୍ତିତ । ସେ ମା' ହୋଇପାରେ, ସେ ମାମା ହୋଇପାରେ, ସେ ମମି ହୋଇପାରେ ଓ ସେ ମମ୍ ବି ହୋଇପାରେ । ହେଲେ ପ୍ରତିଟିରେ ତା'ର ବୋଉ ରୁହେ ଅକ୍ଷୁଣ୍ଣ ।

ଶାସ୍ତ୍ରରେ ଅଛି- ପିତୁଃ ଦଶଶତଃ ମାତା ଅର୍ଥାତ୍ ପିତାଙ୍କଠାରୁ ମା' ହଜାରେ ଗୁଣ ବଡ । ଏହା କହି ମହର୍ଷି ମନୁ, ମା'କୁ ବାପାଙ୍କଠାରୁ ଅଧିକ ସମ୍ମାନିତ କରିଛନ୍ତି । ମାନ୍ୟତେ ପୂଜ୍ୟତେ ଯା ସା ମା ଅର୍ଥାତ୍ ଯିଏ ମାନ୍ୟତା ଓ ପୂଜାର ସର୍ବଶ୍ରେଷ୍ଠ ଅଧିକାରିଣୀ, ସେ ହିଁ ମା । ଗର୍ଭ ବେଦନା, ପ୍ରସବ ବେଦନା ଓ ପ୍ରସବ ପରେ ସନ୍ତାନ ଲାଳନପାଳନର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପକାର ପାଇଁ ସନ୍ତାନମାନେ ମାମାନଙ୍କଠାରେ ସର୍ବକାଳ ଋଣୀ ହୋଇଯାଇଥାନ୍ତି । ଋଷି ଋଣ, ପିତୃ ଋଣ, ବନ୍ଧୁ ଋଣ, ସମାଜ ଋଣ ଓ ଗୁରୁ ଋଣ ପରିଶୋଧ ସମ୍ଭବ, ମାତ୍ର ମାତୃ ଋଣ ନୁହେଁ । ଶାସ୍ତ୍ର କୁହେ, ମାତା-ପିତାଙ୍କୁ ଏକତ୍ର ଭେଟିଲେ ପ୍ରଥମେ ମା'କୁ ପ୍ରଣାମ କରିବା ଉଚିତ । କାରଣ ପିତାଙ୍କଠାରୁ ମାତା ଶ୍ରେଷ୍ଠ । ପିତା ପୋଷଣ କରନ୍ତି, ମାତା ପୋଷଣ ସହ ଗର୍ଭଧାରଣ କରି ସନ୍ତାନକୁ ଜନ୍ମ ଦିଅନ୍ତି । ସେଥିପାଇଁ ଉପନିଷଦରେ କୁହାଯାଇଛି ମାତୃ ଦେବୋ ଭବଃ । ମନୁଷ୍ୟର ସର୍ବଶ୍ରେଷ୍ଠ ତପସ୍ୟା ହେଉଛି ମାତୃ ସେବା । ବ୍ରହ୍ମାଙ୍କୁ ସୃଷ୍ଟି କର୍ତ୍ତା କୁହାଯାଏ । ବ୍ରହ୍ମାଙ୍କୁ କେହି ଦେଖିନାହାନ୍ତି କି ସେ ବ୍ରହ୍ମାଣ୍ଡ ସୃଷ୍ଟି କରିବାର ପ୍ରମାଣ ମଧ୍ୟ ନାହିଁ । କିନ୍ତୁ ବୋଉ ଗର୍ଭରୁ ଆମେ ସୃଷ୍ଟି ହୋଇଥିବାର ପ୍ରମାଣ ଅଛି । ବିଷ୍ଣୁ ଏ ସଂସାରକୁ ପାଳନ କରୁଛନ୍ତି ବୋଲି କୁହାଯାଏ ଯାହାର ବି ପ୍ରମାଣ ନାହିଁ । କିନ୍ତୁ ବୋଉ ଆମକୁ ପାଳିପୋଷି ଛୋଟରୁ ବଡ କରିଛି । ମହାଦେବ ମହେଶ୍ୱର ସବୁ ସଙ୍କଟରୁ ଉଦ୍ଧାର କରି ଆମର କଲ୍ୟାଣ କରନ୍ତି ବୋଲି ଆମେ ବିଶ୍ୱାସ କରିଥାଉ ହେଲେ ବୋଉ ଆମର ସବୁ ଦୁଃଖ କଷ୍ଟକୁ ଦୂରେଇ ଦେବା ପାଇଁ ଅହରହ ଲାଗି ରହିଥାଏ । ତେଣୁ ବୋଉ ଆମ ପାଇଁ ସାକ୍ଷାତ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର । ସେଥିପାଇଁ କୁହାଯାଏ ଈଶ୍ୱର ସବୁସମୟରେ ସମସ୍ତଙ୍କ ପାଖରେ ପହଞ୍ଚିପାରନ୍ତି ନାହିଁ ବୋଲି ସେ ବୋଉ ସୃଷ୍ଟି କରିଛନ୍ତି । ବୋଉର ଆଶୀର୍ବାଦ କୌଣସି ମହାନ୍ ସନ୍ଥଙ୍କ ଆଶୀର୍ବାଦଠାରୁ କମ୍ ନୁହେଁ । କୌଣସି ପ୍ରତିଦାନର ଆଶା ନ ରଖି ଯିଏ ଅବିରତ ଆଶୀର୍ବାଦର ବର୍ଷା ଢାଳିଥାଏ, ସେ ହିଁ ବୋଉ । ଜଣେ ଲେଖକଙ୍କୁ କୁହାଗଲା ବୋଉ ସମ୍ପର୍କରେ କିଛି ଲେଖିବାକୁ । ଲେଖକ ଭାବପୂର୍ଣ୍ଣ କଣ୍ଠରେ କହିଲେ ସେ ବୋଉ ସମ୍ପର୍କରେ କ'ଣ ଲେଖିବେ, ବୋଉ ତ ନିଜେ ତାଙ୍କୁ ଲେଖିଛି । ବୋଉଠାରୁ ଛୋଟ ଶବ୍ଦ ଯଦି କିଛି ଥାଏ କୁହନ୍ତୁ ଓ ଯଦି କିଛି ବଡ ଶବ୍ଦ ଥାଏ ତାହା ବି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁହନ୍ତୁ । ଏହାର ଉତ୍ତର ନିଶ୍ଚିତ ନା । ମରିବା ପାଇଁ ତ ଅନେକ ରାସ୍ତା ଅଛି, ହେଲେ ଜନ୍ମ ନେବା ପାଇଁ କେବଳ ବୋଉ ଅଛି । ଏ ସଂସାରରେ ସେହିମାନେ ହିଁ ଭାଗ୍ୟବାନ୍ ଯେଉଁମାନେ ବୋଉ ଓ ବାପା ପାଖରେ ରୁହନ୍ତି ଓ ସେମାନଙ୍କ ସାନ୍ନିଧ୍ୟ ଲାଭ କରନ୍ତି । ବୋଉଠାରୁ କୌଣସି ଧନ, ସମ୍ପଦ, ସମ୍ମାନ ଓ ପଦ ପଦବୀ ବଡ ନୁହେଁ । ଥରୁଟିଏ ନିଜକୁ ଛୋଟ ପିଲା ବୋଲି ଭାବି ନିଅନ୍ତୁ, ଦେଖିବେ ଆପଣଙ୍କ ବୋଉ ପୂର୍ବର ସେହି ବୋଉ ହୋଇ ଆଜି ବି ରହିଛି । କିଛି ବଦଳି ନାହିଁ ।

ଡ଼ି ଏଲ ଏ -୧୨

ବୀର ସୁରେନ୍ଦ୍ର ସାଏ ନଗର

ଭୁବନେଶ୍ୱର -୭୫୧୦୧୦

ମୋ -୯୪୩୭୨୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# “ଜୀବନ ଜାହ୍ନବୀ” ଏକ ପ୍ରେରଣାର ଉତ୍ସ

ବିକାଶ ମହାନ୍ତି



ଡ଼.ବିଦ୍ୟୁତ୍ ପ୍ରଭା ସାହୁଙ୍କ ଆତ୍ମଜୀବନୀ 'ଜୀବନ ଜାହ୍ନବୀ' ଏକ ପ୍ରେରଣା ର ଉତ୍ସ

ଈଶ୍ୱରଙ୍କ ସୃଷ୍ଟି କେତେ ବ୍ୟାପକ । ବିଶାଳ ଏ ସୃଷ୍ଟି ବିଶାଳ ଏ ଜଗତ । ସାଧାରଣ ମନୁଷ୍ୟ ପକ୍ଷେ ଈଶ୍ୱରଙ୍କ ଜୀବଜଗତ ସୃଷ୍ଟିକୁ କଳ୍ପନା କରିବା ଅସମ୍ଭବ କର । ଗ୍ରହ ନକ୍ଷତ୍ରଠୁ ଆରମ୍ଭ କରି ପଶୁପକ୍ଷୀ, ମାନବ ଓ କିଟ, ପତଙ୍ଗ ଏଥିରେ ଦୃଶ୍ୟମାନ । ସୃଷ୍ଟିରେ ଦିନ ପରେ ରାତି ଓ ରାତି ପରେ ଦିନ ବଡ଼ ବିଚିତ୍ର । ଦିନରେ ରବିଙ୍କର ତେଜ ସାରା ବିଶ୍ୱକୁ ଆଲୋକିତ କରୁଥିଲା ବେଳେ ରାତିରେ ଚନ୍ଦ୍ରମାର ଶିତଳତା ଦେଇଥାଏ ଏକ ନିଆରା ଅନୁଭୂତି । ବେଳେ ବେଳେ ରାତିର ପ୍ରକୋପ ଏତେ ବ୍ୟାପକ ଥାଏ ଯେ ତାହା ରାତିର ଚାନ୍ଦକୁ ଲୁଚେଇ ଦେଇ ଚାରିଆଡ଼େ ଅନ୍ଧାର ଘଟେଇ ଦେଇଥାଏ । କିନ୍ତୁ ସେ ବିଶାଳ ଅନ୍ଧାରକୁ ମଧ୍ୟ ଜିଣି ପାରିଥାଏ । ଏକ କ୍ଷୁଦ୍ର ପ୍ରଦୀପ ଶିଖା । ତାର ଆଲୋକରେ ସେ ତା ଚତୁଃପାର୍ଶ୍ୱକୁ କରିଥାଏ ଆଲୋକିତ । ଠିକ୍ ସେହିପରି ଈଶ୍ୱରଙ୍କ ସୃଷ୍ଟିରେ ବାସ କରୁଥିବା ମଣିଷମାନଙ୍କ ମଧ୍ୟରୁ କିଛି ମଣିଷ ନିଜର କୃତିତ୍ୱ ବଳରେ ଚାରିଆଡ଼େ ହୋଇ ପାରିଛନ୍ତି ପରିଚିତ । ଦୀପଟିଏ ଅନ୍ଧାରକୁ ଜିଣିଲା ପରି ନିଜର ଜ୍ଞାନ ବଳରେ ସେହି ତପସ୍ୱୀମାନେ ସମାଜକୁ ଜିଣି ପାରିଛନ୍ତି । କେତେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଅମରତ୍ୱ ହାସଲ କରିଛନ୍ତି ତ ଆଉ କେତେ ନିଜର କଲମ ମୁନିରୁ ହୋଇ ପାରିଛନ୍ତି ସୁପରିଚିତ । ନିଜର ଅଗାଧ ପାଣ୍ଡିତ୍ୟ ବଳରେ ସାହିତ୍ୟକୁ କରିପାରିଛନ୍ତି ଯୁଗୋପଯୋଗୀ ସୃଜନଶୀଳ ବାଣୀ । ଓଡ଼ିଆ ସାହିତ୍ୟକୁ ଯଦି ଦୃଷ୍ଟିଗୋଚର କରିବା ତେବେ କବିବର ରାଧାନାଥ ରାୟ, କବି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ, କବିଚନ୍ଦ୍ର କାଳୀଚରଣଙ୍କ ନାମ ବେଶ୍ ଉଲ୍ଲେଖନୀୟ । କେବଳ ପୁରୁଷମାନେ କାହିଁକି ନାରୀମାନେ ମଧ୍ୟ ନିଜର ସୃଜନଶୀଳ ଲେଖାରେ ଅନ୍ୟ ମାନଙ୍କୁ କରିପାରିଛନ୍ତି ପ୍ରଭାବିତ ଏବଂ ଅନ୍ୟମାନଙ୍କ ପାଇଁ ସାଜିଛନ୍ତି ପ୍ରେରଣାଦାୟୀ । କୁନ୍ତଳା କୁମାରୀଙ୍କ ଠାରୁ ଆରମ୍ଭ କରି ନନ୍ଦିନୀ ଶତପଥୀ, ବିଦ୍ୟୁତ୍ ପ୍ରଭା ଦେବୀ ଏହାର ଏକ ଜ୍ୱଳନ୍ତ ଉଦାହରଣ । ଠିକ୍ ଏମାନଙ୍କ ପରି ଆଉ ଜଣେ ମାତୃମୟୀ ସୁପରିଚିତା ଲେଖିକା ଜନ୍ମ ହୋଇଛନ୍ତି ଆମ ଗଞ୍ଜାମ ଜିଲ୍ଲାର ପ୍ରାଚୀନ କଳା ସଂସ୍କୃତିର ପୁଣ୍ୟ ପୀଠ ପୋଲସରା ଅଞ୍ଚଳରେ । ଧନେଇ ନଦୀ କୂଳରେ ଗଢିଉଠିଥିବା ଏ ସହର ଆର୍ଯ୍ୟ ଅନାର୍ଯ୍ୟଙ୍କ ମିଳିତ ସ୍ୱାକ୍ଷର । ପୂର୍ବରୁ ଏ ଅଞ୍ଚଳ ଥିଲା ବହୁ ସୁନ୍ଦର ଫୁଲ ମାନଙ୍କର ଗନ୍ତାଘର । ଏକଦା ଆଠଗଡ଼ ରାଜାଙ୍କୁ ସରାରେ ଫୁଲଭେଟି ଦିଆଯାଇଥିବାରୁ ଏହାର ନାମ ଫୁଲସରା ହୋଇଥିଲା । ପରେ ଏହା ଅପଭ୍ରଂଶ ହୋଇ ପୋଲସରା ନାମରେ ନାମିତ ହୋଇଛି । ଏ ଅଞ୍ଚଳର ଅଧିଠିଷ୍ଠ ଦେବାଦେବୀ ହେଉଛନ୍ତି ଜିଲୁଣ୍ଡା ମହାଲିଙ୍ଗେଶ୍ୱର ଓ ମା ସିଂହାସିନୀ । ଏତତ୍ ବ୍ୟତୀତ ଏ ଅଞ୍ଚଳ ଦିନେ ଯବନଙ୍କ ଦାଉରୁ ଜଗତର ନାଥ ଜଗନ୍ନାଥଙ୍କୁ ଦେଇଥିଲା ଶରଣ । ତେଣୁ ପୋଲସରା ନିକଟସ୍ଥ ମଥୁରା ଗ୍ରାମର ମାରଦା ମନ୍ଦିର ଶରଣ ଶ୍ରୀକ୍ଷେତ୍ର ନାମ ବେଶ୍ ପରିଚିତ । ଏ ମାଟିରେ ଜନ୍ମ ନେଇଥିବା ସେ ମାତୃମୟୀ ଲେଖିକା ଆଉ କିଏ ନୁହଁନ୍ତି ସେ ହେଉଛନ୍ତି ଆମ ଓଡ଼ିଆ ଭାଷା ସାହିତ୍ୟର ଜଣେ ସୃଜନଶୀଳ ଲେଖିକା ଡ଼. ବିଦ୍ୟୁତପ୍ରଭା ସାହୁ । ପୋଲସରା ଅଞ୍ଚଳର ଜଣେ ସଂସ୍କୃତି ସଂପନ୍ନ ମାନ୍ୟଗଣ୍ୟ ବ୍ୟକ୍ତି √ କାଶୀନାଥ ସାହୁ ଓ √ ଚଞ୍ଚଳା ସାହୁଙ୍କ ଔରସରୁ ୧୯୬୪ ମସିହା ଅଗଷ୍ଟ ୭ ତାରିଖରେ ବିଦ୍ୟୁତ୍ ପ୍ରଭାଙ୍କ ଜନ୍ମ । ତାଙ୍କ ପିତା କାଶୀନାଥ ସାହୁ କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ କନିଆରୀ ଗ୍ରାମର ରାଜଶ୍ରୀ ବଳସୀ ସମାଜର ଅଧିକାରୀ ପରିବାରର ଦାୟଦ । କିନ୍ତୁ ସେ ନିଜ ଭିଟାମାଟି ଛାଡ଼ି ପୋଲସରାରେ ବସବାସ କରୁଥିଲେ । ବଳାସୀ ମାନେ ମୁଖ୍ୟତଃ ଚାଷବାସ କରି ଚଳୁଥିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେଳେ ରାଜନୀତିରେ ମଧ୍ୟ ସକ୍ରିୟ ଭାବେ ଯୋଗଦାନ କରିଛନ୍ତି । କୋଦଳା ଓ ପୋଲସରାର ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ ଏହି ସମାଜର ଦାୟାଦ । ଏମାନେ ପୂର୍ବେ ପୁରୀ ଅଞ୍ଚଳର ଖଣ୍ଡାୟତ ଶ୍ରେଣୀର ଲୋକ ଥିଲେ । ଜଗନ୍ନାଥଙ୍କୁ ସୁରକ୍ଷା ଦେବା ପାଇଁ ବୟାଳିସି ଲୋକ ଦିଅଙ୍କ ସହ ଏହି ଅଞ୍ଚଳକୁ ଆସି ପରେ ବଳାସୀ ନାମ ଧାରଣ କଲେ ବୋଲି ବହୁ କିମ୍ବଦନ୍ତୀରୁ ଜାଣିହୁଏ । ବର୍ତମାନ ଆଠଗଡ଼, ସାନଖେମୁଣ୍ଡି ଓ ପାରଳାଖେମୁଣ୍ଡି ଅଞ୍ଚଳରେ ଏମାନେ ବସବାସ କରନ୍ତି । ବିଦ୍ୟୁତ୍ ପୋଲସରାରେ ପ୍ରାଥମିକ ଶିକ୍ଷା ଓ ବିଏ ସମାପ୍ତ କରି ପରବର୍ତ୍ତୀ ସମୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଏମ୍ଏ, ପି.ଏଚ.ଡି ଓ ସମ୍ମାନଜନକ ଡି.ଲଟ ହାସଲ କରିଛନ୍ତି । ସେ ପ୍ରଥମେ ନିଜର କର୍ମମୟ ଜୀବନ ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ଓ  ପରେ ଶଶୀଭୂଷଣ ସରକାରୀ ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ଭାବରେ କାର୍ଯ୍ୟକରି ପରବର୍ତ୍ତୀ ସମୟରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ସହକାରୀ ପ୍ରଫେସର ଓ ଓଡ଼ିଆ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟ ତୁଲେଇ ୨୦୨୪ ମସିହାରେ ଅବସର ନେଇଛନ୍ତି । ତାଙ୍କ ଲେଖନୀ ଗୁଡ଼ିକ ମଧ୍ୟରେ ପ୍ରଥମ ସ୍ୱପ୍ନ, କୋଣାର୍କ, ପ୍ରବନ୍ଧ ପ୍ରକାଶ, ରାମକଥା ଓ ଘନଶ୍ୟାମ ହୋତାଙ୍କ ଶ୍ରୀ ରାମ ବିଳାସ ଏକ ଅଧ୍ୟୟନ, ନୀତି ମୁକ୍ତାବଳୀ, ଗଞ୍ଜାମ ଲୋକମାନଙ୍କ ଧାର୍ମିକ ଚେତନା ଜୀବନ ଜାହ୍ନବୀ, ବଙ୍ଗଳା ଗଳ୍ପରୁ କିଛି, ତୁଳନାତ୍ମକ ସାହିତ୍ୟ ସଞ୍ଚୟନ ଓ ସାହିତ୍ୟ ସଙ୍ଗମ ଇତ୍ୟାଦି ବେଶ୍ ପ୍ରସିଦ୍ଧ ହୋଇଥିଲେ ହେଁ ତାଙ୍କ ରଚିତ ଆତ୍ମଜୀବନୀ ସମସ୍ତଙ୍କ ମନକୁ ଛୁଇଁ ପାରିଛି । ତାଙ୍କ ଆତ୍ମଜୀବନୀ ଜୀବନ ଜାହ୍ନବୀ ପ୍ରସଙ୍ଗରେ ସେ କହିଛନ୍ତି, ଛଳ ଛଳ ଆବେଗର ଶବ୍ଦାୟିତ ବର୍ଣ୍ଣାଳୀ । ଆତ୍ମିକ ବିକାଶର ଅନ୍ତରଙ୍ଗ କାହାଣୀ । ମପାଚୁପା ଜୀବନ ଭିତରୁ ବାହାରି ଅସୀମ ଆକାଶର ସ୍ୱପ୍ନରେ ବ୍ୟାପ୍ତ ଜୀବନର ସଂକଳ୍ପ ବାଣୀ । ବିଶ୍ୱାସର କ୍ଷେତ୍ରରୁ ପ୍ରସରି ଯାଇଥିବା ଏ ଜୟଯାତ୍ରା ସାଜିଛି ଆଜି ଅନ୍ୟ ମାନଙ୍କ ପାଇଁ ପ୍ରେରଣାର ବାଣୀ । ସତରେ ପିଲାଟି ଦିନରୁ ଦୁଷ୍ଟାମୀ ଓ ପାଠପ୍ରତି ଅନାଗ୍ରହରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଢ଼ିଥିବା ଝିଅଟି ବିଶ୍ୱବିଦ୍ୟାଳୟରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟ କରିବାର ଜୟଯାତ୍ରା ଏତେ ସହଜ ଓ ସରଳମୟ ନଥିଲା । ଏ ଯାତ୍ରା ମଧ୍ୟରେ କେବେ କଣ୍ଟା ତ କେବେ ଫୁଲର ରାସ୍ତାଦେଇ ପରିଶେଷରେ ସଫଳତା ପାଇବା ଆଜି ଅନ୍ୟ ପାଇଁ ନିଷ୍ଚିତ ଭାବେ ପ୍ରେରଣାଦାୟୀ । ପିତା କାଶୀନାଥ ଝିଅର ଦୁଷ୍ଟାମୀ ଓ ପାଠ ପ୍ରତି ଅନିଛା ଏତେ ମାତ୍ରାରେ ବୃଦ୍ଧି ହୋଇଥିଲା ଯେ ତାର ସମାଧାନ ପାଇଁ ସେ ଲୁଣିଘାଟିର ପ୍ରସିଦ୍ଧ ଜ୍ୟୋତିଷ ଅନନ୍ତ ନନ୍ଦ ନିକଟକୁ ଜାତକ ନେଇ ଯାଇଥିଲେ । ସେ ଝିଅର ଜାତକ ଦେଖି କହିଥିଲେ ଯେ ତାହାର କୋଷ୍ଠିରେ ପାଠ ନାହିଁ । ଏ ଅତିବେଶୀରେ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଯାଇପାରିବ କିନ୍ତୁ ତାଙ୍କ ଗଣନା ଅଭ୍ରାନ୍ତ ହେଲା । ବିଦ୍ୟୁତ୍ ଡି.ଲିଟ ପର୍ଯ୍ୟନ୍ତ ପଢ଼ି ପ୍ରାଧ୍ୟାପକ ପର୍ଯ୍ୟନ୍ତ ଯାଇପାରିଲେ । ସେ ଇଂ ଗାନ୍ଧୀ ସାହୁଙ୍କୁ ବିବାହ କରିଛନ୍ତି । ବୈବାହିକ ଜୀବନ, ପିଲା ଛୁଆର ସଂସାର ସହ କର୍ମମୟ ଜୀବନ ଓ ସାହିତ୍ୟ ସାଧନା ଆଦି ସମସ୍ତ କାର୍ଯ୍ୟକୁ ନିଜେ ସୁରୁଖୁରୁରେ ତୁଲାଉଛନ୍ତି । ଏହାସହ ନିଜ ଛାତ୍ରମାନଙ୍କୁ ମଧ୍ୟ ମାତୃତ୍ୱର ସ୍ନେହ ପ୍ରଦାନ କରିଛନ୍ତି । ତାଙ୍କ ମତରେ ଜୀବନ ନଦୀ ପରି ଚିର ପ୍ରବାହମାନ ଏକ ମିଶ୍ର ଧାରା । ନିର୍ଦ୍ଦିଷ୍ଟ କାଳ ଖଣ୍ଡରେ ଏହାର ସୃଷ୍ଟି ଓ ବିଲୟ । ଆରମ୍ଭ ଓ ଶେଷ ମଧ୍ୟବର୍ତୀ ବହୁବିଧ ଦିବ୍ୟଅଦିବ୍ୟ ଅନୁଭବର ସମନ୍ୱିତ ଉପଲବ୍ଧି । ନଦୀର ଗତି ପରି ଏ ଉପଲବ୍ଧି ସଦା ପରିବର୍ତ୍ତନଶୀଳ । ତାଙ୍କ ଆତ୍ମଜୀବନୀର ପୃଷ୍ଠାକୁ ଓଲଟେଇଲେ ବେଶ୍ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୁଏ । ମାଟିର ମହକ ଓ ଜୀବନର ଫୁଲକକୁ ନେଇ ବର୍ଣ୍ଣାଢ଼୍ୟ ଏହି ଆତ୍ମଜୀବନୀ ପ୍ରତ୍ୟେକ ନାରୀ ପାଇଁ ଆଶ୍ୱାସନାର ବାଣୀ । ଅଭ୍ୟୁଦୟର ଇତିବୃତକୁ ନେଇ ବହୁ ଅନୁଭୂତିରେ ଭରପୁର ନିଜ ଜୀବନର ସଙ୍କଟ ଓ ସଂଘର୍ଷର ମୂଳ ସୁତ୍ରକୁ ଆବିଷ୍କାର କରିବାର ସଯତ୍ନ କାହାଣୀ । ଅନୁଭୂତିର ପରିସରରୁ ରୁପାଗତ ସମ୍ପ୍ରସାରଣ ମାଧ୍ୟମରେ ଜୀବନବ୍ୟାପୀ ସାଧନାର ସୃଜନ ବାଣୀ । ଏହା କେବଳ ଆତ୍ମଜୀବନୀ ନୁହେଁ ନିରୀହତାରୁ ଅଭିଜ୍ଞତା ପଥକୁ ଯାତ୍ରାର ଅନ୍ତହୀନ ଅନ୍ୱେଷଣର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଗ୍ନବାଣୀ । ଜୀବନରେ କେବେ ସୁଖ ତ କେବେ ଦୁଃଖ । ୟୁରୋପ ଭ୍ରମଣ ହେଉକି ଅମରେଶ୍ୱରର ମୃତ୍ୟୁ ଆଦି ହସଖୁସି ଝଡଝଞ୍ଜାକୁ ଛାତିତଳେ ଚାପି ସେ ନଇ ପରି ମାଡ଼ି ଚାଲିଛନ୍ତି ଆଗକୁ । ତାଙ୍କର ଏହି ଅତିକ୍ରମର ରାସ୍ତା ବହୁ କଣ୍ଟକ ତଥାପି ସେ ଭାଙ୍ଗି ନାହାନ୍ତି । ଦେଖି ଚାଲିଛନ୍ତି ନୂଆ ନୂଆ ସ୍ୱପ୍ନ ଓ ଲେଖୁଛନ୍ତି ନୂଆ ନୂଆ ଲେଖନୀ । ପଙ୍କରୁ ପଦ୍ମ ଫୁଟିଲା ପରି ତାଙ୍କ ଜୀବନର ଏହି କାହାଣୀ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ।

ବିକାଶ ମହାନ୍ତି

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ର ,

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

ଦୁରଭାଷ -୯୧୭୮୩୪୨୨୭୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପରମହଂସ ଶବ୍ଦର ତାତ୍ପର୍ଯ୍ୟ

ଲୋପାମୁଦ୍ରା ପାଣିଗ୍ରାହୀ

ଶବ୍ଦଟି ଅଜଣା ନୁହେଁ କିନ୍ତୁ ଶବ୍ଦଟିର ଅର୍ଥ ମଧ୍ୟରେ ଥିବା ଗୂଢ ତତ୍ତ୍ୱର ଜ୍ଞାତା ଖୁବ୍ କ୍ୱଚିତ୍ । ଅନେକ ମହାପୁରୁଷଙ୍କ ନାମ ସହିତ ଏହି ଶବ୍ଦଟି ଯୁକ୍ତ ହୋଇଥାଏ । ଯେପରି ପରମହଂସ ରାମକୃଷ୍ଣ, ପରମହଂସ ଯୋଗାନନ୍ଦ, ପରମହଂସ ପ୍ରଜ୍ଞାନାନନ୍ଦ । ଶବ୍ଦଟି ଦୁଇଟି ଶବ୍ଦର ସମ୍ମିଶ୍ରଣରେ ଗଠିତ ପରମ ଏବଂ ହଂସ । ଯଦି ଏହାର ସାଧାରଣ ସରଳ ଅର୍ଥଟିକୁ ଖୋଜିବାକୁ ଯିବା ତେବେ ଜାଣିବାକୁ ପାଇବା ଯେ, ପରମ ଅର୍ଥାତ୍ ସର୍ବୋଚ୍ଚ ଏବଂ ହଂସ ଏକ ପକ୍ଷୀର ନାମ ।

ଏଥିରେ ହଂସ ଶବ୍ଦଟିର ଏକ ବିଶେଷ ମହତ୍ତ୍ୱ ରହିଛି । ହଂସ ପ୍ରାୟତଃ ଶ୍ୱେତ ବର୍ଣ୍ଣର ଥାଆନ୍ତି । ଯାହାକି ଶୁଦ୍ଧତା, ପବିତ୍ରତା ଏବଂ ଜ୍ଞାନର ପ୍ରତୀକ । ହଂସ ବ୍ରହ୍ମାଙ୍କର ବାହନ । ହଂସ ଆତ୍ମାର ପ୍ରତୀକ । ହଂସ ଜଳ ଏବଂ କ୍ଷୀରର ମିଶ୍ରଣ ମଧ୍ୟରୁ କ୍ଷୀରକୁ ପୃଥକ୍ କରିପାରେ । ସାଧାରଣତଃ ମହାପୁରୁଷ ମାନଙ୍କୁ "ପରମହଂସ" ଉପାଧି ଦିଆଯାଇଥାଏ କାରଣ ସେମାନେ ସଂସାରରେ ଅବସ୍ଥାନ କରୁଥିଲେ ମଧ୍ୟ ସାଂସାରିକ ମାୟାବନ୍ଧନରୁ ନିବୃତ୍ତ ହୋଇ କେବଳ ସାରତତ୍ତ୍ୱକୁ ଗ୍ରହଣ କରିବା ପାଇଁ ସକ୍ଷମ ହୋଇଥାନ୍ତି । ଏହି ତଥ୍ୟକୁ ଆଧାର କରି ସଂସ୍କୃତ ଭାଷାରେ ଏକ ସୁନ୍ଦର ଶ୍ଳୋକ ଅଛି । ଯାହାକି

"ଅନନ୍ତଶାସ୍ତ୍ରଂ ବହୁଳାଶ୍ଚ ବିଦ୍ୟା
ସ୍ୱଳ୍ପଶ୍ଚକାଳୋ ବହୁବିଘ୍ନତା ଚ
ଯତ୍ସାରଭୂତଂ ତଦୁପାସନୀୟଂ
ହଂସୋ ଯଥା କ୍ଷୀରମିବାମ୍ବୁମଧ୍ୟାତ୍ "

ଉପରୋକ୍ତ ତଥ୍ୟ ଗୁଡିକ ସହିତ ପ୍ରାୟ ସମସ୍ତେ ଅବଗତ ଥାଆନ୍ତି । କିନ୍ତୁ ଯଦି ଆଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟିକେ ଅଧିକ ମନନଶୀଳ ହୋଇ ଏହି ଶବ୍ଦଟିର ଅର୍ଥ ଜାଣିବାକୁ ଚେଷ୍ଟା କରିବା ତେବେ ଏକ ସର୍ବୋଚ୍ଚ ଆଧ୍ୟାତ୍ମିକ ଗୂଢ ତତ୍ତ୍ୱ ସହିତ ପରିଚିତ ହୋଇପାରିବା ।

ହଂସ ଏକ ପ୍ରତୀକାତ୍ମକ ଶବ୍ଦ । ଯେଉଁମାନେ ଆଧ୍ୟାତ୍ମିକ ଦିଗରେ ଉଚ୍ଚତର ସଫଳତା ବା ପୂର୍ଣ୍ଣତା ଲାଭ କରିଥାନ୍ତି ବା ନିଜ ଶ୍ୱାସପ୍ରଶ୍ୱାସ ପ୍ରକ୍ରିୟାକୁ ନିୟନ୍ତ୍ରଣ କରି କେବଳ ନିର୍ବିକଳ୍ପ ସମାଧି ଅବସ୍ଥାରେ ଲୀନ ଥାଆନ୍ତି ଏବଂ କେବଳ ଈଶ୍ୱରୀୟ ଉର୍ଜାକୁ ଗ୍ରହଣ କରନ୍ତି ସେମାନଙ୍କୁ ପରମହଂସ କୁହାଯାଏ ।

ଏହା କୁଣ୍ଡଳିନୀ ପରି କିଛି ରହସ୍ୟମୟ ସାଧନାର ପ୍ରତୀକ । ଏପରିକି ହଂସ ଶବ୍ଦଟିର ଅର୍ଥକୁ ନ ବୁଝି ଜଣେ ସାଧକ କେବେ ମଧ୍ୟ ପୂର୍ଣ୍ଣତାର ସହିତ କୁଣ୍ଡଳିନୀର ତତ୍ତ୍ୱକୁ ବୁଝି ପାରିବ ନାହିଁ ।

ସଂସ୍କୃତ ସାହିତ୍ୟରେ ହଂସ ଶବ୍ଦର ଅର୍ଥ ପ୍ରାଣ ବା ଅନ୍ତରାତ୍ମା । ଋଗ୍ ବେଦରେ ହଂସକୁ ଆଲୋକର ପକ୍ଷୀ ବୋଲି କୁହାଯାଇଛି । ଅନେକ ମହାପୁରୁଷ ଏହାର ଅନ୍ୟ ଏକ ଅର୍ଥ ଆବିଷ୍କାର କରିଛନ୍ତି । "ହମ୍" ଏବଂ "ସ"ର ମିଶ୍ରଣରେ ହଂସ ଶବ୍ଦଟି ଗଠିତ ଅର୍ଥାତ୍ "ଅହମ୍ ସଃ" ବୋଲି କୁହାଯାଇଛି ଅର୍ଥାତ୍ ମୁଁ ହିଁ ସେ । ଅଦ୍ୱୈତ ବେଦାନ୍ତରେ ଯାହାକୁ "ସୋହମ୍" ବୋଲି କୁହାଯାଇଛି ।

ଶିବ ପୁରାଣରେ ଏହାର ଭିନ୍ନ ଏକ ଅର୍ଥ ରହିଛି । ସେଥିରେ ଶିବଙ୍କୁ ପରମହଂସ ବା ସର୍ବୋଚ୍ଚ ଆତ୍ମା ବୋଲି କୁହାଯାଇଛି । ହଂସ ଶିକ୍ଷା ଶିବ ଯୋଗର ଏକ ଅବିଚ୍ଛେଦ୍ୟ ଅଙ୍ଗ । ହଂସ ପ୍ରାଣର ନାଦ ଏବଂ 'ॐ' ଯାହାକୁ ପ୍ରଣବ ଧ୍ୱନି କୁହାଯାଏ ତାକୁ ମଧ୍ୟ ହଂସ ଭାବରେ ବିବେଚିତ କରାଯାଏ । ଯାହାର ଅଧିଶ୍ୱର ସ୍ୱୟଂ ଶିବ । ଶିବ ହେଉଛନ୍ତି ଚେତନା, ପରମ ପୁରୁଷ ତେଣୁ ଚେତନାକୁ ମଧ୍ୟ ହଂସ ବୋଲି କୁହାଯାଏ ।

ତନ୍ତ୍ରରେ ମଧ୍ୟ ଏହି ଶବ୍ଦଟିର ବିଶେଷ ମହତ୍ତ୍ୱ ରହିଛି । ହଂସ ଅର୍ଥାତ୍ ଜୀବାତ୍ମା ଯାହାର ଜୀବନ ଶ୍ୱାସପ୍ରକ୍ରିୟା ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଶ୍ୱାସ ଗ୍ରହଣ ଏବଂ ଶ୍ୱାସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତ୍ୟାଗ ସମୟରେ ଦୁଇଟି ସ୍ୱତନ୍ତ୍ର ଧ୍ୱନି ସୃଷ୍ଟି ହୋଇଥାଏ । ଶ୍ୱାସ ଗ୍ରହଣ ସମୟରେ 'ସ' ଏବଂ ଶ୍ୱାସ ତ୍ୟାଗ ସମୟରେ 'ହ' ଧ୍ୱନି ସୃଷ୍ଟି ହୋଇଥାଏ । ପ୍ରାଣାୟମ କରିବା ସମୟରେ ଏହି ଧ୍ୱନି ଆହୁରି ସମ୍ୟକ୍ ଭାବରେ ଅନୁଭବ ହୋଇଥାଏ ।

ପ୍ରାଣବାୟୁ ଏବଂ ଅପାନ ବାୟୁର ଦ୍ୱୈତବାଦରୁ ମଣିଷ ଯେତେବେଳେ ନିବୃତ୍ତ ହୁଏ ସେତେବେଳେ ହଂସରୂପୀ ଶିବ ଏବଂ କୁଣ୍ଡଳିନୀ ରୂପୀ ଶକ୍ତିଙ୍କର ମିଳନ ହୋଇ ଜୀବକୁ କୈବଲ୍ୟ ପ୍ରାପ୍ତି ହୋଇଥାଏ । ହଂସ ଏବଂ କୁଣ୍ଡଳିନୀ ଯୁକ୍ତ ହୋଇ ଏକାସାଙ୍ଗରେ ଗତିମାନ ହୁଅନ୍ତି ଏବଂ ସହସ୍ରାର ଚକ୍ରରେ ମିଳିତ ହୁଅନ୍ତି ସେତେବେଳେ ସହସ୍ରଦଳ ସହସ୍ରାର ଚକ୍ରରୁ ସୋମରସ ନିଷ୍ପନ୍ନ ହୁଏ ଏବଂ ପରମାନନ୍ଦର ପ୍ରବାହ ଜୀବର ସଂପୂର୍ଣ୍ଣ ଶରୀରରେ ହୋଇଥାଏ । ଯଦି ହଂସ ଶିକ୍ଷା ବିନା କୁଣ୍ଡଳିନୀ ଜାଗ୍ରତ କରିବାକୁ ଚେଷ୍ଟା କରାଯାଏ ତେବେ ତାହା ଶରୀର ପକ୍ଷେ କ୍ଷତିକାରକ ସାଧିତ ହୁଏ ।

ହଂସ ସର୍ବଦା ଆରୋହ କ୍ରମରେ ଗତିମାନ ହେବା ଆବଶ୍ୟକ, ଯଥା -ନାଦ (କମ୍ପନ), ବିନ୍ଦୁ(ଏକାଗ୍ରତା), ବୀଜ(ମନ୍ତ୍ର), ଶକ୍ତି ବା ଲିଙ୍ଗ (ଅସ୍ତିତ୍ୱ), ଯୋନି(ଗ୍ରହଣଶୀଳତା) । ହଂସ ପରମାନନ୍ଦକୁ ଆରୋହ କ୍ରମରେ ସହସ୍ରାର ପଦ୍ମକୁ ନେଇ ସମଗ୍ର ଶରୀରରେ ପ୍ରବାହିତ କରାଇଥାଏ ।

ଉପରୋକ୍ତ ବ୍ୟାଖ୍ୟା ଗୁଡିକରୁ ଏତିକି ସୁସ୍ପଷ୍ଟ ଯେ ପରମହଂସ ଅର୍ଥାତ୍ "ପରମଚେତନା" ବା "supreme consciousness " । ଯିଏ ପରମଚେତନାରେ ପ୍ରତିଷ୍ଠିତ ସେ ପରମହଂସ ।

୮୪୫୫୮୨୬୧୧୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନେତାଜୀ ସୁଭାଷ ଚନ୍ଦ୍ର ବୋଷ

ବାବାଜୀ ଚରଣ ଦାସ



ସମଗ୍ର ଭାରତରେ ଅଦ୍ୱିତୀୟ ନାମରେ ପରିଚିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ । ଏହି ଅସାଧାରଣ ବ୍ୟକ୍ତିତ୍ୱ କଟକ ସହରରେ ୧୮୯୭ ମସିହା ଜାନୁଆରୀ ୨୩ ତାରିଖ ଶନିବାର ଦିନ ବର୍ତ୍ତମାନର 'ନେତାଜୀ ସୁଭାଷ ସେବା ସଦନ'ରେ ଜନ୍ମ ଗ୍ରହଣ କରିଥିଲେ । କଟକ ସହରର ଏହି ପୁରୁଣା କାଳିଆ ଦୋ ମହଲା କୋଠାଘରଟି ଥିଲା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପିତା ଜନପ୍ରିୟ ବିଶିଷ୍ଟ ଆଇନଜୀବୀ ଜାନକୀ ନାଥ ବୋଷ ଓ ସରଳା, ଉଦାରମନା, ଧର୍ମପ୍ରାଣା ମାତା ପ୍ରଭାବତୀ ଦେବୀଙ୍କର ବାସସ୍ଥାନ । ମାତା ପ୍ରଭାବତୀ ପିଲାଟି ଦିନରୁ ସୁଭାଷଙ୍କୁ ରାମାୟଣ ଓ ମହାଭାରତର କାହାଣୀ ସହିତ ମୁନି ଋଷି ମାନଙ୍କର ଜୀବନୀ ଶୁଣାଉଥିଲେ । ସେ ରାମକୃଷ୍ଣ ପରମହଂସ, ମା ଶାରଦା ଓ ବିବେକାନନ୍ଦଙ୍କ ବିଷୟରେ ଅନେକ କାହାଣୀ ସୁଭାଷଙ୍କୁ ଶୁଣାଇ ତାଙ୍କ ମନ ଭିତରେ ଭାରତୀୟ ଧର୍ମ ଧାରଣା ସୃଷ୍ଟି କରିଥିଲେ ।

ତାଙ୍କୁ ପାଞ୍ଚବର୍ଷ ବେଳେ ୧୯୦୨ ମସିହାରେ କଟକର ପ୍ରୋଟେଷ୍ଟାଣ୍ଟ ମିଶନାରୀ ସ୍କୁଲରେ ତାଙ୍କ ନାମ ଲେଖା ହେଲା । ସେଠାରେ ସୁଭାଷ ଅନୁଭବ କଲେ ଯେ ଇଂରେଜ ଓ ଭାରତୀୟଙ୍କ ମଧ୍ୟରେ ପାତର ଅନ୍ତର ସୃଷ୍ଟି କରାଯାଉଛି । ୧୯୦୯ ମସିହାରେ ସେ କଟକ ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ନାମ ଲେଖାଇଲେ । ସେ ସ୍କୁଲର ପ୍ରଧାନଶିକ୍ଷକ ଥିଲେ ଉଗ୍ରଜାତୀୟବାଦୀ ବେଣୀମାଧବ ଦାସ । ତାଙ୍କ କନ୍ୟା ବୀଣା ଦାସ ୧୯୩୨ ମସିହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଙ୍ଗଳାର ଗଭର୍ଣ୍ଣର ଷ୍ଟାନଲି ଜ୍ୟାକସନଙ୍କୁ ଗୁଳିକରି ହତ୍ୟା ଅଭିଯୋଗରେ ଦଣ୍ଡିତ ହେଲେ । ୧୯୧୧ ମସିହା ଅଗଷ୍ଟ ୧୧ ତାରିଖରେ ରେଭେନ୍‌ସା କଲେଜିଏଟ୍ ସ୍କୁଲ୍ ପ୍ରାଙ୍ଗଣରେ ଖୁଦୀରାମଙ୍କ ଫାସୀ ଦିବସ ପାଳନ ପାଇଁ ସୁଯୋଗ ଦେଇ ଥିବାରୁ ପ୍ରଧାନ ଶିକ୍ଷକ ବେଣୀମାଧବ ଦାସଙ୍କୁ ନଦିୟା ଜିଲ୍ଲାର କୃଷ୍ଣନଗରକୁ ବଦଳି କରାଗଲା । ଏହି ଘଟଣାଟି ସୁଭାଷଙ୍କ ମନରେ ଭୀଷଣ ଆଘାତ ଦେଲା । ତାଙ୍କ ପରେ ଯୋଗ ଦେଲେ ଅତ୍ୟନ୍ତ ପ୍ରତିଭା ସମ୍ପନ୍ନ ପ୍ରଥମ ଓଡ଼ିଆ ପ୍ରଧାନ ଶିକ୍ଷକ ନାରାୟଣ ପ୍ରସାଦ ମହାନ୍ତି । ତାଙ୍କର ଚମତ୍କାର ଇଂରାଜୀ ପଢ଼ାଇବା ଶୈଳୀ ସୁଭାଷଙ୍କୁ ଆକୃଷ୍ଟ କରିଥିଲା।ସେ ସମଗ୍ର ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହିତ ଇଂରାଜୀରେ ୧୦୦ରୁ ୯୮ ରଖିଥିଲେ । ୧୯୧୩ ମସିହାରେ କଲିକତାର ପ୍ରେସିଡେନ୍‌ସି କଲେଜରେ ତାଙ୍କ ନାମ ଲେଖା ହେଲା । କଲେଜରେ ତାଙ୍କର ମିତ୍ର ହେଲେ ଅରବିନ୍ଦଙ୍କ ଦର୍ଶନରେ ପ୍ରଗାଢ଼ ପାଣ୍ଡିତ୍ୟ ଥିବା ଦିଲ୍ଲୀପ ରାୟଙ୍କ ସହିତ । ଦିଲ୍ଲୀପ ରାୟ The Subhash I know ପୁସ୍ତକ ଲେଖିଛନ୍ତି ।

୧୯୧୫ ମସିହାରେ ଇଣ୍ଟରମିଡିଏଟ ପାସ କରି ଦର୍ଶନ ଶାସ୍ତ୍ରରେ ଅନର୍ସ ନେଇ ପଢିଲେ । ଇଂରେଜ ଅଧ୍ୟାପକ ଓଟନ୍ ସାହେବଙ୍କୁ ଛାତ୍ରନେତା ଭାବରେ ପ୍ରତିରୋଧ କରିବା ଯୋଗୁଁ ସୁଭାଷଙ୍କୁ ଦୁଇ ବର୍ଷ ପାଇଁ ବହିଷ୍କାର ଆଦେଶ ମିଳିଲା । ୧୯୧୬ ମସିହାରେ କଟକ ଫେରି ଆସି ସୁଭାଷ ଜାତିଭେଦ ଓ ଅସ୍ପୃଶ୍ୟତା ବିରୋଧରେ ସଚେତନତା ସୃଷ୍ଟି କଲେ । ପୁଣି ଥରେ ୧୯୧୭ ମସିହା ଜୁଲାଇ ମାସରେ କଲିକତା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲେ । ଏଥିପାଇଁ ସେତେବେଳେକାର କୁଳପତି ସାର୍ ଆଶୁତୋଷ ମୁଖାର୍ଜୀଙ୍କ ସହାୟତା ମିଳିଥିଲା । ୧୯୧୯ ମସିହାରେ ସୁଭାଷ କଲିକତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବି.ଏ. ପାସ୍ କଲେ । ଏହାପରେ ସେ ଏମ୍.ଏ. ଶ୍ରେଣୀରେ ନାମ ଲେଖାଇଲେ ମଧ୍ୟ ପିତା ଓ ବଡଭାଇଙ୍କ ନିର୍ଦ୍ଦେଶରେ ୧୯୧୯ ମସିହା ସେପ୍ଟେମ୍ବର ମାସରେ ଇଂଲଣ୍ଡ ଯାତ୍ରା କରି କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲେ । ୧୯୨୦ ମସିହା ଜୁଲାଇ ମାସରେ ଲଣ୍ଡନରେ ଅନୁଷ୍ଠିତ ଆଇ.ସି.ଏସ. ପରୀକ୍ଷାରେ ସେ ଚତୁର୍ଥ ସ୍ଥାନରେ ରହିଥିଲେ । ସେତେବେଳକୁ ୧୯୧୯ ମସିହାର ଜାଲିଆନାବାଗ୍ ହତ୍ୟାକାଣ୍ଡ ଘଟି ସାରିଥିଲା । ସୁଭାଷଙ୍କ ଉପରେ ଏହାର ପ୍ରଭାବ ପଡିଥିଲା । ସେ ତାଙ୍କ ବଡଭାଇ ଶରତ ଚନ୍ଦ୍ରଙ୍କ ପାଖକୁ ଏକ ମର୍ମସ୍ପର୍ଶୀ ପତ୍ର ଲେଖିଥିଲେ ଯାହାର ଶେଷ ଆଡକୁ ଲେଖାଥିଲା, "ମୁଁ ଗଭୀର ଭାବରେ ଅନୁଭବ କରୁଛି ଯେ ବ୍ରିଟିଶ ସରକାର ସହିତ କୌଣସି ପ୍ରକାର ସମ୍ପର୍କ ରଖି ମୁଁ ମୋର ହସ୍ତକୁ କଳଙ୍କିତ କରିବି ନାହିଁ ।"

ସେହି ଜାହାଜରେ ଭାରତ ଫେରିଲେ ସୁଭାଷ ଯେଉଁଥିରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଫେରୁଥିଲେ । ସେ ସୁଭାଷଙ୍କୁ ଗାନ୍ଧିଜୀଙ୍କୁ ଭେଟିବାକୁ ପରାମର୍ଶ ଦେଲେ । ୧୯୨୧ ମସିହା ଜୁଲାଇ ୧୬ ତାରିଖରେ ସେ ଗାନ୍ଧିଜୀଙ୍କୁ ମଣିଭବନରେ ସାକ୍ଷାତ କଲେ । ଗାନ୍ଧିଜୀଙ୍କ ବିଚାରଧାରା ସେ ଶୁଣିଲେ କିନ୍ତୁ କଲିକତାରେ ସେ ବଳିଷ୍ଠ ଦେଶଭକ୍ତ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ । ୧୯୨୧ ମସିହା ନଭେମ୍ବର ୧୭ ତାରିଖରେ ଯୁବରାଜ ପ୍ରିନ୍ସ ଅଫ୍ ୱେଲସ୍ ଙ୍କ ସମ୍ବର୍ଦ୍ଧନା ସଭା ଅସଫଳ ହେଲା, ସୁଭାଷଙ୍କ ନେତୃତ୍ୱରେ କଂଗ୍ରେସର ବିରୋଧ ପାଇଁ । ଏହା ସରକାରଙ୍କୁ ଲଜ୍ଜିତ କଲା । ୧୯୨୧ ମସିହା ଡ଼ିସେମ୍ବର ୧୦ ତାରିଖ ଦିନ ଚିତ୍ତରଞ୍ଜନ ଓ ସୁଭାଷ ଚନ୍ଦ୍ର ବୋଷ ଗିରଫ ହେଲେ । ୧୯୨୨ରେ ସେ ଜେଲରୁ ମୁକୁଳିଲେ । ୧୯୨୧ ରୁ ୧୯୪୧ ମସିହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଧ୍ୟରେ ସୁଭାଷ ଚନ୍ଦ୍ର ବୋଷ ୧୧ ଥର ଜେଲଦଣ୍ଡ ଭୋଗିଥିଲେ । କଂଗ୍ରେସକୁ ଗଣ ଆନ୍ଦୋଳନରେ ପରିଣତ କରିବାକୁ ତାଙ୍କ ଲେଖା ସବୁ ବାଂଗଲାର କଥା, ଆତ୍ମଶକ୍ତି ଓ ଫରୱାର୍ଡ୍ ଖବରକାଗଜ ଓ ପତ୍ରପତ୍ରିକା ଆଦିରେ ପ୍ରକାଶିତ ହୋଇଥିଲା । ଗୋରଖପୁର ହିଂସା ପାଇଁ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନକୁ ହଠାତ୍ ବନ୍ଦ କରିଦେଲେ । ୧୯୩୩ ମସିହା ଫେବୃଆରି ୨୨ ତାରିଖ ଦିନ ସୁଭାଷ ଜେଲରୁ ଖଲାସ ହୋଇ ନିଜ ଖର୍ଚ୍ଚରେ ଭିଏନାରେ ଚିକିତ୍ସିତ ହେବାକୁ ଅନୁମତି ପାଇଲେ । ଭିଏନାର The Franso ହୋଟେଲରେ ଚିକିତ୍ସାଧୀନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବଡଭାଇ ବିଠଲଭାଇ ପଟେଲଙ୍କ ସହିତ ଘନିଷ୍ଠ ହେଲେ ।

୧୯୩୩ ମସିହା ମାର୍ଚ୍ଚରୁ ୧୯୩୬ ମସିହା ମାର୍ଚ୍ଚ ମଧ୍ୟରେ ସୁଭାଷ ଚନ୍ଦ୍ର ବୋଷ ବୁଲଗେରିଆ, ଚେକୋସ୍ଲୋଭାକିଆ, ଇଜିପ୍ଟ, ଫ୍ରାନ୍ସ, ଜର୍ମାନୀ, ଆୟାରଲ୍ୟାଣ୍ଡ, ଇଟାଲୀ, ପୋଲାଣ୍ଡ, ରୋମାନିଆ, ଯୁଗୋସ୍ଲୋଭିଆ, ସୁଇଜରଲ୍ୟାଣ୍ଡ, ତୁର୍କୀ ଆଦି ଦେଶ ଭ୍ରମଣ କରି ଉପରୋକ୍ତ ଦେଶ ମାନଙ୍କରେ ଭାରତର ଜାତୀୟତା ଆନ୍ଦୋଳନ ସପକ୍ଷରେ ଯୁକ୍ତି ବାଢ଼ିଥିଲେ । ୧୯୩୩ ମସିହାରେ ସେ ପଠାଇଥିବା ଲଣ୍ଡନ ଥେସିସ ବକ୍ତୃତା ପ୍ରଣିଧାନଯୋଗ୍ୟ । ୧୯୩୪ ରେ ତାଙ୍କ ଲିଖିତ Indian Struggle ବିଲାତ ସରକାରଙ୍କର ନିଦ ହଜେଇଦେଲା । ୧୯୩୪ ମସିହାରେ ତାଙ୍କ ପିତାଙ୍କ ମୃତ୍ୟୁ ଶଯ୍ୟାରେ ପଡିଥିବା ଖବର ଶୁଣି ସେ କଲିକତା ଫେରିଲେ କିନ୍ତୁ ସେ ଗିରଫ ହେବାରୁ ତାଙ୍କ ପିତାଙ୍କୁ ଦେଖି ପାରିଲେ ନାହିଁ । ପିତାଙ୍କ ଶେଷକୃତ୍ୟରେ ଯୋଗ ଦେବାକୁ ତାଙ୍କୁ ଅନୁମତି ମିଳିଲା । ୧୯୩୫ ମସିହାରେ ଭିଏନାରେ ତାଙ୍କ ଗଲ୍ ବ୍ଲଡର ଅପରେସନ ପରେ ୧୯୩୬ ରେ ସେ ଭାରତକୁ ଫେରିବା ପାଇଁ ନିଜର ସିଦ୍ଧାନ୍ତ ଜଣାଇଲେ । ତାଙ୍କୁ ଗିରଫ କରାଯିବ ବୋଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ରିଟିସ ସରକାର ଧମକ ଦେଲେ । ଧମକକୁ ଖାତିର ନକରି ସେ ୧୯୩୬ ମସିହା ଏପ୍ରିଲ ୮ ତାରିଖରେ ବମ୍ବେରେ ପହଞ୍ଚିଲେ । ସେଠାରେ ତାଙ୍କୁ ଗିରଫ କରାଗଲା । ସେଠାରେ ସେ ତାଙ୍କ ଭାରତ ଆଗମନକୁ ସ୍ୱାଗତ କରିବାକୁ ଆସିଥିବା ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ କହିଥିଲେ, Keep the flag of India's freedom flying । ୧୯୩୭ ମସିହା ମାର୍ଚ୍ଚ ୧୭ ତାରିଖରେ ସେ ଜେଲରୁ ଖଲାସ ହେଲେ । ତାଙ୍କୁ ପ୍ରତ୍ୟକ୍ଷ ରାଜନୀତିରେ ଭାଗନେବାକୁ ବାରଣ କରାଗଲା । ସେହି ବର୍ଷ ଅପ୍ରେଲ ୬ ତାରିଖ ଶ୍ରଦ୍ଧାନନ୍ଦ ପାର୍କରେ ଶ୍ରୀ ରାମାନନ୍ଦ ଚଟ୍ଟୋପାଧ୍ୟାୟଙ୍କ ସଭାପତିତ୍ୱରେ ତାଙ୍କୁ ଦେଶ ଗୌରବ ଉପାଧି ଦିଆଗଲା । ୧୯୩୮ ମସିହାରେ ସେ ହରିପୁର ଠାରେ କଂଗ୍ରେସର ସଭାପତି ରୂପେ ନିର୍ବାଚିତ ହେଲେ । ଗାନ୍ଧିଜୀଙ୍କ ବିଚାରଧାରା ସହିତ ତାଙ୍କର ମତଭେଦ ରହିଲା । ୧୯୩୯ ମସିହା ଜାନୁଆରୀ ୨୯ ତାରିଖ ଜାତୀୟ କଂଗ୍ରେସ ନିର୍ବାଚନରେ ସୁଭାଷ ପାଇଥିଲେ ୧୫୮୦ ଭୋଟ ଓ ସୀତାରାମାୟା ପାଇଥିଲେ ୧୩୭୭ ଭୋଟ ।

୧୯୩୯ ମସିହାରେ ସେ ଗାନ୍ଧିଜୀଙ୍କ ବିଚାରଧାରା ସହିତ ଅମେଳ କାରଣରୁ ଫରୱାର୍ଡ୍ ବ୍ଲକ୍ ସଂଗଠନ ଗଢିଲେ । ସମସ୍ତ ବିରୋଧ ସତ୍ତ୍ୱେ ସେ ବିଚଳିତ ନହୋଇ କହିଥିଲେ, I am myself । ୧୯୩୯ ମସିହା ଜୁନ ମାସରେ ଫରୱାର୍ଡ୍ ବ୍ଲକର ବମ୍ବେରେ ଅନୁଷ୍ଠିତ ସର୍ବଭାରତୀୟ ସମ୍ମିଳନୀରେ ସେ କହିଥିଲେ, "ଇତିହାସର ଏକ ଘଡିସନ୍ଧି ମୂହୁର୍ତ୍ତରେ ଆମେ ଏକଜୁଟ ହୋଇଛନ୍ତି ।"

୧୯୩୯ ମସିହା ମଧ୍ୟଭାଗରେ କଟକରେ ଯଦୁମଣି ମଙ୍ଗରାଜଙ୍କ ସଭାପତିତ୍ୱରେ ଏକ ଯୁବ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ସୁଭାଷ ଚନ୍ଦ୍ର ବୋଷଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ କରା ଯାଇଥିଲା । ସୁଭାଷ ବୋଷ କଟକରେ ପହଞ୍ଚିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେଳେ ତାଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ସମେତ ହଜାର ହଜାର ଲୋକ ସମ୍ବର୍ଦ୍ଧନା ଜଣାଇଥିଲେ । ସୁଭାଷ ଚନ୍ଦ୍ର ବୋଷ ଓ ନୀଳକଣ୍ଠ ଦାସ ଏକ ସୁସଜ୍ଜିତ ହାତୀ ଉପରେ ବସି କଟକ ସହର ପରିକ୍ରମା କଲେ । ସେତେବେଳେ ହଜାର ହଜାର ଲୋକ ରାସ୍ତାର ଦୁଇ ପାର୍ଶ୍ୱରେ ଠିଆ ହୋଇ ସୁଭାଷ ବୋଷ ଜିନ୍ଦାବାଦ, ଫରୱାର୍ଡ୍ ବ୍ଲକ୍ ଜିନ୍ଦାବାଦ ଧ୍ୱନୀରେ ଗଗନ ପବନ ପ୍ରକମ୍ପିତ କରିଥିଲେ । ମୁନିସିପାଲିଟି ପଡ଼ିଆରେ ଆୟୋଜିତ ଏକ ବିରାଟ ସାଧାରଣ ସଭାରେ ସାନ୍ଧ୍ୟ କାଳୀନ ଭାଷଣରେ ସୁଭାଷ ବୋଷ କହିଥିଲେ, "ପୃଥିବୀର କୌଣସି ଶକ୍ତି ନାହିଁ, ଯାହାକି ଭାରତକୁ ପରାଧୀନ କରି ରଖି ପାରିବ ।

ବିଶ୍ୱଯୁଦ୍ଧ ଆସନ୍ନ । ଏହି ପ୍ରକୃଷ୍ଟ ସମୟରେ ଦେଶବାସୀ ଏକଜୁଟ ହୁଅ। ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ।" ସେ ବ୍ରହ୍ମପୁର, ପୁରୀ, ବାଲେଶ୍ୱର ଆଦି ସ୍ଥାନରେ ଅଗ୍ନିବର୍ଷୀ ଭାଷଣ ଦେଇଥିଲେ । ସେ ଓଡିଶାକୁ ନିଜର ଜନ୍ମଭୂମି କହି ଗର୍ବ କରୁଥିଲେ । ଓଡ଼ିଶା ବାହାରେ ଓଡ଼ିଆଙ୍କ ସଙ୍ଗେ ଓଡ଼ିଆରେ କଥାବାର୍ତ୍ତା ହେଉଥିଲେ ।

୧୯୩୯ ମସିହା ସେପ୍ଟେମ୍ବର ୩ ତାରିଖ ଦିନ ସେ ମାନ୍ଦ୍ରାଜରେ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଜନସମାବେଶରେ ଭାରତର ସ୍ୱାଧୀନତା ପାଇଁ ଦୃଢ଼ ଦାବି କଲେ । ଏଣେ ଇଉରୋପରେ ଇଂଲଣ୍ଡ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ସାରିଲାଣି ।

୧୯୪୦ ମସିହା ମାର୍ଚ୍ଚ ମାସରେ ବିହାରର ରାମଗଡ଼ ଠାରେ କଂଗ୍ରେସ ଅଧିବେଶନରେ ସୁଭାଷ ବୋଷ Anti compromising conference କରି କହିଥିଲେ, "ଭାରତବର୍ଷ ଭାରତ ଅଧିବାସୀମାନଙ୍କର ।"

୧୯୪୦ ମସିହା ଜୁଲାଇ ୨ ତାରିଖରେ ଇଂରେଜ ସରକାର ସୁଭାଷ ବୋଷଙ୍କ ସହିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଜାର ହଜାର ସହକର୍ମୀଙ୍କୁ ଗିରଫ କଲେ । ସେହିବର୍ଷ ସେପ୍ଟେମ୍ବର ୨୮ ତାରିଖରେ ଆଇନ ସଭାର ସଦସ୍ୟ ରୂପେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବାରୁ ସେ ନଭେମ୍ବର ମାସରେ ସରକାରଙ୍କୁ ଏକ ଚିଠି ଲେଖି ଜଣାଇଲେ ଯେ ଯଦି ତାଙ୍କୁ ମୁକ୍ତି ଦିଆନଯାଏ, ତେବେ ସେ ନଭେମ୍ବର ୨୯ ତାରିଖ ଠାରୁ ନିଜର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଅନଶନ ଜାରି ରଖିବେ । ପ୍ରଥମରୁ ସରକାର ଭ୍ରୂକ୍ଷେପ କରି ନଥିଲେ ମଧ୍ୟ ଡିସେମ୍ବର ୫ ତାରିଖ ଦିନ ତାଙ୍କୁ ସର୍ତ୍ତମୂଳକ ଖଲାସ କଲେ । ସର୍ତ୍ତ ଅନୁସାରେ ସରକାରଙ୍କ ବିନାନୁମତିରେ ସେ ବାହାରକୁ ଯାଇ ପାରିବେ ନାହିଁ କିମ୍ବା କୌଣସି ରାଜନୈତିକ ଦଳ ସହିତ ସମ୍ପର୍କ ରଖି ପାରିବେ ନାହିଁ । ସୁଭାଷ ଗୃହବନ୍ଦୀ ଥିବା ବେଳେ ଓଡ଼ିଶାର ତିନି ଜଣ ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର ଓ ଯଦୁମଣି ମଙ୍ଗରାଜଙ୍କୁ ତାଙ୍କ ତାଙ୍କ ବାସଭବନକୁ ଡକାଇ ଓଡ଼ିଶାରେ ଫରୱାର୍ଡ୍ ବ୍ଲକର ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଦାୟିତ୍ୱ ଦେଇଥିଲେ ।

୧୯୪୧ ମସିହା ଡ଼ିସେମ୍ବର ମାସରେ ସୁଭାଷ ଭାରତର ସ୍ୱାଧୀନତା ପାଇଁ ବିଦେଶୀ ଶକ୍ତିମାନଙ୍କର ସହାୟତା ପାଇବାର ଆବଶ୍ୟକତା ଅଛି ବୋଲି ଅନୁଭବ କଲେ । ନିଜ ପୁତୁରା ଶିଶିର ବୋଷଙ୍କୁ ନିଜର ଯୋଜନା ବିଷୟରେ କହି କାର୍ ପ୍ରସ୍ତୁତ ରଖିବାକୁ କହିଲେ । ସେ ସାଂଘାତିକ ପୀଡ଼ିତ ବୋଲି ଜଣାଇଦେଲେ । ୧୯୪୧ ମସିହା ଜାନୁଆରୀ ୧୭ ତାରିଖ ମଧ୍ୟରାତ୍ରରେ ବି.ଏଲ.ଏ.-୭୧୬୯ ନମ୍ବର କାରରେ ନିଜ ପୁତୁରା ସହିତ କଲିକତାରୁ ଧାନବାଦକୁ ପଳାୟନ କଲେ । ସେଠାରେ ପୁତୁରା ଅଶୋକ ବୋଷଙ୍କ ଘରେ ଅଳ୍ପ ସମୟ ବିଶ୍ରାମ ନେଇ ଧାନବାଦରୁ ଗୋମୋ ଷ୍ଟେସନରେ ପହଞ୍ଚିଲେ । ସେଠାରୁ କାଲକା ମେଲ୍ ରେ ଦିଲ୍ଲୀରେ ପହଞ୍ଚି ପରଦିନ ଫ୍ରଣ୍ଟିୟର ମେଲ୍ ରେ ପେଶଓ୍ୱାରରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପହଞ୍ଚିଲେ । ତାଙ୍କ ସଙ୍ଗରେ ଥିଲେ ଭଗତରାମ ଓ ଆବିଦ୍ ଖାଁ । ତାଙ୍କ ସାଙ୍ଗରେ ଜଣେ ସ୍ଥାନୀୟ ବ୍ୟକ୍ତି ସହାୟତା କରିବାରୁ ସେ ଭାରତ ସୀମାନ୍ତ ପର୍ଯ୍ୟନ୍ତ ଗଲେ । ତିନି ଦିନ କାଳ ଜଙ୍ଗଲ ଓ ପାହାଡ଼ିଆ ରାସ୍ତାରେ ଚାଲି ଚାଲି କାବୁଲରେ ପହଞ୍ଚିଲେ ।

ବ୍ରିଟିଶ ସରକାର ତାଙ୍କ ଭାଇ ଶରତ ଚନ୍ଦ୍ର ବୋଷଙ୍କୁ ଆନ୍ତରୀଣ ବନ୍ଦୀ କରିବାରୁ ବଙ୍ଗ ଓ ଆସାମରେ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହୋଇ ପାରିଲା ନାହିଁ ।

ପୂର୍ବରୁ ସୁଭାଷ ଇଟାଲୀ ଯାଇ ମୁସୋଲିନଙ୍କୁ ସାକ୍ଷାତ କରିଥିଲେ । ବର୍ଲିନରେ ଆଡଲଫ୍ ହିଟଲରଙ୍କ ସହିତ ବନ୍ଧୁତା ସ୍ଥାପନ କରିଥିଲେ । ଫେବୃୟାରୀ ୨ ତାରିଖ ଦିନ ସେ ଜର୍ମାନ୍ ଦୂତାବାସ ସହିତ ସମ୍ପର୍କ ସ୍ଥାପନ କରି ନିଶ୍ଚିତ ହେଲେ ଯେ ତାଙ୍କୁ କାବୁଲରୁ ଜର୍ମାନ ସରକାର ନେବାର ସବୁ ବନ୍ଦୋବସ୍ତ କରିଛନ୍ତି । କାବୁଲରେ ଉତ୍ତମ ଚାନ୍ଦ ମାଲହୋତ୍ରାଙ୍କ ଘରେ ୬ ସପ୍ତାହ ଧରି ସୁରକ୍ଷିତ ଭାବରେ ରହି ଇଟାଲୀର ରାଷ୍ଟ୍ରଦୂତଙ୍କୁ ସାକ୍ଷାତ କଲେ । ସୁଭାଷଙ୍କୁ ଇଟାଲୀୟ ନାମ ଓରଲାଣ୍ଡୋ ମୋଜାଟା ନାମରେ ପାସପୋର୍ଟ ଦିଆଗଲା । କାବୁଲରେ ସେ ଭଗତରାମଙ୍କୁ ଭାରତ ଫେରିଯିବାକୁ କହି ଜର୍ମାନୀର ଜଣେ ଇଞ୍ଜିନିୟରଙ୍କ ସହିତ ମସ୍କୋ ବାଟ ଦେଇ ବର୍ଲିନ ଯିବା ଉଦ୍ଦେଶ୍ୟରେ ମସ୍କୋ ଗଲେ । ଋଷ ସରକାର ପ୍ରତ୍ୟକ୍ଷ ସାହାଯ୍ୟ ଦେବାକୁ ଅକ୍ଷମତା ପ୍ରକାଶ କରି ବର୍ଲିନ ପର୍ଯ୍ୟନ୍ତ ଯିବାକୁ ସହାୟତା ଯୋଗାଇ ଦେଇଥିଲେ । ସେତେବେଳକୁ ଋଷ ସହିତ ଜର୍ମାନୀର ମିତ୍ରତା ଥିଲେ ମଧ୍ୟ ଇଂଲଣ୍ଡ ସହିତ ଋଷର ସୁସମ୍ପର୍କ ରହିଥିଲା ।

କ୍ରମଶଃ

ପଞ୍ଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର

ମୋବାଇଲ୍ ୮୮୯୫୪୮୪୨୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅମ୍ଳାନ ସୁଭାଷ

ଜୟଶ୍ରୀ ପଟ୍ଟନାୟକ



ସେ ଥିଲେ ଜଣେ ଜାତୀୟତାବାଦୀ ବୀର । ଦୁର୍ଦ୍ଧର୍ଶ ଇଂରେଜ ମାନଙ୍କୁ ଏ ଦେଶରୁ ବିତାଡିତ କରିବା ପାଇଁ ରକ୍ତାକ୍ତ ସଂଗ୍ରାମ ଆବଶ୍ୟକ ବୋଲି ହୃଦବୋଧ କରି ଯୁବକ ମାନଙ୍କୁ ନେଇ ଗଢ଼ିଥିଲେ ସିଙ୍ଗାପୁର ଠାରେ ଏକ ସେନାବାହିନୀ ଯାହାର ନାମ ଥିଲା ଆଜାଦ ହିନ୍ଦ ଫୌଜ । ନିଜେ ଏହାର ନେତୃତ୍ୱ ନେଇ ଦିଲ୍ଲୀ ଚଲୋ ଆହ୍ୱାନ ଦେଇଥିଲେ । ତ୍ୟାଗ, ନିଷ୍ଠା ଓ କାର୍ଯ୍ୟ ଦକ୍ଷତା ଯୋଗୁଁ ସେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝଡ଼ର ଇଗଲ ରୂପେ ପରିଗଣିତ ହେଉଥିଲେ । ଇମ୍ଫାଲ - କୋହିମା ଅଧିକାର କରି ଭାରତ ଭୂଇଁରେ ତ୍ରିରଙ୍ଗା ଉଡାଇ ଇଂରେଜ ଶକ୍ତିକୁ ପ୍ରତ୍ୟକ୍ଷ ଆହ୍ୱାନ ଦେଇଥିଲେ । ସେ ଥିଲେ ସୁଭାଷ ଚନ୍ଦ୍ର ବୋଷ ଯାହାଙ୍କର ଜନ୍ମମାଟି ଥିଲା ଓଡିଶାର କଟକସ୍ଥିତ ଓଡିଆ ବଜାର । ୨୩ ଜାନୁୟାରୀ ୧୮୯୭ ମସିହାରେ ହୋଇଥିଲା ତାଙ୍କର ଜନ୍ମ । ରେଭେନ୍‌ସା କଲିଜିଏଟ ସ୍କୁଲର ପ୍ରଧାନ ଶିକ୍ଷକ ବେଣୀ ମାଧବ ଦାସଙ୍କର ବଳିଷ୍ଠ ଦିଗଦର୍ଶନରେ ସେ ନିଜକୁ ଜଣେ ଆଦର୍ଶ ବାଳକ ରୂପେ ଗଢ଼ିଥିଲେ ।

୧୯୨୦ରେ ଆଇ ସି ଏସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ଦେଶ ମାତୃକାର ସେବା ପାଇଁ ସେ ଏହାକୁ ପଦାଘାତ କରି ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ପ୍ରେରଣା ଓ ଉତ୍ସାହରେ ଅନୁପ୍ରାଣିତ ହୋଇ ଆନ୍ଦୋଳନରେ ଯୋଗ ଦେଇଥିଲେ । ସେ ଗାନ୍ଧୀଙ୍କ ଦ୍ୱାରା ପରିଚାଳିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ଅନେକ ଥର କାରାବରଣ କରିଥିଲେ । ଗାନ୍ଧୀଙ୍କ ସହିତ ମତ ଭେଦ ହେବାରୁ କଂଗ୍ରେସ ତ୍ୟାଗ କରି ଫରୱାର୍ଡ ବ୍ଲକ ନାମକ ଏକ ଦଳ ୧୯୨୩ ମସିହାରେ ଗଠନ କରି ଦେଶବନ୍ଧୁଙ୍କ ନେତୃତ୍ୱରେ ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ତେଜକ୍ଷ୍ମିୟ କରିଥିଲେ । ସେ ଆହ୍ୱାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇଥିଲେ, "ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ।" ଏଥିରେ କ୍ଷୁବ୍ଧ ହୋଇ ଇଂରେଜ ସରକାର ତାଙ୍କୁ ବନ୍ଦୀ କରିଥିଲେ ଏବଂ ସ୍ୱାସ୍ଥ୍ୟଗତ କାରଣରୁ ଜେଲରୁ ମୁକ୍ତି ଦେଇ କଲିକତାରେ ଗୃହବନ୍ଦୀ କରି ରଖିଲେ । ସାପ୍ତାହିକ ଫରୱାର୍ଡ ବ୍ଲକ ସମ୍ବାଦପତ୍ରରେ ଏକ ଲେଖାପାଇଁ ୧୯୪୦ମସିହାରେ ସୁଭାଷଙ୍କୁ ବିଚାରାଳୟରେ କୈଫିୟତ ଦେବାକୁ ପଡିଲା । ଜେରା ଚାଲିଥିଲା ବେଳେ ଜାମିନରେ ଥାଇ ସେ କଲିକତାରୁ ଅନ୍ତର୍ଦ୍ଧାନ ହୋଇଗଲେ । ଏକ ଦୁଃସାହସିକ ପଦଯାତ୍ରା କରି ସେ କାବୁଲରେ ପହଁଚିଲେ । ଏହାପରେ ସେ ସେଣ୍ଟ୍ରାଲ ଏସିଆ ଓ ମସ୍କୋ ଦେଇ ଜର୍ମାନୀର ରାଜଧାନୀ ବର୍ଲିନରେ ପହଁଚିଲେ । ସେଠାରେ ସେ ନାଜୀ ସରକାରଙ୍କ ସାହାଯ୍ୟରେ ଭାରତୀୟ ସୈନ୍ୟମାନଙ୍କୁ ନେଇ ଆଜାଦ ହିନ୍ଦ ଫୌଜ ଗଢିଲେ । ୧୯୪୩ରେ ତାଙ୍କ ନେତୃତ୍ୱରେ ସିଙ୍ଗାପୁରଠାରେ ସ୍ୱାଧୀନ ଭାରତର ଅସ୍ଥାୟୀ ସରକାର ପ୍ରତିଷ୍ଠା କଲେ ନେତାଜୀ ନାମରେ ପରିଚିତ ହେଲେ । ଦେଶର ମୁକ୍ତି ପାଇଁ ରେଂଗୁନ ଠାରୁ ଯୁଦ୍ଧଯାତ୍ରା ଆରମ୍ଭ କଲେ ଦିଲ୍ଲୀ ଚଲୋ ଧ୍ୱନି ଦେଇ । ସୁଭାଷଙ୍କ ନେତୃତ୍ୱରେ ଆଜାଦ ହିନ୍ଦ ଫୌଜ ମଣିପୁର ରାଜଧାନୀ ଇମ୍ଫାଲ ଅଧିକାର କଲେ ଆସାମର କୋହିମା ପର୍ଯ୍ୟନ୍ତ ଅଗ୍ରସର ହୋଇ ସେଠାରେ ଭାରତର ତ୍ରିରଙ୍ଗା ଉଡାଇଲେ । ୧୯୪୫ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନୀର ପତନ ହେଲା । ଜାପାନର ନାଗାସାକୀ, ହିରୋସିମା ଉପରେ ଆମେରିକା ପରମାଣୁ ବୋମା ନିକ୍ଷେପ କଲାପରେ ଜାପାନ ଆତ୍ମ ସମର୍ପଣ କଲା । ଏହାପରେ ସୁଭାଷ ଜାପାନ ପଳାୟନ କଲେ । ଆତ୍ମ ସମର୍ପଣ କଲେ ଆଜାଦ ହିନ୍ଦ ଫୌଜ । ହେଲେ ନେତାଜୀଙ୍କ ମୃତ୍ୟୁ ରହିଗଲା ରହସ୍ୟ ଘେରରେ । ଭାରତ ମାତାର ଅପୂରଣୀୟ କ୍ଷତି ହେଲା ତାଙ୍କ ମୃତ୍ୟୁରେ । ନିର୍ଭୀକ ଜାତୀୟତାର ସେ ଥିଲେ ମୂର୍ତ୍ତିମନ୍ତ ପ୍ରତୀକ । ଓଡିଶା ମାଟିର ସୁଯୋଗ୍ୟ ସନ୍ତାନ । ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ପାଇଁ ଏ ଜାତି ସବୁବେଳେ ତାଙ୍କୁ ମନେ ରଖିବ ।

ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନେତାଜୀଙ୍କ ବଳିଷ୍ଠ ଚରିତ୍ରର ଅନେକ ଦିଗ

ଅସିତ ମହାନ୍ତି



ନେତାଜୀଙ୍କ ଜୀବନର ଅନେକ ଶିକ୍ଷଣୀୟ ଦିଗ ରହିଛି । ସେଥି ମଧ୍ୟରୁ କେତୋଟି ମହତ୍ୱପୂର୍ଣ୍ଣ ତଥ୍ୟ ଯୁବ ସମାଜକୁ ଜାଣିବା ଆବଶ୍ୟକ । ପିଲାଦିନରୁ ଆମେ ଶୁଣିଆସିଛୁ ଏବଂ ଆଜି ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ଅଭିଭାବକ ମାନେ ଛଳରେ କହିଥାନ୍ତି, ଛାତ୍ର ମାନଙ୍କୁ ରାଜନୀତି କରିବା ଉଚିତ ନୁହେଁ, ଅର୍ଥାତ 'ଛାତ୍ରାଣମ ଅଧ୍ୟୟନଂ ତପଃ" । ଆଉ କେତେଜଣ କୁହନ୍ତି ପାଠ ପଢି ଚାକିରୀ କର ଏବଂ ନିଜ ଗୋଡ଼ରେ ନିଜେ ଛିଡା ହୁଅ, ତାପରେ ଯାହା ଭଲ ବୁଝିବ ତାହା ହିଁ କର । ରାଜନୀତି ଭିତରେ ପଶିଲେ ନିଜର ଭବିଷ୍ୟତ ନଷ୍ଟ ହୋଇଯିବ । ଏହି କଥାଟିକୁ ଶୁଣି ଶୁଣି ଆଜି ଏହା ଧୃବ ସତ୍ୟ ହୋଇଯାଇଛି । ଅଥଚ ନେତାଜୀ ଏ ସମ୍ପର୍କରେ କଣ କହିଥିଲେ ? ସେ କହିଥିଲେ, "ଅଧୟନ ଛାତ୍ର ଜୀବନର ତପସ୍ୟା ଏହି କଥାର ଦ୍ୱାହି ଦେଇ ଅନେକେ ଛାତ୍ର ମାନଙ୍କୁ ଦେଶ କାମରୁ ନିବୃତ୍ତ କରିବାର ଚେଷ୍ଟା କରିଥାନ୍ତି । ମୁଁ ମନେକରେ ଅଧୟନ କଦାପି ଛାତ୍ର ଜୀବନର ତପସ୍ୟା ହୋଇପାରେନା । ଅଧ୍ୟୟନ ମାନେ କଣ କିଛି ଗ୍ରନ୍ଥ ପାଠ, ଏହା ଦ୍ୱାରା ପରୀକ୍ଷାରେ ଭଲ ରେଜଲ୍ଟ କରାଯାଇପାରେ, ହୁଏତ ସ୍ୱର୍ଣ୍ଣ ପଦକ ମିଳିପାରେ, ହୁଏତ ବଡ ଚାକିରୀ ବି ମିଳିପାରେ କିନ୍ତୁ ମନୁଷ୍ୟତ୍ୱ ଅର୍ଜନ କରାଯାଇ ପାରେନା ।” ଏହା ଦିନେ କହିଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଛାତ୍ର ସମାଜକୁ । ତେବେ କେଉଁ ପଥରେ ମନୁଷ୍ୟତ୍ୱ ଅର୍ଜନ କରାଯାଇପାରେ ? ତାଙ୍କ ସମଗ୍ର ଜୀବନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଂଗ୍ରାମ ମଧ୍ୟ ଦେଇ ନେତାଜୀ ଏହି ପ୍ରଶ୍ନର ଉତ୍ତର ଦେଇଯାଇଛନ୍ତି । ସେ ଯୁଗର ଆହୁରି ଅସଂଖ୍ୟ ଯୁବକଙ୍କ ପରି ନେତାଜୀଙ୍କ ଜୀବନରେ ଥିଲା ଆଉ ଏକ ମହାପୁରୁଷ ବିବେକାନନ୍ଦଙ୍କ ମୂଲ୍ୟବାନ ଶିକ୍ଷା । ବିବେକାନନ୍ଦ କହିଥିଲେ, "କେବଳ ପାସ କଲେ ବା ଡିଗ୍ରୀ ଅର୍ଜନ କଲେ ଶିକ୍ଷିତ କୁହାଯାଏ କି ? ଯେଉଁ ଶିକ୍ଷା ମଣିଷକୁ ସାହସ ଦିଏନା, ତେଜ ଦିଏନା, ବୀର୍ଯ୍ୟ ଦିଏନା, ସେ ପୁଣି କି ଶିକ୍ଷା ? ସେ ଆହୁରି କହିଥିଲେ, ଯେତେ ଦିନଯାଏ ଦେଶର କୋଟ କୋଟି ମଣିଷ ଅନାହାର ଓ ଅଶିକ୍ଷାର ଅନ୍ଧକାରରେ ନିମଜ୍ଜିତ ହୋଇ ରହିଥିବେ, ସେତେଦିନ ପର୍ଯ୍ୟନ୍ତ ସେମାନଙ୍କର ଆଖିର ଲୁହ ଆଉ ରକ୍ତର ବିନିମୟରେ ଯେଉଁମାନେ ଉଚ୍ଚ ଶିକ୍ଷା ଅର୍ଜନ କଲେ, ସେମାନେ ଯଦି ଏହି ଦାରିଦ୍ର୍ୟ ନିପୀଡିତ ମଣିଷ ମାନଙ୍କ ପ୍ରତି ଦାୟିତ୍ୱର କଥା ଭାବିବାପାଇଁ ମୁହୂର୍ତ୍ତେ ବି ସମୟ ନପାଆନ୍ତି, ତେବେ ମୁଁ କହିବି ସେମାନେ ବିଶ୍ୱାସଘାତକ, ମୁଁ କହିବି ସେମାନେ ଦେଶଦ୍ରୋହୀ ।" ସେ ଯୁଗରେ ଅନେକ ଯୁବକଙ୍କ ପରି ଏଇ କଥା ଗୁଡିକ ନେତାଜୀ ସୁଭାଷଙ୍କୁ ଅନୁପ୍ରାଣିତ କରିଥିଲା । ତେଣୁ ସ୍ୱଦେଶୀ ଆନ୍ଦୋଳନରେ ପାରିବାରିକ ବାଧାବିଘ୍ନ, ବାପାମାଙ୍କ ଆଖିର ଲୁହ, ଲାଂଛନା ଏବଂ ଭତ୍ସନା ତାଙ୍କ ସାମ୍ନାରେ ଛିଡା ହୋଇପାରି ନାହିଁ ଏବଂ ଏସବୁ ତାଙ୍କୁ କେବେ ବିଚଳିତ କରିନାହିଁ । ତାଙ୍କୁ ତାଙ୍କ ବାପା - ମା ଏମିତ ସମୟରେ ଆଇସିଏସ ପଢିବା ପାଇଁ ବିଲାତ ପଠାଇଥିଲେ, ଯେତେବେଳେ ପରାଧୀନର ଜ୍ୱାଳା ତାଙ୍କ ଅନ୍ତରରେ ଜଳୁଥିଲା । ତାଙ୍କ ବିବେକ ସାମ୍ନାରେ ଥିଲା - ବିବେକାନନ୍ଦଙ୍କ ଆହ୍ୱାନ, ଦେଶବନ୍ଧୁଙ୍କର ଅତୁଳନୀୟ ସ୍ୱାର୍ଥ ତ୍ୟାଗର ଦୃଷ୍ଟାନ୍ତ, ଖୁଦିରାମ ଏବଂ ଅନ୍ୟ ସହିଦଙ୍କର ସ୍ୱଦେଶ ମୁକ୍ତି ଯୁଦ୍ଧରେ ଆତ୍ମୋତ୍ସର୍ଗର ଦୃଷ୍ଟାନ୍ତ, ଆପୋଷହୀନ ବିପ୍ଳବାତ୍ମକ ସାଂସ୍କୃତିକ ଧାରାର ପ୍ରତିନିଧି ଶରତଚନ୍ଦ୍ରଙ୍କ ସାହିତ୍ୟର ପ୍ରଭାବ, ଏସବୁ ନେଇ ଗଢି ଉଠିଥିଲା, ସୁଭାଷଚନ୍ଦ୍ରଙ୍କର ଛାତ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନର ମନ ଜଗତ । ଆଇସିଏସ ପଢୁ ପଢୁ ଏବଂ ପରୀକ୍ଷା ଫଳ ବାହାରିବା ପୂର୍ବରୁ, ସେ ସ୍ଥିର କରିନେଇଥିଲେ ଯେ କୌଣସି ଉପାୟରେ ଇଂରେଜମାନଙ୍କର ଗୋଲାମୀ ଚାଲିବ ନାହିଁ ଏବଂ ସେଥିପାଇଁ ଏହି ପଦାକୁ ପାଦତଳେ ଦଳିଦେଇ ସ୍ୱଦେଶୀ ଆନ୍ଦୋଳନରେ ଆତ୍ମନିୟୋଗ କରିବି । ପରବର୍ତ୍ତୀ ସମୟରେ ଠିକ ସମାନ କାର୍ଯ୍ୟ କରିଥିଲେ । ଏହି ସିଦ୍ଧାନ୍ତ ନେବା ଏତେ ସହଜ ନଥିଲା, କାରଣ ପିଲାବେଳୁ ସେ ବାପା ମାଙ୍କୁ ଦେବତା ଠାରୁ ଅଧିକ ସମ୍ମାନ କରୁଥିଲେ, କୌଣସି ମୂଲ୍ୟରେ ସେମାନଙ୍କ ମତ ବିରୁଦ୍ଧରେ ଯିବେ ସେ ଭାବି ନାହାନ୍ତି, ସେଥିପାଇଁ ସିଦ୍ଧାନ୍ତ ନେବା ସମୟରେ ତାଙ୍କ ନିଜ ଭିତରେ ଅନେକ ଲଢେଇ କରିବାକୁ ପଡିଛି, ଏଇ ପ୍ରସଙ୍ଗରେ ସେ ନିଜେ କହିଛନ୍ତି, "ଏମିତି ବାପା ମାଙ୍କର ଅବାଧ୍ୟ ହେବି ଏହା ମୋର ସ୍ୱଭାବ ବିରୁଦ୍ଧ ଥିଲା ଏବଂ ସେମାନଙ୍କୁ ଆଘାତ ଦେବି ଏହା ଭାବିବା ସମ୍ଭବ ନଥିଲା... ମୁଁ ଦ୍ରୁତ ବଦଳି ଯାଇଥିଲି ଏବଂ ବାପା ମାଙ୍କ ମନକୁ କ୍ଷୁର୍ଣ୍ଣକରି ଭଲ ପିଲା ହୋଇ ରହିବାର ଭୟ ଆଉ ନଥିଲା, ଗୋଟାଏ ନୂତନ ଆଦର୍ଶ ସେତେବେଳେ ମୋ ମନରେ ନିଆଁ ଲଗାଇଦେଇଥିଲା ।" ନୀତି, ଆଦର୍ଶ ଏବଂ ଏବଂ ସତ୍ୟର ପ୍ରଶ୍ନରେ ଆପୋଷ କରାଯାଇପାରେନା । ପୃଥିବୀର ସମସ୍ତ ଭାଗରେ ସମସ୍ତ ମନୀଷୀଙ୍କ ପରି ନେତାଜୀ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ, ଦାସତ୍ୱ ଓ ପରାଧିନତା ବିରୁଦ୍ଧରେ ମୁକ୍ତିର ସଂଗ୍ରାମକୁ, ସତ୍ୟ ଓ ନ୍ୟାୟର ପଥକୁ ବାପା ମା'ଙ୍କର ଆଖିର ଲୁହ ଓ କଲ୍ୟାଣ କାମନାଠାରୁ ଅଧିକ ମୂଲ୍ୟ ଦେଇଥିଲେ ବୋଲି ସିଏ ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳନର ଇତିହାସରେ 'ନେତାଜୀ ସୁଭାଷ ଚନ୍ଦ୍ର' ହିସାବରେ ଶ୍ରଦ୍ଧାର ଆସନରେ ଅଧିଷ୍ଠିତ ହୋଇପାରିଛନ୍ତି । ଯଦି ଏହି କ୍ଷେତ୍ରରେ ଦୁର୍ବଳତାର ବଶବର୍ତ୍ତୀ ହୋଇ ଆପୋଷ କରିଥାନ୍ତେ, ତେବେ ନିଶ୍ଚିତ ଭାବେ ସେ ଲକ୍ଷ ଲକ୍ଷ ତାଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରୋଜଗାର କରିଥାନ୍ତେ, କିନ୍ତୁ ଇଂରେଜମାନଙ୍କର ଗୋଲାମ ହିସାବରେ ଇତିହାସର ଅଳିଆ ଗଦାରେ ନିକ୍ଷିପ୍ତ ହୋଇଥାନ୍ତେ ଏବଂ ତାଙ୍କ ନାମ ମଧ୍ୟ ଆମେ ଜାଣି ନଥାନ୍ତୁ ଏବଂ ଏହା ସହିତ ତାଙ୍କ ଜନ୍ମଦିନରେ ଅନ୍ତରର ସହିତ ଗଭୀର ଶ୍ରଦ୍ଧା ଜ୍ଞାପନ କରୁନଥାନ୍ତୁ । ଜୀବନରେ ଯଥାର୍ଥ ମଣିଷ ହେବାକୁ ହେଲେ କଣ ଦରକାର ? ଏହି ପ୍ରଶ୍ନର ଉତ୍ତରରେ ଦିନେ ନେତାଜୀ କହିଥିଲେ, "ମହାନ ଆଦର୍ଶକୁ ଯିଏ ବଦଳି ପାରେନା ସେହି ବ୍ୟକ୍ତି କୌଣସି ଦୃଷ୍ଟିରୁ ମଣିଷ ହୋଇପାରେନା ।" ଅର୍ଥାତ ମନୁଷ୍ୟତ୍ୱ ଅର୍ଜନ କରିବାକୁ ହେଲେ ଦରକାର ଜୀବନରେ ସଠିକ ଆଦର୍ଶ ଏବଂ ଯଥାର୍ଥ ସଂଗ୍ରାମର ପାଠ । ବ୍ୟକ୍ତିଗତ ସ୍ୱାର୍ଥ ପାରିବାରିକ ସ୍ୱାର୍ଥ କଥା ଭାବି ସେ ସବୁ ସହିତ ଆପୋଷ କରିବା ଚଳେନା । ସିଏ ପୁଣି କହିଛନ୍ତି, "ଅତ୍ୟାଚାର ଦେଖି ଯିଏ ତାକୁ ନିବାରଣ କରିବାର ଚେଷ୍ଟା କରେନା, ସିଏ ନିଜର ମନୁଷ୍ୟତ୍ୱକୁ ଅପମାନ କରେ ଏବଂ ଅତ୍ୟାଚାରିତ ବ୍ୟକ୍ତିର ମନୁଷ୍ୟତ୍ୱକୁ ମଧ୍ୟ ଅପମାନିତ କରେ । ଯେଉଁ ବ୍ୟକ୍ତି ଅତ୍ୟାଚାର ନିବାରଣ କରିବାକୁ ଯାଇ ବିପନ୍ନ ବା କାରାରୁଦ୍ଧ ହୁଏ, ଲାଂଛିତ ହୁଏ, ସିଏ ମନୁଷ୍ୟତ୍ୱର ଗୌରବମୟ ଆସନରେ ପ୍ରତିଷ୍ଠିତ ହୁଏ ।"

ଏହାହିଁ ହେଉଛି ଜୀବନର ଯଥାର୍ଥ ମୂଲ୍ୟବୋଧର ଉପଲବ୍ଧି । ଏହି ସମ୍ପର୍କରେ ଭାରତ ବର୍ଷର ମହାନ ମାର୍କ୍ସବାଦୀ ଚିନ୍ତାନାୟକ, ଶିବଦାସ ଘୋଷ ଦିନେ ଏ ଦେଶର ଛାତ୍ର ଯୁବକ ମାନଙ୍କ ଉଦ୍ଦେଶ୍ୟରେ କହିଥିଲେ, "ମଣିଷ ମାତ୍ରେ ହିଁ ମରଣଶୀଳ, କୌଣସି ମଣିଷ ଚିରଦିନ ବଂଚିବ ନାହିଁ । ତୁମମାନଂକୁ ଠିକ କରିନେବାକୁ ହେବ, ଯେତେଦିନ ବଞ୍ଚିବ, ସେତେଦିନ ମଣିଷ ପରି ନା ପଶୁ ପରି ଜୀବନଯାପନ କରିବ ? ତୁମେମାନେ କଣ ଜନ୍ତୁ ଜାନୁଆର ଭଳି କେବଳ ଖାଦ୍ୟ ସଂଗ୍ରହ କରି ଦୈହିକ ତାଡନା ଚରିତାର୍ଥ କରି, ଆଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଶ୍ରୟର ଅନ୍ୱେଷଣରେ ଘରି ବୁଲିବ ? ଯେତେଦିନ ବଞ୍ଚିବ ଏବଂ ଯେତେବେଳେ ମୃତ୍ୟୁ ବରଣ କରିବ, ଆତ୍ମମର୍ଯ୍ୟାଦା ସହ ମଥାଟେକି ବଞ୍ଚିବ ଏବଂ ଯେତେବେଳେ ମୃତ୍ୟୁ ବରଣ କରିବ, ଆତ୍ମମର୍ଯ୍ୟାଦା ସହ ମଥାଟେକି ବଞ୍ଚିବ ଏବଂ ମୃତ୍ୟୁ ବରଣ କରିବ । ଆଉ ସେଥିପାଇଁ ତୁମମାନଙ୍କୁ ବାଛିନେବାକୁ ହେବ ବିପ୍ଲବୀ ସଂଗ୍ରାମର ପାଠ, ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମର ପଥ ।  ଏହି ପଥରେ ବାଧା ଅଛି, ଦୁର୍ଯ୍ୟୋଗ ଅଛି, ସଙ୍କଟ ଅଛି, କିନ୍ତୁ ଏହାହିଁ ହେଉଛି ଏକମାତ୍ର ପଥ ଯେଉଁଠି ଅଛି ମର୍ଯ୍ୟାଦା, ଅଛି ଜୀବନର ଯଥାର୍ଥ ଆନନ୍ଦ । ଏହି ପଥ ହିଁ ଜୀବନର ଯଥାର୍ଥ ମୂଲ୍ୟବୋଧର ପଥ । ନେତାଜୀଙ୍କ ସହିତ ସମସ୍ତ ବିପ୍ଲବୀ ନେତାଙ୍କ ଜୀବନରେ ଏହି ଉକ୍ତି ଟି ଫୁଟି ଉଠିଛି । ଆମମାନଙ୍କ ମଧ୍ୟରୁ ଅନେକ ଯେତେବେଳେ ଦେଶରେ ଘଟୁଥିବା ଅନ୍ୟାୟ ଅତ୍ୟାଚାର ବିଷୟରେ ଅବଗତ ହୁଅନ୍ତି, ସେତେବେଳେ ଅନୁଭବ ହୁଏ ଯେ ଏହା ବିରୁଦ୍ଧରେ କିଛି କରିବ ଉଚିତ, କିନ୍ତୁ ପରବର୍ତ୍ତୀ ସମୟରେ ମନ ଦୁର୍ବଳ ହୋଇଯାଏ । ବାପା ମା କଷ୍ଟ ପାଇବେ, ସେମାନଙ୍କୁ କି ଉତ୍ତର ଦେବି ? ସବୁକିଛି ବୁଝିବା ପରେ ମଧ୍ୟ ଭାବନା ଉତ୍ପନ୍ନ ହୁଏ ଯେ, ଏହା ମୋ ପକ୍ଷରେ ସମ୍ଭବ ନୁହେଁ । ନେତାଜୀଙ୍କ ଜୀବନ ସଂଗ୍ରାମରୁ ଏବଂ ସବୁ ଯୁଗର ସମସ୍ତ ମନିଷୀମାନଙ୍କ ସଙ୍ଗ୍ରାମରୁ ଏଇ ପ୍ରଶ୍ନର ଉତ୍ତର ଆମକୁ ଗ୍ରହଣ  କରିବାକୁ ହେବ ।

ଆବାହକ , ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ

ସୁଜନପୁର , ଯାଜପୁର

୯୪୩୭୨୮୦୨୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃତ୍ୱ ଅନୁଭବର ଅବକ୍ଷୟ

ରଶ୍ମିରେଖା ସାହୁ



ମା'ଟିଏ କେମିତି ହେବା ଦରକାର ? ପ୍ରଶ୍ନରେ ଜଣେ ଜ୍ଞାନୀ ବ୍ରାହ୍ମଣ ବ୍ୟକ୍ତି ଉତ୍ତର ଦେଲେ ଯଶୋଦା ପରି ହେବା ଦରକାର । ସନ୍ତାନଟିଏ କେମିତି ହେବା ଦରକାର ? ପ୍ରଶ୍ନରେ ବ୍ୟକ୍ତି ଜଣଙ୍କ ଉତ୍ତର ଦେଲେ କୃଷ୍ଣ ଓ ରାମଙ୍କ ପରି ହେବା ଦରକାର । ମୁଁ ଜିଜ୍ଞାସୁ ହୋଇ ପଚାରିଦେଲି, ନନା ରାବଣ ହେଲେ ଅସୁବିଧା କ'ଣ ? ରାବଣ ତ ମାତୃଭକ୍ତିରେ ଉଦ୍ଧାହରଣ ସୃଷ୍ଟି କରିଛି ଆଉ ପତ୍ନୀ କଥାରେ ଜମାରୁ ସହମତି ରଖେ ନାହିଁ । ଆଜିକାଲିର ମା'ତ ମାତୃଭକ୍ତି କହିଲେ, ସେଇଆ ବୁଝନ୍ତି, ତା ହେଲେ ସନ୍ତାନଟିଏ ପାଇଁ ରାବଣକୁ ପୂଜା ନକରି କୃଷ୍ଣଙ୍କୁ କାହିଁକି ପୂଜା କରେ ଆଉ ରାବଣ କରିବାକୁ କାହିଁକି ଚାହେଁ । ରାମକୃଷ୍ଣଙ୍କ ମାତାପିତା ତ ସ୍ୱାର୍ଥ, ଆଶା, ଲୋଭର ଊର୍ଦ୍ଧ୍ୱରେ ଆଉ ସନ୍ତାନର ସମାଜରେ ସାମର୍ଥ୍ୟ ଦେଖି ସନ୍ତୋଷ ପ୍ରାପ୍ତି କରନ୍ତି । କେଉଁ ଫଟୋରେ ଆମେ ଭଗବାନଙ୍କ ମା' ବାପାଙ୍କୁ ଦେଖିନାହୁଁ । ବ୍ୟକ୍ତି ଜଣଙ୍କ ହସିଲେ, କହିଲେ, ଅହଂ ବ୍ରହ୍ମସ୍ମିର ଅର୍ଥ (ମୁଁ ହିଁ ବ୍ରହ୍ମ) । ଅର୍ଥାତ ନିଜ ଭିତରେ ଥିବା ବ୍ରହ୍ମତ୍ତ୍ୱକୁ ଚିହ୍ନିବା । ସମାଜରେ ମଣିଷ ନିଜକୁ ବ୍ରହ୍ମ ତ ଭାବିଲା କିନ୍ତୁ ନିଜ ଭିତରର ବ୍ରହ୍ମତ୍ତ୍ୱକୁ ଚିହ୍ନି ପାରିଲା ନାହିଁ । କୃଷ୍ଣ ଓ ରାସର ଅର୍ଥ କ'ଣ ବୁଝିଲା, ଯେ ଚରିତ୍ରହୀନ ପୁରୁଷମାନଙ୍କୁ କୃଷ୍ଣ ସହ ତୁଳନା କରିବାକୁ ବସିଲା । ତେଣୁ ଯେପରି ଜନ୍ମଦେଲା ପରେ ମା'ଟିଏ ଯଶୋଦା, କୌଶଲ୍ୟା ହୋଇ ପାରୁନି ସେହିପରି ସେ କୃଷ୍ଣ ଓ ରାମ ପରି ସନ୍ତାନ ପାଇପାରୁନି ।

ଆଧୁନିକତା ଆଉ ଏ ଆଣ୍ଡ୍ରଏଡ଼ ମୋବାଇଲ ଜନନୀରୁ ମା' କରେଇବାକୁ ଦେବାକୁ ନାରାଜ । ସବୁ ବ୍ୟକ୍ତି ଫଟୋରେ ରାମ, ଆଉ ଫଟୋରେ ଯଶୋଦା । ବାସ୍ତବରେ କିନ୍ତୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାବଣ ଆଉ କୈକେଶୀ । ଶାସ୍ତ୍ର କହିଛି ପିଲା ବଢ଼ିଲେ, ପିତାମାତା ପିଲାର ବନ୍ଧୁପରି ବ୍ୟବହାର କରିବା ଉଚିତ । ଜନନୀଟିଏ କ'ଣ ବୁଝିଲା ନିଜେ ମଦ ପିଉଥିବା ବୋତଲଟିକୁ ପିଲାଟିକୁ ଯାଚିଲା, ଆଉ ଅନ୍ୟମାନଙ୍କୁ ମା' କେମିତି ହେବା ଉଚିତ ଶିକ୍ଷା ଦେଲା । ମୁଣ୍ଡ ମୋର ଫାଟିଗଲା ପରି ଲାଗିଲା । ତୀବ୍ର ଆଧୁନିକତା, ଇଂଲିଶ ସାମ୍ରାଜ୍ୟ ଓ ସଂସ୍କୃତିକୁ ଆପଣେଇ ନିଜେ ଜନନୀଟିଏ କୈକେଶୀ ହେଉଛି ବାର୍ଦ୍ଧକ୍ୟ ବେଳେ ରାମ ଖୋଜୁଛି । ତୀବ୍ର ଆଧୁନିକତା ଯେତେବେଳେ ମା'କୁ 'କୈକେଶୀ କରିବ ସେତେବେଳେ ସ୍ୱାମୀ ସ୍ଥାଣୁ ହେବା, ସନ୍ତାନ ରାବଣ ହେବା, ଉତ୍ତମ ସନ୍ତାନ ବନବାସ ଯିବା ସୁନିଶ୍ଚିତ। କହିବାକୁ ଗଲେ ସମଗ୍ର ପରିବାର ଭୁଷୁଡ଼ି ପଡ଼ିବ । ଜନ୍ମ ଦେଲେ ଜନନୀ, ଯିଏ ସ୍ନେହ, ପ୍ରେମ ଦେଇପାରେ କିନ୍ତୁ ମା '... କରୁଣାର ଆଧାର, ଅନ୍ୟ ମା' ମର୍ଯ୍ୟାଦା ଜଣେ ମା'ହିଁ ବୁଝିପାରେ ଆଉ ବୁଝେଇ ପାରେ । ହେ ଏ ତୀବ୍ର ଆଧୁନିକ ଓ ଆଣ୍ଡ୍ରଏଡ଼ ଧରି କୈକେଶୀ ସାଜୁଥିବା ମା 'ମାନଙ୍କୁ ଅନୁରୋଧ କରନ୍ତୁ ଯେ ତାଙ୍କ ସମୟ ଚାଲିଗଲାଣି ସନ୍ତାନ ଏ ଦେଶ ସମାଜର ଭବିଷ୍ୟତ ଆଉ ସମ୍ପତ୍ତି ତାକୁ ଅସୁର କରି ଗଢ଼ି ନ ତୋଳନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶ୍ୱାସ ଓ ପ୍ରେମ

ମଧୁସ୍ମିତା ସାହୁ



ପୃଥିବୀ ପୃଷ୍ଠରେ ବଞ୍ଚିବା ପାଇଁ ଅନେକ ସରଞ୍ଜାମ ଆବଶ୍ୟକ, ଯାହା ମାଧ୍ୟମରେ ବଞ୍ଚିବା ସହଜ ସାଧ୍ୟ ହୋଇଥାଏ । ଖାଦ୍ୟପେୟ ଓ ବାସଗୃହ ତଥା ପୋଷାକର ସହିତ ଅନେକ ଆସବାବପତ୍ରକୁ ଚାହିଦା ଦେଇ ଗୁରୁତ୍ୱ ଦେଇ ବ୍ୟବହୃତ କରିଥାଉ । ଏଥିବ୍ୟତିତ ଟଙ୍କା ପଇସାର ଆବଶ୍ୟକ ବହୁ ପରିମାଣର ଚାହିଦା ବଢିବାରେ ଲାଗିଛି ।

ଯେପରି ଟଙ୍କା ପଇସା ଓ ଅନ୍ୟ ଆସବାବପତ୍ରର ଆବଶ୍ୟକ ରହିଛି, ଠିକ୍ ସେହିପରି ମାନସିକ ସ୍ତରରେ ବଞ୍ଚିବା ପାଇଁ ବିଶ୍ୱାସ ଓ ପ୍ରେମର ଯଥାର୍ଥତା ରହିଛି । ଅନାଦି କାଳରୁ ବିଶ୍ୱାସ ଓ ପ୍ରେମ ଓତଃପ୍ରୋତ ଭାବେ ଜଡ଼ିତ ।

ବିଶ୍ୱାସର ଅନ୍ୟତମ ନାମ ପ୍ରେମ ଅଟେ । ବିଶ୍ୱାସ ଏକ ମଞ୍ଜି ସଦୃଶ୍ୟ ଓ ତା'ର ଫଳର ନାମ ପ୍ରେମ ଅଟେ । ପ୍ରେମ ଶାଶ୍ୱତ ଚିରନ୍ତନ ଜୀବନ୍ତ ରହି ପଥ ପ୍ରଦର୍ଶକ ହୋଇଥାଏ । ଜୀବନର ଗତିପଥ ନିର୍ଣ୍ଣୟ କରିବାରେ ବଳିଷ୍ଠ ଭୂମିକା ରହିଥାଏ ।

ଯେଉଁଠାରେ ବିଶ୍ୱାସର ସ୍ଥାନ ଅତି ନିପୁଣ କରିଥାଏ ସେଠି ପ୍ରେମର ଉଦୟମାନ ସ୍ୱାଭାବିକ । ନିଶ୍ୱାସ ପରି ବିଶ୍ୱାସର ଚରମତାରେ ପ୍ରେମ ପ୍ରସ୍ଫୁଟିତ ହୋଇ ଥାଏ ।

ବିଶ୍ୱାସର ମାନଦଣ୍ଡରେ ପ୍ରେମ ଆୟତ୍ତ ହୋଇଥାଏ । ପ୍ରେମ ଏକ ପୂଜା, ବ୍ରତ ହେଲେ ବିଶ୍ୱାସ ତାର ପୂଜ୍ୟ ଅଟେ । ଦେବଦେବୀଙ୍କ ପାଖରେ ଯଦି ବିଶ୍ୱାସ ଓ ଭରସା ନଥାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତେବେ ମନ୍ଦିର ଗୁଡିକର ନିର୍ମାଣ ହୋଇପାରି ନଥାନ୍ତା । ଏଣୁ  ବିଶ୍ୱାସ ମୂଳରେ ଜଗତ ଚାଲିଛି ଓ ଚାଲିଥିବ । ପ୍ରେମର ସାର ହିଁ ବିଶ୍ୱାସର ଜଡିତ । ପ୍ରେମ ଏକ ବହୁମୂଲ୍ୟ ଓ ତା'ର ଗୁଣାତ୍ମକ ଶିକ୍ଷାର ମୌଳିକ ତଥ୍ୟ ହିଁ ବିଶ୍ୱାସ । ପ୍ରେମ ଅତି ସୂକ୍ଷ୍ମ ରୂପ ପ୍ରେରଣାର ଉତ୍ସ, ଯାହାକୁ ବିଶ୍ୱାସ ଶକ୍ତ କରି ଗଢି ତୋଳେ ।

ଘର କରିବାକୁ ବାଲି,ଗୋଡ଼ି, ସିମେଣ୍ଟ ଓ ଲୁହାଛଡ ଇତ୍ୟାଦିର ଆବଶ୍ୟକ ରହିଛି । ଠିକ୍ ସେହିପରି ଆମ ମନରେ ବିଶ୍ୱାସ ଓ ପ୍ରେମ ଭଳି ମହାନ ତତ୍ତ୍ୱ ରଖିବା ଆବଶ୍ୟକ ।

ପରସ୍ପର ସହ ବୁଝାମଣା ସଠିକ୍ ରଖିବାକୁ ଉଭୟ ବସି ଆଲୋଚନା କରିବା ଉଚିତ । ପରସ୍ପର ସହ କଥୋପକଥନ ହେବା ହିଁ ସଠିକ ଉପାୟରେ ବିଶ୍ୱାସ ବଜାୟ ରଖିହେବ ।

ପରସ୍ପର ସହ ବିଶ୍ୱାସ ମୂଳରେ ହିଁ ସୁସମ୍ପର୍କ ସ୍ଥାପନ ହୋଇପାରିବ ।

ପ୍ରେମର ଅନ୍ୟତମ ରୂପ ହିଁ ବିଶ୍ୱାସ, ସେହି ବିଶ୍ୱାସ ବଳରେ ସମସ୍ତ କାର୍ଯ୍ୟରେ ସିଦ୍ଧିଲାଭ କରି ପାରିବା, ଜୟଯୁକ୍ତ ହୋଇପାରିବା ।

ସମ୍ପର୍କର ସେତୁବନ୍ଧ ବାନ୍ଧିବାକୁ ହେଲେ ପ୍ରଥମେ ବିଶ୍ୱାସର ସିମେଣ୍ଟକୁ ଜୟଯୁକ୍ତ କରାଇବାରେ ହିଁ ଉତ୍ତମ ମାନର ବନ୍ଧକୁ ବାନ୍ଧିହୁଏ ।

କେତେ ଝଡ଼ ଝଞ୍ଜା ଆସିଲେ ସୁଦ୍ଧା ବିଶ୍ୱାସକୁ ଭାଙ୍ଗିବା ଉଚିତ୍ ନୁହେଁ ।

ବିଶ୍ୱାସ ଅନୁଯାୟୀ ସମ୍ପର୍କର ଦୃଢ଼ତା ଅଖଣ୍ଡତା କାୟମ ରୁହେ । ସମ୍ପର୍କର ମୂଳକୁ ତୋଳିଧରିବା ପାଇଁ  ବିଶ୍ୱାସ ଏକ ମୁଖ୍ୟ ରୂପ ହୋଇଥାଏ ।

ବିଶ୍ୱାସ ବିନା ଜଗତରେ ମୁକ୍ତି ନାହିଁ । ବିଶ୍ୱାସ ମୂଳରେ ଜଗତ ଚାଲିଛି ।

ବିଶ୍ୱାସ ଅନୁଯାୟୀ ସମ୍ପର୍କର ସୂତ୍ରରୁ ବାନ୍ଧିବାକୁ ଏକ ଶ୍ରେୟସ୍କର କାର୍ଯ୍ୟ ଅଟେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ଆସ୍ଥା ହେଉଛି ସେହି ପକ୍ଷୀ ଯିଏ ପାହାଡିଆ ଅନ୍ଧକାର ଭିତରେ ଆଲୁଅକୁ ଅନୁଭବ କରିପାରେ ।"

ଆସ୍ଥା, ବିଶ୍ୱାସ ଓ ଭରସା ଏସବୁ ପ୍ରାୟ ଏକ ସୂତ୍ରବାଦୀ, ପରସ୍ପର ପରିପୂରକ ଅଟନ୍ତି ।

ପ୍ରଭୁ ଶ୍ରୀ ଜଗନ୍ନାଥ ଓ ତାଙ୍କ ଧର୍ମପତ୍ନୀ ଶ୍ରୀ ମହାଲକ୍ଷ୍ମୀ ବିଶ୍ୱବ୍ରହ୍ମାଣ୍ଡର ଠାକୁରଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ରହିଛି, ତାଙ୍କ ସୁଦୟାର ବଳେ ସଂସାରରେ ସମସ୍ତଙ୍କୁ ଦାନାକନା, ବାସଗୃହ ଓ ଐଶ୍ବର୍ଯ୍ୟ ଭୋଗ ପ୍ରାପ୍ତି ହୁଏ ।

ସୂର୍ଯ୍ୟଙ୍କ ପରି ପ୍ରଖର, ତେଜସ୍ୱୀ, ବଳୀୟାନ ସଦୃଶ୍ୟ ଗୁଣକୁ ନିଜ ଆଚରଣରେ ଧାରଣ କରି ଆତ୍ମବିଶ୍ୱାସ ଭରିଦେଇ ସଂସାର ପଥରେ ସତ୍ୟ ମାର୍ଗରେ ଚାଲିବା ଦ୍ୱାରା ସଫଳ ହେବା ସୁନିଶ୍ଚିତ । ଆତ୍ମବିଶ୍ୱାସ ସହ ଭଗବତ୍ ବିଶ୍ୱାସର ମିଶ୍ରଣରେ ଏକ ସ୍ୱତନ୍ତ୍ର କୀର୍ତ୍ତି ସ୍ଥାପନ କରିବାରେ ପ୍ରମୁଖ ଭୂମିକା ରହିଥାଏ । ଭରସା, ବିଶ୍ୱାସ, ଆସ୍ଥା ଓ ଆତ୍ମବିଶ୍ୱାସର ଅଖଣ୍ଡ ପ୍ରୟାସ ନିଜ ଜୀବନରେ ପ୍ରୟୋଗ କରି ଭଗବାନଙ୍କ ସାନ୍ନିଧ୍ୟ ପ୍ରାପ୍ତି କରିଥାଉ । ସମର୍ପଣ ବିଧିକୁ ଗୋଟିଏ ପାଦ ଆଗେଇଲେ, ଠାକୁର ପ୍ରତି କ୍ଷଣ, ପ୍ରତି ପାଦକୁ ସାହାରା ଦେଇ ଆଗକୁ ବଢ଼ାଇବା ଦାୟିତ୍ୱ ନିର୍ବାହ କରିଥାନ୍ତି ।

ବିଶାଳ ଭାବମୟ ବିଭୂଙ୍କ ଶରଣାପନ୍ନ ହେବାଦ୍ୱାରା ସବୁ ସମସ୍ୟା, ସମସ୍ତ ବିପଦ ଓ ଝଡଝଞ୍ଜାକୁ ମୁକାବିଲା କରିବାକୁ ଧୈର୍ଯ୍ୟ ଓ ସାହାସ ଦେଇ ସରଳ ଓ ସହଜ ପ୍ରକ୍ରିୟା ସୋପାନ ପ୍ରସ୍ତୁତ କରିଥାନ୍ତି ।

ଭଗବତ ବିଶ୍ୱାସ+ଆତ୍ମବିଶ୍ୱାସ+ ସୁକର୍ମ = ବିଜୟ ଲାଭ = ସଫଳ ଜୀବନ ।

ନିଃସନ୍ଦେହ ବିଶ୍ୱାସ ହିଁ ଆମକୁ ପରମସିଦ୍ଧି ପ୍ରାପ୍ତି କରାଇଥାଏ । ଦୁନିଆରେ ସମସ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପର୍କର ମୂଳଦୁଆ ବିଶ୍ୱାସକୁ କେନ୍ଦ୍ରୀଭୂତ କରିଥାଏ । ସବୁରି ମୂଳରେ ବିଶ୍ୱାସ ହିଁ ପରମ ମିତ୍ର ପ୍ରମାଣିତ ହୋଇଥାଏ । ନିଜ ଉପରେ ବିଶ୍ୱାସ, ଭଗବାନଙ୍କ ଉପରେ ବିଶ୍ୱାସ, ନିଜ କର୍ମ ଉପରେ ବିଶ୍ୱାସ, ନିଜ ସମୟ ଉପରେ ବିଶ୍ୱାସ କରିବା ଦ୍ୱାରା ଯେକୌଣସି ଦୂର୍ଦ୍ଦଶା, ଦୂରଦୀନ, ଦୁଃଖ, ଦୂର୍ଭାଗ୍ୟକୁ ନିମିଷେ ପରିବର୍ତ୍ତନ କରି ଆସ୍ତିକ ବିଚାର ସୃଷ୍ଟି କରାଇଥାଏ। । ଆସ୍ତିକ ମନୋଭାବର ପାର୍ଶ୍ୱ ପ୍ରତିକ୍ରିୟା ବିଜୟ ଲାଭର ସ୍ୱର ଉତ୍ତୋଳନ କରିପାରିଥାଏ ।

ଖରାପ୍ ସମୟ ଅତିଶୀଘ୍ର ଅତିକ୍ରମ ହୋଇ ଉତ୍ତମ ସମୟର ସ୍ୱାଗତ ହୋଇ ପାରେ ।

ଶ୍ରଦ୍ଧା, ଭକ୍ତି, ଉପାସନା, ଆରାଧନା, ତପସ୍ୟା ବଳରେ ସର୍ବସିଦ୍ଧି ଲାଭ ହୁଏ । ଅଧ୍ୟବସାୟ ଓ ପ୍ରଚେଷ୍ଟା ବଳରେ ପ୍ରଭୁଙ୍କ ସମୀପବର୍ତ୍ତୀ ହୋଇ ପାରିବା ଓ ସାନ୍ନିଧ୍ୟରେ ମ୍ରିୟମାଣ ହୋଇଯିବ । ଅଖଣ୍ଡ ବିଶ୍ୱାସ ବଳରେ ପୃଥିବୀ ପୃଷ୍ଠରେ ଏକ କିମ୍ବଦନ୍ତୀ ଯଶକୀର୍ତ୍ତି ସ୍ଥାପନ କରିବା ସାମର୍ଥ୍ୟ ହାସଲ ହୋଇ ପାରେ ।

ବ୍ରହ୍ମା ନଗର ପ୍ରଥମ ଗଳି

ବ୍ରହ୍ମପୁର

ଜିଲ୍ଲା-ଗଞ୍ଜାମ

ଓଡ଼ିଶା

ମୋ–୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଘ ବ୍ରତ

ବନ୍ଦନା ମହାପାତ୍ର



ବର୍ଷକ ବାର ମାସ ଓ ଛଅ ଋତୁ । ଆମ ଦେଶ ଜଗନ୍ନାଥ ଦେଶ । ଧର୍ମ, ସଂସ୍କୃତି, ସଂସ୍କାର, ପରମ୍ପରା ସବୁ ମାସରେ ସବୁ ପୂଜା ପାର୍ବଣ ପାଳନ ହୁଏ । ପ୍ରତି ମାସରେ ବିଭିନ୍ନ ପୂଜା ହୁଏ ହେଲେ ମାଘ ମାସ ସବୁଠୁ ଅଲଗା । ମାଘ ମାସ ବିଷୟରେ ଭଗବାନ ଉଦ୍ଧବକୁ ଅତି ସୁନ୍ଦର ଭାବେ କହିଛନ୍ତି ଯାହା ମାଘ ମହାତ୍ମ୍ୟରେ ବର୍ଣ୍ଣିତ ସଦାବେଳେ ପାଠ କରାଯାଏ ଯାହା ମାଘ ସ୍ନାନ ଏ ମାସରେ ଅତି ପୁଣ୍ୟ ବୋଲି ଧରାଯାଇଛି । ମକରସ୍ନାନ କରି ଭକ୍ତ ଭଗବାନଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମଣିଥାନ୍ତି । ହଁ ଏ ମାଘ ମାସରେ ଭଗବାନଙ୍କୁ ମାଧବ ନାମେ ପୂଜା କରାଯାଏ । ପ୍ରତିଦିନ ପାହାନ୍ତିଆରୁ ଉଠି ଶୀତକୁ ନ ଡରି ପୋଖରୀରେ ସମୁଦ୍ର ଗଙ୍ଗା, ଯମୁନା, ତ୍ରିବେଣୀ ଅଳକାରେ ବୁଡ଼ ପକାନ୍ତି । ଅମାବାସ୍ୟା ଦିନ ସ୍ନାନକୁ ତ୍ରିବେଣୀ ଅମାବାସ୍ୟା କୁହାଯାଏ ଓ ଏହି ଦିନ ତ୍ରିବେଣୀ ସଙ୍ଗମ ସ୍ଥାନରେ ସ୍ନାନ କରି ପୂଜାର୍ଚ୍ଚନା କରି ମୌନ ବ୍ରତ ପାଳିଥାନ୍ତି । ଏହାକୁ ମୌନ ଅମାବାସ୍ୟା ବି କୁହାଯାଏ । ଆଉ ଏହି ଦିନ ବିରଜା ଦେବୀ ବ୍ରହ୍ମାଙ୍କ ଅଗ୍ନିକୁଣ୍ଡରୁ ବାହାରି ଥିବାରୁ ଏହାକୁ ବିରଜା ଅମାବାସ୍ୟା କୁହାଯାଏ । ଏହି ମାସରେ ଦାନ ପୁଣ୍ୟ କରିଥାନ୍ତି । ଦାନ ପୁଣ୍ୟ ସେବା ଧର୍ମ ପୂଜା ହିଁ ମୋକ୍ଷର ପଥ । ମାନବ ସେବାହିଁ ମାଧବ ସେବା । ମାଘ ମାସରେ ବରକୋଳି ମୂଳା ଖାଇବା ନିଷେଧ ସାତ୍ତ୍ୱିକ ଆହାର, ନାମ ଜପ ମନ୍ଦିରରେ ଦୀପ ଜଳାଇବା ହୁଏ । ମାଘ ମାସରେ ମାଘ ପୁରାଣରେ ରଚିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତ୍ୟେକଙ୍କ କାହାଣୀ ଅତି ପବିତ୍ର ଓ ଅଧ୍ୟାତ୍ମିକ ହୃଦୟ ମନ୍ଦିରରେ ଆସିଥାଏ ଆମ ପାଇଁ ଆଧ୍ୟାତ୍ମିକ ଚିନ୍ତା ଚେତନାର ପଥ । ତେଣୁ ଆଜି ସମସ୍ତେ ଏହି ପରିବାର ସହ ମିଶି ଭାଷା ମାଘ ସ୍ନାନ ପୂଜାର୍ଚ୍ଚନା କରି ସବୁ ଅନୀତି, ଦୁର୍ନୀତି, ହିଂସା, ଦ୍ୱେଷ, ଗର୍ବ ଆଚାରଣକୁ ଧ୍ୱଂସ କରି ସମାଜରେ ହିତୋସାଧାନ କରି ନିଜକୁ ସେହି ରାସ୍ତାରେ ବ୍ରତୀ ହେବା ।

ହେ ମାଧବ ମାଧବ ମାଧବ
ଏତିକି ଗୁହାରି ଶୁଣିବ
ମହାବିପଦରୁ ବିଶ୍ୱକୁ ରଖିବ
ଶରଣ ଚରଣେ ତବ
ହେ ମାଧବ ହେ ମାଧବ ।।

ବନ୍ଦନା ମହାପାତ୍ର,
ମନ୍ଦିଆପୋଲ୍ଲୀ ଛକ,
ସାଇମନ୍ଦିର ପାଖ
ବ୍ରହ୍ମପୁର, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାମ ରାଜ୍ୟର ପରିକଳ୍ପନା ଓ ବାସ୍ତବତା

ଆଶୁତୋଷ ନାୟକ



ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି । ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜନୈତିକ ବ୍ୟକ୍ତି କିମ୍ବା ଦଳ କ୍ଷମତା ହାସଲ କରିବା ଅସମ୍ଭବ । ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଞ୍ଚିବା ଅସମ୍ଭବ । ଆମ ଦେଶର ଗରିବ ଏବଂ ମଧ୍ୟବିତ୍ତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ । ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର । ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ ।

ଆମ ଦେଶର ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚି ଠାରୁ ଆରମ୍ଭ କରି ଫ୍ରିଜ ପର୍ଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି । ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତି । ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନରେ ଆମ ସରକାର ୧୨% ଜିଏସଟି ଆଦାୟ କରୁଛନ୍ତି । ଗୋଟିଏ ସାଧାରଣ ଗରିବ, ମଧ୍ୟବିତ୍ତ ପରିବାର ପାଇଁ ଏହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ବୋଝ ଉପରେ ଲଳିତା ବିଡା ସଦୃଶ ।" ବର୍ତ୍ତମାନ ସମୟରେ ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧ୍ୟବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ । ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟାବସ୍ଥା ଦାୟୀ ।

ଆଇଏଲଓର ରିପୋର୍ଟ ଅନୁସାରେ ୨୦୦୦ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରୀଙ୍କ ସଂଖ୍ୟାରେ ଦୁଇଗୁଣା ବୃଦ୍ଧି ଘଟିଛି । ୨୦୦୦ ମସିହାରେ ଆମ ଦେଶର ଶିକ୍ଷିତ ବେକାରୀଙ୍କ ସଂଖ୍ୟା ୩୫.୨%ଥିଲା କିନ୍ତୁ ୨୦୨୨ରେ ଏହା ୬୫.୭% ବୃଦ୍ଧି ଘଟିଛି । ସରକାର ବେକାରୀ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି । ଆମ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇପଡିଥିବା ପରି ପ୍ରତୀୟମାନ ହେଉଛି ।

ବଡ଼ ବଡ଼ ଅଟ୍ଟାଳିକ, ରାସ୍ତା ନିର୍ମାଣ ସୌନ୍ଦର୍ଯ୍ୟକରଣ ନାମରେ ଲକ୍ଷ ଲକ୍ଷ ଗଛଲତା ବଳି ପଡୁଛନ୍ତି । ସେଥିପାଇଁ ତାପମାତ୍ରା ଅହେତୁକ ବୃଦ୍ଧି ଘଟୁଛି । ଅନେକ ସ୍ଥାନରେ ଗ୍ରୀଷ୍ମ ଋତୁରେ ତାପମାତ୍ରା ୪୮, ୪୯ ଡିଗ୍ରୀ ତ କେତେକ ସ୍ଥାନରେ ଏହା ୫୦ ଡିଗ୍ରୀରୁ ଅଧିକ ପ୍ରଚଣ୍ଡ ରୌଦ୍ର ତାପ ହେଉଛି । ପାଣିପାଗ ବିଶେଷଜ୍ଞଙ୍କ ମତରେ ଆଗକୁ ପରିସ୍ଥିତି ଭୟଙ୍କର ହେବାକୁ ଯାଉଛି । ବିଶ୍ୱରେ ଅସ୍ୱାଭାବିକ ଭାବେ ବଦଳୁଛି ପାଣିପାଗ । ଜଳବାୟୁ ପରିବର୍ତ୍ତନ ପାଇଁ ବନ୍ୟପ୍ରାଣୀ, ଗଛଲତା, ମନୁଷ୍ୟ, ଜୀବଜନ୍ତୁ ଅନେକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଏହି ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସେମାନେ ପ୍ରାଣତ୍ୟାଗ କରୁଛନ୍ତି । ବିଶ୍ୱର ଲଣ୍ଡନ, ପ୍ୟାରିସ ନ୍ୟୁୟର୍କ, ଟୋକିଓ ପରି ବଡ଼ବଡ଼ ସହର ଏବଂ ଆମ ଦେଶର ମେଟ୍ରୋସିଟି ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, ଚେନ୍ନାଇରେ କ୍ରମାଗତ ଜନସଂଖ୍ୟା ଓ ଗାଡ଼ିମଟର, କଳକାରଖାନା ବୃଦ୍ଧି ପାଇଁ ବାୟୁମଣ୍ଡଳ ବିଷାକ୍ତ ହେବାରେ ଲାଗିଛି । ସ୍ପ୍ରେ, ଅତର ବହୁଳ ବ୍ୟବହାର ପାଇଁ ଆମ ଓଜ଼ନ ସ୍ତରରେ ରନ୍ଧ୍ର ହେବାରେ ଲାଗିଛି । ଏଥିପାଇଁ ଚର୍ମକର୍କଟ ପରି ଭୟଙ୍କର ସମସ୍ୟାରେ ଜର୍ଜରିତ ବିଶ୍ୱବାସୀ । ବିଭିନ୍ନ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏପରି ପରିସ୍ଥିତି ଲାଗିରହିଲେ ଆଗାମୀ କିଛି ବର୍ଷ ମଧ୍ୟରେ ବିଶ୍ୱର ୫୦%ରୁ ଅଧିକ ବ୍ୟକ୍ତି ବିଭିନ୍ନ ଶ୍ୱାସଜନିତ ରୋଗ ଯେପରି ଆଜମା, ଫୁସଫୁସ୍, ହାର୍ଟଷ୍ଟ୍ରୋକ, କ୍ୟାନସର ପରି ଭୟଙ୍କର ରୋଗରେ ଆକ୍ରାନ୍ତ ହେବେ ।

ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ୪କୋଟି ଶିଶୁ କ୍ଷୁଧା କବଳରେ ପଡ଼ିବେ ବୋଲି ଆକଳନ କରିଛି ବିଲ ଆଣ୍ଡ ମେଲିଣ୍ଡା ଗଟେସ ଫାଉଣ୍ଡସନ । ଏହି ରିପୋର୍ଟରେ କୁହାଯାଇଛି ଚାରିକୋଟି ଶିଶୁ ଖାଦ୍ୟ ପାଇଁ ସଙ୍ଘର୍ଷ କରିବେ । ଏଥିପାଇଁ ତୁରନ୍ତ ପଦକ୍ଷେପ ନିଆନଗଲେ ଅପପୃଷ୍ଟି ସମସ୍ୟା ଆହୁରି ସାଙ୍ଘାତିକ ହେବ ।

କରୋନା ମହାମାରୀ ସମୟରେ ନିଜକୁ ସବୁଠାରୁ ବଳଶାଳୀ ମନେକରୁଥିବା ସମଗ୍ର ମାନବଜାତି ନିଜର ଅସ୍ତିତ୍ୱ ପାଇଁ ଗୃହବନ୍ଦୀ ହୋଇରହିଥିଲା । ସମଗ୍ର ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଯାଇଥିଲା । ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷିଆ, ଜାପାନ, ଚୀନ, ଫ୍ରାନ୍ସ, ଜର୍ମାନୀ ଇତ୍ୟାଦି କରୋନା ଭୁତାଣୁ ଆଗରେ ନତମସ୍ତକ ହୋଇପଡିଥିଲା । ସେମାନଙ୍କ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା, ଉନ୍ନତ ଜ୍ଞାନକୌଶଳ ସବୁକିଛି ବ୍ୟର୍ଥ ହୋଇଯାଇଥିଲା । ବିକଶିତ ରାଷ୍ଟ୍ର ମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୁଷୁଡ଼ି ପଡିଥିଲା । ଲକ୍ଷ ଲକ୍ଷ ଲୋକ ପୋକମାଛି ପରି ମୃତ୍ୟୁବରଣ କରୁଥିଲେ । ଅନେକ ବ୍ୟକ୍ତିଙ୍କ ଖାଦ୍ୟ ଅଭାବରୁ ସେ ସମୟରେ ଜୀବନ ପ୍ରଦୀପ ଲିଭିଯାଇଥିଲା । ପ୍ରାଣଘାତୀ ମାରାତ୍ମକ କରୋନା ଭୁତାଣୁ ପାଖରେ ସମଗ୍ର ବିଶ୍ୱ ଯେପରି ଅସହାୟ ଓ ନିରୁପାୟ ହୋଇପଡିଥିଲା ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସମ୍ପୂର୍ଣ୍ଣ ଅଛି । ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏବେବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି ।

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ଯୋଜନାର ଲାଭ କିମ୍ବା ସୁବିଧା ଅପହଞ୍ଚ । ବିଭିନ୍ନ ଜାତୀୟ ଆଗଧାଡିର ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏବେବି ଆମ ଦେଶରେ ଅନେକ  ଅସହାୟ ବ୍ୟକ୍ତି କ୍ଷୁଧାର ଜ୍ୱାଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ୍ୟ ହେଉଛନ୍ତି । ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା ।

ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଖରେ ନୀତି, ନିୟମ, ନୈତିକତାର ଅଭାବ ପରିଲକ୍ଷିତ ହେଉଛି । ଧୀରେ ଧୀରେ ଆମ ଦେଶର ରାଜନୀତି କଳୁଷିତ ହେବାକୁ ଲାଗିଛି ଏହା ଅପ୍ରିୟ ସତ୍ୟ ।

ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ଆଦର୍ଶ ରାଜନେତା ଲାଲବାହାଦୁର ଶାସ୍ତ୍ରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରେଳମନ୍ତ୍ରୀ ଥିବା ସମୟରେ ଏକ ବଡ଼ ରେଳ ଦୁର୍ଘଟଣା ହୋଇଥିଲା । ଏଥିରେ ୨୦୦ରୁ ଅଧିକ ନିରୀହ ଯାତ୍ରୀଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା ଏବଂ ଅନେକ ଏଥିରେ ଆହତ ହୋଇଥିଲେ ।

ଏହାପରେ ନୈତିକତା ଦୃଷ୍ଟିରୁ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ । ସେହିପରି ମହାନ ରାଷ୍ଟ୍ରବାଦୀ, ସାହିତ୍ୟପ୍ରେମୀ, ଆଦର୍ଶ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଲୋକସଭାରେ ମାତ୍ର ଏକ ଖଣ୍ଡ ଭୋଟ ପାଇଁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାରେ ବିଫଳ ହୋଇଥିଲେ ଏବଂ ତାଙ୍କ ସରକାର ଭାଙ୍ଗିଯାଇଥିଲା । ରାଜନୀତିରେ ଘୋଡାବେପାରକୁ ସେ ନାପସନ୍ଦ କରୁଥିଲେ । କ୍ଷମତା ଲାଳସା ତାଙ୍କୁ ସ୍ପର୍ଶ କରିପାରି ନଥିଲା । ତାଙ୍କ ପାଇଁ ନିଜ ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା । ସେଥିପାଇଁ ଡ଼ିସେମ୍ବର ୨୫ ତାରିଖକୁ ଆମ ଦେଶରେ ଗୁଡ଼ ଗବେରନାନ୍ସ ଡ଼େ ଭାବେ ପାଳନ କରାଯାଉଛି ।

ସଦ୍ୟ ସମାପିତ ଲୋକସଭା ନିର୍ବାଚନରେ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ରାଜନୈତିକ ଦଳମାନେ ବିପୁଳ ଟଙ୍କା, ସୁନା ଅଳଙ୍କାର ଓ ବିଭିନ୍ନ ଲୋଭନୀୟ ସାମଗ୍ରୀ ବାଣ୍ଟିଥିଲେ । ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ୧୦୦୦୦କୋଟିରୁ ଅଧିକ ନଗଦ ଟଙ୍କା, ୧୨୬୦କୋଟିରୁ ଅଧିକ ସୁନା ଅଳଙ୍କାର ଏବଂ ବିଭିନ୍ନ ଲୋଭନୀୟ ସାମଗ୍ରୀ ଦେଶର ବିଭିନ୍ନ ସ୍ଥାନରୁ ଜବତ କରାଯାଇଥିଲା । ଏହା ନିଶ୍ଚିତ ଭାବେ ଭାରତୀୟ ନିର୍ବାଚନ ଇତିହାସ ପାଇଁ ଏହା ଏକ କଳଙ୍କିତ ଅଧ୍ୟାୟ ।

ନିରପେକ୍ଷ ଭାବରେ କାର୍ଯ୍ୟ କରୁଥିବା ଆଗ ଧାଡ଼ିର ସର୍ବେକ୍ଷଣ ସଂସ୍ଥା ଏଡ଼ିଆର ଏବଂ ଇଲେକ୍ସନ ୱାଚର ରିପୋର୍ଟ ଅନୁସାରେ ସଦ୍ୟ ସମାପିତ ହୋଇଥିବା ଲୋକସଭା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିର୍ବାଚନରେ ୮୩୬୦ଜଣ ପାର୍ଥୀ ନିର୍ବାଚନ ରଣାଙ୍ଗନରେ ନିଜର ଭାଗ୍ୟ ପରୀକ୍ଷା କରିଥିଲେ । ସେଥିମଧ୍ୟରୁ ୧୩୩୩ଜଣ ପାର୍ଥୀ ଜାତୀୟ ଦଳରୁ, ୫୩୨ଜଣ କ୍ଷେତ୍ରୀୟ ଦଳରୁ ଏବଂ ୩୯୧୫ଜଣ ପାର୍ଥୀ ସ୍ୱାଧୀନ ଭାବରେ ଲଢ଼ିଥିଲେ ଏବଂ ୨୫୮୦ଜଣ ପାର୍ଥୀ ଅଣତାଲିକାଭୁକ୍ତ ଦଳରୁ ନିର୍ବାଚନ ଲଢ଼ିଥିଲେ । ଜାତୀୟ ଦଳରୁ ନିର୍ବାଚନ ଲଢ଼ିଥିବା ୧୩୩୩ଜଣ ପାର୍ଥୀଙ୍କ ମଧ୍ୟରୁ ୪୪୩ଜଣ ପାର୍ଥୀ ନିଜ ନାମରେ ରହିଥିବା ଅପରାଧ ମାମଲାକୁ ସତ୍ୟପାଠରେ ଦର୍ଶାଇଛନ୍ତି । ସେଥିମଧ୍ୟରୁ ୧୬୯ଜଣ ପାର୍ଥୀଙ୍କ ନାମରେ ରହିଛି ହତ୍ୟା, ଧର୍ଷଣ, ଚୋରି, ଦଙ୍ଗା ଉସୁକାଇବା, ଡକାୟତି, ଦେଶଦ୍ରୋହ ପରି ଅତି ସଙ୍ଗୀନ ଅପରାଧିକ ମାମଲା ।

ସ୍ୱାଧୀନ ଭାବରେ ଲଢୁଥିବା ୩୯୧୫ଜଣ ପାର୍ଥୀଙ୍କ ମଧ୍ୟରୁ ୫୫୦ଜଣଙ୍କ ନାମରେ ଅପରାଧିକ ମାମଲା ରହିଛି ସେଥିମଧ୍ୟରୁ ୪୧୧ଜଣ ପାର୍ଥୀଙ୍କ ନାମରେ ରହିଛି ସଙ୍ଗନୀ ଅପରାଧିକ ମାମଲା ।

ଏକବିଂଶ ଶତାବ୍ଦୀର ରାଜନେତାଙ୍କୁ ଲକ୍ଷ୍ୟ କଲେ ଏହା ସଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ସବୁ ରାଜନୈତିକ ଦଳ ନିଜର ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରନ୍ତି । ନିର୍ବାଚନରେ ବିଜୟୀ ହେବା ପାଇଁ ସାଧାରଣ ଜନତାଙ୍କୁ ମିଥ୍ୟା ପ୍ରତିଶୃତି, ଅବାସ୍ତବ ସ୍ୱପ୍ନ ଦେଖାଇଥାନ୍ତି । ସବୁ ନୀତି, ନିୟମ, ନୈତିକତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କଳ, ବଳ, କୌଶଳ ପ୍ରୟୋଗ କରି କ୍ଷମତା ହାତେଇବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ଥାଏ ।

ଶାସନ କ୍ଷମତାରେ ରହିଥିବା ଶାସକଦଳ ଅଧିକ ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରିବାକୁ ସକ୍ଷମ ହୋଇଥାଏ । ବିରୋଧୀ ଦଳଙ୍କୁ ସେହିପରି ସୁଯୋଗ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଳିନଥାଏ । ଏହି ସତ୍ୟକୁ ସ୍ୱୀକାର କରିବାକୁ ପଡିବ । ଏକବିଂଶ ଶତାବ୍ଦୀର ରାଜନେତାଙ୍କ ରାଜନୈତିକ ଇତିହାସକୁ ଅବଲୋକନ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ନିର୍ବାଚନରେ ବିଜୟ ଲାଭ କରିବା ପାଇଁ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଯେପରିକି ଆୟକର ବିଭାଗ, ଇଡ଼ି, ସିବିଆଇ, ଏନଆଇ, ଏହା ସହିତ ନିର୍ବାଚନ କମିଶନଙ୍କୁ ପ୍ରଭାବିତ କରିବା ପାଇଁ କ୍ଷମତାଧିନ ଶାସକଦଳ ଚେଷ୍ଟା କରେ । ଅନେକାଂଶରେ ଶାସକ ଦଳ ଏଥିରେ ସଫଳ ହୁଏ ଏବଂ ବିରୋଧୀମାନଙ୍କୁ ଭୟଭୀତ କରିବା ପାଇଁ ଏହାକୁ ଅମୋଘ ଅସ୍ତ୍ର ଭାବରେ ବ୍ୟବହାର କରେ ।

ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଆମ ଦେଶରେ ଅପାତକାଳ ଘୋଷଣା କରାଯାଇଥିଲା । ଏହି ସମୟକୁ ଗଣତନ୍ତ୍ରର କଳାଦିବସ ଭାବେ ବିବେଚନା କରାଯାଏ । ସରକାରଙ୍କ ଏକଛତ୍ରବାଦୀ ନୀତିକୁ ସମାଲୋଚନା କରୁଥିବା ଅନେକ ସ୍ୱେଚ୍ଛାସେବୀ, ବିରୋଧୀ ଦଳ ନେତା, ସାମ୍ବାଦିକ ମାନଙ୍କୁ ବନ୍ଦୀ କରାଯାଇ କାରାଗାରରେ ରଖା ଯାଇଥିଲା । ସେହି ସମୟରେ ୨୦୦ରୁ ଅଧିକ ସାମ୍ବାଦିକଙ୍କୁ କରାଗାରରେ ରଖାଯାଇଥିଲା । ଇଂରାଜୀ ଦୈନିକ ଖବରକାଗଜ ଇଣ୍ଡିଆନ ଏକ୍ସପ୍ରେସ ଇନ୍ଦିରାଗାନ୍ଧୀଙ୍କ ଏକଛତ୍ରବାଦୀ ନୀତି ଏବଂ ଅପାତକାଳକୁ ବିରୋଧ କରି ୧୯୭୫ମସିହା ଜୁନ୨୫ ତାରିଖରେ ତାର ସମ୍ପାଦକୀୟ ପୃଷ୍ଠାକୁ ଖାଲି ରଖିଥିଲା । ଏହିପରି ଅନେକ ଘଟଣାରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ସାଧାରଣ ଜନତାଙ୍କ ବିଦ୍ରୋହର ସ୍ୱର ପ୍ରଖର ହୋଇଥିଲା ଏବଂ ନିରୀହ ଜନସାଧାରଣଙ୍କ ମନରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହୋଇଥିଲା ।

ସେଥିପାଇଁ ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ସତ୍ୟ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି ଶୋଷଣକାରୀ ମାନେ ଯେବେ ସଂଗ୍ରାମୀକୁ ଲୋଭ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖାଇ କିଣିନପାରନ୍ତି, ସେତେବେଳେ ଯନ୍ତ୍ରଣା ଦେଇ ମୁହଁ ବନ୍ଦ କରିବାକୁ ଚେଷ୍ଟା କରନ୍ତି । କିନ୍ତୁ ସତ୍ୟର ଏକ ଚମତ୍କାର ଶକ୍ତି ଅଛି ଏହାକୁ ହଇରାଣ କରାଯାଇପାରିବ କିନ୍ତୁ ପରାଜିତ ନୁହଁ ।

ଆମ ଦେଶର ଜାତୀୟ ପିତା ସତ୍ୟ ଓ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କ ରାମରାଜ୍ୟର ପରିକଳ୍ପନା ସେତେବେଳେ ସମ୍ଭବ ହେବ ଯେତେବେଳେ ଆମ ଦେଶର ରାଜନେତା ପରସ୍ପର କାଦୁଅଫିଙ୍ଗା ରାଜନୀତିରୁ ବିରତ ରହି ରାଷ୍ଟ୍ରର ଉନ୍ନତି ପାଇଁ ଆପ୍ରାଣ ଉଦ୍ୟମ କରିବେ । ଯେତେବେଳେ ସମସ୍ତ ଗରିବ, ସାଧାରଣ ମଧ୍ୟବିତ୍ତ ପରିବାରମାନଙ୍କୁ ନ୍ୟାୟ ମିଳିବ ଏବଂ ସେମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା, ଉଚ୍ଚକୋଟିର ଶିକ୍ଷା, ଉତ୍ତମ ପୃଷ୍ଟିକର ଖାଦ୍ୟ, କର୍ମନିଯୁକ୍ତିର ସୁଯୋଗ ସରକାରୀ ଏବଂ ବେସରକାରୀ ପ୍ରକ୍ରିୟାରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ । ଏହା ସମସ୍ତଙ୍କ ମିଳିତ ସହଯୋଗରେ ସମ୍ଭବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ଭୋଟ ବ୍ୟାଙ୍କ ଏବଂ କାଦୁଅ ଫିଙ୍ଗା ରାଜନୀତିରୁ ଦୁରେଇ ରହି ନିଜର ଦଳୀୟ ସ୍ୱାର୍ଥ ଅପେକ୍ଷା ଆମ ରାଷ୍ଟ୍ରର ହିତ ତଥା ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ଅଧିକାର ପାଇଁ ସବୁ ରାଜନେତାଙ୍କୁ ଲଢେଇ କରିବାକୁ ପଡିବ । ସମସ୍ତଙ୍କ ମିଳିତ ସହଯୋଗରେ ଆମ ଦେବଭୂମି, ମାତୃଭୂମି, ପୁଣ୍ୟଭୂମି ଭାରତର ସର୍ବାଙ୍ଗୀନ ବିକାଶ ହୋଇପାରିବ ଏବଂ ଅନ୍ୟ ରାଷ୍ଟ୍ର ପାଇଁ ଉଦାହରଣ ସୃଷ୍ଟି କରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଗୋପାଳପୁର, ବାଲେଶ୍ୱର

ମୋବାଇଲ-୭୦୨୦୬୧୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନାରୀ ଓ ସମାଜ

ପଙ୍କଜ କୁମାର ପାଣିଗ୍ରାହୀ



ବିଜ୍ଞାନ ମତ ଅନୁଯାୟୀ ଜଣେ ନାରୀର ଶରୀର ସମ୍ପୂର୍ଣ୍ଣ ହୋଇଥାଏ ଯାହା ପୁରୁଷର ନୁହେଁ । କହିବାକୁ ଗଲେ ଗୋଟିଏ ସମ୍ପୂର୍ଣ୍ଣ ମଣିଷର ଶରୀର କେବଳ ନାରୀଙ୍କୁ ହିଁ ପ୍ରଦାନ କରିଛି ଜନ୍ମଦାତ୍ରୀ ପ୍ରକୃତି ! ତେଣୁ ନାରୀ ସମାଜରେ ବଂଶ ବୃଦ୍ଧି କରିବାର କ୍ଷମତା ଏବଂ ଦାୟିତ୍ୱ ବହନ କରିଥାଏ । ଏହି କ୍ରମରେ ବିଚାର କରି ଦେଖିଲେ ଜାଣିହେବ ଯେ ବଂଶ ବୃଦ୍ଧି କରିବା ସହିତ ନିଜର ବତ୍ସଲ୍ୟ ମମତାଭରା ହୃଦୟର ମଧ୍ୟ ଗନ୍ତାଘର ହୋଇଥାଏ ନାରୀ ମନର ବିଚାର ଯାହା ସେହି ପ୍ରକୃତି ପ୍ରଦତ୍ତ ଗୁଣ ମାତ୍ର । ହେଲେ ଏତେସବୁ ଗୁଣ, ଧର୍ମର ପ୍ରତୀକ ସେ କେବେ କାହାପ୍ରତି କଠୋର ହେବା ଏକ ବିଡମ୍ବନା କେବଳ । କହିବାକୁ ଗଲେ ସାମାନ୍ୟ ଶାରୀରିକ ଦୁର୍ବଳତା ଏବଂ କୋମଳମତି ବିଶ୍ୱାସର ମାନସିକତାରେ ନାରୀ ଆଜି ପୁରୁଷଙ୍କ ଠାରେ ଦୁର୍ବଳ ଅବସ୍ଥାରେ ଯାହାଙ୍କୁ ସେ ଜନ୍ମ ଦେଇଥାଏ । ଅର୍ଥାତ ନାରୀ ଆଜି ପ୍ରତାରିତ, ନିଷ୍ପେସିତ କେବଳ ସେମାନଙ୍କ କୋମଳମତି ବିଚାର କାରଣରୁ ଯାହାକୁ ସମାଜ ଏକ ଭିନ୍ନ ଦୃଷ୍ଟିରେ ଦେଖିଥାଏ । ତେଣୁ ତା'ର ବିପରୀତ ପ୍ରତିକ୍ରିୟା ଜନିତ ନାରୀ ମଧ୍ୟ ଆଜି କଠୋର ବିଚାରୀ, ଯଦ୍ୱାରା ସମାଜରେ ସବୁବେଳେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ କେବଳ ସେମାନଙ୍କ କଠୋରତା କାରଣରୁ ।

ଅନ୍ୟ ପକ୍ଷରେ ବିଚାର କରି ଦେଖିଲେ ଜାଣିହେବ ଯେ ନାରୀର ଶାରୀରିକ ଗଠନ, କାର୍ଯ୍ୟକ୍ଷମତା, ବିଚାର ଏବଂ ଚେତନା ଏମିତି ଏକ ସ୍ତରରେ ରହିଥାଏ ଯଦ୍ୱାରା ସେ ମଣିଷ ସମାଜର ସବୁଠାରୁ ସୁଖୀ ପ୍ରାଣୀ ଭଳି ବଂଚିବାର ସୁଯୋଗ ରହିଛି । ନାରୀକୁ ତୁଳନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଲେ ପୁରୁଷଙ୍କ ସର୍ବଦିଗ ସୁଖ ଅନୁଭବ କରିବା ବହୁତ କମ୍ । କିନ୍ତୁ ବିଡମ୍ବନାର ବିଷୟ ଯେ ଆଜି ପ୍ରାୟତଃ ଅଧିକାଂଶ ନାରୀ ସମାଜରେ ଅତ୍ୟନ୍ତ ଦୁଃଖର ସହିତ କାଳାତିପାତ କରୁଛନ୍ତି । ତାହାର କାରଣ କେହି ଖୋଜି ନାହାନ୍ତି କିମ୍ବା ଖୋଜି ପାଇବା ପରେ ସେଗୁଡିକର ଉପଯୁକ୍ତତା ଉପରେ କୌଣସି ବିଚାର ନାହିଁ କାହାର? କହିବାକୁ ଗଲେ ଅଧିକାଂଶ ନାରୀ ନିର୍ଯାତନା ଏବଂ କାହାର ପ୍ରକୋପ କାରଣରୁ ଅତ୍ୟଧିକ କଷ୍ଟ ପାଉଥିବା ବେଳେ କେତେକ ମୁକ୍ତ ଚିନ୍ତନ ରହିଥିବା ନାରୀ ମଧ୍ୟ ଦୁଃଖୀ ଅବସ୍ଥାରେ । କାହାର ଦମନ ବା ପ୍ରକୋପରେ ନିଷ୍ପେସିତ ନହୋଇ ମଧ୍ୟ ନିଜର ଅଜ୍ଞାନତାର ଶିକାର ହୋଇଥା'ନ୍ତି ଯାହା ସେମାନଙ୍କୁ ଜୀବନ ସୁଖ ପ୍ରଦାନ କରିବାରେ ବାଧକତା ସୃଷ୍ଟି କରିଥାଏ । ଏଠାରେ ଆଲୋଚନା କରାଯାଇଥିବା ବିଷୟରେ ସାମାଜିକ ପ୍ରଭାବ, ପ୍ରକୋପ ଜନିତ ନାରୀର ଦୁଃଖ ବ୍ୟତୀତ ନିଜେ ନିଜର ମାନସିକ କାରଣରୁ ଦୁଖୀ ସାଜିଥାଏ କେମିତି ବୁଝିବା ଅତ୍ୟନ୍ତ କଷ୍ଟକର ବିଷୟ! ବର୍ତ୍ତମାନ ଦେଖିବା ଯେ ଜଣେ ବନ୍ଧନ ମୁକ୍ତ ନାରୀ ମଧ୍ୟ ବାସ୍ତବ ସୁଖ ପାଇବାରେ ବିଫଳ କାହିଁକି ?

ମଣିଷ ସୃଷ୍ଟି ହେବା ପ୍ରାକୃତିକ ପ୍ରାବଧାନ ବିଷୟରେ ଆମେ ସମସ୍ତେ ଜାଣିଛେ ଯାହାର ବିସ୍ତୃତ ବ୍ୟାଖ୍ୟା କରିବା ଆବଶ୍ୟକ ନୁହେଁ ଏଠାରେ । ବୈଜ୍ଞାନିକ ମତ ଅନୁସାରେ X + Y = ପୁରୁଷ । X + X = ନାରୀ । ଜଣେ ପୁରୁଷର ଗୋଟିଏ ସମ୍ପୂର୍ଣ୍ଣ ୧୦୦ ମହିଳା ଯୁକ୍ତ ଅଂଶବିଶେଷ ସହିତ ସମ୍ପୂର୍ଣ୍ଣ ୧୦୦ ପୁରୁଷ ଯୁକ୍ତ ଅଂଶବିଶେଷର ଗୁଣ, ଧର୍ମ ରହିଥାଏ । ତାହା ଜଣେ ନାରୀ କ୍ଷେତ୍ରରେ କେବଳ ସମ୍ପୂର୍ଣ୍ଣ ୧୦୦ ମହିଳା ଯୁକ୍ତ ଅଂଶବିଶେଷ ରହିଥିବା ବେଳେ ଅନ୍ୟ ଏକ X ଯାହା ପୁରୁଷଙ୍କ ଶରୀରରୁ ଆସିଥାଏ ତାହା କିଛି ମହିଳା ଗୁଣଧର୍ମୀ ଏବଂ ଆଉ କିଛି ପୁରୁଷ ଗୁଣଧର୍ମୀ ହୋଇଥାଏ । ଦେଖିବାକୁ ଗଲେ ଜଣେ ପୁରୁଷ ପାଖରେ ଯେତିକି ନାରୀର ଅନୁଭବ ସୃଷ୍ଟି ହୋଇଥାଏ ତାହା ଜଣେ ମହିଳାଙ୍କ କ୍ଷେତ୍ରରେ ତା ଠାରୁ କମ୍ ପୁରୁଷ ଅନୁଭବ ସୃଷ୍ଟି କରିଥାଏ । ତେଣୁ ଅନେକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟରେ ପୁରୁଷ ମାନେ ମହିଳାଙ୍କ ଭଳି ଦୟାବାନ ବା ସହନଶୀଳ ଏବଂ ଆହୁରି ଅନେକ ନାରୀ ଚରିତ୍ର ବହନ କରିଥା'ନ୍ତି ! ଠିକ୍ ସେହିଭଳି ନାରୀ ମାନେ ମଧ୍ୟ ଅନେକ ସମୟରେ ପୁରୁଷଙ୍କ କିଛି ଗୁଣ ଚରିତ୍ର ପ୍ରବାହ କରୁଥିବା ଦେଖିବାକୁ ମିଳେ କେବଳ ପୁରୁଷ ଠାରୁ ଆସିଥିବା X କାରଣରୁ । ଅତଏବ ସେହି ପୁରୁଷ ଗୁଣ, ଧର୍ମ ବେଳେ ବେଳେ ଜଣେ ନାରୀ ପାଖରେ ତୀବ୍ରତର ହୋଇ ସେମାନଙ୍କ ବିରଧାରାରେ ବିଡମ୍ବନା ସୃଷ୍ଟି କରିଥାଏ । ତେଣୁ ସେମାନେ ଅତ୍ୟଧିକ ରୁକ୍ଷ ଏବଂ କରୁଣାହୀନ ହୋଇପଡିଥା'ନ୍ତି ଅନ୍ୟ କାହାପାଇଁ ଏବଂ ନିଜ ପାଇଁ ମଧ୍ୟ ଯାହା ସେମାନଙ୍କୁ ଦୁଃଖ ଦେବା ପରିସ୍ଥିତି, ପରିବେଶ ସୃଷ୍ଟି କରିଥାଏ ।

ଅମ୍ଳାନ ମମତାମୟୀ ନାରୀ ଯେତେବେଳେ ନିଜର ସନ୍ତାନ ପ୍ରତି ବତ୍ସଲ୍ୟ ମମତା ଦେଇ ଗଢିଥାଏ ନୂତନ ଏକ ଜୀବନ ସେ, ଯେ କାହାପ୍ରତି ରୁକ୍ଷ ହେବା ତା ନିଜ ପ୍ରତି ଏକ ବିପରୀତ ପ୍ରତିକ୍ରିୟା ସୃଷ୍ଟି କରି ଦୁଃଖୀ କରିଥାଏ ତାକୁ ! ଏ କଥାଟି ବୁଝିବା ଏତେ ସହଜ ନୁହେଁ ! କି'ନ୍ତୁ ବିଶେଷ ଅନୁଧ୍ୟାନ ପୂର୍ବକ ବିଶ୍ଳେଷଣ କରାଗଲେ ଜାଣିହେବ ବିଷୟଟିର ମହତ୍ୱ କ'ଣ । ତେଣୁ ନାରୀ ଯେତେବେଳ ପର୍ଯ୍ୟନ୍ତ ନିଜର ପ୍ରାକୃତିକ ଗୁଣ, ଧର୍ମ ତଥା ମମତା ଏବଂ ସହନଶୀଳତା ମଧ୍ୟରେ ସୀମିତ ରହିଥାଏ ତାହା ତାକୁ ମାନସିକ ସ୍ତରରେ ଦୁଃଖ ଦେବାଠାରୁ ସାମାନ୍ୟ ଦୁରେଇ ରହିବାରେ ସାହାଯ୍ୟ କରିଥାଏ । ସାମାଜିକ, ପାର୍ଥିବ ଦୁଃଖ କଷ୍ଟ ଏହାଠାରୁ ଭିନ୍ନ । ତେଣୁ ନାରୀ ଯେହେତୁ ଗଭୀର ଭାବୁକତାର ଆଶାତୀତ ଅସୁରକ୍ଷିତ ବିଚାର କାରଣରୁ ନିଜକୁ ପ୍ରତିରକ୍ଷା କରିବା ପାଇଁ ଏହି ବିଚାର ସୃଷ୍ଟି କରୁଛି ମନରେ ତାହା ତା ନିଜ ପାଇଁ ଏକ ବିପରୀତ ପ୍ରତିକ୍ରିୟା ସୃଷ୍ଟି କରି ଅସଂଖ୍ୟ ଦୁଃଖ ଯନ୍ତ୍ରଣା ସୃଷ୍ଟି କରୁଛି ତା ନିଜ ମନରେ । ବିଷୟଟିକୁ ସଠିକ ଅନୁଧ୍ୟାନ କରି ନାରୀକୁ ଉପଯୁକ୍ତ ଶିକ୍ଷା ଦିଆଗଲେ ଯେ କେବଳ ସେମାନେ ସୁଖ ପାଇବେ ତା ନୁହେଁ ବରଂ ସେମାନଙ୍କ ପ୍ରକୋପରୁ ସୃଷ୍ଟି ହେଉଥିବା ଅନ୍ୟାନ୍ୟ ଅଦୃଶ୍ୟ, ଅଜ୍ଞାତ ସାମାଜିକ ପ୍ରଭାବ ଗୁଡିକ ମଧ୍ୟ ପ୍ରଶମିତ ହୋଇ ଏକ ସୁନ୍ଦର ସାମାଜିକ ବାତାବରଣ ସୃଷ୍ଟି କରାଯାଇ ପାରିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରାଥମିକ ସ୍ତରରେ ନାରୀକୁ ଉପସ୍ଥିତ ସମୟର ପାଶ୍ଚାତ୍ୟ ଧାରାରେ ପ୍ରଚଳିତ ନକରି ଭାରତୀୟ ବିଚାର ଜନିତ ମନସ୍ତାତ୍ୱିକ ଦର୍ଶନ ଦେବାକୁ ପଡିବ । ନାରୀକୁ ସ୍ୱୟଂପ୍ରଭ ବା ସ୍ୱାଭିମାନୀ କରିବା ଅର୍ଥାତ୍ ସେମାନଙ୍କ ମାନସିକ ବିଡମ୍ବନା ସୃଷ୍ଟି କରିବା ଯାହା ପ୍ରକୃତି ବିରୁଦ୍ଧ । ତଦ୍ୱାରା ସେମାନଙ୍କ ମନରେ ପୁରୁଷ ଭଳି କଠୋରତା ସୃଷ୍ଟି ହେବା ନିଶ୍ଚିତ ଯାହା ସମାଜ ପ୍ରତି କ୍ଷତିକାରକ । ପ୍ରକୃତି ଯାହାକୁ ଯାହା କରିଛି ତାହା ଠାରୁ ଦୁରେଇ ଏକ କୃତିମ ବିଚାର କେବେହେଲେ ମଣିଷକୁ ପ୍ରଗତି ଦିଗଗାମୀ କରିପାରିବ ନାହିଁ । କେତେକ କ୍ରୁର ଚତୁରଙ୍କ ଷଡ଼ଯାନ୍ତ୍ରୀକ ସାମାଜିକ ପ୍ରହେଳିକା କାରଣରୁ ସମାଜରେ ସୃଷ୍ଟି ହେଉଥିବା ନାରୀ ସଶକ୍ତିକରଣ ପ୍ରକ୍ରିୟା କେବଳ ସେମାନଙ୍କ ସ୍ୱାର୍ଥ ପାଇଁ ଯାହା ସମାଜ ପାଇଁ ଆଦୌ ଶୁଭଙ୍କର ନୁହେଁ । ନାରୀ ସଶକ୍ତିକରଣର ସଜ୍ଞା ବୁଝିନଥିବା ମଣିଷ ଆଜି ନାରୀକୁ ଆର୍ଥିକ ରୋଜଗାର ଦେଇ ଯେଉଁ ସଶକ୍ତ କରିବାର ନାରା ସୃଷ୍ଟି କରୁଛନ୍ତି ତାହା କେବଳ ସାଧାରଣ ପାରିବାରିକ କ୍ଷେତ୍ରରେ ଝଡ଼ ସୃଷ୍ଟି କରି ଏକ ସ୍ୱୟଂବିଚାର ସୃଷ୍ଟି କରି ରାଜୁତି କରିବାକୁ ରଖାଯାଇଥିବା ଲକ୍ଷ ଛଡା ଆଉ କିଛି ନୁହେଁ । ନାରୀକୁ ପାଶ୍ଚାତ୍ୟ ଶିକ୍ଷା, ଧନ ଦେଇ ସଶକ୍ତ କରିବା ଅର୍ଥ ନୁହେଁ ସାମାଜିକ ବିକାଶ ବରଂ ତାହା ବିନାଶର କାରଣ ମାତ୍ର ! ନାରୀକୁ ଉପଯୁକ୍ତ ମନସ୍ତାତ୍ୱିକ ଜ୍ଞାନ ତଥା ସେମାନଙ୍କୁ ପ୍ରକୃତି ଯାହା କରିଛି ତାହା ଉପରେ ଶିକ୍ଷା ପ୍ରଦାନ କରାଗଲେ ସମାଜରେ ମଙ୍ଗଳ ସାଧିତ ହେବା ସହିତ ମାନବ ଜାତି ପ୍ରକୃତ ସୁଖ ପାଇପାରିବ । ଅନ୍ୟଥା ମଣିଷ ସମାଜ ଦିନକୁ ଦିନ ଏକ ରକମ ନିମ୍ନଗମୀ ହେଉଥିବା ହୁଏତ ବୁଝିପାରୁଛନ୍ତି କେତେକ ଜ୍ଞାନୀ ମଣିଷ ଯାହା ସମସ୍ତେ ନୁହେଁ ।

ବର୍ତ୍ତମାନ ଆମକୁ ସାମାଜିକ ସ୍ତରରେ ଚାଲିଥିବା କୁହେଳିକା ପ୍ରହେଳିକା ଠାରୁ ଦୁରେଇ ନିଜ ପରିବାର କ୍ଷେତ୍ରରେ ବିଚାର କରିବାକୁ ହେବ । ନିଜ ପରିସୀମା ମଧ୍ୟରେ ବିଚାର କରି ଆମ ପରିବାରର ମହିଳାଙ୍କୁ କେଉଁ ଦିଗରେ ଶିକ୍ଷା ଦେଇ କେମିତି ଗଢିଲେ ପରିବାରରେ ସୁଖ ଶାନ୍ତି ମିଳିବ ବିଚାର କରିବାକୁ ହେବ । ଅନ୍ୟଥା ସାମାଜିକ ସ୍ରୋତରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜର ପରିବାର ମହିଳା ମାନଙ୍କୁ ଭସାଇ ଦେଇ ଆସନ୍ତା ପିଢିଙ୍କ ପାଇଁ ଏକ ସୁନ୍ଦର ସୁଖୀ ସଂସାର ଆଶା କରିବା ଏକ ଅଲୌକିକ ନିରର୍ଥକ ବିଚାର କେବଳ୍ ! ପ୍ରତ୍ୟେକ ମଣିଷ ନିଜ ନିଜ ପରିବାର ମଧ୍ୟରେ ରହିଥିବା ମହିଳାଙ୍କ ପ୍ରତି ସମ୍ବେଦନଶୀଳ ହେବା ଏକାନ୍ତ ଆବଶ୍ୟକ । ସେମାନଙ୍କୁ ଯେଉଁ ଦାୟିତ୍ୱ ଦେଇଛି ପ୍ରକୃତି ତା'ଠାରୁ ଦୁରେଇ ପୁରୁଷଙ୍କ କ୍ଷେତ୍ରରେ ନିୟୋଜିତ କଲେ ଏକ ପାର୍ଥିବ ଦୁନିଆର ଭାବନାତ୍ମକ ଆନନ୍ଦ ମିଳିପାରେ କି'ନ୍ତୁ ପାରିବାରିକ ମାନବିକ ସୁଖ ଶାନ୍ତି ମିଳିବା ସମ୍ପୂର୍ଣ୍ଣ ଅସମ୍ଭବ । ଯାହା ପୁରୁଷଙ୍କୁ କରିବାକୁ ବ୍ୟବସ୍ଥା ରହିଛି ତାହା ଜଣେ ନାରୀ କରିବା ଅର୍ଥ ତାକୁ ଏକ ତୀବ୍ର ବିଡମ୍ବନାର କ୍ଷେତ୍ରରେ ବସାଇ ବିପରୀତମୁଖୀ ପ୍ରତିକ୍ରିୟାର ବଶବର୍ତ୍ତୀ କରିବା ଯାହା ପାରିବାରିକ ସୁଖ ଦେବାରେ କୌଣସି ସହାୟକ ହେବନାହିଁ କେବଳ ମାନସିକ ସନ୍ତୁଷ୍ଟି ବ୍ୟତୀତ । ଏହାକୁ ଅନୁଭବ କରିପାରୁନଥିବା ମଣିଷମାନେ ଏକ ପ୍ରୟୋଗାତ୍ମକ ବିଚାର ନେଇ ଦେଖିଲେ ଜାଣିପାରିବେ ଯେ ଯଦି ଜଣେ ପୁରୁଷ ଜଣେ ମହିଳାର ସମସ୍ତ କର୍ମ ଦିନସାରା କରୁଥାଏ ତାହେଲେ ତା ମନର ଭାବନା କେମିତି ଜଣେ ମହିଳା ଭଳି ହୋଇଥାଏ । ଠିକ୍ ସେହିଭଳି ପୁରୁଷଙ୍କ କାର୍ଯ୍ୟକୁ ମହିଳା କରିବାକୁ ଲାଗିଲେ ସେମାନଙ୍କ ଗୁଣ, ଚରିତ୍ର ମଧ୍ୟ ପୁରୁଷଙ୍କ ଭଳି ହୋଇଯାଏ ଯାହା ମଣିଷ ସମାଜର ଏକ ପ୍ରାକୃତିକ ଲକ୍ଷଣ ନୁହେଁ । ଏବଂ ତାହା ମଣିଷକୁ ସୁଖ ବଦଳରେ ସବୁବେଳେ ଦୁଃଖ ଦେବା ହିଁ ସୁନିଶ୍ଚିତ ଯାହା ହୁଏତ ଅନେକ ପରିବାରରେ ଘଟୁଛି ଆଜି ସମୟରେ ।

ୟୁଟ୍ୟୁବ୍- ସାମାଜିକ ଜନମଂଚ (ଭାରତ)

ଛତ୍ରପୁର, ଗଂଜାମ- ୭୬୧୦୨୦


ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୃଷ୍ଣାଙ୍ଗୀ ସୁନ୍ଦରୀ

ପ୍ରଦୀପ କୁମାର ଜିଲିକାରା



*ନାଗରୀ ରାଜେନ୍ଦ୍ର ସାରଙ୍ଗ ସାରଙ୍ଗ ସୁଗତି ନେତ୍ରେ ପଡ଼ିଲା*

*ପଡ଼ିଲା ନାହିଁ ତ ସାରଙ୍ଗ ସାରଙ୍ଗ ସାରଙ୍ଗ ହୃଦେ ଛାଡ଼ିଲା ।*

ସାରଙ୍ଗ - ହସ୍ତୀ, ରାଜ ହଂସ, କନ୍ଦର୍ପ, ଶର, ବଜ୍ର

ସୁନ୍ଦରୀ ଶ୍ରେଷ୍ଠା ଉଭୟ ହସ୍ତୀ ଓ ରାଜହଂସ ଭଳି ଗତି କରି ଯିବାର ମୋର ନେତ୍ରରେ ପଡ଼ିଲା । ଏ ଦୃଶ୍ୟ ମୋର ନେତ୍ରରେ ପଡ଼ିଲା ନାହିଁ ତ କନ୍ଦର୍ପ ମୋର ଛାତିରେ ବଜ୍ର ସମ ଟାଣ ଶରରେ ଆଘାତ କଲା ।

*ତା ନେତ୍ର ସାରଙ୍ଗ ସାରଙ୍ଗ ସାରଙ୍ଗ ସାରଙ୍ଗେ ସାରଙ୍ଗ ହୋଇ*

*ସୁକେଶୀ ସୁକେଶ ସାରଙ୍ଗ ସାରଙ୍ଗ ସାରଙ୍ଗକୁ ପାରେ ଦହି ।*

ସାରଙ୍ଗ - ଖଞ୍ଜନ ପକ୍ଷୀ, ହରିଣ, ପଦ୍ମ, କଜ୍ଜ୍ୱଳ, ରଞ୍ଜନ, ମେଘ, ଭ୍ରମର, ରାତି

ସୁନ୍ଦରରୀର ଆଖିପଦ୍ମ ଖଞ୍ଜନ ପକ୍ଷୀ ଓ ହରିଣୀର ଚଞ୍ଚଳତା ବହନ କରିଛି ଓ କଜ୍ଜ୍ୱଳରେ ସୁନ୍ଦର ଭାବରେ ରଞ୍ଜିତ ହୋଇଛି । ଉତ୍ତମ କେଶଯୁକ୍ତା ସୁନ୍ଦରୀର କେଶ ରାଶି ମେଘ, ଭ୍ରମର ଓ ରାତ୍ରି ଅନ୍ଧକାରର କୃଷ୍ଣ ବର୍ଣ୍ଣକୁ ନିନ୍ଦା କରୁଛି ।

*ସୁତନୁ ତନୁ ସୁକୋମଳ ସାରଙ୍ଗ ସାରଙ୍ଗ ସାରଙ୍ଗ ବର୍ଣ୍ଣ*

*ବ୍ୟକତ ମନ୍ଦର ସାରଙ୍ଗ ସାରଙ୍ଗ ମଧ୍ୟମ ହୋଇ ଗୋପନ ।*

ସାରଙ୍ଗ - ଫୁଲ, ମେଘ, କୁଚ, ସିଂହ,

ସୁନ୍ଦରୀର ସାର ଅଙ୍ଗ ଫୁଲ ପରି କୋମଳ ଓ ମେଘାଭ କଳା ବର୍ଣ୍ଣ । ତାର ସ୍ତନ ରୂପକ ପର୍ବତ ଦୃଶ୍ୟମାନ ହେଉଥିବା ବେଳେ ସିଂହ ସ୍ୱରୂପ ସରୁ କଟୀ ଦୃଶ୍ୟମାନ ହେଉନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

*ମଣ୍ଡେ ସାରଙ୍ଗ ସାରଙ୍ଗ ସାରଙ୍ଗ ସାରଙ୍ଗ ସାରଙ୍ଗ ମଣ୍ଡନା*

*ଲପନ ସୁନୀଳ ସାରଙ୍ଗ ସାରଙ୍ଗ ସାରଙ୍ଗ ତାପ ଖଣ୍ଡନା ।*

ସାରଙ୍ଗ - ସୁଗନ୍ଧିତ ଦ୍ରବ୍ୟ, ବସ୍ତ୍ରାଳଙ୍କାର, ଚନ୍ଦନ, କର୍ପୂର, ପୃଥିବୀ, ପଦ୍ମ, ଚନ୍ଦ୍ର, କାମଦେବ

ପାଖରୁ ଦେଇ ଗଲାବେଳେ ଯେଉଁ ସୁବାସ ଛୁଟୁଥିଲା ସେଥିରୁ ଅନୁମେୟ ଯେ ଏହି ଅବନୀ ମଣ୍ଡନା ଅଙ୍ଗରେ ସୁଗନ୍ଧିତ ଦ୍ରବ୍ୟ,ଚନ୍ଦନ, କର୍ପୂର ଲେପନ କରିଛି ଓ ସୁନ୍ଦର ବସ୍ତ୍ର ଅଳଙ୍କାର ମଧ୍ୟ ପରିଧାନ କରିଛି । ଏହାର ସୁନୀଳ ମୁଖ ଚନ୍ଦ୍ର ଓ ପଦ୍ମ ପରି ସୁନ୍ଦର ଆଉ ମଧ୍ୟ ଇଏ କାମ ତାପ ଖଣ୍ଡନ କରିପାରେ ଅର୍ଥାତ୍ କାମଦେବଙ୍କୁ ଜୟ କରିପାରେ ।

*ଗୀରୁ ଜିଣେ ସାରଙ୍ଗ ସାରଙ୍ଗ କଣ୍ଠୀ ସାରଙ୍ଗ ମୋହିତେ କ୍ଷମ*

*ତା ସଙ୍ଗେ ସାରଙ୍ଗ ସାରଙ୍ଗ ସମ୍ପଦ କେବେ ନ ହୋଇବ ସମ ।*

ସାରଙ୍ଗ - କୋକିଳ, ଶଙ୍ଖ, ଶିବ, ରତିକ୍ରୀଡ଼ା, ସ୍ୱର୍ଗ

କୃଷ୍ଣାଙ୍ଗୀ ହେଲେ ମଧ୍ୟ ସୁଗଠିତ କଣ୍ଠ କମ୍ବୁ ପରି ରୁଚିର, ବଚନ କୋକିଳ ସମ ମଧୁର, ସୁନ୍ଦରୀ ଶିବଙ୍କୁ ମୋହିତ କରିବାର କ୍ଷମତା ରଖିଛି । ତା ସହିତ କେଳି କ୍ରୀଡ଼ା କରିବାରେ ସ୍ୱର୍ଗ ସମ୍ପଦ ଭୋଗଠାରୁ ମଧ୍ୟ ଅଧିକ ହେବ ।

*ସାରଙ୍ଗ ଶବଦେ ସାରଙ୍ଗ ସୁନ୍ଦର ବୁଧବୋଧ ସୁଧା ଗୀତ*

*କଲା ଅଧମ ଅଜ୍ଞାନ ପ୍ରଦୀପ ଯେ ଘେନ ଦେଇଣ ସୁଚିତ୍ତ ।*

ସାରଙ୍ଗ - ନାରୀ

ସାରଙ୍ଗ ଶବ୍ଦ ଅନେକାର୍ଥରେ ନାରୀ ବର୍ଣ୍ଣନା ଅମୃତ ତୁଲ୍ୟ ଗୀତ ପଣ୍ଡିତ ଜନ ବୁଝିପାରିଲା ଭଳିଆ ହୋଇଛି, ଉତ୍ତମ ଚିତ୍ତ ଦେଇ ରସ ଆସ୍ୱାଦନ କରନ୍ତୁ ।

ହାଡ଼ଶିଙ୍ଗୁଳା, ଚାଟିକୋଣା, ବିଷମକଟକ, ରାୟଗଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପୁସ୍ତକ ଜଗତ ଓ ଡିଜିଟାଲ୍ ଜଗତ

ମୁକ୍ତିରାଣୀ ଦେବତା



ପୁସ୍ତକ ମନୁଷ୍ୟର ଚିର ସହଚର ଅଟେ । ଏହାହିଁ ଆମର ପ୍ରକୃତ ବନ୍ଧୁ ପଦବାଚ୍ୟ ହୋଇଥାଏ । ପୁସ୍ତକ ଯେ କେବଳ ଜ୍ଞାନବର୍ଦ୍ଧନରେ ସହାୟ ହୋଇଥାଏ ତା' ନୁହେଁ ବରଂ ଏହା ଆମକୁ ଅଶେଷ ମାନସିକ ଶାନ୍ତି ପ୍ରଦାନ କରିଥାଏ । ମନୁଷ୍ୟର ବୌଦ୍ଧିକ କ୍ଷମତା ତଥା ସୃଜନଶୀଳ ପ୍ରତିଭାକୁ ଏହା ବହୁ ମାତ୍ରାରେ ବିକଶିତ କରିଥାଏ । ପୁସ୍ତକବିହୀନ ଜୀବନଟି ଘୋର ତମସାଚ୍ଛନ୍ନ ହୋଇଯାଏ । ମନୁଷ୍ୟଠାରେ ଉତ୍ତମ ଶିକ୍ଷା ଏବଂ ସଂସ୍କାରକୁ ଉଦ୍ରେକ କରିବାରେ ଏହା ବହୁଳ ସହାୟକ ହୋଇଥାଏ। ଏଣୁ ନିଜର ଦିନଚର୍ଯ୍ୟାରେ ପୁସ୍ତକ ପଠନ ପରି ସୁଅଭ୍ୟାସଟିଏ ଜଡ଼ିତ ହେବା ଅପରିହାର୍ଯ୍ୟ ଅଟେ । ଗୋଟିଏ ଉତ୍ତମ ପୁସ୍ତକ ମନୁଷ୍ୟକୁ ଶିକ୍ଷିତ, ବିଚାରବନ୍ତ ତଥା ସହୃଦୟର ଅଧିକାରୀଟିଏ ବନାଇଥାଏ । ଆମ ଜୀବନ ପରିଧି ମଧ୍ୟରେ ଏହାର ଭୂମିକା ସର୍ବାଗ୍ରେ ମହନୀୟ ହୋଇଥାଏ ।

ପୁସ୍ତକର ସ୍ଥାନ ସଦା ଅପୂରଣୀୟ ଅଟେ ସତ କିନ୍ତୁ କାଳକ୍ରମେ ଡ଼ିଜିଟାଲ ଜଗତର ପ୍ରଭାବରେ ଏହାର ଅସ୍ତିତ୍ୱ ଖୁବ ଦୁର୍ବିସହ ହୋଇ ପଡ଼ିଛି । ସାଂପ୍ରତିକ ସମୟରେ ରଙ୍ଗୀନ ଡ଼ିଜିଟାଲ ଦୁନିଆଁ ଆମକୁ ମନୋରଞ୍ଜନର ଖୋରାକ ଯୋଗାଇବା ସହ ଆମକୁ ଏପରି ବଶୀଭୂତ କରି ରଖିଛି ଯେ ଆମେ ବାସ୍ତବ ଦୁନିଆଁରୁ କ୍ରମଶଃ ଦୂରେଇ ଯାଉଛୁ । ବାସ୍ତବ ଜଗତ ସହ ଆମର ସମ୍ବନ୍ଧ ଖୁବ ଶିଥିଳ ହୋଇପଡିଛି । ଦେଶ ବିଦେଶର ଖବର ସମ୍ବନ୍ଧେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସିନା ଆମେ ଅବଗତ ହେଉଛେ କିନ୍ତୁ ନିଜର ପାରିପାର୍ଶ୍ୱିକ ସ୍ଥିତି ବାବଦରେ ସମ୍ପୂର୍ଣ୍ଣ ରୂପେ ଅଜ୍ଞ ହୋଇ ଯାଉଛେ । ଅବଶ୍ୟ ଡ଼ିଜିଟାଲ ମିଡ଼ିଆର ବହୁ ସୁପରିଣାମ ରହିଛି ସତ କିନ୍ତୁ ଏହାର କୁପରିଣାମ ମାତ୍ରାଧିକ ଅଟେ । ବ୍ୟବହାରକାରୀ ଏହାକୁ ଯେଉଁ ଦିଗରେ ଉପଯୋଗ କରିବାକୁ ଚାହିଁବ ତଦନୁଯାୟୀ ଫଳାଫଳ ତା'କୁ ଲବ୍ଧ ହେବ । ଡ଼ିଜିଟାଲ ମିଡ଼ିଆର ସୁବିନିଯୋଗ ଆମ ସମଗ୍ର ଜୀବନକୁ ପରିବର୍ତ୍ତିତ କରିଥାଏ । ଏଥିରେ ଅନେକ ଶିକ୍ଷଣୀୟ ପ୍ରସଙ୍ଗ ମାନ ରହିଛି ଯାହାକି ଆମର ସୀମିତ ଜ୍ଞାନ ଭଣ୍ଡାରକୁ ବିପୁଳ ମାତ୍ରାରେ ଅଭିବୃଦ୍ଧି କରିଥାଏ ।

ଏଣୁ ଆମକୁ ଉଭୟ ପୁସ୍ତକ ଓ ଡ଼ିଜିଟାଲ ଜଗତ ମଧ୍ୟରେ ସୁସମନ୍ୱୟ ରକ୍ଷା କରି ଉଭୟକୁ ସଠିକ ମାର୍ଗରେ ବିନିଯୋଗ କରିବାକୁ ହେବ ଯାହାଦ୍ୱାରା କି ଆମ ଜୀବନ ଶୈଳୀ ଆହୁରି ପରିମାର୍ଜିତ ଓ ଉନ୍ନତମାନର ହୋଇ ପାରିବ । ଏସବୁ ପ୍ରତି ଆମକୁ ଯଥେଷ୍ଟ ଯତ୍ନବାନ ହେବା ଆବଶ୍ୟକ ।

ମନ୍ଦାରଖଣ୍ଡ, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

**Search for Odia e-Patrika or e-Magazine and you will find Aahwaan e-Patrika at the top of the Search Page. We are indeed at Number 1 in Google Search because we deliver every month without fail. Join our Group and Publish your articles.**

Google

odia e patrika

All Videos Images Shopping News ⋮ More Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e-Patrika** : **e-Patrika**, **Patrika**, Magazine, Online Magazine in **Odia**, First | aahwaan.com.

ସଂଗ୍ରହାଳୟ
Aahwaan e-Patrika : e-Patrika, Patrika, Magazine, Online ...

Google

odia e magazine

All Images Videos Shopping News ⋮ More Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e**-Patrika : **e**-Patrika, Patrika, **Magazine**, Online **Magazine** in **Odia**, First | aahwaan.com.

ସଂଗ୍ରହାଳୟ · ମତାମତ · ଆହ୍ୱାନ ଇ-ପତ୍ରିକା ସହାୟତା ପୃଷ୍ଠା · ସମ୍ପାଦକ




PODCAST

**Bhagabata Geeta Katha**

Available on Spotify and 4 other platforms >
8 episodes

Share Profile page

**Podcast overview**

| Plays | Audience size | Spotify followers |
|---|---|---|
| 20,750 | 40 | 624 |
| All-time | Last 7 days | |

**Latest episode**

Plays
1,924
ଓଡ଼ିଆ ଭାଗବତ ଗୀତା ବ୍ୟାଖ୍ୟା :...



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୂଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

aahwaan@gmail.com

Listen to Odia Podcast Original at https://youtube.com/@drjyotiprasad